# ଚନ୍ଦ୍ରମୋହନ-ପରିକ୍ରମା

ଚନ୍ଦ୍ରମୋହନ ସାହିତ୍ୟ ପରିଷଦ

ହେମୁଣା, ବାଲେଶ୍ୱର

Digitized by srujanika@gmail.com

# ଚନ୍ଦ୍ରମୋହନ ପରିକ୍ରମା

ସଂକଳକ :
ଶ୍ରୀ ଅରବିନ୍ଦ ଗିରି, ଏମ୍.ଏ.
ଗବେଷକ, ଉତ୍କଳ ବିଶ୍ୱବିଦ୍ୟାଳୟ

ପ୍ରକାଶକ :
ଚନ୍ଦ୍ରମୋହନ ସାହିତ୍ୟ ପରିଷଦ
ରେମୁଣା, ବାଲେଶ୍ୱର

Digitized by srujanika@gmail.com

ସଂକଳକ :
ଶ୍ରୀ ଅରବିନ୍ଦ ଗିରି, ଏମ୍.ଏ.
ଗବେଷକ, ଓଡ଼ିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ

ପ୍ରକାଶକ :
ଚନ୍ଦ୍ରମୋହନ ସାହିତ୍ୟ ପରିଷଦ
ରେମୁଣା, ବାଲେଶ୍ୱର

ମୁଦ୍ରାକର :
ପ୍ରଗତି ଉଦ୍ୟୋଗ,
କଲେଜରୋଡ୍, ଭଦ୍ରକ

ପ୍ରଚ୍ଛଦଶିଳ୍ପୀ :
ଶ୍ରୀ ଉଦୟ ନାରାୟଣ ଜେନା

ପ୍ରକାଶକାଳ :
ଜାନୁଆରୀ, ୧୯୮୧

ମୂଲ୍ୟ—ସାଦା ବନ୍ଧାଇ ଦଶ ଟଙ୍କା
ବୋର୍ଡ ବନ୍ଧାଇ ଷୋଳ ଟଙ୍କା

Digitized by srujanika@gmail.com

**ଚନ୍ଦ୍ରମୋହନ ମହାରଣା**

ଆବିର୍ଭାବ-୧୮୭୭ ମସିହା ଏପ୍ରେଲ ୭     ତିରୋଭାବ-୧୯୨୯ ମସିହା ଏପ୍ରିଲ ୯

Digitized by srujanika@gmail.com

# ପ୍ରାକ୍‌କଥନ

ମେଘାଚ୍ଛନ୍ନ ଆକାଶରେ ଚନ୍ଦ୍ରର କିରଣ ମଳିନ ହେଲାପରି ଧୂର୍ଜଟିଃ ଚନ୍ଦ୍ର-ମୋହନ ମହାରଣାଙ୍କର ସାହିତ୍ୟ ପ୍ରତିଭା ଦୀର୍ଘ ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ଅନ୍ଧକାର ମଧ୍ୟରେ ଅଚ୍ଛନ୍ନ ହୋଇ ରହିଥିଲା । କିନ୍ତୁ ଏହା ସତ୍ୟ ଯେ ମେଘ ଦୀର୍ଘଦିନ ଧରି ଆକାଶକୁ ଆଚ୍ଛନ୍ନ କରି ରଖିପାରେ ନାହିଁ । ତଦ୍ରୂପ ମେଘରୂପୀ କାଳପଙ୍କ ପ୍ରତିଭାକୁ ଚିରକାଳ ଅନ୍ଧକାର ମଧ୍ୟରେ ରଖିପାରିବ ନାହିଁ । ବର୍ତ୍ତମାନ ସେହି ଅନ୍ଧକାର କ୍ରମେ ଅପସାରିତ ହୋଇଯାଉଛି ଏବଂ ଚନ୍ଦ୍ରମୋହନଙ୍କ ସାହିତ୍ୟିକ ପ୍ରତିଭା ମଧ୍ୟ କ୍ରମେ ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହେବାକୁ ଯାଉଛି । ଏହାର ସୂଚନା ଏହି 'ଚନ୍ଦ୍ରମୋହନ ପରିକ୍ରମା' ।

ରେମୁଣାର ପୁରୁଷୋତ୍ତମପୁର ନାମକ ଅଜ୍ଞାତ ଏକ ଗ୍ରାମରେ ଯେଉଁ ଶିଶୁ ଏକ ଦରିଦ୍ର ପରିବାରରେ ଜନ୍ମଗ୍ରହଣ କରିଥିଲା, ସେତେବେଳେ କିଏ ବିଶ୍ୱାସ କରିଥିଲା ଯେ ସେହି ଶିଶୁ ଭବିଷ୍ୟତରେ ଓଡ଼ିଶାରେ ଜଣେ ବିଶିଷ୍ଟ ଶିକ୍ଷାବିତ୍ ଏବଂ ସୁସାହିତ୍ୟିକ ହେବ ? ଊନବିଂଶ ଶତାବ୍ଦୀର ଦ୍ୱିତୀୟ ପାଦର ଶେଷରୁ ଚତୁର୍ଥ ପାଦର ଶେଷ ପର୍ଯ୍ୟନ୍ତ ଓଡ଼ିଆ ଭାଷା ଓ ସାହିତ୍ୟର ଯେଉଁ ଭଳି ବିପର୍ଯ୍ୟୟ ଦେଖା ଦେଇଥିଲା, ତାହାର ମୁକାବିଲା କରିବା ନିମନ୍ତେ ସେହି ଭଳି ସାହିତ୍ୟ ରଥୀ ମହାରଥୀମାନଙ୍କର ଆବିର୍ଭାବ ମଧ୍ୟ ହୋଇଥିଲା । ସେନାପତି ଫକୀରମୋହନ, ରାୟ ରାଧାନାଥ, ବଳ ନନ୍ଦକିଶୋର, ମେହେର ଗଙ୍ଗାଧର, କାନ୍ତକବି ଲକ୍ଷ୍ମୀକାନ୍ତ, ମହାନ୍ତି ଚନ୍ଦ୍ରମଣି ଏବଂ ମହାରଣା ଚନ୍ଦ୍ରମୋହନ ପ୍ରଭୃତି ସାହିତ୍ୟିକମାନେ ଆବିର୍ଭୂତ ହୋଇ ଭାଷା ଓ ସାହିତ୍ୟର ରକ୍ଷା କବଚ ରୂପେ କାର୍ଯ୍ୟ କରିଥିଲେ ।

ଚନ୍ଦ୍ରମୋହନଙ୍କ ପ୍ରତିଭା ବହୁମୁଖୀ । ଏକାଧାରରେ ସେ ଥିଲେ କବି, ସୁସମାଲୋଚକ, ପୋଖତ ବ୍ୟାକରଣକାର ଏବଂ ପ୍ରସିଦ୍ଧ ଶିକ୍ଷାବିତ୍ । ବସ୍ତୁତଃରେ ତାହାଙ୍କର ଅଗାଧ ପାଣ୍ଡିତ୍ୟ ମଧ୍ୟ ଥିଲା । ସେ ବାଲେଶ୍ୱର ଜିଲ୍ଲାର ସର୍ବପ୍ରଥମେ ବି.ଏ. ପାଶ କରିଥିଲେ ଏବଂ ପୁରୀ ଜିଲ୍ଲା ସ୍କୁଲରେ ଓଡ଼ିଶାର ପ୍ରଥମ ପ୍ରଧାନ ଶିକ୍ଷକ ହେବାର ଗୌରବ ମଧ୍ୟ ଅର୍ଜନ କରିଥିଲେ । କେବଳ ସେତିକି ନୁହେଁ, ଛୁରଅନା ବକୁଳବନର ପଞ୍ଚସଖାଙ୍କ ମଧ୍ୟରୁ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ରଙ୍କର ଛାତ୍ର ଜୀବନର ନିର୍ମାତା ଥିଲେ । ଏବେ ତାଙ୍କର ଜୀବିତ ଛାତ୍ରମାନଙ୍କ ମଧ୍ୟରୁ ବିଖ୍ୟାତ ସାହିତ୍ୟିକ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ, ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ, ସାର୍ତ୍ତିକ

Digitized by srujanika@gmail.com

ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା, ଶ୍ରୀ ରାଜକିଶୋର ରାୟ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ମାତ୍ର ଏଭଳି ଜଣେ ମହାନ୍ ଶିକ୍ଷାବିତ୍ ଓ ସୁସାହିତ୍ୟିକଙ୍କୁ ଦେଶବାସୀ ଆଜି ଭୁଲି ଯିବାକୁ ବସିଲେଣି ।

ଏହି 'ଚନ୍ଦ୍ରମୋହନ ପରିକ୍ରମା' ଦିନେ ପ୍ରକାଶିତ ହେବ ବୋଲି ପୂର୍ବରୁ କେହି ଚିନ୍ତାକରି ନଥିଲେ । ଏହାର ପ୍ରକାଶନ ପାଇଁ ତରୁଣ ଗବେଷକ ଶ୍ରୀ ଅରବିନ୍ଦ ଗିରି ମୁଖ୍ୟତଃ ଦାୟୀ । ତାହାଙ୍କର ପ୍ରେରଣା, ଉତ୍ସାହ ଓ ଅକ୍ଳାନ୍ତ ପରିଶ୍ରମର ଫଳ 'ଚନ୍ଦ୍ରମୋହନ ପରିକ୍ରମା' କହିଲେ ଅତ୍ୟୁକ୍ତି ହେବ ନାହିଁ । ଏତଦ୍ ବ୍ୟତୀତ ଗବେଷକ ଶ୍ରୀ ଗିରିଙ୍କ ପ୍ରଚେଷ୍ଟାରେ ଚନ୍ଦ୍ରମୋହନଙ୍କ ଜୀବନୀ, ତାଙ୍କର ସମସ୍ତ ଲେଖାର ଏକ ଗ୍ରନ୍ଥାବଳୀ ନିକଟ ଭବିଷ୍ୟତରେ ପ୍ରକାଶ ପାଇବ । ଏହାଦ୍ୱାରା ଚନ୍ଦ୍ରମୋହନଙ୍କ ସାହିତ୍ୟ ଉପରେ ବହୁପରିମାଣରେ ଆଲୋକପାତ ହେବ ।

ଏହି ପରିକ୍ରମା ପ୍ରକାଶ କରିବା ନିମନ୍ତେ ଯେଉଁ ଚିନ୍ତାଶୀଳ ସୁସାହିତ୍ୟିକ-ମାନେ ସେମାନଙ୍କର ବହୁମୂଲ୍ୟ ସମୟ ଦେଇ ପ୍ରବନ୍ଧମାନ ଲେଖିଛନ୍ତି ଏବଂ ଯେଉଁ ଉଦାରମନା ବଦାନ୍ୟ ସାହିତ୍ୟ ପ୍ରେମୀ ବନ୍ଧୁମାନେ ମୁକ୍ତ ହସ୍ତରେ ଆର୍ଥିକ ସାହାଯ୍ୟ କରିଛନ୍ତି, ପରିଷଦ ତରଫରୁ ସେମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛୁ ।

ବଂଶୀବିହାରୀ ଦାସ
ସଂପାଦକ
ଚନ୍ଦ୍ରମୋହନ ସାହିତ୍ୟ ପରିଷଦ
ରେମୁଣା, ବାଲେଶ୍ୱର

Digitized by srujanika@gmail.com

# ନିଜ କଲମରୁ

ବଣମଲ୍ଲୀ ବଣରେ ଝଡ଼ିଗଲା ପରି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରତିଭା-ସମ୍ପନ୍ନ ଅନେକ ସାହିତ୍ୟ ସ୍ରଷ୍ଟାମାନେ ଲୋକଲୋଚନର ଅନ୍ତରାଳରେ ରହିଯାଇଛନ୍ତି। ସୃଷ୍ଟି ପ୍ରାଚୁର୍ଯ୍ୟ ଦୃଷ୍ଟିରୁ କମ ହେଲେ ବି ଓଡ଼ିଆ ଭାଷା ସାହିତ୍ୟର ବିକାଶ କ୍ଷେତ୍ରରେ ସେମାନଙ୍କର ଦାନ କମ ବୋଲି କହିହେବ ନାହିଁ। ସେହି ଅନାଲୋଚିତ ଅବହେଳିତ ପ୍ରତିଭା ମଧ୍ୟରେ ସ୍ୱର୍ଗତ ଚନ୍ଦ୍ରମୋହନ ମହାରଣା ଅନ୍ୟତମ। 'ଚନ୍ଦ୍ରମୋହନ ପରିକ୍ରମା' ସେହି ଅନାବିଷ୍କୃତ ପ୍ରତିଭାର ଏକ ଭଗ୍ନ ମୁଖଶାଳା।

ସ୍ୱର୍ଗତ ମହାରଣାଙ୍କ ଉପରେ ଏକ ସଙ୍କଳନ ପ୍ରକାଶ କରିବାର ଅଭିଳାଷ ବହୁଦିନରୁ ଥିଲା। ଏଥିପାଇଁ ବ୍ୟକ୍ତିଗତ ଭାବରେ ଅଳ୍ପ କେତୋଟି ପ୍ରବନ୍ଧ କେତେଜଣ ଅଧ୍ୟାପକ ତଥା ଚନ୍ଦ୍ରମୋହନଙ୍କ ଶିଷ୍ୟମାନଙ୍କଠାରୁ ସଂଗ୍ରହ କରିଥିଲି। କିନ୍ତୁ ସେସବୁ ଏକତ୍ର ପ୍ରକାଶ କରିବାର କଳ୍ପନା କେବେ କରି ନଥିଲି କି ଏଥିପାଇଁ ପ୍ରାରମ୍ଭିକ ଉଦ୍ୟମ ମଧ୍ୟ ନଥିଲା। ପରେ ହଠାତ୍ 'ଚନ୍ଦ୍ରମୋହନ ସାହିତ୍ୟ ପରିଷଦ' ଆନୁକୂଲ୍ୟରେ ଅର୍ଥ ସଂଗ୍ରହ କରାଯାଇ ପ୍ରକାଶ ସମ୍ଭବ ହୋଇ ପାରିଲା। ଏଥିପାଇଁ ବେଣ୍ଟୁଆର 'ଚନ୍ଦ୍ରମୋହନ ସାହିତ୍ୟ ପରିଷଦ'ଠାରେ ମୁଁ ଋଣୀ

ଚନ୍ଦ୍ରମୋହନଙ୍କ ବ୍ୟକ୍ତିଗତ ଜୀବନ ଓ ସାହିତ୍ୟ ଉପରେ ଆଧାରିତ ପ୍ରାଥମିକ ଉଦ୍ୟମ 'ଚନ୍ଦ୍ରମୋହନ ପରିକ୍ରମା', ଯେହେତୁ ମହାରଣାଙ୍କ ଦୁଷ୍ପ୍ରାପ୍ୟ ଲେଖା-ଗୁଡ଼ିକ ଏକତ୍ର ଗ୍ରନ୍ଥାବଳୀ ଆକାରରେ ପ୍ରକାଶ ହୋଇପାରି ନାହିଁ। ଅତଏବ ତାଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚିତ ନିର୍ଦ୍ଦିଷ୍ଟ ପ୍ରବନ୍ଧ ସବୁ ସଙ୍କଳନରେ ସ୍ଥାନ ପାଇବା ଏକ ଅସମ୍ଭବ ପ୍ରଚେଷ୍ଟା କେବଳ, ଯାହା ଫଳରେ ଜନଶ୍ରୁତି ଓ କ୍ଷୁଦ୍ର ଉପାଦାନ ଆଧାରିତ ପ୍ରବନ୍ଧଗୁଡ଼ିକ ସ୍ଥଳବିଶେଷରେ ଏକପ୍ରକାର ତଥା ପୁନରାବୃତ୍ତିମୂଳକ ହୋଇ ପଡ଼ିଛି। ଆଜକୁ ଅର୍ଦ୍ଧ ଶତାବ୍ଦୀରୁ ଅଧିକ ବର୍ଷ ତଳେ କବି ମହାରଣା ଧରା-ଧାମରୁ ବିଦାୟ ନେଇ ସାମ୍ପ୍ରତିକ ସାହିତ୍ୟିକ ତଥା ଶିଷ୍ଟ ସମାଜ ପାଇଁ ଯେପରି ବିସ୍ମୃତିର ଅଧ୍ୟାୟ ହୋଇଛନ୍ତି ସେହିପରି ତାଙ୍କ ସାହିତ୍ୟ ସୃଷ୍ଟି ମଧ୍ୟ ସେମାନଙ୍କ ଦୃଷ୍ଟିର ବହୁ ଅନ୍ତରାଳରେ ରହିଯାଇଛି। ଭାବିଲେ ଦୁଃଖ ଲାଗେ ଯେ ପୁରୀ ଜିଲ୍ଲା ସ୍କୁଲର ପ୍ରଥମ ଓଡ଼ିଆ ହେଡ଼ମାଷ୍ଟର ଯେଉଁ ଚନ୍ଦ୍ରମୋହନ ମହାରଣା ସତ୍ୟବାଦୀ ପଞ୍ଚସଖା ଗୋଷ୍ଠୀର ସଂଗଠକ ତଥା ତତ୍କାଳୀନ କବିବର ରାଧାନାଥ, ଭକ୍ତକବି ମଧୁସୂଦନଙ୍କ ପରି ଉତ୍କଳର ଜଣେ ସ୍ୱନାମଧନ୍ୟ ଶିଶୁପାଠ୍ୟ ନିର୍ମାତା, ବ୍ୟାକରଣବିତ୍, ପ୍ରାବନ୍ଧିକ,

Digitized by srujanika@gmail.com

ଓ ସୁସାହିତ୍ୟିକ ସେହି କ୍ଷଣଜନ୍ମା ସାରସ୍ୱତ ସାଧକ ଆଜି ବିସ୍ମୃତି ଗର୍ଭରେ ଲୀନ ହୋଇ ଯାଇଛନ୍ତି ।

ଚନ୍ଦ୍ରମୋହନ ମହାରଣାଙ୍କ ସମ୍ପର୍କରେ ଏହାକୁ ଏକ ପୂର୍ଣ୍ଣାଙ୍ଗ ଆଲୋଚନା ଗ୍ରନ୍ଥ ବୋଲି କହିହେବ ନାହିଁ । ଏହା ତାଙ୍କ ବ୍ୟକ୍ତିଗତ ଓ ସାହିତ୍ୟିକ ଜୀବନ ଉପରେ ସାମାନ୍ୟ ଆଲୋକ ଶିଖା ମାତ୍ର । ବହୁ ବାଧାବିଘ୍ନ ମଧ୍ୟରେ ସଙ୍କଳନଟି ପ୍ରକାଶ ହୋଇଛି । ଏଥିପାଇଁ ଅନେକ ବିଶିଷ୍ଟ ବ୍ୟକ୍ତି, ଶିକ୍ଷାନୁଷ୍ଠାନ ମୁକ୍ତ ହସ୍ତରେ ଆର୍ଥିକ ସାହାଯ୍ୟ ଦେଇଥିବାରୁ ସେମାନଙ୍କଠାରେ ମୁଁ ସବୁଦିନ ଋଣୀ । ପ୍ରତିଶ୍ରୁତି ଦେଇ ମଧ୍ୟ ସଙ୍କଳନଟିର ପ୍ରକାଶନରେ ଅନେକ ବିଳମ୍ବ ଘଟିଥିବାରୁ ମୁଁ ଖୁବ ଦୁଃଖିତ । ପ୍ରେସକୁ ଦିଆଯାଇଥିବା ପାଣ୍ଡୁଲିପିର ଅସ୍ପଷ୍ଟତା ଯୋଗୁଁ ସ୍ଥଳବିଶେଷରେ କେତେକ ମୁଦ୍ରଣ ଦୋଷ ରହିଯାଇଛି । ସେଥିପାଇଁ ଶେଷ ପୃଷ୍ଠାରେ ଶୁଦ୍ଧିପତ୍ର ଦିଆଗଲା । ଆଶା ପାଠକବର୍ଗ ସଚେତନ ହୋଇ ଆବଶ୍ୟକ ସ୍ଥଳେ ସଂଶୋଧନ କରି ପାଠ କରିବା ସଙ୍ଗେ ସଙ୍ଗେ ଉଦାର ଓ ସ୍ନେହାର୍ଦ୍ର ଚିତ୍ତରେ କ୍ଷମା ଦେବେ । ପରବମାର ଦ୍ୱିତୀୟ ସଂସ୍କରଣକୁ ତ୍ରୁଟିହୀନ କରିବାରେ ଅଧିକ ଯତ୍ନବାନ ହେବି । ପରବମା ପାଇଁ ପରାମର୍ଶ ଦେଇଥିବା ମୋର ପୂଜ୍ୟ ଅଧ୍ୟାପକ ଆଶୁତୋଷ ପଟ୍ଟନାୟକ, ଅଧ୍ୟାପକ କୃଷ୍ଣଚରଣ ବେହେରା, ପ୍ରାକ୍ତନ ଅଧ୍ୟକ୍ଷ ବଳରାମ ସାହୁ ଓ କବି ବ୍ରଜନାଥ ରଥଙ୍କଠାରେ ମୁଁ ଚିର ଋଣୀ । ପ୍ରଚ୍ଛଦଶିଳ୍ପୀ ସହୃଦୟ ଶ୍ରୀ ଉଦୟ ନାରାୟଣ ଜେନା କବି ମହାରଣାଙ୍କର ପ୍ରତିଚ୍ଛବିଟି କରି ଦେଇଥିବାରୁ ତାଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ପୁସ୍ତକଟିର ଉପଯୋଗିତା ପାଠକବର୍ଗ ଉପଲବ୍ଧି କରି ମତାମତ ଜଣାଇଲେ ବିଶେଷ ଖୁସି ହେବି ।

ସଂକଳକ

ଅଧ୍ୟାପକ ଅରବିନ୍ଦ ଗିରି

Digitized by srujanika@gmail.com

# ସୂଚିପତ୍ର


| | ଜୀବନୀ ଓ ସମୀକ୍ଷା | ଲେଖକ | ପୃଷ୍ଠା |
|---|---|---|---|
| ୧ । | ନୀଳକଣ୍ଠ ଗ୍ରନ୍ଥାବଳୀ–୧ମ ଖଣ୍ଡ | ପଣ୍ଡିତ ନୀଳକଣ୍ଠ ଦାଶ | ୧ |
| ୨ । | ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ | ପଣ୍ଡିତ ଗୋଦାବରୀଶ ମିଶ୍ର | ୫ |
| ୩ । | ମୋର ବାରବୁଲା ଜୀବନ | ଲକ୍ଷ୍ମୀ ନାରାୟଣ ସାହୁ | ୧୧ |
| ୪ । | ସେ ମଧୁର ସ୍ମୃତି | ପଣ୍ଡିତ ଶ୍ରୀ ଜଗନ୍ନାଥ ରଥ | ୧୩ |
| ୫ । | 'କୁହୁ କୁହୁ କୁହୁ' | କାଳନ୍ଦୀ ଚରଣ ପାଣିଗ୍ରାହୀ | ୧୯ |
| ୬ । | ତସ୍ମୈ ଶ୍ରୀ ଗୁରବେ ନମଃ | ହରିଶ୍ଚନ୍ଦ୍ର ବଡ଼ାଲ | ୨୧ |
| ୭ । | ସ୍ୱର୍ଗତଃ ଶିକ୍ଷାବିତ୍ ଚନ୍ଦ୍ରମୋହନ | ଅନନ୍ତ ପ୍ରସାଦ ପଣ୍ଡା | ୨୯ |
| ୮ । | ଚନ୍ଦ୍ରମୋହନ | ଗୋଲକ ଚନ୍ଦ୍ର ମହାପାତ୍ର | ୩୨ |
| ୯ । | ମୋ ଜାଣିବାରେ | ରସରାଜ ବଟବିହାରୀ ଦାସ | ୩୯ |
| ୧୦ । | ସ୍ମରଣୀୟ ଚନ୍ଦ୍ରମୋହନ ମହାରଣା | ରବୀନ୍ଦ୍ର କୁମାର ପ୍ରହରାଜ | ୪୪ |
| ୧୧ । | ଚନ୍ଦ୍ରମୋହନ ମହାରଣା | ଡଃ କୁଞ୍ଜବିହାରୀ ଦାଶ | ୫୪ |
| ୧୨ । | ସାହିତ୍ୟିକ ଚନ୍ଦ୍ରମୋହନ ମହାରଣା | ଆନନ୍ଦ ସାହୁ | ୭୯ |
| ୧୩ । | ଅଭିମତ | ସୁରେନ୍ଦ୍ର ମହାନ୍ତି | ୯୧ |
| ୧୪ । | ଗୁରୁଦେବ ଚନ୍ଦ୍ରମୋହନ | ଶ୍ରୀଧର ଦାସ | ୯୩ |
| ୧୫ । | ମେଘାଚ୍ଛାଦିତ ଚନ୍ଦ୍ର | ବ୍ରଜନାଥ ରଥ | ୯୮ |
| ୧୬ । | ଛ'ଋତୁ କବିତାର କବି ଚନ୍ଦ୍ରମୋହନ | ନୃସିଂହ ପ୍ରସାଦ ରଥ | ୧୦୪ |
| ୧୭ । | 'କଥାବଳି'ର ରୂପକାର ଚନ୍ଦ୍ରମୋହନ ମହାରଣା | ପଠାଣି ପଟ୍ଟନାୟକ | ୧୧୧ |
| ୧୮ । | କଥାବଳି କଥା | ବସନ୍ତ କୁମାର ଶତପଥୀ | ୧୨୩ |
| ୧୯ । | ନୀରବ ସାଧକ ଚନ୍ଦ୍ରମୋହନ | ଅପୂର୍ବ ରଞ୍ଜନ ରାୟ | ୧୩୩ |
| ୨୦ । | ରେମୁଣାର ବରପୁତ୍ର ଚନ୍ଦ୍ରମୋହନ | ବାଞ୍ଛାନିଧି ଦାସ | ୧୩୯ |
| ୨୧ । | 'ମହାଯାତ୍ରା'ର ଜନକ | ଅରବିନ୍ଦ ଗିରି | ୧୪୬ |


Digitized by srujanika@gmail.com

| | | | |
|---|---|---|---|
| ୨୨ । | ମା' ମୁହଁରୁ ଯାହା ଶୁଣିଛି | ଜୟଦେବ କମିଲା | ୧୫୫ |
| ୨୩ । | ପ୍ରଧାନ ଶିକ୍ଷକ ସେ ଯୁଗର | ହୃଦୟନାଥ ଷଡ଼ଙ୍ଗୀ | ୧୬୮ |
| ୨୪ । | ଚନ୍ଦ୍ରମୋହନ ଓ ତାଙ୍କ ରଚିତ ବ୍ୟାକରଣ | ସୁଧାଂଶୁ ଶେଖର ରାୟ | ୧୭୦ |
| ୨୫ । | ବସନ୍ତର ଅନନ୍ୟ ସ୍ୱାଦ 'ନବୋଦ୍ୟମ' | ଶ୍ରୀ ବିଳାସ | ୧୭୫ |


## କବିଗୀତ


| | | | |
|---|---|---|---|
| ୧ । | ଉତ୍କଳ ଭ୍ରମଣ | ବ୍ୟାସକବି ଫକୀର ମୋହନ | ୧୮୧ |
| ୨ । | ହେ ଚନ୍ଦ୍ରମୋହନ | ରାଧାମୋହନ ଗଡ଼ନାୟକ | ୧୮୨ |
| ୩ । | ହେ ପ୍ରକୃତ କବି ମହାରଣା | ନୃପେନ୍ଦ୍ର ପ୍ରସାଦ ପଣ୍ଡା | ୧୮୪ |


## ପରିଶିଷ୍ଟ


| | | | |
|---|---|---|---|
| ୧ । | ଧନ୍ୟୋଗ ବାର୍ତ୍ତା | ବିଶ୍ୱନାଥ କର | ୧ |
| ୨ । | ଚନ୍ଦ୍ରମୋହନଙ୍କ ଜୀବନର ସ୍ମରଣୀୟ ଘଟଣା | ଅକ୍ଷୟ କୁମାର ଦେଜ୍ | ୫ |
| ୩ । | ଫକୀର ମୋହନ | ଶ୍ରୀ ଚନ୍ଦ୍ରମୋହନ ମହାରଣା | ୬ |
| ୪ । | ପତ୍ରାବଳୀ | | ୧୦ |
| ୫ । | ସ୍ୱହସ୍ତାକ୍ଷର ଚିତ୍ର | | |
| ୬ । | ଫଳେଷପୋତ୍ର | କାଳନ୍ଦୀ ଚରଣ ପାଣିଗ୍ରାହୀ | ୧୨ |
| ୭ । | ପରିଷଦ ସମ୍ପର୍କରେ ପଦେ କଥା | ସମ୍ପାଦକ, ଚନ୍ଦ୍ରମୋହନ ସାହିତ୍ୟ ପରିଷଦ, ରେମୁଣା | ୧୩ |


Digitized by srujanika@gmail.com

# ଅର୍ଘ୍ୟ

କ୍ଷୀର ଚୋରିକର ଖାଇଥିଲ କେବେ
ଆହେ ପ୍ରଭୁ ଗୋପୀନାଥ !
ଯୁଗେଯୁଗେ ତୁମେ କରିଅଛ ଚୋର
କେତେକ ଭକତ ଚିତ୍ତ ।
ବାଣୀର ସାଧକ 'ଚନ୍ଦ୍ରମୋହନ'
ତୁମର ପୁଣ୍ୟ ପୀଠେ
ଅଙ୍କିଲେ ଯେଉଁ ଅକ୍ଷୟ ଟିକା
କାଳର ଲଲାଟ ପଟେ ;
ତାହାର କୃତର ମୂଲ୍ୟାୟନ ଏ—
ଗ୍ରନ୍ଥ ଚରଣେ ତୁମ
ଅର୍ପଣ କଲୁ ଭକ୍ତି ଆବେଗେ
ଘେନା ଦେବ ଅନୁପମ !!

Digitized by srujanika@gmail.com

# ନୀଳକଣ୍ଠ ଗ୍ରନ୍ଥାବଳୀ-୧ମ ଖଣ୍ଡ

ପଣ୍ଡିତ ନୀଳକଣ୍ଠ ଦାଶ

## ୨୭. ଚନ୍ଦ୍ରମୋହନ ବାବୁ :—

ସେତେବେଳେ ଓଡ଼ିଆ ଜଣେ ହେଡ଼ମାଷ୍ଟର ହୋଇ ଆସିବେ, ଏହା ଶୁଣିବାଟା ବଡ଼ କଥା । ମୁଁ ପିଲାଦିନେ ଚନ୍ଦ୍ରମୋହନ ବାବୁଙ୍କୁ ସ୍କୁଲ ଡେପୁଟି ଇନିସ୍‌ପେକ୍ଟର ଥିବାର ଦେଖିଥିଲି । ସ୍କୁଲ ଶିକ୍ଷକମାନଙ୍କ ଭିତରେ ବଡ଼ ଯୋଗ୍ୟ ଲୋକ ବୋଲି ତାଙ୍କର ସୁଖ୍ୟାତି ଥିଲା । ମୋ ମନେ ଅଛି, ଆମ ଗାଁ ସ୍କୁଲ ପରିଦର୍ଶନ କରିବାକୁ ଗଲା-ବେଳେ ସେ ଗୋଟିଏ କୋଇଲି ବୋବେଇବାର ଶୁଣି ପଚାରି ଦେଇଥିଲେ, "ପଣ୍ଡିତ ମହାଶୟ, କହନ୍ତୁ ତ ଏ ମାଈ କି ଅଣ୍ଡିରା କୋଇଲି ?" ପଣ୍ଡିତ ମହାଶୟ ଟିକିଏ ଇତସ୍ତତଃ ହୋଇ କହି ପକାଇଲେ "ମାଈ ହୋଇଥିବ । ଅଣ୍ଡିରାର ଏ ସୁନ୍ଦର ସ୍ୱର ହେବ କୁଆଡ଼ୁ ?" ଚନ୍ଦ୍ରମୋହନ ବାବୁ କହିଲେ, "ନାଁ ନାଁ, ମାଈ କୋଇଲିର ଏପରି ସ୍ୱର ନାହିଁ । ଆପଣ ଜାଣନ୍ତି ନାହିଁ । କାଳିଦାସ ଲେଖିଛନ୍ତି—ପୁଂସ୍କୋ-କିଲୋଯନ୍ ମଧୁରସଂ ଚୁକୁଜ ।" ସେ କାଳେ ମଧ୍ୟ ଓଡ଼ିଆ ଶିକ୍ଷକମାନେ ସଂସ୍କୃତ ଜାଣୁଥିଲେ । ଚନ୍ଦ୍ରମୋହନ ବାବୁ ସ୍କୁଲ ପରୀକ୍ଷା କରିବା ଛଡ଼ା ଏହିପରି କଥା ଛଳରେ ବହୁତ ଆଲୋଚନା କରୁଥିଲେ । ଓଡ଼ିଆ ଶିକ୍ଷିତ ଶ୍ରେଣୀରେ ତାଙ୍କର ଖୁବ୍ ଆଦର ଓ ସୁଖ୍ୟାତି ଥିଲା । କିନ୍ତୁ ହାଇ ସ୍କୁଲରେ ହେଡ଼ ମାଷ୍ଟର ହୋଇ ପାରୁ ନ ଥିଲେ । ସେକାଳେ ହାଇ ସ୍କୁଲମାନଙ୍କରେ ବଙ୍ଗଳା ପିଲା ବହୁତ ଥିଲେ । ଓଡ଼ିଆ ହେଡ଼ମାଷ୍ଟର ହେଲେ ସେମାନେ ମଧ୍ୟ ସହି ପାରୁ ନ ଥିଲେ । ପୁରୀ ଜିଲ୍ଲା ସ୍କୁଲର ହେଡ଼ମାଷ୍ଟର ହୋଇ ଆସିବାର ବର୍ଷେ ଦି'ବର୍ଷ ପୂର୍ବରୁ ଥରେ ସେ କିଛିଦିନ ପାଇଁ ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ହେଡ଼ ମାଷ୍ଟର ହୋଇଥିଲେ । ସେତେବେଳେ ସେ ଯେ କ୍ଲାସକୁ ଆସିଲାବେଳକୁ ପିଲାମାନେ ପୂର୍ବରୁ ବିଚାର କରି ଗୋଟିଏ ନିହାଣ ଓ ଗୋଟିଏ ମୁଗୁର ଟେବୁଲ ଉପରେ ରଖି ଦେଇଥିଲେ । ଅବଶ୍ୟ ଯେଉଁମାନେ ରଖି ଦେଇଥିଲେ, ସେମାନେ ତାଙ୍କର ଉପାଧି ମହାରଣା ଦେଖି ତାଙ୍କୁ ବଢ଼େଇ ବୋଲି ବିଚାରିଥିଲେ । ସେ କିନ୍ତୁ ବଢ଼େଇ ନ ଥିଲେ । ସେ ଥିଲେ ଜାତିରେ ଅଟାରି । ସେ ଯାହାହେଉ, ସେତେବେଳେ ଖବର କାଗଜ ନ ଥିଲେ ମଧ୍ୟ ଏ ଖବର ଓଡ଼ିଶାରେ ବ୍ୟାପି ଯାଇଥିଲା । ଆମେ ସ୍କୁଲରେ ଓଡ଼ିଆ ପିଲାମାନେ ଏଥିରେ ନିଜକୁ ବଡ଼ ଅପ-

Digitized by srujanika@gmail.com

ମାନିତ ବୋଧ କରିଥିଲୁଁ । ତେଣୁ ଚନ୍ଦ୍ରମୋହନ ବାବୁଙ୍କ ପ୍ରତି ମୋର ଯେ ଭକ୍ତି ଓ ଆଦର ଆଗରୁ ଥିଲା ତା' କହିବା ଦରକାର ନାହିଁ ।

ପରେ ସେ ଆସିଲେ । ଯଥାର୍ଥରେ ତାଙ୍କ ପରି ଉଦାରଚେତା ଶିଶୁପ୍ରାଣ ଶିକ୍ଷକ ମୁଁ ବଡ଼ କମ ଦେଖିଛି । ମୋତେ ସେ ଅତ୍ୟନ୍ତ ବିଶ୍ୱାସ କରୁଥିଲେ । ଆସିବାର କିଛିଦିନ ପରେ ମୋ ଉପରେ ବୋଡ଼ିଂର ସମସ୍ତ ଭାର ଗ୍ରସ୍ତ ଦେଇ ଏକ ପ୍ରକାର ନିଶ୍ଚିନ୍ତ ହୋଇଥିଲେ । ପିଲାଙ୍କର ବ୍ରହ୍ମଚର୍ଯ୍ୟଗତ ଚରିତ୍ର ପାଇଁ ତାଙ୍କର ବଡ଼ ତୀକ୍ଷ୍ଣ ଦୃଷ୍ଟି ଥିଲା । ସେଥିପାଇଁ ସର୍ବଦା ସେ ମୋ ସଙ୍ଗେ ବିଗ୍ୱର ପରାମର୍ଶ କରି ଯାହା ଦରକାର ତା' କରୁଥିଲେ । ମୁଁ ଶେଷରେ ଯେତେବେଳେ ଦଶ୍ମବର୍ଷ ପରୀକ୍ଷା ପରେ ପୁରୀ ଜିଲ୍ଲା ସ୍କୁଲ ଗ୍ଳଲି, ସେତେବେଳେ ସେ କହିଥିଲେ, "ନୀଳକଣ୍ଠ ଗ୍ଳଲିଗଲେ ହଷ୍ଟେଲ କାହା ଜିମା ରହିବ ।"

ସେତିକି ନୁହେଁ । ପାଠ ବୁଝିବା ଦରକାର ହେଲେ ତାଙ୍କ ଦ୍ୱାର ମୋ ପାଇଁ ସର୍ବଦା ଅବାରିତ ଥିଲା । ରାତି ଏଗାରଟାବେଳେ ମଧ୍ୟ 'ବୀଜ ଗଣିତର ମୋ ପକ୍ଷରେ ସେତେବେଳେ ଅସାଧ୍ୟ ସମସ୍ୟାମାନ ଘେନି ଯାଇ ମୁଁ ପହଞ୍ଚିଛି । ସେ ଶୋଇବାଠାରୁ ଉଠି ଆସି ମୋ ଅଙ୍କଟି ମୋତେ ବୁଝାଇ ଦେଇ ପୁଣି ଯାଇ ଶୁଅନ୍ତି । ମୋର ହସ୍ତାକ୍ଷର ବଡ଼ ଖରାପ ଥିଲା । ଅକ୍ଷରଗୁଡ଼ାକ ମୋଟା ମୋଡ଼ା ହୋଇ ସେଥିରେ ଅକ୍ଷରର ଦେହଠାରୁ ଲାଞ୍ଜ ମୁଣ୍ଡର କୁଟୀଳ ରେଖା ସବୁ ବହୁତ ବାହାରୁଥାଏ । ଅକ୍ଷରଗୁଡ଼ିକ ବି ବହୁତ ବଙ୍କାବୁଢ଼ା ଥାଏ । ମୋତେ ଦିନେ ସେ କହିଲେ, "ନୀଳକଣ୍ଠ, ତୁମେ ସ୍ୱାକ୍ଷର ବଦଳାଇ ଦିଅ ।" ମୁଁ ବୁଝି ପାରିଲି ନାହିଁ । ତା'ପରେ ମୋତେ ବୁଝାଇଲେ, "ମୁହୂର୍ତ୍ତେ ମନ ଠିକ କରି ଦୃଢ ସଂକଳ୍ପ ହେଲେ ଏହା ସହଜରେ ହୋଇଯିବ ।" ସେତିକବେଳେ ମନୁଷ୍ୟର ସଂକଳ୍ପ ଶକ୍ତି (will power) ବିଷୟରେ ମୁଁ ତାଙ୍କଠାରୁ ପ୍ରସଂଗତଃ ଯାହା ଶୁଣିଥିଲି; ତା'ର ସ୍ମୃତି ଏବେ ମଧ୍ୟ ଜୀବଂତ ଅଛି । ମୁଁ ବହୁତ ଛାତ୍ର ଓ ଯୁବକଙ୍କୁ ସେକଥା କହିଛି । ସେମାନଙ୍କ ମଧ୍ୟରୁ ଅନେକେ ଫଳ ବି ପାଇଥିବେ । ମୋ କଥା କହୁଛି । ତହିଁ ଆରଦିନ ମୁଁ ସଂକଳ୍ପ କରି ହସ୍ତାକ୍ଷର ବଦଳାଇ ବସିଲି— ଚନ୍ଦ୍ରମୋହନ ବାବୁଙ୍କ ହସ୍ତାକ୍ଷରକୁ ଆଦର୍ଶ କରି । ସେ ମୋତେ ବୁଝାଇଥିଲେ, ବ୍ୟବହାରରେ ମିତବ୍ୟୟିତ – ଅକ୍ଷରରେ ମଧ୍ୟ ସେଇଆ ଲାଞ୍ଜ, ମୁଣ୍ଡ, ମୋଡ଼ା ଗାର ସବୁ ଦରକାର ନାହିଁ । ଅକ୍ଷର ସ୍ପଷ୍ଟ କରିବା ପାଇଁ ଗାରର ଯେତିକି ପ୍ରକାର ଓ ପରିମାଣ ଲୋଡ଼ା, ସେତିକି ହେଲେ ହେଲା । ଏହାହିଁ ଅକ୍ଷର ଭଲ କରିବାର ମନ୍ତ୍ର । ଏକ ସପ୍ତାହ ଭିତରେ ମୋର ଅକ୍ଷର ବଦଳିଗଲା । ପରେ ସତ୍ୟବାଦୀ ସ୍କୁଲରେ ପିଲାଙ୍କୁ ଅକ୍ଷର ଲେଖା ଶିଖାଇଲାବେଳେ ଚନ୍ଦ୍ରମୋହନଙ୍କ ତତ୍ତ୍ୱ କଥାଗୁଡ଼ିକ ମଧ୍ୟ ମୋର ବରାବର ମନେ ଥିଲା ।

Digitized by srujanika@gmail.com

ଚନ୍ଦ୍ରମୋହନ ବାବୁ ପ୍ରାୟ ଆକାଶ ନିର୍ମଳ ଥିବାବେଳେ ମୋତେ ସାଙ୍ଗେ ନେଇ ସ୍କୁଲହତା ଭିତରେ ବୁଲି ବୁଲି ବାଲଟରେ ଆଳାପ କରୁଥାନ୍ତି। ସେତିକ-ବେଳେ ଆକାଶକୁ ଚାହିଁ ଗ୍ରହର ଗତି, ମଙ୍ଗଳର ଅତିଗତି, ଚନ୍ଦ୍ରପଥରେ ନିର୍ଦ୍ଦିଷ୍ଟ ଅଶ୍ୱିନୀ, ଆର୍ଦ୍ରା, ପୁନର୍ବସୁ, ଚିତ୍ରା, ସ୍ୱାତୀ, ଜ୍ୟେଷ୍ଠା, ଭାଦ୍ରପଦ ପ୍ରଭୃତି ଉଜ୍ଜ୍ୱଳ ଯୋଗ ତାରାଗୁଡ଼ିକଠାରୁ ଆରମ୍ଭ କରି କ୍ରମେ ଅନ୍ୟାନ୍ୟ ନକ୍ଷତ୍ର ସବୁ ମୋତେ ଦେଖାଇ ବୁଝାଇ ଦେଉଥିଲେ। ପରେ ସତ୍ୟବାଦୀ ସ୍କୁଲରେ ଥିଲାବେଳେ ତାହାର ମାନଚିତ୍ର ଧରି ମୁଁ ରାତି ରାତି ଆଶ୍ରମ ଚୌକରେ ସ୍କୁଲ ଅଗଣାରେ ବସି ଗ୍ରହତାରା ସବୁ ଚିହ୍ନି ଗତି ଲକ୍ଷ୍ୟ କରିବା ବେଳେ ପିଲାଙ୍କୁ ଧରି ବାଲିକୁ ଯାଇ ତାଙ୍କୁ ତାରା ଦେଖାଇ ବୁଝାଇବା ବେଳେ ମୋର ଚନ୍ଦ୍ରମୋହନ ବାବୁ ହିଁ ମନେ ପଡୁଥିଲେ।

ଥରେ ପିଲାଙ୍କୁ ପ୍ରାଇଜ୍ ବଣ୍ଟା ହେବା ପୂର୍ବଦିନ ଆସିଷ୍ଟାଣ୍ଟ୍ ହେଡ୍‌ମାଷ୍ଟର ଭୈରବ ଚନ୍ଦ୍ର ଦତ୍ତ ଓ ଆସିଷ୍ଟାଣ୍ଟ ମାଷ୍ଟର ଚିନ୍ତାମଣି କରଙ୍କୁ ନେଇ ଚନ୍ଦ୍ରମୋହନ ବାବୁ କାହାକୁ କେଉଁ ବିଷୟରେ କ'ଣ ପ୍ରାଇଜ୍ ଦିଆଯିବ ଏହା ଠିକ କରୁଥାନ୍ତି। ଦୁଆରେ ଚପରାଶୀ ଜଗିଥାଏ। କୌଣସି ଛାତ୍ର ଯିବେନାହିଁ କି କୌଣସି ଶିକ୍ଷକ ବିନା ଡାକରାରେ ଯିବେ ନାହିଁ ବୋଲି ଆଦେଶ ଥାଏ। ଚନ୍ଦ୍ରମୋହନ ବାବୁ ଶୃଙ୍ଖଳା ରକ୍ଷାରେ ଭାରି କଡ଼ା। ସମସ୍ତଙ୍କର ସେଥିପାଇଁ ଭାରି ଡ଼ର ଥାଏ। ଜଣେ ଶିକ୍ଷକ ଆସି ଦୁଇ-ପିଲାଙ୍କର ନାମ କହି ଖବର ଦେଲେ। ସେମାନେ ସଦ୍‌ସ୍ୱଭାବ (Good Conduct) ପ୍ରାଇଜ୍ ପାଇବାର ଠିକ ହେଲା। ସେ ଦୁଇଟି ଶ୍ରେଷ୍ଠ ଶ୍ରେଷ୍ଠ ସୁନ୍ଦର ପିଲା। ସେମାନେ ବଡ଼ ମଧୁର ଓ ସୁଧୀର ସ୍ୱଭାବ ବୋଲି ସମସ୍ତେ ଜାଣିଥିଲେ। ମୁଁ ତାଙ୍କ ସ୍ୱଭାବ ସମ୍ବନ୍ଧରେ କୌଣସି ପ୍ରକାର ସନ୍ତୁଷ୍ଟ ନଥିଲି। ମୁଁ ଶୁଣିବା ମାତ୍ରେ ହଠାତ୍ ସେ ଘର ଭିତରକୁ ଚନ୍ଦ୍ରମୋହନ ବାବୁଙ୍କ ପାଖକୁ ଯିବ ବୋଲି ବାହାରିଲି। ସମସ୍ତେ ମନା କଲେ। ଚପରାସି ମଧ୍ୟ ମନା କଲା। ନମାନି ଭିତରକୁ ଚାଲିଗଲି। ଚନ୍ଦ୍ରମୋହନ ବାବୁ ମୋତେ ଚାହିଁଦେଲେ। ଅନ୍ୟ ଦୁଇଜଣ ମାଷ୍ଟର ଅବାକ୍ ହୋଇଗଲେ। ନିଶ୍ଚୟ ବିଚାରିଲେ ମୋ ଉପରେ ଦଣ୍ଡ ହେବ। ଚନ୍ଦ୍ରମୋହନ ବାବୁ ଜମା ବିରକ୍ତ ନ ହୋଇ ମୋତେ ପଚାରିଲେ, "କୁଆଡ଼େ ଆସିଲ ?" ମୁଁ କହିଲି, ଅମୁକ୍ ଅମୁକ୍ ପିଲାଙ୍କୁ ସଦ୍‌ସ୍ୱଭାବ ପୁରସ୍କାର ଦିଆଯିବାର ଶୁଣୁଚି। ଚନ୍ଦ୍ରମୋହନ ବାବୁ ପଚାରିଲେ, "କ'ଣ ତୁମର ମତ ନୁହେଁ ?" ମୁଁ କହିଲି, 'ନା'। ଆଉ କିଛି ନକହି ନିଜେ ଚନ୍ଦ୍ରମୋହନ ବାବୁ କଲମ ଧରି ସେ ଦୁଇଟି ନାଁ କାଟିଦେଲେ। ମୁଁ ସଙ୍ଗେ ସଙ୍ଗେ ଚାଲି ଆସିଲି। ସେଇଦିନ ରାତିରେ ସଦ୍‌ସ୍ୱଭାବ ପୁରସ୍କାର ଓ ସେଇପାଇଁ ପିଲା ବାଛିବା ସମ୍ବନ୍ଧରେ ଚନ୍ଦ୍ରମୋହନ ବାବୁଙ୍କ ସଙ୍ଗେ ମୋର ବହୁତ କଥା ପଡ଼ିଲା, ବୋଧହୁଏ ତା'ପରେ ଚନ୍ଦ୍ରମୋହନ ବାବୁ ସଦ୍‌ସ୍ୱଭାବ ନିମନ୍ତେ ଆଉ କାହାକୁ କେବେ ପୁରସ୍କାର ଦେଇଛନ୍ତି ବୋଲି ମୋର ମନେ ହେଉନାହିଁ।

Digitized by srujanika@gmail.com

ଆଉ ଦିନେ ବୋର୍ଡିଂର ଜଣେ ଯୁବକ ଅନ୍ୟାନ୍ୟ ଦୁଇ ଏକ ଜଣ ବଙ୍ଗାଳୀ ପିଲଙ୍କ ସଙ୍ଗେ ରାତରେ ବାହାରକୁ ଯାଇ ସମୁଦ୍ର ପଂଜାରେ ବୁଲୁଥିବା କଥା ମୁଁ ଲକ୍ଷ୍ୟକରି ଜାଣିଲି । ସମୁଦ୍ର କୂଳକୁ ବାୟୁପରିବର୍ତ୍ତନ ପାଇଁ ଆସିଥିବା କୌଣସି ଭଦ୍ରଲୋକଙ୍କର ଯୁବତୀ ଅବିବାହିତା ଝିଅଙ୍କ ସଙ୍ଗେ ସେମାନେ ସମୁଦ୍ର କୂଳେ ଅଲଗା ଜାଗାରେ ରାତିର ବହୁତ ସମୟ କଟାଉଛନ୍ତି । ମୁଁ ନିଜେ ବୋର୍ଡିଂର ପିଲାଟିକୁ ଚେଷ୍ଟା କରି ମଧ୍ୟ ସେଥିରୁ ନିବୃତ୍ତ କରାଇ ପାରିଲି ନାହିଁ । ଚନ୍ଦ୍ରମୋହନ ବାବୁଙ୍କୁ ଯାଇ କହିଲି । ସେ ବଡ଼ ବିସ୍ମିତ ହେଲେ । କହିଲେ, "ମୁଁ ଦେଖି ପାରିବ ?" ସେ ଦିନ ଜହ୍ନରାତି । ଖଣ୍ଡେ ସାଧାରଣ ଲୁଗା ପିନ୍ଧି ଚନ୍ଦ୍ରମୋହନ ବାବୁ ମୋ ସଙ୍ଗେ ଗଲେ । ଦୂରରୁ ସବୁ ଦେଖିଲେ, ଫେରି ଆସିଲେ । ତହିଁ ଆରଦିନ କିଛି ନକହି ସେ ବଙ୍ଗାଳୀ ପିଲାଟିକୁ ସ୍କୁଲରୁ ବାହାର କରିଦେଲେ । ସେ ପିଲାଟିର ଅଭିଭାବକ ଜଣେ ପ୍ରତିଷ୍ଠିତ ଲୋକ । ସେ ଅନ୍ୟାନ୍ୟ ବଙ୍ଗାଳୀଙ୍କୁ ମିଳାଇ ଚନ୍ଦ୍ରମୋହନ ବାବୁଙ୍କ ନାମରେ ମୋକଦ୍ଦମା କରିବାକୁ ବାହାରିଲେ, ତଥାପି ଚନ୍ଦ୍ରମୋହନବାବୁଙ୍କର ଭ୍ରୂକ୍ଷେପ ନାହିଁ । କୌଣସି କାରଣ ସେ କହିଲେ ନାହିଁ । ଓଡ଼ିଆ ହୋଇ ବଙ୍ଗାଳୀଙ୍କ ଉପରେ ଜୁଲୁମ କରୁଛନ୍ତି ବୋଲି ଦୋଷ ହେଲା । ଚନ୍ଦ୍ରମୋହନ ବାବୁ ଅଟଳ, ପରେ ସବୁକଥା କ୍ରମେ ଜଣା ପଡ଼ିଲା । ପୁରୀର ସ୍ୱନାମ ପ୍ରସିଦ୍ଧ ରାମଚନ୍ଦ୍ର ଦାଶ ମୁକ୍ତାର ମଧ୍ୟସ୍ଥ ହୋଇ ସମସ୍ତଙ୍କୁ ଥଣ୍ଡା କରିଦେଲେ, ଗୋଟାଏ କିଛି ମୀମାଂସା ହୋଇଗଲା ।

Digitized by srujanika@gmail.com

# ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ

### ପଣ୍ଡିତ ଗୋଦାବରୀଶ ମିଶ୍ର

**ଗୋଡ଼ କପର ଖସେ—**

ମୁଁ ଦଶମ ଶ୍ରେଣୀରେ ପଢ଼ିବା ବେଳେ, ମୁଁ ଥରେ ଶଶିଦାଙ୍କ କୋଳରେ ମୁଣ୍ଡ ଦେଇ, ଘର ଅନ୍ଧାରରେ ମୁହଁର ଭାବଭଙ୍ଗି ଲୁଚାଇ, ମୋ ଜୀବନର କେତେକ ଦୋଷ ତ୍ରୁଟି, ନିତାନ୍ତ ସଲଜ୍ଜ ଭାଷାରେ ଗୋଟିକ ପରେ ଗୋଟିଏ କହିବାରେ ଲାଗିଛୁ, × × ମୁଁ କହିଲି, "ଆମ ସ୍କୁଲ ଗରିବ ପାଣ୍ଠିରୁ ମୁଁ ଷୋହଳ ଟଙ୍କା ଖାଇ ଯାଇଛି।" ସେହି ପାଣ୍ଠି ନିମନ୍ତେ ଚାନ୍ଦା ଅସୁଲ କରିବା ଭାର ମୋ ଉପରେ ଥିଲା। ସେ (ଶଶିଦା) ସ୍ୱାଭାବିକ ସହାନୁଭୂତି ଦେଖାଇ କହିଲେ, "ଏଥିରେ କାନ୍ଦିବାର କ'ଣ ଅଛି ? ମୁଁ ପ୍ରଧାନ ଶିକ୍ଷକଙ୍କୁ ପଚାରିବି, ସେ ନେବାକୁ କହିଲେ, ଟଙ୍କାଟା ତୋ ପାଇଁ ମୁଁ ଦେଇଦେବି। ତୁ ପରେ ମତେ କେତେବେଳେ ଦେଇଦେବୁ।" ପ୍ରଧାନ ଶିକ୍ଷକ ଚନ୍ଦ୍ର-ମୋହନ ମହାରଣା ସେ ଟଙ୍କା, ଚାନ୍ଦାଦାତାମାନଙ୍କ ନାମରେ ଅନାଦାୟ ପକାଇ, ମୋ ନାମରେ ଖର୍ଚ୍ଚରେ ଦେଖାଇବାକୁ ଆଦେଶ ଦେଲେ। ସେହି ଗରିବ ପାଣ୍ଠିରୁ ମୋ ବାବଦ ବିଦ୍ୟାଳୟ ବେତନ ଦିଆଯାଉଥିଲା। ପୃଷ୍ଠା - ୪୮

**ପରିବର୍ତ୍ତନ—**

ପ୍ରଧାନ ଶିକ୍ଷକ ଥିଲେ ଅଧରଚନ୍ଦ୍ର ବେନାର୍ଜି। ସେ ଏକେ ଗଣିତ ଶିକ୍ଷକ, ତା'ପରେ ପୁଣି ସେ ସର୍ବଦା ବସି ବାଡ଼ି ବ୍ୟବହାର କରୁଥାନ୍ତି, ବିଦ୍ୟାଳୟର ପରିଚାଳନା ପ୍ରତି ଦୃଷ୍ଟି ଦିଅନ୍ତି ଅଳ୍ପ। ତାଙ୍କର ବଦଳି ହୋଇଗଲା, ଆସିଲେ ଚନ୍ଦ୍ରମୋହନ ମହାରଣା। ସେତେବେଳେ ବିଦ୍ୟାଳୟରେ ଇଂରାଜୀ ଭାଷା ଶିକ୍ଷକଙ୍କ ପ୍ରତି ପିଲାଙ୍କର ବିଶେଷ ସମ୍ଭ୍ରମ ଦେଖି ଥାଏ। ଚନ୍ଦ୍ରମୋହନ ବାବୁ ଏକାଦଶ ଶ୍ରେଣୀରେ ଇଂରେଜୀ ପଢ଼ାଉଥିଲେ। ସେ ଶ୍ରେଣୀର ପିଲାମାନେ ନୂତନ ପ୍ରଧାନ ଶିକ୍ଷକଙ୍କ ଆଗରେ ଥରହର ହୋଇଗଲେ। ଏକାଦଶ ଶ୍ରେଣୀ ବିଦ୍ୟାଳୟର ଶ୍ରେଷ୍ଠ ଶ୍ରେଣୀ। ସେ ଶ୍ରେଣୀର ନୂଆ ହାଉଆ ସବୁ ଶ୍ରେଣୀକୁ ଯାଇ ଛୁଇଁଲା। ପୃଷ୍ଠା— ୫୨

Digitized by srujanika@gmail.com

ଚନ୍ଦ୍ରମୋହନ ବାବୁ ବୋଧହୁଏ ପୁରୀ ହାଇ ବିଦ୍ୟାଳୟର ପ୍ରଥମ ଓଡ଼ିଆ ପ୍ରଧାନ ଶିକ୍ଷକ। ସେ ସମୟରେ ପୁରୀରେ ବଙ୍ଗାଳୀମାନଙ୍କର ବିଶେଷ ପ୍ରତିପତ୍ତି ଥାଏ। ଜଣେ ଓଡ଼ିଆ ପ୍ରଧାନ ଶିକ୍ଷକ ହୋଇଯିବାରେ ସେମାନଙ୍କ ମଧ୍ୟରେ ଚହଳ ପଡ଼ିଗଲା। ବସ୍ତୁତଃ ବଙ୍ଗାଳୀମାନେ ଯେପରି ପ୍ରତିପତ୍ତିଶାଳୀ ହୋଇଥାନ୍ତି, କେତେଜଣ ବଙ୍ଗାଳୀ ପିଲା ସେହିପରି ବିଦ୍ୟାଳୟରେ ବିଭ୍ରାଟ ସୃଷ୍ଟି କରନ୍ତି। ସେମାନଙ୍କ ମଧ୍ୟରେ ଅଗ୍ରଣୀ ଥାଏ ଜଣେ ବିଶିଷ୍ଟ ଓକିଲଙ୍କ ଭାଇ। ଏକାଦଶ ଶ୍ରେଣୀ ଛାତ୍ର। ଦିନେ ହଠାତ୍ ବିଦ୍ୟାଳୟ ସାରା ଦୋହଲିଗଲା। ଚନ୍ଦ୍ରମୋହନ ବାବୁ ଶ୍ରେଣୀ ଭିତରେ ପଶି ସେ ପିଲାଟିକୁ ବେତରେ ଖୁବ୍ ପ୍ରହାର କଲେ। ପିଲାଟି ଦୁଇ ତିନିଥର ପ୍ରହାର ଖାଇଲା ପରେ, ବେତଟାକୁ ଧରି ପକାଇ, ଚିତ୍କାର କରି ଇଂରାଜୀରେ କହିଲା, "ଆଉ ଥରେ ଯଦି ମୋ ଦେହକୁ ଛୁଅଁ, ମୁଁ ତୁମକୁ କଚେରୀକୁ ଟାଣିଟାଣି ନେବି। ଜାଣ ମୁଁ ଅମୁକଙ୍କ ଭାଇ।" ତା'ପରେ ଅନେକ ଘାଣ୍ଟଚକଟ ଅବଶ୍ୟ ଲାଗିଲା; କିନ୍ତୁ ଚନ୍ଦ୍ରମୋହନ ବାବୁଙ୍କୁ କଚେରୀକୁ ଯିବାକୁ ପଡ଼ିଲା ନାହିଁ। ପିଲାଟି ବିରୁଦ୍ଧରେ ଗୁରୁତର ପ୍ରମାଣମାନ ରହିଥିଲା।

କ୍ରମେ ବିଦ୍ୟାଳୟଟା ସୁମାର୍ଗକୁ ଆସିଲା। ପିଲାମାନେ ହାତେ ମାପି ଗୃହଶତ୍ରୁ ବୁଲିବାକୁ ଆରମ୍ଭ କଲେ। ଛାତ୍ରାବାସର ତାସ ଖେଳ ଓ ଛାତ୍ରମାନଙ୍କର ରାତ୍ରିରେ ଯାଇ ସମୁଦ୍ର କୂଳରେ ବୁଲିବା ବନ୍ଦ ହୋଇଗଲା। ପୃଷ୍ଠା— ୫୭

ମୋର ଦଶମ ଶ୍ରେଣୀ ବେଳେ ଶିକ୍ଷା ବିଭାଗ ଡିରେକ୍ଟର ଆସିଥିଲେ। ସେତେବେଳେ ସେହି ଜଣକ ଥିଲେ ପଶ୍ଚିମ-ବଙ୍ଗ, ପୂର୍ବ-ବଙ୍ଗ, ଓଡ଼ିଶା ଓ ବିହାର ଏପରି ବର୍ତ୍ତମାନ କାଳରେ ଚାରି ପ୍ରଦେଶର ଏକମାତ୍ର ଡିରେକ୍ଟର। ଡିରେକ୍ଟର ଆମ ଶ୍ରେଣୀରେ ପଶିଯାଇ ପଚାରିଲେ, "ଏ ଶ୍ରେଣୀର ପ୍ରଥମ ଛାତ୍ର କିଏ ?" ପ୍ରଧାନ ଶିକ୍ଷକ ବ୍ୟକ୍ତିଗତ ଭାବରେ ମୋତେ ଚିହ୍ନିଥିଲେ। ମୋତେ ବହି ଧରି ପଢ଼ିବାକୁ କହିଲେ। କିନ୍ତୁ ମୁଁ ଦୁଇ ଧାଡ଼ି ପୂରା ନ ପଢ଼ୁଣୁ ଡିରେକ୍ଟର ଓ ଇନ୍‌ସ୍‌ପେକ୍ଟର ଦୁହେଁ ଠୋ ଠୋ ହସିଲେ। ପ୍ରଧାନ ଶିକ୍ଷକଙ୍କ ମୁହଁ କଳା ପଡିଗଲା।

ତା' ପରଦିନ ଆମ ଶ୍ରେଣୀର ପଠନ ନିର୍ଘଣ୍ଟ ବଦଳିଗଲା, ଚନ୍ଦ୍ରମୋହନ ବାବୁ ଦ୍ୱିତୀୟ ଘଣ୍ଟାରେ ଆସି ଇଂରେଜୀ ପଢାଇଲେ। ସେ ଶ୍ରେଣୀକୁ ଆସିବା ମାତ୍ରେ ମୋତେ ପଢିବାକୁ କହନ୍ତି ଏବଂ ମୋ ପ୍ରଥମ ଭୁଲରେ ବେଞ୍ଚ ଉପରେ ଠିଆ ହେବାକୁ ଆଦେଶ ଦିଅନ୍ତି। ତାହା ପ୍ରାୟ ଦୀର୍ଘ ଚାରିମାସ ଚାଲିଲା। ମୁଁ ଦ୍ୱିତୀୟ ଘଣ୍ଟା ଆରମ୍ଭରୁ ବିଦ୍ୟାଳୟ ଛୁଟି ହେବା ପର୍ଯ୍ୟନ୍ତ ବେଞ୍ଚ ଉପରେ ଠିଆ ହୋଇ ରହେ। କେବଳ ଅନ୍ୟାନ୍ୟ ବିଷୟରେ ଶିକ୍ଷକମାନଙ୍କ ମଧ୍ୟରୁ ଜଣେ ଅଧେ ଦୟାର୍ଦ୍ର ହୋଇ ତାଙ୍କ ଘଣ୍ଟାରେ ମୋତେ ପ୍ରଶ୍ନ କରିବାକୁ ଅପେ ବାହାରକୁ ପଠାଇ ଦିଅନ୍ତି। ସେହି ଚାରିମାସ ଯାକ ମୁଁ କେବଳ ଇଂରେଜୀ ଶବ୍ଦକୋଷ ଧରି ଘର୍ଷଣରେ ଲାଗିଲି। ଦିନେ

Digitized by srujanika@gmail.com

ଚନ୍ଦ୍ରମୋହନ ବାବୁ ଶ୍ରେଣୀକୁ ଆସି ଅଭ୍ୟସ୍ତ ସ୍ୱରରେ ମୋତେ ପଢିବାକୁ କହିଲେ । ସେଦିନର ପଢ଼ା ଥିଲା ଗୋଟିଏ ପଦ୍ୟ । ମୁଁ କୃତ୍ତିବାସ ଧାଡ଼ି ପର୍ଯ୍ୟନ୍ତ ପଢିଛି, ବେଞ୍ଚ ଉପରେ ଠିଆ ହେବା ଆଦେଶ ମିଳିଲା । ମାତ୍ର ମୁଁ ପ୍ରତିବାଦ କରି କହିଲି, "ମୋର ଭୁଲ ହୋଇନାହିଁ ।" ତହୁଁ ସେ ନିଜେ ପଢି ଠିକ ଉଚ୍ଚାରଣ କଣ ହେବ, ଶୁଣାଇବାକୁ ଗଲେ । ତାଙ୍କର କୃତ୍ତିବାସ ଧାଡ଼ି ଶେଷ ହେବାରେ ମୁଁ କହିଲି, "ନାହିଁ ଆଜ୍ଞା, ଆପଣ ଭୁଲ ପଢିଲେ ।" ସେ ଚମକି ପଡ଼ିଲେ ଓ ସଙ୍ଗେ ସଙ୍ଗେ କହିଲେ, "ଶବ୍ଦକୋଷ ଅନୁସାରେ ତୁମ ଉଚ୍ଚାରଣ ଠିକ ହୋଇପାରେ, ମାତ୍ର ପଦ୍ୟର ଛାନ୍ଦ ମୋ ଉଚ୍ଚାରଣ ଲୋଡୁଛି ।" ମୁଁ ପ୍ରତିବାଦ କଲି, "ନା, ଛାନ୍ଦ ମଧ୍ୟ ଶବ୍ଦକୋଷର ଉଚ୍ଚାରଣ ଲୋଡୁଛି ।" ସେ ସେଥିରେ କର୍ଣ୍ଣପାତ କଲେ ନାହିଁ, ମୁଁ ବେଞ୍ଚ ଉପରେ ଠିଆ ହେଲି । ପଢାଇ ସାରି ସେ ଫେରିଯାଇ ଘଣ୍ଟା ମଝିରେ ମୋତେ ବସିବାକୁ ଯେ ଆଦେଶ ପଠାଇଲେ, ତା'ପରେ ମୋତେ ଆଉ ଠିଆ ହେବାକୁ ପଡ଼ିଲା ନାହିଁ ।" ପୃଷ୍ଠା—୫୫

ଉଚ୍ଚାରଣ ହେଉ ବା ଲିପାଙ୍କନ ହେଉ, ଇଂରେଜରେ ବ୍ୟୁତ୍ପତ୍ତି ନିମନ୍ତେ ମୁଁ ଚନ୍ଦ୍ରମୋହନ ବାବୁଙ୍କ ନିକଟରେ ଋଣୀ, କିନ୍ତୁ ମୁଁ ତାର ଯଥାର୍ଥ ସଦ୍ ବ୍ୟବହାର କରିପାରି ନାହିଁ । ମୋର ବି. ଏ. ପରୀକ୍ଷା ଦେବା ବର୍ଷ ସେପରି ସଦ୍ ବ୍ୟବହାର ସୁଯୋଗ ଦୁଇଥର ଆସିଥିଲା । ପୃଷ୍ଠା—୫୭

**ଶଶିଦା—**

ଏବେ ଉଚ୍ଚ ବିଦ୍ୟାଳୟର ଶ୍ରେଣୀ ନୂଆ ଆରମ୍ଭ ହେଉଛି ଗ୍ରୀଷ୍ମ ଛୁଟି ପରେ । ସେ ସମୟରେ ହେଉଥିଲା ବଡ଼ଦିନ ଛୁଟି ପରେ ଜାନୁଆରୀ ମାସରେ । ମୋ ଦଶମ ଶ୍ରେଣୀର ବସନ୍ତକାଳରେ ଦିନେ ଚନ୍ଦ୍ରମୋହନ ବାବୁ ଜଣେ ବୟସ୍ଥ ବ୍ୟକ୍ତିଙ୍କ ସହିତ ଆମ ଛାତ୍ରାବାସକୁ ଆସିଲେ ଏବଂ କେତେକ ପିଲାଙ୍କୁ ତାଙ୍କୁ ଚିହ୍ନାଇ ଦେଇ ଚାଲିଗଲେ । ଆଗନ୍ତୁକ କିଛି ସମୟ ଛାତ୍ରାବାସରେ କଟାଇଲେ । ସେ ଚନ୍ଦ୍ରମୋହନ ବାବୁଙ୍କ ଘରେ ରହୁଥିଲେ । ମୁଁ ପରେ ଜାଣିପାରିଲି ଯେ, ଚନ୍ଦ୍ରମୋହନ ବାବୁ ତାଙ୍କୁ ପୁର୍ବରୁ ଚିହ୍ନିଥିଲେ ଓ ତାଙ୍କୁ ପୁରୀରୁ ଡକାଇ ଆଣିଥିଲେ । ସେତେବେଳକୁ ଏକାଦଶ ଶ୍ରେଣୀର ବଙ୍ଗାଳୀ ଛାତ୍ରକୁ ବେଧାଘାତ କରିବା ଘଟଣା ଘଟିଯାଇଥିଲା । ତାଙ୍କର ସେ ସମୟରେ ପୁରୀକୁ ଆସିବା କାରଣ ମୁଁ ତାଙ୍କୁ କେବେ ଭରସି ପଚାରି ନାହିଁ ସେ ମଧ୍ୟ ମୋତେ ତାଙ୍କ ନିଜ ଆଡୁ କହି ନାହାନ୍ତି । 'ମୋର ମନେ ହୁଏ, ସେହି ଘଟଣା ସମ୍ପର୍କରେ ଉପୁଜିଥିବା ପରିସ୍ଥିତି ସୁଧାରିବାରେ ସାହାଯ୍ୟ ପାଇବା ସକାଶେ ଚନ୍ଦ୍ରମୋହନ ବାବୁ ତାଙ୍କୁ ଅଣାଇଥିବେ । ପୃଷ୍ଠା—୬୦

Digitized by srujanika@gmail.com

**ପୁରୀରୁ ରାଜଧାନୀକୁ (୧୯୦୭)—**

ମୋର ବୃତ୍ତି ପାଇବା ସମ୍ବାଦ ଚନ୍ଦ୍ରମୋହନ ବାବୁଙ୍କ ଚିଠିରୁ ଜାଣିଲି । ସେତେବେଳକୁ ସେ କଟକ ନର୍ମାଲ ସ୍କୁଲକୁ ଦ୍ୱିତୀୟ ଶିକ୍ଷକ ପଦରେ ବଦଳି ହୋଇ ଆସିଥିଲେ । ସେ ଚିଠିରେ ଗୋଟିଏ ପ୍ରସ୍ତାବ ମଧ୍ୟ ଜଣାଇଥିଲେ । ପ୍ରସ୍ତାବଟି ହେଉଛି, ମୁଁ ତାଙ୍କ ବସାରେ ଆସି ରହି କଲେଜରେ ପଢିବି ଓ ମୋ ଖାଇବା ପିଇବା ଖର୍ଚ୍ଚ ବାବଦକୁ ତାଙ୍କ ବଡ ପୁଅ ରଜନୀକୁ ପଢାଇବି । × × × ଚିଠି ଖଣ୍ଡି ମୋତେ ଗାଢ ଅମାବାସ୍ୟା ଅନ୍ଧାରରେ ଆଲୋକ ରେଖା ଦେଖାଇ ଦେଲା । ପୃଷ୍ଠା—୭୭

ମୁଁ ଯଥା ସମୟରେ କଟକକୁ ଆସି କଲେଜରେ ନାମ ଲେଖାଇଲି ଓ ଚନ୍ଦ୍ରମୋହନ ବାବୁଙ୍କ ବସାରେ ରହିଲି । କିନ୍ତୁ ଜୀବନଟା ମୋତେ ଅତିଶୀଘ୍ର ଦୁର୍ବହ ବୋଧ ହେଲା । ପୁରୀରେ ମୋର ପ୍ରାୟ ସାଢ଼େ ଚାରିବର୍ଷ ରହିବା ମଧ୍ୟରେ ରୋଷେୟା ନଥିବା କାରଣରୁ ରୋଷାଇ ପାଳି ମୋ ଉପରେ, ମୋଟରେ ତିରିଶ ଦିନ ପଡ଼ିଥିବ । କିନ୍ତୁ କଟକରେ ମାସକେ ପ୍ରାୟ ପନ୍ଦର ଦିନ ପଡ଼ିବାକୁ ଲାଗିଲା । ଚନ୍ଦ୍ରମୋହନ ବାବୁ ଯେତିକି ଉପକାରୀ ମିତ୍ର, ସେତିକି କଡ଼ା ମୁନିବ । ସୁତରାଂ ପୂଜାରୀ ତାଙ୍କ ବସାରେ ଅସ୍ଥିର ରହୁ ନଥିଲେ । ମୁଁ ତାଙ୍କ ପରିବାରରେ ଏକମାତ୍ର ବ୍ରାହ୍ମଣ ଥିବାରୁ, ହାଣ୍ଡି ଧରିବା ଅଧିକାର ଥିଲା ଏକା ମୋରି । ମୁଁ ରନ୍ଧନ ପରିପାଟି ଅବଶ୍ୟ ହାସଲ କରି-ନେଲି ; କିନ୍ତୁ ଦୁଇଟା ଆନୁଷଙ୍ଗିକ ଅସୁବିଧା ବରାବର ବୋଧ କରିବାକୁ ଲାଗିଲି । ପ୍ରଥମ, ବେସର ବାଟିବା ଯୋଗେ ମୋ ହାତ ହଳଦିଆ ହୋଇଯାଏ । ତାହା ଦେଖି ସହପାଠୀମାନେ ମୋତେ ଥଟ୍ଟା କରନ୍ତି । ମୁଁ ଯେ ରୋଷେଇ କରି ପଢ଼ୁଛି, ସେ କଥା କହିବାକୁ ମୋତେ ଲାଜମାଡେ । ଦ୍ୱିତୀୟରେ ମୋତେ ବରାବର ପୂଜାରୀ ଓ ଚାକର କାର୍ଯ୍ୟ ତୁଲାଇବାର ଦେଖି ମୋ ଛାତ୍ର ରଜନୀ ଧରିନେଲା ଯେ ମୁଁ ତାଙ୍କ ଘରର ଭୃତ୍ୟ । ସେ ମୋଠାରୁ ବୟସରେ ବହୁତ ସାନ, ବୋଧହୁଏ ସପ୍ତମ ଶ୍ରେଣୀରେ ପଢୁଥିଲା । ତାହା ତୁଣ୍ଡରୁ 'ଗୋଦାବରୀଶ' ଡାକ ଶୁଣିଲେ, ମୋ ନାଡ଼ି ଛୁଣ୍ଡିଯାଉଥିଲା । ପଢ଼ା-ପଢ଼ିରେ ଯେ ବ୍ୟାଘାତ ଜନ୍ମୁଥିଲା, ତାହା ତୃତୀୟ ଅସୁବିଧା । ତାକୁ ମୁଁ ବିଶେଷ ମଣୁ ନଥିଲି । ପୃଷ୍ଠା—୭୭/୭୮

ପଢ଼ାପଢ଼ିରେ ଯେତେ ବ୍ୟାଘାତ ହେଲେ ସୁଦ୍ଧା, ଚନ୍ଦ୍ରମୋହନ ବାବୁଙ୍କ ବସା ଛଡ଼ା ଅନ୍ୟତ୍ର ଚାଲିଯିବାକୁ ମୁଁ ନିଷ୍ପତ୍ତି କରିପାରେ ନାହିଁ । ତାଙ୍କ ମୁହଁକୁ ଚାହିଁଲେ ମୋ ଦୁର୍ଭାବନା ସବୁ ସକାଳର ଶିଶିର ବିନ୍ଦୁ ପରି ଉଭେଇଯାଏ, କିନ୍ତୁ ଦିନେ ହଠାତ୍ ଗୋଟାଏ 'ଘଟଣା ଘଟିଗଲା । ମୋତେ ବିନା ମଶାରିରେ ଶୋଇବାକୁ ପଡ଼େ । ଈଶାନ ବାବୁ ଚନ୍ଦ୍ରମୋହନ ବାବୁଙ୍କର ଜଣେ ସଙ୍ଗୀ । ସେ ଦିନେ ସନ୍ଧ୍ୟାରେ ତାଙ୍କ

Digitized by srujanika@gmail.com

ବସାରେ ଆସି ପହଞ୍ଚିଲେ । ଖିଆପିଆ ପରେ ସମସ୍ତେ ଶୋଇବାକୁ ଗଲେ : କିନ୍ତୁ ରାତି ଅଧରେ ଈଶାନ୍‌ବାବୁ ମୋତେ ଉଠାଇ ମଶାରି ଦେଲେ । ମୋର କଷ୍ଟ ଦେଖି ସେ ନିଜେ ନଶୋଇ, ବଜାରକୁ ସେହି ରାତିରେ ଯାଇ ତାହା କିଣି ଆଣିଥିଲେ । ଘଟଣାଟା ମୋତେ ଭାରି ଅଡୁଆ ଅଡୁଆ ଲାଗିଲା । ସେ ସମୟରେ କେତେ ଦିନ ପୂଜାଯାଏ ନଥିଲା । ମୋ ମନରେ କି ଭାବ ଜାଗି ଉଠିଲା କେଜାଣି, ଗୋଟାଏ ସାମାନ୍ୟ କଥାରେ ମୁଁ ନିଜ ଗୋଡ଼ ନିଜେ ଖସାଇ ରସାତଳକୁ ଚାଲିଗଲି । ଖାଇବା ବେଳେ ମୁଁ ଘିଅ ପ୍ରତିଦିନ ପରଷେ, ଅଥଚ ଖାଏ ନାହିଁ । ଦିନେ କେହି ନଥିବା ବେଳେ ଶିକାରୁ ଘିଅ ଘଡ଼ିଟି କାଢ଼ି ମେଞ୍ଚାଏ ଘିଅ ଆଙ୍ଗୁଠିରେ ଧରି ପାଟିରେ ପୂରାଇ ଦେଲି । ମୁଁ ସବୁ ଗିଳି ନାହିଁ, ତୋଟି ବନ୍ଦ ହୋଇ ଆସିଲା, ଚନ୍ଦ୍ରମୋହନ ବାବୁଙ୍କ ମୂର୍ତ୍ତି ଆଖି ଆଗରେ ଦିଶିଗଲା, କାନକୁ ଶୁଭିଗଲା —'ଗୋଦାବରୀଶ, ଏ କଅଣ କଲୁ ?'

ପୃଷ୍ଠା—୭୯/୮୦

ମୁଁ ଚନ୍ଦ୍ରମୋହନ ବାବୁଙ୍କ ଆଗେ ଦୋଷ ପ୍ରକାଶ କରି ପାରିଲି ନାହିଁ ; ମାତ୍ର ଶଶିଦାଙ୍କ ପାଖକୁ ଚିଠିରେ ଜଣାଇ, ଅନ୍ୟତ୍ର ଯାଇ ରହିବାକୁ ପ୍ରସ୍ତାବ କଲି । ସେତେବେଳକୁ କଲେଜରେ ମୋର ଦ୍ୱିତୀୟ ବର୍ଷର ଆରମ୍ଭ । ଚନ୍ଦ୍ରମୋହନ ବାବୁ ସେତେବେଳେ ମୋତେ ବସାରେ ରଖିବା ନିମନ୍ତେ ମୋର ବିଶେଷ ସୁବିଧା କରିଦେଲେ । ପୁଅକୁ ପଢ଼ାଇବା ନିମନ୍ତେ ଆଉ ଜଣେ ଶିକ୍ଷକ ରଖିଲେ ଓ ପୂଜାଏ ନ ପଳାଇ ଯେପରି ରହିବ ସେପରି ବ୍ୟବସ୍ଥା କଲେ । ମାତ୍ର ମୁଁ ଘିଅ ଖାଇବା ଘଟଣାଟା ନ କହି ରହିବି କିପରି ? ମୁଁ କେତେଥର ସାହସରେ ତାଙ୍କ ପାଖକୁ ଯାଏ, ଅଥଚ ନ କହି ଫେରିଆସେ । ମୁଁ ଯେତେଥର ଫେରେ ମୋତେ ସେତିକି ଅଥୟ ଲାଗେ । ଦିନେ ଗୋଟିଏ ସୁଯୋଗ ମିଳିଲା । ମୁଁ ବସାଖର୍ଚ୍ଚ ହିସାବ ରଖୁଥିଲି । ଚନ୍ଦ୍ରମୋହନ ବାବୁ ବେତନ ପାଇବା ଦିନ ମାସକ ଖର୍ଚ୍ଚ ବାବଦକୁ ଷାଠିଏ ଟଙ୍କା ମୋ ହାତରେ ଧରେଇ ଦିଅନ୍ତି । ମୁଁ ତାଙ୍କୁ ସେହି ଟଙ୍କା ଯାଇ ମାଗିଲି । ସେ ଅବାକ୍ ହୋଇଗଲେ, କହିଲେ, "ଗୋଦାବରୀଶ, ତୁମକୁ ମୁଁ ଯାହା ମଣିଥିଲି, ତୁମେ ତାହା ନୁହେଁ ଦେଖୁଛି ।" ମୁଁ ବୁଝିଲି ଯେ ମୁଁ ପ୍ରକୃତରେ ତାହା ନୁହେଁ । ଚୋରର ମନ ଗଣ୍ଠିରେ । ମୋ ମନଟା ହଠାତ୍ ସେହି ଘିଅଖିଆ ଘଟଣାକୁ ଚାଲିଗଲା । ମୁଁ ଭେଁ-ଭେଁ କାନ୍ଦି ପକାଇଲି । ତାଙ୍କ ମନକୁ ଗଲା ଯେ, ସେ ଟଙ୍କା ମୋତେ ଦେଇନାହାନ୍ତି । ସେ ନିଜ କୁରୁତା ମୁଣିରୁ ଟଙ୍କା ଖୋଜି ବାହାର କରି ଆଣିଲେ । ମୁଁ ମୋ ପେଟରେ ଘାଣ୍ଟି ହେଉଥିବା କଥାଟା କହି ପକାଇଲି । ଶୁଣି ସାରି ସେ ଆଶ୍ୱାସନା ଦେଲେ, "ଦୋଷକୁ ଦୋଷ କଟିଗଲା । ଆଉ ମନ ବ୍ୟସ୍ତ କରନାହିଁ । ରହି ପଢ଼ାପଢ଼ିରେ ଲାଗ ।" ପୃଷ୍ଠା –୮୦

Digitized by srujanika@gmail.com

## କ'ଣ କେତେବେଳେ ଘଟେ—

କଟକରେ ଚନ୍ଦ୍ରମୋହନ ବାବୁଙ୍କ ବସାରେ ମୋର କୃତ୍ୟ ବେଶ୍ ଚାଲିଯାଏ । ମୁଁ ଦଶଟଙ୍କା ବୃତ୍ତିରୁ କଲେଜ ବେତନ ଚାରିଟଙ୍କା ଦେଇ ଟଙ୍କାଟିଏ ନିଜ ହାତଖର୍ଚ୍ଚ ପାଇଁ ରଖି ବାକି ପାଞ୍ଚଟଙ୍କା ମନିଅର୍ଡର କରି ଗ୍ରାମକୁ ପଠାଏ । ପୃଷ୍ଠା—୧୨

(କଟକ) ଦିନେ ମୁଁ ଛାତ୍ରାବାସରେ ପିଲାଙ୍କ ମେଳରେ ବସି ଚନ୍ଦ୍ରମୋହନ ବାବୁଙ୍କ କଥାବାର୍ତ୍ତା, ଭଙ୍ଗି ଓ ମୁଦ୍ରା ଅଭିନୟ କରୁଛି । ଦ୍ୱାର ପାଖରେ ସ୍ୱୟଂ ଚନ୍ଦ୍ରମୋହନ ବାବୁ ଆସି ଠିଆ ହୋଇଗଲେ । ମୋ ଛାତିରେ ଗୋଟାଏ ପଥର ପଡ଼ିଗଲା । ଅନ୍ୟାନ୍ୟ ଛାତ୍ର ଯେ ଯାହା ବାଟରେ ଖସି ପଳାଇଲେ । ଚନ୍ଦ୍ରମୋହନ ବାବୁ ସର୍ବଦା ସାଧୁ ଭାଷାରେ କଥା କହନ୍ତି । କହିଲେ "ଅପ୍ରତିଭ ହୁଅ ନାହିଁ । ବେଶ୍ ଅନୁକରଣ କରି ତ ପାରୁଛ । ଏଠାରେ ଆସି ରହିଲ ? ଚାଲ, ପୂର୍ବ ସ୍ଥାନକୁ ଯିବ ।" ତାଙ୍କ ଚାକର ମୋ ଜିନିଷ ପତ୍ର ଧରିଲା, ମୁଁ ଦ୍ୱିରୁକ୍ତି ନ କରି ତାଙ୍କ ପଛେ ପଛେ ଗଲି ।

ପୃଷ୍ଠା—୧୭

Digitized by srujanika@gmail.com

# ମୋର ବାରବୁଲା ଜୀବନ

ଲକ୍ଷ୍ମୀନାରାୟଣ ସାହୁ

**ମୋର ସ୍କୁଲ ଶିକ୍ଷକ (ବାଲେଶ୍ୱର ଜିଲ୍ଲା ସ୍କୁଲରେ ପଢିଲା ବେଳେ)—**

ଉପେନ୍ଦ୍ର ନାଥ ଦତ୍ତଗୁପ୍ତଙ୍କ ନିକଟରେ ମୁଁ ପଢିଛି । ସେ ଚଉଆଖିଆ ଅର୍ଥାତ୍ ଇଂରାଜୀ, ଅଙ୍କ, ସାହିତ୍ୟ ସବୁଥିରେ ଧୁରନ୍ଧର । ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣା ଏହିପରି ଚଉଆଖିଆ ଥିଲେ ଏବଂ ତାଙ୍କର ଜ୍ଞାନ ବଡ଼ ଗମ୍ଭୀର ଥିଲା ।

ପୃଷ୍ଠା – ୩୮

**ମୁଁ କଣ ଏକା ରାଗୀ ?**

କ୍ରୋଧ ମନୁଷ୍ୟର ଭୟଙ୍କର ଶତ୍ରୁ । ମୋର କ୍ରୋଧ ମତେ ଅଧେ ଖାଇ ଦେଇଛି । କିନ୍ତୁ କ୍ରୋଧ ହେବାକୁ କାହାକୁ ଭଲ ଲାଗେ ? ମୋତେ ଲାଗେନା, ତୁମକୁ ଲାଗେ ? ତଥାପି ରାଗିବାକୁ ହୁଏ, ରାଗିବାକୁ ପଡ଼େ । ବିଶ୍ୱାମିତ୍ରଙ୍କର କ୍ରୋଧ ଥିଲା, ଦୁର୍ବାସାର କ୍ରୋଧ ଥିଲା— ସେତ ପୌରାଣିକ । ମଧୁବାବୁଙ୍କ କ୍ରୋଧ ଦେଖିଅଛି । ଚନ୍ଦ୍ରମୋହନ ମହାରଣାଙ୍କର କ୍ରୋଧ ସ୍ୱଚକ୍ଷୁରେ ଦେଖିଅଛି ।

ଥରେ ଚନ୍ଦ୍ରମୋହନ ବାବୁଙ୍କର କ୍ରୋଧ ଦେଖିଅଛି । ଥରେ କାହିଁକି, ଅନେକ ଥର । ଥରକର କଥା କହିବି ? ମୁଁ ସେତେବେଳେ କଟକରେ ଚନ୍ଦ୍ରମୋହନ ବାବୁଙ୍କ ପାଖରେ ଟ୍ରେନିଂ ସ୍କୁଲ ଘରେ ଥାଏଁ । **Intermediate Science** ପଢୁଥାଏ । ଚନ୍ଦ୍ରମୋହନ ବାବୁ ପ୍ରତି ରବିବାର ଦୁଇ ତିନି ଜଣଙ୍କୁ ନିମନ୍ତ୍ରଣ କରି ଖୁଆନ୍ତି । ଏହା ତାଙ୍କର ଧର୍ମ ବାଧି ଥିଲା । ଗୋଟିଏ ରବିବାରରେ ମୃତ୍ୟୁଞ୍ଜୟ ବାବୁ ନିମନ୍ତ୍ରିତ । ସେ, ମୁଁ, ଚନ୍ଦ୍ରମୋହନ ବାବୁ, ଆଉ ଜଣେ ବୋଧହୁଏ ବାଲେଶ୍ୱରର ବୈଦ୍ୟନାଥ ପଣ୍ଡା ଏକାଠି ଖାଇବା ପାଇଁ ବସିଛୁଁ । ପୂଝାରୀ ପ୍ରଥମେ ଭାତ ଆଣି ଚନ୍ଦ୍ରମୋହନ ବାବୁଙ୍କୁ ଦେବାକୁ ବସିଲା । ଏତକରେ ଖାଁ ଖାଁ କରି ବିରକ୍ତ ହୋଇ ଉଠିଲେ । ପୂଝାରୀଟି ନୂଆ, ବୁଢା ; ଚନ୍ଦ୍ରମୋହନ ବାବୁଙ୍କର ଢଙ୍ଗ-ଢାଙ୍ଗ ଜାଣିନାହିଁ— ସୁତରାଂ ସେ ଭକୁଆ ହୋଇ ପଡ଼ିଲା । ଚନ୍ଦ୍ରମୋହନ ବାବୁ "ଔଃ ! ଉଲ୍ଲୁ କାହିଁକାର" କହି ଭାତ ମୃତ୍ୟୁଞ୍ଜୟ ବାବୁଙ୍କ ଆଗରେ ଦେବାପାଇଁ କହିଲେ । ପୂଝାରୀ ବିଚରା ଭୟରେ ଭାତ ବାଢିଦେଇ ଚାଲିଗଲା । ତରକାରୀ ଦେଲା

Digitized by srujanika@gmail.com

ବେଲକୁ ପୁଣି ଚନ୍ଦ୍ରମୋହନ ବାବୁଙ୍କ ପାଖରେ ଆଗେ ଦେଲ । ଚନ୍ଦ୍ରମୋହନ ବାବୁ ତ ନିଆଁ । ପୁଝାରୀ ବିଚାରୀ ଥରଥର ହୋଇ ବ୍ୟଳଗଲ ବେଲକୁ କହିଲ, ବାବୁ ଏଥର ହେଲେ ମୁଁ ଚଳିପାରିବ ନାହିଁ । ଚନ୍ଦ୍ରମୋହନ ବାବୁ ଏହା ଶୁଣିଲା କ୍ଷଣି କହି ଉଠିଲେ, ଯାଃ, ମୁହଁ ସିଲଇ କର । ଭାଗ୍ୟକୁ ଆଉ ଗୋଟିଏ ପୁଝାରୀ ମଧ୍ୟ ଥିଲ । ସେ ପୁଝାରୀଟି ଆସି ଉଆନିଆ କଲ । ନୋହିଲେ କି କାଣ୍ଡଟିଏ ଘଟିଥାନ୍ତା ! ଏପରି ଧୃଏ ନାହିଁ କି ? ପୃଷ୍ଠା – ୧୩୬

# ସେ ମଧୁର ସ୍ମୃତି

ଯଜ୍ଞଭୂଷଣ ପଣ୍ଡିତ ଶ୍ରୀ ଜଗନ୍ନାଥ ରଥ
କାବ୍ୟତୀର୍ଥ, ବିଦ୍ୟାଭୂଷଣ (ପୂର୍ବତନ ଗୁରୁ)

"ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ।"
"ଶତାୟୁର୍ବୈ ପୁରୁଷଃ" ଏହା ବେଦ ବାଣୀ ।

ଏହା କେବଳ ବ୍ୟକ୍ତି ପକ୍ଷରେ ପ୍ରଯୁଜ୍ୟ ନୁହେଁ । ଅନୁଷ୍ଠାନ ପକ୍ଷରେ ମଧ୍ୟ, ବ୍ୟକ୍ତି ହେଉ ବା ଅନୁଷ୍ଠାନ ହେଉ ଯିଏ ସ୍ୱାର୍ଥ ପ୍ରତି ଦୃକ୍‌ପାତ ନ କରି, ନିଷ୍ଠାପର ଭାବରେ ବ୍ୟକ୍ତିର କିମ୍ବା ସମାଜର ଅଥବା ଦେଶର ଶ୍ରେୟଃ ସାଧନରେ ସର୍ବଦା ତତ୍ପର, ସେହି କେବଳ ଶତାୟୁ ବା ଚିରାୟୁ ହୋଇଥାଏ । ଆଜି କଟକ ସେକେଣ୍ଡାରୀ ଟ୍ରେନିଂ ସ୍କୁଲର ଶତ ବାର୍ଷିକୋତ୍ସବ । ଏହା ଯେ ଆନୁଷ୍ଠାନିକ, କ୍ରମବର୍ଦ୍ଧନଶୀଳ ନିଷ୍ଠାର ଫଳ, ଏହା କହିବା ବାହୁଲ୍ୟ ମାତ୍ର । ଏହା ଯେଉଁ ମହାପୁରୁଷଙ୍କ କଳ୍ପନାପ୍ରସୂତ, ସେ ଯେ ତ୍ରିକାଳଜ୍ଞ, ଏଥିରେ ସନ୍ଦେହ ନାହିଁ । ପୁଣି ଏହା ଯେଉଁ ଶୁଭ ମୁହୂର୍ତ୍ତରେ ଏବଂ ଯେଉଁ ପୁଣ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ସେ ମୁହୂର୍ତ୍ତ ଦୁର୍ଲ୍ଲଭ ଏବଂ ସେ କ୍ଷେତ୍ର ଏକ ପ୍ରକାର 'ତୀର୍ଥସ୍ଥାନ' ।

ଏହି ବିଦ୍ୟାପୀଠ ପ୍ରଥମରୁ ବହୁ ବର୍ଷ ପର୍ଯ୍ୟନ୍ତ ନର୍ମାଲ ସ୍କୁଲ ନାମରେ ପରିଚିତ ଥିଲା । ବର୍ତ୍ତମାନ ତାହା 'ସେକେଣ୍ଡାରୀ ଟ୍ରେନିଂ ସ୍କୁଲ' ନାମରେ ଅଭିହିତ ହେଉ-ଅଛି । ଏହା କେବଳ ଲୋକଶିକ୍ଷା ଏବଂ ଲୋକରକ୍ଷା ଉଦ୍ଦେଶ୍ୟରେ ପ୍ରତିଷ୍ଠିତ । ବାସ୍ତବିକ ଶିକ୍ଷା ହିଁ ସମାଜ ବା ଦେଶର ଜୀବନ ନାଡ଼ି ସ୍ୱରୂପ । ତାହାର ଅଭାବ ହେଲେ ଦେଶରେ ବା ସମାଜରେ ସୁଖ, ଶାନ୍ତି, ସୌଜନ୍ୟ ରହିବା ଅସମ୍ଭବ । ଅଧିକନ୍ତୁ ଦେଶ ଗ୍ରାରଖାର ହୋଇଯିବା ସୁନିଶ୍ଚିତ । ପୂର୍ବେ ଶିକ୍ଷକ ଗଢିବା ନିମନ୍ତେ କଟକରେ ଏହାହିଁ ଏକମାତ୍ର ବିଦ୍ୟାପୀଠ ଥିଲା, ବର୍ତ୍ତମାନ ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ ଏହିପରି କେତେଗୋଟି ବିଦ୍ୟାଳୟ ସ୍ଥାପିତ ହୋଇ ସାରିଛି ଲୋକମାନଙ୍କର ଶିକ୍ଷା ପ୍ରତି ଆଗ୍ରହର ବୃଦ୍ଧି ଯୋଗୁଁ ।

ସେ ଯାହାହେଉ, କଟକର ଟ୍ରେନିଂ ସ୍କୁଲ ଯେ ଏସମସ୍ତଙ୍କ ଆଦର୍ଶ ଏହା କହିବା ବାହୁଲ୍ୟ ମାତ୍ର । ସମସ୍ତେ ଜାଣିଛନ୍ତି ସ୍ୱର୍ଗତ ଭକ୍ତକବି ଶ୍ରୀ ମଧୁସୂଦନ ରାଓ ଏବଂ

Digitized by srujanika@gmail.com

ସ୍ୱର୍ଗତ ସାହିତ୍ୟରଥୀ ଶ୍ରୀ ଚନ୍ଦ୍ରମୋହନ ମହାରଣା ଏହି ମହା ପୁରୁଷଦ୍ୱୟଙ୍କ ଦେହାନ୍ତ ଯାବତ୍ ଉକ୍ତ ବିଦ୍ୟାପୀଠର ତୀର୍ଥଗୁରୁ ଥିଲେ। ବର୍ତ୍ତମାନ ସେପରି କ୍ଷଣଜନ୍ମା ପୁରୁଷଙ୍କର ଶିକ୍ଷାକ୍ଷେତ୍ରରେ ଏକାନ୍ତାଭାବ କହିଲେ ଚଳେ।

ଏ ଦୀନ ଲେଖକ ଭଗବତ୍ କୃପାରୁ ହେଉ ବା ପୂର୍ବଜନ୍ମର ସୁକୃତ ଫଳରୁ ହେଉ ପିତୃକଳ୍ପ ସରସ୍ୱତୀ ପୁତ୍ର ଶ୍ରୀ ଚନ୍ଦ୍ରମୋହନ ମହାରଣାଙ୍କ ପଦପ୍ରାନ୍ତରେ ଗତ ୧୯୦୮ ମସିହାରୁ ୧୯୧୦ ମସିହା ପର୍ଯ୍ୟନ୍ତ ଛାତ୍ର ଜୀବନ ଲଭିକରି ଜୀବନରେ କୃତାର୍ଥ ହୋଇ ପାରିଅଛି। ଅଜୀବନ ପୂଜ୍ୟ ସେହି ଗୁରୁପାଦଙ୍କଠାରୁ ମୁଁ ଯେଉଁ ଋଣ ଗ୍ରହଣ କରିଅଛି ତାହା ଯେ ଜନ୍ମ ଜନ୍ମାନ୍ତର ଅପରିଶୋଧ୍ୟ ଏଥିରେ ସନ୍ଦେହ ନାହିଁ। 'ଛାତ୍ରବର୍ଗଙ୍କୁ ମନୁଷ୍ୟ ରୂପେ ଗଢ଼ିବାରେ ତାହାଙ୍କର ଚାଲିଚଳଣି, ଦୃଷ୍ଟିଭଙ୍ଗୀ, ରକ୍ଷଣାବେକ୍ଷଣ, ତତ୍ପରତା, ଉପଦେଶାବଳୀ ଏବଂ ବିଦ୍ୟାଦାନ ଶୈଳୀ ବର୍ଣ୍ଣନା କରିବା ମୋ ପକ୍ଷରେ ଏକାନ୍ତ ଅସମ୍ଭବ। ସ୍ଥୂଳତଃ ମୁଁ ଏତିକି କହିପାରେ ଯେ ଶୈଶବାବଧି ମୁଁ ଯେତେ ଗୁରୁଙ୍କର ଆଶ୍ରୟ ନେଇଅଛି ଏବଂ ଯେତେ ସହକର୍ମୀ ଶିକ୍ଷକଙ୍କ ସହିତ ଶିକ୍ଷକତା କରି ଆସିଅଛି ଅନ୍ୟ କାହାରିଠାରେ ସେ ମହନୀୟତା ଉପଲବ୍ଧି କରିବାକୁ ପାଇନାହିଁ। ମୋର ବିଶ୍ୱାସ ଧ୍ରୁବ ମର୍ତ୍ତ୍ୟରେ ଶିକ୍ଷାର ବିସ୍ତାର ପାଇଁ ଏବଂ ଆଦର୍ଶ ଶିକ୍ଷକତା ପ୍ରଦର୍ଶନ ନିମନ୍ତେ ସ୍ୱୟଂ ସରସ୍ୱତୀ ପୁତ୍ର "ଚନ୍ଦ୍ରମୋହନ" ରୂପରେ ମର୍ତ୍ତ୍ୟରେ ଅବତରଣ କରିଥିଲେ।

ସେ ପୂଜ୍ୟପାଦଙ୍କର ସମଗ୍ର ଜୀବନୀ ଲେଖିବା ଦୂରେ ଥାଉ ଜୀବନର ପ୍ରତ୍ୟେକ ଅଧ୍ୟାୟରେ ଖଣ୍ଡିଏ ଖଣ୍ଡିଏ ବିରାଟ ପୁସ୍ତକ ହୋଇପାରିବ। ତାହା ଏ ସ୍ଥଳରେ ଏବଂ ମୋ ପକ୍ଷରେ ଅସମ୍ଭବ। ସୁତରାଂ ସୂଚନା ମାତ୍ର ଦେବା ସମୀଚୀନ ହେବ।

କହିଛି ଏବଂ କହୁଛି ସେ ଥିଲେ ଛାତ୍ରମାନଙ୍କର ପିତୃକଳ୍ପ। ତାଙ୍କର ଆନ୍ତରିକ କାମନା ଥିବା ପରି ମନେହୁଏ "ପୁତ୍ରାଦିଚ୍ଛେତ୍ ପରାଜୟମ୍"। ଅର୍ଥାତ୍ ସେ ପ୍ରତ୍ୟେକ ଛାତ୍ରଙ୍କୁ ନିଜଠାରୁ ଅଧିକ ଯୋଗ୍ୟତମ କରି ଦେଖିବାକୁ ସତତ ଚେଷ୍ଟିତ ଥିଲେ। ସେ ଥିଲେ ଶାସନ ଓ ଶିକ୍ଷାକ୍ଷେତ୍ରରେ ନାରିକେଳ ତୁଲ୍ୟ। ଅର୍ଥାତ୍ ଯେପରି ନାରିକେଳର ବହିରାବରଣ ଅତି କଠୋର ଏବଂ ଅନ୍ତର ରସମୟ ଖାଦ୍ୟପୂର୍ଣ୍ଣ ସେହିପରି ତାହାଙ୍କର କଥା ଏବଂ ଦୃଷ୍ଟି କର୍କଶ ଥିଲା। ସୁତରାଂ ଛାତ୍ରମାନେ ଅନ୍ୟାୟ ଏବଂ ଅତ୍ୟାଚାରରୁ ଦୂରରେ ରହୁଥିଲେ। ତେଣୁ ଗୁରୁଦେବଙ୍କୁ କୌଣସି ଦଣ୍ଡ ଦେବାକୁ ପଡୁ ନଥିଲା। ଯଦି କେହିବା କେହି ଦୋଷ କରୁଥିଲା ସେ ତାକୁ ଆର୍ଥିକ ବା ଶାରୀରିକ ଦଣ୍ଡ ନଦେଇ ଅନୁତାପ ସହିତେ ତାହାର ପ୍ରାୟଶ୍ଚିତ୍ତ ବିଧାନ କରାଉଥିଲେ। ସେ ବୋର୍ଡିଂର ସୁପରିଣ୍ଟେଣ୍ଡେଣ୍ଟ ହେଲେହେଁ ଦିନକ ପାଇଁ ସୁଦ୍ଧା ସୁପରଭିଜନ କରିବାକୁ ବୋର୍ଡିଂକୁ ଯାଇନାହାନ୍ତି, କିନ୍ତୁ ଶ୍ରେଣୀକକ୍ଷରେ ଛାତ୍ରମାନଙ୍କର ଦୋଷମାନ ବୁଝି କୌଶଳକ୍ରମେ ତହିଁର ସଂଶୋଧନ କରୁଥିଲେ। ଏପରିକି ଛାତ୍ରମାନଙ୍କର ପରୋକ୍ଷରେ ସେମାନଙ୍କର ଚାଲି ଏବଂ ବୋଲି

ଆଁମୁଁଛି କରି, କେହି କେଉଁଅଡ଼େ ଗଲେ ବା କିଛି କହିଲେ ନିଜ ଘରେ ରହି ସେଥିରୁ କିଏ ଗଲା କିଏ କହିଲା ଜାଣିପାରି ସମୁଚିତ ବ୍ୟବସ୍ଥା କରୁଥିଲେ । ଯାହା ଦେଖି ଅନୁଭବ କରି ଛାତ୍ରମାନେ ବିଶ୍ୱାସ କରୁଥିଲେ ସେ ମନୁଷ୍ୟ ନୁହନ୍ତି, ସାକ୍ଷାତ୍ ଦେବତା, ସୁତରାଂ ସମସ୍ତେ ସର୍ବଦା ସାବଧାନ ରହୁଥିଲେ ।

କହନ୍ତି, ନାରିକେଳ ତୁଲ୍ୟ ତାଙ୍କର ଅନ୍ତର ରସମୟ । କ୍ଲାସରେ ଶିକ୍ଷାଦାନ ବେଳାରେ ଏହା ଅତି ସୁସ୍ପଷ୍ଟ । ପ୍ରଥମରୁ କ୍ଲାସର ସଜ୍ଜା ଅତି ଅନୁକରଣୀୟ । ମେଧାନୁସାରେ ଛାତ୍ରମାନେ ସଜ୍ଜିତ ହୋଇ ବସିଥାଆନ୍ତି । ପ୍ରତ୍ୟେକ ପ୍ରଶ୍ନର ଉତ୍ତର, ଅଳ୍ପ ମେଧାବୀ ଛାତ୍ରଙ୍କଠାରୁ ଆଦାୟ କରିବାକୁ ଚେଷ୍ଟା କରାଯାଇଥାଏ । ଯାହାଠାରୁ ସମୀଚୀନ ଉତ୍ତର ନମିଳେ ସେ ସେହିପରି ଠିଆହୋଇ ରହିଥାଏ, କିନ୍ତୁ ମେଧାବୀ ଛାତ୍ର ଉତ୍ତର ଦେଇ ନପାରି ମଧ୍ୟ ବସିବାରେ ଆପତ୍ତି ନଥାଏ । ଏହା ଦେଖିଲେ ଦଣ୍ଡରେ ପାର୍ଥାନ୍ତର ଅଛିବୋଲି ମନେହୁଏ, କିନ୍ତୁ ତାହା ନୁହେଁ, କାରଣ ସାମାନ୍ୟ ଦଣ୍ଡରେ ଅତି ମେଧାବୀ ଛାତ୍ରର ଯେଉଁ ଯାତନା ହୁଏ, ଅଳ୍ପ ମେଧାବୀର କଠୋର ବେତ୍ରାଘାତରେ ମଧ୍ୟ ତାହା ହୁଏ ନାହିଁ । ପଦେ କଥାରେ ମେଧାବୀ ଛାତ୍ରର ଯେଉଁ ଚେତନା ହୁଏ ପାଞ୍ଚବେତ ପ୍ରହାରରେ ସୁଦ୍ଧା ନଷ୍ଟ ଛାତ୍ରର ତାହା ହୋଇ ନଥାଏ ।

ଶିକ୍ଷାଦାନ ଅତି ଅସାଧାରଣ । କୌଣସି ପ୍ରକାରରେ ପାଠ୍ୟପୁସ୍ତକ ଶେଷକରି ଦେଇ ଲଫାଫା ଦୋରସ୍ତ କରିବା ନୀତି ତାହାଙ୍କର ସ୍ୱଭାବ ବିରୁଦ୍ଧ । ପଦ୍ୟ ହେଉ ବା ଗଦ୍ୟ ହେଉ ପଢ଼ା ହେବାବେଳେ ତହିଁର କୌଣସି ବାକ୍ୟ ବା ପଦର ସମ୍ୟକ୍ ଚର୍ଚ୍ଚା କରାଯାଇଥାଏ । ସେଥିରେ ଥିବା ବ୍ୟାକରଣଗତ ରହସ୍ୟ, ଭାଷାଗତ ଦୋଷ ଦୌର୍ବଲ୍ୟ, ବିଭିନ୍ନ ଭାଷାରେ ତହିଁର ସ୍ୱରୂପ ଏବଂ ପ୍ରୟୋଗର ଚର୍ଚ୍ଚା ହୋଇଥାଏ । ଅଧିକନ୍ତୁ ସେହି ଚର୍ଚ୍ଚା ପ୍ରତ୍ୟେକ ଛାତ୍ରଙ୍କଦ୍ୱାରା ସମାନ୍ୱେ କରାଇବାରେ ତାହା ଭୁଲିହୁଏ ନାହିଁ । ବିଶେଷ କଥା ଏହି ଯେ ଛାତ୍ରମାନଙ୍କର ଅନୁସନ୍ଧିତ୍ସା ବଢ଼ାଇବା ନିମନ୍ତେ ପ୍ରତ୍ୟହ କୌଣସି ଶବ୍ଦର ମୌଳିକତା ବା କୌଣସି ବିଷୟର ତଥ୍ୟ ପୌରାଣିକତା କିମ୍ବା ଐତିହାସିକତା ବୁଝିବା ନିମନ୍ତେ ଛାତ୍ରମାନଙ୍କ ଉପରେ ଭାର ଦିଆଯାଇଥାଏ । ଗୁରୁଦେବ ଅତି ସବୁକଥା ଭୁଲିଯାଇ ପାରନ୍ତି, ଛାତ୍ରମାନଙ୍କୁ ଯାହା କହିବାର ଏବଂ ବୁଝାଇବାର ତାହା ଭୁଲନ୍ତି ନାହିଁ । ସୁତରାଂ ଅନୁସନ୍ଧାନ ନିମନ୍ତେ ଦିଆଯାଇଥିବା ବିଷୟ ତତ୍ପରଦିନ ଆଦାୟ କରିଥାଆନ୍ତି । ସୁତରାଂ ଛାତ୍ରମାନେ ନିଜର ଦାୟିତ୍ୱ ତୁଲାଇବା ନିମନ୍ତେ ଅଭିଧାନ, ପୁରାଣ, ଇତିହାସ ପ୍ରଭୃତିର ସାହାଯ୍ୟ ନେବାକୁ ବାଧ୍ୟ ହୋଇଥାଆନ୍ତି । ଏତଦ୍ଦ୍ୱାରା ସେମାନଙ୍କର ତଥ୍ୟ ନିରୂପଣ କରିବା ସଙ୍ଗେ ସଙ୍ଗେ ଆନୁଷଙ୍ଗିକ କେତେକ ବିଷୟ ଜାଣିବାର ସୁବିଧା ହୋଇଥାଏ । ସେଥିରେ ଉଦ୍ଦେଶ୍ୟ ସାଧିତ ହୋଇ ନପାରିଲେ ତତ୍ପରଦିନ ଗୁରୁଦେବ ଅସାଧାରଣ ରୀତିରେ ସ୍ୱୟଂ

Digitized by srujanika@gmail.com

ସମାଧାନ କରିଥାଆନ୍ତି । ନିମ୍ନଲିଖିତ ଗୋଟିଏ ଉଦାହରଣରୁ ତାହାର ମାତ ସୁସ୍ପଷ୍ଟ ହେବ ।

ଏକଦା କ୍ଲାସରେ ଆନୁଷଙ୍ଗିକ ଭାବରେ ପ୍ରଶ୍ନ ହେଲା 'ପହ୍ଲା' କାହାରୁ ଅପଭ୍ରଷ୍ଟ ? ଏ ପ୍ରଶ୍ନବେଳେ ଅଭିନୟରୁ ଜଣା ଯାଉଥିଲା ଗୁରୁଦେବ ଏହା ଜାଣିନାହାନ୍ତି । ଜାଣିବାକୁ ଚାହୁଁଛନ୍ତି । ଛାତ୍ରମାନେ ତତ୍ପରଦିନ ଏହାର ଉତ୍ତର ଦେବାକୁ ବାଧ୍ୟ । ସୁତରାଂ ପ୍ରତ୍ୟେକେ ଅଭିଧାନର ଏବଂ ବନ୍ଧୁ ବାନ୍ଧବଙ୍କର ଆଶ୍ରୟ ନେଇଛନ୍ତି, କିନ୍ତୁ ଫଳ ପାଇପାରି ନାହାନ୍ତି । ତତ୍ପରଦିନ କ୍ଲାସରେ ପ୍ରଶ୍ନ ହେଲା – କାଲି କ'ଣ ବୁଝିବାକୁ କୁହାଯାଇଥିଲା ? ଛାତ୍ରମାନେ ଉତ୍ତର ଦେଲେ—କିଛି ଠିକ କରି ପାରିଲୁ ନାହିଁ । ଏହି ଉତ୍ତରରେ ଗୁରୁଦେବ ବ୍ୟସ୍ତ ହୋଇ କହିଲେ – କିଛି ଠିକ ହୋଇ ପାରିଲା ନାହିଁ ? ଏହା କହି ପଢାଇବାକୁ ଲାଗିଲେ । ପଢିବାର କିଛି ସମୟ ପରେ ଅବାନ୍ତର ଭାବରେ ପୁଣି ପ୍ରଶ୍ନ ହେଲା 'ପ୍ରସ୍ତର' ଏହାର ବ୍ୟୁତ୍ପତ୍ତି କିପରି ?

ଏହି ପଦଟି ଅପ୍ରଚୁର । ସୁତରାଂ ଛାତ୍ରମାନଙ୍କର ଅସାଧ୍ୟ ହେଲା । ତେଣୁ ବୁଝିସୁଝି ପରଦିନ କହିବାକୁ ବରାଦ ହେଲା ।

ଏ ଶବ୍ଦ ଅଭିଧାନରେ ସୁପ୍ରାପ୍ୟ । ତେଣୁ ଛାତ୍ରମାନେ ତାହାର ବ୍ୟୁତ୍ପତ୍ତି ଅଭିଧାନରୁ ପାଇ 'ପହ୍ଲା' ଶବ୍ଦ ତାହାରୁ ଅପଭ୍ରଷ୍ଟ ସ୍ଥିରକରି ଗୁରୁଦେବଙ୍କୁ ଜଣାଇବାକୁ ପ୍ରସ୍ତୁତ ହେଲେ । କ୍ଲାସରେ 'ପହ୍ଲା' କଥା ପଚରା ନଯାଇ ପଚରା ହେଲା, କାଲି କ'ଣ ବୁଝିବାକୁ କହିଥିଲି ? ସଙ୍ଗେ ସଙ୍ଗେ ଉତ୍ତର ହେଲା 'ପ୍ରସ୍ତର' ଶବ୍ଦର ବ୍ୟୁତ୍ପତ୍ତି ନିମନ୍ତେ । ଶିକ୍ଷକ ଏହା ଶୁଣି ଅତି ଜିଜ୍ଞାସୁ ଭାବରେ କ'ଣ ବୁଝିଲ ବୋଲି କହିବାକୁ ଛାତ୍ରମାନେ ବାଚ୍ୟ ସହିତ ତାହାର ବ୍ୟୁତ୍ପତ୍ତି କହି 'ପହ୍ଲା' ଶବ୍ଦ ଏଥିରୁହିଁ ଅପଭ୍ରଷ୍ଟ ବୋଲି ଜଣାଇଥିଲେ । ସେଥିରେ ଗୁରୁଦେବ ସତେ ଯେପରି ନିଜେ ନ ଜାଣିଥିବା ବିଷୟ ଜାଣି ପାରିବାର ଅଭିନୟ କରି ଅପୂର୍ବ ଆନନ୍ଦ ପ୍ରକାଶ କରିବା ସଙ୍ଗେ ସଙ୍ଗେ ମୂଳ ଶବ୍ଦର ବ୍ୟୁତ୍ପତ୍ତି ଏବଂ ତାହାରୁ ଅପଭ୍ରଷ୍ଟ ଶବ୍ଦର ଉତ୍ପତ୍ତି ବାରମ୍ବାର ଆବୃତ୍ତି କରାଇ ଥିଲେ ।

ଏହିପରି ଭାବରେ ପ୍ରତ୍ୟହ ପ୍ରତ୍ୟେକ ବିଷୟ ପଢା ହେବାରେ ଛାତ୍ରମାନଙ୍କୁ ଆଉ ଅଧିକ ପଢିବାକୁ ହୁଏ ନାହିଁ । ପଠିତ ବିଷୟ ଜୀବନାବଧି ମନରେ ଦୃଢୀଭୂତ ହୋଇ ରହିଯାଏ । ପୂଜ୍ୟପାଦ ଗୁରୁଦେବ ପଢାଇବା ବେଳେ ତାଙ୍କର କୌଣସି ବିଷୟରେ ସନ୍ଦେହ ହେଲେ କୌଣସି ପ୍ରକାରେ ଛାତ୍ରମାନଙ୍କୁ ବୁଝାଇ ଶୁଝାଇ କାର୍ଯ୍ୟ ହାସଲ କରିବା ତାଙ୍କର ସ୍ୱଭାବ ନୁହେଁ । ସୁତରାଂ ସେ କୌଣସି ପ୍ରକାରେ ସେ ବିଷୟ ବୁଝି ବୁଝାଇ ଦେଇଥାଆନ୍ତି । ବିଦ୍ୟା ଭିତରେ ସାନବଡ଼, ଉଲଟପାଲଟ ବିଚାର ନକରି ଯାହାଦ୍ୱାରା ସନ୍ଦେହର ଉନ୍ମୋଚନ ହୋଇ ପାରିବ ତାହାର ବ୍ୟବସ୍ଥା କରିଥାଆନ୍ତି ।

Digitized by srujanika@gmail.com

'ଚଳନ୍ତା' କାବ୍ୟ ତାହାଙ୍କର ଅତି ଆଦରଣୀୟ । ତାହା ପଢାଇବା ବେଳେ ସେ ସେଥିରେ ଅନ୍ତର୍ଭୂକ୍ତ ହୋଇ ଯାଆନ୍ତି ଏବଂ ବାହ୍ୟର ଜ୍ଞାନ କିଛି ରହେ ନାହିଁ । ଦିନେ ଦିନେ ତାଙ୍କ ପିରିଅଡ୍ ପରେ ଅନ୍ୟର ପିରିଅଡ ଅତୀତ ହୋଇ ଯାଇଅଛି । ତାହା ସେ ଜାଣିପାରି ନାହାନ୍ତି । ଦିନେ ସେହି 'ଚଳନ୍ତା' କାବ୍ୟର ପଶ୍ଚିମାକାଶର ବର୍ଣ୍ଣନା ପଢୁ ପଢୁ ସେଥିରେ ବର୍ଣ୍ଣିତ—

ପୂର୍ଣ୍ଣପ୍ରାଚେତସୀ ବର୍ଣ୍ଣବିଭବେ
ମିଶେ ଦିବା ଯହିଁ ଭୂତ ମହାର୍ଣ୍ଣବେ ।

**ଶେଷ ପଂକ୍ତି—**

ବର୍ଣ୍ଣିତ 'ଭୂତ' ଶବ୍ଦର ଅର୍ଥ ଦୈବାତ୍ ସେ ପଞ୍ଚ ମହାଭୂତ ବିଚାରି ବୁଝାଇବାରେ ବଡ଼ ସଙ୍କଟରେ ପଡ଼ିଗଲେ । ସୁତରାଂ "ନ ଗୃହସ୍ଥାଶ୍ରମାଂ ବିଦ୍ୟାଂ" ନୀତିରେ ନିଜର ଅଧୀନ ପ୍ରାକ୍ଟିସିଂ ସ୍କୁଲର ହେଡ଼ପଣ୍ଡିତ ଶ୍ରୀ ଅର୍ତ୍ତତ୍ରାଣ ଶତପଥୀଙ୍କୁ ଡ଼କାଇ କ୍ଲାସ ମଧ୍ୟରେ ସ୍ୱତନ୍ତ୍ର ଆସନ ଦେଇ ସେହି ଭୂତ ଶବ୍ଦର ଅର୍ଥ ପଚାରିବାରେ ସେ ସେଠାରେ 'ଭୂତ' ଶବ୍ଦର ଅର୍ଥ 'ଅତୀତ' ବୋଲି କହିବାରେ ଆନନ୍ଦରେ ଗଦ୍‌ଗଦ ହୋଇ କୃତାର୍ଥ ହୋଇଥିଲେ । କେବଳ ମୋର କାହିଁକି ପ୍ରାୟ ସବୁ ଛାତ୍ରଙ୍କର ଏହି ବିଦ୍ୟାନୁରାଗିତା ଯୋଗୁଁ ତାହାଙ୍କ ପ୍ରତି ଭକ୍ତିର ମାତ୍ରା ଅଧିକ ବଢି ଯାଇଥିଲା । ଏହିପରି ଯେତେ କୌତୁକଜନକ ଶିକ୍ଷାପ୍ରଦ ଘଟଣା ପ୍ରତିଦିନ ଘଟୁଥିଲା, ତାହା ଲେଖିଲେ ଖଣ୍ଡିଏ ବିରାଟ ଗ୍ରନ୍ଥ ଲେଖାଯାଇ ପାରିବ । ଦେଖାଯାଏ ଏପରି ଛାତ୍ରସର୍ବସ୍ୱ ଚନ୍ଦ୍ରମୋହନ ମହାରଣାଙ୍କ ଛାତ୍ରବୃନ୍ଦ, ଶିକ୍ଷକ ସମାଜରେ ସର୍ବତ୍ର ଅଦ୍ଭୁତ ଏବଂ ପ୍ରଶଂସିତ । ଦେଶର ସକଳ ବିଦ୍ୟାପୀଠରେ ଏହିପରି ଛାତ୍ରବତ୍ସଳ ଶିକ୍ଷକ ଯେ ଏକାନ୍ତ ଲୋଡ଼ା ଏହା କହିବା ବାହୁଲ୍ୟ ମାତ୍ର ।

ମୁଁ ଟ୍ରେନିଂ ସ୍କୁଲରୁ ଉତ୍ତୀର୍ଣ୍ଣ ହେବା ପରେ ଅତି ସ୍ନେହ ଯୋଗୁଁ ସେଇ ପୂଜ୍ୟପାଦ ଗୁରୁଦେବଙ୍କ ଗୃହରେ ରହିବାର ସୌଭାଗ୍ୟ ଲାଭ କରିଥିଲି । ସେତେବେଳେ ଯାଚିତ ଏବଂ ଅଯାଚିତ ଭାବରେ ଶିକ୍ଷକତା ସମ୍ବନ୍ଧରେ ଅନେକ ନୀତିମୟ ଉପଦେଶ ପାଇ ପାରିଥିଲି । ସେ ସମସ୍ତର ବର୍ଣ୍ଣନା ଏଠାରେ ଦେବା ଅସମ୍ଭବ । ସ୍ଥୂଳତଃ କେତେଗୋଟି ବିଷୟର ଉଲ୍ଲେଖ କରି ବର୍ଣ୍ଣନା ଶେଷ କରିବି । ସେ କହୁଥିଲେ—

(୧) ଶିକ୍ଷକ କର୍ତ୍ତବ୍ୟ ପରାୟଣ ହୋଇ ପ୍ରତ୍ୟହ ଛାତ୍ରମାନଙ୍କର ଉନ୍ନତି ଚିନ୍ତା କରିବେ ।

(୨) ସେମାନଙ୍କର୍ ରୋଗବ୍ୟାଧି, ଅଭାବ ଅସୁବିଧା ବିଷୟରେ ଯଥେଷ୍ଟ ପ୍ରତିକାର କରିବେ ।

Digitized by srujanika@gmail.com

(୩) ଛାତ୍ର କୌଣସି ଦୋଷ କଲେ ତାହାଙ୍କୁ ଶାରୀରିକ ବା ଆର୍ଥିକ ଦଣ୍ଡ ନ ଦେଇ ମାନସିକ ପ୍ରାୟଶ୍ଚିତ୍ତ ବଳରେ ସଂଶୋଧନ କରିବେ ।

(୪) ଶିକ୍ଷକ ନିଜର ଅଲକ୍ଷିତ ଚେଷ୍ଟା ଫଳରେ ଛାତ୍ର ସମାଜରେ ଦେବତା ଭଳି ଭକ୍ତି ପାଇବା ଉଚିତ ।

(୫) ପରୀକ୍ଷା ଖାତା ଦେଖିବାବେଳେ ଶିକ୍ଷକ ନାମ ବା ରୋଲ୍ ନମ୍ବରରେ ଭୁଲ୍ ନ ଯାଇ ଜଜ୍ ଯେପରି ଅସାମୀକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରନ୍ତି, ପରୀକ୍ଷାର୍ଥୀକୁ ଉଦ୍ଧାର କରିବା ପାଇଁ ପରୀକ୍ଷକ-ଶିକ୍ଷକ ସେହିପରି ଚେଷ୍ଟା କରିବେ । ଏହିପରି ନାନା ଉପଦେଶ ପାଇ ମୁଁ କର୍ମକ୍ଷେତ୍ରରେ ବହୁ ସୁଖ୍ୟାତି ଲାଭ କରି ପାରିଅଛି ।

ଜାଣିଛି ଏବଂ ଶୁଣିଛି ଚନ୍ଦ୍ରମୋହନ ମହାରଣାଙ୍କ ଭଳି ମଧୁସୂଦନ ରାଓ ପ୍ରଭୃତି ବହୁ ଚିରପୂଜ୍ୟ ଶିକ୍ଷକ ଏହି ବିଦ୍ୟାପୀଠରେ ଅମର ବୀଜ ବପନ କରି ଯାଇଅଛନ୍ତି । ସେହି କାଳୋତ୍ତୀର୍ଣ୍ଣ ଦିବ୍ୟବୃକ୍ଷର ଆଶ୍ରୟ ନେଇପାରିଲେ ଯେ ଲୋକ ସ୍ୱୟଂ କୃତାର୍ଥ ହୋଇ ଦେଶକୁ କୃତାର୍ଥ କରିପାରିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ପରିଶେଷରେ ଜଗତ୍ ପିତା ଜଗଦୀଶ୍ୱରଙ୍କ ନିକଟରେ ପ୍ରାର୍ଥନା କରେ ଏହି ସେକେଣ୍ଡାରୀ ଟ୍ରେନିଂ ସ୍କୁଲ୍ କେବଳ ଶତାୟୁ ନ ହୋଇ ଚିରାୟୁ ହେଉ ଏବଂ ଅନ୍ୟାନ୍ୟ ବିଦ୍ୟାପୀଠ ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶକୁ କୃତାର୍ଥ କରନ୍ତୁ ।

---

ବି: ଦ୍ର:— ଉକ୍ତ ପ୍ରବନ୍ଧଟି କଟକ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ଶତବାର୍ଷିକୀ ସ୍ମରଣିକାରୁ ନିଆଯାଇଛି ।

Digitized by srujanika@gmail.com

# କୁହୁ କୁହୁ କୁହୁ

## ( ଅଙ୍ଗେ ଯାହା ନିଭାଇଛି )

ଶ୍ରୀଯୁକ୍ତ କାଳନ୍ଦୀ ଚରଣ ପାଣିଗ୍ରାହୀ

ସେହି ସମୟରୁ ଆମ ସ୍କୁଲ ଯେଉଁଠି ଥିଲା, ସେଠାରୁ ଉଠି ଆସିଲାଣି ସଦର ଥାନା ପାଖ ପ୍ରକାଣ୍ଡ ନୂଆ ଘରକୁ । ହେଡ଼ମାଷ୍ଟର ଦାଶରଥି ବାବୁଙ୍କ ପରେ ଆସି-ଲେଣି ଚନ୍ଦ୍ରମୋହନ ମହାରଣା । ଚନ୍ଦ୍ରମୋହନ ବାବୁଙ୍କ ସହିତ ଖୁବ୍ ନିକଟବର୍ତ୍ତୀ ହେବାର ସୌଭାଗ୍ୟ ମୋର ଘଟି ନାହିଁ । ମାତ୍ର ସାହିତ୍ୟ କ୍ଷେତ୍ରରେ ଓ ଚରିତ୍ରବତ୍ତାରେ ଏହି କଠୋର ସମାଲୋଚକ ହେଡ଼ମାଷ୍ଟରଙ୍କ ବିଷୟରେ ଆଗରୁ ଆମେ ଶୁଣିଥାଉଁ ।

ତେଣୁ ଖୁବ୍ ସନ୍ତର୍ପଣରେ ତାଙ୍କ ସଙ୍ଗେ ଚଳିବାକୁ ହୁଏ । କବିବର ରାଧାନାଥ ରାୟଙ୍କର ଏହି ସମାଲୋଚକ ମୋହି ପକ୍ଷରେ ଭୟ ଓ ସମ୍ଭ୍ରମର ଏକ ବିରାଟ ରହସ୍ୟ ହୋଇ ପଡ଼ିଥିଲେ । ତାଙ୍କୁ କେବେ ହସଖୁସିରେ କାହାରି ସହିତ କଥାବାର୍ତ୍ତା ହେବାର ଦେଖିବା ସୁଯୋଗ ମୋର ଘଟି ନାହିଁ । ଛାତ୍ରମାନଙ୍କ ମଧ୍ୟରେ କୁହାକୁହି ହୁଅନ୍ତି ଯେ, ଚନ୍ଦ୍ରମୋହନ ବାବୁ ଯେମିତି କଡ଼ା, ସେମିତି ପାଠୁଆ ଲୋକ ।

ତାଙ୍କର ସାଧାରଣ କଥାବାର୍ତ୍ତାରେ ସୁଦ୍ଧା ସଂସ୍କୃତ ବ୍ୟାକରଣର ନିୟମଗୁଡ଼ିକ ସେ ପାଳନ କରିଥାନ୍ତି ବୋଲି ଶୁଣେ । ସେଥି ସଙ୍ଗେ ବାକ୍‌ସଂଯମ ତାଙ୍କର ଲକ୍ଷ୍ୟଣୀୟ— ଅଳ୍ପ କଥା କହୁଥିବାରୁ ତାହା ଓଜନଦାର ।

'ହରି' ନାମଧେୟ ତାଙ୍କର ଗୋଟିଏ ପରିଚାରକ ଥିଲା । ତାହାକୁ ଡ଼ାକିଲା ବେଳେ କୁଆଡେ ସେ 'ହରେ' ବୋଲି ସୁଦୀର୍ଘ ଉଚ୍ଚାରଣ କରିଥାନ୍ତି । ଛାତ୍ରମାନଙ୍କ ମୁହଁରେ ଏହି କଥା ପରିହାସ ଛଳରେ ଆଲୋଚିତ ହୁଏ । ଇଂରାଜୀ ଭାଷାରେ ମଧ୍ୟ ସେ ଥିଲେ ଖୁବ୍ ଧୁରନ୍ଧର ।

ମୁଁ ପଢୁଥାଏ ବୋଧହୁଏ ମାଟ୍ରିକୁଲେସନ କ୍ଲାସ ଟେନ୍‌ରେ— 'ଚିଲଡ୍ରେନସ୍ ଟ୍ରେଜେରି' କିମ୍ବା 'ଗୋଲଡେନ୍ ଟ୍ରେଜେରି' ଇଂରାଜୀ କବିତା ସଂକଳନରୁ ଚନ୍ଦ୍ରମୋହନ ବାବୁ ଆମକୁ "The Cuckoo" ବା, କୋଇଲି କବିତାଟି ପଢ଼ାଉଥାନ୍ତି ।

ପଢ଼ାଇବା ଆରମ୍ଭ କଲା ଆଗରୁ ସେ ପିଲାଙ୍କୁ ପଚାରିଲେ— "ତୁମେ ସବୁ କୋଇଲି ଦେଖିଛ ?" ଆମ କ୍ଲାସକୁ ଏଇ ତାଙ୍କର ପ୍ରଥମ ଆଗମନ । ହେଡ଼ମାଷ୍ଟର-

Digitized by srujanika@gmail.com

ମାନେ କ୍ୱଚିତ୍ ଉପର କ୍ଲାସରେ ପଢ଼ାନ୍ତି । ଖୁବ୍ କଡ଼ା ହେଡମାଷ୍ଟର ବୋଲି ଶୁଣିଥାଉ, ତହୁଁ ଅତି ସନ୍ତର୍ପଣରେ ଚୁପ୍‌ଚାପ ବସି ରହୁଥାଉ, ହେଡ଼ମାଷ୍ଟର ସ୍କୁଲକୁ ଆସିବା ମାତ୍ରେ ଚାରିଆଡ଼େ ଚୁନ୍‌ଚାନ । ଆଜି ତାଙ୍କର ଏଭଳି ପ୍ରଶ୍ନରେ କିଏ 'ହଁ' ପୁଣି କିଏ 'ନାହିଁ' କଲେ । ତହୁଁ ସେ ପ୍ରଶ୍ନ କଲେ, "ଆଚ୍ଛା କୋଇଲିର ଶବ୍ଦ ଶୁଣିଛ ?" ସେ ପ୍ରଶ୍ନର ଉତ୍ତରରେ ପ୍ରାୟ ସବୁ ପିଲା ଏକ ସ୍ୱରରେ କହି ଉଠିଲେ 'ହଁ' ।

ତା'ପରେ ହେଡ଼ମାଷ୍ଟରଙ୍କ ନିର୍ଦ୍ଦେଶ— "ଆଚ୍ଛା, କୋଇଲି କିପରି ଶବ୍ଦ କରେ, ତୁମ୍ଭେମାନେ କରି ଦେଖ ।" ସବୁପିଲା ଏକ ସଙ୍ଗରେ କୁହୁ କୁହୁ ଆରମ୍ଭ କରିଦେଲେ । କ୍ଲାସ ତମାମ 'କୁହୁ' ନାଦରେ ଫାଟି ପଡ଼େ । ବୋଧହୁଏ— ଆମ ଭୟ ଭାଙ୍ଗିବାକୁ ସେ ଏଇ ଉପାୟ କରିଥିଲେ ।

କବିତାର ପଢ଼ା ଆରମ୍ଭ ହୁଏ । କବିବର ରାଧାନାଥଙ୍କ 'ମହାଯାତ୍ରା' କାବ୍ୟର ସମାଲୋଚକ ଚନ୍ଦ୍ରମୋହନ ବାବୁ । ଯେଉଁ ସମାଲୋଚନା ଫଳରେ ସେ 'କାବ୍ୟ'ଟି ଅସମ୍ପୂର୍ଣ୍ଣ ରହିଗଲା ବୋଲି ଶୁଣାଯାଏ । ପିଲାଙ୍କ ସାମନାରେ ଭୟ ଓ ସମ୍ଭ୍ରମର ପ୍ରତିମୂର୍ତ୍ତି ସେଇ ଚନ୍ଦ୍ରମୋହନ ଯେ ଛାତ୍ରମାନଙ୍କୁ ଏମିତି ଖୁସିରେ ଖେଳାଇ ପଢ଼ାଇ ପାରନ୍ତି, ପରେ ସେ କଥା ଆଲୋଚିତ ହୁଏ ଆମ ଭିତରେ ।

ଅତି ଆଗ୍ରହରେ ମନୋନିବେଶ କଲୁଁ ତାଙ୍କ ଅଧ୍ୟାପନାରେ । ପ୍ରଥମ ପଦରୁ ଆରମ୍ଭ କରି ଯେଉଁ ରୀତିରେ ସେ ପଢ଼ାଇଲେ— ଯେଉଁ ସବୁ ଉଦାହରଣ ଦେଇ ପ୍ରତିଶବ୍ଦର ବ୍ୟାଖ୍ୟା ଓ ବ୍ୟବହାର ଇଂରାଜୀ ସାହିତ୍ୟରେ ଦର୍ଶାଇ ଯେତେ ପ୍ରମାଣ ଓ କୋଇଲିର ସ୍ଥାନ ଭାରତୀୟ କବିତାରେ ନିରୂପଣ କରିବାକୁ ଯାଇ ଯେଉଁ ବିସ୍ତୃତ ବିଶ୍ଳେଷଣ ସେ ଉତ୍ଥାପନ କଲେ— "ଦିନ ପରେ ଦିନ, ଗୋଟିକ ପରେ ଆଉ ଗୋଟିଏ ଇଂରାଜୀ କ୍ଲାସ ଚାଲିଲା କିନ୍ତୁ Cuckoo କବିତା ବୁଝାଇବା ଶେଷ ହେଲା ନାହିଁ ଚନ୍ଦ୍ରମୋହନ ବାବୁଙ୍କ ପକ୍ଷରେ । ଠିକ ଯେମିତି କୋଇଲିର 'କୁହୁ' ଶେଷ ହୁଏ ନାହିଁ ଶୁଣିବା ଲୋକର ଜୀବନ ବ୍ୟାପୀ ।"

Digitized by srujanika@gmail.com

# ତସ୍ମୈ ଶ୍ରୀ ଗୁରବେ ନମଃ......

ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ
( ବଟେଶ୍ୱର, ବାଲେଶ୍ୱର, ତା ୨୦-୩-୧୯୮୦ )

**ଅତି ପାଞ୍ଚଟି ଦିନର କଥା...........**

ବାଲେଶ୍ୱର ଜିଲ୍ଲା ସ୍କୁଲର ସେତେବେଳେ ହେଡ଼ମାଷ୍ଟର ଥିଲେ ( ବର୍ତ୍ତମାନ ସ୍ୱର୍ଗତ ) ଉପେନ୍ଦ୍ରନାରାୟଣ ଦତ୍ତଗୁପ୍ତ । ମହାମନା ଋଷି-ପ୍ରତିମ ମର୍ମପ୍ରାଣ ପୁରୁଷ । ସେ କାଳର ହାଃ ଇଃ ସ୍କୁଲ ହେଡ଼ମାଷ୍ଟରମାନେ ଅତିଶୟ ଶ୍ରଦ୍ଧା-ସମ୍ଭ୍ରମର ଦାବୀ କରିବାର ଯୋଗ୍ୟ ବ୍ୟକ୍ତି ହେଉଥିଲେ । ସହରରେ ଭଦ୍ର ସମାଜରେ ସେମାନଙ୍କର ବିଶିଷ୍ଟ ଓ ସୁନିର୍ଦ୍ଦିଷ୍ଟ ସ୍ଥାନ ଥିଲା । ଅମଲା ଅଫିସର ମହଲରେ ମଧ୍ୟ ସେମାନେ ସମ୍ମାନାର୍ହ ଥିଲେ । ଉପେନ୍ଦ୍ରବାବୁ ଏପରି ଜଣେ ଅତି ସୁଦକ୍ଷ ଓ କଡ଼ା ହେଡ଼ମାଷ୍ଟର ଥିଲେ ଯେ ଛାତ୍ର ଓ ସ୍କୁଲର ଅନ୍ୟାନ୍ୟ ଶିକ୍ଷକ, ପଣ୍ଡିତ, ମୌଲବୀ ପର୍ଯ୍ୟନ୍ତ ତାଙ୍କୁ ନିରତିଶୟ ସମୀହ କରି ଚଳୁଥିଲେ ; ନିତାନ୍ତ ପ୍ରୟୋଜନ ବ୍ୟତିରେକେ ତାଙ୍କ ଆଗକୁ ଯାଉ ନ ଥିଲେ । ପ୍ରବୀଣ ହେଡ଼ପଣ୍ଡିତ ଲୋକନାଥ ମହାପାତ୍ର ମଧ୍ୟ ନିଜର ଗାମ୍ଭୀର୍ଯ୍ୟ, ବ୍ୟକ୍ତିତ୍ୱ ଓ ପାଣ୍ଡିତ୍ୟ ପ୍ରଭାବରେ ଛାତ୍ର ସମାଜର ଭକ୍ତି ଓ ଶ୍ରଦ୍ଧା ଅର୍ଜନ କରିଥିଲେ । ସେ ଏବଂ ସେକେଣ୍ଡ ପଣ୍ଡିତ ଅନନ୍ତ ରଥ ଓ ଡ୍ରଇଂ ମାଷ୍ଟର ଆନନ୍ଦ ମିଶ୍ର ପୁରୀ ଜିଲ୍ଲାର ଅଧିବାସୀ ଥିଲେ ଏବଂ ଶେଷୋକ୍ତ ଦୁଇଜଣ ମଧ୍ୟ ଛାତ୍ରମାନଙ୍କର ବିଶେଷ ପ୍ରିୟ ଥିଲେ । ହେଡ଼ମାଷ୍ଟର ଉପେନ୍ଦ୍ର ବାବୁଙ୍କର ବ୍ୟକ୍ତିଗତ ଦୃଷ୍ଟି ମୋ ପ୍ରତି ଆକୃଷ୍ଟ ହୋଇଥିଲା । ପ୍ରଥମ କାରଣ ଯେ – ମୁଁ ଜିଲ୍ଲା ସ୍କୁଲରେ ପ୍ରଥମ ସ୍ଥାନ ପାଇ ଛାତ୍ରବୃତ୍ତି ଲାଭ କରିଥିବାରୁ ମ୍ୟାଟ୍ରିକ୍ୟୁଲେସନ୍ ପରୀକ୍ଷାରେ ଆମ ସ୍କୁଲରୁ ବୃତ୍ତି ପାଇବା ସକାଶେ ସମ୍ଭାବ୍ୟ ଯୋଗ୍ୟ ଛାତ୍ର । ସେହି ଉପେନ୍ଦ୍ର ବାବୁଙ୍କ ସହର ଭିତରେ ଖୁବ୍ ପ୍ରଭାବ ଓ ପ୍ରତିପତ୍ତି ଥିଲା ମଧ୍ୟ । ତାଙ୍କୁ ମୋର ମନେ ମନେ ସହସ୍ର ପ୍ରଣାମ ।

ଏଣେ ଅଳ୍ପ ଦିନ ପରେ ଗୁରୁ-ବଦଳି ଘଟିଲା ; ଆସିଲେ "ଆମ ନୂଆ ହେଡ଼ମାଷ୍ଟର" ଚନ୍ଦ୍ରମୋହନ ମହାରଣା ମହାଶୟ । କିନ୍ତୁ ସେ ନିଜେ ସଶରୀରେ ଅବତୀର୍ଣ୍ଣ ହେବା ପୂର୍ବରୁ ତାଙ୍କର ଗୁଣ-ଗ୍ରାମର ଅଗ୍ରିମ ଖ୍ୟାତି 'ବୁଲେଟିନ୍' ଗୁଆଁକେ ରଟିଗଲା । ଭାରି କଡ଼ା ମିଂଜାଜ୍, ଅତ୍ୟନ୍ତ ଚଡ଼ା ମଣିଷ, ଅନିୟମ ବା କାମରେ ତ୍ରୁଟି ବିଚ୍ୟୁତି ଆଦୌ ସହନ୍ତ ନାହିଁ । ଛୁଆଁ ଛୁଇଁରେ ଭୀଷଣ କଡ଼ାକଡ଼ି । କାହାର

Digitized by srujanika@gmail.com

ସହିତ ବିଶେଷ ମିଳାମିଶା କରନ୍ତି ନାହିଁ, ଇତ୍ୟାଦି ଇତ୍ୟାଦି । ଶୁଣି ଶୁଣି ଆମ ଛାତ୍ର ଶିକ୍ଷକ ସମସ୍ତଙ୍କ ଅଜଣା ସନ୍ତ୍ରାସ ଘାରି ପକାଇଲା ।

ଯଥା ସମୟରେ ସେ ଆସିଲେ । ଝଡ଼ାଝଡ଼ ସଫାସୁତୁରାରେ ସାରା ସ୍କୁଲ ବିଲ୍ଡିଂ ହଠାତ୍ ନୂଆ ପରି ଦିଶିଲା । ଦିନ ପରେ ଦିନ ଧୀମା ଗତିରେ ବିତିଲା । ପ୍ରଥମ ପ୍ରଥମ, ସ୍କୁଲର ସବୁ ଶ୍ରେଣୀର ଲୋକ ଖୁବ୍ ସତର୍କ ସନ୍ତ୍ରମରେ ଜଗି ଜଗି ଚଳୁଥିଲେ ; ପାନରୁ ଚୂନ ଖସିଲେ ଖଣ୍ଡ-ପ୍ରଳୟ ଘଟିବ, ଅବସ୍ଥାଟା ଏଇଭଳି । ଚପରାସୀ ଦୁ'ଜଣ ରାଧୁ ଓ ନକୁଳ, ପୂର୍ବେ ପୂର୍ବେ ଛାତ୍ରଙ୍କୁ ଦେଖିଲେ ବଡ଼ ପାଟିରେ ରେକୁଥିଲେ, ଗଣ୍ଡଗୋଳ ପାଟିତୁଣ୍ଡ କଲେ ନିଜର ଚପ୍ରାସୀପଣ ଜାହିର କରିବାକୁ । ଏବେ ସେ ଦୁ'ଜଣ ଚୁଟିଆ ମୂଷା ପରି ଚୁପ୍‌ଚାପ୍ ; ପାଟି ଯଦି ବା ଫିଟେ ତୁଣ୍ଡ ଶବ୍ଦ ଶୁଭେନା । ହେଡ଼ମାଷ୍ଟରଙ୍କ ଅଫିସ୍ ସାମ୍ନାର ବାରନ୍ଦାରେ ଛାତ୍ର-ଶିକ୍ଷକ କାହାରିକୁ ଯିବାକୁ ସେମାନେ ହାତ ହଲେଇ ନିରସ୍ତ କରନ୍ତି । କାମରେ ହେ: ମା:ଙ୍କ ପାଖକୁ ଯାଉଥିଲେ ତାଙ୍କୁ ନୀରବରେ ଅସି, ଦୁଆର ପାଖେ ଛିଡ଼ା ରଖେଇ, ହେ: ମା:ଙ୍କ ଅନୁମତି ନେଇ ଭିତରକୁ ଯିବାକୁ ଇଙ୍ଗିତ କରନ୍ତି । କଥାର ବ୍ୟବହାର ବିଲକୁଲ୍ କମ । ଏପରିକି, ହଷ୍ଟେଲ-ଖିଆ କୁକୁରଟା ଖରାଦିନ ଦୁ'ପ୍ରହରେ ବାରନ୍ଦାରେ ଛାଇରେ ଶୋଉଥିଲା ; ତାର ତେଣିକି ସେଠି ଶୋଇବା ବସିବା ଖତମ୍ । ଏମିତି ପ୍ରବନ୍ଧ ନିରାଳମ୍ବ ଅବସ୍ଥା, ନିୟମାନୁବର୍ତ୍ତିତା (ଡ଼ିସିପ୍ଲିନ୍) ପୁରା ଦମ୍‌ରେ ଚାଲୁ । ଛାତ୍ର ଶିକ୍ଷକ ସମସ୍ତେ ପଂକ୍‌ଚୁଏଲ— ଠିକ ସମୟରେ କ୍ଲାସକୁ ଅସନ୍ତି । ଆରମ୍ଭ ଘଣ୍ଟାର ୫ ମିନିଟ୍ ପର୍ଯ୍ୟନ୍ତ କ୍ଲାସମାନଙ୍କରେ pin-drop silence, ଅଖଣ୍ଡ ନୀରବତା ; କାରଣ ଦିନେ ଦିନେ ସେତିକିବେଳେ ହେ: ମା: ସ୍କୁଲର ଚାରିପାଖେ ଚୌଡ଼ା ବାରନ୍ଦା ଦେଇ ଥରେ ବୁଲି ଅସନ୍ତି । ପ୍ରାୟଶଃ କୌଣସି କ୍ଲାସ ରୁମ୍ ଭିତରକୁ ପଶନ୍ତି ନାହିଁ । ଖାଲି ଯାଉଁ ଯାଉଁ ବାରନ୍ଦାରୁ କ୍ଲାସ ଭିତରର ଅବସ୍ଥା ଏକ ନଜର ଲକ୍ଷ୍ୟ କରି ଅଫିସକୁ ଫେରିଯାନ୍ତି । ସେତିକିରେ ସାରା ସ୍କୁଲର ଦମ୍ ବନ୍ଦ । ଆତ୍ମାରାମ ଛଟପଟ !

× × × ×

ଚନ୍ଦ୍ରମୋହନ ବାବୁଙ୍କ ସଙ୍ଗେ ମୋର ଭବିଷ୍ୟ ସଂପର୍କ ପ୍ରସଙ୍ଗ ଅବତାରଣା କରିବା ପୂର୍ବରୁ ପୂର୍ବ ପୂର୍ବ ପାରାଗ୍ରାଫ୍‌ରେ ସୂଚିତ ତାଙ୍କର ଚାରିତ୍ରିକ ବୈଶିଷ୍ଟ୍ୟତା ବିଷୟର କିଛିତ୍ ବିଶଦ ବ୍ୟାଖ୍ୟା ଓ ସ୍ପଷ୍ଟୀକରଣର ଏଠି ପ୍ରୟୋଜନ ରହିଛି-- ଯଦ୍ଦ୍ୱାରା ପାଠକଙ୍କ ମନରେ ତାଙ୍କ ସମ୍ବନ୍ଧରେ ପ୍ରଚଳିତ କୌଣସି ଭ୍ରାନ୍ତ ବା ଅମୂଳକ ଧାରଣା ସ୍ଥାନ ନ ପାଏ ।*

* ଏଥିରେ ବିଷୟବସ୍ତୁ ମୂଳତଃ ତାଙ୍କର କନିଷ୍ଠ ପୁତ୍ର ଶ୍ରୀଯୁକ୍ତ ଶରତଚନ୍ଦ୍ର ମହାରଣାଙ୍କ ସୌଜନ୍ୟରୁ ପ୍ରାପ୍ତ ।

Digitized by srujanika@gmail.com

(କ) ସେ କ୍ଷଣକ୍ରୋଧୀ ଥିଲେ ସତ । ମାତ୍ର କ୍ଷମାଶୀଳ ମଧ୍ୟ ଥିଲେ, ଏବଂ ପରେ ମନରୁ କ୍ରୋଧ ତଡ଼ି ପାରୁଥିଲେ । କୌଣସି କାର୍ଯ୍ୟ ( ଯେତେ ସାମାନ୍ୟ ହେଉ ପଛକେ ) ଠିକ ପଦ୍ଧତିରେ କରା ନହେଲେ ବା ନିର୍ବୁଦ୍ଧିଆ ଭାବରେ କରାଗଲେ, ସେ ତାହା ଆଦୌ ସହ୍ୟ କରିପାରୁ ନଥିଲେ ଏବଂ ସମ୍ଭବତଃ, ସେହି କାରଣରୁ ଲୋକେ ତାଙ୍କୁ ଅତିକ୍ରୋଧୀ ବୋଲି ଧରି ନେଉଥିଲେ । ଥରେ ସେ ବଗିଚାରେ ଯାଉଥିବା ବେଳେ ଘାସୁଆ ଠିକ ଭାବରେ ଦାଆ ଚଳାଉ ନଥିବାର ଦେଖି, ସେ ତତ୍କ୍ଷଣେ ସେଇ ଲୋକ ହାତରୁ ଦାଆ କାଢ଼ିନେଇ, ବସିପଡ଼ି ତାଙ୍କୁ ନିଜେ ଘାସ କାଟି ଦେଖାଇ ଦେଇଥିଲେ କିପରି ଭାବରେ ଦାଆ ଚଳାଇବା ଉଚିତ ।

(ଖ) ବାଟ ଚାଲିବା ବେଳେ, ସେ ବାଟ ମଝିରେ ବା କଡ଼ରେ ନଚାଲି ପୂରା ବାଟ ବାହାରେ ଚାଲୁଥିଲେ (ଯଦିଓ ସେକାଳରେ ବାଟରେ ଗାଡ଼ି ମୋଟରର ଟ୍ରାଫିକ୍ ଭୟ ସେପରି ନଥିଲା ) । ତାଙ୍କ ମୃତ୍ୟୁ ପରେ ଜଣେ ସାଧୁ, ଯେ କି ତାଙ୍କର ଏହି ଅଭ୍ୟାସ କଥା ଜାଣିଥିଲେ, ବ୍ୟାଖ୍ୟାକରି କହିଲେ ଯେ ଚନ୍ଦ୍ରମୋହନଙ୍କ ଧାରଣା ଥିଲା — ବହୁ ସାଧୁ-ସନ୍ଥମାନେ ଆଗରୁ ଏବାଟ ଦେଇ ଯାଇଛନ୍ତି । ସେମାନଙ୍କର ପଦଚିହ୍ନ ( ଦୃଶ୍ୟତଃ ନଥିଲେ ହେଁ ) ପଡ଼ିଚି ଏବାଟରେ, ତା' ଉପରେ ମୋର ମାଡ଼ିଯିବା ଠିକ ନୁହେଁ । .... ହେଲେ, ଏହାହିଁ ଯେ ପ୍ରକୃତ କାରଣ ତା' ଜଣାନାହିଁ ।

(ଗ) ସେ କାହାରି ବିଛଣା ଖଟରେ ବସୁନଥିଲେ । ପୁଣି, ତାଙ୍କ ନିଜ ବିଛଣାରେ ତାଙ୍କର ପିଲାମାନେ ସୁଦ୍ଧା ବସୁନଥିଲେ । ସେ ଘରେ ଗେରୁଆ ଲୁଗା ପିନ୍ଧୁଥିଲେ । ତାଙ୍କର ବ୍ୟବହାର୍ଯ୍ୟ ଦ୍ରବ୍ୟ ପଦାର୍ଥ ଅଲଗା ରହୁଥିଲା, ଏପରିକି ଯେଉଁ କଲମ ବା ପେନସିଲରେ ଲେଖୁଥିଲେ, ତାକୁ ଅନ୍ୟ କେହି ଧରିବା ମନାଥିଲା । ସ୍କୁଲ୍ ଅଫିସରେ ତାଙ୍କ ବ୍ୟବହାର୍ଯ୍ୟ କଲମ ପେନ୍ସିଲରେ ପ୍ରତ୍ୟହ ଚପରାସୀ ନୂଆ ସଫା କାଗଜ ମୋଡ଼ି ରଖିଲେ, ହେ: ମା: ପରେ ତାହା ବ୍ୟବହାର କରୁଥିଲେ । ତାଙ୍କ ବସିବା ଚୌକିରେ ଅନ୍ୟ କେହି ବସୁ ନଥିଲେ । ସେ ମଧ୍ୟ ଅନ୍ୟର ବ୍ୟବହୃତ ଜିନିଷ ଛୁଉଁ ନ ଥିଲେ ।

(ଘ) ସେ ଟଙ୍କା ପଇସା ନୋଟ ଇତ୍ୟାଦି ଛୁଉଁ ନଥିଲେ । ଦରମା ଟଙ୍କା ବା ଅନ୍ୟ ଟଙ୍କା ପଇସା ପିଅନ ବା ନିଜ 'ଲୋକ ଆଣି ଘରେ ଦେଇ ଯାଉଥିଲେ । ତାଙ୍କ ଘରେ ବାକ୍ସରେ ଚାବି ପଡୁ ନଥିଲା । ଯଦିଓ ସେଥିରେ ୫୦୦/୬୦୦ ଟଙ୍କା, ୧୦/୧୨ଟା ସୁନା ମୋହର, ଓ University Examination ପେପର ବା

Digitized by srujanika@gmail.com

ସଂସ୍କୃତାଦି ପରୀକ୍ଷାର ବା ସ୍କୁଲ ବାର୍ଷିକ ପରୀକ୍ଷାର marksheet ଆଦି ରହୁଥିଲା । (ତାଙ୍କ ଘରର ପାଠୁଆ ପିଲମାନେ ଏସବୁ କଥା ଅନ୍ୟଙ୍କୁ କେବେ କହୁନଥିଲେ) ।

(ଙ) ସେ ଦିନରେ ମୋଟରେ ପ୍ରାୟ ୪/୫ ଘଣ୍ଟା କାଳ ମୌନ ରହୁଥିଲେ । ଧ୍ୟାନ କରିସାରି ମନେ ମନେ ପ୍ରାର୍ଥନା କରୁଥିଲେ । ତତ୍ପରେ ଭୋଜନରେ ବସି ଗୁଣ୍ଡାଏ ଖାଇବା ପରେ କଥା କହୁଥିଲେ । ପୁଣି ସେ ଅତିଥି ସତ୍କାର କରିବାକୁ ଭଲ ପାଉଥିଲେ ଏବଂ କଟକରେ ଥିବାବେଳେ ପ୍ରତି ରବିବାର ବା ଛୁଟି ଦିନରେ ନିଜ ବସାକୁ ୨/୩ ଜଣଙ୍କୁ ନିମନ୍ତ୍ରଣ କରି ଭୋଜନ କରାଉଥିଲେ ।

**ଶୁଚିତା—**

ସେ ପ୍ରତିଦିନ (୧୯୧୬ରୁ ୧୯୨୯ରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ) ୩ଥର ଗାଧୋଉ ଥିଲେ । ସକାଳେ ପାଇଖାନାରୁ ଆସି ୯/୧୦ଟା ବେଳେ, ଓପରଓଳି ୪/୫ଟା ବେଳେ ଓ ଶେଷଥର ରାତ୍ର ପ୍ରାୟ ୯ଟା ବେଳେ ।

(ଚ) ଚନ୍ଦ୍ରମୋହନ ମହାରଣା ଓଡ଼ିଆ ଛଡ଼ା ବଙ୍ଗଳା, ଇଂରାଜୀ, ସଂସ୍କୃତ ଓ ଉର୍ଦ୍ଦୁ-ପାର୍ସୀ ଭାଷା ଜାଣୁଥିଲେ ଏବଂ ଶୁଦ୍ଧ ଉଚ୍ଚାରଣ ଉପରେ ବିଶେଷ ଜୋର ଦେଉଥିଲେ— ଯେ, ସେ ସେହି ଭାଷାରେ କଥା କହିଲା ବେଳେ ଅନ୍ୟ ଲୋକ ଜାଣି ପାରୁ ନ ଥିଲେ ଯେ ଏ ଜଣେ ଓଡ଼ିଆ । ତାଙ୍କର ପାଠ୍ୟପୁସ୍ତକ ଆଦି ଲେଖିବା ପଛରେ ଥିଲା ବିଲାତର Macmillan & Co ତରଫରୁ ଅନୁରୋଧ, ଯେ ସେ ଯଦି ଓଡ଼ିଆରେ ପାଠ୍ୟ ପୁସ୍ତକ ଲେଖିଦିଅନ୍ତି ତେବେ ତାହା କମ୍ପାନି ଛପାଇବେ । 'କଥାବଳୀ' କମ୍ପାନି ଛପାଇଲେ ଓ ତାଙ୍କୁ royalty ଯାଚିଲେ, ମାତ୍ର ସେ ତାହା ସ୍ୱୀକାର ନ କରି ଉତ୍ତର ଦେଲେ— "ମୁଁ ଟଙ୍କା ପାଇଁ ବହି ଲେଖି ନ ଥିଲି, ପିଲେ ପଢିବେ ବୋଲି ଲେଖିଥିଲି ।" ଏଥିରୁ ଶିକ୍ଷା ବିଷୟରେ ତାଙ୍କ ହୃଦୟବତ୍ତାର ସମ୍ୟକ୍ ପରିଚୟ ମିଳେ ।

(ଛ) ପୁଣି ତାଙ୍କର ଗବେଷଣା-ସ୍ପୃହା ଯଥେଷ୍ଟ ଥିଲା । ଉଦାହରଣ ସ୍ୱରୂପ— ସେ ପ୍ରଥମେ ନାନା ଉତ୍ସ-ସୂତ୍ରରୁ ସନ୍ଧାନ କରି ଲେଖିଲେ ଯେ, ଶ୍ରୀମତ୍ ଶ୍ରୀଧରସ୍ୱାମୀ (ଭଗବତ୍ ଗୀତାର ସୁପ୍ରସିଦ୍ଧ ଟୀକାକାର) ଓ ବିଶ୍ୱନାଥ କବିରାଜ (ସାହିତ୍ୟ-ଦର୍ପଣକାର) ଓଡ଼ିଶାର ଲୋକ ଥିଲେ । ପଣ୍ଡିତ ଶ୍ରୀ ବିନାୟକ ମିଶ୍ର ଚନ୍ଦ୍ରମୋହନ ମହାରଣାଙ୍କ ଶିଷ୍ୟ ଥିଲେ । ଚନ୍ଦ୍ରମୋହନ ତାଙ୍କୁ ଗୋଟିଏ ବିଷୟରେ ଗବେଷଣା କରିବା ପାଇଁ ବହୁବର୍ଷ କାଳ ପ୍ରେରଣା ଯୋଗାଇଥିଲେ, ଏବଂ ଶୁଣାଯାଏ ପଣ୍ଡିତ ମିଶ୍ର ଦୀର୍ଘ ୨୭ ବର୍ଷ କାଳ ସେଥିରେ ଲାଗି ରହିଥିଲେ । ଶେଷଥର

Digitized by srujanika@gmail.com

ସେ ୧୯୨୨ରେ ଚନ୍ଦ୍ରମୋହନଙ୍କ ଘରକୁ ଆସି ରେମୁଣାରେ ସେହି ବିଷୟରେ କଥାବାର୍ତ୍ତା କରିଥିଲେ ।

(ଜ) କେତେକ ଜଣାଶୁଣା ଲୋକଙ୍କ ରଚନା ଯେ କବିବର ରାଧାନାଥ ରାୟଙ୍କର 'ମହାଯାତ୍ରା' ଅମିତ୍ରାକ୍ଷର କାବ୍ୟରେ ବ୍ରିଟିଶ-ଶାସନ-ବିରୋଧୀ ଅର୍ଥ ଥିବା କଥା ଚନ୍ଦ୍ରମୋହନ ସରକାରଙ୍କୁ ଦର୍ଶାଇଥିଲେ । ଏହା ଆଦୌ ସତ ନୁହେଁ । ପ୍ରମାଣ — ଚନ୍ଦ୍ରମୋହନ କଟକରେ ଥିବା ପର୍ଯ୍ୟନ୍ତ (୧୯୧୯ ସାଲ) କବିବରଙ୍କ ଘରକୁ ସପ୍ତାହରେ ଥରେ ଦୁଇଥର ପାରିବାରିକ ଯା' ଆସ ଥିଲା, ଏବଂ କବିବରଙ୍କ ପୁତ୍ର ଶଶି-ଭୂଷଣ ବଞ୍ଚିଥିବା ପର୍ଯ୍ୟନ୍ତ ପ୍ରତିବର୍ଷ ଦୁର୍ଗାପୂଜା ଉପଲକ୍ଷରେ ବାଲେଶ୍ୱର ରାଜବାଟୀର ନିମନ୍ତ୍ରଣ-ରକ୍ଷାର୍ଥେ ଆସି, ରେମୁଣାରେ ଚନ୍ଦ୍ରମୋହନଙ୍କ ସଙ୍ଗେ ନିଶ୍ଚୟ ଦେଖା କରିବାକୁ ଯାଇଥିଲେ । (ମଧ୍ୟ-ରେମୁଣାର ବଙ୍ଗାଳି ସାଇରେ ଶଶିଭୂଷଣଙ୍କ ମାମୁଁ-ଘର ଥିବା ଅନ୍ୟ ଏକ କାରଣ । )

(ଝ) ମୌଳିକ-ସାହିତ୍ୟ ରଚନା ସମ୍ପର୍କରେ ଲୋକଙ୍କର ଆଉ ଗୋଟିଏ ଭ୍ରାନ୍ତ ଧାରଣା ତାଙ୍କ ବିଷୟରେ ଶୁଣାଯାଏ ଯେ — ତାଙ୍କର ବ୍ୟାକରଣ-ପ୍ରୀତି ଏଡ଼େ ଉଗ୍ର ଥିଲା ଯେ, ସେ ନିଜର ରଚନାକୁ ନିଃଶେଷରେ ବ୍ୟାକରଣ ଶୁଦ୍ଧି କରିବାକୁ ଯାଇ ବାରମ୍ବାର କାଟି ପକାଉଥିଲେ ; ତେଣୁ ମୌଳିକ ରଚନା ତାଙ୍କ କଲମରୁ ବାହାରି ପାରିଲା ନାହିଁ । ଏ ଧାରଣା ଭୁଲ । ପ୍ରକୃତ ଘଟଣା ହେଲା— ଚନ୍ଦ୍ରମୋହନ ସାମାନ୍ୟ ଗୋଟିଏ ପୋଖରୀ ଓ ଜମିବାଡ଼ି ନେଇ ସ୍ୱଗ୍ରାମର 'ଠକ ସାହୁ' ନାମକ ଜଣେ ପଡ଼ୋଶୀ ସଙ୍ଗେ ମାଲିମକଦ୍ଦମାରେ ସୁଦୀର୍ଘ ୧୨/୧୪ ବର୍ଷ କାଳ ବହୁ ଅଶାନ୍ତି ଭୋଗ କଲେ ଏବଂ ସେହି ମାମଲା ଚାଲୁଥିବା ବେଳେ ବିପକ୍ଷର ପ୍ରରୋଚନାରେ ପଡ଼ି ତାଙ୍କର ଜଣେ ଚାକରାଣୀ ୨୪-୧୨-୧୯୧୨ରେ ଚନ୍ଦ୍ରମୋହନଙ୍କ (ଚାଳ) ଘରେ ନିଆଁ ଲଗାଇ ପୋଡ଼ିଦେଲା । ସେହି ଅଗ୍ନିକାଣ୍ଡରେ ଚନ୍ଦ୍ରମୋହନଙ୍କ ପ୍ରାୟ ४० ଖଣ୍ଡ କାବ୍ୟ କବିତା ଓ ଅନ୍ୟାନ୍ୟ ରଚନାର ପାଣ୍ଡୁଲିପି ଭସ୍ମସାତ୍ ହୋଇଗଲା । ଘଟଣାର ପରଦିନ ସେ ରେମୁଣାରେ ପହଞ୍ଚି ତାଙ୍କର ବହୁବର୍ଷର ଲେଖା ରଚନାଗୁଡ଼ିକର ଏକ ଶୋଚନୀୟ ପରିଣତିରେ ନିରତିଶୟ ମର୍ମାହତ ଓ ହତୋତ୍ସାହ ହେଲେ । ଉକ୍ତ ଘଟନାର ପରେ ପରେ ପ୍ରାୟ ଦୁଇ ଅଢେଇ ବର୍ଷ ମଧ୍ୟରେ ତାଙ୍କର ପତ୍ନୀ ରାସମଣି ଦେବୀ ହଠାତ୍ ବିସୂଚିକା ରୋଗରେ ଆକ୍ରାନ୍ତ ହୋଇ ମାତ୍ର ୬/୭ ଘଣ୍ଟା ମଧ୍ୟରେ ପ୍ରାଣତ୍ୟାଗ କରିବାରୁ, ତାଙ୍କ ମନ ରାଜ୍ୟରେ ଦ୍ୱିତୀୟ ଏକ ବିଷମ ଆଘାତ ଆସି ପହଞ୍ଚିଲା । କ୍ରମେ ସେ ଆପନ-ପ୍ରାଣାୟାମାଦି ଆଡ଼କୁ ଉତ୍ତରୋତ୍ତର ଅଧିକ ଆକୃଷ୍ଟ ହୋଇ ଶେଷରେ ସମ୍ଭବତଃ ଯୋଗ-ପ୍ରକ୍ରିୟାର କୌଣସି ଦୋଷ ହେତୁରୁ ତାଙ୍କର ପୂର୍ବର ଉଜ୍ଜ୍ୱଳ ସ୍ୱାସ୍ଥ୍ୟ

Digitized by srujanika@gmail.com

ଓ ସବଳତା ହରାଇ ବାତ୍ଫୁ ଓ ଅର୍ଶ ରୋଗର ଶୀକାର ହୋଇପଡ଼ିଲେ । ........ ମାଲିମକଦ୍ଦମାର ଦୀର୍ଘ ଦିନର ଅଶାନ୍ତି ଓ ତଦ୍ଭୂତ ଘରପୋଡ଼ି, ଅକାଳ ପତ୍ନୀ ବିୟୋଗ ଓ ପରବର୍ତ୍ତୀ ସ୍ୱାସ୍ଥ୍ୟହାନି ଓ ରୋଗ ଯନ୍ତ୍ରଣା— ଏହି ତିନି କାରଣର 'ତ୍ର୍ୟହସ୍ପର୍ଶ' ଯୋଗାଯୋଗ ହେତୁ ତାଙ୍କର ମୌଳିକ ରଚନାର ସମ୍ଭାବନା ଅନ୍ତର୍ହିତ ହେଲା ।

× × × ×

ଏବେ ପୂର୍ବ କଥାକୁ ଫେରି ଆସିବା ··· କଥା ହେଲା 'ଆମ ନୂଆ ହେଡ୍‌-ମାଷ୍ଟର'ଙ୍କର* । ବାଲେଶ୍ୱର ଜିଲ୍ଲା ସ୍କୁଲ, ୧୯୨୮ ସାଲ । ମୋର ବାପା ସେତେବେଳକୁ ଯୁଦ୍ଧୋତ୍ତର ବ୍ୟାପକ ଇନ୍‌ଫ୍ଲୁଏଞ୍ଜାରେ ଗତ ହେଲେଣି ; ଘରର ଅବସ୍ଥା ପ୍ରାୟ ଅଚଳ, ମୋତେ ସନ୍ଧ୍ୟାରେ ଟିଉସନ କରିବାକୁ ପଡ଼େ ; ଫେରିବାକୁ ରାତି ୮ଟା/୯ଟା । ବାଲେଶ୍ୱରର ରାସ୍ତାରେ ଜଳେ ମିଞ୍ଜି ମିଞ୍ଜି ମ୍ୟୁନିସିପାଲିଟିର କିରାସିନି ଡିବିରି ; ସେଥିରେ ନିଜ ହାତ ପାପୁଲିର ରେଖାବି ଭଲ ଦୃଶ୍ୟ ହୁଏ ନାହିଁ । ଅଧେ ଦିନ ବଡ଼ ଜଳେନା ଅନ୍ଧାରୀ ବା ହାଉଆରେ ଲିଭିଯାଏ । ଅନ୍ଧାରରେ ଏକୁଟିଆ ନିର୍ଜନ ଲମ୍ବା ରାସ୍ତା ପାରି ହୋଇ ବଜାର ଭିତରକୁ, ଆଲୁଅକୁ ଆସି ପହଞ୍ଚିବା ପର୍ଯ୍ୟନ୍ତେ ବାଟ-ଚଲା ଲୋକେ କେହି କହିବା ଗୀତ ବୋଲି ବୋଲି ଯାଏ । ମୋତେ ଗୀତ ଗାଇ ଆସେନା ; ମୁଁ ସେ ପରିସ୍ଥିତିରେ ନିଜକୁ ନିଜେ ସାହସ ଦେବା ଉଦ୍ଦେଶ୍ୟରେ କେବଳ କବିତା ବା ସଂସ୍କୃତ ଶ୍ଳୋକ ଆବୃତ୍ତି କରି ଯାଏଁ । ଦିନକର ଘଟଣା ମୁଁ ଜିଲ୍ଲା ସ୍କୁଲ ରାସ୍ତା ଦେଇ ମୋତିଗଞ୍ଜ ବଜାର (ବର୍ତ୍ତମାନ ସିନେମା ବଜାର) ଆଡ଼କୁ ଆଗେଇ ଯାଉଚି, ଗୋଡ଼ ପୋଖରୀ ପାରିହୋଇ ଜିଲ୍ଲା ସ୍କୁଲର ପୂର୍ବପାଖ ଫାଟକ ଆଗ ଦେଇ । ହେଡମାଷ୍ଟରଙ୍କ କ୍ୱାଟରର ଅତି ନିକଟ । ହଠାତ ପଛଆଡୁ ଚପରାସୀ ନକୁଳର ଡାକ ଶୁଣିଲି—ହେ ବାବୁ, କିଏ ଯାଉଚ. ଶୁଣ ଶୁଣ । ଦଉଡ଼ି ଆସିଲା ; ଚହ୍ନି ପାରି କହିଲା ହେଡମାଷ୍ଟ୍ରେ ଡାକୁଛନ୍ତି । ଚପ୍ରାସୀ ପଛେ ପଛେ ଯାଇ ମୁଁ କମ୍ପିତ ପଦରେ ହେ: ମା:ଙ୍କ ଆଗେ ଯାଇ ନମସ୍କାର କରି ଠିଆ ହେଲି । ଜଣାଗଲା, ସେ ମୋତେ ଦେଖି ଟିକେ ଆଶ୍ଚର୍ଯ୍ୟ ହୋଇଛନ୍ତି, ପଚାରିଲେ—''ତୁମେ ? ତୁମେ କୁମାରସମ୍ଭବ ଶ୍ଳୋକ ବୋଲି ବୋଲି ଯାଅ

---

* ''ପାଦଟୀକା''—ଏହି ଶିରୋନାମାରେ ମୁଁ ଗୁରୁ-ସ୍ମରଣ ଉପଲକ୍ଷେ, ଇତିପୂର୍ବେ ପତ୍ରିକାରେ ଲେଖାଟିଏ ପ୍ରକାଶ କରିଥିଲି । ଦୁର୍ଭାଗ୍ୟବଶତଃ, ସେ ଲେଖାର ପାଣ୍ଡୁ-ଲିପି ବା ଛପା-କପି ମୋ ପାଖେ ନ ଥିବାରୁ ତଦ୍‌ବର୍ଣ୍ଣିତ ବିଷୟବସ୍ତୁର ପୁନରାବୃତ୍ତିର କିଛି କିଛି ତ୍ରୁଟି ବିଚ୍ୟୁତି ରହିଯିବାର ଆଶଙ୍କା ବଶତଃ, ଏ ପ୍ରବନ୍ଧରେ ସେ ବିଷୟ ଯଥା ସମ୍ଭବ ବାଦ୍ ଦେଲି ।

Digitized by srujanika@gmail.com

ଏବାଟେ, ଦନେ ଦନେ ?" ମୁଁ ସ୍ୱୀକାର ସୂଚକ ମୁଣ୍ଡ ହଲାଇବାରୁ ସେ ଦ୍ୱିତୀୟ ପ୍ରଶ୍ନ କଲେ "ତୁମର ତ Additional Mathematics (ଅଙ୍କ, ଅଧିକା ବିଷୟ), ତୁମେ ସଂସ୍କୃତ କୁମାରସମ୍ଭବ ଶିଖିଲ କିପରି ?" ମୂଳ କଥା ସେକେଣ୍ଡ ପଣ୍ଡିତ ଓ ଅନନ୍ତ ରଥ ମୋତେ ସେ ବହିଖଣ୍ଡି ଦେଇଥିଲେ ; କଥା ଥିଲା ଯଦି ମୁଁ ମାସକ ଭିତରେ ସାରା ବହି ମୁଖସ୍ଥ କରିଦିଏଁ, ତେବେ ସେ ମୋତେ ପୁରସ୍କାର ଦେବେ । କହିଲି ସେ କଥା । ଶୁଣି ସେ କିଛିକ୍ଷଣ ତୁନି ରହିଲେ । ଅନ୍ୟ ପ୍ରଶ୍ନ କଲେ—"ଏତେ ରାତିରେ ଇଆଡ଼େ କାହିଁକି ଆସ ? ଏ ବର୍ଷ ପରା ତୁମର ମ୍ୟାଟ୍ରିକ୍ ପରୀକ୍ଷା ; ଏ ସମୟଟା ତୁମର ମନୋଯୋଗ ଦେଇ ପଢ଼ାପଢ଼ି କରିବା କଥା········।" ମୁଁ ଭୀତତ୍ରସ୍ତ ହୋଇ କହିପକାଇଲି—"ଆଜ୍ଞା, ଆମେ ବଡ଼ ଗରିବ, ଟ୍ୟୁସନ ନ କଲେ ଘର ଚଳେନା, ମା-ଭଉଣୀ ଅଛନ୍ତି ।"

ସେ ଅଭ୍ୟାସମତେ ହାତ ଟେକି ମୋତେ ନିରସ୍ତ କଲେ । କିଛିକ୍ଷଣ ମୌନ ରହି ମୋତେ ଆଦେଶ କଲେ—"ଆଚ୍ଛା, ଯାଅ; କାଲି ଦଶଟା ପୂର୍ବରୁ ତୁମ ଗାର୍ଜେନଙ୍କୁ (ବାବୁ ଭୋଳାନାଥ ଦତ୍ତ) ନେଇ ଅଫିସରେ ମୋ ସଙ୍ଗେ ଦେଖା କରିବ ।"

ଦେଖା କଲୁଁ । ବିସ୍ତାରିତ ନ ଲେଖି, ଏତିକି ଜଣାଇଲେ ହେ: ମା: ଚନ୍ଦ୍ରମୋହନ ମହାରଣାଙ୍କର ଅନ୍ତର୍ନିହିତ ଉଦାରତା ଓ ଛାତ୍ରମାନଙ୍କର ସୁଖ-ଦୁଃଖ-ଉନ୍ନତି ବିଧାନ ପ୍ରତି ତୀକ୍ଷ୍ଣ କଲ୍ୟାଣ-ଦୃଷ୍ଟିର ଯଥେଷ୍ଟ ପରିଚୟ ମିଳିବ ଯେ, ତା ପରଠୁଁ ସେ ବ୍ୟବସ୍ଥା କରେଇଦେଲେ – ମୁଁ ଘରେ ନ ରହି ହଷ୍ଟେଲରେ ଆସି ରହିବି, ପଢ଼ା-ଶୁଣା ଅବ୍ୟାହତ ରହିବ, ଟିଉସନ ବିଲ୍‌କୁଲ୍ ବନ୍ଦ । ସିଟ୍ ରେଣ୍ଟ୍ (ହଷ୍ଟେଲର) ଓ ଖାଇବା ଖର୍ଚ୍ଚ ପଡ଼ିବ ନାହିଁ········ଇତ୍ୟାଦି ସବୁ ବନ୍ଦୋବସ୍ତ ଓ ସୁବିଧା । ତେବେ ପ୍ରତି ଶନିବାର ମୁଁ ଘରକୁ ଯାଇ ମା-ଭଉଣୀଙ୍କର ଖବର ନେବି ଓ ଯାହା ଯାହା ବ୍ୟବସ୍ଥା କରି ଆସିବି ।

ବାଲେଶ୍ୱର ଜିଲ୍ଲା ସ୍କୁଲ ମ୍ୟାଟ୍ରିକ ପରୀକ୍ଷାରେ ଭଲ ଫଳ ଦର୍ଶାଉ, ୟୁନିଭରସିଟିରେ ଉଚ୍ଚ ସ୍ଥାନ ପାଇ ଏଠାର ଛାତ୍ର ସର୍ବୋଚ୍ଚ ବୃତ୍ତି ଜିତୁ ଆଣନ୍ତୁ—ଏଇଟା ହେ: ମା: ଅନ୍ୟ ଶିକ୍ଷକ ତଥା ଛାତ୍ର ମଣ୍ଡଳୀଙ୍କର ସମସ୍ତଙ୍କର ଆନ୍ତରିକ ଆକାଂକ୍ଷା ଥିଲା । ତା'ହେଲେ ସ୍କୁଲର ସୁନାମ ଓ ଯଶ ଅଧିକ ବଢ଼ିବ । ମୋର ପରମ ସୌଭାଗ୍ୟ ଯେ, ଭଦ୍ରକୋଇଆ ଜୁବୁଲି ସ୍କୁଲ ଭଳି ଏଥର ବି ଗୁରୁ-ଆଶୀର୍ବାଦରୁ ୧୯୨୧ ସାଲ ପାଟନା ୟୁନିଭର୍ସିଟି ମ୍ୟାଟ୍ରିକ୍ ପରୀକ୍ଷାରେ ସମଗ୍ର ବିହାର-ଓଡ଼ିଶାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସେମାନଙ୍କର ବହୁବାଂଛିତ (ମୋର ଏକାନ୍ତ ପ୍ରୟୋଜନୀୟ)

Digitized by srujanika@gmail.com

ସ୍କୁଲ ଭର୍ତ୍ତି ବୃତ୍ତି ପାଇ ଅତଃପର ମୁଁ କଟକ ରେଭେନ୍‌ସା କଲେଜରେ ସାଇନ୍‌ସ ( I. Sc. ) ପଢ଼ିବାକୁ ଗଲି ।

× × × ×

କଲେଜ ପଢ଼ା ଆରମ୍ଭ କରିବା ପୂର୍ବରୁ ଏଠାରେ ଗୋଟିଏ ଘଟଣା ବିବୃତ ନ କଲେ ଚନ୍ଦ୍ରମୋହନ-ଚରିତ୍ରର ବିଶିଷ୍ଟ ମହାନୁଭବତା ଫୁଟି ଉଠିବ ନାହିଁ । ସେଇଟା ହେଲା— ( ଯାହାକି ମୋତେ ସବୁଠୁଁ ବେଶୀ ଆଶ୍ଚର୍ଯ୍ୟ କରିଥିଲା ସେ ସନ୍ଧି ବେଳରେ ) ସେ ହଷ୍ଟେଲକୁ ଆସି ରହିବା ଦିନ ପୂର୍ବରୁ, ମଝିରେ ଯେତେଦିନ ମୁଁ ଘରେ ରହି ସ୍କୁଲ ଆସୁଥିଲି, ହେ: ମା: ଚନ୍ଦ୍ରମୋହନ ବାବୁ ବ୍ୟବସ୍ଥା କରି ଦେଉଥିଲେ ଯେ, ମୁଁ ସେହି କେତେଦିନ ତାଙ୍କ କ୍ୱାର୍ଟରରେ ସକାଳ ଦଶଟା ପୂର୍ବରୁ ଭାତଖାଇ କ୍ଲାସକୁ ଯିବି । ସହାନୁଭୂତି ଓ ଉଦାରତାର ଏହି ପରାକାଷ୍ଠା, ଏହି ନୂଆ ପରିଚିତ ମୋ ତରୁଣ ମନକୁ କୃତଜ୍ଞତା ଓ ଭକ୍ତିରେ ଉଦ୍‌ବେଳିତ, ସଂକ୍ଷୋଭିତ କରି ଦେଇଥିଲା । ( ପରେ ଶୁଣିଛି, ସେ କଟକ-ପୁରୀରେ ଥିଲାବେଳେ ଏକାଧିକ ଶିକ୍ଷାର୍ଥୀ ତାଙ୍କ ବସାରେ ଆହାରାଦି କରିବାର ବ୍ୟବସ୍ଥା ରହିଥିଲା । ) ଶିକ୍ଷାର ପ୍ରସାର ଓ ଉନ୍ନତି କଲେ, ତାଙ୍କର ଏବମ୍ବିଧ ଆନ୍ତରିକ ପ୍ରଚେଷ୍ଟା ତାଙ୍କ ଚରିତ୍ରର ଏକ ବିଶିଷ୍ଟ ମହତ୍ତ୍ୱ ।

× × × ×

ପୁରାଣ ବର୍ଣ୍ଣିତ ପରମଜ୍ଞାନୀ ଅବଧୂତଙ୍କର ଅନେକାନେକ ଗୁରୁ ଥିବା, ଲୋକ ପ୍ରସିଦ୍ଧ । କଳିଯୁଗର ନିତାନ୍ତ-ସାଧାରଣ ଗରିବ ଗ୍ରାମ୍ୟ ମୁଁ । ମୋର ଭାଗ୍ୟରେ ବି, ଶିକ୍ଷା-ପରିମଣ୍ଡଳର ସୀମିତ ପରିବେଶ ମଧ୍ୟରେ ହିଁ ସେଭଳି ଏକାଧିକ ମହାପ୍ରାଣ ସଦ୍‌ଗୁରୁ ମିଳିଥିଲେ । ସ୍ୱର୍ଗତ ହେଡ୍‌ମାଷ୍ଟର ଚନ୍ଦ୍ରମୋହନ ମହାରଣାଙ୍କ ସ୍ମରଣ ଉପଲକ୍ଷରେ ସେ ସବୁର ବିସ୍ତାରିତ ଆଲୋଚନା ଏଠାରେ ଅପ୍ରାସଙ୍ଗିକ । ଉପସଂହାରରେ ମନରେ ପ୍ରଶ୍ନ ଉଠେ — କଅଣ, ଆଜିର ସମାଜ ଓ ଦୁନିଆର ସର୍ବଗ୍ରାସୀ ସ୍ୱାର୍ଥସିଦ୍ଧି ପରିବେଶ ଭିତରେ ଏବେ ବି ଶିକ୍ଷାଗୁରୁମାନଙ୍କର ଦୁଃସ୍ଥ ଶିକ୍ଷାର୍ଥୀମାନଙ୍କ ପାଇଁ ସେଭଳି ମହୃଦୟତା ଓ ମହତ୍ତ୍ୱବୋଧ ବର୍ତ୍ତି ରହିନାହିଁ ? ଅଛି, ଅଛି— କାଣିଚାଏ ହେଲେ ଅଛି ; ଆଉ ମଣିଷ ମଣିଷ ଥିବାଯାଏ, ଥିବ ।

Digitized by srujanika@gmail.com

# ସ୍ୱର୍ଗତ ଶିକ୍ଷାବ୍ରତ୍
# ଶ୍ରୀ ଚନ୍ଦ୍ରମୋହନ ମହାରଣା—
# ମୁଁ ତାଙ୍କୁ ଯେତିକି ଜାଣେ

ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା
ଦେଉଳସାହି, କଟକ-୧

( ୧ )

**ବାଲେଶ୍ୱରରେ ପାଠପଢ଼ା** (ଅନନ୍ତ ପ୍ରସାଦ ପଣ୍ଡା ଗ୍ରନ୍ଥାବଳୀ, ଦ୍ୱିତୀୟ ଭାଗ )—

"ବାଲେଶ୍ୱର ଭଟ୍ଟୋଗଆ ଜୁବିଲ୍ ମାଇନର ସ୍କୁଲରୁ କୃତିତ୍ୱ ସହିତ ପାଶ କରି ମୁଁ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରେ ଯୋଗ ଦେଲି । ସେତେବେଳେ ଧନ୍ୟାମଧନ୍ୟ ସାହିତ୍ୟିକ ତଥା ସୁଶିକ୍ଷକ ଶ୍ରୀ ଚନ୍ଦ୍ରମୋହନ ମହାରଣା ବାଲେଶ୍ୱର ଜିଲ୍ଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ଥାନ୍ତି ଏବଂ ତାଙ୍କ ତଳେ ଅନ୍ୟତମ ଶିକ୍ଷକ ଥାନ୍ତି ଅଙ୍କଶାସ୍ତ୍ରବିତ୍ ଶ୍ରୀ ଭୀମ ରାଉତ, ଏମ୍. ଏ. ।"

"ତା'ପରେ ମୁଁ କିଛିଦିନ ପାଇଁ ବାଲେଶ୍ୱର ଜିଲା ହାଇସ୍କୁଲ ହଷ୍ଟେଲରେ ରହିଥିଲି ପଢ଼ାପଢ଼ିର ସୁବିଧା ପାଇଁ । ସେଇ ସମୟରେ ସ୍କୁଲର ପ୍ରଧାନ ଅଧ୍ୟକ୍ଷ ସାହିତ୍ୟିକ ଶ୍ରୀ ଚନ୍ଦ୍ରମୋହନ ମହାରଣାଙ୍କର ସମ୍ପର୍କରେ ଆସିବାର ସୁବିଧା ମଧ୍ୟ ପାଇଥିଲି । ଶ୍ରୀଯୁକ୍ତ ମହାରଣାଙ୍କର ବ୍ୟବହାରରେ କେତେକ ବୈଶିଷ୍ଟ୍ୟ ଥିଲା । ସେ କ୍ଲାସରେ ପଢାଉଥିଲା ବେଳେ କୌଣସି ଚକ୍ ଷ୍ଟିକ୍ କିମ୍ବା କଲମ ପେନ୍ସିଲ ଇତ୍ୟାଦି ହାତରେ ଛୁଉଁ ନଥିଲେ । ସେଥିପାଇଁ ତାଙ୍କ ଚକ ଷ୍ଟିକ୍ ଓ କଲମ ପେନ୍ସିଲରେ ଖଣ୍ଡିଏ ଧଳା କାଗଜର ପଟି ଗୁଡ଼ା ହୋଇଥିଲା ଓ ସେଇ କାଗଜ ପଟି ଉପରେ ଆଙ୍ଗୁଳି ରଖି ସେ ଲେଖାଲେଖି କରୁଥିଲେ ।" (ଗ୍ରନ୍ଥାବଳୀ— ପୃଷ୍ଠା ୨୩୯/୨୩୨)

Digitized by srujanika@gmail.com

( ୬ )

ଯେତେବେଳେ ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣାଙ୍କର କଡ଼ା ନଜର ଫଳରେ ସେବର୍ଷ ବାଲେଶ୍ୱର ଜିଲ୍ଲା ସ୍କୁଲରୁ ତିନିଜଣ ଫାଷ୍ଟ ଡ଼ିଭିଜନରେ ପାଶ କରି ସ୍କଲରସିପ୍ ଲାଭ କରିଥିଲେ । ସେଥିମଧ୍ୟରେ ଥିଲୁଁ ମୁଁ ଓ ଶ୍ରୀଯୁକ୍ତ ମହାରଣାଙ୍କର ପୁତ୍ର ଶ୍ରୀ ଲୋକନାଥ ମହାରଣା । ଲୋକନାଥ ମୋର ସହପାଠୀ ଥିବାରୁ ଆମେ ଥରେ ରେମୁଣାର ପ୍ରସିଦ୍ଧ କ୍ଷୀରଚୋରା ଗୋପୀନାଥ ମନ୍ଦିର ଦେଖିବାକୁ ଯାଇ ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣାଙ୍କର ନିଜଘରେ ଗୋଟିଏ ରାତ୍ରୀ ଯାପନ କରିବାର ସୌଭାଗ୍ୟ ଲାଭ କରିଥିଲୁ । ମୋର ଯେତେଦୂର ମନେ ହୁଏ ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣା ସେଇ ବାଲେଶ୍ୱର ଜିଲ୍ଲା ସ୍କୁଲର ହେଡ଼ମାଷ୍ଟର ଭାବରେ କାର୍ଯ୍ୟ କରୁଥିବା ସମୟରେ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିଲେ । ଶ୍ରୀଯୁକ୍ତ ମହାରଣା ଯେ କେବଳ ଜଣେ ଉଚ୍ଚକୋଟୀର ଶିକ୍ଷାବିତ୍ ଥିଲେ ତା' ନୁହେଁ ; ସେ ଥିଲେ ଜଣେ ଅତି ସୁଦକ୍ଷ ପ୍ରଶାସନିକ ଅଫିସର । ତାଙ୍କର ପ୍ରତ୍ୟେକ କାର୍ଯ୍ୟ ଏପରି ସୁଶୃଙ୍ଖଳିତ ଥିଲା ଯେ ସେ ଛାତ୍ର ମହଲରେ ଯଥେଷ୍ଟ ସମ୍ମାନର ଅଧିକାରୀ ହେଉଥିଲେ । ତାଙ୍କର ଶିକ୍ଷା ପ୍ରଣାଳୀ ଓ ପଦ୍ଧତି ମଧ୍ୟ ଥିଲା ଅତି ଉଚ୍ଚକୋଟୀର ଓ ଚିତ୍ତାକର୍ଷକ । ସେ ଅନ୍ୟ କୌଣସି ଛାତ୍ରର ବ୍ୟବହାରରେ ସାମାନ୍ୟ ବିଶୃଙ୍ଖଳା ଦେଖିଲେ ଖୁବ ରାଗିଉଠି ବିରକ୍ତି ପ୍ରକାଶ କରୁଥିଲେ କିନ୍ତୁ ଅନ୍ତର ମଧ୍ୟରେ ସେ ଥିଲେ ଜଣେ ଖୁବ ଛାତ୍ରବତ୍ସଳ ଓ ସ୍ନେହୀ ଶିକ୍ଷକ । ସେଥିପାଇଁ ସେ ତତ୍କାଳୀନ ଶିକ୍ଷା ବିଭାଗରେ ଜଣେ ସୁଦକ୍ଷ ଅଫିସର ଭାବରେ ସୁଖ୍ୟାତି ଲାଭ କରିବାକୁ ସମର୍ଥ ହୋଇଥିଲେ । ବ୍ୟକ୍ତିଗତ ଜୀବନରେ ମଧ୍ୟ ସେ ଥିଲେ ଜଣେ ଉଚ୍ଚ ନୀତିବାନ ଓ ଆଦର୍ଶବାନ ବ୍ୟକ୍ତି । ସେଥିପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ ।

ତାଙ୍କର ସାହିତ୍ୟିକ ପ୍ରତିଭା ମଧ୍ୟ ଥିଲା ଅତି ସମୁଜ୍ଜ୍ୱଳ । ସେ ଅବଶ୍ୟ ବେଶୀ କବିତା ଲେଖି ନଥିଲେ କିନ୍ତୁ ତାଙ୍କର ଅନ୍ତର କବିତ୍ୱମୟ ଥିଲା । ସେଥିପାଇଁ ଜଣେ ପ୍ରସିଦ୍ଧ ଇଂରେଜ କବି ଗୋଟିଏ ମାତ୍ର କବିତା ଲେଖି ଯେପରି ବିଶ୍ୱବିଖ୍ୟାତ ହୋଇ ପାରିଥିଲେ ସେହିପରି ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣାଙ୍କର ଗୋଟିଏ ମାତ୍ର କବିତା ପଢି ଓଡ଼ିଶାର ତତ୍କାଳୀନ ସର୍ବଶ୍ରେଷ୍ଠ ସୁବିଖ୍ୟାତ ସୁଲେଖକ ବ୍ୟାସକବି ଫକୀରମୋହନ ସେନାପତି ତାଙ୍କର 'ଉତ୍କଳଭ୍ରମଣ' ନାମକ ପୁସ୍ତକରେ ଶ୍ରୀ ଚନ୍ଦ୍ରମୋହନଙ୍କର କବି ପ୍ରତିଭାର ପରିଚୟ ଦେଇ ଲେଖିଥିଲେ—

Digitized by srujanika@gmail.com

"ଚନ୍ଦ୍ରମୋହନ ମହାରଣା ହେଉ ହେଉଁ ହେଉ
ବାରେ ମାତ୍ର ତାଳଦଅ କବିତାର ଢେଉ
ଖଣ୍ଡିଏ କବିତା ଲେଖି ଥକି ପଡ଼ିଲ କି ?
ଏତେ ଅଳସୁଆ ହେଲେ କାମ ଚଳିବ କି ?"

ମୁଁ ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣାଙ୍କର ସମ୍ପର୍କରେ ଆସିଲି ତାଙ୍କର ବୃଦ୍ଧାବସ୍ଥାରେ ସେ ସରକାରୀ କାର୍ଯ୍ୟରୁ ଅବସର ନେବା ବୟସରେ ଜଣେ ମେଟ୍ରି-କ୍ୟୁଲେସନ୍ କ୍ଲାସର ଛାତ୍ର ଭାବରେ । × × × ତାଙ୍କ ଜୀବନର ଶେଷାଙ୍କରେ ଜାଣିଛି ଏ ମାତ୍ର ଯେତିକି ଜାଣିଥିଲି ସେତିକି ଲେଖି ମୋର ପୂଜ୍ୟପାଦ ଗୁରୁଦେବଙ୍କୁ ସ୍ମରଣ କରି ମୋର ଭକ୍ତି ଅର୍ଘ୍ୟ ଅର୍ପଣ କରି ରହୁଛି ।

Digitized by srujanika@gmail.com

# ଚନ୍ଦ୍ରମୋହନ

ଶ୍ରୀଯୁକ୍ତ ଗୋଲକ ଚନ୍ଦ୍ର ମହାପାତ୍ର

ଶଂସିତ ବ୍ୟକ୍ତିଙ୍କ ବିଷୟରେ କିଛି ଜାଣିଥିବା କଥା କହୁଛି । "ଚନ୍ଦ୍ରମୋହନ ବୋଇଲେ ସାହିତ୍ୟିକ, ଶିକ୍ଷାବିତ୍, ଶିକ୍ଷକ, ଶୃଙ୍ଖଳାରକ୍ଷକ ଏବଂ କଲମକୁ ଶୃଙ୍ଖଳିତ କରିଥିବା ଏକ ମହତ୍ ଦେଶପ୍ରେମୀ ମହାରଣା ଚନ୍ଦ୍ରମୋହନଙ୍କୁ ହିଁ ବୁଝିବେ ।" ଆଜିକି ଷାଠିଏ ବର୍ଷ ପୂର୍ବେ ଅର୍ଥାତ୍ ଛଅ ଦଶନ୍ଧି ଗତ ହୋଇଗଲାଣି ତାଙ୍କର କର୍ମମୟ ଜୀବନର ଅବସାନ ଆଡ଼କୁ ଯାଉଥିବା ଅବସ୍ଥାରେ ମୁଁ ଜଣେ ଛାତ୍ର ହିସାବରେ ତାଙ୍କୁ ଜାଣିଥିଲି— ସେ ସମୟର ସ୍ମୃତିକୁ ବର୍ତ୍ତମାନ ଆଉଡ଼ାଇ ଗୁରୁ ଗୌରବ ସତ୍କାର୍ଯ୍ୟ ପ୍ରକାଶ କରୁଅଛି ।

ଆମମାନଙ୍କର ଛାତ୍ରାବସ୍ଥାରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶୀର୍ଷ ଶ୍ରେଣୀରେ (୧୯୧୯) ପଢ଼ୁଥିଲି ବେଳେ ସ୍କୁଲ ପୂଜା ଛୁଟିରେ ବନ୍ଦ ଥିଲା । ନମସ୍ୟ ଉପେନ୍ଦ୍ରନାରାୟଣ ଦତ୍ତଗୁପ୍ତ ହେଡ଼ମାଷ୍ଟରଙ୍କ କଡ଼ା ନଜରରୁ ପିଲାଏ କିଛିଦିନ ପାଇଁ ମୁକ୍ତ ପାଉଥାନ୍ତି । ଆମେ ମଫସଲ ପିଲାଏ ଘରକୁ ଯାଇ ଆଉ ସ୍କୁଲ ଖବର କିଛି ପାଉ ନଥିଲୁଁ । ସ୍କୁଲ ଛୁଟି ପରେ ଖୋଲିଲା । ଦେଖିଲୁଁ ଉପେନ୍ଦ୍ର ବାବୁ ନାହାନ୍ତି, ନୂଆ ହେଡ଼ମାଷ୍ଟର ଆସିଛନ୍ତି । ଉପେନ୍ଦ୍ର ନାରାୟଣ ଦତ୍ତଗୁପ୍ତଙ୍କୁ ପିଲାଏ କି, ସହର ମଫସଲବାସୀ ପଢ଼ୁଆମାନେ ସମସ୍ତେ ପୁରୁଣା ହେଡ଼ମାଷ୍ଟର ବୋଲି ଜାଣିଥିଲେ—କାରଣ ସେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ବହୁ କାଳ ଥିଲେ ବୋଲି ନୁହେଁ, ତାଙ୍କର ଶିକ୍ଷାଦାନ ଏବଂ ଶୃଙ୍ଖଳାରକ୍ଷା ଓ ୧୯୧୭ରେ ମେଲେରିଆ, ମହାମାରୀ ପ୍ରଥମ ବାଲେଶ୍ୱରକୁ ଆକ୍ରମଣ କରିଥିବା ବେଳେ, ଆଚାର୍ଯ୍ୟ ହରିହରଙ୍କ ସଙ୍ଗେ ଗ୍ରାମସେବାରେ ପରିଚିତ ହୋଇ ପଡ଼ିଥିଲେ । ତାଙ୍କୁ ପିଲାଏ ଏତେ ଡରୁଥିଲେ ଯେ, ସେ ବଦଳି ହୋଇ ଆଉ ଜଣେ ହେଡ଼ମାଷ୍ଟରଙ୍କ ଆସିବା ସ୍କୁଲ ଖୋଲିବା ବେଳେ ଦେଖି ପରସ୍ପର ଉତ୍ଫୁଲ୍ଲ ହେଉଥିଲେ । ସେ ପୁରୀ ଜିଲ୍ଲା ସ୍କୁଲ ଚାଲିଗଲେ । ଇଆଡ଼େ ଯେଉଁ ହେଡ଼ମାଷ୍ଟର ଆସିଲେ ସେ କଟକ ଟ୍ରେନିଂ ସ୍କୁଲରୁ ଆସିଲେ । ତାଙ୍କୁ 'ନୂଆ ହେଡ଼ମାଷ୍ଟର' ପଦବୀ ଆମେ ଦେଲୁଁ ।

ଚନ୍ଦ୍ରମୋହନ ମହାରଣା କହୁଥିଲେ ସେତେବେଳେ ଟ୍ରେନିଂ ସ୍କୁଲର ହେଡ଼-ମାଷ୍ଟରଙ୍କୁ ବୁଝାଉଥିଲା । ଆଉ ଶତ ଶତ ଟ୍ରେନିଂପ୍ରାପ୍ତ ଶିକ୍ଷକ ସେଠାରୁ ବାହାରି ତାଙ୍କ ନାମ ସାରା ଓଡ଼ିଶାର ସହର ମଫସଲରେ ପ୍ରକାଶ କରିଥିଲେ । ଆମେ ପିଲା-

Digitized by srujanika@gmail.com

ମାନେ ଶୁଣିଲୁଁ ଯେ ଏତେ ଦୁର୍ବଳ, ବୃଦ୍ଧ ଏବଂ ରୋଗୀ ଅବସ୍ଥାରେ, ଯେ କି ଚାକିରି ଶେଷ କରିବାର ପର୍ଯ୍ୟାୟରେ ଅଳ୍ପ କେଇବର୍ଷ ପରେ ପେନ୍‌ସନ୍ ନେବେ, ସେ କାହିଁକି ତାଙ୍କର ଦୀର୍ଘ ଦିନର କର୍ମସ୍ଥଳ ଏବଂ ଏକ କେନ୍ଦ୍ରସ୍ଥାନ ଛାଡ଼ି ବାଲେଶ୍ୱର ବଦଳି ହେଲେ, ଏହା ସେ ସମୟର ଶିକ୍ଷା ବିଭାଗର କର୍ତ୍ତାଙ୍କର କାହିଁକି ଅସହ୍ୟ ହେଲା ? ଶୁଣିଲୁ ଆମର ନୂଆ ହେଡ଼ମାଷ୍ଟର ମଧୁସୂଦନ ଧର ଟ୍ରେନିଂ ସ୍କୁଲର ମଙ୍ଗୁଆଲି ଥିଲେ, ତଥାପି ସେ ନିଜେ ସେ ଟ୍ରେନିଂ ପୁଚ୍ଛ ଧରି ନ ଥିଲେ ଅର୍ଥାତ୍ କୌଣସି ଶିକ୍ଷକ ତାଲିମର ଉପାଧି ପାଇ ନ ଥିଲେ ଏବଂ ସେ ଉପାଧି ପାଇବା ପାଇଁ ଶିକ୍ଷା ନେବାର ମଧ୍ୟ ବୟସ ନ ଥିଲା—ତେଣୁ ସେହି ଶେଷ ଚାକିରିରେ ଟ୍ରେନିଂସ୍କୁଲ ଛାଡ଼ିବାକୁ ହେଲା । ଯେଉଁ ଲୋକ ଶତ ସହସ୍ର ଛାତ୍ରଙ୍କୁ ଟ୍ରେନିଂପ୍ରାପ୍ତ ଶିକ୍ଷକ କରାଇଥିଲେ ଏବଂ ତାଙ୍କ ପୂର୍ବରୁ ମଧ୍ୟ ଟ୍ରେନିଂ ସ୍କୁଲରେ ତାଙ୍କ ପରି ପ୍ରବୀଣମାନେ ଟ୍ରେନିଂ ନପାଇ ଶିକ୍ଷକତା କରି ଶିକ୍ଷକ ଗଢ଼ାଉଥିଲେ— କେବଳ ତାଙ୍କରି ବେଳକୁ ବହୁ ଦିନ ତାଲିମ ଦେବାପରେ ଟ୍ରେନିଂ ପାଶ ଛାପା ଉପାଧି ଅଭାବରୁ ତାଙ୍କର ବାଲେଶ୍ୱର ଜିଲା ସ୍କୁଲକୁ ଆସିବାର ହେଲା ।

ଏ କ୍ଷେତ୍ରରେ ଆମେ ପିଲାମାନେ ଉତ୍ତର ଜୀବନରେ ଜଣେ ନାମଜାଦା, କୃତୀ ଶିକ୍ଷକ ଏବଂ ମାତୃଭାଷାର ସୁଲେଖକଙ୍କୁ ଦେଖିଥିବାର ସୁଯୋଗ ପାଇଥିବାରୁ ନିଜକୁ ଭାଗ୍ୟବାନ ମନେକଲୁ । ଏହା ନ ହୋଇଥିଲେ ମହାରଣା ସେହି କଟକ ଟ୍ରେନିଂ ସ୍କୁଲରେ କର୍ମ ଜୀବନ ଶେଷ କରିଥାନ୍ତେ, ବାଲେଶ୍ୱର ଲୋକେ ବିଶେଷ କରି ପିଲାଏ ତାଙ୍କ ଦର୍ଶନ ଏବଂ ଭାଷଣ ଶୁଣିପାରି ନଥାନ୍ତେ । ପ୍ରକାଶ ଥାଉକି ମହାରଣା ତାଙ୍କ ପ୍ରଥମ ଚାକିରି ଜୀବନରେ ପୁରୀ ଜିଲା ସ୍କୁଲରେ ହେଡ଼ମାଷ୍ଟର ଥାଇ ବଡ଼ ବଡ଼ ଓଡ଼ିଆ ଜାତୀୟତାର ନେତା, କବି, ଦାର୍ଶନିକ ଏବଂ ଭାବୁକଙ୍କୁ ଢଳାଇଥିଲେ । ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର ପ୍ରଭୃତି ତାଙ୍କୁ ଗୁରୁ ଏବଂ ପୃଷ୍ଠପୋଷକ ଭାବେ ପାଇଥିଲେ । ଗୁରୁଦେବଙ୍କର ପୁରୀ, କଟକରେ ଛାତ୍ର ଥିଲେ । ଆମ ପଢ଼ିଲା ବେଳକୁ ବୃଦ୍ଧ ସମୟରେ ବାଲେଶ୍ୱରରେ ଛାତ୍ର ହେଲେ । ଏଠାରେ ସେ ଶେଷ କେଇବର୍ଷ ଥିଲେ ମଧ୍ୟ ଅନେକ ଛାତ୍ର ତାଙ୍କଦ୍ୱାରା ଉପକୃତ ଏବଂ ଉନ୍ନତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ସୁଯୋଗ୍ୟ ସୁସାହିତ୍ୟିକ ହରିଶ୍ଚନ୍ଦ୍ର ବଢ଼ାଲ ଜଣେ ଅନ୍ତି ।

ସେ ଆମମାନଙ୍କୁ ଇଂରାଜୀ ପଢ଼ାଉଥିଲେ । ତାଙ୍କ ଶ୍ରେଣୀରେ ବସିଥିବା ବେଳେ ପିଲାଏ ଏକ ଧ୍ୟାନରେ ତାଙ୍କୁ ଚାହିଁ ରହୁଥାନ୍ତି । ଗୋଟିଏ ବୁଢ଼ା ଗୋରାଲୋକ ଧୋତି ଖଣ୍ଡେ ପିନ୍ଧିଥାନ୍ତି ଆଉ କମିଜଟାଏ ଘୋଡ଼ାଇ ହୋଇ ଯେତେବେଳେ କ୍ଲାସ ଘରକୁ ପଶିଆସନ୍ତି, ସେ କି ଭୟ ଏବଂ ଭକ୍ତି ପିଲାଙ୍କ ଭିତରେ ଭରି ଦିଅନ୍ତି ! ସେ ବଡ଼ ଶୁଚିବାଇ ଥିଲେ, କ୍ଲାସ ରୁମ୍‌ରେ କେତେଥର ଉଠି ପିଅନ ରାଧୁଦ୍ୱାରା ଡାହାଣ ହାତ ପାପୁଲି ଧୋଇ ନେଉଥିଲେ—ଲେଖୁଥିବା କଲମଟିରେ ମୂଳଆଡ଼କୁ କିଛି ଅଂଶ କାଗଜ

Digitized by srujanika@gmail.com

ଗୁଡ଼ିଆ ହୋଇଥାଏ  ସେତେବେଳେ ଫାଉନ୍‌ଟେନ୍ କଲମ ଦୁଷ୍ପ୍ରାପ୍ୟ ଏବଂ ସୁଲଭ ନଥିଲା । କେବଳ ଆମେ ଉପେନ୍ଦ୍ରବାବୁ ହେଡ଼ମାଷ୍ଟରଙ୍କୁ ଗୋଟିଏ ଫାଉଣ୍ଟେନ୍ କଲମ ବ୍ୟବହାର କରୁଥିବାର ଦେଖିଥିଲୁଁ, ସେକାଳର ତାଙ୍କର ଫଟୋଗ୍ରାଫ୍‌ର ଗ୍ରଢ ପକେଟରେ ରଖି ଚଇ ଉଠିଥିବାର ମଧ୍ୟ ଦେଖାଯାଏ । ଆଉ ମହାରଣା ଏପରି ଶୃଙ୍ଖଳା ରକ୍ଷା କରୁଥିଲେ ଯେ ସେ ମୋଟେ ଉଚାଗଲାରେ କାହାକୁ ଡାକୁ ନଥିଲେ କମ୍ବା କାହାର ଉପରେ ରାଗୁ ନଥିଲେ । କେବଳ ଇଙ୍ଗିତରେ ସେ ସବୁ କରାଇ ନେଉଥିଲେ । ପିଅନଠାରୁ ଶିକ୍ଷକମାନେ ସମସ୍ତେ ତାଙ୍କୁ ଏକ ନୀରବ ଭକ୍ତି ହୃଦୟ ମଧ୍ୟରେ ପୋଷଣ କରିଥିବାର ଜଣା ପଡ଼ୁଥାଏ । ପଛକୁ ଜାଣିଲୁଁ ଯେ ସେ ଜଣେ ଅତ୍ୟନ୍ତ ନୀତିବାଦୀ ଏବଂ ତ୍ରୁଟି ସଚେତନ ଥିବାରୁ ସେପରି ସ୍ଖଳନ କାହାର ସହ୍ୟ ପାରୁନଥିଲେ । ତେଣୁ ସମସ୍ତେ ଆଗରୁ ସାବଧାନ ହୋଇ ଯାଉଥିଲେ । ଆମେ ପିଲାମାନେ ଶ୍ରେଣୀରେ ତଟସ୍ଥ ହୋଇ ତାଙ୍କ ପାଠ ଶୁଣୁଥିଲୁଁ । ସେ ପଢ଼ାଉଥିଲା ବେଳେ ଏପରି ତନ୍ମୟ ହୋଇ ଯାଉଥିଲେ ଯେ କେତେବେଳେ ପଇଁଚାଳିଶ ମିନିଟ୍‌ର ଏକ ପଢେଇବା ଘଣ୍ଟା ଶେଷ ହୋଇଗଲାଣି ଏବଂ ଘଣ୍ଟାରୁ ଶବ୍ଦ ଦିଆଗଲାଣି ତାହା ବୋଧହୁଏ ଜାଣିପାରୁ ନଥିଲେ । ଇଂରେଜୀ ସାହିତ୍ୟରେ କୌଣସି ବିଷୟ ସଙ୍ଗେ ସଂସ୍କୃତ ସାହିତ୍ୟରେ ସେହିପରି ବିଷୟରେ କବି କେଉଁଠି ଲେଖିଛନ୍ତି : ଓଡ଼ିଆ ସାହିତ୍ୟରେ ବିଶେଷତଃ ରାଧାନାଥ ତାଙ୍କ କାବ୍ୟ କବିତାରେ ସେପ୍ରକାର ବିଷୟରେ କିପରି ଲେଖିଛନ୍ତି, ଏସବୁ ତୁଳନାତ୍ମକ ପ୍ରକାଶ ଚାଲିଥିବା ସଙ୍ଗେ ସଙ୍ଗେ ଯଦି ସେହି ଇଂରାଜୀ ସାହିତ୍ୟରେ ବର୍ଣ୍ଣିତ କୌଣସି ଦୃଶ୍ୟ ସଙ୍ଗେ ଓଡ଼ିଶାରେ କୌଣସି ପ୍ରାକୃତିକ ଦୃଶ୍ୟର ସାଦୃଶ୍ୟ ସେ ଦେଖିଥାନ୍ତି, ତାହା ବର୍ଣ୍ଣନା କରନ୍ତି । ଉଦାହରଣ ସ୍ୱରୂପ Rip-van-wincle ( Irringଙ୍କ ) ପଢ଼ାଉଥିଲା ବେଳେ ଏଥିରେ ବର୍ଣ୍ଣିତ କେତେକ ଦୃଶ୍ୟ ସଙ୍ଗେ ଖୋର୍ଦ୍ଧାର କେତେକ ଦୃଶ୍ୟ, ଏପରିକି ବାଲେଶ୍ୱର ସହର ଭିତରେ ସେତେବେଳେ ଥିବା Disiella Roadର ଉଭୟ ପାର୍ଶ୍ୱରେ ଦେବଦାରୁ ଗଛର rowକୁ ମଧ୍ୟ ଇଂରାଜୀ କବିତାର Wordsworth, Shellyଙ୍କ କେତେକ ସ୍ଥାନ ବର୍ଣ୍ଣନା ବେଳେ ଦେଖାଇ ଦେଉଥାନ୍ତି । ପଇଁଚାଳିଶ ମିନିଟ୍‌ରେ ଏକ ପିରିଅଡ୍ ତାଙ୍କୁ କୁଲାଉ ନଥିବାରୁ ଅନ୍ୟ ଶିକ୍ଷକ ପରବର୍ତ୍ତୀ ଘଣ୍ଟାରେ ଆସି ଶ୍ରେଣୀ ସାମନାରେ ଏହାଙ୍କ ନଜରକୁ ଆସି ଫେରି ଯାଉଥିଲେ ।

ଆମେମାନେ ସେତେବେଳେ ପୁସ୍ତକଗତ ଶିକ୍ଷାଠାରୁ ତାଙ୍କର ଅଭିଜ୍ଞତାଲବ୍ଧ ବିଷୟମାନ ଶୁଣିବାକୁ ପାଇଥିଲୁଁ : ଏହା ଗ୍ରନ୍ଥି ହୃଦୟରେ ଲଖି ହୋଇ ରହି ଯାଉଥିଲା । ସେ ତାଙ୍କର ସହକର୍ମୀମାନଙ୍କ ଭିତରୁ ପ୍ରାୟ ସମସ୍ତେ କନିଷ୍ଠ ଥିବାରୁ ଏବଂ ନିଜର ସ୍ନେହ ପ୍ରକାଶ ପାଇଁ ଅନୁପଯୁକ୍ତ ଥିବାରୁ, କେତେବେଳେ ଦରକାର ହେଲେ ସେମାନଙ୍କ ନାମ କେବଳ ସସ୍ନେହରେ ଉଚ୍ଚାରଣ କରି କଥା କହୁଥିଲେ—ଯଥା ଜଗନ୍ନାଥ

Digitized by srujanika@gmail.com

ତ୍ରିପାଠୀ, ଶ୍ରୀମ ଗ୍ରହ୍ୱତଙ୍କ ଭଳି ଲୋକମାନେ ତାଙ୍କର ସହକାରୀ ହେଡ଼ମାଷ୍ଟର ଥିଲେ ସୁଦ୍ଧା ସେ ଜଗନ୍ନାଥ, ଶ୍ରୀମ ଏବୃପର ଭାବରେ କଥାବାର୍ତ୍ତା ସମୟରେ ସ୍ନେହ ସୂଚକ ନାମ ଉଚ୍ଚାରଣ କରୁଥିଲେ । ଆଜକାଲିକା ଭଳି ନିମ୍ନଶ୍ରେଣୀ କର୍ମଚାରୀମାନଙ୍କ ମଧ୍ୟ ତାଙ୍କ ନାମ ସହ 'ବାବୁ' ଶବ୍ଦ ଯୋଡ଼ି ଡାକିବା ତାଙ୍କଠାରେ ନଥିଲା । ତାଙ୍କର ଅବ୍ୟକ୍ତ ସ୍ନେହ ସେ ଏହିପ୍ରକାରେ ପ୍ରକାଶ କରୁଥିଲେ, ଏବଂ ସମସ୍ତ ସହକର୍ମୀମାନେ ଅଧିକ ଆଗ୍ରହରେ କର୍ତ୍ତବ୍ୟରତ ଥିବାର ଦେଖୁଥିଲେ ।

ସେ ଏପରି ଦୃଢ଼ସ୍ୱାସ୍ଥ୍ୟ ଥିଲେ ଯେ ତାଙ୍କ ଯୌବନର ପ୍ରତିଚ୍ଛବି ଯେ ନ ଦେଖିଛି, ସେ ବିଶ୍ୱାସ କରିପାରିବ ନାହିଁ ଯେ ଯୌବନରେ ସେ ଜଣେ ଦୀପ୍ତିମନ୍ତ ସ୍ୱାସ୍ଥ୍ୟବାନ୍ ସୁଠାମ ଆକୃତି ବିଶିଷ୍ଟ ଶ୍ୟାମାଙ୍ଗ ପୁରୁଷ ଥିଲେ । ଏକଥା ତାଙ୍କର ଗରିଷ୍ଠ ଆହାର ଭୋଜନାନ୍ତେ ପରିପାକ କରି ଦେଉଥିବା ବିଷୟ ଆମ୍ଭେମାନେ ପଣ୍ଡିତ ମହାଶୟଙ୍କଠାରୁ ଶୁଣିଥିଲୁଁ । ଆଗରୁ ତାଙ୍କର ଯୌବନର ମୂର୍ତ୍ତି ଉତ୍କଳ ସାହିତ୍ୟ ପତ୍ରିକାରେ ଦେଖିଥିଲି । ତାଙ୍କ କଥାର ଯଥାର୍ଥତା ଥିଲା । ଥରେ ସେ ପାଦରେ ଚାଲି ଏବଂ ତାଙ୍କ ସ୍ତ୍ରୀ କନ୍ୟାଙ୍କୁ ଗୋରୁ ଗାଡ଼ିରେ ବସାଇ ଅନ୍ୟ କୌଣସି ଭୃତ୍ୟଙ୍କୁ ସଙ୍ଗରେ ନ ନେଇ ଆମ୍ଭମାନଙ୍କ ଗ୍ରାମ ପୁରୁଣା ବାଲେଶ୍ୱରର ଶ୍ରୀ ବାଣେଶ୍ୱର ମହାଦେବଙ୍କୁ ଦର୍ଶନ କରିବାକୁ ଯାଇଥିଲେ । ସେଇଥର ସେ ତାଙ୍କର କୌଳିକ ମନ୍ତ୍ରଫୁଙ୍କା ବ୍ରାହ୍ମଣ ଅଧି-କାରୀଙ୍କ ଘରକୁ ମଧ୍ୟ ଗଲେ । ସେଠାରେ ସେ ରାଧାଶ୍ୟାମ ବାଡ଼ୀରେ ତାଙ୍କ ପାଦ ବନ୍ଦନା କଲେ । ଇଏ ଏତେ ବୁଢ଼ା ହୋଇ ଯାଇଥିଲେ—ସିଏ କିନ୍ତୁ ଟୋକା ଥିଲେ । ଏଥିରୁ ସନାତନୀ ପ୍ରଥା ସେ ଛାଡ଼ି ନ ଥିବାର ଜଣାଗଲା ।

ଆମ୍ଭମାନଙ୍କୁ ପଢାଉଥିବା ବେଳେ କୌଣସି କାରଣରୁ କବିବର ରାଧାନାଥ ରାୟଙ୍କ ବିଷୟରେ ରଚନା ମାଧ୍ୟମରେ ଉଲ୍ଲେଖ କରୁଥିଲାବେଳେ ସେ ତାଙ୍କ ପ୍ରତି ଏପରି ଭକ୍ତି ଦେଖାଉଥିଲେ ଯେ ପ୍ରଚଳିତ ଭ୍ରମ ଧାରଣା ଆମ୍ଭମାନଙ୍କର ଦୂର ହୋଇଗଲା । ଏପରି କୃତଜ୍ଞତା ଏବଂ ଭକ୍ତି ସହ ସ୍ୱଦେଶ ପ୍ରୀତିରେ ସେ ତାଙ୍କ ବିଷୟରେ ମଜ୍ଜି ଯାଉ-ଥିଲେ । ଯେ ଦେଖିଛି ତାଙ୍କ ସେତେବେଳର ମୂର୍ତ୍ତି ସେ ଭୁଲି ପାରିବ ନାହିଁ । ଅନେକେ କହୁଥିଲେ ସେ କେତେବେଳେ ଲେଖାରେ ବ୍ୟାକରଣ ଦୋଷ ମାର୍ଜନା କରୁ ନ ଥିଲେ ଏବଂ ଯାହା ଲେଖୁଥିଲେ ବାରମ୍ବାର ପରବର୍ତ୍ତୀ ସମୟରେ ସଂଶୋଧନ କରୁଥିଲେ । ଯେ ତାଙ୍କର ଯୌବନର 'କବିତାବଳି' ପଢିଛନ୍ତି ସେ ଦେଖିବେ କପରି ଭାବପୁଷ୍ଟ ଓ ସାହିତ୍ୟକର ପ୍ରକୃତ ଗଉରବପୂର୍ଣ୍ଣ ଅଟେ । ଶରତ୍ ଋତୁ ବର୍ଣ୍ଣନା ପ୍ରସଙ୍ଗରେ ଶେଫାଳି ଫୁଲକୁ ଦେଖି ଲେଖିଛନ୍ତି

"ପ୍ରବାଳ ବୃନ୍ତରେ ଖଚିତ ସଜ ସ୍ଫଟିକ ଦଳ,
ଲଭନ୍ତା ଉପମା ହୋଇଲେ ସୁବାସିତ କୋମଳ" × × ×

Digitized by srujanika@gmail.com

ଏହି ଦୁଇଧାଡ଼ି ନମୁନା ଦେଖନ୍ତୁ । ବକୁଲ ବୃକ୍ଷ ଉପରେ ଲିଖିତ କବିତା ସେହିପରି "ପର୍ଣ୍ଣେଫଳ, ବର୍ଣ୍ଣେ ରମ୍ୟ" × × × ଆଦି । ଏଭଳି ପ୍ରତିଭା ଉତ୍କଳ ମାଟିରେ ବିକଶିତ ହୋଇ ପାରିଲା ନାହିଁ । ଦୁର୍ଭାଗ୍ୟର ବିଷୟ । ଏହା ଦୈବୀ ବିଡ଼ମ୍ବନା, କାଳକ୍ରମେ ଏହା ବିସ୍ମୃତ ହୋଇ ଯାଉଅଛି । ସେ ଯେପରି ଦାରିଦ୍ର୍ୟର କଷାଘାତ ସହି ମର୍ଷିତ ହୋଇଥିଲେ ସେହିପରି ଅନ୍ୟଠାରେ ଗୁଣ ଏବଂ ଶକ୍ତିର ସନ୍ଧାନ ପାଇଲେ ତାଙ୍କୁ ମଞ୍ଚ ଉପରକୁ ଉଠାଇବାକୁ ସାହାଯ୍ୟ କରୁଥିଲେ । ଅବଶ୍ୟ ଏସବୁ ସେ ପ୍ରଚ୍ଛର କରି ନାହାନ୍ତି । ଏହା ତାଙ୍କର ସ୍ୱଭାବ ନ ଥିଲା । ସେ ଯୁକ୍ତି ସହି ପାରୁ ନ ଥିବାରୁ ନିଜର ଅନ୍ତରରେ ବୋଧହୁଏ କୋପକୁ ଚପାଇ ରଖୁଥିଲେ । ସେଥିପାଇଁ ନାନା ଦୁର୍ବିପାକରେ ମ୍ରିୟମାଣ ହେଉଥିଲେ । ଆଜକୁ ପଚାଶ ବର୍ଷ ହେଲା ସେ ଚାଲିଗଲେଣି । ତାଙ୍କର ଲେଖାଗୁଡ଼ିକରୁ ଲୁପ୍ତ ଉଦ୍ଧାର ହେଉ ।

ଚନ୍ଦ୍ରମୋହନଙ୍କୁ ସ୍ୱଗ୍ରାମ ମଟିରେ ଚାଲିବାର ଦେଖିନାହୁଁ । ସେ ଆମ୍ଭମାନଙ୍କ ଗାଁକୁ ଯାଉଥିଲାବେଳେ ଏବଂ ତାଙ୍କୁ ବାଟେଇବା, ବଧାଇ ଦେବାକୁ ଫେରନ୍ତା ସହର ରାସ୍ତାରେ ଚାଲୁଥିଲାବେଳେ ଏହି କଥା ଦେଖିଥିଲୁଁ । ଏଥିରେ ରାଧାନାଥଙ୍କ ଜୀବନୀରେ ପଢ଼ିଥିବା ତାଙ୍କର ରାସ୍ତା କଡ଼େ କଡ଼େ ଚାଲିବା କଥା ମନେ ପଡ଼ୁଯାଏ । ଏହା ଏକ ପ୍ରକାର ନିରାପଦତା ମଧ୍ୟରେ ବିନମ୍ରର ଲକ୍ଷଣ । ସେ ଘରେ ଖଣ୍ଡିଏ ଗେରୁଆ ଲୁଗା ପିନ୍ଧୁଥିଲେ । ଶୀତଦିନେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କ୍ୱାର୍ଟରରେ ଦେଖିଛୁଁ ଖଣ୍ଡିଏ ଗେରୁଆ ଲୁଗାର କାନିଟିଏ ଘୋଡ଼ି ହୋଇ ଗୋଟିଏ ନିଆଁ ( ଉମ୍ହେଇ ) ରଖିବା ମାଟିପାତ୍ର ପାଖରେ ବସିଥାନ୍ତି । ଶୁଣିଥିଲୁଁ ସେ ସେ ଘରେ ଖଲିପତ୍ରରେ ଖାଆନ୍ତି । ( ଖଲି = ସାନ ଶାଳପତ୍ରକୁ ସିଲାଇ କରି ବଡ଼ କରା ଯାଇଥାଏ ) ସେ ଆମ୍ଭମାନଙ୍କୁ ଥରେ 'ଖଲ୍ଲିକୋଟ' ରାଜ୍ୟ କଥା କହି ପଚାରୁଥିଲେ ଖଲ୍ଲି ଅର୍ଥ କଣ ? ସେପରି ଉତ୍ତର ଠିକ ଭାବରେ କେହି କହିଲେ ନାହିଁ । ସେ କହିଲେ ଖଲ୍ଲି ଅର୍ଥ ସାନ, ସାନ ସାନ କେତେକ କୋଟ = ରାଜ୍ୟାଂଶ ମିଶି ନାମ ଖଲ୍ଲିକୋଟ । ଥରେ ଗ୍ରୀଷ୍ମାବକାଶରେ ତାଙ୍କର ବେତନ ବୃଦ୍ଧି ହୋଇ ପାଞ୍ଚଶହ ଟଙ୍କା ହେବାରୁ ସମସ୍ତ ସ୍କୁଲର କର୍ମଚାରୀ ସହି ପିଲାମାନଙ୍କୁ ଖୁଆଇଥିଲେ । ସେ ଦିନ ଆମେମାନେ ତାଙ୍କ ବଡ଼ ପୁଅ ରଜନୀ ବାବୁଙ୍କୁ ସେଠାରେ ଦେଖିଲୁ ( ସେତେବେଳେ ଲୋକନାଥ ଏବଂ ଶରତ୍ ଯଥାକ୍ରମେ ୧ମ ଓ ୫ମ ଶ୍ରେଣୀ ଛାତ୍ର ), ରଜନୀବାବୁ ବି: ଏ: ପରୀକ୍ଷାରେ ଫେଲ୍ ହୋଇ ଘରେ ଥିଲେ । ଚନ୍ଦ୍ର-ମୋହନଙ୍କର ଗୋଟିଏ ଧାରଣା ଥିଲା—ପିଲା ଅକୃତକାର୍ଯ୍ୟ ହେବ କାହିଁକି ? ସେ ନିଶ୍ଚୟ ପରିଶ୍ରମ ଓ ଚେଷ୍ଟା କଲେ କୃତକାର୍ଯ୍ୟ ହେବ । ଏହି ଧାରଣା ହେତୁ ସେ ପୁଅ ପ୍ରତି ମନେ ମନେ ରାଗି ରହିଥିଲେ । ସେ ସମୟରେ ରଜନୀ ବାବୁଙ୍କ ସ୍ୱାସ୍ଥ୍ୟ ଭଲ ନ ଥିବାର ଦେଖିଥିଲୁଁ । ପିତାଙ୍କ ଅସନ୍ତୋଷରୁ କୁହେଁ କି ? ସେହି ଭାବକରେ ସେ

Digitized by srujanika@gmail.com

ଅତ୍ୟନ୍ତ ଶୃଙ୍ଖଳପ୍ରିୟ ଥିଲେ । ପ୍ରତ୍ୟେକ ପିଲାଙ୍କ ଅଙ୍ଗଠା ବିଷୟରେ ସଚେତନ କରାଉଥାନ୍ତି । ପୂର୍ବାଶ୍ର ଏବଂ ପରିବେଷକମାନଙ୍କର ଉପର ତଳ ଖାଦ୍ୟ ପରିବେଷଣ ଏବଂ ଅଣାଇବା ହେଉଥାଏ ଯେପରି ଖାଦ୍ୟର ପବିତ୍ରତା କୌଣସିରୂପେ ନଷ୍ଟ ନ ହୁଏ । 'ଶଙ୍ଖୁଳି' ଶବ୍ଦଟା ବାରମ୍ବାର ସେ ଶୁଣାଉଥାନ୍ତି । ଖୁବ୍ ସ୍ନେହମୟ ବାତାବରଣରେ ଶିକ୍ଷକ ଓ ଛାତ୍ରମାନେ ସେଦିନ ସେଠାରେ ଏକପ୍ରକାର ମିଶି ଯାଇଥିବାର ସେ ବାରମ୍ବାର ଦେଖିବାକୁ ଭଲପାଉଥାନ୍ତି । ବାସ୍ତବିକ୍ ହୃଦୟବାନ୍ ବ୍ୟକ୍ତି ସେ ଥିଲେ । ସେହିବର୍ଷ ସେ ତଳ ଶ୍ରେଣୀରେ ସାହିତ୍ୟ କୁସୁମ ପରିବର୍ତ୍ତେ 'କଥାବଳି' ଚାଲୁ କରାଇଥିଲେ । ଦୁଇଟା ବହିରୁ ଯେଉଁଟା ସେ ଚଳାଉଥିଲେ । ଏତଦ୍ଵାରା ପିଲା ଓ ଶିକ୍ଷକମାନେ ବହୁ ଦିନରୁ ପ୍ରଚଳିତ ବହି ପରିବର୍ତ୍ତେ ଅନ୍ୟ ବହିଟିଏ ଦେଖିଲେ ଏବଂ ମହାରଣା ଯେ ଉତ୍ତମ ସାହିତ୍ୟିକ ତାହା ଜାଣିପାରିଲେ । ଉକ୍ତ ବହିରେ ତାଙ୍କର 'ବକୁଳ', 'ଛଅଗୁରୁ' ଏବଂ 'ସଦ୍ୟପ୍ରାପ୍ତ ଶିଶୁ ମୁଖରେ' ଲିଖିତ କବିତା ସବୁ ପିଲାଏ ଗାଇ ଭଲପାଉଥିଲେ । ସେ ତାଙ୍କ ଯୌବନରେ କିପରି କବିତା ସବୁ ଲେଖୁଥିଲେ ତାହା ତାଙ୍କ ବିଷୟରେ ଏକ parodyରେ ତାଙ୍କ ଉତ୍ତମ ସ୍ୱାସ୍ଥ୍ୟକୁ ଆଖି ଆଗରେ ରଖି ଏହିପରି ଲେଖି ଅଛନ୍ତି ଉତ୍କଳପୂଜ୍ୟ "ଫକୀରମୋହନ" ତାଙ୍କ ଉତ୍କଳ ଭ୍ରମଣରେ :—

"ଆହେ ଚନ୍ଦ୍ର ମହାରଣେ ହେଉ ହେଉ ହେଉ,
ଆଉ ଥରେ ଚାଳିଦିଅ କବିତାର ଢେଉ ।
ଛପାଇବେ ରାମଚନ୍ଦ୍ର ଚିନ୍ତା କି ହେ ଆଉ,
ମାରିନେବ ଟଙ୍କା ମୁଠେ ଠୁଙ୍କି ଦେଇ ବାହୁ ।"

( ଶ୍ରୀ ରାମଚନ୍ଦ୍ର ଭଞ୍ଜ, ମୟୂରଭଞ୍ଜ ମହାରାଜାଙ୍କ ଉତ୍କଳ-ପ୍ରଭା ପତ୍ରିକାରେ ଲେଖି ସେ ପାରିତୋଷିକ ପାଉଥିଲେ । ) ଯେତେଦୂର ସମ୍ଭବ ଚନ୍ଦ୍ରମୋହନଙ୍କ ଶେଷ ରଚନା 'ଉତ୍କଳ-ସାହିତ୍ୟ'ରେ ୧୯୧୮ ମସିହା ଫକୀରମୋହନ ମୃତ୍ୟୁସଂଖ୍ୟା ( କବିଙ୍କ ମୃତ୍ୟୁ ପରେ ) "ଫକୀରମୋହନ" ଶିରୋନାମାରେ ବାହାରିଥିଲା । ଏହାପରେ ଚନ୍ଦ୍ରମୋହନ ମହାରଣାଙ୍କୁ ଲେଖିବାର ଦେଖାଯାଏ ନାହିଁ ।

ଶଂସିତ ବ୍ୟକ୍ତିଙ୍କ ବିଷୟରେ ତାଙ୍କର ସମାଲୋଚକ (ଗ୍ରାମ୍ୟ) କେହି କେହି କହନ୍ତି ସେ ବଡ ଜିଦ୍‌ଖୋର ଏବଂ litigant ଥିଲେ ଏବଂ ଏହା ତାଙ୍କର ଗୃହବାହି ପରେ ହୋଇପାରି ଥାଏ । ଯେହେତୁ ସେ ଅତ୍ୟନ୍ତ ଦୁସ୍ଥ ଅବସ୍ଥାରେ ବାଲ୍ୟକାଳରେ ଦିନ ଯାପନ କରିଥିଲେ— ରେମୁଣାରୁ ବାଲେଶ୍ୱର ଜିଲା ସ୍କୁଲକୁ ଦୈନିକ ଗୋଡ଼ରେ ଚାଲି ଯିବା ଆସିବା କରୁଥିଲେ । ଏପରିକି ସ୍କୁଲରେ ପଢ଼ିବା ପାଇଁ ଆଲୁଅ ମଧ୍ୟ ମିଳୁ ନଥିଲା ବୋଲି ଜନଶ୍ରୁତି କହେ । ସ୍ୱର୍ଗୀୟ ଚନ୍ଦ୍ରମୋହନ ମହାରଣା ସ୍ୱାଂ୮୮ଙ୍କ

Digitized by srujanika@gmail.com

ମଫିହ୍ୱାରେ ବାଲେଶ୍ୱର ଜିଲ୍ଲା ସ୍କୁଲରୁ ଏଣ୍ଟ୍ରାନ୍ସ ପରୀକ୍ଷାରେ ୧ମ ଶ୍ରେଣୀରେ ବୃତ୍ତିଧାରୀ ଛାତ୍ର ରୂପେ ପାଶ କରିଥିଲେ । ସେ ବର୍ଷ ଅନ୍ୟ କେହି ପ୍ରଥମ ଶ୍ରେଣୀରେ ପାଶ କରି ନ ଥିଲେ (Vide—Balasore Zilla School Centenary Souvenir 1953 )। ଜଣେ ଦୁସ୍ଥ ଛାତ୍ର ୧୬ ବର୍ଷ ବୟସରେ ପାଶ୍ କରିବା ପୂର୍ବରୁ ୧୨/୧୩ ବର୍ଷରୁ ଜିଲ୍ଲା ସ୍କୁଲର ୪ର୍ଥ ଶ୍ରେଣୀରେ ପାଠ ପଢ଼ିବାକୁ ଦୈନିକ ଗୋଡ଼ରେ ଚାଲି ଚାଲି ରେମୁଣାରୁ ବାଲେଶ୍ୱର ୧୦ ମାଇଲ ଯିବା ଆସିବା କରି ନାନା ପ୍ରତିବନ୍ଧକ ଭିତରେ ଆଗେଇ ଯିବା ଏକ ଅସାଧାରଣ କଥା ଥିଲା । ତଦ୍ଦ୍ୱାରା ସେ ଶିକ୍ଷାବିଭାଗର ଉଚ୍ଚ ପଦରେ ଅଧିଷ୍ଠିତ ରାଧାନାଥ ରାୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ସେ ତାଙ୍କର ପଠଦଶାରେ ତାଙ୍କ ପୃଷ୍ଠପୋଷକତା ଲାଭ କରିଥିଲେ । ଏକଥା କହିବାର ଅର୍ଥ ହେଉଛି ଚନ୍ଦ୍ରମୋହନ ମହାରଣାଙ୍କର ଅନ୍ତର୍ନିହିତ କୋମଳ ସ୍ୱଭାବ ତାଙ୍କ ବଡ ପୁଅଙ୍କର ବି. ଏ. ରେ ଫେଲ ହେବାରେ ଉଦ୍‌ଭବ ହେବା ସ୍ୱାଭାବିକ ଥିଲା ।

ଯାହା ହେଉ ଆଜି "ଗୁରୁ ଗୌରବ" ଏତିକି ଲେଖି ଏ ଅକିଞ୍ଚନ ଏକଦା ତାଙ୍କ ଛାତ୍ର ଆତ୍ମପ୍ରସାଦ ଲାଭ କରୁଅଛି ।

Digitized by srujanika@gmail.com

# ମୋ ଜାଣିବାରେ.................

ରସରାଜ ବଂଶଧାରୀ ଦାସ
ଦେବୀନଗର

ଚନ୍ଦ୍ର ଆବିଷ୍କୃତ ହୋଇ ତାହାର ମାଟି, ଗୋଡ଼, ପଥର ଭୂପୃଷ୍ଠକୁ ଅଣା-ଯାଇ କେତେ କ'ଣ ପରୀକ୍ଷା ନିରୀକ୍ଷା ହୋଇଯାଇଛି, କିନ୍ତୁ ଚନ୍ଦ୍ରମୋହନ ମହାରଣା ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହାନ୍ତି । ତାଙ୍କୁ ଆମେରିକା ତ ଆବିଷ୍କାର କରି ନ ଥାନ୍ତା, କରିଥାନ୍ତେ ଓଡ଼ିଆ ପୁଅମାନେ । ସିନ୍ଧୁ ପ୍ରଦେଶର ମହେନ୍-ଜୋ-ଦାରୋ ଏବଂ ପଞ୍ଜାବର ହରପ୍‌ପା ଏହି ଦୁଇ ସ୍ଥାନର ଖନନ ଫଳରେ ଭାରତର ପ୍ରାଚୀନତମ ସଭ୍ୟତା ଆବିଷ୍କୃତ ହେଲା । ଏହି ଆବିଷ୍କାରର ବଡ଼ପଣ୍ଡା ପ୍ରତ୍ନତତ୍ତ୍ୱବିଦ୍ ପଣ୍ଡିତ ରାଖାଲ ଦାସ ବନ୍ଦୋପାଧ୍ୟାୟ ଥିଲେ । ହେଲେ ଓଡ଼ିଶାର ପ୍ରତ୍ନତତ୍ତ୍ୱବିଦ୍ ପରମାନନ୍ଦ ଆଚାର୍ଯ୍ୟ ମଧ୍ୟ ଥିଲେ । ସେ ଚେଷ୍ଟା କରି ଖୋଳାତଡ଼ା କରିଥିଲେ କିଛି କରି ପାରି ନ ଥାନ୍ତେ ? ଏହା ବୋଲି ମୁଁ କହୁନାହିଁ ଯେ ଚନ୍ଦ୍ରମୋହନଙ୍କ ଶ୍ମଶାନକୁ ଖୋଳିତାଡ଼ି ତାଙ୍କୁ ଆବିଷ୍କାର କରିଥାନ୍ତେ । ଖୋଳିଥିଲେ ତାଙ୍କ ହାଡ଼ର ଟୁକୁରାଟେ ମଧ୍ୟ ପାଇ ଥାନ୍ତେ । ଅଥବା ଶ୍ମଶାନରୁ ମାଟି ମୁଠେ ଆଣିଥାନ୍ତେ ତାକୁ ନେଇ କୌଣସି ରସାୟନବିଦ୍ ପାଖକୁ ପୁଣି ଦୌଡ଼ିବାକୁ ପଡ଼ିଥାନ୍ତା । ସେଥିରୁ କ'ଣ ବା ଲାଭ ହୋଇଥାନ୍ତା ? କିନ୍ତୁ ମାଟି ଖୋଳି ଚନ୍ଦ୍ରମୋହନଙ୍କୁ କ'ଣ ଆବିଷ୍କାର କରିହେବ ? କାଗଜ ପତ୍ର ଘଣ୍ଟାଘାଣ୍ଟି ନ କଲେ ତାଙ୍କୁ ଆବିଷ୍କାର କରିବା ସମ୍ଭବ ନୁହେଁ ।

ଚନ୍ଦ୍ରମୋହନ ଚିର ବିଦାୟ ନେବାର ଅର୍ଦ୍ଧଶତାବ୍ଦୀ ପୂରିଗଲାଣି । ଏବେ ବି ତାଙ୍କ ଜନ୍ମସ୍ଥାନ ରେମୁଣାର ଲୋକମାନେ ତାଙ୍କୁ ଆବିଷ୍କାର କରିପାରି ନାହାନ୍ତି । ଯେଉଁମାନେ ତାଙ୍କୁ ନିଜ ଆଖିରେ ଦେଖିଛନ୍ତି ସେମାନଙ୍କ ମଧ୍ୟରୁ କେତେକ ଅଶିକ୍ଷିତ ଗାଉଁଲି ଲୋକ ତାଙ୍କୁ ବୃନ୍ଦ ମହାରଣା ବୋଲି ଜାଣିଥିଲେ । ଟିକିଏ ଶିକ୍ଷାପ୍ରାପ୍ତ ଲୋକ ତାଙ୍କୁ ଚନ୍ଦ୍ରମୋହନ ମାଷ୍ଟର ବୋଲି ଜାଣିଥିଲେ । ସେମାନଙ୍କଠାରୁ ଆଉ ଟିକିଏ ଶିକ୍ଷିତ ଲୋକ ତାଙ୍କୁ କଥାବଳି ଓ ବ୍ୟାକରଣ ଲେଖକ ବୋଲି ଜାଣିଥିଲେ । ତାଙ୍କଠାରୁ ଅଧିକ ଶିକ୍ଷିତ ଲୋକ ଯେଉଁମାନେ କି କଲେଜ ପାଠ ଶେଷ କରିଥିଲେ ସେମାନେ ସବୁ ଜାଣି ଅଜଣା ଭଳିଆ ଥିଲେ । କିମ୍ବା ପୂଜ୍ୟପୂଜା ଦିଗରେ ଉଦାସୀନ ଥିଲେ । ଅର୍ଦ୍ଧଶତାବ୍ଦୀ ବିତିଗଲାଣି, ପୂର୍ବର ସେହି ଉଦାସୀନତା ଭାବ ଆଉ କ'ଣ ରହିଛି ? ସମାଜର ରଙ୍ଗ ଢଙ୍ଗ ବଦଳି ଗଲାଣି, ରୁଚି ବି ବଦଳି ଗଲାଣି, ସଂକୀର୍ଣ୍ଣମନ ପ୍ରଶସ୍ତ

Digitized by srujanika@gmail.com

ହେଲଣି । ଦେଖା ଶିଖା ଓଡ଼ିଶା, ଅନ୍ୟାନ୍ୟ ପ୍ରଦେଶରେ କିପରି ପୂଜ୍ୟପୂଜାର ଆଦର ବଢ଼ି ଚାଲିଛି ତାହା ଓଡ଼ିଆ ପୁଅ ଦେଖୁଛନ୍ତି । କେତେଦିନ ଆଉ ଉଦାସୀନ ହୋଇ ବସି ରହିବେ । କିନ୍ତୁ ବର୍ତ୍ତମାନ ଅଣ୍ଟାଳି ଚାଲିଲେ ପାଇବେ କଣ ? ନେଡ଼ିଗୁଡ଼ କଣ୍ଢେଇକୁ ବହି ଯାଇଛି । ତଥାପି କଣ୍ଢେଇ ଗୋଟିବାକୁ ପଡ଼ିବ । କିନ୍ତୁ ଏପର୍ଯ୍ୟନ୍ତ କେହି ମେହେନତ୍ କରି ନାହାନ୍ତି କି ଚେଷ୍ଟା ବି କରି ନାହାନ୍ତି । ସେଥିପାଇଁ ନିରାଶ ନ ହୋଇ ଆଉ ଅଳ୍ପଦିନ ପାଇଁ ଧୈର୍ଯ୍ୟ ଧରନ୍ତୁ । ଚନ୍ଦ୍ରମୋହନ ଆବିଷ୍କୃତ ହେବେ । ଉଆଁଶ ପକ୍ଷ ଗଡ଼ିଗଲା କିନା, ତା'ପରେ ଆକାଶଟା ମେଘୁଆ ମେଘୁଆ ଥିବାରୁ ଅସୁବିଧା ହେଲା । ଏବେ ଆକାଶ ନିର୍ମଳ, ଏହା ସାଙ୍ଗକୁ ଜଣେ ତରୁଣ ଜ୍ୟୋତିର୍ବିଦ୍ ମଧ୍ୟ ଆବିଷ୍କାର ରତ । ଚନ୍ଦ୍ରମୋହନ ମିଳିବେ କୁଆଡ଼େ ? ତାଙ୍କ ମାଲମସଲା ବି ମିଳିବ କୁଆଡ଼େ ? ଏଥର ମୋ ଆଖି ଦେଖା, ଜାଣିବା କଥା ଦି'ପଦ କହେଁ ।

ମୋ ବୟସ ସେତେବେଳେ ଛଅ କି ସାତ ହେବ । ଦିନେ ଆମ ଗାଁ ଦାଣ୍ଡରେ ଅନ୍ୟ ପିଲାଙ୍କ ସହିତ ଖେଳୁଥିଲି । ଆମେ ସମସ୍ତେ ଲଙ୍ଗଳା, କେହି ଲୁଗା ପିନ୍ଧି ନ ଥିଲୁଁ । ସେତେବେଳେ ଆଜିକାଲିକା ପରି ଛୁଆମାନେ ପେଣ୍ଟ ପିନ୍ଧୁ ନ ଥିଲେ । ଗ୍ରେଟ କରିଆ ବା ଧୋତି ପିନ୍ଧୁଥିଲେ । ଲୁଗା ମଇଳା ହେବା ଭୟରେ ବାପ ମା ପିଲାଙ୍କୁ ଲୁଗା ପିନ୍ଧାଇ ଖେଳିବା ପାଇଁ ଦାଣ୍ଡକୁ ଛାଡ଼ୁ ନ ଥିଲେ । ଆମେ ସେଦିନ ବୋଧହୁଏ ବାଗୁଡ଼ି ଖେଳରେ ରତ ଥିଲୁଁ । ହଠାତ୍ ଜଣେ ଅପରିଚିତ ବାବୁଙ୍କୁ ଦେଖି ଖେଳ ବନ୍ଦ କରି ତାଙ୍କ ଆଡ଼କୁ ଅନେଇ ରହିଲୁଁ । ବେଶୀ ଲମ୍ବା ନୁହନ୍ତି କି ଗେଡ଼ା ନୁହନ୍ତି । ଦେହର ବର୍ଣ୍ଣ କଳା । ମୁଣ୍ଡର ବାଳ ଅଧିକାଂଶ ଧଳା । ମୋଟା ନୁହନ୍ତି କି ଅତି ପତଳା ନୁହନ୍ତି । ଏଭଳିଆ ଲୋକଙ୍କୁ ଦେଖି ଭୟ କରିବାର ନୁହେଁ, କିନ୍ତୁ ତାଙ୍କର ସେହି ଜଳୁଆ ଚିଲ ହାଲକ ଦେଖି ଆମ ପିଲେହି ପାଣି । ମୋ ଆଡ଼କୁ ଚାହିଁ କହିଲେ, "ଆରେ ପିଲା କୃଷ୍ଣବାବୁଙ୍କ ଘର କେଉଁଟା ?" ମୁଁ ହାତ ବଢେଇ କହିଲି, "ସେଇ ଆଡ଼େ ।" ତା'ପରେ ସେ ମୋତେ ତାଙ୍କ ସାଙ୍ଗରେ ଯାଇ ଘର ଦେଖେଇଦବା ପାଇଁ କହିଲେ । ମୁଁ କିନ୍ତୁ ତାଙ୍କ ସାଙ୍ଗରେ ନ ଯାଇ କହିଲି, "ହେଇ ତାଙ୍କ ଘରଟା ଦିଶୁଚି ଯେ....।" ସେ ଆଉ ମୋତେ ଅପେକ୍ଷା ନ କରି ଦାଣ୍ଡ ମଝିରେ ନ ଚାଲି ଗୋଟାଏ କଡ଼ରେ ଚାଲିଗଲେ । ଆମେ ବଡ଼ କୌତୂହଳ ହୋଇ ଅନେଇ ଥାଉଁ । କାରଣ ଦାଣ୍ଡ ମଝିରେ ନ ଚାଲି ବାଡ଼ କଡଟାରେ କାହିଁକି ଚାଲୁଛନ୍ତି । ପ୍ରାୟ ଅଧ-ଘଣ୍ଟାକ ପରେ ସେ ଓ କୃଷ୍ଣବାବୁ ସେହି ବାଟରେ ଫେରିବାର ଦେଖି ମୁଁ ଲୁଚିଗଲି । କାରଣ କୃଷ୍ଣବାବୁ ମୋର ଜେଜେ ଙ୍କର ପୁଅ ଭାଇ । ଯଦି ଜଣା ପଡ଼ିଯାଏ ଯେ ମୁଁ ସେହି ବୁଢାଙ୍କୁ ତାଙ୍କ ଘରକୁ ନେଇଗଲି ନାହିଁ ବୋଲି କଥାଟା ଖରାପ ହେବ । ତାଙ୍କୁ କିଛି ଦୂର ଆଗେଇ ଦେଇ କୃଷ୍ଣବାବୁ ଫେରି ଆସିଲେ । ମୋତେ ଲଙ୍ଗଳା ଅବସ୍ଥାରେ ଦେଖି କହିଲେ, "ତୁ କାହିଁକି ଲଙ୍ଗଳା ହୋଇ ବୁଲୁଚୁ ? ଲୁଗା ନାହିଁକି ? ମିଏ ଗଲେ ମିଏ

Digitized by srujanika@gmail.com

କିଏ ଜାଣୁ ? ଚନ୍ଦ୍ରମୋହନ ବାବୁ ପରି ?" ମୁଁ କିନ୍ତୁ ନୀରବ ରହିଲି । କଥାର ମର୍ମଟା କିଛି ଉପଲବ୍ଧି କରି ପାରିଲି ନାହିଁ । ଯଦି ସେହି ଶବ୍ଦ ଠିକ ଥାଆନ୍ତା, ନିଶ୍ଚୟ ଲଜ୍ଜିତ ଓ ଅନୁତପ୍ତ ହୋଇଥାନ୍ତି ।

ଆଉ ଦିନକର ଘଟଣା । ସେତେବେଳେ ମୁଁ ରେମୁଣା ମିଡ଼ଲ ଭର୍ଣ୍ଣାକ୍ୟୁଲର ସ୍କୁଲର ୨ୟ ମାନରେ ପଢୁଥିଲି । ଆଜିକାଲି ଏହାକୁ ୬ଷ୍ଠ ଶ୍ରେଣୀ କୁହାଯାଉଛି । ସେଦିନ ସ୍କୁଲକୁ ଆସି କୌଣସି କାରଣ ବଶତଃ ୬ଷ୍ଠ ମାନ ବା ୭ମ ଶ୍ରେଣୀର କୋଠରୀ ପାଖକୁ ଯାଇ ଦେଖିଲି ମୋଠାରୁ ଲମ୍ବା ଲମ୍ବା ପିଲାମାନେ ବେଞ୍ଚ ଉପରେ ଛିଡ଼ା ହୋଇଛନ୍ତି । ଭାରି ମଜା ଲାଗିଲା । କିନ୍ତୁ ପର ମୁହୂର୍ତ୍ତରେ ଦେଖିଲି, ଚୌକି ଉପରେ ବସିଛନ୍ତି ସେହି ନିଶୁଆ ବୁଢ଼ା ଯେ କି ମୋତେ କୃଷ୍ଣ ବାବୁଙ୍କ ଘର ଦେଖାଇବା ପାଇଁ କହିଥିଲେ । ଭୟରେ ମୋ ଅନ୍ତ ପାଣି ହୋଇଗଲା । ଛାତି ଧଡ଼ପଡ଼ ହେବାକୁ ଲାଗିଲା । ଦୌଡ଼ି ପଳେଇ ଆସି ନିଜ କ୍ଲାସରେ ବସିଲି । ପିଲାମାନଙ୍କଠାରୁ ବୁଝିଲି ଯେ ବ୍ୟାକରଣ ପ୍ରଶ୍ନର ଉତ୍ତର ଦେଇପାରି ନ ଥିବାରୁ ସେହି ପିଲାମାନଙ୍କୁ ବେଞ୍ଚ ଉପରେ ଛିଡ଼ା କରେଇ ଦେଇଛନ୍ତି । ବ୍ୟାକରଣର ସ୍ୱାଦ ସେତେବେଳେ ମୁଁ ପାଇ ନଥାଏଁ । କଣ ବା ବୁଝିବି ? କେବଳ ଭୟ ହେଉଥାଏ ଯେବେ ଆମ ଶ୍ରେଣୀକୁ ଆସି ଯାଆନ୍ତି ମୋ ଦଫା ରଫା ହୋଇଯିବ ।

ବୈୟାକରଣିକ ଚନ୍ଦ୍ରମୋହନ ବ୍ୟାକରଣର ନିୟମ ମାନି ଘରେ ବାହାରେ ସବୁଆଡ଼େ କଥା କହୁଥିଲେ ଏବଂ ଅନ୍ୟମାନଙ୍କୁ କୁହାଉଥିଲେ । ବ୍ୟାକରଣଗତ ତ୍ରୁଟି ଦେଖିଲେ ଯେତେ ବଡ଼ ଲୋକ ହେଉ ସେ ତାହାର ତ୍ରୁଟି ଦର୍ଶାଇ ଦେଉଥିଲେ । ଏପରିକି ଶିକ୍ଷିତ ଲୋକମାନେ ତାଙ୍କ ସହିତ ଅତି ସତର୍କ ହୋଇ କଥାବାର୍ତ୍ତା କରୁଥିଲେ ମଧ୍ୟ ବେଳେ ବେଳେ ଅପଦସ୍ଥ ହୋଇ ଯାଉଥିଲେ । କେହି ନାମ ପୂର୍ବରୁ ଶ୍ରୀଲ କିମ୍ବା ଶ୍ରୀଯୁକ୍ତ ଲେଖିଲେ ତାକୁ ଭୁଲ ବୋଲି କହୁଥିଲେ । କେବଳ ଶ୍ରୀ ରହିବ । ସାଧାରଣତଃ 'ଏକତ୍ରିତ' ଶବ୍ଦର ବ୍ୟବହାର ଥାଏ । କିନ୍ତୁ ଏହା ଅଶୁଦ୍ଧ ; 'ଏକତ୍ର' ଶବ୍ଦ ଶୁଦ୍ଧ । ଆଉ ଏକ ମଜାକଥା ହେଉଛି ଯିଏ ଶିକ୍ଷା ଦିଅନ୍ତି ତାଙ୍କୁ ଆମେ ସାଧାରଣତଃ ଶିକ୍ଷକ କହୁଥାଉଁ । କିନ୍ତୁ ଚନ୍ଦ୍ରମୋହନ ତାହା ଅଶୁଦ୍ଧ ବୋଲି କହୁଥିଲେ । ତାଙ୍କ ମତରେ ଯିଏ ଶିକ୍ଷା କରେ ସିଏ ଶିକ୍ଷକ, ଏଠାରେ ଶିକ୍ଷକର ଅର୍ଥ ଛାତ୍ର ବୁଝିବାକୁ ହେବ । କିନ୍ତୁ ଯିଏ ଶିକ୍ଷା ଦିଏ ତାକୁ 'ଶିକ୍ଷାଦ' କହିବାକୁ ହେବ, ଯେପରିକି ଯିଏ ଜଳ ଦିଏ ତାହା ଜଳଦ, ଯିଏ ଦୁଃଖ ଦିଏ ତାହା ଦୁଃଖଦ ଇତ୍ୟାଦି । ଯେଉଁ ତୁଣ୍ଡ ଚିରଦିନ ମାଷ୍ଟରଙ୍କୁ ଶିକ୍ଷକ ବୋଲି କହି ଆସିଛି ସେହି ତୁଣ୍ଡ ଛାତ୍ରଙ୍କୁ ଶିକ୍ଷକ ବୋଲି କେମିତି କହିବ ?

Digitized by srujanika@gmail.com

ଚନ୍ଦ୍ରମୋହନ ଏଭଳିଆ ବ୍ୟାକରଣଗତ ତ୍ରୁଟି ଦର୍ଶାଇବାଦ୍ୱାରା ତାଙ୍କ ତଳିଆ ଶିକ୍ଷାଦ ଏବଂ ଛାତ୍ରମାନେ କେବଳ ଯେ ଅଡୁଆରେ ପଡୁଥିଲେ ତାହା ନୁହେଁ, ମନେ ମନେ ଖୁସି ହେଉଥିଲେ । ଆଜିକାଲି ଯେପରି ଆଧୁନିକ ଲେଖକମାନେ ବର୍ଣ୍ଣାଶୁଦ୍ଧି ଏବଂ ବ୍ୟାକରଣର ବନ୍ଧ ବାଡ଼ ଡେଇଁ ସାହିତ୍ୟ ସୁଅରେ ଭସି ଯାଉଛନ୍ତି ଚନ୍ଦ୍ରମୋହନ ବଞ୍ଚିଥିଲେ କେବଳ ରକ୍ତ ଗ୍ରହଳ ଗ୍ରେବାଉଥାନ୍ତେ । ଆଜି ଚନ୍ଦ୍ରମୋହନଙ୍କର ଯେଉଁ ଛାତ୍ରମାନେ ଅଛନ୍ତି ତାଙ୍କୁ ଆମେ ଯେବେ ଚନ୍ଦ୍ରମୋହନଙ୍କର ଶିକ୍ଷକ ବୋଲି କହୁଁ ଏହା ସେମାନେ ଭୁଲ ବୋଲି କହିପାରିବେ କି ? ତାଙ୍କର ଶିକ୍ଷାଦ ବଞ୍ଚିଥିଲେ କହନ୍ତେ 'ନାଁ ଏହା ଭୁଲ ନୁହେଁ, ଠିକ୍' ବ୍ୟାକରଣରେ ପୁରା ନମ୍ବର ମିଳିବ ।

ଆଉ ଦିନକର ସ୍ମୃତି ବଡ଼ ଦୁଃଖଦ । ସେତେବେଳେ ମୁଁ ବାଲେଶ୍ୱର ଜିଲା ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ର । କ୍ଲାସରେ ପଢ଼ା ଚାଲିଛି, ସ୍କୁଲ ପିଅନ ଖଣ୍ଡେ ଚିରକୁଟ୍ (slip) ଆଣି କ୍ଲାସ ଶିକ୍ଷକଙ୍କୁ ଦେଲା । ଚିରକୁଟ୍ ପଢିସାରି ସେ ଆମ୍ଭମାନଙ୍କୁ ଏକ ମିନିଟ୍ ପାଇଁ ନୀରବ ରହିବାକୁ ନିର୍ଦ୍ଦେଶ ଦେଲେ, କାହିଁକି ଏକଥା କହିଲେ ଚିନ୍ତା କରୁଁ କରୁଁ ଏକ ମିନିଟ୍ ଅତିକ୍ରମ କରିଗଲା । କିଛି ପଚାରିବା ପୂର୍ବରୁ ସେ ଗମ୍ଭୀର ହୋଇ କହିଲେ 'ଏହି ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନ ମହାରଣା ଦେହତ୍ୟାଗ କରିଛନ୍ତି ।'

'ଏଁ .......' ଅଜାଣତରେ ମୋ ପାଟି ଭିତରୁ ଗୋଟାଏ ଶବ୍ଦ ବାହାରିଗଲା । ଦୁଃଖରେ ଅବଶ୍ୟ । ସେତେବେଳେ ମୁଁ ଆଉ ଲଙ୍ଗଳା ହୋଇ ଖେଳିବା ପିଲା ନୁହେଁ, ଅଷ୍ଟମ ଶ୍ରେଣୀର ଛାତ୍ର । ଚନ୍ଦ୍ରମୋହନଙ୍କୁ ସମ୍ପୂର୍ଣ୍ଣ ବା ଆଂଶିକ ଆବିଷ୍କାର କରିବାର ଶକ୍ତି ନଥିଲେ ମଧ୍ୟ ମୋଟାମୋଟି ଚିହ୍ନି ପାରିଥାଏ । ସେ ମୋର ଗୁରୁ ନଥିଲେ ମଧ୍ୟ ଗୁରୁପିତା ଥିଲେ । ଗୁରୁଥିଲେ ତାଙ୍କର ବଡ଼ପୁଅ ରଜନୀ ରଞ୍ଜନ ମହାରଣା ( ହେମ ବାବୁ ) । ଚନ୍ଦ୍ରମୋହନଙ୍କ ପ୍ରୟାଣ ପରେ ଗୋଟିଏ ଶ୍ରେଷ୍ଠ କବିତା ତାଙ୍କ ଉଦ୍ଦେଶ୍ୟରେ ଲେଖିଥିଲି । ତାହା ତତ୍କାଳୀନ ସ୍କୁଲ ମେଗାଜିନ 'ବଳାଙ୍ଗୀ'ରେ ପ୍ରକାଶ ପାଇଥିଲା କି ମନେ ନାହିଁ । ଦୀର୍ଘ ପଚାଶ ବର୍ଷର ଅପ୍ରକାଶିତ ପାଣ୍ଡୁଲିପିରେ ଆତ୍ମଗୋପନ କରି ରହିଥିଲା ପୁରୁଣା କାଗଜ ବିଡ଼ା ମଧ୍ୟରେ । ଗବେଷକ ଅରବିନ୍ଦ ବାବୁ ପୁରୁଣା ପତ୍ର ପତ୍ରିକା ଅଣ୍ଡାଳୁ ଅଣ୍ଡାଳୁ ତାକୁ ଆବିଷ୍କାର କଲେ ଏବଂ ତାହାର ଏକ ନକଲ ନେଇ-ଗଲେ ପତ୍ରିକାରେ ପ୍ରକାଶ କରିବା ପାଇଁ ।

ଚନ୍ଦ୍ରମୋହନ ରେମୁଣାରୁ ସର୍ବପ୍ରଥମେ ବି. ଏ. ପାଶ କରିଥିଲେ । ସେଥିପାଇଁ ସେ ଘରକୁ ଆସିଲେ ଲୋକମାନେ ତାଙ୍କୁ କୌତୁହଳ ହୋଇ ଦେଖିବାକୁ ଯାଉଥିଲେ ।

Digitized by srujanika@gmail.com

ସମଗ୍ର ବାଲେଶ୍ୱର ଜିଲାରୁ ସେ ପ୍ରଥମେ ବି. ଏ ପାଶ କରିଥିବାର ଲୋକେ କହନ୍ତି । କିନ୍ତୁ ଏ କଥା ଦୃଢତାର ସହିତ ମୁଁ କହିପାରୁ ନାହିଁ । କହିପାରନ୍ତି ତାଙ୍କର ଜୀବିତ ଛାତ୍ରମାନେ । ସେ ମଧ୍ୟ ଓଡ଼ିଶାର ସର୍ବପ୍ରଥମ ଓଡ଼ିଆ ପ୍ରଧାନଶିକ୍ଷକ ଥିଲେ । ଥରେ ରେମୁଣା ହାଇସ୍କୁଲକୁ ଜଣେ ଶିକ୍ଷା ବିଭାଗର ଉଚ୍ଚପଦସ୍ଥ କର୍ମଚାରୀ ପରିଦର୍ଶନ କାର୍ଯ୍ୟ କରିବାକୁ ଆସି ତତ୍କାଳୀନ ଶିକ୍ଷକ ଚନ୍ଦ୍ରମୋହନ ଜେନାଙ୍କୁ ଚନ୍ଦ୍ରମୋହନ ମହାରଣାଙ୍କ ବିଷୟରେ କେତେକ କଥା ପଚାରି ମନ୍ତବ୍ୟ ଦେଇଥିଲେ ଯେ ରେମୁଣା ଦୁଇଟି ବିଷୟରେ ବିଖ୍ୟାତ । ପ୍ରଥମେ ଶ୍ରୀକ୍ଷୀରଚୋରା ଗୋପୀନାଥ, ଦ୍ୱିତୀୟରେ ଚନ୍ଦ୍ରମୋହନ ମହାରଣା । ଜୟତୁ ଚନ୍ଦ୍ରମୋହନ....... ।

Digitized by srujanika@gmail.com

# ସ୍ମରଣୀୟ ଚନ୍ଦ୍ରମୋହନ ମହାରଣା

ଅଧ୍ୟାପକ ରବୀନ୍ଦ୍ର କୁମାର ପ୍ରହରାଜ
ଏମ୍ : ଏ, ବି : ଇଡ୍

ଊନବିଂଶ ଶତାବ୍ଦୀର ମଧ୍ୟଭାଗର ଉତ୍ତର କାଳରେ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଯେଉଁ ସଙ୍କଟ ଉପୁଜିଥିଲା, ପ୍ରତ୍ୟେକ ଓଡ଼ିଆ ସାହିତ୍ୟ-ଇତିହାସର ପାଠକ ସେ ସଂପର୍କରେ ଅବହିତ ଅଛନ୍ତି । ବୈଦେଶିକ ଶାସନ ତନ୍ତ୍ରର ରଥଚକ୍ର ତଳେ ଓଡ଼ିଆ ଭାଷା, ସାହିତ୍ୟ ଓ ଜାତୀୟତା ନିଷ୍ପେଷିତ ହେବାକୁ ଯାଉଥିଲାବେଳେ ଯେଉଁ କେତେକ ବରେଣ୍ୟ, ପ୍ରାତଃସ୍ମରଣୀୟ ସାହିତ୍ୟ ସାଧକ ଓ ବଳିଷ୍ଠ, କର୍ମନିଷ୍ଠ ବ୍ୟକ୍ତିତ୍ୱ ଏଥିରେ ପୁନଃଜୀବନର ସତ୍ତା ଜାଗ୍ରତ କରିଥିଲେ ଏବଂ ଓଡ଼ିଆ ସାହିତ୍ୟ ସଭା ତଥା ଜାତୀୟ କ୍ଷେତ୍ରରେ ଅର୍ଦ୍ଧଶତାବ୍ଦୀବ୍ୟାପୀ ଅଭିଭାବକତ୍ୱ କରି ଆସିଥିଲେ ସେମାନଙ୍କ ମଧ୍ୟରେ ଓଡ଼ିଶାର ତତ୍କାଳୀନ ସୁନାମଧନ୍ୟ ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନ ମହାରଣା ଅନ୍ୟତମ । ଯେଉଁ କାଳରେ ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ସ୍ଥିତି ଅଥବା ପରିବର୍ତ୍ତନ ବୈଦେଶିକ ଶାସକ ତଥା ଅଣଓଡ଼ିଆ ଅମଲାମାନଙ୍କର ମର୍ଜି ଉପରେ ନିର୍ଭର କରୁଥିଲା ଏବଂ ଯାବତୀୟ କର୍ମ କ୍ଷେତ୍ରରେ ଅପେକ୍ଷାକୃତ ସୁଯୋଗ୍ୟ, ସୁଶିକ୍ଷିତ ଓଡ଼ିଆମାନଙ୍କର ଭାଗ୍ୟ ପଥରତଳେ ଚାପି ହୋଇ ପଡ଼ିଥିଲା, ସେତେବେଳେ ଚନ୍ଦ୍ରମୋହନ କଠୋର ଅଧ୍ୟବସାୟ, ଅନନ୍ୟସାଧାରଣ ନିଷ୍ଠା ଓ ସ୍ୱୀୟ କର୍ମ କ୍ଷେତ୍ରରେ ଅତୁଳନୀୟ ଯୋଗ୍ୟତାର ପରିଚୟ ଦେଇ କର୍ମ ଜୀବନରେ ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ନିଜସ୍ୱ ଆସନ ଦୃଢ଼ କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କର ସମ୍ମାନନୀୟ ହୋଇ ପାରିଥିଲେ । ଜାତୀୟ ହୀନମନ୍ୟତାର କାଳିମା-କାରାଗାରରେ ଯେଉଁ କେତେକ ବ୍ୟକ୍ତିତ୍ୱ ଶତଦଳ, ପ୍ରଫୁଲ୍ଲତା, ସତେଜତା ତଥା ପ୍ରାଣବତ୍ତାର ପ୍ରତୀକରୂପେ ବିକଶିତ ଥିଲେ ଚନ୍ଦ୍ରମୋହନ ସେହିମାନଙ୍କର ପାଂକ୍ତେୟ ।

୧୮୬୭ ମସିହାର ଏକ ଶୁଭ ବାସରରେ ଚନ୍ଦ୍ରମୋହନ ବାଲେଶ୍ୱରର ରେମୁଣାରେ ଭୂମିଷ୍ଠ ହୋଇଥିଲେ । ଶୈଶବ ଜୀବନରୁହିଁ ତାଙ୍କ ମେଧା ଓ ପ୍ରତିଭାର ପରିଚୟ ମିଳିଥିଲା । ଆପାତ ଦାରିଦ୍ର୍ୟ ପ୍ରତିଭାଶାଳୀ ଚନ୍ଦ୍ରମୋହନଙ୍କ ଉଚ୍ଚ ଶିକ୍ଷାରେ ଅନ୍ତରାୟ ହୋଇ ନ ଥିଲା । ଗୋଟିକ ପରେ ଗୋଟିଏ ଶ୍ରେଣୀରେ ବୃତ୍ତିପ୍ରାପ୍ତ ହୋଇ

Digitized by srujanika@gmail.com

ଚନ୍ଦ୍ରମୋହନ କଲିକତାରୁ ଶେଷରେ ଫାଷ୍ଟଗ୍ରେଡ଼ରେ ବି: ଏ: ପାଶ୍ କରି କର୍ମ ଜୀବନରେ ପ୍ରବେଶ କଲେ । ପ୍ରଥମେ ତାଲଚେର ଯୁବରାଜଙ୍କ ଅଭିଭାବକ ଓ ଗୃହ ଶିକ୍ଷକ ଭାବରେ ସେ କାର୍ଯ୍ୟ ଆରମ୍ଭ କଲେ । ଛାତ୍ର ଅବସ୍ଥାରୁ ହିଁ ବହି ଲେଖିବା ଅଭ୍ୟାସ ତାଙ୍କର ରହିଥିଲା । ସାହିତ୍ୟ ଚର୍ଚ୍ଚା ପାଇଁ ସେ ସେହି କାଳରୁ ହିଁ କବିବର ରାଧାନାଥଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଲେ । ଗୁଣଗ୍ରାହୀ ରାଧାନାଥ ସେତେବେଳେ ଶିକ୍ଷା ବିଭାଗର ଉଚ୍ଚ କର୍ମଚାରୀ ଥିବାରୁ ଚନ୍ଦ୍ରମୋହନଙ୍କୁ ଡକାଇ ଆଣି ବାଲେଶ୍ୱର ଜିଲ୍ଲାସ୍କୁଲର ସହ-କାରୀ ଶିକ୍ଷକ ପଦରେ ନିଯୁକ୍ତି ପ୍ରଦାନ କରିଥିଲେ । ପରେ ଚନ୍ଦ୍ରମୋହନ ପୁରୀ ଜିଲ୍ଲାକୁ ବଦଳି ହୋଇ ଆସିଥିଲେ ଏବଂ ପରେ ପରେ ପୁରୀ ଓ ବାଲେଶ୍ୱର ଜିଲ୍ଲାର ଡେପୁଟି ଇନ୍‌ସପେକ୍ଟର (ସ୍କୁଲ) ହୋଇଥିଲେ । ଯେତେଦୂର ଜଣାଯାଏ ଭକ୍ତକବି ମଧୁସୂଦନଙ୍କ ପରେ ଚନ୍ଦ୍ରମୋହନ ହିଁ ଦ୍ୱିତୀୟ ଓଡ଼ିଆ ହେଡ଼ମାଷ୍ଟର ରୂପେ ନିଯୁକ୍ତି ପାଇଥିଲେ । ଜଣେ ଓଡ଼ିଆ ହେଡମାଷ୍ଟର ହେବାରେ କେତେକ ନ୍ୟସ୍ତ ସ୍ୱାର୍ଥ ମହଲରେ ସେତେବେଳେ ଅନେକ ସଂଶୟ ଓ ସମାଲୋଚନା ପ୍ରକାଶ ପାଇଥିଲା । ସେ ପୁରୀ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଥିଲାବେଳେ ନୀଳକଣ୍ଠ ଦାସ ଓ ଗୋଦାବରୀଶ ମିଶ୍ର ପ୍ରଭୃତି ତାଙ୍କର ପ୍ରିୟ ଛାତ୍ର ଥିଲେ । ଚନ୍ଦ୍ରମୋହନ ଏହି ଛାତ୍ରମାନଙ୍କ ଉପରେ ଯେପରି ପ୍ରଭାବ ପକାଇ ପାରିଥିଲେ ତାହା ଏମାନଙ୍କ ପକ୍ଷରେ ଯାବଜ୍ଜୀବନ ଅବିସ୍ମରଣୀୟ ଥିଲା । ସେଥିପାଇଁ ଉଭୟ ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ନିଜ ନିଜର ଆତ୍ମ-ଜୀବନୀରେ ଚନ୍ଦ୍ରମୋହନଙ୍କ ଶିକ୍ଷକ ଜୀବନର ନିଷ୍ଠା, ଆଦର୍ଶ, ନୀତିବାଦିତା ତଥା ବହୁ-ଦର୍ଶିତାର ଭୂୟସୀ ପ୍ରଶଂସା କରିଛନ୍ତି । ପରବର୍ତ୍ତୀ କାଳରେ ଚନ୍ଦ୍ରମୋହନଙ୍କ ଅନ୍ୟତମ କୃତୀ ଛାତ୍ର ହରିଶ୍ଚନ୍ଦ୍ର ବଡ଼ାଲ୍ ମଧ୍ୟ ଏକ ସାହିତ୍ୟ ପତ୍ରିକାରେ "ଆମ ନୂଆ ହେଡ଼-ମାଷ୍ଟର୍" ଶୀର୍ଷକ ଲେଖାରେ ପ୍ରଧାନ ଶିକ୍ଷକ ଭାବରେ ତାଙ୍କର ବୈଶିଷ୍ଟ୍ୟ, ଛାତ୍ର-ବତ୍ସଳତା, ସୌଜନ୍ୟ ଓ ବିଦ୍ୱତ୍ତାର ପରିଚୟ ପ୍ରଦାନ କରିଛନ୍ତି ।

୧୮୬୯ ମସିହାରେ ପ୍ରତିଷ୍ଠିତ କଟକ ନର୍ମାଲସ୍କୁଲ ଯାହା ଆଜିର କଟକ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ଭାବରେ ପରିଚିତ ହେଉଛି, ଏକଦା ଓଡ଼ିଆ ସାହିତ୍ୟର ପ୍ରାଚୀନ କେନ୍ଦ୍ର ରୂପେ ପ୍ରତିଷ୍ଠିତ ଥିଲା । ଭକ୍ତକବି ମଧୁସୂଦନ, ବାଗ୍ମୀପ୍ରବର ବିଶ୍ୱନାଥ କର୍ ଏବଂ ସୁସାହିତ୍ୟିକ ଚନ୍ଦ୍ରମୋହନ ମହାରଣା ପ୍ରଭୃତି ବିଶିଷ୍ଟ ସାହିତ୍ୟାବିତ୍‌ମାନଙ୍କ ସାମୂହିକ ପ୍ରଚେଷ୍ଟାରେ ଏହି ନର୍ମାଲସ୍କୁଲକୁ କେନ୍ଦ୍ର କରି ଏକ "ଆଲୋଚନା ସଭା" ଗଢ଼ି ଉଠିଥିଲା । ଓଡ଼ିଆ ସାହିତ୍ୟର ସ୍ୱରୂପ ନିର୍ଣ୍ଣୟ ଓ ଉଦ୍‌ଘାଟନ ଥିଲା ଏହି ସଭାର ଉଦ୍ଦେଶ୍ୟ ଓ ଆଦର୍ଶ । ପରେ ଏହା ଆଜିର "ଉତ୍କଳ-ସାହିତ୍ୟ-ସମାଜ" ନାମ ଧାରଣ କରିଅଛି ।

Digitized by srujanika@gmail.com

୧୮୯୪ ସାଲରେ ନବପ୍ରତିଷ୍ଠିତ ଏହି 'ଆଲୋଚନା ସଭା'ର ପ୍ରଥମ ଅଧିବେଶନରେ ଚନ୍ଦ୍ରମୋହନ ମହାରଣା 'ସାହିତ୍ୟ' ଶୀର୍ଷକ ଏକ ପ୍ରବନ୍ଧ ପାଠ କରିଥିଲେ । ଏହି ପ୍ରବନ୍ଧ ନୂତନ ପର୍ଯ୍ୟାୟ 'ଶିକ୍ଷାବନ୍ଧୁ' ପତ୍ରିକାର ପ୍ରଥମ ବର୍ଷ, ପ୍ରଥମ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ୧୯୦୬ ରୁ ୧୯୧୯ ମସିହା ପର୍ଯ୍ୟନ୍ତ ଚନ୍ଦ୍ରମୋହନ କଟକ ନର୍ମାଲ ସ୍କୁଲର ପ୍ରଧାନ ଶିକ୍ଷକ ଥିଲାବେଳେ ଓଡ଼ିଆ ସାହିତ୍ୟ ସମ୍ପର୍କୀୟ ଆଲୋଚନାରେ ବିଶେଷ ଭାଗ ନେବା ସଙ୍ଗେ ସଙ୍ଗେ 'ଉତ୍କଳ-ସାହିତ୍ୟ' ଆଦି ପତ୍ରିକାରେ ଉଚ୍ଚକୋଟୀର ପ୍ରବନ୍ଧ ଓ କବିତା ଆଦି ଲେଖୁଥିଲେ । ବରେଣ୍ୟ ସାହିତ୍ୟ ସମ୍ପାଦକ ଓ ପ୍ରାବନ୍ଧିକ ବିଶ୍ୱନାଥ କରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ 'ଉତ୍କଳ-ସାହିତ୍ୟ' ପତ୍ରିକାର ସାହିତ୍ୟିକ ଶ୍ରୀସମ୍ପାଦନରେ ଚନ୍ଦ୍ରମୋହନ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିଥିଲେ ।

ଶିକ୍ଷକ ଭାବରେ ଚନ୍ଦ୍ରମୋହନ ଥିଲେ ଅତ୍ୟନ୍ତ ସୁଦକ୍ଷ । ଓଡ଼ିଆ ବଙ୍ଗଳା ଆଦି ପ୍ରାଦେଶିକ ଭାଷାରେ ସେ ଜଣେ ସୁପଣ୍ଡିତ ଥିଲେ । ଇଂରାଜୀ ଭାଷାରେ ତାଙ୍କର ବ୍ୟୁତ୍ପତ୍ତି ସମ୍ପର୍କରେ କହିବାକୁ ଯାଇ ପଣ୍ଡିତ ଗୋଦାବରୀଶ "ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ" ପୁସ୍ତକରେ ୬୪ ପୃଷ୍ଠାରେ ଲେଖିଛନ୍ତି "ଉଚ୍ଚାରଣ ହେଉ ବା ଭାଷାଜ୍ଞାନହେଉ, ଇଂରାଜୀରେ ବ୍ୟୁତ୍ପତ୍ତି ନିମନ୍ତେ ମୁଁ ଚନ୍ଦ୍ରମୋହନ ବାବୁଙ୍କଠାରେ ଋଣୀ ।" ଏ ସମ୍ପର୍କରେ ସେ ଚନ୍ଦ୍ରମୋହନଙ୍କ ଗୁରୁ ଭାବରେ ତାଙ୍କର କେତେକ ଅନୁଭୂତିର ଆଲେଖ୍ୟ ପ୍ରଦାନ କରିଛନ୍ତି । ଏକଥା ଜଣାଶୁଣା ଯେ ପଣ୍ଡିତ ଗୋଦାବରୀଶ ତାଙ୍କ ସମୟରେ ସମଗ୍ର ଓଡ଼ିଶାରେ ଇଂରେଜୀରେ ଲେଖିବା ଓ କହିବାରେ ଅଗ୍ରଗଣ୍ୟ ବୋଲି ବିବେଚିତ ହୋଇଥିଲେ । ଗଣିତ ଶାସ୍ତ୍ରରେ ମଧ୍ୟ ଚନ୍ଦ୍ରମୋହନଙ୍କର ପ୍ରବେଶ ଅସାଧାରଣ ଥିଲା । ପଣ୍ଡିତ ନୀଳକଣ୍ଠ ତାଙ୍କର ଆତ୍ମଜୀବନୀରେ ସ୍ୱତନ୍ତ୍ର ଏକ ପର୍ଯ୍ୟାୟରେ ଚନ୍ଦ୍ରମୋହନ ମହାରଣାଙ୍କ ବିଷୟ ଉଲ୍ଲେଖ କରି ଲେଖିଛନ୍ତି ଯେ ବୀଜଗଣିତର ଯାବତୀୟ କଠିନ ଅଙ୍କ ଓ ସୂତ୍ରଗୁଡ଼ିକ ସେ ଚନ୍ଦ୍ରମୋହନ ବାବୁଙ୍କ ନିକଟରୁ ସନ୍ତୋଷଜନକ ଭାବରେ ବୁଝି ପାରୁଥିଲେ । ଅଙ୍କ ବୁଝାଇବା ପାଇଁ ରାତି ଏଗାରଟା ବେଳେ ତାଙ୍କ ନିକଟରେ ଗୁରୁ ଉପସ୍ଥିତ ହେଲେହେଁ ସେ ନିଦରୁ ଉଠି ଧୈର୍ଯ୍ୟର ସହିତ ଅଙ୍କ ବୁଝାଇ ଦେଉଥିଲେ । ଓଡ଼ିଆ, ସଂସ୍କୃତ ଓ ଇଂରାଜୀ ବ୍ୟାକରଣରେ ସେ ଧୁରନ୍ଧର ପଣ୍ଡିତ ଥିବା ବିଷୟ ଏବେ ପ୍ରବାଦ ହୋଇ ରହିଛି । ୧୯୧୦ ମସିହାରେ ତାଙ୍କର "ଓଡ଼ିଆ ବ୍ୟାକରଣ" ପୁସ୍ତକ ପ୍ରକାଶିତ ହୋଇଥିଲା । ସଂସ୍କୃତ ସାହିତ୍ୟ ପ୍ରତି ତାଙ୍କର ଥିଲା ବିଲକ୍ଷଣ ଶ୍ରଦ୍ଧା ଓ ସମ୍ମାନ । "ଆମ ନୂଆ ହେଡ଼ମାଷ୍ଟର" ଶୀର୍ଷକ ଲେଖାରେ କୃତବିଦ୍ୟ ସାହିତ୍ୟିକ ହରିଶ୍ଚନ୍ଦ୍ର ବଡ଼ାଲ କାଳିଦାସୀୟ କାବ୍ୟ ସମୂହରେ ଚନ୍ଦ୍ରମୋହନଙ୍କ ଅନୁରାଗ ସମ୍ପର୍କରେ ଏକ ସୁନ୍ଦର ପରିଚୟ ପ୍ରଦାନ କରିଅଛନ୍ତି । ଛାତ୍ରର

Digitized by srujanika@gmail.com

ନିର୍ଜନ ପ୍ରହରରେ ଛାତ୍ର କଣ୍ଠରୁ କାଳିଦାସୀୟ ଶ୍ଳୋକର ଆବୃତ୍ତି ଶ୍ରବଣରେ ଚନ୍ଦ୍ରମୋହନ କିପରି ସ୍ୱୀୟ ଆବେଗ ସମ୍ବରଣ କରିପାରି ନାହାନ୍ତି ତାହା ଏହି ଲେଖାଟିରେ ଅତି ଚମତ୍କାର ଭାବରେ ବର୍ଣ୍ଣିତ ହୋଇଛି । ପଣ୍ଡିତ ନୀଳକଣ୍ଠଙ୍କର ଆତ୍ମଜୀବନୀରେ ମଧ୍ୟ ଚନ୍ଦ୍ରମୋହନ ବାବୁଙ୍କର ସଂସ୍କୃତ ପ୍ରୀତି ବିଷୟରେ ଗୋଟିଏ ଦୃଷ୍ଟାନ୍ତ ଉଲ୍ଲିଖିତ ଅଛି । ଚନ୍ଦ୍ରମୋହନ ଡେପୁଟି ଇନ୍‌ସପେକ୍ଟର ଥିଲାବେଳେ କୌଣସି ଏକ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ । ବିଦ୍ୟାଳୟରେ ଅବସ୍ଥାନ କାଳରେ ଗୋଟିଏ କୋଇଲି ବୋବାଇ ଉଠିଲା । ଚନ୍ଦ୍ରମୋହନ ହେଡ଼ପଣ୍ଡିତ ମହାଶୟଙ୍କୁ ତତ୍‌କ୍ଷଣାତ୍ ପ୍ରଶ୍ନ କଲେ'— 'କହନ୍ତୁ ତ ପଣ୍ଡିତ ମହାଶୟ, ଏ କୋଇଲିଟି ମାଈ କି ଅଣ୍ଡିରା ?'' ପଣ୍ଡିତ ମହାଶୟ ସ୍ଥୂଳ ବୁଦ୍ଧି ବଶତଃ କହିଲେ, ''ମାଈ ହୋଇ ନଥିଲେ ଏପରି ମଧୁର ସ୍ୱନ ହୁଅନ୍ତା ନାହିଁ ।'' ମୁଣ୍ଡ ହଲାଇ ଚନ୍ଦ୍ରମୋହନ କହିଲେ— କ'ଣ ଆପଣ କାଳିଦାସଙ୍କୁ ପଢିନାହାନ୍ତି ? ସେ ଲେଖିଛନ୍ତି—

''ପୁଂସ୍କୋକିଲୋ ଯନ୍ ମଧୁରଂ ଚୁକୁଜ ।''

କେବଳ ପାଠ୍ୟ ବିଷୟରେ ଅସାଧାରଣ ପାଣ୍ଡିତ୍ୟ ଓ ପ୍ରୟୋଗକୁଶଳତା ଯୋଗୁ ନୁହେଁ, ଅଖଣ୍ଡ ନୀତି ଓ ଦୃଢ ଶୃଙ୍ଖଳାବାଦୀ ଥିବାରୁ ସେ ଛାତ୍ରମାନଙ୍କର ଶ୍ରଦ୍ଧା, ସମ୍ମାନ, ଭକ୍ତି ଓ ଭୟର ଭାଜନ ହୋଇଥିଲେ । ଦୁଷ୍ଟ ଓ ଦୁର୍ବିନୀତ ଛାତ୍ରମାନଙ୍କୁ କଠୋର ଦଣ୍ଡ ଦେଇ ସେ ଯେପରି ଶାସନାଧୀନ କରୁଥିଲେ ତାହା ଉଭୟ ନୀଳକଣ୍ଠ ଓ ଗୋଦାବରୀଶ ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି । ଉତ୍ତମ ଆଚରଣ ଲାଗି କେଉଁ ଛାତ୍ରକୁ ପୁରସ୍କୃତ କରାଯିବ ବା ନଯିବ ସେଥିପାଇଁ ପ୍ରଧାନ ଶିକ୍ଷକ ଭାବରେ ସହକାରୀ ଶିକ୍ଷକମାନଙ୍କ ମତାମତ ଉପରେ ନିର୍ଭର କରିବା ଅପେକ୍ଷା ବଡଘଣ୍ଟ ବା ମନିଟରର ସୁପାରିଶ ଉପରେ ସେ ଅଧିକ ଆସ୍ଥା ସ୍ଥାପନ କରୁଥିବା ବିଷୟ ନୀଳକଣ୍ଠଙ୍କ ଆତ୍ମଜୀବନୀରେ ବିବୃତ ଅଛି । ଛାତ୍ରମାନେ କିପରି ଅଧ୍ୟବସାୟୀ, ଚରିତ୍ରବାନ୍ ଓ କର୍ମଠ ହେବେ ସେଥିପ୍ରତି ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା । ଇଂରାଜୀ କବିତା ଠିକ ଭାବରେ ଉଚ୍ଚାରଣ କରି ନପାରୁଥିବା ଯୋଗୁ ଗୋଦାବରୀଶଙ୍କୁ ସାତଦିନକାଳ ପ୍ରତି ପିରିୟଡ଼ରେ ଦଣ୍ଡାୟମାନ ହେବାର ଆଦେଶ ସେ ଦେଇ ତାଙ୍କର ଇଂରାଜୀ ଉଚ୍ଚାରଣକୁ ବିଶୁଦ୍ଧ କରିପାରିଥିଲେ । କୌଣସି ଛାତ୍ର ଯେତେ ପ୍ରଭାବଶାଳୀ ପିତାର ସନ୍ତାନ ହେଉ ପଛକେ ଚରିତ୍ରିକ ସ୍ଖଳନର ପରିଚୟ ଦେବା ମାତ୍ରେ ହିଁ ଚନ୍ଦ୍ରମୋହନଙ୍କ ଦ୍ୱାରା ବିଦ୍ୟାଳୟରୁ ବହିଷ୍କୃତ ହେଉଥିଲା । ତାଙ୍କଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନ ତଥା ତହିଁର ଅଧ୍ୟାପକମାନଙ୍କର ସ୍ୱାର୍ଥ ଓ ସମ୍ମାନ ରକ୍ଷା କରିବା ଲାଗି ସେ ଅସାଧ୍ୟ ସାଧନ କରୁଥିଲେ । କଟକ ନର୍ମାଲ ସ୍କୁଲରେ ପ୍ରଧାନ ଶିକ୍ଷକ ଥିଲାବେଳେ ଏହିପରି ଏକ ଦୁଃସାହସିକ ପଦକ୍ଷେପ ନେଇଥିବାରୁ ତାଙ୍କୁ କୋର୍ଟର ଦ୍ୱାରସ୍ଥ ହେବାକୁ ପଡ଼ିଥିଲା । ଉତ୍କଳ ଗୌରବ ମଧୁସୂଦନ ଓ ପ୍ରଖ୍ୟାତ ଓକିଲ

Digitized by srujanika@gmail.com

ଗୋକୁଳାନନ୍ଦ ଗ୍ରୈଧୁରୀଙ୍କ ସହାୟତା ଫଳରେ ସେ ରାଜଦଣ୍ଡରୁ ରକ୍ଷା ପାଇଥିଲେ । ସେଥିପାଇଁ ଓଡ଼ିଆ ଛାତ୍ରମାନଙ୍କ ନିକଟରେ ଚନ୍ଦ୍ରମୋହନ ଦେବତା ଭଳି ପୂଜ୍ୟ ଥିଲେ । ନିଷ୍ଠାପର, ସାଧନାପୂତ, ନିରଳସ ଓ କୁସଂସ୍କାର ମୁକ୍ତ ଜୀବନ କଟାଇଥିବାରୁ ଛାତ୍ର ଓ ଶିକ୍ଷକ ମଣ୍ଡଳୀରେ ଚନ୍ଦ୍ରମୋହନ ବାବୁଙ୍କ ବ୍ୟକ୍ତିତ୍ୱ ହିମାଳୟ ଭଳି ଉନ୍ନତ ଥିଲା । ସମଗ୍ର ଓଡ଼ିଶାରେ ଏକ ବିଚକ୍ଷଣ ଓ ସୁଦକ୍ଷ ହେଡ଼ମାଷ୍ଟର ଭାବରେ ଶେଷ ଜୀବନ ପର୍ଯ୍ୟନ୍ତ ତାଙ୍କର ସୁଖ୍ୟାତି ଅକ୍ଷୁର୍ଣ୍ଣ ରହିଥିଲା ।

'ଆଲୋଚନା-ସଭା' କଟକ ନର୍ମାଲ ସ୍କୁଲକୁ କେନ୍ଦ୍ର କରି ଗଢ଼ିଉଠିଥିବା ବିଷୟ ପୂର୍ବରୁ କଥିତ ହୋଇଅଛି । ଓଡ଼ିଆ ସାହିତ୍ୟର ଉନ୍ନତି ସାଧନରେ ଏହି 'ଆଲୋଚନା ସଭା' ଓ ତତ୍‌ସହିତ କଟକ ନର୍ମାଲ ସ୍କୁଲ ଯେପରି ପରସ୍ପର ଜଡ଼ିତ ହୋଇ ପଡ଼ିଥିଲେ ତାହା ଆଜି ଓଡ଼ିଆ ସାହିତ୍ୟ ଇତିହାସର ବିଷୟୀଭୂତ ହୋଇପଡ଼ିଛି । ୧୮୯୭ ମସିହାରେ 'ଆଲୋଚନା-ସଭା'ର ତୃତୀୟ ଅଧିବେଶନରେ ପ୍ରଦତ୍ତ ଭାଷଣରେ ବିଶ୍ୱନାଥ କର ଏହି ଅନୁଷ୍ଠାନକୁ ଉଦ୍ଦେଶ୍ୟ କରି କହିଥିଲେ, "ଏହି ଆଲୋଚନା ସଭା ଉପଯୁକ୍ତ କ୍ଷେତ୍ରରେ ସଂସ୍ଥାପିତ ହୋଇଅଛି । ନର୍ମାଲ ସ୍କୁଲ ଓଡ଼ିଆ ଭାଷାର ସର୍ବୋଚ୍ଚ ବିଦ୍ୟାଳୟ । ଏହାର ଛାତ୍ରମାନେ ଉତ୍କଳଭୂମିର ନାନା ସ୍ଥାନରେ କାର୍ଯ୍ୟ କରିବାକୁ ଯିବେ । ସେମାନେ ଯେବେ ସାହିତ୍ୟସେବାର ଉନ୍ନତ ଭାବ ଓ ଆକାଂକ୍ଷା ପ୍ରାଣରେ ପୋଷଣ କରି କର୍ତ୍ତବ୍ୟ ସାଧନରେ ତତ୍ପର ହୁଅନ୍ତି, ତାହାହେଲେ ସେମାନଙ୍କଦ୍ୱାରା ଦେଶର ଅଶେଷ କଲ୍ୟାଣ ସାଧିତ ହୋଇପାରିବ— ସେମାନେ ନିଜେ ସାହିତ୍ୟସେବା କରି ଜୀବନ କୃତାର୍ଥ କରି ପାରିବେ ଏବଂ ଅନ୍ୟ ଶତ ଶତ ପ୍ରାଣରେ ସାହିତ୍ୟ ସେବାର ଭାବ ଜାଗ୍ରତ କରିବାକୁ ସମର୍ଥ ହେବେ ।" ବସ୍ତୁତଃ ଭକ୍ତକବି ମଧୁସୂଦନ ଓ ବହୁଦର୍ଶୀ ଚନ୍ଦ୍ରମୋହନଙ୍କ ପରି ସୁଯୋଗ୍ୟ ସାହିତ୍ୟିକ ପ୍ରଧାନ ଶିକ୍ଷକ ଲାଭ କରି କଟକ ନର୍ମାଲ ସ୍କୁଲର ଛାତ୍ରମାନେ ସେକାଳରେ ଉଚ୍ଚ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟର ସାହିତ୍ୟ ଶିକ୍ଷକ ଭାବରେ ସୁନାମ ଅର୍ଜନ କରିଥିଲେ । ପାଠ୍ୟ ପୁସ୍ତକ ରଚୟିତା ଭାବରେ ସେକାଳରେ ସୁଖ୍ୟାତି, ଯଶ ଓ ଅର୍ଥ ଲାଭ କରିଥିବା ପଣ୍ଡିତ ଗୋବିନ୍ଦ ରଥ ଓ ଖଣ୍ଡପଡ଼ା ନିବାସୀ ପ୍ରସିଦ୍ଧ ପଞ୍ଜିକା-କାର ପଣ୍ଡିତ ରାଜବଲ୍ଲଭ ମିଶ୍ର ଥିଲେ କଟକ ନର୍ମାଲ ସ୍କୁଲର ପ୍ରଥମ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ର ।

ଚନ୍ଦ୍ରମୋହନଙ୍କର ଜୀବନୀ ପର୍ଯ୍ୟାଲୋଚନା କଲାବେଳେ ତାଙ୍କର ସାହିତ୍ୟିକ ଅଭିମୁଖ୍ୟ ଅତି ବିସ୍ମୃତ ହେବା ଆଲୋଚକ ପକ୍ଷରେ ସହଜ ନୁହେଁ । କାରଣ ଚନ୍ଦ୍ର-ମୋହନ ନିଜକୁ ଓ ନିଜର ବ୍ୟକ୍ତିତ୍ୱକୁ ବିଦ୍ୟାଳୟର ଚାରିକାନ୍ଥ ଭିତରେ ସୀମାବଦ୍ଧ ନ ରଖି ସାହିତ୍ୟ-ସମାଲୋଚନା ଓ ରଚନା କ୍ଷେତ୍ରରେ ପ୍ରସାରିତ କରିଥିଲେ । ସେଥିପାଇଁ ଓଡ଼ିଶାର ତତ୍କାଳୀନ ବିଦ୍ୱନ୍ମଣ୍ଡଳୀରେ ଚନ୍ଦ୍ରମୋହନଙ୍କର ସ୍ୱତନ୍ତ୍ର ସମ୍ମାନ ରହିଥିଲା ।

Digitized by srujanika@gmail.com

ଉତ୍କଳ ସାହିତ୍ୟର ଷଟ୍‌ତ୍ରିଂଶଦ୍ ବର୍ଷ ପ୍ରଥମ ସଂଖ୍ୟା ଅର୍ଥାତ୍ ୧୯୨୯ ମସିହା ଏପ୍ରିଲ ସଂଖ୍ୟାରେ "ଚନ୍ଦ୍ରମୋହନ ମହାରଣାଙ୍କ ବିୟୋଗ" ଶୀର୍ଷକ ପ୍ରବନ୍ଧରେ ତାଙ୍କର ସାହିତ୍ୟିକ ଜୀବନ ସଂପର୍କରେ ଆଲୋକପାତ କରିବାକୁ ଯାଇ ଆଲୋଚକ ଯାହା ଲେଖିଛନ୍ତି ସେଥିରୁ ଜଣାଯାଏ ଯେ ସୁପଣ୍ଡିତ, କବି, ସୁନିପୁଣ ସମାଲୋଚକ ଓ ସୁଗଭୀର ଚିନ୍ତାଶୀଳ ଚନ୍ଦ୍ରମୋହନଙ୍କ ଯେଉଁ ରୂପ ଆମେ ବିଂଶ ଶତାବ୍ଦୀରେ ଦେଖିବାକୁ ପାଉ ସେ ରୂପର ଅନ୍ୟ ଏକ ବିଗ୍ରହ ଗତ ଶତାବ୍ଦୀରେ ପ୍ରକାଶ ପାଇଥିଲା । ଏଫ୍. ଏ. କ୍ଲାସରେ ପଢ଼ିଲାବେଳେ ସେ ଯେଉଁ କେତୋଟି କବିତା 'ସଂସ୍କାରକ' ପତ୍ରିକାରେ ଲୋକଲୋଚନକୁ ଆଣିଥିଲେ ତାହାର ଏକ ସଂକଳନ ହେଉଛି ୧୮୮୮ ସାଲର 'ନବୋଦ୍ୟମ' ପୁସ୍ତକ । ବସନ୍ତ ଋତୁର ଫୁଲ, ଫଳ, ମଧୁପର ଗୁଂଜନ, ଗନ୍ଧବହ ଇତ୍ୟାଦି ଗତାନୁଗତିକ ଉପକରଣ ଓ ପ୍ରାଚୀନ ଅଳଙ୍କାରର ଅବଲମ୍ବନରେ 'ବସନ୍ତ' (ତା ୨୪।୩।୮୭) କବିତା ରଚିତ । 'ମଲ୍ଲିକା' (ତା ୨୭।୭।୮୭), 'ଶରତ' (ତା ୧୩।୧୦।୮୭) ଓ 'ମଳୟ ନିଳୟ ପ୍ରତି' (ତା ୨।୨।୮୮) ପ୍ରଭୃତି କବିତାରେ ପୂର୍ବୋକ୍ତ କାବ୍ୟରୀତି ପରିଦୃଷ୍ଟ ହୁଏ । 'ଅପୂର୍ବ କାରାରୁଦ୍ଧ ପୁରୁଷର ପତ୍ର' (ତା ୭।୭।୮୭), 'ଶଯ୍ୟାସ୍ଥ ଆଶା ମୁଗ୍ଧ ବ୍ୟକ୍ତି' (ତା ୧୫।୯।୮୭), 'ମାତୃହୀନ ବାଳକର ଜନନୀ ପ୍ରତି' 'ନିର୍ଗୁଣ ବ୍ୟକ୍ତିର ନିଶୀଥ ନିଭୃତ ଚିନ୍ତା', 'ବିଦେଶରୁ ସ୍ୱଗୃହାଭିମୁଖରେ ଦାଲେଶ୍ୱର ପ୍ରତ୍ୟାଗମନ କାଳରେ କୌଣସି ସମୁଦ୍ର ପୋତରେ ଦୁଇ ସହୋଦରର ବିନାଶ', 'ମାତୃ ବିୟୋଗ' ପ୍ରଭୃତି କବିତା ଅତ୍ୟନ୍ତ କରୁଣ ରସାତ୍ମକ ଓ ଏଥିରେ କବି ପ୍ରତିଭାର ସମ୍ୟକ୍ ପରିଚୟ ସୁସ୍ପଷ୍ଟ । ଏହାର ସମୁଦାୟ ୧୫ଟି କ୍ଷୁଦ୍ର କବିତା ମଧ୍ୟରୁ ଅଧିକାଂଶ ଚତୁର୍ଦ୍ଦଶ ଅକ୍ଷର ଧାଡ଼ିର କବିତା ଓ ସୌନ୍ଦର୍ଯ୍ୟ ସୃଷ୍ଟି ପାଇଁ ପାଦ ମଧ୍ୟରେ ମଧ୍ୟ ବିରାମ ଅଛି । ବର୍ଣ୍ଣନାର ସ୍ୱାଭାବିକତା ଓ ବିଷୟ ବସ୍ତୁର ବୈଚିତ୍ର୍ୟ ହିଁ ଏ କବିତାମାନଙ୍କର ବିଶେଷତ୍ୱ । ସମସାମୟିକ ସାହିତ୍ୟ ସୃଷ୍ଟି ଦ୍ୱାରା ସାହିତ୍ୟିକ ପ୍ରଭାବିତ ହେବାର ସ୍ୱୀକାର କରାଗଲେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' ରଚନା ଓ ପରିକଳ୍ପନା ଲାଗି କିୟଦଂଶରେ ହେଉ ପଛକେ, ଉତ୍କଳ ସାହିତ୍ୟ ୪ର୍ଥ ବର୍ଷ, ୧ମ ସଂଖ୍ୟା (୧୯୦୦ ମସିହା ଜାନୁୟାରୀ) ରେ ପ୍ରକାଶିତ ଚନ୍ଦ୍ରମୋହନଙ୍କ 'ନିର୍ବାସିତା ସୀତାର ସ୍ୱଗତ' ଶୀର୍ଷକ କବିତା ଆଗରୁ ପ୍ରଭାବିତ ଓ ପ୍ରଣୋଦିତ କରିଥିବ—ଏହା ଅନୁମାନ କରି ଯାଇପାରେ । ଚନ୍ଦ୍ରମୋହନଙ୍କର ପ୍ରଖ୍ୟାତ ଓ ବହୁ ଆଦୃତ ପାଠ୍ୟ ପୁସ୍ତକ କଥା-ବଳିରେ ମଧ୍ୟ ସେ କାଳରେ ତୃତୀୟ ଓ ଚତୁର୍ଥମାନର ଛାତ୍ରମାନଙ୍କ ପଠନୋପଯୋଗୀ କବିତା ସମୂହରେ ତାଙ୍କର କବି ସୁଲଭ କାବ୍ୟିକ ରସ ଚେତନାର ପରିଚୟ ମିଳିଥାଏ । ଗ୍ରୀଷ୍ମ, ବର୍ଷା, ଶରତ୍, ହେମନ୍ତ, ଶିଶିର ଓ ବସନ୍ତ ଋତୁର ପ୍ରକୃତି ବର୍ଣ୍ଣନାରେ ତାଙ୍କର ଦ୍ରଷ୍ଟୃସୁଲଭ ସହଜ ଓ ସରଳ ଦୃଷ୍ଟିଭଙ୍ଗୀ ସହିତ ଭାବାବିଷ୍ଟ କବିଚିତ୍ତର ସମନ୍ୱୟ ଘଟି

Digitized by srujanika@gmail.com

ପାରନ୍ତି । ଉଦାହରଣ ସ୍ୱରୂପ ନିମ୍ନୋଦ୍ଧୃତ କେତେକ କବିତାଂଶ ଲକ୍ଷ୍ୟ କରାଯାଇ ପାରେ ।

(କ) ଯଷ୍ଟି ଗୁଲ୍ମରାଜି କରେ ମଣ୍ଡନ ;
ଘନ-ପୀତ କାନ୍ତ ଶୁଭ୍ର ସୁମନ
ପଥିକ ନେତ୍ରେ ଏ ନବ ଅତିଥି
ନ ମାଗୁଁ ଅଜାଡ଼ୁ ଦିଏ ସୁପ୍ରୀତି ;
ଅପୂର୍ବ ଉଆଣ
ଧରଣୀ-ଶିରେ କି ହେମ ବିତାନ ? (ବର୍ଷା)

(ଖ) କହ୍ଲିଫୁଲ କହ୍ଲି ଲତିକା
ଶେଯେ ଆସିଲା ଫୁଟି ;
ଶ୍ୟାମ ଛାୟା ପଥେ କି ଅବା
ସ୍ୱର୍ଣ୍ଣ ତାରକା କୋଟି । (ଶରତ)

(ଗ) ଧରା-ଜରା କର ଗଲା ଅପସରି
ଶିଶିର ସମସ୍ତ ଧୀରେ,
ସିଦ୍ଧ ସଂଜୀବନୀ ଋତୁ ଶିରୋମଣି
ପ୍ରବେଶ କଲେ ମହୀରେ ।

× × ×

ଛାଡ଼ ଛାଡ଼ ଶୀତ ହେଲାଣି ଅତୀତ
ଗ୍ରୀଷ୍ମ ମାଡ଼ ଆସି ନାହିଁ,
ଶ୍ରାବଣେ ଦୁର୍ଗମ ବରଷା କର୍ଦ୍ଦମ
ବହୁ ଦୂରେ ଅଛୁ କାହିଁ । (ବସନ୍ତ)

(ଘ) ନିଶାରେ,
ଅଜସ୍ର ତୁଷାର ବର୍ଷିଲା ;
ଧଳା ଭସ୍ମ ବୋଳା ତପସ୍ୱୀ ମଣ୍ଡଳା
ପରାଏ ଯାମିନୀ ଦଶିଲା । (ଶିଶିର)

'ଚନ୍ଦ୍ର' ଶୀର୍ଷକ କବିତାରେ ଜ୍ୟୋତ୍ସ୍ନାସ୍ନାତ ଧରଣୀ ବର୍ଣ୍ଣନା ଅତି ଚିତ୍ତାକର୍ଷକ ହୋଇ ପଡ଼ିଛି । ଉଦାହରଣ ସ୍ୱରୂପ—

"ଧରଣୀ ସୁହୃଦେ ନିହି ସମଗ୍ର ଦର୍ପଣ
ସହସ୍ର ନୟନେ ହେଲେ ତୋ ବିଶ୍ୱମୋହନ ।"

Digitized by srujanika@gmail.com

ଖଣ୍ଡଗିରି ଦର୍ଶନରେ ଅଭିଭୂତ କବି ଚନ୍ଦ୍ରମୋହନ ତାଙ୍କର 'ଖଣ୍ଡଗିରି' କବିତାରେ କବିବର ରାଧାନାଥଙ୍କ ସହିତ କଣ୍ଠ ମିଳାଇ ଗାଇଛନ୍ତି—

"ମନରେ ପ୍ରବଳ ହେଲା ଏହି ଅଭିଳାଷ –
କରିବି କୋଳରେ ତୋର ମୁହିଁ ସଦା ବାସ,
ପାବନ, ମୋହନ କୋଳ ତୋର ନ ତେଜିବି ;
ଜଗତର କୋଳାହଳେ ଆଉ ନ ପଶିବି ।"

'ପ୍ରତିଧ୍ୱନି' 'ପୁଷ୍ପ' ଓ 'ମହିମା' କବିତାରେ କବିଙ୍କର ସ୍ୱଚ୍ଛ ଅନୁଭୂତି ନିଜସ୍ୱ ରୂପେ ପ୍ରକଟିତ ହୋଇଛି । ୧୮୮୪ ମସିହାରେ ବାଲେଶ୍ୱରର କୌଣସି ରମଣୀୟ ପ୍ରଥମ ପ୍ରସୂତ ଶିଶୁ ଷୋଡ଼ଶ ବୟସରେ ପ୍ରାଣତ୍ୟାଗ କରିଥିବା ଘଟଣାକୁ ଲକ୍ଷ୍ୟକରି ସମ୍ବେଦନଶୀଳ ଚନ୍ଦ୍ରମୋହନଙ୍କ କବିପ୍ରାଣ ଯେପରି ବିଳପି ଉଠିଥିଲା ତା'ର ପରିଚୟ—

"ଏକେତ ଯୌବନ ରତନେ ରତନ
ତହିଁ ଶିଶୁ ମଣିଯୋଗ ।
ଈର୍ଷାନଳେ ପଡ଼ି ଦେବତାଏ ପୋଡ଼ି
ଘଟାଇଲେ ବିପ୍ରଯୋଗ ।" ରୁ ଜଣାଯାଏ ।

ସଂସ୍କୃତ କଥା ସାହିତ୍ୟରୁ ଆହୃତ ବିଭିନ୍ନ ଆଖ୍ୟାୟିକା, ଇଂରେଜୀ ଗଳ୍ପର ଅନୁବାଦ ଓ ପୁରାଣ ବର୍ଣ୍ଣିତ ଘଟଣାବଳୀର ସମବାୟରେ ଗ୍ରଥିତ 'କଥାବଳି'ର କଥା ସମୂହ ମଧ୍ୟ ଚନ୍ଦ୍ରମୋହନଙ୍କର ଚୟନପଟୁତା, ଭାଷା ପ୍ରୟୋଗ କୁଶଳତା ଓ ବର୍ଣ୍ଣନା-ପାଟବର ଅକୃତ୍ରିମ ପରିଚୟ ବହନ କରି ପାରିଛନ୍ତି । ସମଗ୍ର 'କଥାବଳି'ରେ ଶୋଭନ, ସଂଯତ ଓ ସହଜ ଭାଷା ତଥା ଭାବର ଅଭିବ୍ୟକ୍ତି ଏପରି ଏକ ପରିଚ୍ଛନ୍ନତା ଆଣି ଦେଇଛି, ଯେଉଁଥିପାଇଁ ପୁସ୍ତକଟି ଛାତ୍ର ଓ ଶିକ୍ଷକ ମହଲରେ ଯଥେଷ୍ଟ ଆଦୃତ ହୋଇ ପାରିଥିଲା । କାରଣ କେବଳ ଓଡ଼ିଆ ଭାଷାରେ ନୁହେଁ ମ୍ୟାକ୍‌ମିଲନ୍ କମ୍ପାନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟି ତେଲଗୁ ଓ ହିନ୍ଦୀ ଭାଷାରେ ମଧ୍ୟ ଅନୂଦିତ ହୋଇ ସେଠାକାର ବିଦ୍ୟାଳୟମାନଙ୍କରେ ଚଳୁଥିଲା । ଚନ୍ଦ୍ରମୋହନଙ୍କର ଯେଉଁ କେତେକ ପ୍ରବନ୍ଧ ବିଭିନ୍ନ ପତ୍ର ପତ୍ରିକାରେ ସମୟକ୍ରମେ ପ୍ରକାଶିତ ହୋଇଥିଲା ସେଗୁଡ଼ିକ ଏକତ୍ରୀ-କୃତ ହୋଇ ପୁସ୍ତକାକାରରେ ପ୍ରକାଶିତ ହୋଇଥିଲେ ତାହା ଏକ ପ୍ରାମାଣିକ ଓ ଉପାଦେୟ ଗ୍ରନ୍ଥ ହୋଇ ପାରିଥାନ୍ତା । ଏବେ ଇତସ୍ତତଃ ବିକ୍ଷିପ୍ତ ଯେଉଁ କେତେକ ପ୍ରବନ୍ଧ ଅଭିଭାଷଣ ଦୃଷ୍ଟିପଥକୁ ଆସେ ସେଗୁଡ଼ିକରେ ଚନ୍ଦ୍ରମୋହନଙ୍କ ସ୍ୱକୀୟ ଗଦ୍ୟଭଙ୍ଗୀ, ବସ୍ତୁନିଷ୍ଠତା, ବୈଜ୍ଞାନିକ ଦୃଷ୍ଟିକୋଣ ଏବଂ ଭୂୟୋଦର୍ଶିତାର ପ୍ରତିଫଳନ ପାଠକକୁ ପ୍ରଭାବିତ କରିଥାଏ । ସେ ସବୁ ପରିମାଣରେ ସ୍ୱଳ୍ପ ଓ ସେ ଦିଗରେ ଚନ୍ଦ୍ରମୋହନଙ୍କ

Digitized by srujanika@gmail.com

ଉଦ୍ୟମ ଓ ସାଧନା ସୀମାବଦ୍ଧ ଥିବାରୁ ବୋଧହୁଏ ୧୯୬୯ ମସିହା ସେପ୍ଟେମ୍ବର ମାସରେ ଅନୁଷ୍ଠିତ ଉତ୍କଳ ସାହିତ୍ୟ ସମାଜର ଚତୁର୍ବିଂଶ ବାର୍ଷିକ ଅଧିବେଶନରେ ସଭାପତିତ୍ୱ କରି ଗୋପାଳଚନ୍ଦ୍ର ପ୍ରହରାଜ ଓଡ଼ିଆ ଗଦ୍ୟ ସାହିତ୍ୟ ପ୍ରସଙ୍ଗରେ କହିଥିଲେ, "ଚନ୍ଦ୍ରମୋହନ ଗଦ୍ୟ ରଚନା ଦ୍ୱାରା ଓଡ଼ିଆ ଭାଷାର ଯେଉଁ ଭବିଷ୍ୟତ ସୂଚନା କରିଥିଲେ, ତାହା ବଣର ମାଳତୀ ପରି ବନରେ ଫୁଟି ଝଡ଼ିଲା।"

ଯେ ଯାହାହେଉ ଯେଉଁ କେତୋଟି ଗଦ୍ୟ ଚନ୍ଦ୍ରମୋହନଙ୍କର ଆମେ ପାଉଁ ତନ୍ମଧ୍ୟରୁ ଉତ୍କଳ ସାହିତ୍ୟ ୧ମ ଭାଗ ୯ମ ସଂଖ୍ୟା ଅର୍ଥାତ୍ ୧୮୯୭ ସେପ୍ଟେମ୍ବରରେ ପ୍ରକାଶିତ "ଭୂଗୋଳ ବିଦ୍ୟା, ୬ଷ୍ଠଭାଗ ୪ର୍ଥ ସଂଖ୍ୟା ଅର୍ଥାତ୍ ୧୯୦୨ ଜୁଲାଇରେ ପ୍ରକାଶିତ "ଶ୍ରୀଧର ସ୍ୱାମୀ", ୧୦ମ ଭାଗ ୧୦ମ ସଂଖ୍ୟା ଅର୍ଥାତ୍ ୧୯୦୭ ମସିହା ଫେବୃୟାରୀରେ ପ୍ରକାଶିତ 'ଇତିହାସ' ଓ ୧୧ଶ ଭାଗ ୯ମ ସଂଖ୍ୟା ଅର୍ଥାତ୍ ୧୯୦୭, ଜାନୁୟାରୀରେ ପ୍ରକାଶିତ 'ସ୍ୱପ୍ନ' ପ୍ରବନ୍ଧ ସମୂହରେ ତାଙ୍କର ସୁରୁଚି ମାର୍ଜିତ ଗଦ୍ୟ ଶୈଳୀର ସ୍ପଷ୍ଟ ମୁଦ୍ରାଙ୍କ ରହିଛି। 'ଇତିହାସ' ପ୍ରବନ୍ଧଟି ଅଧୁନା ପ୍ରାକ୍ ବିଶ୍ୱବିଦ୍ୟାଳୟ ଶ୍ରେଣୀର ପାଠ୍ୟ ରୂପେ ଗୃହୀତ ହୋଇଅଛି। ଏଥିରେ ଅଧିକାଂଶ ବାକ୍ୟ ଗଭୀର ଅନୁଶୀଳନର ପରିଚାୟକ ହେବ। ଇତିହାସର ସଂଜ୍ଞା, ବ୍ୟାପ୍ତି ଓ ଉପାଦେୟତା ସମ୍ପର୍କରେ ପ୍ରବନ୍ଧଟିରେ ମୌଳିକ ଆଲୋଚନା ସନ୍ନିବେଶିତ ହୋଇଥିବାର ଜଣାଯାଏ। 'ସ୍ୱପ୍ନ' ଶୀର୍ଷକ ପ୍ରବନ୍ଧରେ ସ୍ୱପ୍ନର ପର୍ଯ୍ୟାୟ ଓ ସ୍ୱରୂପ ସମ୍ବନ୍ଧରେ କହିବାକୁ ଯାଇ ଚନ୍ଦ୍ରମୋହନ ଲେଖିଛନ୍ତି, ସ୍ୱପ୍ନର କାଳ ଯେପରି ଅନିର୍ଦ୍ଦିଷ୍ଟ, ଦେଶ ସେହିପରି ଭୂସ୍ଥାନ୍। ବର୍ତ୍ତମାନ ଘଟଣା ଓ ତାହାର ସମାବେଶ ଅତୀତ ଘଟଣା ଦ୍ୱାରା ମନ ସଂକୀର୍ଣ୍ଣ ଓ କଲ୍ଲୋଳିତ ହେବାରୁ ସ୍ୱପ୍ନରେ ସେହିମାନଙ୍କର ପ୍ରତିବିମ୍ବ ସାଧାରଣତଃ ଦେଖାଯାଏ। ଜାଗରଣରେ ପ୍ରତ୍ୟକ୍ଷ ବର୍ତ୍ତମାନ ଯେପରି ଦବୀୟାନ୍ ଭବିଷ୍ୟତର ଅନ୍ତରାଳ ହୁଏ, ସ୍ୱପ୍ନରେ ମଧ୍ୟ ପ୍ରାୟ ସେହିପରି।" ବ୍ୟକ୍ତିଗତ କେତେକ ଅନୁଭୂତିର ବ୍ୟାଖ୍ୟାନ କରି ଚନ୍ଦ୍ରମୋହନ ସୁଚିନ୍ତିତ ଓ ବୈଜ୍ଞାନିକ ଭାବରେ 'ସ୍ୱପ୍ନ'ର ସ୍ୱରୂପ ଉଦ୍‌ଘାଟନ କରିବାରେ ସଫଳତା ଅର୍ଜନ କରି ପାରିଛନ୍ତି।

କବିବର ରାଧାନାଥଙ୍କ ବିୟୋଗ ଉପଲକ୍ଷେ ଉତ୍କଳ ସାହିତ୍ୟ ୧୧ଶ ଭାଗ ୧୨ଶ ସଂଖ୍ୟାରେ ପ୍ରକାଶିତ "ପରଲୋକଗତ ରାଧାନାଥ ରାୟ" ଶୀର୍ଷକ ପ୍ରବନ୍ଧରେ ଚନ୍ଦ୍ରମୋହନ ଲେଖିଥିଲେ, "ଆଧୁନିକ ଉତ୍କଳ କବିମାନଙ୍କ ମଧ୍ୟରେ ସେ (ରାଧାନାଥ) ସମ୍ରାଟ ଥିଲେ। ବିଦ୍ୟମାନ କବି ଓ କବି କଳ୍ପମାନଙ୍କ ମଧ୍ୟରୁ ଅନେକ ତାଙ୍କର ଶିଷ୍ୟ ବା ଅନୁଶିଷ୍ୟ ଥିଲେ। × × × ତାହାଙ୍କ କଥାରେ ଯେଉଁ ଭଙ୍ଗି, ପେଞ୍ଚ ଓ ପୁର ଥିଲା, ତାହା ଅନାନ୍ୟ ସାଧାରଣ ଏବଂ କବିବରଙ୍କର ଯୋଗ୍ୟ।"

Digitized by srujanika@gmail.com

ଉତ୍କଳ ସାହିତ୍ୟ ସମାଜର ଏକବିଂଶ ବାର୍ଷିକ ଅଧିବେଶନରେ (ତା ୫ । ୧୦ । ୨୭) ସଭାପତି ରୂପେ ସେ ଯେଉଁ ଦୀର୍ଘ ଅଭିଭାଷଣ ପ୍ରଦାନ କରିଥିଲେ, ସେଥିରୁ ତାଙ୍କର ସାହିତ୍ୟିକ ଦୃଷ୍ଟିକୋଣ ସ୍ପଷ୍ଟତଃ ବିବୃତ ହୋଇଛି । ସେ କହିଛନ୍ତି, "କାଳ ପରିବର୍ତ୍ତନଶୀଳ ; × × । ଏହି କାଳ ମାନବର, ମାନବ ଜାତିର ରୁଚିରେ ପରିବର୍ତ୍ତନ ଘଟାଇ ଆସୁଅଛି । × × × ଶକ୍ତିଶାଳୀ ଲେଖକ ବ୍ୟକ୍ତି ବିଶେଷର ରୁଚିରେ ଯେପରି ପରିବର୍ତ୍ତନ ସମ୍ପାଦନ କରନ୍ତି, ଜାତି ବିଶେଷର ରୁଚିରେ ସେହିପରି ନବଯୁଗର ପ୍ରବର୍ତ୍ତନ କରନ୍ତି । × × ଉତ୍କଳ ସାହିତ୍ୟରେ ଆଜଯାଏ ତାଦୃଶ ଦିବସର ପ୍ରଭାତ ଦୃଷ୍ଟିପଥାରୂଢ ହୋଇନାହିଁ । ମାତ୍ର ମଙ୍ଗଳମୟ ବିଧାତାଙ୍କର କୃପା ହେଲେ ଉତ୍ତର ପୁରୁଷ ପ୍ରଭାତ ତାରର ସୁମଧୁର ଜ୍ୟୋତି ଅବଲମ୍ବନ କରିବେ ।"

ବ୍ୟକ୍ତିଗତ ଜୀବନରେ ଚନ୍ଦ୍ରମୋହନ ଥିଲେ ସଂସ୍କାରବାଦୀ । ସମାଜ ସଂସ୍କାର ଦିଗରେ ତାଙ୍କର ଉଦ୍ୟମ ଓ ଉତ୍ସାହ ଉଲ୍ଲେଖଯୋଗ୍ୟ । ମୁସଲମାନ ଓ ଖ୍ରୀଷ୍ଟିୟାନମାନଙ୍କ ସହ ମିଶି ସେ ପଂକ୍ତି ଭୋଜନ କରୁଥିଲେ । ତାଙ୍କର ଦର୍ଶନ ଓ ଶ୍ରବଣ ଶକ୍ତି ତୀବ୍ର ଥିଲା । ସେ କେବେ ଚଷମା ବ୍ୟବହାର କରୁ ନ ଥିଲେ । କାବ୍ୟ ଆଲୋଚନା, ସଂସ୍କୃତ ପାଠ ଓ ଉଦ୍ୟାନ କର୍ମ ତାଙ୍କର ପ୍ରିୟ କାର୍ଯ୍ୟ ଥିଲା । ଅଭ୍ୟାସ କରି ସେ ରୀତିମତ ଆସନ ଓ ପ୍ରାଣାୟାମ କରୁଥିଲେ । ପ୍ରାଣାୟାମ ଯୋଗୁଁ ତାଙ୍କର ବାୟୁ ରୋଗ ବୃଦ୍ଧି ପ୍ରାପ୍ତ ହୋଇଥିଲା । ଆମାଶୟ ରୋଗରେ ପୀଡ଼ିତ ହୋଇ ସେ ୧୯୨୯ ମସିହାରେ ଦେହତ୍ୟାଗ କରିଥିଲେ ।

ଚନ୍ଦ୍ରମୋହନଙ୍କର ସମଗ୍ର ସାହିତ୍ୟକୃତି ଏକ ଉଜ୍ଜ୍ୱଳ ସମ୍ଭାବନାର ଯେ ପ୍ରତିଶ୍ରୁତି ଦେଇଥିଲା ଏଥିରେ ସନ୍ଦେହର ଅବକାଶ ନାହିଁ । ୧୯୧୨ ମସିହାରେ ତାଙ୍କର ଗୃହ ଅଗ୍ନିରେ ଭସ୍ମୀଭୂତ ହେବା ସଙ୍ଗେ ସଙ୍ଗେ ତାଙ୍କର ବହୁ ଆୟାସ ପ୍ରସୂତ ଅନ୍ୟୂନ ୪୦ଟି ପାଣ୍ଡୁଲିପି ସମ୍ପୂର୍ଣ୍ଣ ଲୁପ୍ତ ହୋଇଯାଇଛି । ସେଗୁଡ଼ିକ ଲୋକଲୋଚନକୁ ଆସିଥିଲେ ହୁଏତ ତାଙ୍କର ପ୍ରତିଭା ସମଧିକ ସ୍ପଷ୍ଟ ଓ ବିକଶିତ ହୋଇ ଉଠିଥାନ୍ତା । କୃତୀ ଶିକ୍ଷକ, ଉନ୍ନତ ମାନବିକ ଚରିତ୍ର ସମ୍ପନ୍ନ ବ୍ୟକ୍ତିତ୍ୱ ଓ ନିଷ୍ଠାପର ସାହିତ୍ୟ ସେବକ ଭାବରେ ଚନ୍ଦ୍ରମୋହନ ପ୍ରତ୍ୟେକ ଛାତ୍ର, ଶିକ୍ଷକ ବିଶେଷତଃ ଗୁରୁଟ୍ରେନ ନିକଟରେ ଉଦାତ୍ତ, ଉନ୍ନତ ପ୍ରେରଣାର ଯେ ଏକ ଜୀବନ୍ତ ଉତ୍ସ ହୋଇ ରହିବେ ଏହା ନିଃସନ୍ଦେହ ।

---

(ଉକ୍ତ ପ୍ରବନ୍ଧଟି କଟକ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ଶତବାର୍ଷିକୀ ସ୍ମରଣିକାରୁ ସଂଗୃହୀତ ।)

Digitized by srujanika@gmail.com

# ଚନ୍ଦ୍ରମୋହନ ମହାରଣା
## ( ଜୀବନାଲୋକ )

ଲେଖକରତ୍ନ ଡ. କୁଞ୍ଜବିହାରୀ ଦାଶ

ଜନ୍ମ— ୭ ତାରିଖ ଅପ୍ରେଲ ୧୮୬୬
ମୃତ୍ୟୁ— ୯ ତାରିଖ ଅପ୍ରେଲ ୧୯୨୯

କେତେକ ଶିକ୍ଷକ ଗଲେ
କେହତନ ଭୁଲେ ତମ ନାମ
ନାମ ଧରୁ ନ ଧରୁ ବା
ହାତ ଉଠି ହୁଅଇ ପ୍ରଣାମ ।

— କୁଞ୍ଜବିହାରୀ

ଫକୀରମୋହନ ସାହିତ୍ୟ ପରିଷଦର ରଜତଜୟନ୍ତୀ ଉତ୍ସବରେ ଯୋଗ ଦେବାକୁ ଯାଇ ମନେ ପଡ଼ିଲା ରେମୁଣାର ଖିରିଚୋରା ଗୋପୀନାଥ ଓ ସାହିତ୍ୟିକ ଚନ୍ଦ୍ରମୋହନ ମହାରଣାଙ୍କ କଥା । ପ୍ରକୃତରେ ରେମୁଣା ଯେପରି ଭକ୍ତ, ସେହିପରି କବିତୀର୍ଥ ଭୂମି, ଚନ୍ଦ୍ରମୋହନ ସ୍ମୃତିରେ ଭରପୂର ।

ଧୂଳିଭରା ଗ୍ରାମ୍ୟପଥ, ଦୁଇ ଦିଗରେ ବଂଶକୁଞ୍ଜ, କୂଜନ-ଗୁଞ୍ଜନ ଭରା ଫଳ ପୁଷ୍ପୋଦ୍ୟାନ ଗୃହ ସଂଲଗ୍ନ । ଗୋପୀନାଥ ଦର୍ଶନ ଓ ଖିରି ଆସ୍ୱାଦନ ପରେ ପହଞ୍ଚିଲୁ ଚନ୍ଦ୍ରମୋହନଙ୍କ ଗୃହରେ ; ଧୂଳି ଟିକିଏ କପାଳରେ ଲଗାଇଲି ମାତ୍ରେ ଶରୀର ରୋମାଞ୍ଚିତ ହୋଇ ଉଠିଲା । ବୈଠକ ଗୃହରେ ତୈଳଚିତ୍ରଟିଏ, ଧୂଳି ଧୂସରିତ ; ସମକ୍ଷରେ ସଦ୍ୟ ସାହିତ୍ୟ ଆସରଟିଏ ବସିଗଲା ।

୧୯୨୯ରେ କବିଙ୍କର ତିରୋଧାନ । ପ୍ରାୟ ଅର୍ଦ୍ଧ ଶତାବ୍ଦୀ ଅତୀତ ; ଏପର୍ଯ୍ୟନ୍ତ 'ଉତ୍କଳ ସାହିତ୍ୟ ସମାଜ'ରେ ଚନ୍ଦ୍ରମୋହନଙ୍କ ପ୍ରତିକୃତିଟିଏ ରଖାଯାଇ ପାରି ନଥିଲା । ଏ ପୂଜ୍ୟପୂଜା ବ୍ୟତିକ୍ରମ ଏକାନ୍ତ ପୀଡ଼ାଦାୟକ । ଚନ୍ଦ୍ରମୋହନ ନବାଗତଙ୍କ ସମକ୍ଷରେ ବିସ୍ମୃତପ୍ରାୟ ।

କୌଣସି କୌଣସି ବୃଦ୍ଧଛାତ୍ର ତାଙ୍କ ନାମୋଚ୍ଚାରଣ ମାତ୍ରେ ଗମ୍ଭୀର ହୋଇ ବସିଯାନ୍ତି । ତାଙ୍କ ପରି ଛାତ୍ରପ୍ରାଣ ଶିକ୍ଷକ ଓଡ଼ିଶାରେ ବିରଳ । ଶିକ୍ଷାନୁଷ୍ଠାନରେ ଯେପରି ଶୃଙ୍ଖଳାରକ୍ଷା, ସେହିପରି ଛାତ୍ରମାନଙ୍କ ଚରିତ୍ର ଗଠନ ସେ କରିପାରୁଥିଲେ । ତାଙ୍କ ନାମରେ ଯେତିକି ଆତଙ୍କ, ସେତିକି ଭକ୍ତିଭାବ ଜାଗ୍ରତ ହେଉଥିଲା ।

Digitized by srujanika@gmail.com

ଅଧ୍ୟାପକ ଶ୍ରୀଧର ଦାସ ୧୯୧୯ ଖ୍ରୀଷ୍ଟାବ୍ଦରେ ପୁରୀ ଜିଲା ସ୍କୁଲରେ ଚନ୍ଦ୍ର-ମୋହନଙ୍କ ଛାତ୍ର ଥିଲେ । ସେ ମୋ ନିକଟକୁ ଗୋଟିଏ ପତ୍ରରେ ଲେଖିଛନ୍ତି— "ଦେଖିଲୁ, ସେ ପ୍ରାୟ ୫୦ ବର୍ଷର ଜଣେ ବୃଦ୍ଧ, ଶୃଙ୍ଖଳା ରକ୍ଷିବାରେ କଠୋରତାର ଜୀବନ୍ତ ପ୍ରତିମୂର୍ତ୍ତି । ବାସ୍ତବରେ ସେ ଗମ୍ଭୀର ସ୍ୱରରେ କାହାକୁ ଡାକିଲେ ହୃତ୍କମ୍ପ ହେବାର କଥା ।"

ସ୍କୁଲକୁ ଆସିଲା ପରେ ତାଙ୍କର ଗେରୁଆ ପରିଧାନ, ସେ ବି ସାଧାରଣଠାରୁ ମୁକ୍ତ; ବେଳେବେଳେ ସେହି ଗେରୁଆ ଲୁଗାର ଗୋଟିଏ ଅଂଶ ଉପର ଖଣ୍ଡରେ ପଡ଼ିଥାଏ । ବାଟରେ ଚାଲିଲା ବେଳେ ବାଗିଚର ଗୋଟିଏ ପ୍ରାନ୍ତରେ ଯାଉଥିବେ, ସେ ଚାଲିରେ ଗୋଟିଏ ବିଶେଷତ୍ୱ ଥିଲା ।

ସେ ଅଧୀନରେ ନ କହି 'ଆଧୀନ୍ୟ'ରେ କହୁଥିଲେ । Prize ପାଇଁ recitationରେ ସେ 'Murder' ଓ 'Is' ଉଚ୍ଚାରଣ ଠିକ କରିବାରେ ଅନ୍ତତଃ ଦଶ ମିନିଟ୍ ସମୟ ନେଉଥିଲେ ।

ଫକୀରମୋହନଙ୍କ ସମ୍ବନ୍ଧରେ ସେ କହୁଥିଲେ— "ତାଙ୍କ ହୃଦୟ ରସଗୋଲା ପରି ଥିଲା । କିନ୍ତୁ ମୋର ମନେହୁଏ, ଚନ୍ଦ୍ରମୋହନ ବାବୁ ଥିଲେ ନାସ୍ପାତି । ତାଙ୍କର ବାହାର ଯେତିକି ରୁକ୍ଷ, ଅନ୍ତର ସେତିକି ସରସ ଥିଲା ।"

ସେ ସବୁ ବିଦ୍ୟାରେ ପଣ୍ଡିତ ଥିଲେ । ଇଂରାଜୀ, ଭୂଗୋଳ, ଇତିହାସ ସବୁଥିରେ ତାଙ୍କର ପ୍ରବେଶ ଥିଲା । ଥରେ ରାତି ଅଧରେ ବୋର୍ଡିଂ ପିଲାମାନଙ୍କୁ ଡ଼ାକି ତାରାମାନଙ୍କୁ ଚିହ୍ନାଇଲେ । ତାଙ୍କ ପାଣ୍ଡିତ୍ୟ ପିଲାମାନଙ୍କୁ ଗୋଟିଏ ଅସୁବିଧାରେ ପକାଉଥିଲା । ନିର୍ଦ୍ଦିଷ୍ଟ ପାଠ୍ୟପୁସ୍ତକ ସେ ଶେଷ କରି ପାରୁନଥିଲେ । ଗୋଟିଏ ପିରିଅଡ଼୍‌ରେ ଗୋଟିଏ ଇଂରାଜୀ 'Lesson'ରୁ ହୁଏତ ଧାଡ଼ିଏ ଦୁଇଧାଡ଼ି ହୋଇପାରେ ନାହିଁ । ବେଳେ ବେଳେ ଗୋଟିଏ ଗୋଟିଏ ଶବ୍ଦ ଉପରେ ହୁଏତ ପିରିଅଡ୍ ଶେଷ । କିନ୍ତୁ ବର୍ଷ ଭିତରେ ସେ ଛଅ ପୃଷ୍ଠାଏ ଦୁଇ ପୃଷ୍ଠା ପଢ଼ାନ୍ତି, ତେବେ ମଧ୍ୟ କ୍ଷତି ନଥାନ୍ତା, କାରଣ ଯେ ତାଙ୍କ ପଢ଼ାକୁ ନିୟମିତ ଶୁଣିଥିବ, ସେ ଅକ୍ଲେଶରେ ଅନ୍ୟ ଅଂଶ ସବୁ ନିଜେ ନିଜେ ପଢ଼ି ବୁଝି ପାରିବ । ସେ ଶକ୍ତ ଦେଉଥିଲେ, ସାହାଯ୍ୟ ଦେଉ ନ ଥିଲେ ।

• ସେ ଯେଉଁଦିନ ସ୍କୁଲରୁ ବିଦାୟ ନେଲେ, ସେଦିନ ସଭା ସମିତି କିଛି ହୋଇ ନଥିଲା । ରାତିରେ ଆମେ ବୋର୍ଡିଂରେ ଗୋଟିଏ ବିଦାୟ ସଭା କଲୁ । ଚୌକି ଟେବୁଲ ପଡ଼ିଲା । ଚନ୍ଦ୍ରମୋହନ ବାବୁଙ୍କୁ ଡ଼ାକିଲୁ । ଗେରୁଆ ଲୁଗା ପିନ୍ଧି ଗୋଟିଏ କାନି ବେକରେ ଗୁଡ଼ାଇ ସେ ଆସି ପହଞ୍ଚିଲେ, ପଚାରିଲେ— ପିଲାଏ କାହିଁକି ଡ଼ାକିଛ ? ଆମେ କହିଲୁ— ଆପଣ ଯାଉଛନ୍ତି, ଆମକୁ କିଛି ଉପଦେଶ ଦିଅନ୍ତୁ ।

Digitized by srujanika@gmail.com

ସେ ଚୌକିରେ ନବସି ତଳେ ବାଲିରେ ବସିଲେ। ଆମେ ମଧ୍ୟ ତାଙ୍କୁ ବେଢି ତଳେ ବସିଲୁ। ସେ କହିଲେ— ଆଚ୍ଛା, ମୁଁ ଗୋଟିଏ କଥା କହିଯିବି। ତୁମ୍ଭମାନଙ୍କ ଚରିତ୍ର ଏପରି ହେଉ, ଯେପରି କି ଶତ୍ରୁ ବି ସେଥିରେ ଦୋଷ ଦେଖି ନପାରୁ।

ତାଙ୍କ ଅନ୍ତରର ସରସତା, ଛାତ୍ରବତ୍ସଳତା ଅନୁଭବର ବିଷୟ। ବର୍ଷେ ଦୁଇବର୍ଷ ପରେ ସେ ପୁରୀକୁ ଆସିଥିଲେ। ମୋତେ ଡାକିନେଇ ସେ ଦିନଟି ପାଖରେ ରଖିଲେ। ମୌନ ସମୟରେ ମୋଦ୍ୱାରା ଖବର କାଗଜ ପଢାଇ ଶୁଣିଲେ। ଦକ୍ଷିଣୀ ଆମ୍ବ ଓ ମହାପ୍ରସାଦ ଖୁଆଇ ଛାଡ଼ିଲେ। ବାସ୍ତବରେ ସେ ଆମର ହେଡ଼ମାଷ୍ଟର ଥିବା ବେଳେ ଆମେ ତାଙ୍କୁ ଚିହ୍ନି ନ ଥିଲୁ, ପରେ ଚିହ୍ନିଲୁ।

ତାଙ୍କ "ବ୍ୟାକରଣ ସୋପାନ" ବହିର ପ୍ରାୟ ଶହେଶହି ସଂସ୍କରଣ ହୋଇଥିଲା। ଋତୁବର୍ଣ୍ଣନାରେ ମଧୁସୂଦନ ଓ ଚନ୍ଦ୍ରମୋହନଙ୍କ ପାର୍ଥକ୍ୟ ଉପଲବ୍ଧି କରି ହୁଏ। ଚନ୍ଦ୍ରମୋହନ ଶୀତଋତୁ ବର୍ଣ୍ଣନାରେ ଲେଖିଛନ୍ତି -

ନିଶାରେ, ଅଜସ୍ର ତୁଷାର ବର୍ଷିଲା
ଧଳା ଭସ୍ମ ବୋଳି ତପସ୍ୱୀ ମଣ୍ଡଳୀ
ପରାଏ ଯାମିନୀ ଦିଶିଲା।

ସନ୍ତାନହରା ଜନନୀର ଲୋତକ ଧାର ତାଙ୍କ ନୟନରେ ଦେଖା ଦେଇଛି—

ତା ହୃଦ ସଙ୍ଗରେ ସେ ଶିଶୁକୁମରେ
ଯେ କୋମଳ ସୂତ୍ରେ ଭଲେ
ବାନ୍ଧିଥିଲା ବିଧି ଛିଡ଼ିଯାନ୍ତେ ତାହା
ଲମ୍ବିଛି ଲୋତକ ଛଳେ।

ବେଶୀ ଲେଖି ନ ଆନ୍ତୁ ପଛକେ ସେ ଥିଲେ ଯଥାର୍ଥ କବି। ଖାଲି ସମୁଦ୍ର ସୁନ୍ଦର ନୁହେଁ, ତୁଷାର ବିନ୍ଦୁ ମଧ୍ୟ ସୁନ୍ଦର।

ଆତ୍ମ ଜୀବନୀରେ ପଣ୍ଡିତ ନୀଳକଣ୍ଠ ଏହି ମହାନ୍ ଶିକ୍ଷକଙ୍କର ଏକ ଜୀବନ୍ତ ଆଲେଖ୍ୟ ଅଙ୍କନ କରିଛନ୍ତି— "ସ୍କୁଲ ଶିକ୍ଷକମାନଙ୍କ ମଧ୍ୟରେ ବଡ଼ ଯୋଗ୍ୟ ଲୋକ ବୋଲି ତାଙ୍କର ସୁଖ୍ୟାତି ଥିଲା। ମୋ ମନେ ଅଛି, ଆମ ଗାଁ ସ୍କୁଲ ପରିଦର୍ଶନ କରିବାକୁ ଗଲାବେଳେ ସେ ଗୋଟିଏ କୋଇଲି ବୋବେଇବାର ଶୁଣି ପଚାରି ଦେଇଥିଲେ— ପଣ୍ଡିତ ମହାଶୟ, କହନ୍ତୁ ତ ଏ ମାଈ କି ଅଣ୍ଡିରା କୋଇଲି ?

ପଣ୍ଡିତ ମହାଶୟ ଟିକିଏ ଇତସ୍ତତଃ ହୋଇ କହି ପକାଇଲେ— ମାଈ ହୋଇଥିବ। ଅଣ୍ଡିରାର ଏ ସୁନ୍ଦର ସ୍ୱର ହେବ କୁଆଡୁ ? ଚନ୍ଦ୍ରମୋହନ ବାବୁ

Digitized by srujanika@gmail.com

କହିଲେ – ନା-ନା, ମାଇ କୋଇଲର ଏପରି ସ୍ୱର ନାହିଁ । କାଳିଦାସ ଲେଖିଛନ୍ତି—"ପୁଂ ସ୍କୋକିଲୋ ଯନ୍ ମଧୁରଂ କୁକୁଜ ।"

ଚନ୍ଦ୍ରମୋହନ ବାବୁ ସ୍କୁଲ ପରୀକ୍ଷା କରିବା ଛଡ଼ା କଥା ଛଳରେ ଏହିପରି ବହୁତ ଆଲୋଚନା କରୁଥିଲେ । ଓଡ଼ିଆ ଶିକ୍ଷିତ ଶ୍ରେଣୀରେ ତାଙ୍କର ଖୁବ୍ ଆଦର ଓ ସୁଖ୍ୟାତି ଥିଲା ।"

"ଯଥାର୍ଥରେ ତାଙ୍କ ପରି ଉଦାରଚେତା, ଶିଶୁପ୍ରାଣ ଶିକ୍ଷକ ମୁଁ ବହୁତ କମ୍ ଦେଖିଛି ।"

"ତାଙ୍କ ଦ୍ୱାର ମୋ ପାଇଁ ସଦା ଅବାରିତ ଥିଲା । ସେ ଶୋଇବାଠାରୁ ଉଠି ଆସି ମୋ ଅଙ୍କଟି ମୋତେ ବୁଝାଇ ଦେଇ ପୁଣି ଯାଇ ଶୁଅନ୍ତି ।"

"ସେ ମୋତେ ବୁଝାଉଥିଲେ -- ବ୍ୟବହାରରେ ମିତବ୍ୟୟିତା ଅକ୍ଷରରେ ମଧ୍ୟ ସେଇଆ । ଲଞ୍ଜ ମୁଣ୍ଡ ମୋଡ଼ା ଗାର ସବୁ ଦରକାର ନାହିଁ । ଅକ୍ଷର ସ୍ପଷ୍ଟ କରିବା ପାଇଁ ଗାରର ଯେତିକ ପ୍ରକାର, ପରିମାଣ ଲୋଡ଼ା ସେତିକ ହେଲେ ହେଲା । ଏହାହିଁ ଅକ୍ଷର ଭଲ କରିବାର ସୂତ୍ର । ଏକ ସପ୍ତାହ ମଧ୍ୟରେ ମୋ ଅକ୍ଷର ବଦଳି ଗଲା । ପରେ ସତ୍ୟବାଦୀ ସ୍କୁଲରେ ପିଲାଙ୍କୁ ଅକ୍ଷର ଲେଖା ଶିଖାଇଲା ବେଳେ ଚନ୍ଦ୍ରମୋହନ ବାବୁଙ୍କ ତତ୍ତ୍ୱ କଥାଗୁଡ଼ିକ ମଧ୍ୟ ମୋର ବରାବର ମନେ ପଡ଼ୁଥିଲା ।"

"ଚନ୍ଦ୍ରମୋହନ ବାବୁ ପ୍ରାୟ ଆକାଶ ନିର୍ମଳ ଥିବା ବେଳେ ମୋତେ ସଙ୍ଗେ ଘେନି ସ୍କୁଲ ହତା ଭିତରେ ବୁଲି ବୁଲି ବାଲିରେ ଆଳାପ କରୁଥାନ୍ତି । ସେତିକ ବେଳେ ଆକାଶକୁ ଚାହିଁ ଗ୍ରହର ଗତି, ମଙ୍ଗଳର ଅତିଗ୍ଣର, ଚନ୍ଦ୍ର ପଥରେ ନିର୍ଦ୍ଦିଷ୍ଟ ଅଶ୍ୱିନୀ, ଆର୍ଦ୍ରା, ପୁନର୍ବସୁ, ଚିତ୍ରା, ସ୍ୱାତୀ, ଜ୍ୟେଷ୍ଠା, ଭାଦ୍ରପଦ ପ୍ରଭୃତିର ଉଜ୍ଜ୍ୱଳ ଯୋଗ ତାରା ଗୁଡ଼ିକଠାରୁ ଆରମ୍ଭ କରି କ୍ରମେ ଅନ୍ୟାନ୍ୟ କ୍ଷେତ୍ର ସବୁ ମୋତେ ଦେଖାଇ ବୁଝାଇ ଦେଉଥିଲେ । ପରେ ସତ୍ୟବାଦୀ ସ୍କୁଲରେ ଥିଲାବେଳେ ମୁଁ ରାତି ରାତି ଆରାମ ଚୌକିରେ ସ୍କୁଲ ଅଗଣାରେ ବସି ଗ୍ରହ ତାରା ସବୁକୁ ଚକ୍ଷୁ ରାତି ଲକ୍ଷ୍ୟ କରି ପିଲାଙ୍କୁ ଧରି ବାଲିକୁ ଯାଇ ତାଙ୍କୁ ତାରା ଦେଖାଇ ବୁଝାଇଲା ବେଳେ ମୋର ଚନ୍ଦ୍ରମୋହନ ବାବୁ ହିଁ ମନେ ପଡ଼ୁଥିଲେ ।"

ପ୍ରଧାନ ଶିକ୍ଷକଭାବେ ଚନ୍ଦ୍ରମୋହନ କଠୋରଭାବେ କର୍ତ୍ତବ୍ୟନିଷ୍ଠ ଥିଲେ ; ସ୍କୁଲରେ ସଂଯମ ଓ ଶୃଙ୍ଖଳାର ରାଜତ୍ୱ ଚାଲିଥିଲା, ବିଦ୍ୟାର ବାତାବରଣ ବିରାଜିତ ଥିଲା । ଛାତ୍ରମାନଙ୍କ ମନୋଭାବ ତଳି ତଳି କରି ବୁଝିବା ଲାଗି ତାଙ୍କର ଧୈର୍ଯ୍ୟ ଥିଲା । ଛାତ୍ରର ବ୍ୟକ୍ତିତ୍ୱ ଗଢିବାର ଦାୟିତ୍ୱ ସେ ମର୍ମେ ମର୍ମେ ବହନ କରୁଥିଲେ । ଆଦର୍ଶର ମଶାଲ ଧରି ଆଗେ ଆଗେ ଚାଲିଥିଲେ ସେ । ତାଙ୍କୁ ଅନୁସରଣ କରି ଚାଲିଥିଲେ ଶିକ୍ଷକ, ଛାତ୍ର ।

Digitized by srujanika@gmail.com

ଅପରାଧୀ ଗ୍ରନ୍ଥକୁ ଶାସ୍ତି ଦେଲବେଳେ ସେ ଅଭିଭାବକର ଉଚ୍ଚାସନ ବା ପଦମର୍ଯ୍ୟାଦା ଦେଖି ଶଙ୍କି ଯାଉ ନଥିଲେ । ନୀଳକଣ୍ଠଙ୍କ କଳନାରେ ସେ ଏକାନ୍ତ ସତ୍ୟନିଷ୍ଠ ଓ ନିର୍ଭୀକ ଥିଲେ ।

ସେ ବଡ଼ ବୈୟାକରଣ ଥିଲେ ; ସାହିତ୍ୟିକ କୃଷ୍ଣଚନ୍ଦ୍ର କରଙ୍କ ଭାଷାରେ ସେ ଥିଲେ—"ବ୍ୟାକରଣ ମନୀଷାର ଜ୍ୱଳନ୍ତ ଜୀବନ୍ତ ପ୍ରତୀକ ।" କିମ୍ବଦନ୍ତୀ ଅଛି ସେ ଜଣେ ଭୁଜିବିକାଳୀ 'ଚୂଡ଼ାଭଜା, ଚୂଡ଼ାଭଜା' ଡ଼ାକ ଯାଉଥିଲେ । ସେ ତାକୁ ପାଖକୁ ଡାକି ପଚାରିଲେ— ବାବୁ, ଭଜାଚୁଡ଼ା ନକହି ତୁ କାହିଁକି ଚୂଡ଼ାଭଜା କହୁଛୁ ? ଆଗେ ବିଶେଷଣ, ପରେ ବିଶେଷ୍ୟ ବସେ, ଏକଥା କ'ଣ ତୁ ଜାଣି ନାହୁଁ ? "ହେ କୈବର୍ତ୍ତ ପତ୍ନୀ, ଏ ମତ୍ସ୍ୟର ମୂଲ୍ୟ ନିରୂପଣ କର ; ମାଛ ମୂଲେଇଲା ବେଳେ ପଣ୍ଡିତଙ୍କ ସାଧୁ ଭାଷା ପ୍ରୟୋଗର ଅସଙ୍ଗତପରି ସାଧାରଣ ଲୋକ ନିକଟରେ ବ୍ୟାକରଣ ସମ୍ପର୍କୀୟ ପ୍ରଶ୍ନ ଅସଙ୍ଗତ ଓ ଆମୋଦଦାୟକ ! ବ୍ୟକ୍ତିତ୍ୱରେ ସ୍ୱାତନ୍ତ୍ର୍ୟ ଥିବା ଲୋକ ସମ୍ବନ୍ଧରେ ନାନା କିମ୍ବଦନ୍ତୀ ଚଳେ ; ସେସବୁ ସତ୍ୟ ବୋଲି ଗ୍ରହଣ କରିନେବା ବା ଅମୂଳକ ବୋଲି ଉଡ଼ାଇ ଦେବା ଯଥାର୍ଥ ନୁହେଁ । ଚନ୍ଦ୍ରମୋହନ ଅତ୍ୟଧିକ ବ୍ୟାକରଣ ସଚେତନତା ଯୋଗୁଁ ଯଶସ୍ୱୀ ହୋଇ ଉଠିଥିଲେ, ଏ କଥା ସତ୍ୟ । ତୁଏତ ମନରେ ଦୃଢ଼ ଆତ୍ମପ୍ରତ୍ୟୟ ଆସି ନଥିଲା । କେତେକ ପୁସ୍ତକ ରଚନା କଲେ ବି ପ୍ରକାଶନ ବିଷୟରେ ସେ ବୀତସ୍ପୃହ ହୋଇ ଉଠିଥିଲେ । ଶୁଣାଯାଏ, ୧୯୧୬ରେ ଗୃହଦାହ ଫଳରେ ତାଙ୍କର ୪୦ ଖଣ୍ଡ ପାଣ୍ଡୁଲିପି ଭସ୍ମୀଭୂତ ହୋଇଥିଲା । ଏସବୁ ସାହିତ୍ୟିକ ରଚନା ନା ପାଠ୍ୟପୁସ୍ତକ ? କୌଣସି ସୂତ୍ରରୁ ତାର ସୂଚନା ମିଳେ ନାହିଁ । ତେବେ ଏସବୁ ପ୍ରଳୟାଗ୍ନିରେ ସର୍ବସ୍ୱର ପୂର୍ଣ୍ଣାହୁତି ।

୧୮୬୬ ନଅଙ୍କ ଦୁର୍ଭିକ୍ଷ କାଳ ; ଚତୁର୍ଦ୍ଦିଗରେ ହା-ଅନ୍ନ ଚିତ୍କାର । ମୃତ୍ୟୁର କରାଳ ଲୀଳା ମଧ୍ୟରେ ବାଲେଶ୍ୱର ଜିଲ୍ଲାର ରେମୁଣା ଗ୍ରାମରେ ଅପ୍ରେଲ ୬ ତାରିଖରେ ଚନ୍ଦ୍ରମୋହନଙ୍କ ଜନ୍ମ । ଶତ ଶତ ଶବଯନ୍ତ୍ରକାର ନ ହୋଇ ପଡ଼ିରହିଥିଲା ବେଳେ ତାଙ୍କର ପଞ୍ଚୁଆଡ଼ା. ଷଠୀ, ଏକୋଇଶା ନାମକୁ ମାତ୍ର ପାଳିତ ହୋଇଥିଲା ।

ଜନ୍ମ ଅଳ୍ପକାଳ ପରେ ରେମୁଣାରେ ଗୋଟିଏ ଭର୍ଣ୍ଣାକୁଲାର ସ୍କୁଲର ଶୁଭ ଦେଇଥିଲେ ବାଲେଶ୍ୱରର ସଂସ୍କୃତ ପ୍ରେମୀ ରାଜା ବୈକୁଣ୍ଠ ନାଥ ଦେ, ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଥିଲେ କବିବର ରାଧାନାଥ ରାୟ ଓ ବ୍ୟାସକବି ଫକୀରମୋହନ ସେନାପତି ।

ଚନ୍ଦ୍ରମୋହନଙ୍କ ୧୧ ବର୍ଷ ହୋଇଥିବା ସମୟରେ ପିତା ଅନାଦି ଚରଣ ମହାରଣାଙ୍କ ମୃତ୍ୟୁ ହେଲା ଓ ଘରର ଆର୍ଥିକ ଅବସ୍ଥା ଦିନୁଁ ଦିନ ଶୋଚନୀୟତର ହେବାକୁ ଲାଗିଲା । କିନ୍ତୁ ଚନ୍ଦ୍ରମୋହନଙ୍କ ଅଧ୍ୟୟନ ଅଧ୍ୟବସାୟର ବଳବତୀ ଇଚ୍ଛା ସମକ୍ଷରେ ଦାରିଦ୍ର୍ୟ ଅନ୍ତରାୟ ହୋଇ ପାରିଲା ନାହିଁ । ଜଙ୍ଗଲ, ଘଞ୍ଚର ଗୋହିରୀବାଟେ ;

Digitized by srujanika@gmail.com

ରେମୁଣାରୁ ଆଠ ମାଇଲ ଚାଲି ଚାଲି ଯାଇ ଚନ୍ଦ୍ରମୋହନ ବାଲେଶ୍ୱର ଜିଲ୍ଲା ସ୍କୁଲରେ ପଢ଼ିଥିଲେ । ରାତିରୁ ଗଣ୍ଡିଏ ପଖାଳ ଖାଇ ଯାଇ ଫେର୍ ରାତିରେ ଆସି ଖାଉଥିଲେ । ଜଙ୍ଗଲ ବାଟରେ ଭାଲୁ, ଗଧିଆ, ଚିତାବାଘ । ଯାଆନ୍ତି ମା ତାଙ୍କୁ ପ୍ରତିଦିନ ଅଧା ବାଟରେ ଗୁଡ଼ଦେଇ ଘିଅ ପାଦ୍ଧ ଫେରସ୍ତ ହେଲେ ଫେରୁଥିଲେ । ପ୍ରତିଦିନ ୧୬ ମାଇଲ ଯିବା ଆସିବା ଫଳରେ ଚନ୍ଦ୍ରମୋହନଙ୍କ ବପୁ ସୁଗଠିତ ହୋଇଥିଲା ; ସେ କଷ୍ଟସହିଷ୍ଣୁ, ନିଃଶଙ୍କ ଓ ନିର୍ଭୀକ ହୋଇ ଉଠିଥିଲେ ।

କିନ୍ତୁ ଯିବା ଆସିବାରେ ତାଙ୍କର ସମୟ ଯାଉଥିଲା । ସେ କିଛି ପଢ଼ିପାରୁ ନଥିଲେ । ବାଲେଶ୍ୱରରେ ଜଣେ ଆତ୍ମୀୟଙ୍କ ଘରେ ତାଙ୍କ ରହିବା ବ୍ୟବସ୍ଥା କରାଗଲା । ଆଲୋକ ଅଭାବରୁ ରାସ୍ତା ଧାରରେ ବସି ମ୍ୟୁନିସିପାଲିଟି ଆଲୁଅରେ ତାଙ୍କୁ ପଢ଼ିବାକୁ ହୋଇଥିଲା ।

ଗଭୀର ଆନ୍ତରିକତା, ଅଧ୍ୟବସାୟ ସ୍ୱାଭାବିକ୍ ମେଧା ସହିତ ମିଶି ତାଙ୍କୁ ଜୟଯୁକ୍ତ କଲା । ଏନ୍‌ଟ୍ରାନ୍‌ସ ପରୀକ୍ଷାରେ କଲିକତା ବିଶ୍ୱବିଦ୍ୟାଳୟରୁ ସେ ଚତୁର୍ଥ ସ୍ଥାନ ଅଧିକାର କରିବାକୁ ସମର୍ଥ ହୋଇଥିଲେ । ଏଇ ଅପୂର୍ବ ସାଫଲ୍ୟ ଉଚ୍ଚଶିକ୍ଷାର ଦ୍ୱାର ଉଦ୍‌ଘାଟନ କରି ଦେଲା ।

୧୮୮୪-୮୫ ଖ୍ରୀଷ୍ଟାବ୍ଦ, ସେତେବେଳକୁ ଓଡ଼ିଶାରେ ରେଲଗାଡ଼ି ଚାଲି ନାହିଁ, ଯାତାୟାତର କୌଣସି ସୁବିଧାଜନକ ବ୍ୟବସ୍ଥା ହୋଇନାହିଁ । ବାଲେଶ୍ୱରରୁ ଷ୍ଟିମାର୍‌ରେ ଚାନ୍ଦବାଲି ଯାଇ ସେଠୁ ଆଳି, ପଟ୍ଟାମୁଣ୍ଡାଇ ବାଟେ ଚାଲି ଚାଲି ଚନ୍ଦ୍ରମୋହନ ଆସି କଟକରେ ପହଞ୍ଚିଲେ, କାନ୍ଧରେ ଗୋଟିଏ ବୋକ୍‌ସ, ପିନ୍ଧିବା ଲୁଗାଠାରୁ କଞ୍ଚାଚୁଡ଼ା, ଲଗାଇବା ତେଲ, ଦାନ୍ତକାଠି ପର୍ଯ୍ୟନ୍ତ ସବୁ ସେଥିରେ ବନ୍ଧା ।

କଟକ ରେଭେନ୍‌ସା କଲେଜରେ ସେ ଏଫ୍.ଏ. ଶ୍ରେଣୀରେ ନାମ ଲେଖାଇଲେ, ଘୋର ଦୁଃଖ କଷ୍ଟ ମଧ୍ୟରେ ରହିବି ପ୍ରଥମବର୍ଷ ବାର୍ଷିକ ପରୀକ୍ଷାରେ ପ୍ରଥମସ୍ଥାନ ଅଧିକାର କରିବାକୁ ସମର୍ଥ ହୋଇଥିଲେ । ଏ ଘଟଣା କଟକରେ ଚହଳ ପକାଇ ଦେଇଥିଲା । ସେତେବେଳେ ଓଡ଼ିଆ ଛାତ୍ରଙ୍କ ସଂଖ୍ୟା ନଗଣ୍ୟ । ବଙ୍ଗାଳୀ ଛାତ୍ରମାନେ ଉଚ୍ଚସ୍ଥାନମାନ ମାରି ନେବାର ଦୀର୍ଘ ପରମ୍ପରା ଚାଲିଆସିଥିଲା । ଚନ୍ଦ୍ରମୋହନ ଗୋଟିଏ ଘାଟି ଦଖଲ କରି ନେବାରେ କ୍ରୋଧ ଓ ଅଭିମାନରେ ଜଣେ ବଙ୍ଗାଳୀ ଛାତ୍ର ରେଭେନ୍‌ସା କଲେଜ ଛାଡ଼ି ଚାଲିଯାଇଥିଲା । ୧୮୮୬ରେ କୃତିତ୍ୱ ସହିତ ଚନ୍ଦ୍ରମୋହନ ଏଫ୍: ଏ: ପାଶ କଲେ । କଲିକତାରେ ଇଂଜିନିଅରିଂ ପଢ଼ିବା ଲାଗି ଚେଷ୍ଟିତ ହୋଇ ବ୍ୟର୍ଥ ହେଲା ପରେ ସେ ରେଭେନ୍‌ସା କଲେଜରେ ବି: ଏ: ଶ୍ରେଣୀରେ ନାମ ଲେଖାଇଲେ । ସରକାରୀ ବୃତ୍ତି ହିଁ ତାଙ୍କର ମୁଖ୍ୟ ଅବଲମ୍ବନ ଥିଲା । ୧୮୮୮ ଖ୍ରୀଷ୍ଟାବ୍ଦରେ ସେ ବି: ଏ:

Digitized by srujanika@gmail.com

ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । କିଛି ଭୂସମ୍ପତ୍ତି ନଥିଲା, ଘରେ ଅନ୍ୟ କାହାର କିଛି ରୋଜଗାର ବି ନଥିଲା । ତଥାପି କିଛି କିଛି ପଇସା ପ୍ରତି ମାସରେ ତାଙ୍କ ଲାଗି ମାଆ ପଠାଉଥିଲେ । ଫଳରେ ୩୦୦ ଟଙ୍କା କରଜ ହୋଇଗଲା । ଅଦମ୍ୟ ଉଚ୍ଚାକାଂକ୍ଷା, ଘୋର ଅନାଟନ ମଧ୍ୟରେ ଚନ୍ଦ୍ରମୋହନ ଆଇ. ସି ଏସ୍ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିଲେ । ସେ ଘୋଡ଼ାଚଢ଼ା ଅଭ୍ୟାସ କରିଥିଲେ ; ଅମଣିଆ, ଅସାଧ ଘୋଡ଼ାକୁ ମଣ ବା ସାଧ କରିବା କୌଶଳ ସେ ଶିକ୍ଷା କରିଥିଲେ । ନିୟମିତ ବ୍ୟାୟାମକସରତ ଯୋଗୁଁ ସେ ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇଥିଲେ । ଜଳଖିଆରେ ସେ ବାଲେଶ୍ୱରୀ ସେରେ କଞ୍ଚା ଚୁଡ଼ା, ଦୁଇ ସେର ଦହିବଦାମ ଓ ସେରେ ଗୁଡ଼ ଖାଇ ପାର୍ କରି ଦେଇ ପାରୁଥିଲେ । କୋଦାଳ ଧରିଲେ ସେ ଏକାଦିକ୍ରମେ ଘଣ୍ଟେ ଜମି ହାଣି ଦେଇ ଯାଉଥିଲେ । କ୍ଲାନ୍ତିବୋଧ ହେଉ ନଥିଲା ।

## କର୍ମ ଜୀବନ—

ବି. ଏ. ପାଶ୍ ପରେ ତାଳଚେର ଗଡ଼ଜାତର ଯୁବରାଜଙ୍କ ଅଭିଭାବକ ତଥା ଶିକ୍ଷକ ଭାବେ ଚନ୍ଦ୍ରମୋହନ କିଛି କାଳ କାର୍ଯ୍ୟ କରିଥିଲେ । ତାଙ୍କ ରଚନା ପ୍ରତି ଆକୃଷ୍ଟ ହୋଇ ଇନ୍‌ସପେକ୍ଟର ଗୁରୁଭକ୍ତ କବିବର ରାଧାନାଥ ତାଙ୍କୁ ବାଲେଶ୍ୱର ଜିଲ୍ଲା ସ୍କୁଲର ସହକାରୀ ଶିକ୍ଷକଭାବେ ନିଯୁକ୍ତ କଲେ । ମାସିକ ବେତନ ପଚିଶ ଟଙ୍କା ମାତ୍ର । ସାତ ଆଠ ବର୍ଷକାଳ ଶିକ୍ଷା ବିଭାଗରେ କାର୍ଯ୍ୟ କଲାପରେ ପଦୋନ୍ନତି ନ ହେବାରୁ ଚନ୍ଦ୍ରମୋହନ ସରକାରୀ ଛାଡ଼ି ଦେବାଲାଗି କୃତ ସଙ୍କଳ୍ପ ହୋଇଥିଲେ । ମଧୁବାବୁ (ପରେ ମହାନ୍ ଜାତୀୟ ନେତା ମଧୁସୂଦନ ଦାସ) ତାଙ୍କୁ ସେଥିରୁ ନିବୃତ୍ତ କଲେ ।

ତା'ପରେ କଟକ ଟ୍ରେନିଂ ସ୍କୁଲକୁ ସହକାରୀ ଶିକ୍ଷକ ଭାବେ ତାଙ୍କର ବଦଳି ହେଲା । ସେତେବେଳେ କବି ମଧୁସୂଦନ ରାଓ ଟ୍ରେନିଂ ସ୍କୁଲର ପ୍ରଧାନ ଶିକ୍ଷକ । କାଞ୍ଚନ ସହିତ ମଣି ସଂଯୁକ୍ତ ହେଲା । ଚନ୍ଦ୍ରମୋହନଙ୍କ ସହଯୋଗରେ ସେ ଟ୍ରେନିଂ ସ୍କୁଲରେ 'ଆଲୋଚନା ସଭା' ପ୍ରତିଷ୍ଠା କଲେ । ମଧୁସୂଦନ ସଭାପତି, ଚନ୍ଦ୍ରମୋହନ ଏହାର ପ୍ରଥମ ସମ୍ପାଦକ ହେଲେ । ଏହି ସଭା କଟକରେ ଏକ ଚମତ୍କାର ସାହିତ୍ୟିକ ବାତାବରଣ ସୃଷ୍ଟି କରିବାକୁ ସମର୍ଥ ହୋଇଥିଲା । ଏଥିରେ ଯୋଗ ଦେଉଥିବା ବହିର୍ଗତ ସାହିତ୍ୟିକମାନଙ୍କ ମଧ୍ୟରେ ବିଶ୍ୱନାଥ କର, ନନ୍ଦକିଶୋର ବଳ, କୃଷ୍ଣପ୍ରସାଦ ଚୌଧୁରୀ ମୁଖ୍ୟ ଥିଲେ । ଟ୍ରେନିଂ ଛାତ୍ରମାନଙ୍କ ମଧ୍ୟରେ ସାହିତ୍ୟିକ ହେବା ଉଚ୍ଚାକାଂକ୍ଷା ଏହି ସଭା ଜାଗ୍ରତ କରିଥିଲା । ଏହି ଅନୁଷ୍ଠାନରୁ ଆଲୋକପ୍ରାପ୍ତ ପଣ୍ଡିତମାନେ ଉଚ୍ଚ ବିଦ୍ୟାଳୟମାନଙ୍କରେ ସାହିତ୍ୟିକ ବାତାବରଣ ସୃଷ୍ଟି କରିବାକୁ ସମର୍ଥ ହେଉଥିଲେ । ଏବେ ଏହି ସ୍କୁଲରୁ ପଣ୍ଡିତ ବାହାରୁଛନ୍ତି, ସାହିତ୍ୟିକ ବିରଳ ।

Digitized by srujanika@gmail.com

୧୮୯୭ ଆଲୋଚନା ସଭାର ତୃତୀୟ ଅଧିବେଶନରେ 'ଉତ୍କଳ ସାହିତ୍ୟ'ର ସମ୍ପାଦକ ବିଶ୍ୱନାଥ କର ଏହି ସଭାର ମହତ୍ତ୍ୱ ଉଦ୍ଦେଶ୍ୟ ଏହିପରି ଭାବେ ପ୍ରକାଶ କରିଥିଲେ— "ଏହି ଆଲୋଚନା ସଭା ଉପଯୁକ୍ତ କ୍ଷେତ୍ରରେ ସଂସ୍ଥାପିତ। ନର୍ମାଲ ସ୍କୁଲ ଓଡ଼ିଆ ଭାଷାର ସର୍ବୋଚ୍ଚ ବିଦ୍ୟାଳୟ। ଏହାର ଛାତ୍ରମାନେ ଉତ୍କଳଭୂମିର ନାନା ସ୍ଥାନରେ କାର୍ଯ୍ୟ କରିବାକୁ ଯିବେ। ସେମାନେ ଯେବେ ସାହିତ୍ୟ ସେବାର ଉନ୍ନତଭାବ ଓ ଆକାଂକ୍ଷା ପ୍ରାଣରେ ପୋଷଣ କରି କର୍ତ୍ତବ୍ୟ ସାଧନରେ ତତ୍ପର ହୁଅନ୍ତି, ତାହେଲେ ସେମାନଙ୍କ ଦ୍ୱାରା ଦେଶର ଅଶେଷ କଲ୍ୟାଣ ସାଧିତ ହୋଇପାରିବ। ସେମାନେ ନିଜେ ସାହିତ୍ୟ-ସେବା କରି ଜୀବନ କୃତାର୍ଥ କରିପାରିବେ ଏବଂ ଶତଶତ ପ୍ରାଣରେ ସାହିତ୍ୟ ସେବା ଭାବ ଜାଗ୍ରତ କରିବାକୁ ସମର୍ଥ ହେବେ।"

ମଧୁସୂଦନଙ୍କ ପରେ ଚନ୍ଦ୍ରମୋହନ ପଣ୍ଡିତମାନଙ୍କ ମନରେ ସାହିତ୍ୟ-ନିଶା ଲଗାଇ ରଖିଥିଲେ। ସେମାନେ 'ଉତ୍କଳ ସାହିତ୍ୟ ସମାଜ'ର ସାହିତ୍ୟ ସଭା-ମାନଙ୍କରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ। ଏବେ ଟ୍ରେନିଂ ସ୍କୁଲ ସେହି ଉଜ୍ଜ୍ୱଳ ପରମ୍ପରା ଚ୍ୟୁତ।

୧୯୦୩ରେ 'ଉତ୍କଳ ସମ୍ମିଳନୀ' ସହିତ ଏକ ବୃହତ୍ତର ପରିବେଶରେ 'ଉତ୍କଳ ସାହିତ୍ୟ ସମାଜ' ଜନ୍ମଲାଭ କଲା। 'ଆଲୋଚନା ସଭା' ହିଁ ଏହି ମହାନ୍ ସାହିତ୍ୟିକ ଅନୁଷ୍ଠାନର ଆଦିମାତା। ଚନ୍ଦ୍ରମୋହନ ୧୯୦୭ ରୁ ୧୯୧୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଟ୍ରେନିଂ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ ଓ ଏହି ସ୍କୁଲରେ ବିଦଗ୍ଧ ବାତାବରଣ ସଜୀବ କରି ରଖିଥିଲେ।

ସେ କିପରି ଉଚ୍ଚ କୋଟୀର ଶିକ୍ଷାବିତ୍ ଥିଲେ ଶିକ୍ଷକମାନଙ୍କ ପ୍ରତି ତାଙ୍କ ପରାମର୍ଶରୁ ସୁସ୍ପଷ୍ଟ ହୁଏ।

(କ) ଶିକ୍ଷକ କର୍ତ୍ତବ୍ୟ ପରାୟଣ ହୋଇ ପ୍ରତ୍ୟହ ଛାତ୍ରମାନଙ୍କର ଉନ୍ନତି ଚିନ୍ତା କରିବେ।

(ଖ) ଛାତ୍ରମାନଙ୍କର ରୋଗ ବ୍ୟାଧି, ଅଭାବ ଅସୁବିଧା ବିଷୟରେ ଯଥେଷ୍ଟ ପ୍ରତିକାର କରିବେ।

(ଗ) ଛାତ୍ରଙ୍କୁ କୌଣସି ଶାରୀରିକ ବା ଆର୍ଥିକ ଦଣ୍ଡ ନ ଦେଇ ମାନସିକ ପ୍ରାୟଶ୍ଚିତ୍ତ ବଳରେ ସଂଶୋଧନ କରିବେ।

(ଘ) ପରୀକ୍ଷା ଖାତା ଦେଖିଲାବେଳେ ଶିକ୍ଷକ ନାମ ବା ରୋଲ ନମ୍ବରରେ ଭୁଲି ନ ଯାଇ ଜଜ୍ ଯେପରି ଆସାମୀକୁ ଉଦ୍ଧାର କରିବାକୁ ଚେଷ୍ଟା କରନ୍ତି, ପରୀକ୍ଷାର୍ଥୀ ଉଦ୍ଧାର ପାଇଁ ପରୀକ୍ଷକ ସେହିପରି ଚେଷ୍ଟା କରିବେ।

Digitized by srujanika@gmail.com

ଛାତ୍ରମାନଙ୍କ କଲ୍ୟାଣ କାମନା ଚନ୍ଦ୍ରମୋହନଙ୍କର ଏକ ସ୍ୱାଭାବିକ ପ୍ରବୃତ୍ତି ପରି ହୋଇଥିଲା । ପ୍ରତି ଛାତ୍ର ପଛେ ପଛେ ତାଙ୍କ ମନ ସତେ ଯେପରି ଘୂରି ବୁଲୁଥିଲା । କିପରି ତା ମନରେ ଅଧ୍ୟୟନ ଲିପ୍ସା ଜାଗ୍ରତ କରିବେ, କିପରି ଅବାଟରେ ଯାଉଥିବା ଛାତ୍ରକୁ ବାଟକୁ ଆଣିବେ, ଏହା ତାଙ୍କର ଅବସରର ଧ୍ୟାନ ଥିଲା । ସ୍କୁଲରେ ପ୍ରବେଶ ମାତ୍ରେ ଛାତ୍ର ଯେପରି ତାଙ୍କ ପରିବାରଭୁକ୍ତ ହୋଇ ଯାଉଥିଲା । ପୁତ୍ର ଓ ଛାତ୍ର ମଧ୍ୟରେ ସେ କୌଣସି ତାରତମ୍ୟ ଦେଖୁ ନ ଥିଲେ ।

ହେଡ୍‌ମାଷ୍ଟର ଭାବରେ ସେ ହୋଇ ଉଠିଥିଲେ ଏକାନ୍ତ ଅନୁକରଣୀୟ, ଅପରିହାର୍ଯ୍ୟ । ବ୍ୟକ୍ତି ପରିଣତ ହୋଇଥିଲା ଏକ ମହାନ୍ ଅନୁଷ୍ଠାନରେ । ତେଣୁ ତାଙ୍କ ଅବସର ପ୍ରାପ୍ତି ଦୁଃଖର ଏକ ବାତାବରଣ ଖେଳାଇ ଦେଇଥିଲା ।

ମଣିଷ ଭଲ ମନ୍ଦର ଏକ ସମ୍ମିଶ୍ରଣ; ସେ ନିପାତନ ନ ହେବା ଲାଗି ଚେଷ୍ଟାର ବିରାମ ନ ଥିଲା । ସେ ସ୍ୱମତେ ପ୍ରାଣାୟାମ୍ କରୁଥିଲେ । ଶୀତଦିନେ ଘୋଡ଼ି ନ ହୋଇ ଶୋଉଥିଲେ, ଜ୍ୟେଷ୍ଠ ମାସ ଖରାରେ ଛତା ଧରୁ ନଥିଲେ । ଉକ୍ତ ପ୍ରାଣାୟାମ ଶେଷରେ ତାଙ୍କର କାଳ ହୋଇଥିଲା । ବାୟୁବୃଦ୍ଧି ଓ ଅର୍ଶରୋଗ ଫଳରେ ତାଙ୍କର ସ୍ୱାସ୍ଥ୍ୟ ହାନି ଘଟିଥିଲା ।

କର୍ମ ଜୀବନରେ ଉଦ୍ୟାନ ନିର୍ମାଣ ତାଙ୍କର ମୁଖ୍ୟ ବିନୋଦନ ଥିଲା । ନିଜେ ହାଣିମାରି ଜମି କାମାସନ୍ତ କରି ସେ ନାନା ଜାତିର ଫୁଲ ଫଳ ଗଛ ଲଗାଉଥିଲେ । ତାଙ୍କ ବଗିଚାରେ ନାନାବିଧ ଗୋଲାପ ଛଡ଼ା ଅଳାଇଚ, ଲବଙ୍ଗ, ଗୁଜୁରାତି, ଡାଲଚିନି ଆଦି ବହୁ ମୂଲ୍ୟବାନ ଗଛ ଥିଲା । ତାଙ୍କ ଗ୍ରାମର ଜଣେ ଶତ୍ରୁ ରାତିରେ ଏଇ ସବୁ ଗଛ ମୂଳରେ ଗରମ ପାଣି ଢାଳୁଥିଲା । ଗଛସବୁ ସକାଳୁ ଝାଉଁଳି ଯିବାର ଦେଖି ଚନ୍ଦ୍ରମୋହନଙ୍କ ଛାତି ଫାଟିଗଲା ପରି ଲାଗୁଥିଲା ।

ସେ ସ୍ୱଭାବତଃ କ୍ରୋଧୀ ଥିଲେ । ମାତ୍ରାବର୍ଜିତ ସରସାଳାପକୁ ସେ ଘୃଣା କରୁଥିଲେ । ମିଥ୍ୟାଚାର ଓ ଶାଠ୍ୟ ସହିତ ତାଙ୍କର ସାଲିସ୍ ହୋଇପାରୁ ନ ଥିଲା । ନିଜେ ଭକ୍ତକବି ମଧୁସୂଦନଙ୍କ ପରି ମିତବାକ୍, ଯେହିପରି କଠୋର ଭାବେ ସଂଯତ ଓ ଶୃଙ୍ଖଳିତ, କିନ୍ତୁ ଠିକ୍ ତାଙ୍କ ପରି କ୍ରୋଧୀ । ଲଲାଟରେ ଥରେ ଅଗ୍ନି ପ୍ରଜ୍ୱଳିତ ହେଲେ ସହଜରେ ପ୍ରଶମିତ ହେଉ ନ ଥିଲା । ତାଙ୍କୁ ଉତ୍ତେଜିତ ନ କରିବା ବିଷୟରେ ସହକର୍ମୀ, ଶିକ୍ଷକ ଓ ଛାତ୍ରମାନେ ସର୍ବଦା ସଚେତନ ଥିଲେ । ଶୃଙ୍ଖଳା ରକ୍ଷାରେ ପରୋକ୍ଷରେ ହୁଏତ ଏହା ସହାୟକ ହୋଇଥିଲା । ମୌନ ଆଗ୍ନେୟଗିରି ପରି ଏହା ଭୀତି ଉତ୍ପାଦନ କରୁଥିଲା ।

Digitized by srujanika@gmail.com

କିନ୍ତୁ ସେ ଅଗ୍ନି, ନଗରରେ ତାଙ୍କ କର୍ମକ୍ଷେତ୍ରରେ ଜଳିବାର ସୁଯୋଗ ନ ପାଇ ନିଜ ଗ୍ରାମରେ ହିଁ ଜଳି ଉଠିଥିଲା । ଜଣେ ବ୍ୟକ୍ତି ସହିତ ଜମିଜମା ସମ୍ପର୍କରେ ବାରବର୍ଷକାଳ ତାଙ୍କର ମକଦ୍ଦମା ଲାଗିଲା । ସେ ଜୟଲାଭ କରିଥିଲେ ; କିନ୍ତୁ ଜେତା ଜିତ ଉଭୟ ସେହି ଅଗ୍ନିର ପତଙ୍ଗ ହୋଇଥିଲେ । ଅବସ୍ଥାପନ୍ନ ଶତ୍ରୁ ଧ୍ୱଂସ ପାଇଥିଲା, କିନ୍ତୁ ଚନ୍ଦ୍ରମୋହନଙ୍କୁ ଧ୍ୱଂସ ନ କରି ଛାଡ଼ି ନ ଥିଲା । ଅର୍ଥନାଶ, ମନସ୍ତାପ ଫଳରେ ଚନ୍ଦ୍ରମୋହନଙ୍କ ଅବସ୍ଥା ମଧ୍ୟ ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲା । ଏହି ସମୟରେ ପ୍ରତିହିଂସାପରାୟଣ ଶତ୍ରୁ ତାଙ୍କର ଗୃହ ଦଗ୍ଧ କରିଥିଲା । ସାରା ଜୀବନର ସାରସ୍ୱତ କୀର୍ତ୍ତି ତା ମଧ୍ୟରେ ଧ୍ୱଂସ ହୋଇଗଲା । ବିପଦକୁ ସର୍ବଗ୍ରାସୀ ରୂପ ଦେବାଲାଗି ଏହି ସମୟରେ (୧୯୧୫) ପ୍ରାଣପ୍ରିୟା ପତ୍ନୀଙ୍କର ମାତ୍ର ୩୩ ବର୍ଷ ବୟସରେ ହଠାତ୍ ହଇଜା ରୋଗରେ ବିୟୋଗ ଘଟିଲା । ଧନ ମାନ ଯଶ ହରାଇ ଚନ୍ଦ୍ରମୋହନ ଚଳଚଳାନ୍ତ ହୋଇଗଲେ ।

ଆଜୀବନ ତପସ୍ୟା ଏଇ ଶୁଖୁଆ ପୋଡ଼ାରେ ଜାଣ ନିଃଶେଷ ହୋଇଗଲା । ତାଙ୍କ ଧନ ମନରେ ଈର୍ଷା ପ୍ରଣୋଦିତ ବହୁ ବହିଃଶତ୍ରୁ ଥିଲେ ହେଁ ତାଙ୍କ ଅନ୍ତର ଭିତର ଅସଲ ଶତ୍ରୁ ଲୁଚି ରହିଥିଲା, ବେଳକାଳ ଦେଖି ତାଙ୍କର ସର୍ବନାଶ ଘଟାଇଲା ; ପ୍ରଜ୍ଜ୍ୱଳିତ ହୁତାଶନରେ ଅନ୍ୟକୁ ଆହୁତି ଦେବାକୁ ଯାଇ ସେ ଆତ୍ମାହୁତି ହିଁ ଦେଇଥିଲେ । ଶିକ୍ଷକ ଭାବରେ ବହୁ ଛାତ୍ରଙ୍କୁ ଶିଖାଇଛନ୍ତି, ଭଲ ମଣିଷ କରି ଗଢ଼ିଛନ୍ତି । କିନ୍ତୁ ନିଜ ବେଳକୁ ସେ ସବୁ ପୋଥି ବାଇଗଣରେ ପରିଣତ ହୋଇଗଲା । ଘୂର୍ଣ୍ଣାବର୍ତ୍ତ ଭିତରୁ ନିଜକୁ ସେ ଖସାଇ ଆଣି ପାରିଲେନାହିଁ । ଗୋଟିଏ ମାତ୍ର ଦୋଷ ସଦ୍‌ଗୁଣମାନଙ୍କୁ କବଳିତ କଲା, ଜୀବନକୁ ବିପର୍ଯ୍ୟସ୍ତ କରିଦେଲା । ନାନା ଅଶାନ୍ତିରେ ଉତ୍ପୀଡ଼ିତ ହୋଇ ସେ ସୃଷ୍ଟିଶକ୍ତି ହରାଇ ବସିଲେ ।

• ରାତି ଚାରିଟାରୁ ଉଠି ନିତ୍ୟକର୍ମ ପରେ ସେ ପ୍ରାର୍ଥନା କରୁଥିଲେ, ଗୃହସ୍ଥ ସନ୍ନ୍ୟାସୀ ପରି ଥିଲେ । ଘରେ ଗେରୁଆ ପିନ୍ଧୁଥିଲେ, ନିରାମିଷ ଆହାର କରୁଥିଲେ ; ବାହାର ରୁକ୍ଷ, କର୍କଶ ଦିଶିଲେ ବି ତାଙ୍କ ପ୍ରାଣ ସ୍ନେହ ଓ କରୁଣାର୍ଦ୍ର ଥିଲା । ସେ ପ୍ରକୃତ ପୂଜାରୀ, ସୌନ୍ଦର୍ଯ୍ୟପ୍ରେମୀ ଓ ଦୃଢ଼ ଭଗବତ୍ ବିଶ୍ୱାସୀ ଥିଲେ । କିନ୍ତୁ କ୍ରୋଧ ଉପୁଜିଲେ ଦୁର୍ବାସା ବା ଶଙ୍କରଙ୍କର ସେ ପ୍ରତିରୂପ କୁଆଡ଼େ ଉଭାଇ ଯାଉଥିଲା ।

ଅତ୍ୟଧିକ ଶୌଚ ତାଙ୍କ ପକ୍ଷରେ ଏକ ବ୍ୟାଧିରେ ପରିଣତ ହୋଇଥିଲା । ଅନ୍ତଃଶୌଚ ଫଳରେ ବହୁ ମଳିନତା ଧୋଇଧାଇ ହୋଇଗଲା । କିନ୍ତୁ କ୍ରୋଧ ତାଙ୍କ ଆତ୍ମା ମୂଳକୁ ହିଁ ଆବୋରି ରହିଥିଲା ।

ଶୌଚ ଶେଷରେ ଏକ ଶୁଚିବାୟୁ ରୋଗରେ ପରିଣତ ହେଲା । ତାଙ୍କ କଲମରେ ଦୈବାତ୍ କେହି ଟିକିଏ ଲେଖି ପକାଇଲେ ସେ ରାଗି ନିଆଁ ହୋଇଯାନ୍ତି । ପ୍ରତିଦିନ ତାଙ୍କ ଚଟି ଲୋଟା ଧୂଆ ହେଉଥିଲା, ସେ ସବୁ ନରମ ରଖିବା ଲାଗି ଘୋଳଦହି ଢଳା

Digitized by srujanika@gmail.com

ହେଉଥିଲା । ଘରେ ସନ୍ନ୍ୟାସୀ, କିନ୍ତୁ ସୁଟ୍ ପିନ୍ଧି ବାହାରକୁ ସେ ସାହେବ ହୋଇ ବାହାରୁଥିଲେ ।

ରାଜପଥ ଉପରେ ସେ ଚାଲୁ ନ ଥିଲେ, କେତେ ସାଧୁସନ୍ଥଙ୍କର ପଦଧୂଳି ତା ଉପରେ ପଡ଼ିଛି । ତାକୁ ମାଡ଼ି ଚକଟି ଚାଲିବେ କିପରି ? ତେଣୁ ସେ ରାସ୍ତା ଧାରେ ଧାରେ ବା ବେରାସ୍ତାରେ ଚାଲୁଥିଲେ ।

**ସାହିତ୍ୟିକ କୃତି—**

ଚନ୍ଦ୍ରମୋହନଙ୍କ ବିବିଧ ସାହିତ୍ୟିକ ପ୍ରଚେଷ୍ଟାର ପୂର୍ଣ୍ଣାଙ୍ଗ ରୂପ ଦର୍ଶାଇବା ବର୍ତ୍ତମାନ ଅସମ୍ଭବ । 'ଉତ୍କଳ-ସାହିତ୍ୟ' ପତ୍ରିକାରେ ଭୂଗୋଳ ବିଦ୍ୟା (୧୮୯୭, ସେପ୍ଟେମ୍ବର), ଶ୍ରୀଧର ସ୍ୱାମୀ (୧୯୦୨, ଷଷ୍ଠଭାଗ, ୪ର୍ଥ ସଂଖ୍ୟା), ଇତିହାସ (୧୯୦୭, ୧୦ମଭାଗ, ଦଶମ ସଂଖ୍ୟା), ସ୍ୱପ୍ନ (୧୧ଶ, ଦ୍ୱାଦଶ ସଂଖ୍ୟା) ପ୍ରବନ୍ଧ ପ୍ରକାଶିତ ହୋଇ ଥିଲା । 'ପରଲୋକ ଗତ ରାଧାନାଥ ରାୟ' ଶୀର୍ଷକ ପ୍ରବନ୍ଧରେ (ଉତ୍କଳ-ସାହିତ୍ୟ, ୧୧ଶ ଭାଗ, ଦ୍ୱାଦଶ ସଂଖ୍ୟା) ଚନ୍ଦ୍ରମୋହନ ଲେଖିଥିଲେ— "ଆଧୁନିକ ଉତ୍କଳ କବିମାନଙ୍କ ମଧ୍ୟରେ ସେ ସମ୍ରାଟ ଥିଲେ । ବର୍ତ୍ତମାନ କବି ଓ କବିକଳ୍ପମାନଙ୍କ ମଧ୍ୟରୁ ଅନେକ ତାଙ୍କର ଶିଷ୍ୟ ବା ଅନୁଶିଷ୍ୟ ଥିଲେ । ତାଙ୍କ କଥାରେ ଯେଉଁ ଭଙ୍ଗୀ, ପେଞ୍ଚ ବା ସୁର ଥିଲା, ତାହା ଅନନ୍ୟ ସାଧାରଣ ଓ କବିବରଙ୍କ ଯୋଗ୍ୟ ।'

ରାଧାନାଥ ଓ ଚନ୍ଦ୍ରମୋହନଙ୍କ ସମ୍ପର୍କ ନିବିଡ଼ ଥିଲା । ସପ୍ତାହକେ ଦୁଇ ତିନିଥର ଉଭୟଙ୍କ ମଧ୍ୟରେ ଦେଖା ସାକ୍ଷାତ୍ ହେଉଥିଲା । ରାଧାନାଥଙ୍କ ପୁତ୍ର ଶଶିଭୂଷଣ ଓ ଚନ୍ଦ୍ରମୋହନଙ୍କ ପୁତ୍ର ଶରତ ମହାରଣା ଦୁହେଁ ଅନ୍ତରଙ୍ଗ ବନ୍ଧୁ ଥିଲେ । ରାଧାନାଥଙ୍କ ସହିତ ଚନ୍ଦ୍ରମୋହନଙ୍କର କେବେ ମନୋମାଳିନ୍ୟ ହୋଇନାହିଁ । 'ମହାଯାତ୍ରା' ମହାକାବ୍ୟ ସମ୍ପର୍କରେ ଇଂରେଜ ସରକାରଙ୍କୁ ଚନ୍ଦ୍ରମୋହନ ଏକ ଗୁପ୍ତ ରିପୋର୍ଟ ଦେଇଥିବା କଥା ଯାହା ଶୁଣାଯାଏ, ତାହା ଅମୂଳକ, ଶରତ ମହାରଣା କହିଥାନ୍ତି ।

ଚନ୍ଦ୍ରମୋହନଙ୍କ ଗଦ୍ୟ ରଚନା ଶୈଳୀ ସ୍ୱଚ୍ଛ, ସ୍ୱଚ୍ଛନ୍ଦ, ସରଳ ଓ ଚିତ୍ତାକର୍ଷକ । ଅନାୟାସରେ ସ୍ୱାଭାବିକ ଭାବରେ ସେ ଭାବ ପ୍ରକାଶ କରିଛନ୍ତି । ତଳେ ତାଙ୍କ 'ଇତିହାସ' ପ୍ରବନ୍ଧରୁ ଦୁଇଟି ପଂକ୍ତି ଉଦ୍ଧାର କରାଗଲା ।

ସ୍ୱଦେଶ, ସ୍ୱଜାତି ଓ ସ୍ୱୀୟ ବଂଶୀୟ ଇତିହାସରେ ଅଭିଜ୍ଞ ହେଲେ ମାନବ ଆପଣାର ଦାୟିତ୍ୱ, ସ୍ୱତ୍ୱ ଓ ଦାବୀ ଉତ୍ତମ ରୂପେ ହୃଦୟଙ୍ଗମ କରିପାରେ । ଏହି ଅଭିଜ୍ଞତା ବ୍ୟକ୍ତି ବିଶେଷକୁ ସମସ୍ତ ସମୟରେ ବିପଥ ଗମନରୁ ନିବର୍ତ୍ତାଇ ଅଛି । ଏହି ଅଭିଜ୍ଞତା ଇଂଲଣ୍ଡର ଶାସନ ତନ୍ତ୍ରକୁ ସୁଦୃଢ଼ ଭିତ୍ତି ପ୍ରଦାନ କରିଅଛି । ଏହି ଅଭିଜ୍ଞତା ଅନେକ

Digitized by srujanika@gmail.com

ମହାତ୍ମାଙ୍କ ଅତ୍ମୋତ୍ସର୍ଗ ବୃତ୍ତରେ ଚିତ୍ରିତ କରିଅଛୁ । ସୂକ୍ଷ୍ମକୌଶଳରେ ଲିଖିତ ଇତିହାସକୁ ଭୂଚିତ୍ର ଅଥବା ନାଟ୍ୟାଭିନୟ ସହିତ ତୁଳନା କରାଯାଇ ପାରେ ।

ଭୂଚିତ୍ର ଓ ନାଟ୍ୟାଭିନୟ ଦର୍ଶନ କଲେ ତଦ୍‌ବିଷୟ ସମ୍ବନ୍ଧରେ ଯେପରି ଜ୍ଞାନ ଓ ଆନନ୍ଦ ଜନ୍ମେ, ଇତିହାସ ପାଠରେ ସେହିପରି ଜ୍ଞାନ ଓ ଆନନ୍ଦ ଜନ୍ମେ ।

ଯେଉଁ ଜାତି ହୀନବସ୍ଥା· ଉନ୍ନତ ଜାତିର ଇତିହାସ ସେ ଜାତି ମନରେ ନବୀନ ଉତ୍ସାହ ସଞ୍ଚାର କରେ ଓ ତାହାର ପଥପ୍ରଦର୍ଶକ ହୁଏ । ପୁଣି ଯେଉଁ ବର୍ତ୍ତମାନ ଅଧଃପତିତ ଜାତିର ପୂର୍ବପୁରୁଷମାନେ ପ୍ରାଚୀନ କାଳରେ ଗରିମ୍ବାନ ଥିଲେ, ସେ ଜାତି ଭୂତ ଓ ବର୍ତ୍ତମାନ ତୁଳନା କରି ଭବିଷ୍ୟତରେ ଲୁପ୍ତ ଗୌରବର ଉଦ୍ଧାର ନିମନ୍ତେ ପ୍ରୋତ୍ସାହିତ ହୋଇଥାଏ ।

ଉଚ୍ଚକୋଟୀର ପାଣ୍ଡିତ୍ୟ ଓ ସାହିତ୍ୟିକ ପ୍ରତିଷ୍ଠା ଯୋଗୁଁ ଚନ୍ଦ୍ରମୋହନ ବିଦଗ୍ଧ ମହଲରେ ଏକ ମହନୀୟ ସ୍ଥାନର ଅଧିକାରୀ ହୋଇଥିଲେ । ସେ ଉତ୍କଳ ସାହିତ୍ୟ ସମାଜର ଏକବିଂଶ ବାର୍ଷିକ ଅଧିବେଶନରେ ( ୫-୧୦-୧୯୨୬ ) ସଭାପତି ଆସନ ଅଧିକାର କରିବାର ଗୌରବ ଅର୍ଜନ କରିଥିଲେ ଓ ସ୍ୱଭିଷଣରେ ଉଲ୍ଲେଖ କରି-ଥିଲେ ଯେ ଓଡ଼ିଶାରେ ପ୍ରଥମ ଶ୍ରେଣୀର ଶକ୍ତିଶାଳୀ ଲେଖକର ଆବିର୍ଭାବ ହୋଇନାହିଁ । ଶକ୍ତିଶାଳୀ ଲେଖକ ବ୍ୟକ୍ତିବିଶେଷର ରୁଚିରେ ଯେପରି ପରିବର୍ତ୍ତନ ସମ୍ପାଦନ କରନ୍ତି, ଜାତିବିଶେଷର ରୁଚିରେ ସେହିପରି ନବଯୁଗର ପ୍ରବର୍ତ୍ତନ କରନ୍ତି । ଉତ୍କଳ ସାହିତ୍ୟରେ ଆଜଯାଏ ଏତାଦୃଶ ବ୍ୟକ୍ତିର ପ୍ରକୃତ ଦୃଷ୍ଟିପଥାରୂଢ଼ ହୋଇନାହିଁ ।

ଯେଉଁ ଯେଉଁ ବସ୍ତୁର ଉତ୍ପତ୍ତି, ସ୍ଥିତି ବିଲୟ ଅଛି, ତତ୍ସବୁ ଇତିହାସର ବିଷୟୀଭୂତ । ରାଜା, ରାଜବଂଶ, ରାଜ୍ୟ, ମାନବଜାତି ତାହାର ଏକ ଅଙ୍ଗ । ସମର-ମାନଙ୍କର ଯେପରି ଇତିହାସ ଲେଖାଯାଏ, ସେହିପରି ମାନବୀୟ ବିଭିନ୍ନ ଧର୍ମ ସମ୍ପ୍ରଦାୟର ଇତିହାସ ଲେଖାଯାଏ । ସେହିପରି ବାଷ୍ପୀୟ ଯନ୍ତ୍ରର, ତଡ଼ିତ୍ ବାର୍ତ୍ତାବହ, ଚିତ୍ରବିଦ୍ୟା, ସଙ୍ଗୀତ ଶାସ୍ତ୍ରର ଇତିହାସ ଲେଖାଯାଏ । ସେହିପରି ବୃକ୍ଷ, ବଟବୀଜ, ଧୂଳିକଣାର ଏବଂ ସୃଷ୍ଟିତତ୍ତ୍ୱର ଇତିହାସ ମଧ୍ୟ ଲେଖାଯାଇ ପାରେ । ବିଧାତାଙ୍କ କୃପାରେ ଏହି ସାହିତ୍ୟ ସମାଜ ଶତାୟୁ ହେଲେ ସେତେବେଳେ କେହି ଯଦି ଏହାର ଇତିହାସ ଲିପିବଦ୍ଧ କରନ୍ତି, ତେବେ ତାହା ଉତ୍କଳସାହିତ୍ୟ ସେବକମାନଙ୍କର କେଡ଼େ କୌତୁକମୟ ଓ ଶିକ୍ଷାପ୍ରଦ ନହେବ ।

ଚନ୍ଦ୍ରମୋହନଙ୍କ ପାଣ୍ଡିତ୍ୟ ବହୁମୁଖୀ ; ଏକ ବିଦ୍ୟାର ବିଶେଷଜ୍ଞ ସେ ନ ଥିଲେ, ନାନା ବିଷୟରେ ତାଙ୍କର ଅଭିନିବେଶ ଥିଲା ; ତାଙ୍କ ଲିଖିତ ପ୍ରବନ୍ଧ ତାଲିକାରୁ ଏହା ସ୍ପଷ୍ଟ ହୁଏ । ଭୂଗୋଳ, ଇତିହାସ, ବାଣିଜ୍ୟ, ସାହିତ୍ୟ ଆଦି ବିବିଧ ବିଷୟରେ

Digitized by srujanika@gmail.com

ପରିପକ୍ୱତାର ପ୍ରମାଣ ସେ ଦେଇଛନ୍ତି । ତାଙ୍କ ମତରେ 'ମନୁଷ୍ୟ ଯେତିକ ପରିମାଣରେ ଉଦ୍‌ଯୋଗୀ, ଅଧ୍ୟବସାୟୀ, ସହିଷ୍ଣୁ, ଚରିତ୍ରବାନ ହୁଏ, ତାହା ହସ୍ତରେ ବାଣିଜ୍ୟ ସେହି ପରିମାଣରେ ଶ୍ରୀବୃଦ୍ଧି ସମ୍ପନ୍ନ ହୁଏ । ପକ୍ଷାନ୍ତରେ ମନୁଷ୍ୟ ଯେତିକ ପରିମାଣରେ ବିକୃତିଗ୍ରସ୍ତ, ଅଳସ ଓ ଚରିତ୍ରହୀନ ହୁଏ, ତାହା ହସ୍ତରେ ବାଣିଜ୍ୟ ସେହି ପରିମାଣରେ ଶ୍ରୀହୀନ ହୋଇ ଅବଶେଷରେ ଅତି ହୀନଦଶା ପ୍ରାପ୍ତ ହୁଏ । ପୃଥିବୀର ପ୍ରାଚୀନ ଓ ଆଧୁନିକ ବାଣିଜ୍ୟେତିବୃତ୍ତ ଆଲୋଚନା କଲେ ଏହା ସ୍ପଷ୍ଟଭାବେ ପ୍ରତୀୟମାନ ହେବ ।'

( ଉତ୍କଳ-ସାହିତ୍ୟ, ଦ୍ୱିତୀୟ ଭାଗ )

'ଉତ୍କଳ-ସାହିତ୍ୟ' ପତ୍ରିକା ପ୍ରକାଶରେ ସେ ବିଶ୍ୱନାଥ କରଙ୍କର ଜଣେ ମୁଖ୍ୟ ସହଯୋଗୀ ଥିଲେ । ଏହାର ପ୍ରଥମ ସଂଖ୍ୟା (୧୮୯୭)ରେ ତାଙ୍କର ଗୋଟିଏ ପଦ୍ୟ ଓ ଗୋଟିଏ ଗଦ୍ୟ ପ୍ରକାଶିତ ହୋଇଥିଲା । ତାଙ୍କ ପ୍ରବନ୍ଧର ଶୀର୍ଷକ ଥିଲା—'ସାହିତ୍ୟ ପତ୍ରିକାର ଉପଯୋଗିତା ।' ସେ ଲେଖିଥିଲେ— "ଖଣ୍ଡିଏ ପତ୍ରିକା ପାଠରୁ ନାନା ପୁସ୍ତକ ପାଠର ଫଳ ନ୍ୟୂନାଧିକ ମିଳିଥାଏ । ପୁଣି ପାଞ୍ଚଖଣ୍ଡ ପୁସ୍ତକ କିଣିବା ଅସମ୍ପନ୍ନ ଲୋକ ପକ୍ଷରେ କଠିଣ ହୋଇପାରେ । ଅଥଚ ପତ୍ରିକା ଖଣ୍ଡିଏ କିଣିବା ସେତେଦୂର କଠିଣ ନ ହୋଇପାରେ । ପତ୍ରିକା ଖଣ୍ଡିକରେ ନାନା ବିଷୟକ ପ୍ରବନ୍ଧର ସମାବେଶ ଥିବାରୁ ବିଷୟ ପରିବର୍ତ୍ତନ କିଅଁତ୍ ପରିମାଣରେ ମାନସିକ କ୍ଳାନ୍ତି ନିବାରଣ ଓ ଆଗ୍ରହ ସଞ୍ଚାର କରେ । ଭୋଜନ, ଦର୍ଶନ, ଶ୍ରବଣ ପ୍ରଭୃତି ବିଷୟରେ ନବୀନତା ଓ ପରିବର୍ତ୍ତନର ଫଳ କିପରି ରୁଚିକର ଅନେକେ ଅନୁଭବ କରିଥିବେ । ପ୍ରବନ୍ଧ ପାଠ ସମ୍ବନ୍ଧରେ ମଧ୍ୟ ତଦ୍ରୂପ । ଏକାଧିକ ବ୍ୟକ୍ତି ମିଳିତ ହୋଇ ଖଣ୍ଡିଏ ପତ୍ରିକାର ଗ୍ରାହକ ହେବା ଅନେକ ସ୍ଥଳରେ ଦେଖାଯାଏ । କିନ୍ତୁ ଏକାଧିକ ବ୍ୟକ୍ତିଙ୍କର ମିଳିତ ହୋଇ ଖଣ୍ଡିଏ ପୁସ୍ତକ କ୍ରୟକରି ପଢିବାର ଉଦାହରଣ ବିରଳ । ପୁସ୍ତକ ପାଠରେ କୌଣସି ପାଠକ ଯେଉଁ ଆସ୍ୱାଦ ଅନୁଭବ କରନ୍ତି, ପତ୍ରିକା ପାଠରେ ତାହା ସେ ପରିମାଣରେ ଅନୁଭୂତ ହୁଏ ନାହିଁ ।

ପାଠକମାନଙ୍କ ମଧ୍ୟରୁ କାହାର ମନରେ ରଚନାଶକ୍ତିର ବୀଜ ପ୍ରୋତ୍ଥିତ ଥିଲେ ପତ୍ରିକା ପାଠରେ ତାହା ଯେତେ ସହଜରେ ଅଙ୍କୁରିତ ହୁଏ, ପୁସ୍ତକ ପାଠରେ ତାହା ସେପରି ହେବାର ଦେଖାଯାଏ ନାହିଁ । ଏପରି ପାଠକ, ତନ୍ମଧ୍ୟରେ ବିଶେଷତଃ ତରୁଣବୟସ୍କ ପାଠକ ପ୍ରବନ୍ଧ ସହିତ ଲେଖକର ନାମ ଲିପିବଦ୍ଧ ଦେଖି ଆପଣାର ନାମ ସେହିପରି ଲିପିବଦ୍ଧ ଦେଖିବାକୁ ଅଭିଳାଷୀ ହୋଇ ରଚନାର 'ସିଦ୍ଧିରସ୍ତୁ' ଆରମ୍ଭ କରିଥାନ୍ତି । ଏପରି ଅଭିଳାଷ ସାହିତ୍ୟ ବିକାଶର ଅନୁକୂଳ । ଏଣୁ ସମ୍ପ୍ରୋଧନୀୟ ।

•ମାସିକ ପତ୍ରିକା ବିଜ୍ଞାନ, ଇତିହାସ ଓ ସାହିତ୍ୟର ଅନ୍ତର୍ଗତ ଅନ୍ୟାନ୍ୟ ବିଷୟରେ ଲୋକମାନଙ୍କୁ ଅଳଙ୍ଗ୍ୟ ଶିକ୍ଷାଦିଏ ଓ ଶିକ୍ଷିତ ମଣ୍ଡଳୀର ସାହିତ୍ୟ-ଲାଳସା

Digitized by srujanika@gmail.com

କଷ୍ଟକୁ ପରିମାଣରେ ତୃପ୍ତ କରେ । ମାନସିକ ପତ୍ର ସାହିତ୍ୟ ବିକାଶର ନାୟକ ଓ ଏହାର ସମାଜର ସାହିତ୍ୟ ସମୃଦ୍ଧିର ପରିପୁଷ୍ଟକ ।

'ଉତ୍କଳ ସାହିତ୍ୟ'ର ପ୍ରଥମ ସଂଖ୍ୟାରେ ପ୍ରକାଶିତ 'ମାଧୁରୀ' କବିତାରେ ଚନ୍ଦ୍ରମୋହନ ମାଧୁରୀକୁ ଏକ ରମଣୀ ରୂପେ କଳ୍ପନା କରିଛନ୍ତି । ଏହି ରମଣୀକୁ ସେ କେଉଁଠି ରଖିବେ ? ପାଷାଣ ସୌଧରେ ? କାରଣ ସ୍ୱର୍ଣ୍ଣ ତସ୍କରଙ୍କ ହରଣ କରି-ନେବାର ଶଙ୍କା । ମଲ୍ଲୀ, ମାଳତୀ ଗହଳରେ ଉଦ୍ୟାନରେ ରଖିବେ ? କୌଣସି ଉପବନସେବୀ ହରଣଶୀଳ କରିବାର ଶଙ୍କା । ବସନ ଭୂଷଣପରି ଦେହେ ରଖିବେ ! ତାହା ମଧ୍ୟ ନିରାପଦ ନୁହେଁ । ଶେଷରେ ସେ ସ୍ଥିର କଲେ ଯେ ମାଧୁରୀକୁ ଅନ୍ତରର ଅନ୍ତରତମ ମନ୍ଦିରରେ ସ୍ଥାନ ଦେବେ ।

ଚହ୍ଲିଲ ପୁଲକେ ହେର
ବିଶ୍ୱ ରାଜକେମା ମାଧୁରୀ ତା ନାମ
ଦେହେ ଶାନ୍ତ ଶାଢୀ ଶିରେ ଭକ୍ତି ଚୂଡ଼ା
ଗଳେ ପ୍ରୀତି ପୁଷ୍ପ ଦାମ ।

ଚନ୍ଦ୍ରମୋହନ 'ନିର୍ବାସିତା ସୀତାର ସ୍ୱଗତ' ଶୀର୍ଷକ ସଙ୍ଗୀତ ମଧ୍ୟ ରଚନା କରିଥିଲେ । ପତ୍ର ପତ୍ରିକାରେ ପ୍ରକାଶିତ ତାଙ୍କ ଲେଖାସବୁ ବିକ୍ଷିପ୍ତ ଭାବେ ପଡ଼ି ରହିଛି ।

**ନବୋଦ୍ୟମ—**

'ନବୋଦ୍ୟମ' ନାମ ସାର୍ଥକ । ପ୍ରକୃତରେ ଏହା ଏକ ନବ ଉଦ୍ୟମ । ଏହା ଚନ୍ଦ୍ରମୋହନ ମହାରଣାଙ୍କର ଆଦ୍ୟ ଯୌବନରେ ରଚିତ ପ୍ରଥମ କବିତା ପୁସ୍ତକ । ଏହାରୁ ପ୍ରଚ୍ଛଦପଟ ଏହିପରି ଭାବରେ ପ୍ରକାଶିତ ହୋଇଅଛି—

କଟକ କଲେଜ ଛାତ୍ର ଚନ୍ଦ୍ରମୋହନ ମହାରଣା କର୍ତ୍ତୃକ ପ୍ରଣୀତ ।

Cuttack, Printed at Cuttack Victoria Press, Orissa Printing Corporation, 1888, ମୂଲ୍ୟ ପାଞ୍ଚଅଣା ।

**ଉତ୍ସର୍ଗ ପତ୍ର—**

ଅଧୁନା କେବଳ ସ୍ମରଣ ପଥବର୍ତ୍ତୀ ମାତା, ପିତା ଓ ପିତାମହଙ୍କର ମଧୁମୟ ନାମରେ ମୋର ଏହି 'ନବୋଦ୍ୟମ'ର ଉତ୍ସର୍ଗ କଲି ।

—ପ୍ରଣେତା

ଏ ପୁସ୍ତକ ସମ୍ପର୍କରେ ଡକ୍ଟର ନଟବର ସାମନ୍ତରାୟ ଲେଖିଛନ୍ତି—ଏଫ୍.ଏ. କ୍ଲାସରେ ପଢ଼ିଲାବେଳେ ସେ ଯେଉଁ କେତୋଟି କବିତା 'ସଂସ୍କାରକ' ପତ୍ରିକାରେ ଲୋକ-ଲୋଚନକୁ ଆଣିଥିଲେ ତାହାର ଏକତ୍ର ସଂକଳନ ହେଉଛି ୧୮୮୮ ସାଲର

Digitized by srujanika@gmail.com

'ନବୋଦ୍ୟମ' ପୁସ୍ତକ । ବସନ୍ତ ଋତୁର ଫୁଲ, ଫଳ, ମଧୁପର ଗୁଞ୍ଜନ, ଗନ୍ଧବହ ଇତ୍ୟାଦି ଗତାନୁଗତିକ ଉପକରଣ, ପ୍ରାଚୀନ ଉପକରଣ ଓ ଅଳଙ୍କାର ଅବଲମ୍ବନରେ ବସନ୍ତ (୨୩।୩।୮୭) କବିତା ରଚିତ, ମଲ୍ଲିକା (୨୩।୪।୮୭), ଶରତ (୧୩।୧।୮୭), ମଳୟାନିଳ ପ୍ରତି (୬।୬।୮୮) କବିତାରେ ପୂର୍ବୋକ୍ତ କାବ୍ୟଶୈଳୀ ପରିଦୃଷ୍ଟ ହୁଏ । ଅପୂର୍ବ କାପୁରୁଷ ପୁରୁଷର ପଦ (୭।୭।୮୭), ଶଯ୍ୟାସ୍ଥ ଆଶାମୁଗ୍ଧ ବ୍ୟକ୍ତି (୧୫।୯।୮୭), ମାତୃହୀନ ବାଳକର ଜନନୀ ପ୍ରତି, ନିର୍ଗୁଣ ବ୍ୟକ୍ତିର ନିଭୃତ ଚିନ୍ତା, ବିଦେଶରୁ ସ୍ୱଗୃହାଭିମୁଖରେ ବାଲେଶ୍ୱର ପ୍ରତ୍ୟାଗମନ କାଳରେ କୌଣସି ସମୁଦ୍ର ପୋତରେ ଦୁଇ ସହୋଦରର ବିନାଶ, ମାତୃ ବିୟୋଗ ପ୍ରଭୃତି କବିତା ଅତ୍ୟନ୍ତ କରୁଣ ରସାତ୍ମକ ଓ ଏଥିରେ କବି ପ୍ରତିଭାର ସମ୍ୟକ୍ ପରିଚୟ ସୁସ୍ପଷ୍ଟ । ଏହାର ସମୁଦାୟ ୧୫ଟି କବିତା ମଧ୍ୟରୁ ଅଧିକାଂଶ ଚଉଦ ଅକ୍ଷର ଧାଡ଼ିର କବିତା ଓ ସୌନ୍ଦର୍ଯ୍ୟ ସୃଷ୍ଟି ପାଇଁ ପାଦ ମଧ୍ୟରେ ମଧ୍ୟ ବିରାମ ଅଛି । ବର୍ଣ୍ଣନାର ସ୍ୱାଭାବିକତା ଓ ବିଷୟବସ୍ତୁର ବୈଚିତ୍ର୍ୟହିଁ ଏ କବିତା-ମାନଙ୍କର ବିଶେଷତ୍ୱ । ପରବର୍ତ୍ତୀ ସମୟରେ କେତେକ କବିତା ଓ ପ୍ରବନ୍ଧ ସହିତ ଓଡ଼ିଆ ବ୍ୟାକରଣ (୧୯୧୦), କଥାବଳୀ (୧୯୧୭) ସେ ରଚନା କରିଥିଲେ ।

'ନବୋଦ୍ୟମ' ନବୀନ ବୟସର ଉଦ୍ୟମ ହେଲେ ହେଁ ଏକ ଉଚ୍ଚକୋଟୀର କାବ୍ୟଚେଷ୍ଟା । ଭାବ ପ୍ରକାଶ ସଂଯତ, ସୌନ୍ଦର୍ଯ୍ୟବୋଧ ନିବିଡ଼, ବ୍ୟଥିତ ପ୍ରତି ସମ-ବେଦନା ଗଭୀର, ଭାଷା ସାଧୁ ଓ ଶାଳୀନ । ଦୃଷ୍ଟିକୋଣ ନୂତନ, 'ଆସ, ଆସ' ସ୍ଥାନରେ ଫକୀରମୋହନଙ୍କ ପରି ବାଲେଶ୍ୱରୀ ଲୌକିକ ଭାଷା ପ୍ରଭାବରେ ସେ 'ଆସ୍ତୁ, ଆସ୍ତୁ' ପ୍ରୟୋଗ କରିଛନ୍ତି । ରଚନା ବ୍ୟାକରଣ ଦୋଷ ବିବର୍ଜିତ । କୌଣସି କୌଣସି କବିତାର ଶୀର୍ଷକ ଅତି ଦୀର୍ଘ ଓ ଅକବିଜନୋଚିତ, ଯଥା— 'ବିଦେଶରୁ ସ୍ୱଗୃହାଭି-ମୁଖରେ ବାଲେଶ୍ୱର ପ୍ରତ୍ୟାଗମନ କାଳରେ କୌଣସି ସମୁଦ୍ର ପୋତରେ ଦୁଇ ସହୋଦରର ବିନାଶ ।' ଶରଦୁଷା (ଶରତ୍ ଉଷା) ସନ୍ଧି ଓଡ଼ିଆ ଭାଷାର ସ୍ୱଭାବ ବିରୋଧୀ । କବିତାରେ ବୈଜ୍ଞାନିକ ଉପମା ପ୍ରୟୋଗରେ ଚନ୍ଦ୍ରମୋହନ ଅଗ୍ରଣୀ—

ନଦୀମୁଖ ସନ୍ନିଧିରୁ ଗୃହ ସନ୍ନିହିତ
ହୋଇଲ, ବଢ଼ିଲା ତାଙ୍କ ମନରେ ଆବେଗ
ଧରାକେନ୍ଦ୍ର ସନ୍ନିହିତ ହେଲେ ଯଥା ବେଗେ
ବଢ଼ଇ ବସ୍ତୁର କ୍ରମେ ପତନ କାଳରେ ।

ନବୋଦ୍ୟମର ଅର୍ଦ୍ଧେକ କବିତା ପ୍ରକୃତି କବିତା—ବସନ୍ତ, ଝିଟିକା, ପର୍ବତ, ଶରତ, ମଳୟାନିଳ ପ୍ରତି, ସମୁଦ୍ର ପ୍ରତି, ଶରଦୁଷା, ପ୍ରାକ୍‌କାଳ ଇତ୍ୟାଦି । ଏସବୁ ସମସାମୟିକ କବିମାନଙ୍କର ଅନୁସରଣ ବା ଅନୁକରଣ ନୁହେଁ । ବର୍ଣ୍ଣନା ରୀତି

Digitized by srujanika@gmail.com

ପାରମ୍ପରିକ ନୁହେଁ । ଶୃଙ୍ଗାରୀରେ ସ୍ୱାତନ୍ତ୍ର୍ୟ ସ୍ପଷ୍ଟ । ଚନ୍ଦ୍ରମୋହନଙ୍କ କବିତା ରୋମାଣ୍ଟିକ୍ ଯୁଗର ସଙ୍କେତ ବହନ କରେ । ପୁଷ୍ପଗୁଚ୍ଛ ମଧ୍ୟରେ ଶେଫାଳୀ ଓ ମଲ୍ଲିକା ପ୍ରତି କବିଙ୍କର ଆକର୍ଷଣ ଅଧିକ । ସୌନ୍ଦର୍ଯ୍ୟର ଚିତ୍ତାକର୍ଷକତା ଓ କ୍ଷଣିକତା ତାଙ୍କୁ ବିମୁଗ୍ଧ କରିଛି —

ସୁମନ ଖଣିରେ ଅତୁଳ ରତନ
ଶୃଙ୍ଗାର ହାରର ମାଧୁରୀ ମୋହନ
ପ୍ରବାଳ ଖଚିତ ସ୍ଫଟିକ ଯେସନ
ଶୋଭା ପରକାଶେ ତାହା କ ରୁଚିର,
ପ୍ରବାଳ ସ୍ଫଟିକ କାଠିନ୍ୟ ଦୂଷିତ
କୋମଳତା ଗୁଣେ କୁସୁମ ଭୂଷିତ
ତେଣୁ ପଦ୍ମ ଦେବେ ରୁଚି ପ୍ରଶଂସିତ
ଅଦରେ ପିନ୍ଧନ୍ତି ଶୃଙ୍ଗାର ହାର,
ପ୍ରବାଳ, ସ୍ଫଟିକ ପୁଣି ଚିରସ୍ଥାୟୀ
ଫୁଲ ଏହି ଅଛି, ପୁଣି ଏହି ନାହିଁ
ବଳି ମନୋଲୋଭା ଶୋଭା କ୍ଷଣସ୍ଥାୟୀ
ସତେ ଦୃଷ୍ଟାନ୍ତ ଦେଖୁ ଏହାର
ଦରଫୁଟା କଥା ଶିଶୁର ମୁଖରେ
ଲାବଣ୍ୟ ମାଧୁରୀ ଯୌବନ କାଳରେ
ସୌଦାମିନୀ ଛଟା ଜଳଦ ପଟରେ
ନ କରେ ମୋହିତ ମନ କାହାର ?

ଶରତ୍ ବର୍ଣ୍ଣନାରେ ଶେଫାଳୀର ବ୍ୟାଖ୍ୟାମୂଳକ ଦୀର୍ଘବର୍ଣ୍ଣନା କବିତାର ଆନୁପାତିକ ସୌଷ୍ଠବ ହାନି ଘଟାଇଛି । କବି ଏଇ ଭାବକୁ ପରବର୍ତ୍ତୀ କାଳରେ ସଂକ୍ଷିପ୍ତ ଓ ଅଧିକ କଳାତ୍ମକ ଭାବରେ ପ୍ରକାଶ କରିଛନ୍ତି —

ପ୍ରବାଳ ବୃନ୍ତରେ ଖଚିତ ସିତ ସ୍ଫଟିକ ଦଳ
ଲଜ୍ଜନ୍ତା ତୁଳନା ହୋଇଲେ ସୁବାସିତ, କୋମଳ ।

ପରବର୍ତ୍ତୀ କାଳରେ କୁନ୍ତଳା କୁମାରୀଙ୍କ 'ଶେଫାଳୀ ପ୍ରତି' କବିତା ତତ୍ କାଳୀନ ଓଡ଼ିଆ କବିତା ରାଜ୍ୟରେ ଉଚ୍ଚ ଦାର୍ଶନିକତା ଓ କୋମଳ କବିତ୍ୱ ଯୋଗୁଁ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛି । ଚନ୍ଦ୍ରମୋହନଙ୍କ 'ମଲ୍ଲିକା' କବିତା ରୋମାଣ୍ଟିକ୍ ଦୁଃଖବାଦର ଏକ ଚମତ୍କାର ଦୃଷ୍ଟାନ୍ତ । ରୋମାଣ୍ଟିକ୍ କବିର ଏଇ ଏକ ବିଶେଷତ୍ୱ ଯେ ଯେ ଦୁଃଖର ହେତୁ ବିଦ୍ୟମାନ ନ ଥିଲେ ବି ଟାଣି ଓଟାରି କବିତାକୁ ଦୁଃଖାତ୍ମକ କରେ—

Digitized by srujanika@gmail.com

କାହୁଁ ନ ଛୁଇଁଣୁ ତନୁ, କୋମଳାଙ୍ଗି, ତୋର
ବିଷାଦ ଗମ୍ଭୀର ଭାବ ଉଦଇ ମନର
ମନେ ପଡ଼େ ମନୁ ଉକ୍ତ ତରୁଲତାମାନ
ଅନ୍ତରକ, ଅନୁଭବ କରନ୍ତି ଏମାନ
ସୁଖ ଦୁଃଖ'' ବୋଲେ ମନ ଅଟେ ଯଥାଯଥ ।

× × ×

### ମାତୃ-କୋଳ-ଗତ

ହସୁଚୁ ଗରବେ ବୃକ୍ଷ, ହେଲେ ଶାଖାଛଡ଼ା
ମଉଳିବ ତୋ ବଦନ, ଥିବ ନାହିଁ ପରି
ସେ ବୃକ୍ଷ ନବୀନ ସ୍ମୃତି ତଥା, ଯଥା ଶିଶୁ
ସୁହାସିନୀ ବାଳିକାଟି କୋମଳ ଶିଶୁଟି
ମାତୃ କୋଳୁଁ ଛଡ଼ାଇଲେ ମଳିନ ବଦନା
ବାଳା ପରି ଅନୁଭବୁ ତୁ ମନୋବେଦନା ।

ତପସ୍ୟାରତା ଶରତ୍ ଉଷା ; ପୃଥିବୀ ଆଶ୍ରମ ପରି ନିର୍ଜନ ଓ ନିର୍ବାକ । ସେ କବି ଭାବରେ ଆଶ୍ରମ ଶାନ୍ତିର ପରିପୂରକ ହେବାକୁ ଚାହାନ୍ତି । ପଦକ୍ଷେପର ସାମାନ୍ୟତମ କୋଳାହଳରେ ସେହି ଶୃଙ୍ଖଳା ଓ ଶାନ୍ତିରେ ବ୍ୟାଘାତ ଆଣିବାକୁ ଚାହାନ୍ତି ନାହିଁ ।

ଶରତ ରାତିର ତାରା ରଜନୀ ରାଣୀର ହୀରା ଅଳଙ୍କାର । ରଜନୀକୁ ଏକ ଅଳଙ୍କାର ପ୍ରିୟା ବେଶପଟ୍ଟା ସୁନ୍ଦରୀ ରମଣୀ ସହିତ କବି ତୁଳନା କରିଛନ୍ତି । ସୂର୍ଯ୍ୟ କର ବଢ଼ାଇବା ଦେଖି କାଳେ ଅଳଙ୍କାର ହରଣ କରିନେବେ, ସେଥିଲାଗି ରଜନୀ ତନୁରେ ସେପରିକି ଉତ୍ତରୀୟ ଢାଙ୍କି ଦେଇଛି ।

ପର୍ବତ ନଦୀର ଜନକ । ପର୍ବତର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଓ ମହତ୍ତ୍ୱ ସେପରିକି କନ୍ୟା ନିର୍ଝରିଣୀ ଚରିତ୍ରରେ ପ୍ରତିଫଳିତ ।

### ମାତୃ-କଳା

ରାଜଇ ବିଶେଷ ଭାବେ ପ୍ରଥମ ସନ୍ତତି
ନିର୍ଝରିଣୀ-ଅବୟବେ ମହତ ଜନର
ଦେହର ମହତ ସହ ; ତେଣୁ ନିର୍ଝରିଣୀ
ମହତ ସିନ୍ଧୁର ଜାଙ୍ଘା, ଦୌହିତ୍ରେୟ ଘନ
ଚପଳା-ସୁନ୍ଦରୀ-ପଦ ନେଧା ମୂର୍ତ୍ତି ଧରି,
ନିବସଇ ନଭଃ ପୁରେ ଚନ୍ଦ୍ର ସୁଧ-କର ।

Digitized by srujanika@gmail.com

ସଂସାର ସୁଖଦୁଃଖ ମୟ । ଏଠି ମଳୟ ଯେପରି ଶୀତଳଶ ଆଣେ, ଝଟିକା ସେହିପରି ସର୍ବନାଶ ଘଟାଇଥାଏ । ସମାଜକୁ କବିଙ୍କ ଶିକ୍ଷା ଦେବା ପ୍ରବୃତ୍ତି ଏହି କବିତାରେ ସ୍ପଷ୍ଟ । କବିତାରେ ଧାବମାନ ଛନ୍ଦ ପ୍ରୟୋଗରେ ଚନ୍ଦ୍ରମୋହନ ଅଗ୍ରଣୀ—

ଯେ ଇଚ୍ଛେ ସମ୍ପଦ ଭୋଗ, ସହିବ ଆପଦ
ତେବେ ହେ ଧରଣୀବାସୀ, ଭଜ ତାଙ୍କ ପଦ ।
ଅସ୍ଥିର ନିସ୍ତବ୍ଧ ଚକ୍ର ଯାହା ଆଦେଶରେ
ଅବିରତ ଘୂରୁ ଅଛୁ, ବିଶୁଦ୍ଧ ସୁଖରେ
ଯଦି ଥାଏ ଅଭିଳାଷ, ଅଚିରାଂଶୁପ୍ରଭ
ଜନମ ଯେ ମୋହ କରି ବିପୁଳ ବିଭବ
ଅଚିରାଂଶୁ ଅନୁଗାମୀ ସାନ୍ଦ୍ରତମେ ନଭ
ସୁଖ ଅଭିଳାଷୀ ଦୁଃଖ ।

କରୁଣ ରସ ପ୍ରୟୋଗରେ ଚନ୍ଦ୍ରମୋହନ ତରୁଣ ବୟସରୁ ହିଁ ସିଦ୍ଧହସ୍ତତାର ପରିଚୟ ଦେଇଛନ୍ତି । ୧୮୦୭ ଶକାବ୍ଦରେ ବାଲେଶ୍ୱର ନଗରର କୌଣସି ରମଣୀର ପ୍ରଥମ ପ୍ରସୂତ ଶିଶୁ ଷୋଡ଼ଶ ଦିବସରେ ପ୍ରାଣତ୍ୟାଗ କଲା । ଏହାହିଁ କବିତାର ବିଷୟ-ବସ୍ତୁ । ଉତ୍କଣ୍ଠର ଲୋଭ ସମ୍ବରଣ କରିପାରିଲି ନାହିଁ—

ନାହିଁ ତାର ତୁଳା          ଲବଣୀ ପିତୁଳା
ବାଳା କଷ୍ଟେ ଲଭିଥିଲା
ଷୋଡ଼ଶ ଦିନକୁ          ପାଇ କୁମରକୁ
କୋମଳାଙ୍ଗୀ ହରାଇଲା ।
ଏହା କି ଅବଧି          ନିଧି ଦେଇ ବିଧି
କ୍ଷଣକରେ ନେଲା ହରି
ପ୍ରଭୁ ବିଶ୍ୱକର୍ତ୍ତା          ଦାତା ହୋଇ ହର୍ତ୍ତା
କେଉଁ ପାପ ଏହା ପରି ?
ତରୁଣୀ ରତନ          କରି ଅନ ଅନ
ସୁଖ ସରୋରୁହ କାଳେ
ହରିଣୀ ଯେସନ          ଭୟେ ଛନ ଛନ
ଶିଶୁ ଦେଖି ବ୍ୟାଧ ଫାନ୍ଦେ ।
କମ୍ପେ ଥର ଥର          ନବୀନା ଅଧର
ଅଶୋକ ପ୍ରବାଳ ତୁଲ

Digitized by srujanika@gmail.com

(କାନ୍ତି ସ୍ଥାନ) ଜ୍ୟୋତର୍ସ୍ଥିନ ତଥା   କମଳସ୍ଥ ଯଥା
ହେଲେ ତରୁ ଛିନ୍ନମୂଳ ।
× × ×
ଶୁଣ ସୁକୁମାରୀ   ବନ୍ଧୁ ତ ଭଗାରୀ
କା ଆଗେ କହିବ ଆଉ ?
ନ ହୁଅ କାତର   ଧଇରଯ ଧର
ଗଲା କଥା ଏବେ ଯାଉ ।

'ଅପୂର୍ବ କାରାଗୃହ ପୁରୁଷର ପତ୍ର'ର ବିଷୟ ବସ୍ତୁ ଅଭିନବ, ପରିବେଷଣ ରୀତି ଅପୂର୍ବ । ଏହି ପୁରୁଷ ଜଣେ ଦାଦନ ଶ୍ରମିକ । ଦାଦନ ଶ୍ରମିକ ଉପରେ ରକ୍ତ-ଶୋଷୀ କାନ୍ତ୍ରାକ୍ଟରର ଅତ୍ୟାଚାର ଯୁଗ ଯୁଗ ବ୍ୟାପୀ । ଅଭାବଗ୍ରସ୍ତ, ସରଳ ବିଶ୍ୱାସୀ ପଲ୍ଲୀବାସୀଙ୍କୁ ଅଗ୍ରୀମ ଅର୍ଥ ଦେଇ ମଧୁର ବାକ୍ୟରେ କାନ୍ତ୍ରାକ୍ଟରର ଦଲାଲ୍ ଭୁଲାଇ ନିଏ । ତାକୁ ନିର୍ମମ ପହରାବାଲାଙ୍କ ମଧ୍ୟରେ କାରାଗାରରେ ରଖିଲା ପରି ରଖି ତାଠାରୁ ଶ୍ରମ ଦୋହନ କରେ । ପ୍ରହାର ଭୟରେ, ମୁମୂର୍ଷୁ ଅବସ୍ଥାରେ ଶ୍ରମିକକୁ ଖଟିବାକୁ ହୁଏ । ତା ଯନ୍ତ୍ରା ମଧ୍ୟରୁ ଖସିଯିବାର କୌଣସି ଉପାୟ ନ ଥାଏ । ପୃଥିବୀ ସାରା ଅନୁନ୍ନତ ଦେଶମାନଙ୍କରେ ଏହି ଅତ୍ୟାଚାର ଚାଲିଛି, ଭାରତ ସ୍ୱାଧୀନ ହେବାର ତିରିଶ ବର୍ଷ ପରେ ବି ଏହା ବନ୍ଦ ହୋଇନାହିଁ । ଚନ୍ଦ୍ରମୋହନ ଏପରି ଏକ କବିତା ଲେଖି ଶ୍ରମିକର ଦୁଃଖ ବେଦନା ପ୍ରତି ଜନସାଧାରଣଙ୍କୁ ସଚେତନ କରିଛନ୍ତି ଓ ମାନବବାଦୀ କବି ଭାବରେ ପ୍ରତିଷ୍ଠିତ ହୋଇଛନ୍ତି ।

ଚନ୍ଦ୍ରମୋହନଙ୍କ ଭାଷାରେ ବାଲେଶ୍ୱର ଅନ୍ତର୍ଗତ ରେମୁଣା ନିବାସୀ କୌଣସି ବ୍ୟକ୍ତି କାରଣ ବିଶେଷ ବଶତଃ ଗୃହତ୍ୟାଗ କରି ଭ୍ରମଣ କରୁ କରୁ କୁଲି ପ୍ରେରକ ହସ୍ତରେ ପଡ଼ି ଆସାମକୁ ନୀତ ହୋଇ କୁଲି କର୍ମ କରୁଥିଲା । ସେ ତାହାର କନିଷ୍ଠ ସହୋଦରକୁ ଯେଉଁ ହୃଦୟ ବିଦାରକ ପତ୍ର ଲେଖିଥିଲା, ତାହା ଅବଲମ୍ବନ କରି ନିମ୍ନଲିଖିତ ପଦ୍ୟ ରଚିତ ହୋଇଅଛି ।

ଏହି ନିପୀଡ଼ିତ ଶ୍ରମିକ ଏହି ଭୟଙ୍କର କାରାଗାରରୁ ଉଦ୍ଧାର କରିବା ପାଇଁ ଧନୀମାନଙ୍କୁ କେତୋଟି ପଦରେ ପ୍ରାର୍ଥନା କରିଛି । ତାପରେ ସେ ଭାବିଛି—

ଆଶ୍ଚର୍ଯ୍ୟ ପ୍ରଲାପେଁ ମୁହିଁ ଏପରି କପାଇଁ ?
ଦାନ ପାଇଁ ଧନୀ କେବେ ଭାବିଛନ୍ତି କାହିଁ ?

ତାପରେ ଦୁଃଖିନୀ ଜନନୀ କଥା, ବିରହିଣୀ ସ୍ତ୍ରୀ ସୁଲୋଚନା କଥା ଭାବି ସେ ମ୍ରିୟମାଣ ହୋଇଅଛି । ସାନ ଭାଇକ ବିକଳ ଭାବେ କହିଛି—'ଭାଇରେ, ଆମେ ଦୁହେଁ ଏକା

Digitized by srujanika@gmail.com

ବୃକ୍ଷର ଫଳ, ତୁ ପରିବାରର ସୁଖମୟ ବାତାବରଣରେ, ମୁଁ ଯନ୍ତ୍ରଣା-ନିଳୟରେ, ଘୋର ନରକରେ ଅଶ୍ରୁସଜଳ ଜୀବନଯାପନ କରୁଅଛି । ମୁଁ ଏକ ପିଞ୍ଜରା ବଦ୍ଧ ପକ୍ଷୀ । କିନ୍ତୁ ପକ୍ଷୀର ସ୍ଥାନ ମୋ ଅପେକ୍ଷା ମହତ୍ତର । ପକ୍ଷୀ ଦାସ, କିନ୍ତୁ ପ୍ରଭୁ ତାର ସେବା କରେ । ମୋ ହାହାକାରରେ ଆହା କରିବାକୁ କେହି ନାହିଁ ।

"ବିହଗ ଯେସନ
ରଖିଲେ ପିଞ୍ଜରେ, ତହିଁ ନ ଲାଗଇ ମନ
ହେଲେ ମଧ୍ୟ ପିଞ୍ଜରାଟି ମଣିମୁକ୍ତାମୟ
ନର ନେତ୍ର ଆକର୍ଷଇ ମଣିମୁକ୍ତଚୟ
ତହିଁରେ ପକ୍ଷୀର କିସ ? ରତ୍ନରାଜି ବଳି
ବିହଗ ମଣଇ ବଡ଼ ବନ ଫଳାବଳୀ ।

× × ×

ପଦ୍ମରାଗ ଅପଦାର୍ଥ, ବଟଫଳ ବର ;
ବଟ ଫଳ ମରକତୁଁ ବଳି ପ୍ରୀତିକର ।"

'ନବୋଦ୍ୟମ' ଉଚ୍ଚତର କବିତ୍ୱର ବହୁ ସମ୍ଭାବନା ମନରେ ଜାଗ୍ରତ କରିଥିଲା । କବିତା ରଚନାରେ ପ୍ରଥମ ଉଦ୍ୟମ ଏ ଜଗତରେ କ୍ୱଚିତ୍ କବିଙ୍କର ସଫଳ ବା ସାର୍ଥକ ହୋଇଥାଏ । ଚନ୍ଦ୍ରମୋହନ ସେହି କ୍ୱଚିତ୍ କେତେ ଜଣଙ୍କ ମଧ୍ୟରେ ଅନ୍ତର୍ଭୁକ୍ତିର ଗୌରବ ଲାଭ କରିଥିଲେ । ତେଣୁ ପ୍ରଶଂସିତ ହୋଇଥିଲେ ବି ଫକୀର-ମୋହନ 'ଉତ୍କଳ ଭ୍ରମଣ'ରେ 'ନବୋଦ୍ୟମ' କୁ ସ୍ୱୀକୃତି ଦେଇଥିଲେ—

"ଆହେ ଚନ୍ଦ୍ର ମହାରଣେ ହେଉ ହେଉ ହେଉ
ମେଲି ଦିଅ ଅଉ ଥରେ କବିତାର ଢେଉ
ଛପାଇବେ ରାମଚନ୍ଦ୍ର କିବା ଚିନ୍ତା ଆଉ ?
ନେବ ମାରି ଟଙ୍କା ମୁଠେ ଠୁଙ୍କି ଦେଇ ବାହୁ ।"

## ପାଠ୍ୟପୁସ୍ତକ ରଚନା—

ସେ କାଳର କୃତୀ ପାଠ୍ୟପୁସ୍ତକ ରଚୟିତାମାନଙ୍କ ମଧ୍ୟରେ ଚନ୍ଦ୍ରମୋହନ ଅନ୍ୟତମ । ୧୯୧୧ ଖ୍ରୀଷ୍ଟାବ୍ଦରେ କଟକ ଟ୍ରେନିଂ ସ୍କୁଲର ପ୍ରଧାନ ଶିକ୍ଷକ ଥିବାବେଳେ ସେ ଓଡ଼ିଆ ବ୍ୟାକରଣ ପୁସ୍ତକ ରଚନା କରିଥିଲେ । ମୂଲ୍ୟ ପାଞ୍ଚ ପଇସା ।

୧୯୧୬-୧୭ ଖ୍ରୀଷ୍ଟାବ୍ଦରେ ପ୍ରସିଦ୍ଧ ମାକ୍‌ମିଲାନ୍ କମ୍ପାନୀ କର୍ତ୍ତୃକ ଅନୁରୁଦ୍ଧ ହୋଇ ସେ ଚାରି ଭାଗରେ 'କଥାବଳୀ' ପୁସ୍ତକ ରଚନା କରିଥିଲେ । ପରେ ଏହା

Digitized by srujanika@gmail.com

ପାଠ୍ୟକ୍ରମ ଅନୁସାରେ ଦୁଇ ଟି ଖଣ୍ଡରେ ସଙ୍କଳିତ ହୋଇଥିଲା । ଏହାର ପ୍ରଚ୍ଛଦ-ପଟରେ ଏହି ପ୍ରକାରେ ଲିପିବଦ୍ଧ ହୋଇଥିଲା—

> କଥାବଳୀ— ତୃତୀୟ ଓ ଚତୁର୍ଥମାନ ନିମନ୍ତେ
> ଇ. ମାର୍ସମାନ୍ ଓ ଚନ୍ଦ୍ରମୋହନ ମହାରଣା କୃତ
> ମାକ୍‌ମିଲନ୍ ଅଣ୍ଡ୍ କୋ: ଲିମିଟେଡ୍
> କଲିକତା, ବମ୍ବାଇ, ମାନ୍ଦ୍ରାଜ, ଲଣ୍ଡନ, ୧୯୧୭ ।
> ଗଦ୍ୟ, ପଦ୍ୟ ମିଶି ମୋଟରେ ଏଥିରେ ୫୧ଟି ବିଷୟ ଥିଲା ।

ଗଦ୍ୟ— ଗୋଟିଏ ମୁକ୍ତା କଥା, ପକ୍ଷୀ ଓ କୃଷ୍ଣସର୍ପ କଥା, ରଜକ ମନ୍ତ୍ରୀ କଥା, କାରାଗାରରେ ସତ୍ୟବାଦିତାର ଫଳ, ବଧିର ବନ୍ଧୁର ଉପାଖ୍ୟାନ, ଯୋଗ୍ୟତାର ନିଦର୍ଶନ, ସତ୍ୟ ଲଙ୍ଘନ, (୧) ସତ୍ୟ ଲଙ୍ଘନ (୨) ଆଜ୍ଞାନୁବର୍ତ୍ତୀ ବାଳକର ଉପାଖ୍ୟାନ, ବିବେକୀ ଛାଗଙ୍କ କଥା, ଦୁଇ ମୂଢ ଛାଗଙ୍କ କଥା, ଇତର ପ୍ରାଣୀମାନଙ୍କ ମଧ୍ୟରେ ମିତ୍ରତା, ସିଂହ ଶଶକ କଥା, ରାଜା ଓ ସନ୍ନ୍ୟାସୀର କଥା, ଶୃଗାଳର ଭେଦ ବୁଦ୍ଧି, ମୃଗ କାକ, ଶୃଗାଳର କଥା, ଲୋଭୀ ଶୃଗାଳର ଉପାଖ୍ୟାନ, ସିଂହ ଓ ମୂଷିକ କଥା, କୁକୁରର ପ୍ରାଣରକ୍ଷା, ବାଲୁକ ଏବଂ ପଶୁ ଓ ପକ୍ଷୀମାନଙ୍କ କଥା, ବ୍ୟାଘ୍ର ଓ କଙ୍କଣ ଲୋଭୀ ପଥିକର କଥା, ଗୃଧ୍ର ମାର୍ଜାର ଓ ପକ୍ଷୀମାନଙ୍କ ଉପାଖ୍ୟାନ, ଧନୀ କୃଷକର ଉଦାରତା, ମର୍କଟର ଅନଧିକାର ଚର୍ଚ୍ଚାର ପରିଣାମ, ସଂହତିର ଶକ୍ତି, ମିତ୍ରଲାଭ, ଯେଉଁ ବ୍ୟକ୍ତି ସମସ୍ତଙ୍କ ପ୍ରୀତି କରିବାକୁ ପ୍ରୟାସୀ ହୁଏ ସେ କାହାର ପ୍ରୀତି ସମ୍ପାଦନ କରିପାରେ ନାହିଁ, ଜତୁଗୃହ, ଦାହ, ଧର୍ମରାଜା ଯୁଧିଷ୍ଠିରଙ୍କ ମହାନୁଭବୁକତା, ହଂସ କୂର୍ମ ଉପାଖ୍ୟାନ, ବକ କୁଳୀରକ ଉପାଖ୍ୟାନ, ସମ୍ରାଟ ହୁମାୟୁନ୍ ଓ ଭିସ୍ତିର କଥା, ନୀଳବର୍ଣ୍ଣ ରଂଜିତ ଶୃଗାଳର ଉପାଖ୍ୟାନ, ଗଜ ଶଶକର ଉପାଖ୍ୟାନ, ରାଜା ଆଲଫ୍ରେଡଙ୍କ ଉପାଖ୍ୟାନ, କ୍ଷୁଦ୍ର ବାଳକର ଅସୀମ ସାହସ ଓ ସାଧୁକାର୍ଯ୍ୟ, ଉଷ୍ଟ୍ର ଓ ସିଂହର ଉପାଖ୍ୟାନ, ଜର୍ଜ ଓ୍ୱାସିଂଟନ୍ ୧, ଜର୍ଜ ଓ୍ୱାସିଂଟନ୍ ୨, ବାଘ୍ୱାଚଢେଇ ଓ ମାଙ୍କଡମାନଙ୍କ କଥା, ଶୃଗାଳ ଓ ହସ୍ତୀର କଥା, ରାଣୀ ଜସ୍ୱମତୀ, ରାଜା କେନିଉଟ୍ ଓ ଖୁଶାମଦକାର ପରିଷଦ-ମାନଙ୍କ କଥା, ସବକ୍ତଗୀନ ଓ ମୃଗ ଶାବକର କଥା ।

ଉକ୍ତ ବିଷୟଗୁଡ଼ିକ ମିତ୍ରଲାଭ, ପଞ୍ଚତନ୍ତ୍ର, ଏସ୍‌ପସ୍ ଫେବଲ ଓ ଅନ୍ୟାନ୍ୟ ସୂତ୍ରରୁ ସଂଗୃହୀତ । ନିଜସ୍ୱତା ନ୍ୟୁନ । ରଚନା ଶୈଳୀରେ ଯାହାକିଛି ମୌଳିକତା ପରିଲକ୍ଷିତ ହୋଇଥାଏ ମାତ୍ର । ମହାନୀୟ ତ୍ୟାଗ, ସହିଷ୍ଣୁତା, ସତ୍ୟବାଦିତା, ନିର୍ଭୀକତା, ପରାର୍ଥପରତା ପ୍ରଭୃତି ଶିକ୍ଷଣୀୟ ଆଦର୍ଶକୁ ଆଖି ଆଗରେ ରଖି ଏସବୁ ସରଳ ଓ ଚିତ୍ତାକର୍ଷକ ଭାଷାରେ ପରିବେଷିତ ହୋଇଥିଲା ଓ ବାଳୁତ ପାଠକମାନଙ୍କ ମନରେ ସ୍ଥାୟୀ ପ୍ରଭାବ ବିସ୍ତାର କରିବାକୁ ସମର୍ଥ ହୋଇଥିଲା । 'ପାଠ୍ୟ ପୁସ୍ତକ କରିଥିରେ

Digitized by srujanika@gmail.com

ଚନ୍ଦ୍ରମୋହନଙ୍କ ମୋହାଚ୍ଛନ୍ନ ପ୍ରଭାବ ବର୍ଜ୍ଜିତ ହେବାର ନୁହେଁ । ତାଙ୍କ ଗଦ୍ୟଶୈଳୀ କିଶୋର ମହଲରେ ସମାଦର ଲାଭ କରିଥିଲା । କିନ୍ତୁ ଗଦ୍ୟ ଅପେକ୍ଷା ପଦ୍ୟ ରଚନାରେ ଚନ୍ଦ୍ରମୋହନ ଅଧିକ ମୌଳିକ ।

‘କଥାବଳୀ’ର ଦୁଇଟି ଭାଗରେ ମୋଟରେ ଚଉଦ ଗୋଟି କବିତା ଥିଲା । ସେଥି ମଧ୍ୟରୁ ଛ’ଟି ଗ୍ରୀଷ୍ମ, ବର୍ଷାଦି ଛ’ ଋତୁକୁ ଅବଲମ୍ବନ କରି ରଚିତ । ସେ ସବୁ ବ୍ୟତୀତ ଚନ୍ଦ୍ର, ପୁଷ୍ପ, ବକୁଳ, ଖଣ୍ଡଗିରି ପ୍ରଭୃତି କବିତା ମଧ୍ୟ ପ୍ରକୃତିକୁ ଅବଲମ୍ବନ କରି ରଚିତ । ପ୍ରତିଧ୍ୱନି ଚିନ୍ତା ଉଦ୍ଦୀପକ । ଶିଶୁ ବିୟୋଗ ଦୁଃଖାତ୍ମକ, ‘ହନୁମାନର ସୀତାକୁ ଠାବ’ ବିଚିତ୍ର ରାମାୟଣରୁ ସଂକଳିତ । ଚନ୍ଦ୍ରମୋହନ କବିତା ଉପରେ ରାଧାନାଥ ଓ ମଧୁସୂଦନଙ୍କ ପ୍ରଭାବ ବିରଳ ନୁହେଁ ।

ଖଣ୍ଡଗିରି — ‘ମନରେ ପ୍ରବଳ ହେଲା ଏହି ଅଭିଳାଷ
କରିବି କୋଳରେ ତୋର ମୁହିଁ ସଦା ବାସ ।
ପାବନ ମୋହନ କୋଳ ଛଳେ ନ ତେଜିବି
ଜଗତର କୋଳାହଳେ ଆଉ ନ ପଶିବି ।’

ଚିଲିକା — “କରିଥିଲି ଆଶା କରିବି ଯାପନ
ତୋ ପଶ୍ଚିମ ତୀରେ ପଶ୍ଚିମ ଜୀବନ
କୁଟୀର ବିରଚି ଜଟିଆ ଚରଣେ
ଭାବିଥିଲି ଦିନ ନେବି ନିକାଞ୍ଚନେ !

ଚନ୍ଦ୍ରମୋହନ— ମଧୁର ଗୋଧୂଳି ସମୟେ
ଅସ୍ତରବି କରଣେ
ବାରୁଣୀ ଗଗନ ଝଲଇ
ତପ୍ତ ସ୍ୱର୍ଣ୍ଣ ବରଣେ ।

ଚନ୍ଦ୍ରଭାଗା— ମଧୁର ଗୋଧୂଳି ସମସ୍ତ
ସ୍ୱର୍ଣ୍ଣ କିରଣ ବୋଳା
କାଦମ୍ବିନୀ ଖେଳେ ଗଗନେ
ଧୀର ସମୀର ଲୋଳା ।

ରଜନିକୁ ବ୍ୟାଧ ସହିତ ଓ ଦିବାକୁ ବ୍ୟାଘ୍ରୀ ସହିତ ତୁଳନା ମୌଳିକ, କିନ୍ତୁ ଦୂରବର୍ତ୍ତୀ ଓ ବିଚିତ୍ର ବୋଧହୁଏ ।

ନିରସ୍ତ୍ର ବ୍ୟାଘ୍ର ଶିଶୁ ଅପହାରୀ ବ୍ୟାଧ
ଦୂରୁଁ ଶୁଣି ଶିଶୁ ପ୍ରାଣ ବ୍ୟାଘ୍ରୀର ନିନାଦ

Digitized by srujanika@gmail.com

ଭେକ ବ୍ୟାଘ୍ର ଶିଶୁ ଯଥା ପଳାଏ ସତ୍ୱର
ପଳାଇଲା ନିଶା ତଥା ହୋଇ ଖରତର ।

ଏହି କବିତାରେ 'ଅବଳା' ମାଆ ନୁହେଁ, ସୁନ୍ଦରୀ ତରୁଣୀ । ତାର ହସର ମାଧୁର୍ଯ୍ୟ ବାଳକ ବା କିଶୋର ହୃଦୟଙ୍ଗମ କରିପାରେ କିପରି ? ପାଠ୍ୟପୁସ୍ତକରେ ଏହି ହସର ପ୍ରୟୋଗ ଅନୁଚିତ, ଅସୁନ୍ଦର ।

କବି ଲେଖିଛନ୍ତି— "ଅଧରରେ ପ୍ରାଚୀମୂଳେ ଦିଶୁଅଛି ଧଳା
ଶୋଭୁଛି ଶୋଭିଲି ଯଥା ହସିଲେ ଅବଳା ।'

ପାଠ୍ୟପୁସ୍ତକ ରଚନାରେ ମଧୁସୂଦନଙ୍କ ଗ୍ରନ୍ଥ ଚନ୍ଦ୍ରମୋହନ ଗ୍ରହଣ କରିଛନ୍ତି । ଚନ୍ଦ୍ରମୋହନଙ୍କ ଋତୁ କବିତା ସେହି ଯୋଜନା ଅନୁକ୍ରମେ ରଚିତ —ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା ଓ ଶିକ୍ଷାପଦେ ନତ । ଋତୁ କବିତା ସଂଯୁକ୍ତ ନହେଲେ ଯେପରିକି କିଶୋରୋପଯୋଗୀ ପାଠ୍ୟପୁସ୍ତକ ରଚିତ ହୋଇ ନପାରେ । ଚନ୍ଦ୍ରମୋହନଙ୍କ 'ବସନ୍ତ' କବିତାର ଆରମ୍ଭ—

ଦକ୍ଷିଣ ଦୁଆରେ ଫେଡ଼ି ଧାଡିକାରେ
ବିଜେ କଲେ ଋତୁରାଜ
ଧରଣୀ ବଦନ ମଣ୍ଡଳ ବନ୍ଧନ
ଦଶିଲିକ ଆନ ଆନ ।

ଶେଷ— 'ଯେ ଧାତା ରଚିଲେ ଏ କୁସୁମ କାଳ
ନମ ତାଙ୍କ ଶ୍ରୀପଦ୍ମରେ ।'

'ଧାଡିକା' ଶବ୍ଦଟି କିଶୋରୋପଯୋଗୀ ହୋଇ ନାହିଁ । 'ଗ୍ରୀଷ୍ମ' କବିତାରେ 'ଉଡାଇଣ ଅତପନେ ପଥିକେ ଚଳିଲେ' ପଥିକ ଛତା ଟାଣି ଯାଏ, ଉଡ଼ାଏ ନାହିଁ । ହୁଏତ ପବନ ଛତାକୁ ଉଡାଇ ଓଲଟାଇ ଦିଏ । ଏହି କବିତାର ଶେଷ ମଧୁବାବୁଙ୍କ ନମୁନାରେ ସଂଗଠିତ, ଉପଦେଶାତ୍ମକ ।

ଏ ଜଗତେ ସୁଖ ଦୁଃଖ ଅଛି ସବୁଠାଇଁ
ଉଭୟେ ଅଛନ୍ତି ରଚି ଜଗତର ସାଇଁ
ଆପାତରେ ଯହିଁ ଦୁଃଖ ପରିଣାମେ ସୁଖ
ବାଳକେ ନୋହିବ କେବେ ଦୁଃଖରେ ବିମୁଖ ।

'ଆପାତ' ଶବ୍ଦ ପ୍ରୟୋଗ ଅନୁପଯୋଗୀ ।

ମଞ୍ଜରିଛି କୂଳେ ରୁହି ଅଙ୍କୁରେ ବକୁଳ
ପର୍ଣ୍ଣେ ଫଳ ବର୍ଣ୍ଣେ ପୁଣି କୁସୁମେ ମଞ୍ଜୁଳ ।

Digitized by srujanika@gmail.com

'ଅଟୁ' ଶବ୍ଦଟି ଗଦ୍ୟର, ପଦ୍ୟରେ ଝୁଣ୍ଟିଲା ପରି ଲାଗେ । କବିତାର ଲାବଣ୍ୟହାନି ଘଟାଏ । କିଛି ପଣ୍ଡିତଆ ଭାବ, ବ୍ୟାକରଣ ପ୍ରତି ପକ୍ଷପାତ, ଗଦ୍ୟ ଓ ପଦ୍ୟର ଧ୍ୱନିଗତ ତାରତମ୍ୟ ଜ୍ଞାନର ଅଭାବ ଯୋଗୁଁ ସ୍ଥାନେ ସ୍ଥାନେ ଅସ୍ୱାଭାବିକ ବୋଧ ହେଲେ ହେଁ ଚନ୍ଦ୍ରମୋହନଙ୍କ ଋତୁ କବିତା ଏକ ସ୍ୱତନ୍ତ୍ର ପଦକ୍ଷେପ । ଏକ ଭିନ୍ନ ସ୍ୱାଦର କବିତା । ଏହା ଋତୁଶ୍ରୀ ଅନୁଭବରେ ନବ ନବ ପୃଷ୍ଠ ଉଦ୍‌ଘାଟନ କରେ । ଗତାନୁଗତିକ ସ୍ରୋତରେ ଭାସି ନଯାଇ ନୂତନ ବାଟ ଫିଟାଇଥିବାରୁ ଚନ୍ଦ୍ରମୋହନ ଶତ ବନ୍ଦନୀୟ । ତରୁଣ ବୟସରେ ସଫଳତାର ଲେଖକ ପ୍ରୌଢ଼ ବା ବାର୍ଦ୍ଧକ୍ୟରେ ଲେଖି ନପାରେ କାହିଁକି ? କେଉଁ ଦୁରବସ୍ଥା ତାକୁ ଲେଖନୀ ଧରିବାକୁ ବାଧ କରେ ? ବହୁ ପ୍ରତିଭା ଏ ଦେଶରେ ନଷ୍ଟଭ୍ରଷ୍ଟ ହୋଇ ଯାଇଛି । ତାର ହିସାବ ସମୀକ୍ଷା ଲାଗି କ'ଣ ବେଳ ହୋଇନାହିଁ ? ସାହିତ୍ୟ ଫସଲ ଯେପରି ଏଠି ଭଲ ଭାବରେ ଉଧେଇବ ପ୍ରତିଭା ସମସ୍ତ ଅନୁକୂଳତା ଓ ଉତ୍ସାହ ଲାଭ କରିପାରିବ, ସେଥିଲାଗି ଏବେ ଏହି ସମୀକ୍ଷା ଏକାନ୍ତ ଆବଶ୍ୟକ ।

ଚନ୍ଦ୍ରମୋହନ 'କୈଫିୟତ୍' ନାମକ ପତ୍ରରେ ସାହିତ୍ୟ ରଚନା ପ୍ରତିକୂଳ ସାମାଜିକ କାରଣମାନ ଉଲ୍ଲେଖ କରିଛନ୍ତି । ବ୍ୟକ୍ତିଗତ କାରଣ ଉଲ୍ଲେଖକୁ ସେ ଅପ୍ରାସଙ୍ଗିକ ମନେ କରିଛନ୍ତି । ତଥାପି ମାଲ୍ ମକଦ୍ଦମା ବା ସେହିପରି ଦୁର୍ଘଟଣାଜନିତ ଦୁଃଶ୍ଚିନ୍ତା, ଜୀବନର ଗତାନୁଗତିକତା ଯୋଗୁଁ ଉଦ୍ଦୀପନାର ଅଭାବ ପ୍ରଭୃତି ସୃଷ୍ଟିହୀନତାର ବ୍ୟକ୍ତିଗତ କାରଣ ଭାବେ ଉଲ୍ଲେଖ କରାଯାଇପାରେ । କିନ୍ତୁ ସାହିତ୍ୟ ଜରିଆରେ ଦେଶ ମାତୃକାର ସେବାର ନୈତିକ ଦାୟିତ୍ୱରୁ ସେ ନିଜକୁ ମୁକୁଳେଇ ପାରିନାହାନ୍ତି । ସେଥିଲାଗି ଭୋଗିଛନ୍ତି ମନସ୍ତାପ ଓ ଉତ୍କଳ ସାହିତ୍ୟର ସମ୍ପାଦକ ଶ୍ରୀ ବିଶ୍ୱନାଥ କରଙ୍କୁ ଦେଇଛନ୍ତି 'କୈଫିୟତ୍' ।

ତାଙ୍କ ରଚିତ ଗ୍ରନ୍ଥ ପ୍ରକାଶିତ ନହେବାରୁ ଚନ୍ଦ୍ରମୋହନଙ୍କ ଲେଖିବାର ଉତ୍ସାହ ଭଟ୍ଟା ପଡ଼ିଯାଇଥିବ । 'ନବୋଦ୍ୟମ' ଛପାଇ ତାଙ୍କ ମନ ମାନି ଯାଇଥିଲା । ଘରୁ ଖାଇ ଘୋଡା ଆଗରେ ଦୌଡ଼ିବାର ସାହସ ଆସି ନଥିବ । ପ୍ରକାଶ ଲାଗି ରାଜା ମହାରାଜା-ମାନଙ୍କର ଦ୍ୱାରସ୍ଥ ହେବାକୁ ସେ ମର୍ଯ୍ୟାଦା ହାନିକର ମନେ କରୁଥିବେ । ପ୍ରକାଶନ ଲାଗି ତତ୍ପରତାର ଅଭାବରୁ ତାଙ୍କର ସମସ୍ତ ପରବର୍ତ୍ତୀ ଲେଖା ପାଣ୍ଡୁଲିପି ଲେଖ୍ୟ ଅବସ୍ଥାରେ ରହିଯାଇଥିବ । ସେସବୁ ବିନଷ୍ଟ ନ ହୋଇଥିଲେ ଉତ୍କଳ ଭାରତୀଙ୍କ ପ୍ରାଙ୍ଗଣ ଉଦ୍ୟାନର ଏକ ପୂର୍ଣ୍ଣାଙ୍ଗ କାରୁକାର୍ଯ୍ୟ ଖଚିତ ମନ୍ଦିର ପରି ଦିଶୁଥାନ୍ତା ।

ଏବେ ତାହା ଧ୍ୱଂସାବଶେଷ ଏକ ଉପକ୍ରମ ପରି ଦିଶେ । ଯତ୍ତେ ଯେପରି କେଉଁ ଯୁଗରେ ନିର୍ମିତ ଭିତ୍ତି ମାତ୍ର, ଅବଶିଷ୍ଟ ଏକ ଭଗ୍ନ ମନ୍ଦିର । ଅତୀତର ସାନ୍ଦ୍ର ନିର୍ଜନତା ଭିତରୁ କୋମଳ କାକଳି ପରି ଶୁଣାଯାଏ ତାର କାରୁଣ୍ୟ—

'ଭଲମନ୍ଦ ଆଦି ସୃଷ୍ଟି ବେନି ସୀମା

ଯହିଁ ଦେଖନ୍ତି ସଂସାରେ

ଏ ସୀମା ସୃଷ୍ଟିର ଦେଖିଲ ହେ ହରି
ସେ ସୀମାଟି କେଉଁଠାରେ ?'
( ପାପୀର ଆଶା, ସଙ୍ଗୀତ-ଚନ୍ଦ୍ରମୋହନ ଉ: ସା: ଷଷ୍ଠ ଭାଗ/ଅଷ୍ଟ ସଂଖ୍ୟା )

ଚନ୍ଦ୍ରମୋହନଙ୍କ ବ୍ୟକ୍ତିତ୍ୱ ଓ କବିତ୍ୱ ପରସ୍ପରର ପରିପୂରକ । କଳାପର୍ଦ୍ଦାର ଅନ୍ତରାଳରେ ଉଭୟର ମହିମା କୀର୍ତ୍ତିତ । ପ୍ରଥମଟି ଦୃଢ଼ ଆତ୍ମପ୍ରତ୍ୟୟ ଓ ବିଜୟ ଗୌରବଭରା ଦ୍ୱିତୀୟଟିକୁ ଆଚ୍ଛନ୍ନ କରି ଦେଇ ପରି ବୋଧହୁଏ । ସେ ଚିରନ୍ତନ ଶିକ୍ଷକ, ମୂର୍ଖମାନଙ୍କ ମଧ୍ୟରେ ମହାମୂର୍ଖ, ପଦ୍ୟ ବା ଗଦ୍ୟ ରଚନା କଲାବେଳେ ସେ ଶିକ୍ଷକତା ପ୍ରତି ଆନ୍ତରିକ ତ୍ୟାଗକରି ପାରି ନାହାନ୍ତି ।

Digitized by srujanika@gmail.com

# ସାହିତ୍ୟିକ ଚନ୍ଦ୍ରମୋହନ ମହାରଣା

ଶ୍ରୀ ଆନନ୍ଦ ସାହୁ

(ଆସନ୍ତାକାଲି, ଜାନୁଆରୀ-୧୯୭୭)

ସ୍ମରଣୀୟ ସାହିତ୍ୟିକ ତଥା ଶିକ୍ଷାବିତ୍ ସ୍ୱର୍ଗତ ଚନ୍ଦ୍ରମୋହନ ମହାରଣା ଓଡ଼ିଶାର ଉଭୟ ସାହିତ୍ୟିକ ତଥା ସାଂସ୍କୃତିକ ଇତିହାସରେ ଏକ ସ୍ୱତନ୍ତ୍ରକାରୀ ପ୍ରତିଭା । ଉନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଓଡ଼ିଆ ଭାଷା, ସାହିତ୍ୟ ତଥା ସଂସ୍କୃତି କ୍ଷେତ୍ରରେ ଯେଉଁ ଜାତୀୟ ସଙ୍କଟର ମୁହଁ ପାତ ହୋଇଥିଲା ତାର ସମ୍ମୁଖୀନ ହେବାପାଇଁ ଯେଉଁ କେତେଜଣ ମନୀଷୀଙ୍କ ଅବଦାନ ସ୍ୱୀକୃତ ସେମାନଙ୍କ ମଧ୍ୟରେ ବରେଣ୍ୟ ସାହିତ୍ୟିକ ସ୍ୱର୍ଗତ ଚନ୍ଦ୍ରମୋହନ ମହାରଣା ଅନ୍ୟତମ । ପାଠ୍ୟପୁସ୍ତକ ପ୍ରଣୟନ କରି ଗୋଟିଏ ଜାତିର ଭାଷା ସାହିତ୍ୟକୁ ରକ୍ଷା କରିବାର ଦୃଢ଼ ସଙ୍କଳ୍ପ ଭିତରେ ସ୍ୱର୍ଗତ ମହାରଣାଙ୍କ କୃତିତ୍ୱ ଅସାମାନ୍ୟ । ସାହିତ୍ୟ ସାଧନାର ଆଭିମୁଖ୍ୟ ଦୃଷ୍ଟିରୁ ତାଙ୍କର ବ୍ୟକ୍ତିତ୍ୱ ତଥା ପ୍ରତିଭା ଏକାନ୍ତ ଉଲ୍ଲେଖ ଯୋଗ୍ୟ । ପରିମାଣ ତଥା ଗୁଣାତ୍ମକ ଦୃଷ୍ଟିରୁ ତାଙ୍କ ରଚନାବଳୀ ଯେତେ ଉତ୍କୃଷ୍ଟ ନ ହେଲେ ବି ସାହିତ୍ୟ ସାଧନାର ନିଷ୍ଠା ତାଙ୍କୁ ଯଶସ୍ୱୀ କରିଛି ।

## ଜନ୍ମ ଓ ବଂଶଲତା—

ଓଡ଼ିଶା ଇତିହାସର ଏକ ଉଲ୍ଲେଖ ଯୋଗ୍ୟ ତଥା ବହୁ ତାତ୍ପର୍ଯ୍ୟପୂର୍ଣ୍ଣ ମସିହା ୧୮୬୭ରେ ସାହିତ୍ୟିକ ଚନ୍ଦ୍ରମୋହନ ମହାରଣା ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ରେମୁଣା ଥାନାର ପୁରୁଷୋତ୍ତମପୁର ଗ୍ରାମରେ ଏକ ସ୍ୱର୍ଣ୍ଣକାର ପରିବାରରେ ଜନ୍ମଗ୍ରହଣ କରିଥିଲେ । ଦରିଦ୍ର ପରିବାରରେ ଜନ୍ମଗ୍ରହଣ କରି ମଧ୍ୟ ନିଜସ୍ୱ ଅଧ୍ୟବସାୟ ତଥା ଗମ୍ଭୀର ନିଷ୍ଠା ଯୋଗୁଁ ପ୍ରତିବର୍ଷ ସରକାରୀ ବୃତ୍ତି ଲଭିକରି କଲିକତା ବିଶ୍ୱବିଦ୍ୟାଳୟରୁ ଫାଷ୍ଟ ଗ୍ରେଡ଼ରେ ବି: ଏ: ପାସ୍ କରିଥିଲେ ।

## କର୍ମମୟ ଜୀବନ—

କଲିକତାରୁ କୃତିତ୍ୱର ସହିତ ସ୍ନାତକ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଚନ୍ଦ୍ରମୋହନ କିଛି କାଳ ପାଇଁ ତାଳଚେର ଇଷ୍ଟେଟର ଯୁବରାଜଙ୍କ ଅଭିଭାବକ ତଥା ଗୃହ ଶିକ୍ଷକ ଭାବେ ନିଯୁକ୍ତ ହୋଇଥିଲେ । ସେ ଅତି ପିଲାଟି ବେଳୁ କବିତା ଓ ପ୍ରବନ୍ଧ

Digitized by srujanika@gmail.com

ରଚନା କରୁଥିଲେ । ତାଙ୍କ ଅଧ୍ୟୟନ ପ୍ରବଣତା ତଥା ଅଧ୍ୟାପନାର ନିଷ୍ଠା ସର୍ବୋପରି ତାଙ୍କ କବି ବ୍ୟକ୍ତିତ୍ୱ, ରାଧାନାଥଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ରାଧାନାଥ ଶିକ୍ଷା ବିଭାଗର ଇନ୍‌ସପେକ୍ଟର ଥିଲାବେଳେ ଚନ୍ଦ୍ରମୋହନ ବାବୁଙ୍କୁ ବାଲେଶ୍ୱର ଜିଲ୍ଲା ସ୍କୁଲର ସହକାରୀ ଶିକ୍ଷକ ରୂପେ ନିଯୁକ୍ତ ଦେଇଥିଲେ । ତା'ପରେ ପୁରୀ ଜିଲ୍ଲା ସ୍କୁଲରେ ସେ ହେଡ୍‌ମାଷ୍ଟର ଭାବେ ଯୋଗ ଦେଇଥିଲେ । ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ସେତେବେଳେ ତାଙ୍କର ଅତିପ୍ରିୟ ଛାତ୍ର ଥିଲେ । ଶିକ୍ଷକତାର ବହୁ ବର୍ଷ ପରେ ସେ ପୁରୀ ଓ ବାଲେଶ୍ୱର ଜିଲ୍ଲାର 'ଡ଼େପୁଟି ଇନ୍‌ସପେକ୍ଟର ଅଫ୍ ସ୍କୁଲସ' ରୂପେ ଯୋଗ ଦେଲେ, ପରବର୍ତ୍ତୀ ସମୟରେ ସେ ମଧ୍ୟ ପୁରୀ ଜିଲ୍ଲାର ଇନ୍‌ସପେକ୍ଟର ଅଫ୍ ସ୍କୁଲସ ରୂପେ ଅବସ୍ଥାପିତ ହୋଇଥିଲେ ।

## କଟକ ନର୍ମାଲ ସ୍କୁଲକୁ କେନ୍ଦ୍ର କରି—

ଭକ୍ତକବି ମଧୁସୂଦନ ରାଓ, ବିଶ୍ୱନାଥ କର, ଚନ୍ଦ୍ରମୋହନ ମହାରଣା, ବାଣୀଭୂଷଣ ମୃତ୍ୟୁଞ୍ଜୟ ରଥ, ଜଗନ୍ନାଥ ତ୍ରିପାଠୀ ପ୍ରମୁଖ ସାହିତ୍ୟିକମାନେ ଏକ ଆଲୋଚନା ସଭା ଗଠନ କରିଥିଲେ । ତତ୍କାଳୀନ ବହୁ କାବ୍ୟାମୋଦୀ ପ୍ରତିଷ୍ଠିତ ସାହିତ୍ୟିକମାନଙ୍କ ନିୟମିତ ଯୋଗଦାନ ଫଳରେ ଆଲୋଚନା ସଭାଟି ଦୀର୍ଘଦିନ ଧରି ତିଷ୍ଠି ରହି ପାରିଥିଲା । ପ୍ରାଚୀନ ତଥା ମଧ୍ୟ ଯୁଗୀୟ ଓଡ଼ିଆ ସାହିତ୍ୟର ସ୍ୱରୂପ ଓ ବୈଶିଷ୍ଟ୍ୟ ନିର୍ଦ୍ଧାରଣ ଥିଲା ଉକ୍ତ ସଭାର ପ୍ରଥମ ଓ ପ୍ରଧାନ ଉଦ୍ଦେଶ୍ୟ । ନର୍ମାଲ ସ୍କୁଲକୁ କେନ୍ଦ୍ର କରି ଗଢି ଉଠିଥିବା ଏହି ଆଲୋଚନା ସଭାଟି ପରବର୍ତ୍ତୀ ସମୟରେ 'ଉତ୍କଳ ସାହିତ୍ୟ ସମାଜ' ନାମରେ ନାମିତ ହୋଇଛି । (୧) ୧୮୯୪ ମସିହାରେ ଏହି ଆଲୋଚନା ସଭାର ପ୍ରଥମ ଅଧିବେଶନରେ ସଭାପତିତ୍ୱ କରି ସଭାପତି ଅଭିଭାଷଣରେ ଚନ୍ଦ୍ରମୋହନ ବାବୁ 'ସାହିତ୍ୟ' ଶୀର୍ଷକ ଏକ ପ୍ରବନ୍ଧ ପାଠ କରିଥିଲେ । ଏହି ପ୍ରବନ୍ଧ 'ଶିକ୍ଷାବନ୍ଧୁ' ପତ୍ରିକାର ପ୍ରଥମ ବର୍ଷ ପ୍ରଥମ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ୧୯୦୭ ରୁ ୧୯୧୧ ମସିହା ପର୍ଯ୍ୟନ୍ତ ଚନ୍ଦ୍ରମୋହନ ବାବୁ କଟକ ନର୍ମାଲ ସ୍କୁଲର ପ୍ରଧାନ ଶିକ୍ଷକ ଥିଲାବେଳେ ଓଡ଼ିଆ ସାହିତ୍ୟ ସମ୍ପର୍କୀୟ ଆଲୋଚନାରେ ବିଶେଷ ଭାଗନେବା ସଙ୍ଗେ ସଙ୍ଗେ 'ଉତ୍କଳ ସାହିତ୍ୟ' ଆଦି ପତ୍ରିକାର ସାହିତ୍ୟିକ ଶ୍ରୀ ସମ୍ପାଦନରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିଥିଲେ । (୨)

## ସାହିତ୍ୟ ସାଧନାର ଆଭିମୁଖ୍ୟ—

ଚନ୍ଦ୍ରମୋହନ ବାବୁ କବି ରାଧାନାଥ ଅବା ଫକୀରମୋହନଙ୍କ ପରି ଜଣେ ନିହାତି ପ୍ରତିଭାବାନ ଲେଖକ ହୋଇ ନଥିଲେ ବି ଓଡ଼ିଶାର ପାଠ୍ୟ ପୁସ୍ତକର ଘୋର ଅଭାବ କାଳରେ ତାଙ୍କର ସୁମହତ ଚେଷ୍ଟା ଏକାନ୍ତ ପ୍ରଣିଧାନର ଯୋଗ୍ୟ । ଉଚ୍ଚ ଶିକ୍ଷିତ

Digitized by srujanika@gmail.com

ବଙ୍ଗାଳମାନେ ପଦସ୍ଥ ସାହେବମାନଙ୍କୁ ଓଡ଼ିଆ ପାଠ୍ୟପୁସ୍ତକର ଅଭାବ ଦର୍ଶାଇ ଓଡ଼ିଶାର ଭର୍ଣ୍ଣାକୁଲର ସ୍କୁଲମାନଙ୍କରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷାର ପ୍ରବର୍ତ୍ତନ କରାଇବା ପାଇଁ ପ୍ରବର୍ତ୍ତାଇଥିଲେ । ସେତେବେଳେ ଯେଉଁ କେତେଜଣ ଓଡ଼ିଆ ଏହି ଜାତୀୟ ସଙ୍କଟର ସମ୍ମୁଖୀନ ହୋଇ ଓଡ଼ିଆ ପାଠ୍ୟପୁସ୍ତକ ପ୍ରଣୟନରେ ଗଭୀର ମନୋନିବେଶ କରିଥିଲେ ସେମାନଙ୍କ ମଧ୍ୟରେ ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣ, ପଣ୍ଡିତ ଗୋବିନ୍ଦ ରଥ, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ଗୌରୀଶଙ୍କର ରାୟ, ରାମପ୍ରସନ୍ନ ମୁଖୋପାଧ୍ୟାୟ, ବିଚ୍ଛନ୍ଦ ପଟ୍ଟନାୟକ, ଭୁବନେଶ୍ୱର ଦତ୍ତ, ନିମାଇଁ ବଲ୍ଲଭ ବିଦ୍ୟାସାଗର, ପ୍ରଭାକର ବିଦ୍ୟାରତ୍ନ, ଫକୀରମୋହନ ସେନାପତି, ତାରିଣୀ ଚରଣ ମୁଖୋପାଧ୍ୟାୟ, ଶିବନାରାୟଣ ନାୟକ, ଦ୍ୱାରିକାନାଥ ଚକ୍ରବର୍ତ୍ତୀ, ରମେଶ ଚନ୍ଦ୍ର ବସୁ, ନାଟ୍ୟକାର ରାମଶଙ୍କର, 'ନବୋଦ୍ୟମ' ଲେଖକ ଚନ୍ଦ୍ରମୋହନ ମହାରଣା, ପ୍ରାବନ୍ଧିକ ଗଣପତି ଦାସ, କାବ୍ୟକାର ମଣିଚରଣ ମହାପାତ୍ର ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । (୩) । ଏକ ଉଦ୍ଦେଶ୍ୟ ସାଧନ ନିମିତ୍ତ ନିର୍ଦ୍ଦିଷ୍ଟ ଭାବରେ ଚନ୍ଦ୍ରମୋହନ ବାବୁ ପୁସ୍ତକ ସବୁ ରଚନା କରିଛନ୍ତି । ଏତଦ୍‌ଭିନ୍ନ ସେ ଗ୍ରନ୍ଥଗ୍ରାହୀମାନଙ୍କ ମଧ୍ୟରେ ସାହିତ୍ୟ ଚେତନା ଜାଗ୍ରତ କରିବା ପାଇଁ ତାଙ୍କ ଲେଖା ମାଧ୍ୟମରେ ଉଦ୍ୟମ କରୁଥିଲେ । ଉତ୍କଳ ସାହିତ୍ୟ ସମାଜର ଏକ ବିଂଶ ବାର୍ଷିକ ଅଧିବେଶନରେ ପ୍ରଦତ୍ତ ସଭାପତି ଭାଷଣ (୬।୧୦।୧୯୨୭) ରେ ଲେଖକ ମାତୃଭାଷାର ଉନ୍ନତି ନିମିତ୍ତ ଆହ୍ୱାନ ଦେଇ କହିଛନ୍ତି—''ଜାଗରଣର ଓ ଅଧ୍ୟବସାୟର ଅଭାବ ଆଉ ଯୋଡ଼ିଏ ଅନ୍ତରାୟ । ଏହି ଅନ୍ତରାୟ ମାତୃଭାଷା ପକ୍ଷରେ ଯେପରି ଅନ୍ୟ ଯାବତୀୟ ବିଷୟର ଉନ୍ନତି ପକ୍ଷରେ ସେହିପରି । ମୋହ, ଆଳସ୍ୟର ସନ୍ତାନ ଅଥବା ଜନକ, ତମୋ ଗୁଣ ସୁତରାଂ ଉନ୍ନତିର ଘୋର ଶତ୍ରୁ । ଏହା ମନୁଷ୍ୟର ମନକୁ ତମିସ୍ରାଚ୍ଛନ୍ନ କରି ରଖେ । କୃପାମୟଙ୍କ କୃପାରୁ ମାତୃଭାଷାର ଉନ୍ନତିରେ ଜାଗରଣର ଲକ୍ଷଣ ବର୍ତ୍ତମାନ ଦେଖାଯାଉଅଛି । ଏହି ସଭାସଭାରେ ଉପସ୍ଥିତ ଉତ୍କଳ ଜନନୀର କୃତୀ ସନ୍ତାନମାନେ ଏହି ଜାଗରଣର ସହାୟ ଅଟନ୍ତି । ସୁତରାଂ ମାତୃଭାଷାର ଉନ୍ନତି ସାଧନ ଥିଲା ତାଙ୍କ ସାହିତ୍ୟ ସାଧନାର ଅନ୍ୟତମ ଅଭିମୁଖ୍ୟ । (୪)

ରାଧାନାଥୀ ସାହିତ୍ୟର ସେ ଥିଲେ ପୁଣି ଜଣେ ମୁଗ୍ଧ ପାଠକ ଓ ପୃଷ୍ଠପୋଷକ । ବିଜୁଳି, ଇନ୍ଦ୍ରଧନୁ ବିବାଦ କାଳରେ ସେ ରାଧାନାଥଙ୍କ ପକ୍ଷ ସମର୍ଥନ କରି ବିଜୁଳିକୁ ନିୟମିତ ଲେଖା ଯୋଗାଉଥିଲେ । 'ଇନ୍ଦ୍ରଧନୁ' ପକ୍ଷରେ ସ୍ୱର୍ଗୀୟ ଗୌରୀଶଙ୍କର ରାୟ, ଗୋପାଳ ବଲ୍ଲଭ ଦାସ, ଦାମୋଦର ପଟ୍ଟନାୟକ ଓ ସୁଦାମ ଚରଣ ନାୟକ ପ୍ରଭୃତି ରଥୀବୃନ୍ଦ ଏବଂ ବିଜୁଳି ପକ୍ଷରେ ଲାଲ ରାମନାରାୟଣ ରାୟ, ନୀଳମଣି ବିଦ୍ୟାରତ୍ନ, ରାଜା ସାର୍ ସୁଚଳ ଦେବ, ବିଶ୍ୱନାଥ କର, ଚନ୍ଦ୍ରମୋହନ ମହାରଣା, ଡ଼ାକ୍ତର ରାମକୃଷ୍ଣ ସାହୁ ପ୍ରଭୃତି ପୃଷ୍ଠପୋଷକ ଓ ଲେଖକ ରୂପେ ବେଳେ ବେଳେ ପ୍ରଚ୍ଛନ୍ନ ଭାବରେ କେତେବେଳେ ବା ପ୍ରକାଶ୍ୟ ଭାବରେ ଦେଖା ଦେଉଥିଲେ ।

Digitized by srujanika@gmail.com

**ସାହିତ୍ୟ ଅବଦାନ :—**

ରାଧାନାଥଙ୍କ ସମସାମୟିକ ଭାବେ ଅଥବା ତାଙ୍କ ପରବର୍ତ୍ତୀ ସମୟରେ ଯେଉଁ କେତେଜଣ ସ୍ୱନାମଧନ୍ୟ ବାଣୀ ସାଧକ ଉଭୟ ଗଦ୍ୟ ଓ ପଦ୍ୟ ରଚନାରେ ବିଶେଷ କୃତିତ୍ୱ ପ୍ରଦର୍ଶନ କରିଛନ୍ତି ତନ୍ମଧ୍ୟରୁ ସ୍ୱର୍ଗତ ଚନ୍ଦ୍ରମୋହନ ମହାରଣା ଅନ୍ୟତମ । ସେ ବିଶେଷତଃ ସେତେବେଳେ ଜଣେ ନିୟମିତ ପାଠ୍ୟପୁସ୍ତକ ଲେଖକ ହିସାବରେ ସୁପରିଚିତ ଥିଲେ । ଉଭୟ ଓଡ଼ିଆ ଓ ଇଂରାଜୀ ବ୍ୟାକରଣରେ ତାଙ୍କର ବିଶେଷ ପ୍ରବେଶ ଥିବାରୁ ତାଙ୍କୁ ମୁଖ୍ୟତଃ ଜଣେ ବୈୟାକରଣିକ ବୋଲି କୁହାଯାଉଥିଲା । ସେ ମଧ୍ୟ ନିମ୍ନ ପ୍ରାଥମିକ ଶ୍ରେଣୀଠାରୁ ଆରମ୍ଭ କରି ଉଚ୍ଚ ଶ୍ରେଣୀର ଅଧ୍ୟାପନା ନିମିତ୍ତ ଏକାଧିକ ବ୍ୟାକରଣ ପୁସ୍ତକମାନ ରଚନା କରିଛନ୍ତି ।(୬) । ୧୯୧୮ ଖ୍ରୀଷ୍ଟାବ୍ଦରେ ତାଙ୍କର ପ୍ରଥମ 'ଓଡ଼ିଆ ବ୍ୟାକରଣ' ପ୍ରକାଶିତ ହୋଇଥିଲା ଓ ଶିକ୍ଷାବିଭାଗ ଡ଼ିରେକ୍ଟର ମହୋଦୟଙ୍କ ଦ୍ୱାରା ୧୧।୭।୨୪ ତାରିଖ ଗେଜେଟର ୯ ନମ୍ବର ନୋଟିଫିକେସନରେ ୪ର୍ଥ ଓ ୫ମ ଶ୍ରେଣୀ ପାଇଁ ନିର୍ବାଚିତ ହୋଇଥିଲା । ନିକଟରେ ଏବେ ରାଜ୍ୟ ସରକାରଙ୍କ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା ତରଫରୁ ତା'ର ପୁନର୍ମୁଦ୍ରଣ କରାଯାଇ ପ୍ରାଥମିକ ଶ୍ରେଣୀର ପାଠ୍ୟପୁସ୍ତକ ରୂପେ ଚଳୁଅଛି । ତାଙ୍କର 'ରଚନା ଶିକ୍ଷା' ନାମକ ଆଉ ଏକ ପାଠ୍ୟପୁସ୍ତକ ପ୍ରାଥମିକ ଶ୍ରେଣୀରେ ଚଳୁଥିଲା । ଚିନ୍ତାମୂଳକ, ବର୍ଣ୍ଣନାମୂଳକ ତଥା ତଥ୍ୟମୂଳକ ପ୍ରବନ୍ଧ ସବୁ ଉଲ୍ଲିଖିତ ପ୍ରବନ୍ଧ ପୁସ୍ତକରେ ସନ୍ନିବେଶିତ ହୋଇଥିଲା । ଏତଦ୍‌ଭିନ୍ନ ତାଙ୍କର କଥାବଳୀ ୧ମ ଭାଗ ଓ କଥାବଳୀ ୨ୟ ଭାଗ ଦୁଇଟି ସାହିତ୍ୟ ପୁସ୍ତକ ମଧ୍ୟ ସେ କାଳର ୪ର୍ଥ ଓ ୫ମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କର ପାଠ୍ୟ ଥିଲା । ଜଣେ ଉଚ୍ଚକୋଟୀର ଶିକ୍ଷାବିତ୍ ହିସାବରେ ଅଧ୍ୟାପନା ସଂକ୍ରାନ୍ତ ଅଭିଜ୍ଞାନ ଦେଇ ସେ ଯେଉଁ ଅଭାବ ଓ ଆବଶ୍ୟକତା ଅନୁଭବ କରୁଥିଲେ ତାହାକୁ ପୂରଣ କରିବା ନିମିତ୍ତ ସେ ପାଠ୍ୟପୁସ୍ତକ ପ୍ରଣୟନରେ ମନୋନିବେଶ କରିଥିଲେ । (୭)

ପ୍ରତିଷ୍ଠିତ 'ଉତ୍କଳ ସାହିତ୍ୟ' ସଂସ୍କାରକ ଆଦି ପତ୍ର ପତ୍ରିକାରେ ସେ ଜଣେ ନିୟମିତ ପ୍ରବନ୍ଧ ଲେଖକ ଥିଲେ । ତାଙ୍କ ଲିଖିତ ପ୍ରବନ୍ଧମାନଙ୍କ ମଧ୍ୟରୁ—
ଭୂଗୋଳ ବିଦ୍ୟା—ଉତ୍କଳ ସାହିତ୍ୟ ୧ମ ଭାଗ ୯ମ ସଂଖ୍ୟା (୧୮୯୭ ସେପ୍‌ଟେମ୍ବର), ଶ୍ରୀଧର ସ୍ୱାମୀ—ଉତ୍କଳ ସାହିତ୍ୟ ୬ଷ୍ଠ ଭାଗ ୪ର୍ଥ ସଂଖ୍ୟା (୧୯୦୨ ଜୁଲାଇ), ଇତିହାସ ଉତ୍କଳ ସାହିତ୍ୟ ୧୦ମ ଭାଗ ୧୦ମ ସଂଖ୍ୟା (୧୯୦୭ ଫେବୃୟାରୀ), ସ୍ୱପ୍ନ—ଉତ୍କଳ ସାହିତ୍ୟ ୧୧ଶ ଭାଗ ୯ମ ସଂଖ୍ୟା ( ୧୯୦୭ ଜାନୁୟାରୀ) ଆଦି ଉଲ୍ଲେଖ ଯୋଗ୍ୟ । 'ସଂସ୍କାରକ' ଆଦି ବିଭିନ୍ନ ସାହିତ୍ୟ ପତ୍ର ପତ୍ରିକାରେ ପ୍ରକାଶିତ ତାଙ୍କର କବିତା ସବୁ ପରବର୍ତ୍ତୀ ସମୟରେ ଏକତ୍ର ସଂଗୃହୀତ ହୋଇ 'ନବୋଦ୍ୟମ' ନାମକ କବିତା ସଂକଳନରେ ପ୍ରକାଶିତ ହୋଇଛି । (୮)

Digitized by srujanika@gmail.com

## ପାଠ୍ୟ ପୁସ୍ତକ ଲେଖକ ଚନ୍ଦ୍ରମୋହନ :—

'କଥାବଳୀ (ପ୍ରଥମ ଭାଗ), କଥାବଳୀ (ଦ୍ୱିତୀୟ ଭାଗ) ତାଙ୍କ ରଚିତ ଅନ୍ୟ ଦୁଇଟି ଉଲ୍ଲେଖଯୋଗ୍ୟ ପାଠ୍ୟପୁସ୍ତକ । ଦୁଇଟି ପୁସ୍ତକରେ ଉଭୟ ଗଦ୍ୟ ଓ ପଦ୍ୟରେ ଲିଖିତ ଶତାଧିକ ବିଷୟ ସନ୍ନିବେଶିତ ହୋଇଛି । ତଳ ଶ୍ରେଣୀର ପିଲମାନଙ୍କ ପାଇଁ ମୁଖ୍ୟତଃ ଚନ୍ଦ୍ରମୋହନ ବାବୁ ଏସବୁ ଗଳ୍ପ, ପ୍ରବନ୍ଧ ଓ କବିତାମାନ ରଚନା କରିଛନ୍ତି । ସେ ପାଇଁ ତାଙ୍କର ଲେଖାଗୁଡ଼ିକ ଅଧିକାଂଶରେ ନୀତି ଉପଦେଶାତ୍ମକ । ତଥାପି ସ୍ଥାନେ ସ୍ଥାନେ କବି ଚିତ୍ତର ସ୍ୱତଃ ସ୍ଫୂର୍ତ୍ତି ଅଭିବ୍ୟକ୍ତି ଲକ୍ଷ୍ୟ କରାଯାଇ ପାରେ । ପ୍ରକୃତି ଚିତ୍ରଣରେ ତାଙ୍କର କବି ପ୍ରାଣର ସ୍ୱାକ୍ଷର ଅତ୍ୟନ୍ତ ସ୍ପଷ୍ଟ । ପରେ ଚନ୍ଦ୍ରମୋହନ ବାବୁ ଏ ସବୁ ପାଠ୍ୟ ପୁସ୍ତକଗୁଡ଼ିକର ମୁଦ୍ରଣ, ପ୍ରଚାର ଓ ପ୍ରସାର ପାଇଁ ମାକ୍‌ମିଲନ କମ୍ପାନୀକୁ ସର୍ବସ୍ୱତ୍ୱ ଲେଖି ଦେଇଥିଲେ । ଦୀର୍ଘ ଦିନ ଧରି ଓଡ଼ିଶାର ପ୍ରାଥମିକ ଶ୍ରେଣୀର ପାଠ୍ୟପୁସ୍ତକ ରୂପେ ଏହି କଥାବଳୀ (ପ୍ରଥମ ଭାଗ), କଥାବଳୀ (ଦ୍ୱିତୀୟ ଭାଗ) ପ୍ରଚଳିତ ଥିଲା । ତାଙ୍କର 'ଓଡ଼ିଆ ବ୍ୟାକରଣ' ଓ 'ରଚନା ଶିକ୍ଷା' ପୁସ୍ତକ ଦ୍ୱୟ ବିଷୟରେ ପୂର୍ବରୁ ଆଲୋଚିତ ହୋଇଛି ।

ଜଣେ ଆଦର୍ଶ ଶିକ୍ଷକ, ପାଠ୍ୟପୁସ୍ତକ ଲେଖକ, ତଥା ବୈୟାକରଣିକ ହିସାବରେ ତାଙ୍କର ମର୍ଯ୍ୟାଦାମଣ୍ଡ ଓ ବ୍ୟକ୍ତିତ୍ୱ ଏକାନ୍ତ ଅବିସ୍ମରଣୀୟ ।

## ଶିକ୍ଷକ ଚନ୍ଦ୍ରମୋହନ :—

ଓଡ଼ିଶାର ଯେଉଁ କେତେଜଣ ଶିକ୍ଷାବିତ୍ ସବୁମତେ ଶିକ୍ଷକ ହେବାର ଗୌରବ ଲାଭ କରିଛନ୍ତି ସେମାନଙ୍କ ମଧ୍ୟରେ ସ୍ୱର୍ଗତ ଚନ୍ଦ୍ରମୋହନ ମହାରଣା ଅନ୍ୟତମ । ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସଙ୍କ ପରି ସତ୍ୟବାଦୀ ଆଦର୍ଶର ସ୍ୱର୍ଗତ ମହାରଣାଙ୍କ ଅନୁପମ ଶିକ୍ଷକତାର ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି । ଶିକ୍ଷକ ଭାବରେ ତାଙ୍କର ନିଷ୍ଠା, ଉତ୍ସାହ ତଥା ନିର୍ଭୀକତା ତାଙ୍କୁ ଏତେବଡ଼ ସମ୍ମାନ ଆଣି ଦେଇଛି । ଏହି ଶିକ୍ଷକତାରୁ ତାଙ୍କ ସାହିତ୍ୟିକ ଜୀବନ ଆରମ୍ଭ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ । କଟକ ନର୍ମାଲ ସ୍କୁଲକୁ କେନ୍ଦ୍ର କରି ଯେଉଁ ଆଲୋଚନା ସଭା ସେତେବେଳେ ଗଢି ଉଠିଥିଲା ଏବଂ ଯାହା ପରବର୍ତ୍ତୀ କାଳରେ 'ଉତ୍କଳ ସାହିତ୍ୟ ସମାଜ'କୁ ଉନ୍ନୀତ ହୋଇଥିଲା ତାର ପ୍ରଥମ ଲକ୍ଷ୍ୟ ଥିଲା ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ନବ ଯୁଗର ବାର୍ତ୍ତା ପ୍ରଚାର କରିବା । ଏହି ଲକ୍ଷ୍ୟ ନେଇ ସ୍ୱର୍ଗତ ମହାରଣା ଅନୁଷ୍ଠାନଟିକୁ ସବୁ ମତେ ସଫଳ କରିବା ପାଇଁ ଆପ୍ରାଣ ଉଦ୍ୟମ କରୁଥିଲେ । ବିଭିନ୍ନ ପାଠଚକ୍ର ତଥା ଆଲୋଚନା ଚକ୍ର ମାଧ୍ୟମରେ କେବଳ ଜ୍ଞାନ ବିଜ୍ଞାନର ଚର୍ଚ୍ଚା ବା ପ୍ରଚାର ନୁହେଁ ବରଂ ଏକ ଚେତନା ଜାଗ୍ରତ କରିବା ଥିଲା ତାଙ୍କର ଶ୍ରେଷ୍ଠ ଅଭିମୁଖ୍ୟ । ୧୮୯୪ ସାଲରେ ଉଲ୍ଲିଖିତ

Digitized by srujanika@gmail.com

ଆଲୋଚନା ସଭାର ପ୍ରଥମ ଅଧିବେଶନରେ ସେପାଇଁ ଚନ୍ଦ୍ରମୋହନ ବାବୁ ସାହିତ୍ୟ ଶୀର୍ଷକ ସାଧନାର ପ୍ରବନ୍ଧ ପାଠ କରି ସାହିତ୍ୟ ସାଧନାର ମହତ୍ତ୍ୱ ପ୍ରତିପାଦନ କରିଥିଲେ ।

ଶିକ୍ଷକତାର ସୁଦୀର୍ଘ ଜୀବନ ଭିତରେ ଅଧ୍ୟାପନା ସମ୍ପର୍କଗତ ନାନା ଅନୁଭୂତି ଓ ଅଭିଜ୍ଞାନ ତାଙ୍କୁ ପାଠ୍ୟପୁସ୍ତକ ପ୍ରଣୟନ ଦିଗରେ ପ୍ରୋତ୍ସାହିତ କରିଛି । ପ୍ରାଥମିକ ତଥା ମାଧ୍ୟମିକ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କର ଆବଶ୍ୟକତା ମେଣ୍ଟାଇବା ପାଇଁ ସେ ଗଣିତ, ବ୍ୟାକରଣ, ସାହିତ୍ୟ, ରଚନା ଶିକ୍ଷା ବିଷୟକ ପୁସ୍ତକମାନ ରଚନା କରିଛନ୍ତି । ଶିକ୍ଷକ ଜୀବନରେ ସେ ଏକାନ୍ତ ଶୃଙ୍ଖଳିତ ନୈତିକ ଜୀବନଯାପନ କରୁଥିଲେ । ସେ ନିରାମିଷାଶୀ ଥିଲେ । ପ୍ରତ୍ୟହ ପ୍ରାଣାୟାମ କରୁଥିଲେ । ଦୈନନ୍ଦିନ ଜୀବନର ଏହି ନୈତିକ ଜୀବନଚର୍ଯ୍ୟା ତାଙ୍କୁ ଯେପରି ଶୃଙ୍ଖଳିତ କରିଥିଲା ତାରି ଅନୁରୂପ ଭାବେ ଶୃଙ୍ଖଳାର କଠୋର ଶାସନ ସେ ମଧ୍ୟ ପ୍ରୟୋଗ କରୁଥିଲେ । ଛାତ୍ରଛାତ୍ରୀମାନଙ୍କ ଭିତରେ ଆଧ୍ୟାତ୍ମିକ ଚେତନାର ବିକାଶକୁ ସେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ମନେ କରୁଥିଲେ । ଛାତ୍ରଛାତ୍ରୀମାନଙ୍କ ଭିତରେ ଆଧ୍ୟାତ୍ମିକ ଚେତନାର ବିକାଶକୁ ଜ୍ଞାନାର୍ଜନର ମାଧ୍ୟମ ରୂପେ ସେ ବର୍ଣ୍ଣନା କରୁଥିଲେ । ସେ ନିଜେ ଗୋପାଳ ମୂର୍ତ୍ତି ପ୍ରତିଷ୍ଠା କରି ପ୍ରତ୍ୟହ ପୂଜାପାଠ କରୁଥିଲେ ଓ ପରେ ନିଜେ ପୁଣି ଏକ ଶିବ ମନ୍ଦିର ପ୍ରତିଷ୍ଠା କରି ଯାଇଅଛନ୍ତି । ବୃକ୍ଷରୋପଣ ଥିଲା ତାଙ୍କର ସବୁଠାରୁ ବଡ଼ ପ୍ରିୟ କାର୍ଯ୍ୟକ୍ରମ । ସେ ଏ ଦିଗରେ ସମସ୍ତଙ୍କୁ ପରାମର୍ଶ ଦେଉଥିଲେ ଓ ପ୍ରଭାବିତ ମଧ୍ୟ କରିଥିଲେ । ଛାତ୍ରମାନଙ୍କୁ ଇଚ୍ଛାଶକ୍ତି (will power)ର ମହତ୍ତ୍ୱ ସେ ବାରମ୍ବାର ବୁଝାଉଥିଲେ । ଜାତି ଓ ଧର୍ମ ଭିତ୍ତି ସମାଜରେ ସେ କାଳରେ ଭାରି ପ୍ରବଳ ଥିଲା । କେତେକ ଅଭିଭାବକ ସ୍କୁଲ ପଡାକୁ ସେ ପାଇଁ ପସନ୍ଦ କରିପାରୁ ନ ଥିଲେ । ମାତ୍ର ଶିକ୍ଷକ ଚନ୍ଦ୍ରମୋହନ ବାବୁ ସଂସ୍କାରବାଦୀ ଥିଲେ । ଏପରିକି ମୁସଲମାନ ଓ ଖ୍ରୀଷ୍ଟିୟାନମାନଙ୍କ ସହିତ ବସି ପଂକ୍ତି ଭୋଜନ କରୁଥିଲେ । ଏହା କେବଳ ରକ୍ଷଣଶୀଳ ହିନ୍ଦୁ ଛାତ୍ରମାନଙ୍କୁ ପ୍ରଭାବିତ କରିନାହିଁ ଅଧିକନ୍ତୁ ସତ୍ୟବାଦୀ ଆଦର୍ଶର ମୂଳପିଣ୍ଡ ଗଠନରେ ପ୍ରେରଣା ଯୋଗାଇଛି ମଧ୍ୟ ।

ସଂସ୍କୃତ ସାହିତ୍ୟ ପ୍ରତି ତାଙ୍କର ବିଶେଷ ଅନୁରାଗ ଥିଲା, କାଳିଦାସଙ୍କ "କୁମାର ସମ୍ଭବମ୍ ଓ ମେଘଦୂତମ୍" କାବ୍ୟର ଶ୍ଳୋକ ସବୁ ସେ କଣ୍ଠସ୍ଥ କରିଥିଲେ କାଳିଦାସୀ କବିତା ପ୍ରତି ତାଙ୍କର ଅଶେଷ ଦୁର୍ବଳତା ଥିଲା ବୋଲି, "ଆମ ନୂଆ ହେଡ୍‌ମାଷ୍ଟର" ଶୀର୍ଷକ ପ୍ରବନ୍ଧରେ ତାଙ୍କ ଛାତ୍ର ଗାଳ୍ପିକ ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ ଲେଖିଛନ୍ତି । ସେ କେବଳ ଛାତ୍ରମାନଙ୍କୁ ନୁହେଁ ବରଂ ତାଙ୍କର ସହକର୍ମୀ ଶିକ୍ଷକମାନଙ୍କୁ ମଧ୍ୟ ପ୍ରଭାବିତ କରିଥିଲେ । ତାଙ୍କ ସମସାମୟିକ ଅନ୍ୟତମ ସହକାରୀ

Digitized by srujanika@gmail.com

ଶିକ୍ଷକ ପଲ୍ଲୀକବି ନନ୍ଦକିଶୋର ବଳ, ଚନ୍ଦ୍ରମୋହନ ବାବୁଙ୍କ ପରାମର୍ଶ କ୍ରମେ ଏକ ବ୍ୟାକରଣ ପୁସ୍ତକ ରଚନା କରିଥିଲେ, ସେ ଏକଥା ନିଜେ ସ୍ୱୀକାର କରିଛନ୍ତି ।

ଶିକ୍ଷକ ହିସାବରେ ଚନ୍ଦ୍ରମୋହନ ବାବୁ ଯେପରି ବିଜ୍ଞ ଓ ବହୁ ଶାସ୍ତ୍ର-ଦର୍ଶୀ ଥିଲେ ସେହିପରି ମଧ୍ୟ ନିର୍ଭୀକ ଥିଲେ । ସେତେବେଳେ ସ୍କୁଲମାନଙ୍କରେ ପ୍ରତିଷ୍ଠିତ ବଙ୍ଗାଳି ପରିବାର ପିଲାମାନଙ୍କ ଉଦ୍ଧତ ଆଚରଣକୁ ଶିକ୍ଷକମାନେ ମଧ୍ୟ ଭୟରେ ସହି ଯାଉଥିଲେ । ମାତ୍ର ସମଦର୍ଶୀ ଶିକ୍ଷକ ଚନ୍ଦ୍ରମୋହନ ମହାରଣା ଛାତ୍ରମାନଙ୍କର ମନ୍ଦ ବ୍ୟବହାର ଦେଖିଲେ ତତ୍‌କ୍ଷଣାତ୍ ସେମାନଙ୍କୁ ଦଣ୍ଡ ଦେଉଥିଲେ । ଏ ବିଷୟରେ ଗୋଦାବରୀଶ ବିସ୍ତାରିତ ଭାବରେ ଲେଖିଛନ୍ତି । ଯୁବତୀ ଝିଅ ସହିତ ସମୁଦ୍ରକୂଳରେ ବୁଲୁଥିବାର କେତେକ ବଙ୍ଗାଳି ପିଲାଙ୍କୁ ସେ ସ୍କୁଲରୁ ବାହାର କରି ଦେଇଥିଲେ । ସେ ପିଲାଟିର ଅଭିଭାବକ ଜଣେ ପ୍ରତିଷ୍ଠିତ ଲୋକ । ସେ ଅନ୍ୟାନ୍ୟ ବଙ୍ଗାଳିଙ୍କୁ ମିଳାଇ ଚନ୍ଦ୍ରମୋହନ ବାବୁଙ୍କ ନାମରେ ମୋକଦ୍ଦମା କରିବାକୁ ବାହାରିଲେ, ତଥାପି ଚନ୍ଦ୍ର-ମୋହନ ବାବୁଙ୍କର ଭ୍ରୂକ୍ଷେପ ନାହିଁ । (୯)

ପୁଣି ଆଉଥରେ ସେହି ଦୁର୍ବୃତ୍ତମାନେ ସ୍କୁଲ ଘର ପୋଡ଼ି ଚନ୍ଦ୍ରମୋହନ ବାବୁଙ୍କ ବିରୁଦ୍ଧରେ ମୋକଦ୍ଦମା ଆରମ୍ଭ କରିଥିଲେ । ମୋକଦ୍ଦମାରେ ଚନ୍ଦ୍ରମୋହନ ବାବୁଙ୍କ ତରଫରୁ ସ୍ୱର୍ଗତ ଗୋକୁଳାନନ୍ଦ ଚୌଧୁରୀ (ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀଙ୍କ ପିତା) ସ୍ୱର୍ଗତ କୁଳବୃଦ୍ଧ ମଧୁସୂଦନ ପ୍ରମୁଖ ବରିଷ୍ଠ ଓକିଲମାନେ ଲଢୁଥିଲେ । ଏ ବିଷୟରେ ସମାଧାନ ପାଇଁ ବଙ୍ଗଳାର ନେତା ପ୍ରଖ୍ୟାତ ଶଶିଭୂଷଣ ରାୟ ଚୌଧୁରୀ (ଶଶିଦା) ପୁରୀକୁ ଆସିଥିଲେ । ଗୋଦାବରୀଶ ଲେଖିଛନ୍ତି ସେତେବେଳକୁ ଏକାଦଶ ଶ୍ରେଣୀର ବଙ୍ଗାଳି ଛାତ୍ରକୁ ବେତାଘାତ କରିବା ଘଟଣା ଘଟି ଯାଇଥିଲା । ତାଙ୍କର ସେ ସମୟରେ ପୁରୀକୁ ଆସିବା କାରଣ ମୁଁ ତାଙ୍କୁ କେବେ ପଚାରି ପରୀଶ ନାହିଁ । ସେ ମଧ୍ୟ ମୋତେ ତାଙ୍କ ନିଜ ଆଡୁ କହି ନାହାନ୍ତି । ମୋର ମନେ ହୁଏ ସେ ଘଟଣା ସମ୍ପର୍କରେ ଉପୁଜି ଥିବା ପରିସ୍ଥିତି ସୁଧାରିବାରେ ସାହାଯ୍ୟ କରିବା ସକାଶେ ଚନ୍ଦ୍ର-ମୋହନ ବାବୁ ତାଙ୍କୁ ଅଣାଇଥିବେ । (୧୦)

ସେ ପୁଣି ନିର୍ଭୀକ ସମଦର୍ଶୀ ତଥା ଛାତ୍ରବତ୍ସଳ ଶିକ୍ଷକ ନ ଥିଲେ, ସେ ଥିଲେ ସେ କାଳରେ ପ୍ରେରଣାର ଏକ ମୂର୍ତ୍ତି ପ୍ରତୀକ । ସତ୍ୟବାଦୀ ଆଦର୍ଶ ଗଠନରେ ତାଙ୍କର ଅବଦାନକୁ ଏ ପାଇଁ ଅନେକ ଭାବରେ ସ୍ୱୀକାର କରାଯାଇ ପାରେ । ପଣ୍ଡିତ ଗୋଦାବରୀଶଙ୍କ କୃତିତ୍ୱ ଶିକ୍ଷକ ଚନ୍ଦ୍ରମୋହନ ବାବୁଙ୍କୁ ପ୍ରଲୁବ୍ଧ କରିଥିଲା । ସେ ତାଙ୍କୁ ଡକାଇନେଇ ଗୋଦାବରୀଶଙ୍କ ପଢ଼ିବାର ବ୍ୟବସ୍ଥା ତାଙ୍କ ଘରେହିଁ କରିଥିଲେ । ଦୈନ୍ୟଗ୍ରସ୍ତ ଗୋଦାବରୀଶ ସେ ପାଇଁ ଅତି ନିଷ୍ଠାର ସହିତ ଚନ୍ଦ୍ରମୋନ ବାବୁଙ୍କୁ

Digitized by srujanika@gmail.com

ପରବର୍ତ୍ତୀ କାଳରେ ସ୍ମରଣ କରିଛନ୍ତି । ସେ ଲେଖିଛନ୍ତି— "କଟକରେ ଚନ୍ଦ୍ରମୋହନ ବାବୁଙ୍କ ବସାରେ ମୋର କୃଚ୍ଛ୍ର ବେଶ ଚଳିଯାଏ । ମୋ ବୃତ୍ତି ପାଇବା ସମ୍ବାଦ ଚନ୍ଦ୍ରମୋହନ ବାବୁଙ୍କ ପାଖରୁ ଜାଣିଲି । ସେତେବେଳକୁ ସେ କଟକ ନର୍ମାଲ ସ୍କୁଲ୍‌ର ଦ୍ୱିତୀୟ ଶିକ୍ଷକ ପଦରେ ବଦଳି ହୋଇ ଆସିଥିଲେ । ସେ ଚିଠିରେ ଗୋଟିଏ ପ୍ରସ୍ତାବ ମଧ୍ୟ ଜଣାଇଥିଲେ । ପ୍ରସ୍ତାବଟି ହେଉଛି ମୁଁ ତାଙ୍କ ବସାରେ ଆସି ରହି କଲେଜରେ ପଢ଼ିବି ଓ ମୋ ଖାଇବା ପିଇବା ଖର୍ଚ୍ଚ ବାବଦକୁ ତାଙ୍କ ବଡ଼ ପୁଅ ରଜନୀକୁ ପଢ଼ାଇବି ।" (୧୧)

ଗୋଦାବରୀଶ ଓ ନୀଳକଣ୍ଠ ଚନ୍ଦ୍ରମୋହନ ବାବୁଙ୍କ ଅତି ପ୍ରିୟ ଛାତ୍ର ଥିଲେ । ଏମାନେ ଚନ୍ଦ୍ରମୋହନ ବାବୁଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ବି ଆସିଥିଲେ । ରାଧାନାଥଙ୍କ ସହିତ ବନ୍ଧୁତା ଥିବାରୁ ଶଶୀଭୂଷଣ ରାୟ ମଧ୍ୟ ଚନ୍ଦ୍ରମୋହନ ବାବୁଙ୍କୁ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରୁଥିଲେ । ତାଙ୍କ ଧବଳେଶ୍ୱର ବାଗ ଭବନରେ ଚନ୍ଦ୍ରମୋହନ ବାବୁଙ୍କ ଚିଠି ସବୁ ସେ ସାଇତି ରଖିଥିଲେ । ରାୟ ସାହେବ ଶଶୀଭୂଷଣ ଓ ସ୍ୱର୍ଗତ ମୃତ୍ୟୁଞ୍ଜୟ ରଥ ଚନ୍ଦ୍ରମୋହନ ବାବୁଙ୍କ ଅନ୍ତରଙ୍ଗ ବନ୍ଧୁ ଥିଲେ । ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଅନେକ ଥର ଚନ୍ଦ୍ରମୋହନ ବାବୁଙ୍କୁ ଆସି ବାଲେଶ୍ୱରରେ ଭେଟୁଥିଲେ । ବ୍ୟକ୍ତିଗତ ଜୀବନରେ ସେ ଯେପରି ବନ୍ଧୁ ପ୍ରିୟ ଥିଲେ ତା'ର ଅନେକ ଦୃଷ୍ଟାନ୍ତ ଓଡ଼ିଶାର ପ୍ରତିଷ୍ଠିତ ଅନେକ ଲେଖକଙ୍କ ଲେଖାରୁ ନିଆଯାଇ ପାରେ ।

ଚନ୍ଦ୍ରମୋହନ ବାବୁ ଶ୍ରେଣୀରେ ଅଧିକାଂଶତଃ ସାହିତ୍ୟ ବ୍ୟାକରଣ ଅଧ୍ୟାପନା କରୁଥିଲେ । ବ୍ୟାକରଣରେ ତାଙ୍କର ଗଭୀର ପ୍ରବେଶ ଥିଲା । ନୀଳକଣ୍ଠ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି ଚନ୍ଦ୍ରମୋହନବାବୁ ବ୍ୟାକରଣ ପଚାରିବେ ବୋଲି ଭୟରେ ପିଲାମାନେ ଚନ୍ଦ୍ରମୋହ ବାବୁଙ୍କୁ ଆସିବାର ଦେଖିଲେ ଲୁଚି ଯାଆନ୍ତି । ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ତଥା ହରିଶ୍ଚନ୍ଦ୍ର ବଡ଼ାଲଙ୍କ ପରି ବହୁ କୃତବିଦ୍ୟ ବ୍ୟକ୍ତି ମାନେ ଯେଉଁମାନେ ଅତୀତରେ ତାଙ୍କର ଛାତ୍ର ଥିଲେ ଅକୁଣ୍ଠିତ ଚିତ୍ତରେ ଚନ୍ଦ୍ରମୋହନ ମହାରଣାଙ୍କ ଶିକ୍ଷକତା ସମ୍ପର୍କରେ ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି । ସ୍ୱର୍ଗତ ଲକ୍ଷ୍ମୀନାରାୟଣ ସାହୁ ଲେଖିଛନ୍ତି— ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣା ଏହିପରି ଚଢ଼ିଆସିଥିଲେ ଏବଂ ତାଙ୍କର ଜ୍ଞାନ ବଡ଼ ଗଭୀର ଥିଲା । (୧୨)

ପଣ୍ଡିତ ନୀଳକଣ୍ଠ ଦାସ ମଧ୍ୟ ଚନ୍ଦ୍ରମୋହନ ମହାରଣାଙ୍କ ପାଣ୍ଡିତ୍ୟ, ଆଦର୍ଶ ଶିକ୍ଷକତା ତଥା ନୈଷ୍ଠିକ ଜୀବନଚର୍ଯ୍ୟା ସମ୍ପର୍କରେ ସମୁଚିତ ମନ୍ତବ୍ୟ ଦେଇ କହିଛନ୍ତି— "ଯଥାର୍ଥରେ ତାଙ୍କ ପରି ଉଦାରଚେତା ଶିଶୁପ୍ରାଣ ଶିକ୍ଷକ ମୁଁ ବହୁତ କମ ଦେଖିଛି । ପିଲାଙ୍କର ବ୍ରହ୍ମଚର୍ଯ୍ୟଗତ ଚରିତ୍ର ପାଇଁ ତାଙ୍କର ବଡ଼ ତୀକ୍ଷ୍ଣ ଦୃଷ୍ଟି ଥିଲା । ସେତିକ

Digitized by srujanika@gmail.com

ନୂଆ କେହି ଥିବା ପଢ଼ିଲେ ଡର୍କାର ହେଲେ ତାଙ୍କ ଦ୍ୱାର ମୋ ପାଇଁ ସର୍ବଦା ଅବାରିତ ଥିଲା । ରାତି ଏଗାରଟା ବେଳେ ମଧ୍ୟ ବୀଜଗଣିତର ମୋ ପକ୍ଷରେ ସେତେବେଳେ ଅସାଧ୍ୟ ସମସ୍ୟାମାନ ନେଇ ଯାଇ ମୁଁ ପହଞ୍ଚିଛି । ସେ ଶୋଇବାଠାରୁ ଉଠିଆସି ମୋ ଅଙ୍କଟି ମୋତେ ବୁଝାଇ ଦେଇ ପୁଣି ଯାଇ ଶୁଅନ୍ତି ।" (୧୩)

ଓଡ଼ିଶାର କୃତବିଦ୍ୟ ବହୁ ସାହିତ୍ୟିକଙ୍କ ସ୍ମୃତିରେ ଅସାଧାରଣ ଶିକ୍ଷକ ଚନ୍ଦ୍ର-ମୋହନ ମହାରଣାଙ୍କ ନିର୍ଭୀକ ବ୍ୟକ୍ତିତ୍ୱ ଯେଉଁ ସ୍ପଷ୍ଟ ମୁଦ୍ରା ଅଙ୍କନ କରିଛି ତାହା ଓଡ଼ିଶାର ଅଧ୍ୟାପନା ଇତିହାସର ଏକ ଉଲ୍ଲେଖଯୋଗ୍ୟ ଅଧ୍ୟାୟ ନିଶ୍ଚୟ । କବି ରାଧାନାଥଙ୍କୁ ତାଙ୍କ ସାହିତ୍ୟ ସାଧନାର ନିଷ୍ଠା ଯେତିକି ପ୍ରଲୁବ୍ଧ କରିଥିଲା ତାଠାରୁ ବଳି ଆକର୍ଷଣ କରିଥିଲା ସ୍ୱର୍ଗତ ମହାରଣାଙ୍କ ଅସାଧାରଣ ଶିକ୍ଷକତା । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରି କୃତୀ ଛାତ୍ର ମହାରଣାଙ୍କ ସମ୍ପର୍କରେ ମନ୍ତବ୍ୟ ଦେଇ କହିଛନ୍ତି— "ଉଚ୍ଚାରଣ ହେଉ ବା ଭାଷାଜ୍ଞାନ ହେଉ ଇଂରାଜୀରେ ବ୍ୟୁତ୍ପତ୍ତି ନିମନ୍ତେ ମୁଁ ଚନ୍ଦ୍ରମୋହନ ବାବୁଙ୍କ ନିକଟରେ ଋଣୀ, କିନ୍ତୁ ତା'ର ଯଥାର୍ଥ ବ୍ୟବହାର କରି ପାରିନାହିଁ ।" (୧୪)

## ସାହିତ୍ୟ ଆଲୋଚନା—

ତାଙ୍କ ଲିଖିତ ପ୍ରବନ୍ଧଗୁଡ଼ିକ ଯେପରି ବିଶ୍ଳେଷଣାତ୍ମକ, ଯୁକ୍ତିଭିତ୍ତିକ ସେହିପରି ମନନଧର୍ମୀ, ତଥ୍ୟାତ୍ମକ ଓ ଉଦ୍‌ବୋଧନ ମୂଳକ । ଇଂରାଜୀ ସାହିତ୍ୟରେ ତାଙ୍କର ପାଣ୍ଡିତ୍ୟ ଥିବାରୁ ସେ ସାହିତ୍ୟ ଆଲୋଚନା ଓ ଲିଖିତ ପ୍ରବନ୍ଧମାନଙ୍କରେ ଏକ ତୁଳନାତ୍ମକ ଅଧ୍ୟୟନର ପ୍ରତିଷ୍ଠା କରିଛନ୍ତି । ସେ ବହୁ ଭାବରେ ବ୍ୟାକରଣ ସଚେତନ ଥିଲେ । ଏପରିକି କୁହାଯାଏ ସେ ତାଙ୍କ ଲେଖାଗୁଡ଼ିକୁ ସେ ପାଇଁ ବହୁବାର ସଂଶୋଧନ କରୁ-ଥିଲେ । ସେ ପାଇଁ କୌଣସି ଲେଖା ଶେଷ କରିବାକୁ ତାଙ୍କୁ ଦୀର୍ଘ ସମୟ ଲାଗୁଥିଲା । ଓଡ଼ିଶାର ପ୍ରାଚୀନ, ମଧ୍ୟଯୁଗୀୟ, ତଥା ଆଧୁନିକ ସାହିତ୍ୟ ସମାଲୋଚନାରେ ସେ ନିଜର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ, ଜ୍ଞାନ, ମନନଶୀଳତା ତଥା ସଂଶ୍ଳେଷଣାତ୍ମକ ଦୃଷ୍ଟି-ଭଙ୍ଗୀର ପରିଚୟ ଦେଇଛନ୍ତି । ସେ ଜୀବନରେ ଯଦିଓ ରାଧାନାଥଙ୍କର ଜଣେ ମୁଗ୍ଧ ପାଠକ ଥିଲେ ତଥାପି ସେ କେବେ କୌଣସି ବ୍ୟକ୍ତି ବିଶେଷଙ୍କ ସାହିତ୍ୟର ଅନ୍ଧ ସ୍ତାବକ ନଥିଲେ । ସବୁ ଯୁଗର ନିର୍ଭୀକ ତଥା ସ୍ୱାଧୀନଚେତା କବି ଓ କଳାକାରମାନଙ୍କ ପରି ପାରିବାରିକ, ସାମାଜିକ ତଥା ଆନୁଷ୍ଠାନିକ ଜୀବନରେ ସେପାଇଁ ସେ ବହୁବାର ବିପର୍ଯ୍ୟସ୍ତ ହୋଇଛନ୍ତି । ତଥାପି ଶିକ୍ଷକ ଜୀବନରେ ତଥା ସାହିତ୍ୟ ସମାଲୋଚକ ଭାବେ ସେ ନିର୍ଭୀକ ମତ ପ୍ରଦାନରୁ କ୍ଷାନ୍ତ ହୋଇ ନଥିଲେ ।

ତାଙ୍କର କଥାବଳୀ ପୁସ୍ତକ ସନ୍ନିବେଶିତ ପ୍ରବନ୍ଧଗୁଡ଼ିକ ଅଧିକାଂଶରେ ନୀତି ଉପଦେଶାତ୍ମକ ଓ ଉଦ୍‌ବୋଧନମୂଳକ । ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଏକ ଆଧ୍ୟାତ୍ମିକ ଚେତନା ପରିବର୍ଦ୍ଧିତ ହେଉ ଏହା ସେ ସର୍ବାଂତକରଣରେ କାମନା କରୁଥିଲେ ।

Digitized by srujanika@gmail.com

ଏତଦ୍‌ଭିନ୍ନ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ପରି ସାଧାରଣ ଗ୍ରାମ୍ୟ ଜୀବନର ଛବି ଆଙ୍କି ତାଙ୍କ କବିତାଗୁଡ଼ିକୁ କୋମଳମତି ଛାତ୍ରଛାତ୍ରୀମାନଙ୍କ ନିକଟରେ ଆପଣାର ଭାଷା ଭିତରେ ଅଧିକ ହୃଦ୍ୟ ଓ ହାର୍ଦ୍ଦିକ କରିପାରିଥିଲେ । ତାଙ୍କର 'ବସନ୍ତ', 'ମଲ୍ଲୀକା', 'ଶରତ', 'ମଳୟାନିଳ ପ୍ରତି', ପ୍ରଭୃତି ପ୍ରକୃତି ଚିତ୍ର ସମ୍ବଳିତ କବିତା, 'ଅପୂର୍ବ କାପୁରୁଷ ପୁରୁଷର ପତ୍ର', 'ଶଯ୍ୟାସ୍ଥ ଆଶମୁମୂର୍ଷୁ ବ୍ୟକ୍ତି', 'ମାତୃହୀନ ବାଳକର ଜନନୀ ପ୍ରତି', 'ନିର୍ଗଣ ବ୍ୟକ୍ତିର ନିଶୀଥ ନିଭୃତ ଚିନ୍ତା', 'ମାତୃବିୟୋଗ' ଆଦି କରୁଣ ରସାତ୍ମକ କବିତା ଜୀବନର ନିବିଡ଼ ଅନୁଭୂତି ଅଥବା ଅଭିଜ୍ଞାନ ଉପରେ ଆଧାରିତ । ଫକୀର ମୋହନ, ରାଧାନାଥ, ଶଶିଭୂଷଣ ଓ ବୈକୁଣ୍ଠ ନାଥ ଦେ ପ୍ରଭୃତି ସାହିତ୍ୟିକ ଓ କଳାପ୍ରାଣ ବ୍ୟକ୍ତି ଚନ୍ଦ୍ରମୋହନ ମହାରଣାଙ୍କୁ ବହୁଭାବରେ ପ୍ରଭାବିତ କରିଛନ୍ତି । ଶବ୍ଦ ଗୁମ୍ଫନ ତଥା ପ୍ରକୃତି ଚିତ୍ରଣରେ ରାଧାନାଥଙ୍କ ପ୍ରଭାବ ଚନ୍ଦ୍ରମୋହନ ବାବୁଙ୍କ କବିତାରେ ସ୍ଥାନେ ସ୍ଥାନେ ପରିଲକ୍ଷିତ ହୁଏ ।

"ଛୁଡ଼ ଛୁଡ଼ ଶୀତ ହେଲଣି ଅତୀତ
ଗ୍ରୀଷ୍ମ ମାଡ଼ ଆସି ନାହିଁ
ଶ୍ରାବଣେ ଦୁର୍ଗମ ବରଷା କର୍ଦ୍ଦମ
ବହୁଦୂରେ ଅଛୁ କାହିଁ ?
ଆକାଶ ବିମଳ ଚନ୍ଦ୍ରମା ବିମଳ
ବିମଳ ତାରକା ପୁଞ୍ଜ
ସ୍ୱଚ୍ଛ ସରୋବର ନଦୀଙ୍କର ନୀର
ସୁରଭି ସୁଚିତ୍ର କୁଞ୍ଜ ।"

ରାଧାନାଥଙ୍କ ପ୍ରଭାବର ଆଉ ଏକ ଦୃଷ୍ଟାନ୍ତ ତାଙ୍କର 'ଖଣ୍ଡଗିରି' କବିତା—

ମନରେ ପ୍ରବଳ ହେଲା ଏହି ଅଭିଳାଷ
କରିବି କୋଳରେ ତୋ'ର ମୁହିଁ ସଦାବାସ
ପାବନ ମୋହନ କୋଳ ତୋ'ର ନ ତେଜିବି
ଜଗତର କୋଳାହଳେ ଆଉ ନ ପଶିବି ।

କେବଳ ରାଧାନାଥୀ କାବ୍ୟାଦର୍ଶ ନୁହେଁ, ଭାଷା ଓ ଛନ୍ଦ ଦୃଷ୍ଟିରୁ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟାଦର୍ଶକୁ ମଧ୍ୟ ସେ ଅତି ଶ୍ରଦ୍ଧାର ସହିତ ଅନୁସରଣ କରିଛନ୍ତି । ତାଙ୍କର ପ୍ରକୃତି ବର୍ଣ୍ଣନା ସମ୍ବଳିତ କବିତାଗୁଡ଼ିକ ଏଠାରେ ଦ୍ରଷ୍ଟବ୍ୟ ।

ନିଶାରେ
ଅଜସ୍ର ତୁଷାର ବର୍ଷିଲା
ଧଳା ଭସ୍ମ ବୋଳା ତପସ୍ୱୀ ମହଲା
ପରାଏ ଯାମିନୀ ଦିଶିଲା ।

Digitized by srujanika@gmail.com

କମଳ ଜୀବନ ଲଭିଲା ନିଧନ
ଶିଶିର ପରଶେ ଘୋଡ଼ଣ
ଦଣେ ହତଶିରୀ ସରସୀ ଯେସନ
ବିଧବା ଭୂଷଣ ବଜ୍ଜିନ
ଏକାଳେ
ବପିନେ ଅଶୋଭା ହୋଇଲା,
କେତେ କେତେ ତରୁ ଲତାର ଅଙ୍ଗରୁ
ପକ୍ୱ ପତ୍ର ଖସି ଝଡ଼ିଲା ।''

( ଶିଶିର )

ବର୍ଷା, ବସନ୍ତ, ଗ୍ରୀଷ୍ମ, ଶୀତ ପ୍ରତ୍ୟେକ ଋତୁର ଚିତ୍ର ଅଙ୍କନ କରି ସ୍ୱର୍ଗତ ମହାରଣା ନିଜର କଳ୍ପନା ଶକ୍ତି ଓ ପ୍ରକୃତିପ୍ରାଣତାର ପରିଚୟ ଦେଇଛନ୍ତି । ହେମନ୍ତ ଋତୁର ଚିତ୍ର ଅଙ୍କନ କରି କବି ଲେଖିଛନ୍ତି—

"ସହସ୍ର ଶତବର୍ଗ କୁସୁମ ଫୁଟେ
ରମ୍ୟ କନକ କାନ୍ତି ଯେହ୍ନ ପ୍ରକଟେ
ଛବିଲ ପତଙ୍ଗମ ପାଙ୍ଗତି ତହିଁ
ବହର ପରତୋଷେ ମଧୁ ଭୁଞ୍ଜଇ ।''

( ହେମନ୍ତ )

ଶରତ ଋତୁର ଚିତ୍ର :—

"ବିମଳ ସରସୀ ସଲିଳେ
ଶୁଭ୍ର ମରାଳ ପନ୍ତି
ସମୀରଣ ଲୋଳ ଲହରୀ
ମାଳେ ରଙ୍ଗେ ଦୋଳନ୍ତି ।''

( ଶରତ )

ଉପସଂହାର :—

ନିମ୍ନ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ପାଇଁ ସେ ମୁଖ୍ୟତଃ ପାଠ୍ୟ ପୁସ୍ତକ ରଚନା କରିଥିଲେ ହେଁ ତଥା ତାଙ୍କର ଉଭୟ ଗଦ୍ୟ ଓ ପଦ୍ୟ ରଚନା ତଥ୍ୟ ଜ୍ଞାପକ, ତଥା ବିଜ୍ଞାନ ପ୍ରସ୍ତରକ ହୋଇଥିଲେ ହେଁ ସେଗୁଡ଼ିକରେ କଳାତ୍ମକତା ଓ ଏକ ପରିଚ୍ଛନ୍ନ ଛିତାଙ୍ଗ ବ୍ୟକ୍ତିନିଷ୍ଠ ଶୈଳୀ ଚିହ୍ନିତ ହୋଇଛି । ସେ

Digitized by srujanika@gmail.com

ସମୟରେ ପୂର୍ବବର୍ତ୍ତୀ କବିମାନଙ୍କ ଦ୍ୱାରା ଯେ କେବଳ ଅନୁପ୍ରାଣିତ ହୋଇ ନ ଥିଲେ । ବରଂ ଗଦ୍ୟରେ ସେ ଏକ ସାଧାରଣ, ସ୍ୱାଭାବିକ ତଥା ସହଜ ଶୈଳୀ ସୃଷ୍ଟି କରିଥିଲେ । ସେ ପାଇଁ ତାଙ୍କର ଗଳ୍ପଗୁଡ଼ିକ ଅଧିକ ଚରିତ୍ରଧର୍ମୀ ଓ ପ୍ରାଣବନ୍ତ । ଇଂରାଜୀ ଶିଶୁଗଳ୍ପ ଗ୍ରନ୍ଥାରେ ମଧ୍ୟ ସେ ଅଧିକାଂଶ ଗଳ୍ପ ଓ କାହାଣୀ ରଚନା କରିଛନ୍ତି । ପାଠ୍ୟପୁସ୍ତକ ପ୍ରଣୟନ କରିବାରେ ସେ ଯଦିଓ ମନୋନିବେଶ କରିଥିଲେ ତଥାପି ସ୍ୱତଃସ୍ଫୂର୍ତ୍ତି ଭାବେ କାବ୍ୟ କବିତା ପ୍ରଣୟନ କରିବାରେ ତାଙ୍କର କୃତିତ୍ୱ ଚିହ୍ନିତ । ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟମାନଙ୍କରେ ତାଙ୍କର ଇତିହାସ ପ୍ରବନ୍ଧ ଓ ତାଙ୍କର ପ୍ରଦତ୍ତ ଅଭିଭାଷଣ ମୁଦ୍ରିତ ହୋଇ ଉଚ୍ଚ ଶ୍ରେଣୀମାନଙ୍କରେ ପାଠ୍ୟରୂପେ ଗୃହୀତ ହୋଇଛୁ । ୧୯୧୬ ମସିହାରେ ଘର ପୋଡ଼ିରେ ତାଙ୍କର ୪୦ ଖଣ୍ଡରୁ ଅଧିକ ପାଣ୍ଡୁଲିପି ନଷ୍ଟ ହୋଇ ଯାଇଥିଲା । ମାଲି ମୋକଦ୍ଦମା, ନିଜର ଶାରୀରିକ ଅସୁସ୍ଥତା ତଥା ପତ୍ନୀ ବିୟୋଗ ଜନିତ ଦୁଃଖ ତାଙ୍କୁ ଅବସନ୍ନ କରି ପକାଇଥିଲା । ଦୀର୍ଘଦିନ ଧରି ରୋଗଗ୍ରସ୍ତ ହେଲା ପରେ ୧୯୨୯ ମସିହା ଚୈତ୍ର ଅମାବାସ୍ୟା ଦିନ ତାଙ୍କର ପରଲୋକ ହୋଇଥିଲା ।

Digitized by srujanika@gmail.com

# ଅଭିମତ

## (ସୁରେନ୍ଦ୍ର ମହାନ୍ତିଙ୍କ 'ଓଡ଼ିଆ ସାହିତ୍ୟର କ୍ରମବିକାଶ'ରୁ ସଂଗୃହୀତ)

ରାଧାନାଥ ଯୁଗର ସୁସାହିତ୍ୟିକ ଚନ୍ଦ୍ରମୋହନ ମହାରଣା, ସ୍ୱେଚ୍ଛାକୃତ ଭାବରେ ସାହିତ୍ୟ କ୍ଷେତ୍ରରୁ ବିଦାୟ ନେବାର କୈଫିୟତ୍ ଦେଇ 'ଉତ୍କଳ-ସାହିତ୍ୟ' ( ୧୩୦୯-୧୩୧୦ ସାଲ ) ୬ଷ୍ଠ ଭାଗ, ୩ୟ ସଂଖ୍ୟାରେ 'କୈଫିୟତ୍' ଶୀର୍ଷକ ଏକ ପତ୍ରରେ ଲେଖିଥିଲେ—

"ଆପଣ ମୋତେ ଉତ୍କଳ-ସାହିତ୍ୟ ପତ୍ରିକାରେ ଲେଖିବା ପାଇଁ ପତ୍ର ଦ୍ୱାରା ଓ ମୌଖିକ ଅନେକଥର ଅନୁରୋଧ କରିଛନ୍ତି ଏବଂ ମୁଁ ନ ଲେଖିବାରୁ ବ୍ୟଥିତ ହୋଇଛନ୍ତି । × × × ଯେଉଁ କାରଣରୁ ମୁଁ ଲେଖିବାର ଅଭ୍ୟାସ ପରିତ୍ୟାଗ କରିଅଛି, ତାହା ମୁଁ ବର୍ତ୍ତମାନ ଆପଣଙ୍କଠାରେ ବ୍ୟକ୍ତ କରିବାକୁ ଅସମର୍ଥ । × × ଉତ୍କଳର ଆଧୁନିକ ଅବସ୍ଥା ସାହିତ୍ୟ ବିକାଶର ଅନୁକୂଳ ନୁହେଁ ସମ୍ପୂର୍ଣ୍ଣ ଭାବରେ ନହେଲେ, ବହୁ ପରିମାଣରେ × × ସୁତରାଂ ଉଦ୍ଦୀପନାର ଅଭାବରେ, ଭାବର ଅଭାବରେ ପ୍ରକୃତ କାବ୍ୟ କବିତା ପ୍ରଭୃତି ଅସମ୍ଭବ । ଏ ପ୍ରଦେଶର ଲୋକେ ପ୍ରଗାଢ଼ ଅଧ୍ୟବସାୟ ସହକାରେ ନାନା ଶାସ୍ତ୍ରାଲୋଚନା, ଉଚ୍ଚ ବିଷୟ ଚିନ୍ତନ ଏବଂ ବିଦ୍ୟା ବାଣିଜ୍ୟ ପ୍ରଭୃତି ଉଦ୍ଦେଶ୍ୟରେ ବିଦେଶ ଗମନ କରି 'ଦ୍ୱିଜତ୍ୱ' ଲାଭ ନକଲେ, ସାହିତ୍ୟ ବିକାଶ ପକ୍ଷରେ ଅନୁକୂଳ ପବନର ଆଶା ଦୂରପରାହତ । ଆଳସ୍ୟ ଓ ବ୍ୟସନରେ ଉତ୍କଳ ବର୍ତ୍ତମାନ ଜଡ଼ୀଭୂତ । ଯେଉଁ ଉତ୍କଳୀୟମାନେ କୃତୀ ବା କୃତକଳ୍ପ ବୋଲି ଗଣ୍ୟ, ସେମାନେ ଏ ଦୁଇଟି ଶିକୁଳିରୁ ଆପଣାକୁ ବିମୁକ୍ତ ନ କଲେ, ଉତ୍କଳର ଜଡ଼ତ୍ୱ ଘୁଞ୍ଚିବ ନାହିଁ । ଏ ପ୍ରଦେଶ ବିଦ୍ୟା ଗୌରବରେ ମଣିସ୍ଥାନ୍ ଓ ଧନ ବଳରେ ବଳୀସ୍ଥାନ୍ ହୋଇ ପାରିବ ନାହିଁ ।"

ଆଜକୁ ପ୍ରାୟ ସାତ ଦଶନ୍ଧି ପୂର୍ବେ ଚନ୍ଦ୍ରମୋହନ, ଓଡ଼ିଆ ସାହିତ୍ୟର ଗତି ଓ ପ୍ରକୃତି ସମ୍ପର୍କରେ ଯେଉଁ ଅଭିମତ ପୋଷଣ କରିଥିଲେ, ତାହା ଆଜି ସପ୍ତ ଦଶକରେ ସୁଦ୍ଧା ଅତି ମର୍ମନ୍ତୁଦ, କଠୋର ଭାବରେ ସତ୍ୟ, ଏଥିରେ ସନ୍ଦେହ ନାହିଁ । ସୃଷ୍ଟି ପ୍ରାଚୁର୍ଯ୍ୟ ଦୃଷ୍ଟିରୁ ଓଡ଼ିଆ ସାହିତ୍ୟ, ଅନ୍ୟ ଭାରତୀୟ ଭାଷା ସାହିତ୍ୟ ତୁଳନାରେ ଅବଶ୍ୟ ନ୍ୟୂନ ନୁହେଁ । କିନ୍ତୁ ଭାବ ସମ୍ପଦ ଦୃଷ୍ଟିରୁ ଏହା କେଉଁ ପରିମାଣରେ ସତ୍ୟ, ତାହା

Digitized by srujanika@gmail.com

ବିସ୍ମୃତିର ବିଷୟ । 'ଭାବର ଅଭାବ' ସାମ୍ପ୍ରତିକ ଓଡ଼ିଆ ସାହିତ୍ୟର ଗୁଣାତ୍ମକ ବିକାଶକୁ ବାଧାଗ୍ରସ୍ତ କରି ରଖିଛି ଅସ୍ୱୀକାର କରିବାର ଉପାୟ ନାହିଁ । କୂପ ମଣ୍ଡୁକତା ମଧ୍ୟରେ ଜାତୀୟ ବୌଦ୍ଧିକ ଚେତନା ନିମଜ୍ଜିତ ଥିବା ପର୍ଯ୍ୟନ୍ତ, ଏ ପ୍ରତିବନ୍ଧକକୁ ଅତିକ୍ରମ କରି 'ଦ୍ୱିଜତ୍ୱ' ଲାଭର ଉପାୟ ନାହିଁ ।

ପାରିପାର୍ଶ୍ୱିକ ସମାଜ ଓ ବାତାବରଣରୁ ସାହିତ୍ୟ ପ୍ରାଣ ଶକ୍ତି ଆହରଣ କରିଥାଏ । ଅସ୍ମମାନଙ୍କର ଜାତୀୟ ଜୀବନରେ ସ୍ପନ୍ଦନ ଘୂର୍ଣ୍ଣନ ଓ ମନ୍ଥନର ଅଭାବ ଯେଉଁ ଜଡ଼ତା ସୃଷ୍ଟି କରିଛି ସାହିତ୍ୟରେ ତାହି ହିଁ, କେବଳ ପ୍ରତିଭାତ ହୋଇଛି । ସାମ୍ପ୍ରତିକ ସାହିତ୍ୟ କୌଣସି ନୂତନ ଭାବଧାରା ଓ ଚେତନାର ବାହନ ହୋଇ ପାରି-ନାହିଁ । ବକ୍ତବ୍ୟ ଅଭାବରେ ଶୈଳୀ ଓ ଆଙ୍ଗିକ ହିଁ କେବଳ ହୋଇଛି ସାହିତ୍ୟର ପୁଞ୍ଜି । ସେଥିପାଇଁ ସାହିତ୍ୟ ଯେ ସମାଜଠାରୁ ସମ୍ପର୍କଚ୍ୟୁତ ହୋଇ ପଡ଼ିଛି, ସେଥିରେ ବିସ୍ମିତ ହେବାର କିଛି ନାହିଁ । କିନ୍ତୁ ଆଙ୍ଗିକର ସବୁ ଚମତ୍କାରିତା ସତ୍ତ୍ୱେ, ବ୍ୟକ୍ତବ୍ୟ ହିଁ କାଳାତିଶାୟୀ ସାହିତ୍ୟର ପ୍ରାଣ । ସାହିତ୍ୟରେ ଶବ୍ଦ ସବୁ କେବଳ ଶବ୍ଦ ନୁହନ୍ତି— ସେମାନେ ଗୋଟିଏ ଗୋଟିଏ ଭାବ ସ୍ପନ୍ଦନ ବା ଆଇଡ଼ିଆର ପ୍ରତିରୂପ । ସାହିତ୍ୟରେ ଯେତେ ଯଦି ବକ୍ତବ୍ୟ ବା ଭାବ ସ୍ପନ୍ଦନ ନ ରହିଲା, ତା ହେଲେ ସେ ସବୁ ମନୋରଞ୍ଜନ ଧର୍ମୀ ରଚନା ବା ଅନ୍ୟ କିଛି ହୋଇପାରେ ; କିନ୍ତୁ ସାହିତ୍ୟ ପଦବାଚ୍ୟ ହୋଇ ପାରିବ ନାହିଁ କିମ୍ବା ପାଠକର ଚେତନାରେ ରେଖାପାତ କରି ପାରିବ ନାହିଁ । ଜାଁ ପାଲ୍ ସାର୍ତ୍ତ ଯଥାର୍ଥରେ ଲେଖିଛନ୍ତି........"Are we not in the habit of putting this basic question to young people who are thinking of writing." "Do you have anything to say ?" Which means, something which is worth the trouble of being communicated. (୧) ବକ୍ତବ୍ୟ ଅଭାବ ସାମ୍ପ୍ରତିକ ଓଡ଼ିଆ ସାହିତ୍ୟର ଗୁଣାତ୍ମକ ବିକାଶକୁ ବହୁ ପରିମାଣରେ ବାଧାଗ୍ରସ୍ତ କରି ଦେଇଛି । ଦୁର୍ବୋଧତାର ଆବରଣକୁ ସାମ୍ପ୍ରତିକ ସାହିତ୍ୟ ପରିଣତ କରିଛି ଯେତେ ଏକ ଆଭରଣରେ । ଏହାର ଫଳଶ୍ରୁତି ସ୍ୱରୂପ, ସାହିତ୍ୟ କ୍ରମେ ଅବାନ୍ତର ହୋଇ ଉଠିଛି । ଅନ୍ୟ ଭାରତୀୟ ଭାଷା ଓ ସାହିତ୍ୟ, ଏ ଦୁର୍ଗତି ଓ ବିକୃତିରୁ ଯେ ମୁକ୍ତ ତାହା ମଧ୍ୟ କହି ହେବନାହିଁ । ତେବେ ଭାବର ଅଭାବ ସାମ୍ପ୍ରତିକ ଓଡ଼ିଆ ସାହିତ୍ୟରେ ଅତ୍ୟନ୍ତ ଉତ୍କଟ ।

---

(୧) What is Literature— Jean Faul Sartre— ପୃ ୧୩ ।

Digitized by srujanika@gmail.com

# ଗୁରୁଦେବ ଚନ୍ଦ୍ରମୋହନ

ଶ୍ରୀଧର ଦାସ

ଖୁବ୍ ସମ୍ଭବ ୧୯୨୯ ମସିହା, ମୁଁ ନିକଟରେ ଅଷ୍ଟମରୁ ନବମ ଶ୍ରେଣୀକୁ ଉଠିଥାଏଁ । ଶୁଣିଲୁ, ଚନ୍ଦ୍ରମୋହନ ମହାରଣା ଆମର ହେଡମାଷ୍ଟର ହୋଇ ଆସୁଛନ୍ତି । ମନରେ ଭୟ ହେଲା । ଥରେ 'ଉତ୍କଳ ସାହିତ୍ୟ'ରେ ତାଙ୍କର ଯୌବନ-କାଳୀନ ଛବି ବାହାରି ଥିଲା ; କି ଜଣ ! ମୁହଁ କେତେ ତେଜସ୍ୱାନ୍ ; ପୁଣି ପୁରୀ ଜିଲ୍ଲା ସ୍କୁଲରେ ସେ ତାହା ପୂର୍ବରୁ ଶିକ୍ଷକତା କରିଥିଲେ । ତାଙ୍କର ତତ୍କାଳୀନ ଛାତ୍ର-ମାନଙ୍କଠାରୁ ଶୁଣିଥିଲୁ ଯେ ଚନ୍ଦ୍ରମୋହନ ବାବୁ ଭୀଷଣ ରାଗୀ, ପିଲାମାନଙ୍କୁ କଠୋର ଦଣ୍ଡ ଦିଅନ୍ତି ।

କିନ୍ତୁ ଯେତେବେଳେ ଚନ୍ଦ୍ରମୋହନ ବାବୁଙ୍କୁ ସ୍ୱଚକ୍ଷୁରେ ଦେଖିଲୁ, ସେତେ-ବେଳକୁ ତାଙ୍କର ରୂପ ସହିତ ଉତ୍କଳ ସାହିତ୍ୟରେ ପ୍ରକାଶିତ ଛବିର କିଛି ସାଦୃଶ୍ୟ ନଥିଲା । ସେତେବେଳକୁ ତାଙ୍କର ବୟସ ପ୍ରାୟ ପଚାଶ ବର୍ଷ, ମଥାରେ ପ୍ରାୟ ସମସ୍ତ କେଶ ଧଳା, ନିଶ ମଧ୍ୟ ଧଳା । ମୁଁ ହଷ୍ଟେଲରେ ଥାଏଁ, ବୋର୍ଡିଂ ହତା ଭିତରେ ହେଡମାଷ୍ଟରଙ୍କର ବସା । ତେଣୁ ତାଙ୍କୁ ନିକଟରୁ ଦେଖିବାର ସୁଯୋଗ ପାଉଥିଲୁ । ସ୍କୁଲକୁ ଗଲାବେଳେ ସେ ଧଳା ରଙ୍ଗର ପ୍ୟାଣ୍ଟ ଓ କୋଟ୍ ପିନ୍ଧୁଥିଲେ ; କିନ୍ତୁ ଘରକୁ ଆସିଲାକ୍ଷଣି ତାକୁ ବଦଳି ଗେରୁଆ ଲୁଗା ପିନ୍ଧୁଥିଲେ । ସନ୍ଧ୍ୟା ସମୟରେ ଗେରୁଆ ଲୁଗା ପିନ୍ଧି," ସେହି ଲୁଗାର ଗୋଟିଏ କାନି କାନ୍ଧରେ ପକାଇ ଅନେକଥର ସେ ସଡକରେ ଟହଲୁ ଥିବାର ମନେ ପଡୁଛି । ତାଙ୍କର ଦେହ ସିନା ମଇଳା ଯାଇଥିଲା ; ମନଟା ବୋଧହୁଏ ମଇଳା ନଥିଲା । ସ୍କୁଲରେ ଛାତ୍ରମାନେ ତ ତାଙ୍କୁ ଡରୁଥିଲେ, କେତେକ ଶିକ୍ଷକ ମଧ୍ୟ ଭୟରେ ତାଙ୍କଠାରୁ ନିଜକୁ ଦୂରରେ ରଖୁଥିଲେ ।

ସେ ସ୍କୁଲରେ ହେଡମାଷ୍ଟର ଦାୟିତ୍ୱ ନେବାର ଅଳ୍ପଦିନ ପରେ ଦିନେ ଆମ କ୍ଲାସ ପରିଦର୍ଶନ କରିବାକୁ ପଶିଗଲେ । ପଣ୍ଡିତ ଜଗନ୍ନାଥ ରଥ ସଂସ୍କୃତ ପଢାଉଥିଲେ । ଚନ୍ଦ୍ରମୋହନ କଟକ ଟ୍ରେନିଂ ସ୍କୁଲର ହେଡମାଷ୍ଟର ଥିଲାବେଳେ ଏହି ଜଗନ୍ନାଥ ରଥେ କେଉଁଠି ତାଙ୍କର ଛାତ୍ର ଥିଲେ । କ୍ଲାସରେ ସଂସ୍କୃତ ପାଠ୍ୟପୁସ୍ତକର କେତୋଟି ବାକ୍ୟର ଅର୍ଥ ପଚାରିଲେ । ଛାତ୍ରଙ୍କଠାରୁ ଉତ୍ତର ପାଇଲେ । ସେହି ବାକ୍ୟ ମଧ୍ୟରେ ଏକ ବଚନ ଅର୍ଥରେ·ବହୁ ବଚନର ବ୍ୟବହାର ଥିଲା । ଚନ୍ଦ୍ରମୋହନ ପ୍ରଶ୍ନ

Digitized by srujanika@gmail.com

କଲେ । "ଏଠାରେ ବହୁ ବଚନ ହେବାର କାରଣ କଅଣ ?" କେହି ଉତ୍ତର ଦେଲେ ନାହିଁ । ପଛ ବେଞ୍ଚରୁ ମୁଁ ଉତ୍ତର କଲି, "ସାର୍ ମାନ୍ୟାର୍ଥେ ବହୁବଚନ ।" ତାହାପରେ ଆଦେଶ ହେଲା, "You come here." ସେ ଗମ୍ଭୀର ନିର୍ଘୋଷରେ ମୋର ହୃତ୍‌କମ୍ପ । ଧୀର ଧୀର ଟେବୁଲ ପାଖକୁ ଆସିଲି । ଏଣିକି ତାଙ୍କର ପ୍ରଶ୍ନର ଗତି ବଦଳିଲା । ଘର କେଉଁଠି, ଘରେ କିଏ କିଏ ଅଛନ୍ତି, ଆର୍ଥିକ ଅବସ୍ଥା କିପରି, ପୂର୍ବରୁ କେଉଁଠାରେ ପଢ଼ିଥିଲି ଇତ୍ୟାଦି । ମୁଁ ଭୀତଚକିତ ଭାବରେ ପ୍ରଶ୍ନଗୁଡ଼ିକର ଉତ୍ତର ଦେଲି । ତାହା ପରେ ମୂଳ ପ୍ରଶ୍ନକୁ ଫେରି ଆସି ପଚାରିଲେ, "ତୁମେ ମାନ୍ୟାର୍ଥ କହିଲ ; ଆଗ୍ର କି ପଦ ?" ମୁଁ ଉତ୍ତର ଦେଲି, "ବିଶେଷଣ ।" ପୁଣି ପ୍ରଶ୍ନ ହେଲା, "ମାନ୍ୟର ଅର୍ଥ କଅଣ ?" ମୋର ଉତ୍ତର, "ମାନ ଅର୍ଥାତ୍ ସମ୍ମାନର ଯୋଗ୍ୟ ।" ପ୍ରଶ୍ନ , ତେବେ ଅର୍ଥଟା ହେଉଛି ସମ୍ମାନର ଯୋଗ୍ୟ ? ଏତେବେଳକୁ ମୋର ଭୁଲ ବୁଝି ପାରିଲି । ମୁଁ କହିଲି, "ସାର୍, ମାନ୍ୟାର୍ଥେ ହେବ ନାହିଁ, ସମ୍ମାନାର୍ଥେ ହେବ ।" "ହଁ, ସମ୍ମାନାର୍ଥେ କହିବ, ଗୌରବାର୍ଥେ ମଧ୍ୟ କହିପାର ।" ନିଜ ସ୍ଥାନକୁ ଯିବାର ଆଦେଶ ପାଇଲି, ମନେ କଲି ଗୋଟାଏ ଭୟଙ୍କର ବିପଦରୁ ଗାଡ଼ି ମିଳିଲା ।

ବୋର୍ଡିଂର ମନିଟର ହୋଇଥିବାରୁ ମୋତେ ସମୟେ ସମୟେ ତାଙ୍କ ପାଖକୁ ଯିବାକୁ ହେଉଥିଲା, କାରଣ ସେ ଥିଲେ ବୋର୍ଡିଂର ସୁପରିଣ୍ଟେଣ୍ଡେଣ୍ଟ ମଧ୍ୟ । ସେ ବର୍ଷ ସ୍କୁଲର ପୁରସ୍କାର ବିତରଣ ସଭା ପୂର୍ବରୁ ଅଷ୍ଟମଠାରୁ ଏକାଦଶ ଶ୍ରେଣୀର ଛାତ୍ରମାନଙ୍କ ମଧ୍ୟରେ ଇଂରେଜୀରେ ଗୋଟିଏ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ହେଲା । ସେହିପରି ପ୍ରତିବର୍ଷ ହୋଇଥାଏ । ଅବଶ୍ୟ ଏଥିରେ ଯୋଗ ଦେବା ବାଧ୍ୟତାମୂଳକ ନଥିଲା । ମୋଟରେ ପ୍ରାୟ ତିରିଶ ଜଣ ପ୍ରତିଯୋଗୀ ଥିଲେ । ଯିଏ ପ୍ରଥମ ସ୍ଥାନ ଅଧିକାର କରୁଥିଲା ତାକୁ ନାମ ଲିଖିତ ଗୋଟିଏ ରୌପ୍ୟ ପଦକ ଦିଆଯାଉଥିଲା ଓ ଦ୍ୱିତୀୟ ସ୍ଥାନ ଅଧିକାରୀକୁ ପନ୍ଦର ଟଙ୍କା ମୂଲ୍ୟର ପୁସ୍ତକର ପୁରସ୍କାର ମିଳୁଥିଲା । ପଦକଟିର ନାମ **Harischandra Ghosh Memorial Medal** ଥିଲା । ସେ ବର୍ଷ ମୁଁ ପ୍ରଥମ ହୋଇ ପଦକ ପାଇଥିଲି । ସ୍କୁଲର ଅନ୍ୟତମ ଶିକ୍ଷକ ଶ୍ରୀ ହରେକୃଷ୍ଣ ମହାପାତ୍ରଙ୍କ-ଠାରୁ ଶୁଣିଥିଲି ଯେ ମୁଁ ସେହି ପ୍ରବନ୍ଧ ଲିଖନରେ ଶତକଡ଼ା ପଚାଶରୁ କମ୍ ନମ୍ବର ପାଇଥିଲି, ତେଣୁ ପଦକର ସ୍ଥାପୟିତା ପଦକ ଦେବାକୁ କୁଣ୍ଠା ପ୍ରକାଶ କରିଥିଲେ, କିନ୍ତୁ ଚନ୍ଦ୍ରମୋହନ ବାବୁ ଯୁକ୍ତି କରିଥିଲେ— ଯେଉଁ ନବମ ଶ୍ରେଣୀର ପିଲା ଏକାଦଶ ଶ୍ରେଣୀର ପିଲାଙ୍କଠାରୁ ମଧ୍ୟ ଭଲ ଫଳ ଦେଖାଇଛି ତାକୁ ପଦକ ଦେବା ଉଚିତ୍ । ଫଳରେ ମୁଁ ପଦକ ପାଇଥିଲି । ଏହାର ପରବର୍ତ୍ତୀ ଦୁଇବର୍ଷ ମଧ୍ୟ ମୁଁ ସେହି ପଦକ ପାଇଥିଲି । ଏବେ ମଧ୍ୟ ପଦକଗୁଡ଼ିକ ମୋ ପାଖରେ ଅଛି । ଆହୁରି ଆଶ୍ଚର୍ଯ୍ୟର କଥା ସେ ବର୍ଷ ମୁଁ ଯେଉଁ ବହିଗୁଡ଼ିକ ପୁରସ୍କାର ସ୍ୱରୂପ ପାଇଥିଲି, ସେଗୁଡ଼ିକ ନିଜେ

Digitized by srujanika@gmail.com

ଚନ୍ଦ୍ରମୋହନ ବାବୁ ବାଛି ଦେଇଥିଲେ ବୋଲି ହରେକୃଷ୍ଣ ବାବୁ କହୁଥିଲେ । ସେଥି ମଧ୍ୟରେ Complete works of Shakespeare, Plain Living and High thinking, Student's Manual smiles character ପ୍ରଭୃତି ଅନ୍ତର୍ଗତ ହେଲା ।

ଚନ୍ଦ୍ରମୋହନଙ୍କର ଗୋଟିଏ ମହାନ୍ ଦୋଷ ବା ଗୁଣ ଥିଲା, ପଢ଼ାଇବା ବେଳେ ପାଠର ଦୁଇଗୁଣ ଧାଡ଼ି ପଢ଼ାଉ ପଢ଼ାଉ ପିରିଅଡ୍ ସରି ଯାଉଥିଲା । ଗୋଟିଏ ଗୋଟିଏ ଶବ୍ଦ ବା ବାକ୍ୟ ଉପରେ ସେ ସବୁ ଦିଗରୁ ଆଲୋଚନା କରୁଥିଲେ । ଖାଲି ଶବ୍ଦର ଅର୍ଥ କହିଦେବାରେ ସେ ସନ୍ତୁଷ୍ଟ ନଥିଲେ । ତାର ଅର୍ଥ, ବ୍ୟବହାର, ତାଦୃଶ ଶବ୍ଦ, ଶବ୍ଦ ବା ବାକ୍ୟର ଐତିହାସିକ ସମ୍ପର୍କ, ଭୌଗଳିକ ତଥ୍ୟ ଇତ୍ୟାଦି କିଛି ବାକି ରହୁ ନଥିଲା । ଥରେ ଆମମାନଙ୍କ ଅନୁରୋଧରେ ସେ 'ଚିଲିକା' କାବ୍ୟ ପଢ଼ାଇବାକୁ ରାଜି ହୋଇଥିଲେ । ଘଣ୍ଟାକରେ ଦୁଇଧାଡ଼ି ସରି ପାରି ନଥିଲା । ତାଙ୍କର ଏ ପ୍ରକାର ଅଧ୍ୟାପନାରେ ପାଠ୍ୟ ପୁସ୍ତକ କଦାପି ସରିବାର ସମ୍ଭାବନା ନଥିଲା । କିନ୍ତୁ କିଛିଦିନ ଧରି ତାଙ୍କ ପାଠ ଦାନକୁ ମନୋଯୋଗ ଦେଇ ଶୁଣିଲେ ଯେ କୌଣସି ଛାତ୍ର ନିଜେ ନିଜେ ବହି ଶେଷ କରି ପାରିବ । ସେ ଛାତ୍ରଙ୍କୁ ପାଠ ପଢ଼ିବାର ଶକ୍ତି ଦେଉଥିଲେ, ନିଜେ ଆମୂଳ ଚୂଳ ପଢ଼ାଇବା ଦରକାର ମନେ କରୁ ନଥିଲେ ।

ସେ ଅଳ୍ପ କେତେମାସ ଆମର ହେଡ୍‌ମାଷ୍ଟର ହୋଇଥିଲେ । ତାଙ୍କର ମଧ୍ୟମ ପୁତ୍ର ଲୋକନାଥ ମୋର ସହପାଠୀ ଥିଲେ । ହାୟ, ସେ ଏବେ ନାହାନ୍ତି । ଆମ ଦୁହିଁଙ୍କ ଭିତରେ ପ୍ରଗାଢ଼ ବନ୍ଧୁତା ଥିଲା । ଲୋକନାଥଙ୍କର ସାନ ଭାଇ ଶରତ ସେତେବେଳେ ଆମଠାରୁ ୨-୩ଟି ଶ୍ରେଣୀ ତଳେ ଥିଲେ । ଚନ୍ଦ୍ରମୋହନ ବାବୁ ପୁରୀ ଜିଲ୍ଲା ସ୍କୁଲରୁ ବାଲେଶ୍ୱର ଜିଲ୍ଲା ସ୍କୁଲକୁ ବଦଳି ହେବା ପରେ କେତେକ ଦିନ ଯାଏ ଲୋକନାଥଙ୍କ ସଙ୍ଗେ ମୋର ପତ୍ରାଳାପ ଥିଲା । ଚନ୍ଦ୍ରମୋହନଙ୍କର ପୁରୀରୁ ବିଦାୟ ଆକସ୍ମିକ ଥିଲା । ଏପରିକି ସେ ସ୍କୁଲର ଦାୟିତ୍ୱ ହସ୍ତାନ୍ତର କରିବା ପରେ ଆମେ ସେ କଥା ଶୁଣିଲୁ । ସେହିଦିନ ରାତିରେ ଆମେ ହଷ୍ଟେଲ ଛାତ୍ରମାନେ ଗୋଟିଏ ବିଦାୟ ସଭା କଲୁ । କୁଣ୍ଠିତ ଭାବରେ ସେ ସଭାରେ ଯୋଗ ଦେବାକୁ ସ୍ୱୀକୃତ ହେଲେ । ହଷ୍ଟେଲ ସାମନାରେ ଥିବା ଖୋଲା ବାଲି ପଡ଼ିଆରେ ସଭା ହେଲା । କେତେଜଣ ଛାତ୍ର ତାଙ୍କର ଗୁଣ କୀର୍ତ୍ତନ କଲେ । ସଭାଶେଷରେ କିଛି ଉପଦେଶ ଦେବାପାଇଁ ତାଙ୍କୁ ଅନୁରୋଧ କରାଗଲା । ସେ ଏତିକି ମାତ୍ର କହିଲେ—"ମୁଁ ଆଶା କରୁଛି, ତୁମ୍ଭମାନଙ୍କର ଚରିତ୍ର ଏପରି ହେବ, ଯେପରି ତୁମର ଶତ୍ରୁ ଖୁଜିବା ସେଥିରେ, ଦୋଷ ଖୋଜି ନପାଉ ।" ବୋଧହୁଏ, ଅନ୍ୟ କେହି ଏତେ ସଂକ୍ଷିପ୍ତ ଓ ଏତେ ସାରଗର୍ଭକ ବିଦାୟ ଭାଷଣ ଦେଇନଥିବେ । ସେ ବାଲେଶ୍ୱରର ହେଡ୍‌ମାଷ୍ଟର ଥିବା ସମୟରେ ଥରେ ଗୋଟାଏ ସଭାରେ

Digitized by srujanika@gmail.com

( ବୋଧହୁଏ, Sanskrit convocation ) ଯୋଗ ଦେବାକୁ ପୁରୀ ଆସିଥିଲେ । ସେ ରହିଥିଲେ ପୁରୀ ସଂସ୍କୃତ କଲେଜ ହତାରେ ଥିବା ସ୍କୁଲ ଘରେ । ଏକ ସମୟରେ ସେହି ଘର ସପ୍ତମ (ଏ) ଶ୍ରେଣୀ ନିମନ୍ତେ ବ୍ୟବହୃତ ହେଉଥିଲା ଓ ମୁଁ ସେହି ଘରେ ପ୍ରଥମେ ପଢ଼ିଥିଲି । ଚନ୍ଦ୍ରମୋହନ ବାବୁ ମୋତେ ହଷ୍ଟେଲରୁ ଡକାଇ ଆଣି ଦିନଟିଯାକ ତାଙ୍କ ପାଖରେ ରଖାଇଥିଲେ । ସେହିଠାରେ ମୋର ଖାଇବା ବ୍ୟବସ୍ଥା କରିଥିଲେ । ହରେକୃଷ୍ଣ ବାବୁ ଓ ମୁଁ ତାଙ୍କ ସଙ୍ଗେ ଜଗନ୍ନାଥଙ୍କ ମନ୍ଦିରକୁ ଯାଇ ଦେବ ଦେବୀ ଦର୍ଶନ କରିଥିଲୁ । ସେଦିନ ସକାଳବେଳା ସେ କିଛି ସମୟ ମୌନ ରହିଥିଲେ । କିନ୍ତୁ ଅନ୍ୟ ସମୟରେ ସେ ବାକ୍‌ପଟୁ ଥିଲେ । ମୋର ଦୃଢ଼ ବିଶ୍ୱାସ, ତାଙ୍କର ବାହାର ଯେପରି କଠୋର ଅନ୍ତର ସେହିପରି କୋମଳ, ଯାହା କହନ୍ତି— "ବଜ୍ରାଦପି କଠୋରାଣି, ମୃଦୂନି କୁସୁମାଦପି !" ତାଙ୍କର କବି ସୁଲଭ ହୃଦୟର ପରିଚୟ ତାଙ୍କ କବିତା-ଗୁଡ଼ିକରୁ ମିଳେ । ତାଙ୍କର 'ନବୋଦ୍ୟମ' ପଢ଼ିବାର ସୌଭାଗ୍ୟ ମୋର ଘଟିନାହିଁ । କିନ୍ତୁ ପାଠ୍ୟ ପୁସ୍ତକରେ ଥିବା ତାଙ୍କ କବିତାଗୁଡ଼ିକ ପଢ଼ି ମୁଁ ମୁଗ୍‌ଧ ହୋଇ ଯାଇ-ଅଛି ! 'ଶୀତ' ଋତୁ ବର୍ଣ୍ଣନାରେ ସେ ଲେଖି ଅଛନ୍ତି—

"ନିଶାରେ, ଅଜସ୍ର ତୁଷାର ବର୍ଷିଲି
ଧଳା ଭସ୍ମ ବୋଳା ତପସ୍ୱୀ ମଣ୍ଡିଳା, ପଶ୍ଚିମେ ଯାମିନୀ ଦର୍ଶିଲି ।

ଏଠାରେ ସେ ପ୍ରକୃତିକୁ କି ଗମ୍ଭୀର ଭକ୍ତି ସହକାରେ ଦେଖି ଅଛନ୍ତି, ତାହା ଲକ୍ଷ୍ୟ କରିବାର କଥା । ପୁଣି 'ଶେଫାଳି'ର ରୂପଗୁଣ ବର୍ଣ୍ଣନା କରିବାକୁ ଯାଇ ସେ କହିଛନ୍ତି—

"ପ୍ରବାଳ ବୃନ୍ତରେ ଖଚିତ ସିତ ସ୍ଫଟିକ ଜାଲ
ଲଭନ୍ତା ତୁଳନା ହୋଇଲେ ସୁବାସିତ କୋମଳ ।"

ଏଠାରେ କବିଙ୍କର ଭକ୍ତି କେଡ଼େ ହୃଦୟ ଗ୍ରାହୀ । ଗୋଟିଏ ଯୁବତୀ ସନ୍ତାନ ପ୍ରସବ କରିବାର ଅଳ୍ପଦିନ ପରେ ତାକୁ ହରାଇ ଅଶ୍ରୁ ବିସର୍ଜନ କରୁଅଛି । କବିଙ୍କର ହୃଦୟ ତାର ଦୁଃଖରେ ତରଳି ଯାଉଛି । ସେ ସହାନୁଭୂତିରେ ତାର ଅବସ୍ଥା ଚିତ୍ରଣ କରି ଲେଖିଛନ୍ତି—

"ତା ହୃଦ ସଙ୍ଗରେ ସେ ଶିଶୁକୁମରେ
ନୃପ କୋମଳ ସ୍ନେହ ଛଳେ
ବାନ୍ଧିଥିଲି ବିଧି ହଟନ୍ତେ କୁମର
ଲମ୍ବିଛି ଲୋତକ ଛଳେ ।"

Digitized by srujanika@gmail.com

କ କରୁଣ କଳ୍ପନା । କଥା ଅଛି, କେତେବେଳେ ଜନ୍ମରୁ କବି, ଅନ୍ୟ କେତେକ ପରିଶ୍ରମ କରି ଲେଖି ଲେଖି କବି ହୁଅନ୍ତି । ଚନ୍ଦ୍ରମୋହନ ଥିଲେ ଅଜନ୍ମ କବି । ଅବଶ୍ୟ ସେ ବେଶୀ କବିତା ଲେଖି ଯାଇ ନାହାନ୍ତି କିନ୍ତୁ ଯେତକ ଲେଖିଯାଇ ଅଛନ୍ତି ସେଗୁଡ଼ିକ ଗୋଟିଏ ଗୋଟିଏ ଉଜ୍ଜ୍ୱଳ ରତ୍ନ— ଉତ୍କଳ ଭାରତୀଙ୍କ ଭଣ୍ଡାରରେ ଚିରଦିନ ପାଇଁ ସାଇତି ରଖିବାର ଯୋଗ୍ୟ ।

ଆମେ ତାଙ୍କ ରଚିତ ଦୁଇଖଣ୍ଡି ବ୍ୟାକରଣ ବହି ପଢ଼ିଥିଲୁ— ବ୍ୟାକରଣ ସୋପାନ ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ । ପ୍ରଥମ ଭାଗଟି ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ଏବଂ ଦ୍ୱିତୀୟ ଭାଗଟି ଷଷ୍ଠ ଓ ସପ୍ତମ ଶ୍ରେଣୀର ପାଠ୍ୟ ଥିଲା । ପରେ ଅନ୍ୟର ଅନେକ ବ୍ୟାକରଣ ବହି ଲେଖା ଯାଇଥିଲା । ମୁଁ ନିଜେ ମଧ୍ୟ କେତେ ଖଣ୍ଡି ବ୍ୟାକରଣ ବହି ଲେଖିଥିଲି । କିନ୍ତୁ ଚନ୍ଦ୍ରମୋହନଙ୍କର ସେହି କ୍ଷୁଦ୍ର ବହି ଦୁଇଖଣ୍ଡି ମୋ ଭଳି ଲକ୍ଷ ଲକ୍ଷ ଛାତ୍ରଙ୍କଠାରେ ବ୍ୟାକରଣ ଶିକ୍ଷାର ମୂଳ ପତ୍ତନ କରିଥିଲା, ଏଥିରେ ସନ୍ଦେହ ନାହିଁ । ଏ ବହି ଦୁଇଖଣ୍ଡି ସରକାରଙ୍କ ପାଠ୍ୟ ତାଲିକାରୁ ଉଠିଯିବା ପରେ ମଧ୍ୟ ଅନେକ ବର୍ଷଯାଏ ସହସ୍ର ସହସ୍ର ସଂଖ୍ୟାରେ ବିକ୍ରି ହୋଇଥିବାର ମୁଁ ଜାଣେ । ଟ୍ରେନିଂ ସ୍କୁଲର ହେଡମାଷ୍ଟର ଥିବା ସମୟରେ ସେ 'ଉତ୍କଳ ସାହିତ୍ୟ ସମାଜ'ର ବୀଜାରୋପଣ କରିଥିଲେ । ତାହା ଏବେ ମହୀରୁହ ଆକାର ଧାରଣ କରି ତାଙ୍କର ସ୍ମୃତି ବହନ କରୁଅଛି ।

ରାଧାନାଥ ବାବୁଙ୍କ ପ୍ରତି ତାଙ୍କର ଗଭୀର ଭକ୍ତି ଥିବାର ଜଣାଯାଏ । 'ଚିଲିକା' କାବ୍ୟର କେତୋଟି ଧାଡ଼ି ଆବୃତ୍ତି କଲାବେଳେ ସେ ଗଦ୍ ଗଦ୍ ହୋଇ ଯାଉଥିଲେ । ଥରେ ହଷ୍ଟେଲର ସେ କେତେକ ପିଲାଙ୍କୁ 'ଗୁଡୁକଙ୍କ' ଓ 'କଇଁ ଯାଉଳତା' ଦେଖିଛକି ବୋଲି ପଚାରି ଥିଲେ । ଏ ଉଭୟଟି ଜିନିଷ କୋଣାର୍କ ପାଖ ବାଲି ପଡ଼ାରେ ଦେଖିବାକୁ ମିଳେ । ରାଧାନାଥଙ୍କ 'ଗୁଡୁକଙ୍କ' ଓ କଇଁଯାଉଳ' ଲତାର ବର୍ଣ୍ଣନାରୁ ସେ କବିଙ୍କ ପ୍ରକୃତି ପର୍ଯ୍ୟବେକ୍ଷଣର ବୈଶିଷ୍ଟ୍ୟ ବୁଝାଇଥିଲେ । ତଥାପି କେହି କେହି ଦୋଷାରୋପ କରିଥାନ୍ତି ଯେ ରାଧାନାଥଙ୍କ 'ମହାଯାତ୍ରା'ର ଯେଉଁ ଅଂଶ ଇଂରେଜ ସରକାରଙ୍କ ବିରୋଧୀ ବୋଲି ପରେ ବର୍ଜିତ ଓ ଅଗ୍ନିସାତ୍ ହୋଇଥିଲା, ତାହା ଚନ୍ଦ୍ରମୋହନଙ୍କ ଦ୍ୱାରା ସରକାରଙ୍କ ଦୃଷ୍ଟିକୁ ଅଣାଯାଇ ଥିଲା, କିନ୍ତୁ ଯେଉଁମାନେ ଚନ୍ଦ୍ରମୋହନଙ୍କର ରାଧାନାଥଙ୍କ ପ୍ରତି ଭକ୍ତିର ପରିଚୟ ପାଇଥିବେ ସେମାନେ ଏହି ଅପବାଦକୁ ବିକୃତ ମସ୍ତିଷ୍କର କଳ୍ପନା ବୋଲି କହିବେ ।

ଚନ୍ଦ୍ରମୋହନଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ମସ୍ତକ ସ୍ୱତଃ ଅବନତ ହୋଇ ପଡୁଅଛି ।

Digitized by srujanika@gmail.com

# ମେଘାଚ୍ଛାଦିତ ଚନ୍ଦ୍ର

**ଶ୍ରୀ ବ୍ରଜନାଥ ରଥ**

ସାହିତ୍ୟିକ ଚନ୍ଦ୍ରମୋହନ ମହାରଣା ଏକ ଅନାଲୋଚିତ ସାହିତ୍ୟିକ ପ୍ରତିଭା । କେବଳ ଚନ୍ଦ୍ରମୋହନ କାହିଁକି ଓଡ଼ିଆ ସାହିତ୍ୟର ବହୁ ପ୍ରତିଭାଧର ସାହିତ୍ୟିକ ଆଜି ପର୍ଯ୍ୟନ୍ତ ବିସ୍ତୃତ ଆଲୋଚନାର ପରିସର ମଧ୍ୟକୁ ଆସିପାରି ନାହାନ୍ତି ଏବଂ ସେମାନଙ୍କ ପ୍ରତିଭା ଓ ଅବଦାନର ପ୍ରକୃତ ମୂଲ୍ୟାୟନ ମଧ୍ୟ ହୋଇ ପାରିନାହିଁ । ଓଡ଼ିଆ ସାହିତ୍ୟର ଇତିହାସ ପ୍ରଣେତାମାନେ ମଧ୍ୟ ସେମାନଙ୍କୁ ଯଥାଯୋଗ୍ୟ ସ୍ୱୀକୃତି ଦେଇ ନଥିବା ଅତ୍ୟନ୍ତ ପରିତାପର ବିଷୟ । ସାହିତ୍ୟର ବିକାଶ ଓ ଜୟଯାତ୍ରା ପଥରେ ଏଭଳି ଜଣେ ଜଣେ ସ୍ରଷ୍ଟା ଆବିର୍ଭୂତ ହୁଅନ୍ତି ଯାହାଙ୍କ ଶକ୍ତିଶାଳୀ ଲେଖନୀ ସାହିତ୍ୟକୁ ନୂଆମୋଡ଼ ଦିଏ ଏବଂ ଏକ କ୍ରାନ୍ତିକାରୀ ଯୁଗଚେତନାକୁ ରୂପାୟିତ କରି ସେମାନଙ୍କୁ ଯୁଗସ୍ରଷ୍ଟାର ସମ୍ମାନରେ ସମ୍ମାନିତ କରେ, କିନ୍ତୁ ସେହି ଅବସରରେ ଆଉ କେତେକ ଗୌଣ କବି, ଲେଖକଙ୍କର ମଧ୍ୟ ଆବିର୍ଭାବ ଘଟେ ଯେଉଁମାନେ ସେହି ଉଜ୍ଜ୍ୱଳ ପ୍ରତିଭା-ପ୍ରଦୀପର ଚତୁଃପାର୍ଶ୍ୱରେ କ୍ଷୁଦ୍ର ପ୍ରଦୀପ ଭଳି ପ୍ରଜ୍ୱଳିତ ହୋଇ ତାହାକୁ ଅଧିକ ଭାସ୍ୱର କରିବା ସଙ୍ଗେ ସଙ୍ଗେ ନିଜର ସର୍ଜନାଲୋକରେ ନିଜେ ମଧ୍ୟ ପ୍ରତିଭାତ ହୁଅନ୍ତି । ଆଧୁନିକ ଓଡ଼ିଆ ସାହିତ୍ୟର ତିନିଜଣ ଶକ୍ତିଶାଳୀ ଯୁଗସ୍ରଷ୍ଟା ଫକୀରମୋହନ, ରାଧାନାଥ ଓ ମଧୁସୂଦନଙ୍କୁ କେନ୍ଦ୍ର କରି ଊନବିଂଶ ଶତାବ୍ଦୀର ଶେଷ ପାଦରେ ଯେଉଁ ସାହିତ୍ୟିକ ପରିମଣ୍ଡଳ ସୃଷ୍ଟି ହୋଇଥିଲା ଏବଂ ସେଥିରେ ଯେଉଁ ସାହିତ୍ୟ ସ୍ରଷ୍ଟାମାନେ ଏକ ବିଶେଷ ଭୂମିକା ଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ଚନ୍ଦ୍ରମୋହନ ମହାରଣା ନିଜେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ସେହି ସମୟର ସାହିତ୍ୟିକମାନଙ୍କ ମଧ୍ୟରୁ କେତେକଙ୍କ ସମ୍ପର୍କରେ କିଛି କିଛି ଆଲୋଚନାର ସୂତ୍ରପାତ ହୋଇଥିଲେ ମଧ୍ୟ ଚନ୍ଦ୍ରମୋହନଙ୍କ ସମ୍ପର୍କରେ ସମାଲୋଚକମାନେ ଅଦ୍ୟାବଧି ଏକ ପ୍ରକାର ନୀରବ ଥିଲେ, କିନ୍ତୁ ଆଜି ସେହି ଉଦାସୀନତାର ତୁଷାର ଖଣ୍ଡ ତରଳିବାକୁ ଆରମ୍ଭ କରିଛି ଏବଂ ଚନ୍ଦ୍ରମୋହନଙ୍କ ଜୀବନ ଓ ସାହିତ୍ୟିକ ଅବଦାନ ସମ୍ପର୍କରେ ଆଲୋଚନା ଆରମ୍ଭ ହୋଇଛି । ଏହା ଅତ୍ୟନ୍ତ ଆଶା ଓ ଆଶ୍ୱାସନାର ବିଷୟ । ଏଥିପାଇଁ "ଚନ୍ଦ୍ରମୋହନ ସାହିତ୍ୟ ପରିଷଦ"ର ଭୂମିକା ଏକାନ୍ତ ସ୍ମରଣ ଯୋଗ୍ୟ ।

ଭାଷା ଓ ସାହିତ୍ୟର ଏକ ସନ୍ଧିକ୍ଷଣରେ ଓଡ଼ିଆ ଜାତିର ଏକ ଚରମ ଦୁର୍ବିପାକ ସମୟ 'ନଅଙ୍କ ଦୁର୍ଭିକ୍ଷ'ର ପରବର୍ଷ ୧୮୬୭ରେ ମସିହାରେ ଚନ୍ଦ୍ରମୋହନଙ୍କ ଜନ୍ମ । ବୟସରେ ସେ ଥିଲେ ଫକୀର ମୋହନଙ୍କଠାରୁ ୨୪ ବର୍ଷ, ରାଧାନାଥଙ୍କଠାରୁ ୧୯ ବର୍ଷ

Digitized by srujanika@gmail.com

ଓ ମଧୁସୂଦନଙ୍କଠାରୁ ୧୪ ବର୍ଷ କନିଷ୍ଠ । ଏହି ତିନିଜଣ ପୂର୍ବସୂରୀଙ୍କର ପ୍ରତ୍ୟକ୍ଷ ପ୍ରଭାବ ତାଙ୍କ ଜୀବନ ଓ ସାହିତ୍ୟକୁ ବହୁ ପରିମାଣରେ ପ୍ରଭାବିତ କରିଥିବାର ଅନୁମିତ ହୁଏ । ବିଶେଷ କରି ରାଧାନାଥ ଓ ମଧୁସୂଦନଙ୍କ ପ୍ରଭାବ ତାଙ୍କ ସାହିତ୍ୟରେ ସୁସ୍ପଷ୍ଟ । କବିବର ରାଧାନାଥ ତାଙ୍କ ଜୀବନର ଗତିପଥକୁ ପୁଷ୍କଳ ଓ ପୁଷ୍ପିଳ କରି ଜଣେ ସଫଳ ଶିକ୍ଷାବିତ୍ ହେବାରେ ପ୍ରଥମରୁ ତାଙ୍କୁ ଯଥେଷ୍ଟ ପ୍ରେରଣା ଯୋଗାଇଛନ୍ତି ଏବଂ ଭକ୍ତକବି ମଧୁସୂଦନ ନିଜର ଚରିତ୍ରବତ୍ତା, ସାଧୁତା ଓ ଆଦର୍ଶବାଦୀ ବ୍ୟକ୍ତିତ୍ୱ ଦ୍ୱାରା ତାଙ୍କ ସୃଷ୍ଟି-ପ୍ରତିଭାର ଉନ୍ମେଷ ଓ ବିକାଶ ସାଧନରେ ସହାୟକ ହୋଇଛନ୍ତି ।

ଉଭୟ ରାଧାନାଥ ଓ ମଧୁସୂଦନ ଥିଲେ ସେତେବେଳର ଓଡ଼ିଶାର ଦୁଇଜଣ ପ୍ରବୀଣ ଶିକ୍ଷାବିତ୍ ଓ ସେମାନଙ୍କର ସଫଳ ଉତ୍ତର ଦାୟାଦ ଭାବରେ ସେମାନେ ଚନ୍ଦ୍ରମୋହନଙ୍କୁ ପ୍ରତିଷ୍ଠିତ କରାଇ ପାରିଥିଲେ । ତାର ଫଳଶ୍ରୁତି ସ୍ୱରୂପ ଚନ୍ଦ୍ରମୋହନଙ୍କ ସାହିତ୍ୟ ହୋଇଥିଲା ମୁଖ୍ୟତଃ ଛାତ୍ରମାନଙ୍କର ପାଠ୍ୟୋପଯୋଗୀ ଓ ପଠନାଭିପ୍ରେତ । ଏହି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ପାଇଁ ନିଜର ସୃଷ୍ଟି କର୍ମକୁ ବିନିଯୋଗ କରିଥିବା ହେତୁ ତାଙ୍କ ରଚନାରେ ସାହିତ୍ୟର କୂଳପ୍ଲାବିନୀ ଉଚ୍ଛଳତା, ବିପୁଳ ବର୍ଣ୍ଣ ବୈଚିତ୍ର୍ୟ ଓ ବହୁଳ ରସମାଧୁର୍ଯ୍ୟ ଅନେକାଂଶରେ ବର୍ଜ୍ଜିତ ଓ ଖର୍ବୀକୃତ ହୋଇଥିବା ଅନୁମିତ ହୁଏ । ସାହିତ୍ୟର ବିଶାଳ ପ୍ରସାରୀ ସାମ୍ରାଜ୍ୟରେ ଆଦର୍ଶବାଦର ସ୍ଥାନ ଯେତିକି, ବାସ୍ତବବାଦର ସ୍ଥାନ ସେତିକି, ପ୍ରକୃତି ବା ଈଶ୍ୱରଙ୍କ ସ୍ଥାନ ଯେତିକି, ସାଧାରଣ ମଣିଷର ସ୍ଥାନ ମଧ୍ୟ ସେତିକି, ଏବଂ ନୀତିବୋଧର ସ୍ଥାନ ଯେତିକି, ନୀତି-ହୀନତାର ସ୍ଥାନ ତା'ଠାରୁ କମ୍ ନୁହେଁ । କେବଳ ସ୍ରଷ୍ଟାର ଉଦାର ଦୃଷ୍ଟିକୋଣ, ମାନବିକତା ବୋଧ, ରୁଚି ଓ ରସଚେତନା ଏବଂ ପ୍ରକାଶକ୍ଷମତା ସୃଷ୍ଟିକୁ ମହିମାନ୍ୱିତ କରି କାଳୋତ୍ତୀର୍ଣ୍ଣ କରିଥାଏ । ପୃଥିବୀର ମହାନ୍ ସାହିତ୍ୟ ସ୍ରଷ୍ଟାଗଣଙ୍କର ସୃଷ୍ଟି-ଜଗତ ସେହି ଦୃଷ୍ଟିରୁ ଇନ୍ଦ୍ରଧନୁର ସପ୍ତରଙ୍ଗରେ ରଞ୍ଜିତ ଓ ସୁଦୂର ପ୍ରସାରିତ । ଏହି ପରିପ୍ରେକ୍ଷୀରେ ବିଚାର କଲେ ଶିକ୍ଷାବିତ୍ ଚନ୍ଦ୍ରମୋହନଙ୍କ ସର୍ଜନ ପ୍ରତିଭା ହୁଏତ କିଞ୍ଚିତ୍ ସୀମିତ ଓ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇପାରେ କିନ୍ତୁ ଏକ ଐତିହାସିକ ଆବଶ୍ୟକତାକୁ ପୂରଣ କରିବା ଦିଗରେ ତାଙ୍କର ଅଦ୍ଭୁତ ଅବଦାନକୁ ଅସ୍ୱୀକାର କରିବା ଅର୍ଥ ଇତିହାସକୁ ନିର୍ମମ ଭାବେ ଚପେଟାଘାତ କରିବା ।

ଚନ୍ଦ୍ରମୋହନ ଥିଲେ ଜଣେ ନୀତିବାଦୀ ଓ ସଂସ୍କାରବାଦୀ । ବୃତ୍ତି ହିସାବରେ ଶିକ୍ଷକତାକୁ ହିଁ ନିଜର ବ୍ରତ ଭାବରେ ଗ୍ରହଣ କରିଥିଲେ ଏବଂ ବୃତ୍ତି ସହିତ ପ୍ରବୃତ୍ତିର ସଫଳ ସଂଯୋଗ ଘଟାଇ ନିଜର ସାହିତ୍ୟ କୃତିକୁ ସେହି ଉଦ୍ଦେଶ୍ୟରେ ହିଁ ନିୟୋଜିତ କରିଥିଲେ । ଛାତ୍ରମାନଙ୍କର ଚରିତ୍ର ଗଠନ ଦିଗରେ ପାଠ୍ୟ ପୁସ୍ତକ ମାଧ୍ୟମରେ

Digitized by srujanika@gmail.com

ନୀତିବୋଧର ପ୍ରଚାର ଓ ପ୍ରସାର ହିଁ ଥିଲା ତାଙ୍କର ପ୍ରଧାନ ଅଭିମୁଖ୍ୟ । ସେଥିପାଇଁ ତାଙ୍କ ପ୍ରଣୀତ 'କଥାବଳି'ର ପ୍ରତ୍ୟେକ ରଚନାରେ ତଥା ଅନ୍ୟାନ୍ୟ ବହୁ ଲେଖାରେ ନୀତିଶିକ୍ଷା ହିଁ ହେଉଛି ମୂଳକଥା । କିନ୍ତୁ ଆଜିର ପାଠ୍ୟପୁସ୍ତକର ପ୍ରାଣକେନ୍ଦ୍ର ସହିତ ତାଙ୍କ ପ୍ରଣୀତ ପାଠ୍ୟପୁସ୍ତକର ପ୍ରାଣ କେନ୍ଦ୍ରକୁ ତୁଳନା କଲେ ଏକ ବିରାଟ ପ୍ରଭେଦ ଲକ୍ଷ୍ୟ କରାଯିବ । ଆଜି ନୀତିବୋଧ ଉପରେ ଏତେ ବେଶୀ ଗୁରୁତ୍ୱ ଦେବାର ଆବଶ୍ୟକତା କେହି ବିଶେଷ ଉପଲବ୍ଧି କରୁ ନାହାନ୍ତି । ନୀତି ଓ ଆଦର୍ଶ ଅପେକ୍ଷା, କର୍ମ ଓ ଜ୍ଞାନ ସଚେତନତା ଉପରେ ସମଧିକ ଗୁରୁତ୍ୱ ଆରୋପ କରାହେଉଛି । ପାଠ୍ୟ ପୁସ୍ତକମାନଙ୍କରେ ବିଶେଷତଃ ସାହିତ୍ୟ ପୁସ୍ତକରେ ଆଜି ନୀତି ବା ଆଦର୍ଶବାଦର ପ୍ରଚାର ନାହିଁ କହିଲେ ଚଳେ । ଧନ୍ଦାମୂଳକ ଶିକ୍ଷାକୁ ପ୍ରାଧାନ୍ୟ ଦିଆହେବା ପରେ ଛାତ୍ରର ନୈତିକବୋଧ ଅପେକ୍ଷା ତାର ବୈଷୟିକ ଜ୍ଞାନର ବିକାଶ ଓ ସାଧାରଣ ତଥା ସାମାଜିକ ଜ୍ଞାନ-ବିଜ୍ଞାନର ଦିଗନ୍ତକୁ ପ୍ରସାରିତ କରିବା ପାଇଁ ଆଜିର ପାଠ୍ୟପୁସ୍ତକ ରଚୟିତାମାନଙ୍କର ଲେଖନୀ ପରିଚାଳିତ । ତେଣୁ ସାହିତ୍ୟିକ-ଶିକ୍ଷାବିତ୍ ଚନ୍ଦ୍ରମୋହନଙ୍କ ସାହିତ୍ୟ ସୃଷ୍ଟିର ମୂଳଉତ୍ସକୁ ଆବିଷ୍କାର କରିବାକୁ ଗଲାବେଳେ ନୀତିବାଦୀ ମଧୁସୂଦନଙ୍କ ଜୀବନ ଓ ସାହିତ୍ୟର ଅନ୍ତର୍ଲୀନ ପ୍ରଭାବ ତାଙ୍କ ମାହିତ୍ୟରେ ଦେଖିବାକୁ ମିଳେ ଯାହାକି ଆଜିର ପରିବର୍ତ୍ତିତ ମୂଲ୍ୟବୋଧର ପରିପ୍ରେକ୍ଷୀରେ ଏକ ବିରାଟ ବ୍ୟବଧାନ ହୋଇ ଛିଡ଼ା ହୁଏ ।

ଭକ୍ତକବି ମଧୁସୂଦନ ଇଂରାଜୀ ସାହିତ୍ୟର ପ୍ରଭାବରେ ଓଡ଼ିଆ ସାହିତ୍ୟରେ ଯେଉଁ ଲିରିକ୍ ଧର୍ମୀ ଗୀତିକବିତା ଓ ଚତୁର୍ଦ୍ଦଶପଦୀ କବିତାର ବ୍ୟାପକ ପ୍ରଚାର ଓ ପ୍ରସାର ଘଟାଇ ବିପୁଳାୟତନ କାବ୍ୟ-ସୃଷ୍ଟିର ପଥରୁଦ୍ଧ କଲେ ଏବଂ "ଖଣ୍ଡ କବିତା ଯୁଗ"ର ସୂତ୍ରପାତ୍ କଲେ ତାହା ସେତେବେଳେ ସମସାମୟିକ ବହୁ କବିଙ୍କୁ ପ୍ରଲୁବ୍ଧ ଓ ପ୍ରରୋଚିତ କରିଥିଲା । ଏପରିକି କଥା ସାହିତ୍ୟ ସମ୍ରାଟ ଫକୀରମୋହନ ମଧ୍ୟ ରାଧାନାଥ, ଗଙ୍ଗାଧର ଇତ୍ୟାଦିଙ୍କ ପରି କାବ୍ୟ-ସୃଷ୍ଟି ପ୍ରତି ଗଭିରଶେଷ ମନୋନିବେଶ ନକରି ନିଜର ଭାବାବେଗର ପରିପ୍ରକାଶ ପାଇଁ ଏହି ଖଣ୍ଡ କବିତାର ଆଶ୍ରୟ ନେଇଥିଲେ, ଯଦିଚ "ବୌଦ୍ଧାବତାର କାବ୍ୟ" ଥିଲା ଏକ ବ୍ୟତିକ୍ରମ । ଏହି ପରିପ୍ରେକ୍ଷୀରେ ଚନ୍ଦ୍ରମୋହନ ମଧ୍ୟ ଖଣ୍ଡ କବିତାକୁ ନିଜ ଭାବପ୍ରକାଶର ଏକ ମୁଖ୍ୟ ମାଧ୍ୟମ ଭାବରେ ଗ୍ରହଣ କରିଥିଲେ । ତାଙ୍କର ଅଧିକାଂଶ କବିତା ମୁଖ୍ୟତଃ ବର୍ଣ୍ଣନାଧର୍ମୀ । ସେଥିରେ କାବ୍ୟିକ ଚମତ୍କାରିତା ବା ବୌଦ୍ଧିକ ଅନୁଚିନ୍ତା ଅପେକ୍ଷା ବରଂ ସ୍ୱଚ୍ଛ-ସ୍ୱାଭାବିକ ପ୍ରକାଶଭଙ୍ଗୀ ଲକ୍ଷଣୀୟ ।

୧୮୮୮ ମସିହାରେ ତାଙ୍କର ପ୍ରଥମ କବିତା ସଙ୍କଳନ "ନବୋଦ୍ୟମ" ପ୍ରକାଶ ପାଇଥିଲା ଏବଂ ଏଥିରେ ସନ୍ନିବେଶିତ ପନ୍ଦରଗୋଟି କ୍ଷୁଦ୍ର କବିତା ବା ଖଣ୍ଡ-

Digitized by srujanika@gmail.com

କବିତାକୁ ପୂର୍ବରୁ ସେ ଏଫ୍. ଏ. କ୍ଲାସରେ ପଢ଼ିବାବେଳେ ରଚନା କରି 'ସଂସ୍କାରକ' ପତ୍ରିକା ମାଧ୍ୟମରେ ଲୋକ ଚକ୍ଷୁକୁ ଆଣିଥିଲେ । ପରେ ଆଉ କିଛି କବିତା ଲେଖି 'କଥାବଳି'ର ପ୍ରଥମ ଓ ଦ୍ୱିତୀୟ ଭାଗରେ ପରିସ୍ଥ କରିଥିଲେ । ଏ ସମସ୍ତ କବିତାବଳି ମଧ୍ୟରୁ କେତୋଟି ଋତୁ ପର୍ଯ୍ୟାୟର କବିତା ( ଗ୍ରୀଷ୍ମ, ବର୍ଷା, ଶିଶିର, ବସନ୍ତ, ଶରତ, ହେମନ୍ତ ) କେତୋଟି ପ୍ରାଣୀ ପର୍ଯ୍ୟାୟର କବିତା ( କୁଆ କୋଇଲି, ହଳଦୀ ବସନ୍ତ, ତାମର କାଉ, ବେଙ୍ଗ ରଜା, ମହୁମାଛି ଇତ୍ୟାଦି ) ଓ ମେଘ, ସନ୍ଧ୍ୟା, ପ୍ରଭାତ, ବଟବୃକ୍ଷ, ଦୂର୍ବାଦଳ, ଚନ୍ଦ୍ର, ଖଣ୍ଡଗିରି ଇତ୍ୟାଦି ଅନ୍ୟାନ୍ୟ କେତେକ କବିତାରେ କବି ଚନ୍ଦ୍ରମୋହନଙ୍କର ଏହି ବର୍ଣ୍ଣନାଧର୍ମୀତାହିଁ ବେଶୀ ପ୍ରକଟିତ ହୁଏ । ଅବଶ୍ୟ ପ୍ରତ୍ୟେକଟିରେ ସେ କଳ୍ପନା କିଛି ନୀତିଶିକ୍ଷା ଦେବାକୁ ଭୁଲି ନାହାନ୍ତି, କିନ୍ତୁ ଆଉ କେତୋଟି କବିତା ଯଥା :— ମାତୃବିୟୋଗ, ମାତୃହୀନ ବାଳକର ଜନନୀ ପ୍ରତି, ନିର୍ଗୁଣ ବ୍ୟକ୍ତିର ନିଶୀଥ, ନିଭୃତ ଚିନ୍ତା, ଅପୂର୍ବ କାରାରୁଦ୍ଧ ପୁରୁଷର ପତ୍ର, 'ବିଦେଶରୁ ସ୍ୱଗୃହାଭିମୁଖରେ ବାଳେଶ୍ୱର ପ୍ରତ୍ୟାଗମନ କାଳରେ କୌଣସି ସମୁଦ୍ରପୋତରେ ଦୁଇ ସହୋଦରର ବିନାଶ' ପ୍ରଭୃତିରେ କାବ୍ୟିକ ଅନୁଭୂତିର ସକରୁଣ ପରିପ୍ରକାଶ ଘଟିଛି । ଏହି କବିତା-ଗୁଡ଼ିକରୁ କବି ଚନ୍ଦ୍ରମୋହନଙ୍କ ଆବେଗ-ସ୍ପନ୍ଦିତ, ରସଘନ ହୃଦୟର ସଠିକ୍ ସନ୍ଧାନ ମିଳିଥାଏ ଏବଂ ଏମାନେ ଇଙ୍ଗିତ ଦେଇଥାନ୍ତି ଯେ ବୈୟାକରଣିକ ଚନ୍ଦ୍ରମୋହନ ଯଦି ବ୍ୟାକରଣର କଠିନ ସୂତ୍ର ଓ ନିୟମାବଳୀ ଭିତରେ ଛନ୍ଦିହୋଇ ଏତେ ବେଶୀ ନୀତି ଓ ବ୍ୟାକରଣ ସଚେତନ ହୋଇ ନଥାନ୍ତେ ତାହେଲେ ହୁଏତ ତାଙ୍କର ସର୍ଜନଶୀଳ କାବ୍ୟ-ପ୍ରତିମାଗୁଡ଼ିକ ଅଧିକ ଶ୍ରୀ ଓ ସୁଷମା ମଣ୍ଡିତ ହୋଇପାରିଥାନ୍ତା । ସୃଷ୍ଟିଶୀଳ କବି, ଲେଖକଙ୍କ ପକ୍ଷରେ ନୀତି ଓ ବ୍ୟାକରଣ ସଚେତନତା ଅପେକ୍ଷା ଜୀବନ ଓ କଳା ସଚେତନତାହିଁ ଅଧିକ ପ୍ରୟୋଜନ । ଜୀବନାନୁଭୂତିର ସଫଳ ରୂପାୟନ ଓ ଶିଳ୍ପଗୁଣହିଁ ସୃଷ୍ଟିକୁ ଲାବଣ୍ୟମୟ ଓ ମର୍ଯ୍ୟାଦାବନ୍ତ କରି କାଳୋତ୍ତୀର୍ଣ୍ଣ ଓ ମହିମାନ୍ୱିତ କରିଥାଏ । ଏହା ବ୍ୟତିରେକେ ସୃଷ୍ଟି ନୀରସ, ରୁକ୍ଷ ଓ ହତଶ୍ରୀ ହେବାକୁ ବାଧ୍ୟ । ଚନ୍ଦ୍ରମୋହନ ଅନେକାଂଶରେ ନୀତି ଓ ବ୍ୟାକରଣ ସଚେତନ ଥିଲେ ବି ନିଜର ସୀମିତ ସୃଷ୍ଟିକୁ ( ଗଦ୍ୟ ଓ ପଦ୍ୟ ଉଭୟ ) ତଥାପି ବହୁ ପରିମାଣରେ ଶିଳ୍ପଗୁଣ ସମ୍ପନ୍ନ କରିପାରିଛନ୍ତି । କବିତା ରଚନାରେ ବେଳେ ବେଳେ ମଧୁସୂଦନ, ରାଧାନାଥ ଓ ପଲ୍ଲୀକବି ନନ୍ଦକିଶୋରଙ୍କ ପ୍ରଚ୍ଛନ୍ନ ପ୍ରଭାବ ତାଙ୍କୁ ପ୍ରଭାବିତ କରିଥିବାର ଯେ କେହି ସଚେତନ ପାଠକ ଲକ୍ଷ୍ୟ କରି ପାରିବ ।

ତାଙ୍କର ଗଦ୍ୟ ଶୈଳୀ କିନ୍ତୁ ଅଧିକ ସଜୀବ, ପ୍ରାଣ ପ୍ରାଚୁର୍ଯ୍ୟପୂର୍ଣ୍ଣ ଓ ପରିଶୀଳିତ । ପାଠ୍ୟ ପୁସ୍ତକ ପାଇଁ ରଚିତ ପ୍ରବନ୍ଧ, ଗଳ୍ପ ଓ ଅନୁବାଦ ରଚନା ବ୍ୟତୀତ ତାଙ୍କର ବହୁ ମନନଶୀଳ ନିବନ୍ଧ ଓ ତାତ୍ତ୍ୱିକ ଆଲୋଚନା ସେ ସମୟରେ 'ଉତ୍କଳ

Digitized by srujanika@gmail.com

ସାହିତ୍ୟ' 'ଶିକ୍ଷାବନ୍ଧୁ' ଓ ଅନ୍ୟାନ୍ୟ ବହୁ ପତ୍ର ପତ୍ରିକାରେ ପ୍ରକାଶିତ ହୋଇ ପାଠକଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । କିନ୍ତୁ ସେହି ପ୍ରବନ୍ଧ ଓ ଆଲୋଚନାଗୁଡ଼ିକ ଆଜି ପର୍ଯ୍ୟନ୍ତ ସଂପାଦିତ ଓ ସଙ୍କଳିତ ହୋଇ ଗ୍ରନ୍ଥାକାରରେ ପ୍ରକାଶ ପାଇ ପାରି ନଥିବାରୁ ଉଭୟ ଇଂରାଜୀ ଓ ସଂସ୍କୃତ ସାହିତ୍ୟବିତ୍ ଚନ୍ଦ୍ରମୋହନଙ୍କ ପାଣ୍ଡିତ୍ୟ ଓ ମନନଶୀଳତାର ସାମଗ୍ରିକ ରୂପ ଆମ ଆଗରେ ପ୍ରକଟିତ ହୋଇ ପାରିନାହିଁ । ଏ ଦିଗରେ ଆଶୁ ଉଦ୍ୟମ ଆବଶ୍ୟକ । ତା ହେଲେ ତାଙ୍କର ସୃଜନଧର୍ମୀ ରଚନା ଓ ମନନ ଧର୍ମୀ ରଚନା ମଧ୍ୟରେ ତୁଳନାତ୍ମକ ଆଲୋଚନା ପାଇଁ ବାଟ ଫିଟିଯିବ ।

୧୮୯୪ ମସିହାରେ କଟକ ନର୍ମାଲ ସ୍କୁଲକୁ କେନ୍ଦ୍ର କରି ଗଢ଼ି ଉଠିଥିବା ସାହିତ୍ୟାଲୋଚନା ସଭା, ଯାହାକି ପରବର୍ତ୍ତୀ ପର୍ଯ୍ୟାୟରେ "ଉତ୍କଳ ସାହିତ୍ୟ ସମାଜ" ନାମରେ ନାମିତ ହେଲା ତାର ଆଦ୍ୟ ଅଧିବେଶନରେ ପୌରୋହିତ୍ୟ କରି ଚନ୍ଦ୍ରମୋହନ 'ସାହିତ୍ୟ' ଶୀର୍ଷକ ଯେଉଁ ନିବନ୍ଧଟି ପାଠ କରିଥିଲେ ସେଥିରୁ ତାଙ୍କର ବିଦ୍ୱତ୍ତା, ଜ୍ଞାନ ଓ ଉନ୍ନତ ମାନସିକତାର ପ୍ରକୃଷ୍ଟ ପରିଚୟ ମିଳେ । ମାତ୍ର ୨୭ ବର୍ଷ ବୟସରେ ତାଙ୍କଠାରୁ ପ୍ରବୀଣ ଓ ବୟୋଜ୍ୟେଷ୍ଠ ସାହିତ୍ୟିକମାନଙ୍କ ପ୍ରସ୍ତାବ ଓ ସମର୍ଥନ କ୍ରମେ ସେ ଏହି ଆଲୋଚନା ସଭାର ଆଦ୍ୟ ଅଧିବେଶନରେ ସଭାପତିତ୍ୱ କରିବାଦ୍ୱାରା ହିଁ ତାଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱ ପ୍ରତି ଅନ୍ୟମାନଙ୍କ ଆସ୍ଥା ଓ ଶ୍ରଦ୍ଧା ସୂଚିତ ହୁଏ ।

ମାତୃଭାଷା ଓ ଓଡ଼ିଆ ସାହିତ୍ୟ ପ୍ରତି ଚନ୍ଦ୍ରମୋହନଙ୍କ ଏତେ ପ୍ରଗାଢ଼ ଅନୁରକ୍ତି ଓ ମମତ୍ୱବୋଧ ସତ୍ତ୍ୱେ ତାଙ୍କ ସାହିତ୍ୟ ସାଧନାର ସମସ୍ତ ସୀମା ଖୁବ୍ ବେଶୀ ହେଲେ ଅଠରରୁ କୋଡ଼ିଏ ବର୍ଷ ମଧ୍ୟରେ ସୀମିତ ବୋଲି ଅନୁମିତ ହୁଏ । କାରଣ ୧୩୧୦ ସାଲ ବେଳକୁ ସେ ସାହିତ୍ୟ ସୃଷ୍ଟି କ୍ଷେତ୍ରରୁ ଏକ ପ୍ରକାର ବିଦାୟ ନେଇ ସାରିଥିଲେ ବୋଲି "ଉତ୍କଳ ସାହିତ୍ୟ"ରେ ( ୧୩୦୯-୧୩୧୦ ସାଲ, ଷଷ୍ଠ ଭାଗ, ୬ଷ୍ଠ ସଂଖ୍ୟା ) ପ୍ରକାଶିତ ତାଙ୍କର 'କୈଫିୟତ୍' ଶୀର୍ଷକ ଏକ ପତ୍ରରୁ ସୂଚନା ମିଳେ । "ଉତ୍କଳ ସାହିତ୍ୟ"ର ସୁଯୋଗ୍ୟ ସମ୍ପାଦକ ବିଶ୍ୱନାଥ କରଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସେ ଏହି ପତ୍ରିକା ପାଇଁ ଲେଖା ନପଠାଇ ଶେଷରେ ଏକ "କୈଫିୟତ୍" ଦ୍ୱାରା କେଉଁ କାରଣରୁ ଲେଖିବାର ଅଭ୍ୟାସ ପରିତ୍ୟାଗ କରିଥିଲେ ତାହା ସମ୍ପୂର୍ଣ୍ଣ ବ୍ୟକ୍ତ ନ କରିଥିଲେ ମଧ୍ୟ କେତେକ କାରଣର ସୂଚନା ଦେଇଥିଲେ । ସେଥିରେ ସେ 'ଉଦ୍ଦୀପନାର ଅଭାବ' ଓ 'ଅବସର ଅଭାବ'ରୁ କାବ୍ୟ-କବିତା ସୃଷ୍ଟି ଅସମ୍ଭବ ବୋଲି ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ "ପ୍ରଗାଢ଼ ଅଧ୍ୟବସାୟ ସହକାରେ ନାନା ଶାସ୍ତ୍ରାଲୋଚନା, ଉଚ୍ଚ ବିଷୟ ଚିନ୍ତନ, ଏବଂ ବିଦ୍ୟା ବାଣିଜ୍ୟ ପ୍ରଭୃତି ଉଦ୍ଦେଶ୍ୟରେ ବିଦେଶ ଗମନ କରି 'ଦ୍ୱିଜତ୍ୱ' ଲାଭ ନ କଲେ ସାହିତ୍ୟ ବିକାଶ ପଥରେ ଅନୁକୂଳ ପବନର ଆଶା ସୁଦୂର

Digitized by srujanika@gmail.com

ପର୍ଯ୍ୟବସିତ'' ବୋଲି ସତର୍କବାଣୀ ଶୁଣାଇ ଥିଲେ । ଏତଦ୍‌ବ୍ୟତୀତ 'କୃତୀ' ଓ 'କୃତକଳ୍ପ' ଉତ୍କଳୀୟମାନେ 'ଆଳସ୍ୟ' ଓ 'ବ୍ୟସନ'ର ଶିକୁଳିରୁ ଆପଣାକୁ ବିମୁକ୍ତ ନ କଲେ ଉତ୍କଳର ଜଡ଼ତ୍ୱ ଘୁଞ୍ଚିବ ନାହିଁ ବୋଲି ସେ ଯେଉଁ କଟୁ-ଉକ୍ତି ଭବିଷ୍ୟତବାଣୀ ଶୁଣାଇ ଥିଲେ ତାହା ଆଜିବି ଏକ ଅଭ୍ରାନ୍ତ ସତ୍ୟରେ ପରିଣତ ହୋଇଛି । ପ୍ରକୃତିରେ କଣ ସେ 'ଉଦ୍ଦୀପନାର ଅଭାବ' ଓ 'ଆଦରର ଅଭାବ' ଯୋଗୁଁ ସାହିତ୍ୟ-ସୃଷ୍ଟି କ୍ଷେତ୍ରରୁ ଅପସରି ଯାଇଥିଲେ ନା ତା'ର ନେପଥ୍ୟରେ ଅନ୍ୟ କୌଣସି କାରଣ ରହିଛି ତାହା ଆଜି ସୁଦ୍ଧା ଏକ ଅମୀମାଂସିତ ପ୍ରଶ୍ନ ।

ସେ ଯାହା ହେଉ ''ଫକୀରମୋହନ— ରାଧାନାଥ— ମଧୁସୂଦନ'' ରୂପୀ ଜ୍ୟୋତିଷ୍କ ମଣ୍ଡଳର ଅନ୍ୟତମ ଉଜ୍ଜ୍ୱଳ ଉପଗ୍ରହ ରୂପେ ଚନ୍ଦ୍ରମୋହନ ଉତ୍କଳ ସାହିତ୍ୟର କକ୍ଷ ପଥରେ ପରିକ୍ରମା କରି ଯେଉଁ ଦୀପ୍ତି ଓ ଦ୍ୟୁତି ବିକିରଣ କରି ଯାଇଛନ୍ତି ତାହାକୁ ଆଜି ଅସ୍ୱୀକାର କରିବାର ଉପାୟ ନାହିଁ । କିନ୍ତୁ ଭସ୍ମାଚ୍ଛାଦିତ ଅଗ୍ନି ଭଳି ଅନାଦୃତିର ମେଘାବରଣ ମଧ୍ୟରେ ସେହି ପ୍ରତିଭାଦୀପ୍ତ 'ଚନ୍ଦ୍ର'ର ଶୁଭ୍ର ଜ୍ୟୋତ୍ସ୍ନା ଯେ ଏତେ କାଳ ଆଚ୍ଛାଦିତ ହୋଇ ରହି ପାରିଲା, ତାହାହିଁ ଆମ 'ଉଦ୍ଦୀପନାର ଅଭାବ' ଓ ଜାତୀୟ 'ଜଡ଼ତ୍ୱ'ର ପରିଚାୟକ ।

Digitized by srujanika@gmail.com

# ଛାତ୍ର କବିତାର କବି ଚନ୍ଦ୍ରମୋହନ

ଅଧ୍ୟାପକ ନୃସିଂହ ପ୍ରସାଦ ରଥ

ରାଧାନାଥ ଯୁଗର ସୌରମଣ୍ଡଳରେ ଅନ୍ୟତମ ପ୍ରତିଭାଦୀପ୍ତ ଜ୍ୟୋତିଷ୍କ ହେଉଛନ୍ତି ୰ ଚନ୍ଦ୍ରମୋହନ ମହାରଣା । ପ୍ରାବନ୍ଧିକ ଭାବରେ ତାଙ୍କର କୃତିତ୍ୱ ଓ ଗୌରବ ସ୍ୱୀକୃତ ହୋଇଥିଲେ ମଧ୍ୟ କବି ଭାବରେ ତାଙ୍କର ମହତ୍ତ୍ୱ ତଥାପି ନିର୍ଣ୍ଣିତ ହୋଇନାହିଁ । ଚନ୍ଦ୍ରମୋହନ ବାବୁ ମୁଖ୍ୟତଃ ପ୍ରବନ୍ଧ ସୃଷ୍ଟିରେ ନିଜକୁ ନିୟୋଜିତ କରିଥିଲେ । ତେଣୁ କାବ୍ୟ-କବିତା କ୍ଷେତ୍ରରେ ରାଧାନାଥ, ମଧୁସୂଦନ କିମ୍ବା ଗଙ୍ଗାଧରଙ୍କ କବିତ୍ୱର ମାନଦଣ୍ଡରେ ତାଙ୍କର ବିଚାର କରିବା ଅନ୍ୟାୟ ହେବ । ତଥାପି ଚନ୍ଦ୍ରମୋହନ ବାବୁଙ୍କ ସାହିତ୍ୟ ସୃଷ୍ଟିର ବିଶାଳ ଭୂଖଣ୍ଡ ମଧ୍ୟରେ ପ୍ରବନ୍ଧର ସ୍ଥଳଭାଗ ବ୍ୟାପକ ହେଲେ ମଧ୍ୟ ସ୍ଥାନେ ସ୍ଥାନେ କବିତାର ଜଳଭାଗ ମଧ୍ୟ ରହିଛି । ପ୍ରାବନ୍ଧିକ ଚନ୍ଦ୍ରମୋହନ ବାବୁଙ୍କ ଲେଖନୀ କବିତା ସୃଷ୍ଟିରେ ମଧ୍ୟ କୃତିତ୍ୱ ପ୍ରଦର୍ଶନ କରିଥିବା ଫକୀରମୋହନଙ୍କ ଉକ୍ତିରୁ ସୁସ୍ପଷ୍ଟ ହୋଇପଡ଼େ —

> "ଅହେ ଚନ୍ଦ୍ର ମହାରଣେ ହେଉ ହେଉ ହେଉ
> ଆଉଥରେ ଢାଳିଦିଅ କବିତାର ଢେଉ" ( ଉତ୍କଳ ଭ୍ରମଣ )

ଚନ୍ଦ୍ରମୋହନ ବାବୁଙ୍କ ୨୧ ବର୍ଷ ବୟସରେ ୧୮୮୮ ମସିହାରେ ୧୬ ଟି କବିତାର ଏକ ସଂକଳନ 'ନବୋଦ୍ୟମ' ଶୀର୍ଷକରେ ପ୍ରଥମତଃ ପ୍ରକାଶ ପାଇଥିଲା । ପ୍ରାବନ୍ଧିକ ଚନ୍ଦ୍ରମୋହନ ବାବୁଙ୍କ କବି ପ୍ରାଣର ଭାବ ଉଦ୍‌ବେଳନରେ 'ନବୋଦ୍ୟମ' କବିତା ସଂକଳନର କବିତାଗୁଡ଼ିକ ରଚିତ ହୋଇଛି କି ହୋଇ ପାରିଛି କି ନାହିଁ ତାହା ଆଲୋଚନାର ଭିନ୍ନ ଏକ ସ୍ତର । କିନ୍ତୁ ମନେ ରଖିବା ଦରକାର ପ୍ରାବନ୍ଧିକ ଚନ୍ଦ୍ରମୋହନ ବାବୁଙ୍କ ପ୍ରଥମ ପ୍ରକାଶ କୌଣସି ପ୍ରବନ୍ଧ ସଂକଳନ ନହୋଇ ଗୋଟିଏ କବିତା ସଂକଳନ ହେବା ହିଁ ତାଙ୍କ କବିତା ପ୍ରୀତିର ନିଦର୍ଶନ । ଏହା ମଧ୍ୟ ହୋଇ-ପାରେ ଯେ 'ନବୋଦ୍ୟମ' କବିତା ସଂକଳନର କବି ଚନ୍ଦ୍ରମୋହନ ବାବୁ ରାଧାନାଥ, ମଧୁସୂଦନଙ୍କ ବିଚାରରେ ନିଜର କବି ପ୍ରତିଭାକୁ ନିଷ୍ପ୍ରଭ ମନେ କରି ପ୍ରବନ୍ଧ ସୃଷ୍ଟିରେ ହାତ ଦେଇ ସାଫଲ୍ୟ ଅର୍ଜନ ପରେ ପ୍ରାବନ୍ଧିକ ହୋଇ ପଡ଼ିଥିବେ, କିମ୍ବା ହୁଏତ ତରୁଣ ମନର ସ୍ୱାଭାବିକ ଭାବ ପ୍ରବଣତା ପ୍ରଥମତଃ ତାଙ୍କ ଲେଖନୀକୁ କବିତା ସୃଷ୍ଟି ପାଇଁ ପ୍ରଲୁବ୍ଧ କରିଥିବ ମାତ୍ର ବୟସ ବୃଦ୍ଧିରେ ପ୍ରବନ୍ଧ ମଧ୍ୟରେ ନିଜ ପ୍ରତିଭାର ପ୍ରଚଣ୍ଡ

Digitized by srujanika@gmail.com

ପରିପ୍ରକାଶ ପାଇଁ ଅନୁକୂଳ ସମର୍ଥନ ସେ ପାଇଥିବେ । ୧୮୯୭ ମସିହାରେ ଉତ୍କଳ ସାହିତ୍ୟର ପ୍ରଥମ ବର୍ଷ ପ୍ରଥମ ସଂଖ୍ୟାରେ ଚନ୍ଦ୍ରମୋହନ ବାବୁଙ୍କ 'ମାଧୁରୀ' ନାମକ ଏକ କବିତା ମଧ୍ୟ ତାଙ୍କ କବି ବ୍ୟକ୍ତିତ୍ୱର ପରିଚୟସୂଚକ ।

ଆଲୋଚ୍ୟ ପ୍ରବନ୍ଧରେ ଗ୍ରୀଷ୍ମ, ବର୍ଷା, ହେମନ୍ତ ଆଦି ଷଡ଼ୃତୁ ବର୍ଣ୍ଣନା ପାଇଁ ଚନ୍ଦ୍ରମୋହନ ବାବୁଙ୍କ ଛଅଗୋଟି କବିତାହିଁ ବିଚାର ଆଲୋଚନାର ପରିଧିଭୁକ୍ତ ହୋଇଛି । ଚନ୍ଦ୍ରମୋହନ ବାବୁଙ୍କ ଲିଖିତ 'କଥାବଳୀ' ୪ ଖଣ୍ଡରେ ବିଭକ୍ତ ହୋଇ ଏହାର ପ୍ରଥମ ସଂସ୍କରଣ ଏବଂ ପରେ ଏହାର ଦ୍ୱିତୀୟ ସଂସ୍କରଣ ଦ୍ୱିତୀୟ ଖଣ୍ଡରେ ୧୯୧୦ ମସିହାରେ ମ୍ୟାକ୍ ମିଲାନ୍ କମ୍ପାନୀ ଆନୁକୂଲ୍ୟରେ କଟକ ମିସନ୍ ପ୍ରେସରୁ ପ୍ରକାଶିତ ହୋଇଥିଲା । ଉତ୍କଳରେ ଇଂରାଜୀ ଶିକ୍ଷା ପ୍ରସାରର ଆଦି କାଳରେ ଏହା ଚତୁର୍ଥ-ପଞ୍ଚମ ଶ୍ରେଣୀ ପିଲାମାନଙ୍କ ପାଠ୍ୟ ପୁସ୍ତକ ଭାବେ ନିର୍ବାଚିତ ହୋଇ ବହୁଦିନ ଧରି ଚଳି ଆସିଥିଲା । ପାଠ୍ୟ ପୁସ୍ତକ ଭାବେ 'କଥାବଳୀ'ର ଲୋକପ୍ରିୟତା ହେତୁ ଏହା ତେଲଗୁ, ହିନ୍ଦୀ ପ୍ରଭୃତି କେତେକ ପ୍ରାନ୍ତୀୟ ଭାଷାରେ ଅନୁଦିତ ହୋଇ ସେହି ସେହି ଭାଷାଭାଷୀ ଅଞ୍ଚଳରେ ପ୍ରଚଳିତ ହୋଇଥିଲା । ପ୍ରାଚ୍ୟ ପୁରାଣ, ସଂସ୍କୃତ ତଥା ବିଭିନ୍ନ ପାଶ୍ଚାତ୍ୟ ଦେଶୀୟ ସାହିତ୍ୟ ସମୂହରୁ ସଂଗୃହୀତ ଉପାଦେୟ କଥା ସମୂହ ଏବଂ ପିଲାଙ୍କ ପାଠୋପଯୋଗୀ କବିତା କେତୋଟିର ସମନ୍ୱୟରେ 'କଥାବଳୀ' ଗଦ୍ୟ ଓ ପଦ୍ୟର ଏକ ମିଶ୍ରିତ ପାଠ୍ୟକ୍ରମ । 'କଥାବଳୀ'ର କଥାଗୁଡ଼ିକ ମଧ୍ୟରେ ପଦ୍ୟ ଭାବରେ ଛଅଟି ଋତୁ ପାଇଁ ଛଅଟି କବିତା ଗ୍ରୀଷ୍ମ, ବର୍ଷା ଆଦି କ୍ରମାନୁସାରେ ସନ୍ନିବେଶିତ ହୋଇଛି । ଚନ୍ଦ୍ରମୋହନ ବାବୁଙ୍କ କବିତ୍ୱର ମୌଳିକ ସ୍ପର୍ଶ ଏହି କବିତାଗୁଡ଼ିକ ମଧ୍ୟରେ ଉପଲବ୍ଧ ହୁଏ ।

• ଋତୁଚକ୍ରର ପରିବର୍ତ୍ତନ ଅନୁଯାୟୀ ବିଚିତ୍ରବର୍ଣ୍ଣା ପ୍ରକୃତିର ଅନିନ୍ଦ୍ୟ ରୂପ ସୁଷମାର ଗ୍ରାହକ ହୋଇଛି ରୂପାନ୍ୱେଷୀ କବିର ଲେଖନୀ । ରୂପଗ୍ରାହୀ କବିର କାବ୍ୟ ଚେତନାରେ ସ୍ୱୀକୃତି ଲାଭ କରି ଓଡ଼ିଆ କାବ୍ୟ କବିତାରେ ଅନେକତ୍ର ଋତୁ ବର୍ଣ୍ଣନା ଏକ ବର୍ଣ୍ଣାଢ଼୍ୟ ବୈଭବ ଭାବେ ସ୍ଥାନ ପାଇଛି । 'ରସକଲ୍ଲୋଳ'ର "କଳା ନିବିଡ଼ କରି ନିର୍ଘୋଷ, ଗିରିମ୍ବ ଗିରିବର ଶିଖରେ, ମହା ପ୍ରବଳ ଅନ୍ଧାରେ ନ ଦେଖାଇଲା ବରି ସେ" କିମ୍ବା ଉପେନ୍ଦ୍ର ଭଞ୍ଜଙ୍କ "ଦେଖି ନବ କାଳିକା ବକାଳିକା ମାଳିକା ଆଳି କାଳିକା କାନ୍ତ ସ୍ମରି" ପ୍ରଭୃତି ବର୍ଣ୍ଣନାରୁ ପ୍ରାବୃଟ କାଳୀନ ଚିତ୍ର ଓ 'ଲାବଣ୍ୟବତୀ'ର ପଞ୍ଚମ ଛାନ୍ଦରେ "ମଳୟ ଶିଖରି ଶିରୀ ଛାଡ଼ି କରି ବହିଲାଣି ମନ୍ଦ ସମୀର । ସୁମନାଙ୍କ ବାମ ଛାଡ଼ିବାଇ ନେବତି ବୋଲି କହିଲାଣି ଭ୍ରମର" କିମ୍ବା ଗଙ୍ଗାଧର ମେହେରଙ୍କ "ବସନ୍ତ ବିଜୟ ବାରତା ପଚରିଲା ଭୁବନେ, ପାଦପ ଆମୋଦ ପଚାର ପରଭୃତ ପଠନେ' ପ୍ରଭୃତି ବର୍ଣ୍ଣନାରୁ ବସନ୍ତର ବାସନ୍ତୀ ପ୍ରକୃତିର ମଞ୍ଜୁଳ ରୂପମୂର୍ତ୍ତି, "ହୋଇଲା ପ୍ରବେଶ ଗ୍ରୀଷମ

Digitized by srujanika@gmail.com

ସମସ୍ତ ସୁଷମା ପ୍ରୌଢ଼ା ଯୁବତୀକ, ରଜନୀ ମନୋହର କରି ବହୁଳ ପକ୍ବଚୂତ ଫଳ କାନ୍ତକ" ଉପେନ୍ଦ୍ର ଭଞ୍ଜଙ୍କ ଲେଖନୀରେ ନିଦାଘ ପ୍ରକୃତିର ଏ ଚିତ୍ରଣ, ଏଭଳି ଅସଂଖ୍ୟ ଉଦାହରଣ ଅନେକ କବିଙ୍କ କାବ୍ୟ-କବିତାରୁ ମିଳି ପାରିବ ଯେଉଁଠି ନିଦାଘ, ବସନ୍ତ, ପ୍ରାବୃଟ ପ୍ରଭୃତି ବିଭିନ୍ନ ଋତୁ କାବ୍ୟ-କବିତା ବଳସ୍ବ ଭୁକ୍ତ ହୋଇ ପାରିଛି । ସଂସ୍କୃତ ସାହିତ୍ୟରେ କାଳିଦାସଙ୍କ 'ମେଘଦୂତ', ଶ୍ରୀହର୍ଷଙ୍କ 'ନୈଷଧ', ମାଘଙ୍କ 'ଶିଶୁପାଳ ବଧ' ଭବଭୂତିଙ୍କ 'ଉତ୍ତର ରାମ ଚରିତମ୍' ପ୍ରଭୃତି କାବ୍ୟରେ ବିଭିନ୍ନ ଋତୁ ବର୍ଣ୍ଣନା ଦୃଷ୍ଟାନ୍ତର ଅଭାବ ନାହିଁ । କ୍ରମାନୁସ୍ବରେ ଷଡ ଋତୁ ପୃଷ୍ଠରେ ସଯତ୍ନ ଗ୍ରଥିତ ସାର୍ଥକ ମାଳାଟିଏ ହେଉଛି ସଂସ୍କୃତ କବି କାଳିଦାସଙ୍କ 'ଋତୁ ସଂହାର' କାବ୍ୟ । ଓଡ଼ିଆ ସାହିତ୍ୟରେ ଆଦିକବି ସାରଳାଦାସ ତାଙ୍କ ମହାଭାରତରେ ମଧ୍ୟପର୍ବରେ ଚନ୍ଦ୍ରାବତୀଙ୍କ ସର୍ବାଙ୍ଗ ରୂପ ବର୍ଣ୍ଣନା କାଳରେ ଅପୂର୍ବ କଳା ପାଟବତା ଦର୍ଶାଇ ଷଡ଼ ଋତୁର ଅବତାରଣା କରିଛନ୍ତି ।

ରୀତି ଯୁଗର ଅନ୍ୟତମ ବୈଷ୍ଣବ କବି ଦେବ ଦୁର୍ଲଭ ଦାସଙ୍କ 'ରହସ୍ୟମଞ୍ଜରୀ' କାବ୍ୟର ଦ୍ୱାଦଶ ଛାନ୍ଦରେ ବିରହ ବିଦଗ୍ଧା ଶ୍ରୀ ରାଧାଙ୍କ ମର୍ମଦାହୀ ବିରହ ବେଦନାର ଦୀର୍ଘଶ୍ୱାସରେ ଷଡ ଋତୁ ବର୍ଣ୍ଣନା ହୋଇଛି ରସାଣିତ—

"ହିମରୁ ଅଇଲ ଶୀତ ବିକାନ୍ତ କୃମାରୀ
କାନ୍ତ ଥିଲେ କାମିନୀଙ୍କି ଦୃରୁଁ ଅପସରି,
ଫୁଟିଲେ କୈରବ କିଆ, ଚନ୍ଦ୍ରକାନ୍ତ ବଢ଼େ
ଶ୍ରୋଣେହା ରତି ଆରତେ ଶ୍ରୋଣେଷ୍ଟ କ ଲେଡ଼େ ।"

ରୀତି ଯୁଗ ସାହିତ୍ୟରେ ମୁଖ୍ୟତଃ ଋତୁ ବର୍ଣ୍ଣନା ସ୍ମରତାପ ପୀଡ଼ିତ ନାୟକ ଓ କାମଦଗ୍ଧା ନାୟିକାର ଶୃଙ୍ଗାର ଭାବନାକୁ ଉଦ୍ଧି କରି ଉଦ୍ଦୀପନ ବିଭାବ ଭାବେ କାମୋଚାଟନର ପୃଷ୍ଠଭୂମି ହୋଇ ରହିଯାଇଛି ।

ଭକ୍ତକବି ମଧୁସୂଦନ ରାଓଙ୍କ ଛଅ ଋତୁ ପାଇଁ ଛଅଟି ଶ୍ରେଷ୍ଠ କବିତା ମଧୁସୂଦନ ଗ୍ରନ୍ଥାବଳୀରେ 'ଶିଶୁ ଗୀତ ଓ ଛନ୍ଦମାଳା'ରେ ସନ୍ନିବେଶିତ ହୋଇଛି । ୮ ଚନ୍ଦ୍ରମୋହନ ମହାରଣାଙ୍କ ଛଅ ଋତୁ ପାଇଁ ଛଅଟି କବିତା ମଧ୍ୟ ଚତୁର୍ଥ/ପଞ୍ଚମ ଶ୍ରେଣୀ ପିଲାଙ୍କ ପାଠ୍ୟ ଉଦ୍ଦେଶ୍ୟରେ 'କଥାବଳୀ'ରେ ସନ୍ନିବେଶିତ ହୋଇଛି । ଚନ୍ଦ୍ରମୋହନ ବାବୁଙ୍କ ସରସ ସରଳ ପରିବେଷଣ ଶୈଳୀ ଏହି କବିତାଗୁଡ଼ିକୁ କେବଳ ସୁଖପାଠ୍ୟ କରିନାହିଁ, କବିତ୍ୱର କମନୀୟ ସ୍ପର୍ଶରେ ପ୍ରକୃତି ଚିତ୍ରଣ ହୋଇଛି ଜୀବନ୍ତ । "ଗ୍ରୀଷ୍ମ' ବର୍ଣ୍ଣନା ପାଇଁ 'ମଙ୍ଗଳ', ବର୍ଷା ବର୍ଣ୍ଣନା ପାଇଁ 'ଅଷାଢ଼ ଶୁକ୍ଳ',

Digitized by srujanika@gmail.com

ଶରତ ବର୍ଣ୍ଣନା ପାଇଁ 'ସାମକେଶ', ହେମନ୍ତ ବର୍ଣ୍ଣନା ପାଇଁ 'କଳହଂସ କେଦାର', ଶିଶିର ବର୍ଣ୍ଣନା ପାଇଁ 'କଲ୍ୟାଣ ଆହାରୀ', ବସନ୍ତ ବର୍ଣ୍ଣନା ପାଇଁ 'ବଙ୍ଗଳା ଶ୍ରୀ' ପ୍ରଭୃତି ବିଭିନ୍ନ ବୃତ୍ତ ଓ ଛନ୍ଦକୁ ଯଥାର୍ଥ ଭାବେ ନିର୍ବାଚନ କରିଛନ୍ତି କବି । କବିତାଗୁଡ଼ିକ ମୁଖ୍ୟତଃ ଚପଳମତି କିଶୋର କିଶୋରୀଙ୍କ ପାଠ୍ୟ ହୋଇଥିବା ହେତୁ କୈଶୋରର ମାନସ ଭୂମିରେ ଉପଦେଶର ବୀଜଟି ବପନ କରିବା ପାଇଁ କବି ସ୍ଥଳ ବିଶେଷରେ ସଚେତନ ପ୍ରୟାସୀ ହୋଇଛନ୍ତି । ନିମ୍ନରେ ତାହାର କେତୋଟି ଉଦାହରଣ ପ୍ରଦତ୍ତ ହେଲା ।

"ଏ ଜଗତେ ସୁଖ ଦୁଃଖ ଅଛୁ ସବୁ ଠାଇଁ ;
ଉଭୟେ ଅଛନ୍ତି ରଚି ଜଗତରେ ସାଇଁ ।
ଆପାତରେ ଯହିଁ ଦୁଃଖ, ପରିଣାମେ ସୁଖ,
ବାଳକେ ! ନୋହିବ କେବେଁ ଦୁଃଖରେ ବିମୁଖ ।" ( ଗ୍ରୀଷ୍ମ )

"ଲଗାଣ ମେଘର ଉଦ୍ୟମ ଦେଖି
ତୁଣେ ଧାନ ଆନ କର୍ମ ଉପେକ୍ଷି
ଯତନେ ରତନ
ମିଳଇ ଜଣା ଏ ଧ୍ରୁବ ବଚନ ।" ( ବର୍ଷା )

"କଣ୍ଟକ ଦୁର୍ଗରେ ଜନମ ଲଭି
ପ୍ରଚ୍ଛନ୍ନେ ଫୁଟଇ କିଆ ସୁରଭି
ସୁବାସ ବିତରି
ଭ୍ରମଇ ସମୀର ପ୍ରଚୁର କରି ।" ( ବର୍ଷା )

"ଏ ସ୍ୱାର୍ଥ, ଅକପଟ ବନ୍ଧୁ ଜନର
ସମ୍ପଦ ତୁଟିଲେ ଦେଖାହିଏ ଭଲେ
ଆନ ଯେତେବେଳେ ଅନ୍ତର ( ଶିଶିର )

"ବାଳକ ବାଳିକା କୁସୁମ ମାଳିକା
ତୁମ୍ଭେମାନେ ମାନବରେ,
ଯେ ଧାତା ରଚିଲେ ଏ କୁସୁମକାଳେ
ନମ ତାଙ୍କ ଶ୍ରୀ ପଦ୍ମରେ ।" ( ବସନ୍ତ )

ରୁଦ୍ର ସନ୍ୟାସୀ ନିଦାଘ ଋତୁର ଆବିର୍ଭାବରେ ବସନ୍ତ କାଳୀନ ମୃଦୁ ମଧ ସମୀରଣ କାହିଁ ଅନ୍ତର୍ହିତ ହୋଇଯାଇ ମଧ୍ୟାହ୍ନରେ ତପ୍ତ ଅନିଳ ପ୍ରବାହିତ ହେଲା ।

Digitized by srujanika@gmail.com

ନିଦାଘ ତାପିତ ପ୍ରାଣୀଙ୍କ ତୃଷାର୍ତ୍ତ କଣ୍ଠ ଖୋଜିଲା ଶୀତଳ ସଲିଳ। ନିଦାଘ ପ୍ରକୋପରେ ବିହଙ୍ଗମମାନେ ତରୁଶାଖାରେ ନିଶ୍ଚଳତା ଭଜିଲେ। ପଶୁମାନେ ରହିଲେ ପର୍ଣ୍ଣାଚ୍ଛାଦିତ ପାଦପ ତଳେ ଆଶ୍ରୟ। ପଥିକେ ଆତପତର ଆଶ୍ରୟ ନେଲେ। କବି ମଧୁସୂଦନ ଓ ଚନ୍ଦ୍ରମୋହନ ବାବୁଙ୍କ 'ଗ୍ରୀଷ୍ମ' ବର୍ଣ୍ଣନାରେ କେତେକ ସାମ୍ୟ ପରିଲକ୍ଷିତ ହୁଏ। ମଧୁସୂଦନଙ୍କ "ନୀରବ ନିଶ୍ଚଳ ବିହଙ୍ଗ ନିକର ତପତ ତରୁର ଡ଼ାଳେ", "ପରିଶୁଷ୍କ ଏବେ ସରୋବର ଜଳ ନଦୀ ଦେହ କୃଶ ଅତି, ଭେକ ମୀନ ଆଦି ଜଳଚର ପ୍ରାଣୀ ମରନ୍ତି ଲଭି ଦୁର୍ଗତି", "ତପ୍ତ ଧୂଳିବର୍ଷି ତପତ ଅନିଳେ ଉଡ଼ି ଘୋଟଇ ଅମ୍ବରେ", "ବଚଣା ପବନେ କେହି ବା ଚନ୍ଦନେ ଶୀତଳନ୍ତି ସ୍ୱ ଶରୀର" ପ୍ରଭୃତି ବର୍ଣ୍ଣନାର ସେହି ସେହି ସୁରରେ ଚନ୍ଦ୍ରମୋହନଙ୍କ "ତରୁ ଡ଼ାଳେ ବିହଙ୍ଗମେ ନିଶ୍ଚଳ ବସିଲେ", "ଜଳାଶୟେ କ୍ରମେ କ୍ଷୀଣ ହୁଅଇ ସଲିଳ; ଯହିଁ ଅତି ଅଳ୍ପ ଦଳ ତହିଁରେ ଆବିଳ; ଖରତାପେ ଉଡ଼ିଯାଏ ପଲ୍ୱଲ ଜୀବନ, ମୀନ ଆଦି ଜଳଚରେ ଭଜନ୍ତି ନିଧନ"; "ନିଦାଘ ଝାଞ୍ଜିରେ ଧୂଳି ଘୋଟଇ ଅମ୍ବରେ", "ଗୃହ ମଧ୍ୟେ କରେ କେହୁ ବୀଜନ ଚାଳନ, ଭାଗ୍ୟବନ୍ତ ଜନ ଦେହେ ଲେପଇ ଚନ୍ଦନ,' ବର୍ଣ୍ଣନାରୁ ସମାନ୍ତରାଳ ଅନୁରୂପ ଋତୁ ଚିତ୍ର ସ୍ୱଚ୍ଛଦୃଷ୍ଟିରେ ଉଦ୍ଭାସିତ ହୋଇଥାଏ।

ନିଦାଘ ତପ୍ତ ଧରଣୀର ଧୂସର ବୁକୁରେ ସବୁଜ ସ୍ୱପ୍ନ ସମ୍ଭାର ନେଇ ଆବିର୍ଭୂତ ହେଲା ବର୍ଷା କାଳ। ମେଘ ମେଦୁର ଆକାଶରେ ବଜ୍ରର ଗୁରୁ ଗମ୍ଭୀର ନିର୍ଘୋଷ ସହିତ ବିଦ୍ୟୁତ୍ କାମିନୀର ଲାସ୍ୟ ଲୀଳା ପ୍ରକଟିତ ହେଲା। ଅସଂଖ୍ୟ ଶ୍ୟାମ ଦୂର୍ବାର ଉଦ୍‌ଗମରେ ଧରଣୀ ରାଣୀ ହେଲା ସବୁଜ ରୂପଶ୍ରୀ ବିମଣ୍ଡିତା। ଭେକର ଗର୍ଜ୍ଜନରେ ପ୍ରାବୃଟର ବିଜୟ ସ୍ତୋତ୍ର ଗୀତ ଉଚ୍ଚାରିତ ହେଲା। ଯୌବନ ମଦମତ୍ତ ତଟିନୀ ଜଳ ପ୍ରାଚୁର୍ଯ୍ୟରେ ଉତ୍କୂଳା ହେଲା। ନଦୀରେ ବୋଇତ ଭେଳା ଚାଲିବା ସହିତ ଘାଟ-ମାନଙ୍କରେ ନଦୀ ପାର ହେବାକୁ ପଥିକମାନେ ମିଳିତ ହେଲେ। ଲଗାଣ ବର୍ଷାରେ କର୍ଦ୍ଦମ ସୃଷ୍ଟି ହୋଇ ମାର୍ଗକୁ ଦୁର୍ଗମ କଲା। କବିଙ୍କ ଲେଖନୀରେ—

"ତଟିନୀ ଯୌବନେ ପଦ ଅର୍ପିଲା
ନଦୀରେ ଚାଲିଲା ବୋଇତ ଭେଳା
ଘାଟେ ଘାଟେ ହେଲା ପଥିକ ମେଳା
ବରଷା କର୍ଦ୍ଦମ
ଜନପଦ ମାର୍ଗ କଲା ଦୁର୍ଗମ।" (ବର୍ଷା)

ଶରତର ଆଗମନରେ ଆକାଶ ହେଲା ସ୍ୱଚ୍ଛ ଓ ନିର୍ମଳ। ନଭୋମଣ୍ଡଳରେ ଇନ୍ଦ୍ରଧନୁର ବର୍ଣ୍ଣିଳ ଶୋଭା ପ୍ରକଟିତ ହେଲା। ଦକ୍ଷିଣ ଦିଗଙ୍ଗନାର ଲଲାଟ ଶୋଭିତ ମଥାମଣି

Digitized by srujanika@gmail.com

ସଦୃଶ୍ୟ ବିଭିବରୀ କାଳରେ ଅଗସ୍ତି ନକ୍ଷତ୍ର ଉଦିତ ହେଲା । 'ପ୍ରବାଳ ବୃନ୍ତରେ ଖଚିତ ସିତ ସ୍ଫଟିକ ଦଳ' ସମ ଅଗଣିତ ବୃନ୍ତଚ୍ୟୁତା ଗଙ୍ଗଶିଉଲି ଫୁଲର ସୁବାସ ପ୍ରାତଃ ସମୀରଣରେ ଚତୁର୍ଦ୍ଦିଗରେ ବିତରିତ ହେଲା । ଶରତ୍ କାଳୀନ ସନ୍ଧ୍ୟା ଓ ନୈଶ ପ୍ରକୃତିର କମନୀୟ ରୂପଶ୍ରୀ ଉଦ୍‌ଘାଟନରେ କବି ଚନ୍ଦ୍ରମୋହନଙ୍କ କଳ୍ପନାବିଳାସ ଅନନ୍ୟ ହୋଇଛି

"ମଧୁର ଗୋଧୂଳି ସମୟ, ଅସ୍ତରବି କିରଣେ
ବାରୁଣୀ ଗଗନ ଝଳଇ ତପ୍ତ ସ୍ୱର୍ଣ୍ଣ ବରଣେ ।"

"ବିମଳ ଆକାଶେ ରାଜିଲେ ତାରାପତି ଅମଳ
ଚଉପାଶେ ବେଢ଼ି ବସିଲେ ତାଙ୍କୁ ତାରା ପଟଳ ।"

କେଦାରେ କେଦାରେ ପରିପୂର୍ଣ୍ଣ ଶସ୍ୟ ସମ୍ଭାରର ହାସ୍ୟ ଉଚ୍ଛଳତାରେ ହେମନ୍ତ ଧରା-ପୃଷ୍ଠକୁ ଅବତରଣ କଲା । ଯାମିନୀରେ ଶିଶିରପାତ ହେତୁ ପଦ୍ମବନ ବିବର୍ଣ୍ଣ ହେଲା । ସୂର୍ଯ୍ୟଙ୍କ ତେଜ ହ୍ରାସ ହେବା ସହିତ କ୍ରମଶଃ ଦିବସକ୍ଷୀଣ ଓ ରାତ୍ରିର କଳେବର ପରିବର୍ଦ୍ଧିତ ହେଲା । ହେମନ୍ତ ପରେ ତରୁଲତାର ଅଙ୍ଗରୁ ପତ୍ରପତ୍ରକୁ ଶାଖାଚ୍ୟୁତ କରାଇ ଆବିର୍ଭୂତ ହେଲା ଶିଶିର । ସୂର୍ଯ୍ୟଙ୍କ ଦକ୍ଷିଣାୟନ ଗତି ହେତୁ ଦିବସ କ୍ରମଶଃ କ୍ଷୟପ୍ରାପ୍ତ ହେଲା । ଚନ୍ଦ୍ରମୋହନ ବାବୁଙ୍କ ଋତୁ ବର୍ଣ୍ଣନାର ବୈଶିଷ୍ଟ୍ୟ ହେଲା ତାହା କେବଳ ପ୍ରକୃତି ଚିତ୍ରଣ ସର୍ବସ୍ୱ ନୁହେଁ, ଏଥିରୁ ଜନଜୀବନର ସମ୍ୟକ୍ ପରିଚୟ ମଧ୍ୟ ମିଳେ । ରୀତିଯୁଗର ପ୍ରକୃତି ବର୍ଣ୍ଣନାରେ ସମାଜ ଜୀବନର ପରିଚୟ କ୍ୱଚିତ୍ ଦେଖିବାକୁ ମିଳିଥାଏ । କିନ୍ତୁ ଚନ୍ଦ୍ରମୋହନ ବାବୁଙ୍କ 'ଗ୍ରୀଷ୍ମ' କବିତାରେ "ଉତ୍ତାଇଣ୍ଡ ଆତପର ପଥିକେ ଚଳିଲେ", 'ଭାଗ୍ୟବନ୍ତ ଜନ ଦେହେ ଲେପଇ ଚନ୍ଦନ', ବର୍ଷା କବିତାରେ 'କୃଷିକାରୀ ସାରି ଭୂମି କର୍ଷଣ, ରହିଁ ବସିଥାଏ ସେ ଅନୁକ୍ଷଣେ', 'ଦରିଦ୍ର କୁଟୀର ଭାଙ୍ଗି ସେ ଦିଏ', 'ଆନନ୍ଦେ ପୂରିଲା ଗୋକୁଳ ପ୍ରାଣ', 'କୂଳବାସୀ ଜନ, କୂଳ ତେଜିବାକୁ କୁଣ୍ଠିତ ମନ', 'ଶରତ' କବିତାରେ 'ପାନ୍ଥେ ହୋଇଲେ ସୁଖୀ', 'ଉଦର ପୁରାଇ ଆନନ୍ଦେ ଗୋରୁପଲ ମନ୍ଦୁରେ', 'ହେମନ୍ତ' କବିତାରେ 'ନବୀନ ଧାନଶୀଷା ଶସ୍ୟ ଗୌରବେ, ଭେଟିଲେ ସ୍ୱେହୀଜନ ଯେତେକେ ବାନ୍ଧବେ', 'ଆନନ୍ଦେ ପୂରିଗଲା କୃଷକ ମନ, ସଫଳ ହେଲା ଯେଣୁ ଶ୍ରମ ଯତନ', 'କୃଷକ ଶତ ମନୋରଥ ଗଢ଼ଇ' ପ୍ରଭୃତି ଅସଂଖ୍ୟ ଉଦାହରଣ ମିଳେ ଯେଉଁଠାରେ ସମାଜ ଜୀବନର ଚିତ୍ର ପ୍ରତିଫଳିତ ହୋଇଛି । 'ଶିଶିର' କବିତାରେ ଏ ଚିତ୍ର ବ୍ୟାପକ ଭାବରେ ସ୍ଥାନ ପାଇଛି । ଶିଶିରରେ ନରନାରୀମାନେ ବିଭିନ୍ନ ଶୀତ ବସ୍ତ୍ରରେ ତନୁକୁ ଆଚ୍ଛାଦିତ କରିବା, ଆଖୁଚାଷୀମାନେ ଆଖୁ ଶାଳାରେ ଆଖୁପେଡ଼ିବା ଉଦ୍ଦେଶ୍ୟରେ ଏକତ୍ରିତ ହେବା ଏବଂ ରସ ଅଭିଳାଷୀ ବାଳକମାନେ ହର୍ଷ ସହକାରେ

Digitized by srujanika@gmail.com

ଅଙ୍ଗୁରରସ ପାନ କରିବା, ଚସୋବଲୀ, ଗଜା, ଲଡୁ, ଖୀରି, ଖଜା ପ୍ରଭୃତି ସେଥିରେ ନିର୍ମିତ ହେବା, ନଦୀଙ୍କର କୂଳରେ ରବି ଫସଲ ପରିଶୋଭିତ ହେବା, 'ବିବିଧ ଅମଳ ଆଳୁଆଦି କନ୍ଦ' ସୁଲଭ ହେବା ଉଲ୍ଲେଖ କରିଛନ୍ତି କବି । ଭୋଗୀମାନଙ୍କ ପାଇଁ ଏ ଋତୁର ଉପାଦେୟତା ହେତୁ କବି ଟିପ୍ପଣୀ କରିଛନ୍ତି—

"ଏ ଋତୁ ଭୋଗୀ ପାଇଁ ଧାତା ଗଢ଼ିଲେ ।"

କାବ୍ୟ କବିତାରେ ଋତୁରାଜ ବସନ୍ତର ଉଚ୍ଛ୍ୱସିତ ଗୁଣକୀର୍ତ୍ତିନରେ ସତତ ପ୍ରଲୁବ୍ଧ ହୋଇଛି ସ୍ରଷ୍ଟାର ଲେଖନୀ । କମନୀୟ ବସନ୍ତ ପ୍ରକୃତିର ରୂପ ସୁଷମାରେ ତନ୍ମୟ କବିପ୍ରାଣ 'ଋତୁ ସଂହାର'ରେ ଘୋଷଣା କରିଛି – "ସର୍ବଂ ପ୍ରିୟେ ! ଚାରୁତରଂ ବସନ୍ତେ ।" 'ବସନ୍ତ' କବିତାର କବି ଚନ୍ଦ୍ରମୋହନ ବାବୁଙ୍କଠାରେ ସେଭଳି ତନ୍ମୟତା ଲକ୍ଷିତ ହୁଏ— 'ସେ ପରିଶମଣି ପରଶିଲି ଛଣି ନବୀନ ସର୍ବେ ଦିଶିଲେ ।' ମହାକବି କାଳିଦାସଙ୍କ 'ସୁଖାଃ ପ୍ରଦୋଷା ଦିବସାଶ୍ଚ ରମ୍ୟାଃ'ର ପ୍ରତିଧ୍ୱନି ଶୁଣିବାକୁ ମିଳେ 'ପ୍ରଭାତ ପ୍ରଦୋଷ ରଜନୀ ଦିବସ ସର୍ବେ ଏବେ ସୁଖକର' ବର୍ଣ୍ଣନା ମଧ୍ୟରେ ।

ଉପମା ନିର୍ବାଚନରେ କବିର ବାସ୍ତବ ଦୃଷ୍ଟିଭଙ୍ଗୀ ଅତୀବ ହୃଦୟସ୍ପର୍ଶୀ— "ଧଳା ଭସ୍ମବୋଳା ତପସ୍ୱୀ ମହିଳା ପରିଏ ଯାମିନୀ ଦିଶିଲି ।" (ଶିଶିର) "ଦିଶେ ହତଶ୍ରୀ ସରଣୀ, ଯେପରି ବିଧବା ଭୂଷଣ ବିହୀନ ।" (ଶିଶିର)

ତତ୍ସମ ଶବ୍ଦ ସହିତ ଦେଶଜ ଓ ପ୍ରାକୃତ ଶବ୍ଦ ଗୁଡ଼ିକର ଅପୂର୍ବ ସମନ୍ୱୟ ସଂସାଧନରେ କବି ଚନ୍ଦ୍ରମୋହନଙ୍କ କାବ୍ୟ ବ୍ୟକ୍ତିତ୍ୱ ଅସପତ୍ନ ପ୍ରତିଷ୍ଠା ଅର୍ଜ୍ଜନ କରି ପାରିଛି ଏହି କବିତାଗୁଡ଼ିକ ମଧ୍ୟରେ । ଭାବପ୍ରକାଶ ପାଇଁ ତତ୍ସମ ଶବ୍ଦର ମହତ୍ତ୍ୱ ଯେତେ ସେ ତୁଳନାରେ ଦେଶଜ ଓ ପ୍ରାକୃତ ଶବ୍ଦର ମହତ୍ତ୍ୱ ଯେ ଗୌଣ ନୁହେଁ ଏହାକୁ ପ୍ରତିପାଦନ କରିବାହିଁ କବିଙ୍କ ସଚେତନ ଲକ୍ଷ୍ୟ ଥିବା ଭଳି ମନେହୁଏ । କାବ୍ୟସ୍ରୋତର ଆଧିପତ୍ୟ କାଳରେ ତତ୍ସମ ଶବ୍ଦର ଦୁର୍ଲଙ୍ଘନୀୟ ଆକର୍ଷଣ ମଧ୍ୟରେ ଥାଇ ପ୍ରଚଳିତ ବାକ୍ରୀତି ଓ ଦେଶଜ ଶବ୍ଦ ପ୍ରତି ଏ ଅନୁରକ୍ତି ଚନ୍ଦ୍ରମୋହନ ବାବୁଙ୍କ ଲେଖନୀର ଉଲ୍ଲେଖନୀୟ ବିଶେଷତ୍ୱ ।

ରାଧାନାଥ ଯୁଗର କାବ୍ୟ-କବିତା ଛାୟାପଥରେ କୃତବିଦ୍ୟ ଯଶସ୍ୱୀ କେତେକ ନକ୍ଷତ୍ରଙ୍କ ପାଖରେ ଆମ ଦୃଷ୍ଟି ମୁଖ୍ୟତଃ ସୀମାବଦ୍ଧ ହୋଇଯିବା ଦ୍ୱାରା ଏ ଛାୟାପଥର ଅନ୍ୟତମ ନକ୍ଷତ୍ର ଚନ୍ଦ୍ରମୋହନ ମହାରଣାଙ୍କ କବି ବ୍ୟକ୍ତିତ୍ୱ ଆମ ଦୃଷ୍ଟି ଅନ୍ତରାଳରେ ରହିଯାଇଛି । ମାତ୍ର ଏ ପ୍ରତିଭା ମଧ୍ୟ ନିଜସ୍ୱ ମୌଳିକ ଦୀପ୍ତି ଓ ଦ୍ୟୁତିରେ ଭାସ୍ୱର ।

Digitized by srujanika@gmail.com

# 'କଥାବଳୀ'ର ରୂପକାର ଚନ୍ଦ୍ରମୋହନ ମହାରଣା

ପଠାଣି ପଟ୍ଟନାୟକ

ଫକୀରମୋହନଙ୍କ ମୃତ୍ୟୁ ଉପଲକ୍ଷେ "ଉତ୍କଳ ସାହିତ୍ୟ" ପତ୍ରିକାର ଏକ ସ୍ୱତନ୍ତ୍ର ସଂଖ୍ୟାରେ ବ୍ୟାସକବିଙ୍କୁ ସ୍ମରଣ କରି ଚନ୍ଦ୍ରମୋହନ ମହାରଣା ଲେଖିଥିଲେ— ଯାବତୀୟ ଉନ୍ନତିର ବାଧାଜନକ ଭେଦବୁଦ୍ଧିକୀଟ ବର୍ତ୍ତମାନ ଓଡ଼ିଶାକୁ ଘୋରି ପକାଇଅଛି । ସେତେବେଳେ ଏ କୀଟ ଓଡ଼ିଶାରେ ପ୍ରବେଶ କରି ନଥିଲା । ସେତେବେଳେ ମୁଷ୍ଟିମେୟ ଓଡ଼ିଆ ଯୁବକ ଏକ ମନରେ ପୂର୍ଣ୍ଣ ଉତ୍ସାହରେ କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରିଥିଲେ । ଫକୀରମୋହନଙ୍କର ଜୀବନର ଶେଷାଂଶରେ ମଧ୍ୟ ଉତ୍ସାହର ଅଭାବ ଦୃଷ୍ଟିଗୋଚର ହୋଇନାହିଁ ।"

( ଉତ୍କଳ ସାହିତ୍ୟ— ୨୨ ଭାଗ— ୪ର୍ଥ ସଂଖ୍ୟା, ପୃ ୧୯୦-୧୯୧ )

ଚନ୍ଦ୍ରମୋହନଙ୍କର ରୁଚି ଓ ବ୍ୟକ୍ତିତ୍ୱ ଏହି ସ୍ମୃତି-ତର୍ପଣ ବ୍ୟଞ୍ଜିତ କେତେଗୋଟି ବାକ୍ୟ ମଧ୍ୟରେ ଅଭିବ୍ୟକ୍ତ ଲାଭ କରିଅଛି । ଚନ୍ଦ୍ରମୋହନ ଥିଲେ ଜଣେ କର୍ମଯୋଗୀ ଏବଂ ସୁପୁରୁଷ । ସେ ଜଣେ ପୂର୍ଣ୍ଣ ବ୍ୟକ୍ତିତ୍ୱ ଥିଲେ ବୋଲି ତାଙ୍କର ସମ୍ପର୍କରେ ଆସିଥିବା ବହୁ ଶକ୍ତିଶାଳୀ ପ୍ରତିଭା ସ୍ୱୀକାର କରିଯାଇଅଛନ୍ତି । ତାଙ୍କର ସାହିତ୍ୟସିଦ୍ଧି ଅପେକ୍ଷା ଜୀବନର ସିଦ୍ଧି ଅଧିକ ପ୍ରତିଷ୍ଠା ଅର୍ଜନ କରିଅଛି । ଚନ୍ଦ୍ରମୋହନ ଥିଲେ ସଚ୍ଚା ଦେଶପ୍ରେମୀ ସୁନାଗରିକ । ସମାଜର ହିତ ପାଇଁ ସେ ଯାହା ଶ୍ରେୟ ବିଚାରୁଥିଲେ, ଅତ୍ୟନ୍ତ ନିଷ୍ଠାର ସହିତ କଠୋର ଭାବରେ ତାହାକୁ କାର୍ଯ୍ୟକାରୀ କରୁଥିଲେ । ଚନ୍ଦ୍ରମୋହନ ଜନ୍ମଗ୍ରହଣ କରିଥିଲେ ନଅଙ୍କ ଦୁର୍ଭିକ୍ଷର ଘନ ଅନ୍ଧକାର ମଧ୍ୟରେ । ତାଙ୍କର ବାଲ୍ୟ ଜୀବନରେ ବାଲେଶ୍ୱରକୁ ସେକାଳର ଓଡ଼ିଶାର ନବ ଉନ୍ମେଷର କେନ୍ଦ୍ରସ୍ଥଳ ରୂପେ ସେ ଦେଖିବାକୁ ପାଇଥିଲେ । ଓଡ଼ିଆ ଜାତୀୟତାବାଦର ଆଦି ଉତ୍ସ ବାଲେଶ୍ୱରର ବୈପ୍ଳବିକ ପରିବେଶ ମଧ୍ୟରେ ଜୀବନ୍ୟାସ ପ୍ରାପ୍ତ ହୋଇଥିଲା । ସେହିଠାରେ ଅଧ୍ୟୟନ କାଳରେ କୃତୀ ଗ୍ରାଜ ଚନ୍ଦ୍ରମୋହନ ଦେଶ ଓ ଦଶର କଲ୍ୟାଣ ପାଇଁ ମନ୍ତ୍ର ଗ୍ରହଣ କରି ଆଜୀବନ ଜଣେ ଆଦର୍ଶ ଶିକ୍ଷକ ଓ ଶିକ୍ଷାବିତ୍ ଭାବରେ ଜୀବନ ବିତାଇ ଦେଇଥିଲେ । ତାଙ୍କର ଲକ୍ଷ୍ୟ ଥିଲା ଉଚ୍ଚ କୋଟିର ମନୁଷ୍ୟ ତିଆରି କରିବା । ଏଥିପାଇଁ ଆଦର୍ଶ ପାଠ୍ୟପୁସ୍ତକର ଆବଶ୍ୟକତା ଉପଲବ୍ଧି କରି ସେ

Digitized by srujanika@gmail.com

ଲେଖିଥିଲେ ଓଡ଼ିଆ ବ୍ୟାକରଣ (୧୯୧୦) ଏବଂ କଥାବଳୀର (୧୯୧୭)। ସେ କାଳର ଶିକ୍ଷିତ ଲୋକେ ଓଡ଼ିଆ ଭାଷାର ଶୁଦ୍ଧ ପ୍ରୟୋଗରେ ବ୍ୟର୍ଥ ହେଲେ ଚନ୍ଦ୍ରମୋହନ କଠୋର ସମାଲୋଚନା କରୁଥିଲେ। ଜଣେ ବହୁ ଭାଷାଭିଜ୍ଞ ପଣ୍ଡିତ ହେଲେହେଁ ଓଡ଼ିଆ ଭାଷାର ଉନ୍ନତି ପାଇଁ ସେ ସତତ ଉଦ୍ୟମ କରି ଆସିଥିଲେ। କବିପ୍ରାଣ ଚନ୍ଦ୍ରମୋହନଙ୍କର ବଳିଷ୍ଠ ଗଦ୍ୟ ରଚନା ମଧ୍ୟରେ ଭାଷାଗତ ଶୁଦ୍ଧତା ଏବଂ ଭାବଗତ ଗାମ୍ଭୀର୍ଯ୍ୟ ସର୍ବଦା ଲକ୍ଷ୍ୟ କରାଯାଇଥାଏ। କୈଶୋର ଜୀବନରେ ଲିଖିତ 'ନବୋଦ୍ୟମ' (୧୮୮୮) କବିତା ଗୁଚ୍ଛରେ ତାଙ୍କର ଯେଉଁ କବି ପ୍ରତିଭାର ଉନ୍ମେଷ ହୋଇଥିଲା 'କଥାବଳୀ'ର ରଚନାକାଳରେ ତାହା ଅଧିକ ପ୍ରାଣବନ୍ତ ଓ ସାର୍ଥକ ରୂପ ପରିଗ୍ରହ କରିଥିଲା। ଚନ୍ଦ୍ରମୋହନ ଜଣେ କୁଶଳୀ ଅନୁବାଦକ ଥିଲେ। ସଂସ୍କୃତ ସାହିତ୍ୟରେ ତାଙ୍କର ଅଗାଧ ପ୍ରବେଶ ଥିଲା। ଚପଳମତି ଶିଶୁମାନଙ୍କୁ ସାହିତ୍ୟ ଶିକ୍ଷା ଦେବାପାଇଁ ସେ ସଂସ୍କୃତ ସାହିତ୍ୟ ଭଣ୍ଡାରର କେତେକ ମୂଲ୍ୟବାନ ରତ୍ନ ଓଡ଼ିଆ ଭାଷାର ଛାତ୍ରମାନଙ୍କ ପାଇଁ ଆହରଣ କରି ଆଣିଥିଲେ। କେବଳ କଥାବଳୀର କେତୋଟି ଅଧ୍ୟାୟ ଆଲୋଚନା କଲେ ଏହା ପ୍ରମାଣ କରାଯାଇ ପାରିବ। ଅବଶ୍ୟ କଥାବଳୀରେ ଲେଖକ କେତେକ ଇଂରେଜୀ କଥାବସ୍ତୁର ସାହାଯ୍ୟ ଗ୍ରହଣ କରିଅଛନ୍ତି। ମାତ୍ର ସେ ଅଧିକ ଯତ୍ନବାନ ଥିଲେ ପ୍ରାଚୀନ ଭାରତର ସାହିତ୍ୟ ସମ୍ପତ୍ତିକୁ ଏ ଦେଶର ଛାତ୍ରମାନଙ୍କୁ ପରିବେଷଣ କରିବା ପାଇଁ। ବିଭିନ୍ନ ଆଖ୍ୟାୟିକା ଜରିଆରେ ସେ କେବଳ ଶିଶୁମାନଙ୍କୁ ଭାଷା ଶିକ୍ଷା ଦେଇ ନାହାନ୍ତି, ସେମାନଙ୍କର ମନରେ ଏକ ଉଚ୍ଚତର ଭାବାଦର୍ଶ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଅଛନ୍ତି। "ବଧିର ବନ୍ଧୁର" ଉପାଖ୍ୟାନ ପାଠ କଲେ ପାଠକ ପଦେ ପଦେ ନ ହସି ରହିପାରିବ ନାହିଁ। ତେଣୁ ଲେଖକ ବିଷୟ ପ୍ରବେଶ କାଳରେ ହାସ୍ୟରସ ମାଧ୍ୟମରେ ଛାତ୍ରମାନଙ୍କର ମନକୁ ସାହିତ୍ୟପଠନ ପ୍ରତି ଆକୃଷ୍ଟ କରାଇବାରେ କୃତୀ ହୋଇ ଅଛନ୍ତି। "ଯୋଗ୍ୟତାର ନିଦର୍ଶନ" ପ୍ରସଙ୍ଗଟିରେ ଲେଖକ ଦର୍ଶାଇଥିଲେ ଯେ ପ୍ରକୃତ ବ୍ୟକ୍ତିତ୍ୱ ଓ ଯୋଗ୍ୟତାର ମାପକାଠି ହେଉଛି ବ୍ୟକ୍ତିର ଚରିତ୍ରବତ୍ତା, ନିୟମ ନିଷ୍ଠା, ବିନୟ ଏବଂ ସତ୍ୟବାଦିତା। ଏହି ଗୁଣଗୁଡ଼ିକ କାର୍ଯ୍ୟକାରୀ କରିପାରିଲେ ମନୁଷ୍ୟ ଯେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ତାହାର ସମାଧାନ ପାଇଁ କ୍ଷମ ହୋଇପାରିବ। ସତ୍ୟର ଅପଳାପ କଲେ କି ଦୁର୍ଗତିର ସମ୍ମୁଖୀନ ହେବାକୁ ପଡ଼େ, ତାହା "ସତ୍ୟଲଂଘନ" ଶୀର୍ଷକ ଏକ ଦୀର୍ଘ ଆଖ୍ୟାୟିକାରେ ଲେଖକ ପ୍ରତିପାଦନ କରିଅଛନ୍ତି। ଗର୍ବ ଓ ଅହଂକାରର ବଶବର୍ତ୍ତୀ ହେଲେ ପ୍ରତ୍ୟେକେ ଧ୍ୱଂସର ସମ୍ମୁଖୀନ ହୁଅନ୍ତି। ଆକସ୍ମିକ ବିପଦ ସେମାନଙ୍କୁ ବିପର୍ଯ୍ୟସ୍ତ ଆଡ଼କୁ ଟାଣି ନେଇଯାଏ। "ଦୁଇମୂର୍ଖ ଛାଗଳ କଥା" ପ୍ରସଙ୍ଗରେ ଏହି ଭାବଟି ପ୍ରାଧାନ୍ୟ ଲାଭ କରିଛି। ଅଥଚ ଅନ୍ୟ ପକ୍ଷରେ ସାମାନ୍ୟ ବିନୀତ ଏବଂ ବିବେକୀ ହେଲେ କିପରି ମହାନ ବିପଦରୁ ମନୁଷ୍ୟ ଉଦ୍ଧାର ପାଇପାରେ ତାର ଉଦାହରଣ ହେଉଛି 'ବିବେକୀ ଛାଗଳ କଥା'। ଜୀବନରେ

Digitized by srujanika@gmail.com

ଯେଉଁମାନେ ଗୃହଛିଦ୍ରାନ୍ୱେଷୀମାନଙ୍କର ଶିକାର ହୁଅନ୍ତି, ସେମାନଙ୍କର ଜୀବନ ଭସ୍ମୀଭୂତ ଧ୍ୱଂସସ୍ତୂପରେ ପରିଣତ ହୁଏ । ଏହିପରି ହିତାହିତ ଜ୍ଞାନଶୂନ୍ୟ ବ୍ୟକ୍ତିଙ୍କର ଧନ, ମାନ, ଯଶ, ବିଦ୍ୟା, ଐଶ୍ୱର୍ଯ୍ୟ କିଛି ହେଲେ କାର୍ଯ୍ୟରେ ଲାଗେ ନାହିଁ । "ଶୃଗାଳ ଓ ହସ୍ତୀର କଥା" ପ୍ରସଙ୍ଗ ଛଳରେ ଧୂର୍ତ୍ତ ଶୃଗାଳଦ୍ୱାରା ବିଶାଳ ହସ୍ତୀ ପ୍ରତାରିତ ହୋଇ କିପରି ମୃତ୍ୟୁମୁଖରେ ପତିତ ହେଲା ତାହା ଦର୍ଶାଇ ଦିଆଯାଇଛି ।

'କଥାବଳୀ'ର ଲେଖକ ସଂସ୍କୃତ 'ହିତୋପଦେଶ'ର କେତୋଟି ପ୍ରସଙ୍ଗ ଅତ୍ୟନ୍ତ ମନୋଜ୍ଞ ଭାବରେ ଶିଶୁ ଶିକ୍ଷା ଉଦ୍ଦେଶ୍ୟରେ ପରିବେଷଣ କରିଅଛନ୍ତି । ଏଥିରେ ତାଙ୍କର ବିଷୟ ନିର୍ବାଚନ କୌଶଳ ଏବଂ ଅନୁବାଦକର ଦକ୍ଷତା ଲକ୍ଷ୍ୟ କରିଯାଇ ପାରେ । ଉଦାହରଣ ସ୍ୱରୂପ "ବ୍ୟାଘ୍ର ଓ କଙ୍କଣଲୋଭୀ ପଥିକର ଉପାଖ୍ୟାନ" ବିଷୟଟିରୁ କେତେକ ଅଂଶ ଆଲୋଚ୍ୟ ।

ସଂସ୍କୃତ ପ୍ରସଙ୍ଗଟିରେ ବିଷୟଟି ଏହିପରି—

ଅହମେକଦା ଦକ୍ଷିଣାରଣ୍ୟେ ଚରନ୍ନପଶ୍ୟଂ ଏକୋ ବୃଦ୍ଧୋ ବ୍ୟାଘ୍ରଃ ସ୍ନାତଃ-କୁଶହସ୍ତଃ ସରସ୍ତୀରେ ବ୍ରୂତେ "ଭୋ ଭୋଃ ପାନ୍ଥାଃ । ଇଦଂ ସୁବର୍ଣ୍ଣକଙ୍କଣଂ ଗୃହ୍ୟତାମ୍ ।" ତତୋ ଲୋଭାକୃଷ୍ଟେନ କେନଚିତ୍ ପାନ୍ଥେନାଲୋଚିତଂ ଭାଗ୍ୟେନୈତତ୍ ସମ୍ଭବତି କିନ୍ତୁ-ସ୍ମିନ୍ନାତ୍ମସନ୍ଦେହେ ପ୍ରବୃତ୍ତି ନ ବିଧେୟା ।"

'କଥାବଳୀ'ରେ ଏହି ପରିଚ୍ଛେଦର ଅନୁବାଦ ହେଲା—

ଦକ୍ଷିଣାରଣ୍ୟରେ ଗୋଟିଏ ସରୋବର କୂଳରେ ଏକଦା ଗୋଟିଏ ବୃଦ୍ଧ ବ୍ୟାଘ୍ର ସ୍ନାନ କରି ଓ ହସ୍ତରେ କୁଶ ଧାରଣ କରି ପଥଗାମୀ ମନୁଷ୍ୟମାନଙ୍କୁ ସମ୍ବୋଧନ କରି କହିଲା 'ହେ ପଥିକମାନେ ! ଏହି ସୁବର୍ଣ୍ଣକଙ୍କଣ ଗ୍ରହଣ କର ।' ଲୋଭାକୃଷ୍ଟ ଜଣେ ବୃଦ୍ଧ ପଥିକ ଏହା ଶୁଣି ମନେ ମନେ ଆଲୋଚନା କଲା— 'ଭାଗ୍ୟରେ ଥିଲେ ଏପରି ଦୁର୍ଲଭ ବସ୍ତୁ ମିଳେ । କିନ୍ତୁ ସୁବର୍ଣ୍ଣକଙ୍କଣ ପ୍ରାପ୍ତି ନିମନ୍ତେ ହିଂସ୍ରଜନ୍ତୁର ସମୀପସ୍ଥ ହେବା ଅବିଧେୟ ବୋଧ ହେଉଅଛି ।'

ଚନ୍ଦ୍ରମୋହନ ସ୍ୱଭାବତଃ ଜଣେ କବି ଥିବାରୁ ସଂସ୍କୃତ ଶ୍ଳୋକଗୁଡ଼ିକ ଅନୁବାଦ କାଳରେ ଓଡ଼ିଆ ପଦ୍ୟରେ ସେଗୁଡ଼ିକ ରୂପାୟିତ କରିଅଛନ୍ତି । ଯେଉଁ ଶ୍ଳୋକ ଗୁଡ଼ିକ ଶିଶୁ ମନରେ ପ୍ରଭାବ ବିସ୍ତାର କରିବ ଏବଂ ନୀତିବୋଧ ସଞ୍ଚାର କରିପାରିବ, ସେ ସେହିପରି ଶ୍ଳୋକ ଗୁଡ଼ିକ କେବଳ ନିର୍ବାଚନ କରିଥିବା ଜଣାଯାଏ ।

Digitized by srujanika@gmail.com

ଆଲୋଚ୍ୟ ପ୍ରସଙ୍ଗର ଶ୍ଳୋକାନୁବାଦର ଓଡ଼ିଆ ପଦ୍ୟ ରୂପ ତୁଳନା କରାଯାଇ ପାରେ ।

"ଦରିଦ୍ରାନ୍ ଭର କୌନ୍ତେୟ ! ମା ପ୍ରଯଚ୍ଛେଶ୍ୱରେ ଧନ ।
ବ୍ୟାଧିତସ୍ୟୌଷଧଂ ପଥ୍ୟଂ ନୀରୁଜସ୍ୟ କମୌଷଧୈଃ ।"

"ଧନୀଙ୍କୁ ନ ଦିଅ ଧନ ଦରିଦ୍ରେ ବିତର
ଔଷଧ ରୋଗୀର ଲୋଡ଼ା ନୁହେ ନିରୋଗର ।।"

"ନ ଧର୍ମଶାସ୍ତ୍ରଂ ପଠତୀତି କାରଣଂ
ନ ଚାପି ବେଦାଧ୍ୟୟନଂ ଦୁରାତ୍ମନଃ
ସ୍ୱଭାବ ଏବାତ୍ର ତଥାତିରିଚ୍ୟତେ
ଯଥା ପ୍ରକୃତ୍ୟା ମଧୁରଂ ଗବାଂ ପୟଃ ।"

"ଯେତେ ଶାସ୍ତ୍ର ଯେତେ ବେଦ ଅଧ୍ୟୟନ କଲେ
ସ୍ୱଭାବ ପ୍ରାଣୀଙ୍କୁ କେବେଁ ନ ଛାଡ଼ଇ ଭଲେ ।
ଯବଙ୍କାନ ଅଧମ ସେତୁ ଉର୍ଦ୍ଧ୍ୱ ବସେ
ଘୃତ୍ତେସିକ ନିମ୍ବଫଳ ତିକ୍ତ ଯଥା ରସେ ।"

ମୂଳ ଶ୍ଳୋକଟିକୁ ଅଧିକ ବୋଧ୍ୟ କରିବା ପାଇଁ ଏବଂ ବାଳକମାନଙ୍କ ମନରେ ଭାବଟିର ରେଖାପାତ ପାଇଁ ଲେଖକ ସଚେତନ ହୋଇଛନ୍ତି । ତେଣୁ ତହିଁରେ ନିମ୍ବଫଳର ତିକ୍ତଭାବ ସମ୍ପର୍କରେ ସୂଚନା ନଥିଲେ ମଧ୍ୟ ଏହି ଉପମା ଜରିଆରେ ଉଦ୍ଦିଷ୍ଟ ଭାବଟି ଅଧିକ ପ୍ରାଞ୍ଜଳ ହୋଇ ପାରିଅଛି ।

"ମୃଗ-କାକ-ଶୃଗାଳ କଥା" ନାମକ ଆଉ ଏକ ଉପାଖ୍ୟାନ ଆଲୋଚନା କରାଯାଇ ପାରେ । ମୂଳ ବସ୍ତୁରେ ଗୋଟିଏ ପରିଚ୍ଛେଦ ହେଲା—

ଅସ୍ତି ମଗଧ ଦେଶେ ଚମ୍ପକାବତୀ ନାମାରଣ୍ୟାନୀ, ତସ୍ୟାଂ ଚିରନ୍ମହତା ସ୍ନେହେନ ମୃଗକାକୌ ନିବସତଃ ; ସ ଚ ମୃଗଃ ସ୍ୱେଚ୍ଛୟା ଭ୍ରାମ୍ୟନ୍ ହୃଷ୍ଟପୁଷ୍ଟାଙ୍ଗଃ କେନଚିତ୍ ଶୃଗାଲେନାବଲୋକିତଃ । ତଂ ଦୃଷ୍ଟ୍ୱା ଶୃଗାଲୋଽଚିନ୍ତୟତ୍--"ଆଃ କଥମେତ-ନ୍ମାଂସ ସୁଲଳିତଂ ଭକ୍ଷୟାମି ? ଭବତୁ ବିଶ୍ୱାସଂ ତାବଦୁତ୍ପାଦୟାମି ।" ଇତ୍ୟାଲୋଚ୍ୟ ଉପସୃତ୍ୟାବ୍ରବୀତ୍— 'ମିତ୍ର ! କୁଶଳଂ ତେ ? ମୃଗେଣୋକ୍ତଂ 'କସ୍ତ୍ୱମ୍' ।

'କଥାବଳୀ'ରେ ଓଡ଼ିଆ ଅନୁବାଦ ହେଲା—

ମଗଧ ଦେଶରେ ଚମ୍ପକାବତୀ ନାମରେ ଅରଣ୍ୟସ୍ଥଳୀ ଥିଲା । ସେହି ଅରଣ୍ୟରେ ପରସ୍ପର ସ୍ନେହରେ ଆବଦ୍ଧ ହୋଇ ଗୋଟିଏ ମୃଗ ଓ ଗୋଟିଏ କାକ

Digitized by srujanika@gmail.com

ବହୁକାଳରୁ ବାସ କରୁଥିଲେ । ବ୍ୟାଘ୍ର ପ୍ରଭୃତି ଦୁଷ୍ଟ ଜୀବର ଆଗମନ ଦେଖିଲେ କାକ କା କା ରବ କରି ମୃଗକୁ ସାବଧାନ କରି ଦେଉଥିଲା । ମୃଗ ନିଶ୍ଚିନ୍ତ ମନରେ ଭ୍ରମଣ କରି ପୁଷ୍ଟାଙ୍ଗ ହେଲା । ଏକଦା ଗୋଟିଏ ଶୃଗାଳ ତାହାକୁ ଲୋଭପର ହୋଇ ମନେ ମନେ ଭାବିଲା 'ଏହାର କୋମଳ ମାଂସ କି ଉପାୟରେ ଭକ୍ଷଣ କରିବି ? ଅସ୍ତୁ, ପ୍ରଥମେ ବିଶ୍ୱାସ ଜନ୍ମାଇ ଦେଖେଁ ।' ମନେ ମନେ ଏହିପରି ଆଲୋଚନା କରି ସେ ମୃଗକୁ କହିଲା 'ମିତ୍ର ତୁମର କୁଶଳତ ?' 'ମୃଗ ପଚାରିଲା 'ତୁମେ କିଏ ?'

ସେହି ବିଷୟର କେତୋଟି ଶ୍ଳୋକାନୁବାଦ ମଧ୍ୟ ଏଠାରେ ଉଲ୍ଲେଖଯୋଗ୍ୟ ।

"ଅଜ୍ଞାତ କୁଳଶୀଳସ୍ୟ ବାସୋ ଦେୟୋନ କସ୍ୟଚିତ୍
ମାର୍ଜାରସ୍ୟ ହି ଦୋଷେଣ ହତୋ ଗୃଧ୍ରୋ ଜରଦ୍‌ଗବଃ ।"

ଓଡ଼ିଆ ରୂପାନ୍ତର ହେଲା—

"କୁଳଶୀଳ ଯାର ଜଣାନାହିଁ, ତାକୁ
ବାସ ଦେବା ଅବିହିତ,
ମାର୍ଜାର ଦୋଷରେ ଜରଦ୍‌ଗବ ଗୃଧ୍ର
ବଧ କି ନୁହି ବିଦିତ ।"

"ଉତ୍ସବେ ବ୍ୟସନେ ଚୈବ ଦୁର୍ଭିକ୍ଷେ ରାଷ୍ଟ୍ରବିପ୍ଳବେ
ରାଜଦ୍ୱାରେ ଶ୍ମଶାନେ ଚ ଯସ୍ତିଷ୍ଠତି ସ ବାନ୍ଧବଃ ।"

ଓଡ଼ିଆ ଅନୁବାଦ—

"ସମ୍ପଦରେ ସଙ୍ଗୀ, ପୁଣି ସହାୟତା କରେ
ବିପଦରେ ଯେହୁ, ସେହୁ ଗଣା ବାନ୍ଧବରେ ।"

କଥାବଳୀ ଏକ କ୍ଷୁଦ୍ର ପାଠ୍ୟପୁସ୍ତକ । ଏଥିରେ ଚପଳମତି ବାଳକ ବାଳିକା-ମାନଙ୍କ ଉଦ୍ଦେଶ୍ୟରେ ଦେଶୀ ଓ ବିଦେଶୀ ଆଖ୍ୟାୟିକାଗୁଡ଼ିଏ ସ୍ଥାନ ଲାଭ କରିଥିଲା । ବିଷୟ ନିର୍ବାଚନରେ ଲେଖକ ଶିଶୁମନୋବିଜ୍ଞାନ ପ୍ରତି ଅଧିକ ଦୃଷ୍ଟି ପ୍ରଦାନ କରିଅଛନ୍ତି । ବେଳେ ବେଳେ ତାର କୌତୁହଳ ଚରିତାର୍ଥ ହେଲାଭଳି ପ୍ରସଙ୍ଗର ଅବତାରଣା କରା-ଯାଇଛି । ତେବେ ମଧ୍ୟେ ମଧ୍ୟେ ପାଠ୍ୟ ଉଦ୍ଦେଶ୍ୟରେ ଯେଉଁ କବିତାଗୁଡ଼ିକ ଗ୍ରଥିତ ହୋଇଅଛି, ସେଗୁଡ଼ିକ ଆଲୋଚନା କଲେ ବିସ୍ମିତ ହେବାକୁ ପଡେ । ସେ କାଳରେ ଶିକ୍ଷାୟତନରେ କବିତା ପାଠଗୁଡ଼ିକ ଆବୃତ୍ତି କରିବା ପାଇଁ କମ୍ପା ସ୍ୱର ଧରି ବୋଲିବା

Digitized by srujanika@gmail.com

ପାଇଁ ଦିଆଯାଇଥିଲା । ପିଲାଏ କବିତାଟି ମନେ ରଖି ସାରିଲା ପରେ ତାର ଅର୍ଥ ବୁଝି ଉପଭୋଗ କରୁଥିଲେ । ସେଥିପାଇଁ ଚନ୍ଦ୍ରମୋହନ 'କଥାବଳୀ'ରେ ପ୍ରଦତ୍ତ କବିତା-ଗୁଡ଼ିକୁ ବିଭିନ୍ନ ରାଗରେ ରଚନା କରି ଅଛନ୍ତି । ଯେପରି ଗ୍ରୀଷ୍ମ କବିତାଟି ମଙ୍ଗଳ ରାଗରେ, ବର୍ଷା ପଦ୍ୟଟି ଆଷାଢ଼ ଶୁକ୍ଳ ରାଗରେ ଲିଖିତ ହୋଇଅଛି । ଅନ୍ୟାନ୍ୟର ପରିଚୟ ଏହିପରି : ଶରତ — ରାମକେରି, ହେମନ୍ତ କଳହଂସ କେଦାର— ଶିଶିର —କଲ୍ୟାଣ ଆହାରି, ବସନ୍ତ— ବଙ୍ଗଳା ଶ୍ରୀ, ଇତ୍ୟାଦି ।

ଶିଶୁ ପ୍ରାଣରେ ଐଶୀ ଭାବନା ଜାଗରଣ ପାଇଁ ଲେଖକ ପଦେ ପଦେ ଚେଷ୍ଟିତ ହୋଇଛନ୍ତି । ବିଶ୍ୱର ବିଶାଳତା ଏବଂ ମହାନତା ସନ୍ଦର୍ଶନ କରି କବି ଅନୁଭବ କରିଛନ୍ତି ଯେତେ ଅବା ତାହାର ମଧ୍ୟରେ ଅନନ୍ତ ଶକ୍ତି ରାଜପଣ କରୁଅଛି । ସେହି ପରମ ଈଶ୍ୱର ସର୍ବତ୍ର ବିଦ୍ୟମାନ ଅଛନ୍ତି । ତାଙ୍କର ମହିମା ଉପଲବ୍ଧି କରି ସେ ପରମ ସନ୍ତୋଷ ଲାଭ କରି ଅଛନ୍ତି । 'ମହିମା' ଶୀର୍ଷକ କବିତାରେ କବି ତେଣୁ ଲେଖିଛନ୍ତି —

"ରୌଦ୍ରେ ଦିଶେ ବିରାଜେ ବିଶ୍ୱ ରଞ୍ଜିତ ଶୋଭାରେ
ସୁବିଶାଳ କଳେବର ଦୀପ୍ତ ମହିମାରେ ।
ଶୋଭା ମହିମାକୁ ନେତ୍ରେ କଲେ ନିରୀକ୍ଷଣ
ବିସ୍ମୟେ ପ୍ରବୋଧ ହୁଏ ଏହି ଅକିଞ୍ଚନ ।
ତୋହ କୃତ ଏହି ବିଶ୍ୱ ଏତେ ମହାସ୍ଥାନ
ହେ ବିଶ୍ୱ ବିଧାତା ! ନୋହୁ ତୁ କେତେ ମହାନ ।"

'କଥାବଳୀ'ରେ ଶିଶୁ ପାଠ ଉପଯୋଗୀ ଯେଉଁ କବିତା ସ୍ଥାନ ଲାଭ କରିଅଛି ସେଗୁଡ଼ିକ ମଧ୍ୟରେ କେତୋଟି କଥା-କବିତା ହେଲେହେଁ ଅଧିକାଂଶ କବିତାରେ ପ୍ରକୃତିର ଚିତ୍ର ସ୍ଥାନ ଲାଭ କରିଅଛି । ବିଶେଷତଃ ଭକ୍ତକବି ମଧୁସୂଦନ ରାଓଙ୍କ ପରି ସେ ମଧ୍ୟ ଛଅ ଋତୁର ବର୍ଣ୍ଣନା କରିଅଛନ୍ତି । ମନେହୁଏ, କବି ଚନ୍ଦ୍ରମୋହନ ମଧୁସୂଦନ ରାଓଙ୍କ ଦ୍ୱାରା ସ୍ଥାନେ ସ୍ଥାନେ ପ୍ରଭାବିତ ହୋଇ ଅଛନ୍ତି । ହେଲେହେଁ ପ୍ରକୃତି ବର୍ଣ୍ଣନରେ ଭକ୍ତକବି ମଧୁସୂଦନ କେବଳ ବାହ୍ୟ ପ୍ରକୃତିର ବର୍ଣ୍ଣାଢ୍ୟ ରୂପଶୋଭା ବର୍ଣ୍ଣନା କରି ସନ୍ତୁଷ୍ଟ ହୋଇଥିଲା ବେଳେ ଚନ୍ଦ୍ରମୋହନ ଉପମା ବିଳାସ ଜରିଆରେ ତାହାକୁ ଅଧିକ ଭାବବ୍ୟଞ୍ଜକ କରିଥିବା ମନେ ହୁଏ । ବେଳବେଳେ କବି ଦାର୍ଶନିକ ଅନୁଚିନ୍ତାରେ ଅନୁପ୍ରାଣିତ ହୋଇ ପଡ଼ିଛନ୍ତି । ଏଠାରେ କେତେଗୋଟି ଋତୁଚିତ୍ରର ତୁଳନାତ୍ମକ ବିଚାର କରାଯାଇପାରେ । ଭକ୍ତକବି 'ଶିଶିର' କବିତାର ଶେଷଭାଗରେ ପରମପିତାଙ୍କୁ ସ୍ମରଣ କରି କୃତ୍ୟାକୃତ୍ୟ ହୋଇ ଅଛନ୍ତି ।

"ଶୀତ ଅନ୍ତେ ପୁଣି ଆସିବ ମଧୁମୟ ବସନ୍ତ
ଧନ୍ୟ ଧନ୍ୟ ବିଶ୍ୱକାରଣ ତୋର ଦୟା ଅନନ୍ତ ।"

Digitized by srujanika@gmail.com

ଚନ୍ଦ୍ରମୋହନ ମଧ୍ୟ ସ୍ଥାନେ ସ୍ଥାନେ ଈଶ୍ୱରଙ୍କର ମହିମାଗାନ କରିବା ପାଇଁ ଭୁଲି ନାହାନ୍ତି । ସେ 'ବସନ୍ତ' ଋତୁର ବର୍ଣ୍ଣନା କରିସାରି କହିଛନ୍ତି—

"ବାଳକ ବାଳିକା ! କୁସୁମ ମାଳିକା
ତୁମ୍ଭେମାନେ ମାନବରେ
ଯେ ଧାତା ରଚିଲେ ଏ କୁସୁମ କଲେ
ନମ ତାଙ୍କ ଶ୍ରୀ ପଦ୍ମରେ ।

ମଧୁସୂଦନଙ୍କ କବିତାରେ ଋତୁଚକ୍ରର ବିଚିତ୍ର ବିଭୂତି ରହିଥିଲେହେଁ ଚନ୍ଦ୍ରମୋହନ ତାହାର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ଉଦ୍‌ଘାଟନରେ ଅଧିକ ସଫଳକାମ ହୋଇଛନ୍ତି । ଚନ୍ଦ୍ରମୋହନଙ୍କ ବର୍ଣ୍ଣନା ଅଳଙ୍କୃତ ଏବଂ ହୃଦବୋଧ୍ୟ । ମଧୁସୂଦନ 'ଶିଶିର' ଋତୁର ବର୍ଣ୍ଣନା କାଳରେ ଲେଖିଛନ୍ତି—

"ରଜନୀରେ ତାର ଚନ୍ଦ୍ରମା ପାଣ୍ଡୁବର୍ଣ୍ଣ ଦିଶିଲେ,
ଘୋଟିଲି କୁହୁଡ଼ି ଗ୍ରେଦରେ ଗ୍ରାମ କାନନ ବଳେ ।

ସେହି ପ୍ରସଙ୍ଗଟିକୁ ଚନ୍ଦ୍ରମୋହନ କିପରି ବର୍ଣ୍ଣିତ ଏବଂ ଉପମାଗର୍ଭିତ କରିଅଛନ୍ତି, ତାହା ପାଠ କଲେ ଅନୁଭବ କରାଯାଇ ପାରିବ ।

'କଥାବଳୀ'ରେ ଅଛି—

"ଶିଶିରେ ଦିବସ ହେଲା ଅତି କୃଶ
ଅତି ବଡ଼ ନିଶା ହୋଇଲା
ଗୋଧୂଳି ନୋହୁଣୁ କୋଟି ହିମରେଣୁ
ଧରଣୀକୁ ତାପ ହରିଲେ
ନିଶାରେ
ଅଜସ୍ର ତୁଷାର ବର୍ଷିଲେ
ଧଳା ଉତ୍ତରୋଳା ଉପରି ମହଳା
ପରିଏ ଯାମିନୀ ଦିଶିଲା ।

ଚନ୍ଦ୍ରମୋହନ 'ଶିଶିର' କବିତା ଲେଖିଲା ବେଳେ ହୁଏତ ରାଧାନାଥ ରାୟଙ୍କର ଚିଲିକାର ଶରତ କାଳର ବର୍ଣ୍ଣନା ସ୍ମରଣ କରିଥିବେ । ଚନ୍ଦ୍ରମୋହନ ଲେଖିଛନ୍ତି—

Digitized by srujanika@gmail.com

"ଏ କାଳେ ଚଲିକା ଶୋଭା ମଞ୍ଜୁଷିକା
ନାନା ଜାତି ଜଳ ବିହଙ୍ଗ
କାହୁଁ କାହୁଁ ଆସି ଜୀବିକା ଲାଳସୀ
ମଣ୍ଡନ୍ତି ଚିଲିକା ଶ୍ରୀଅଙ୍ଗ ।

ଧୀବରେ

ପଞ୍ଚାନ୍ତର କାହିଁ ତାହାର
ପକ୍ଷୀ ଶତ ଶତ କରନ୍ତି ନିହତ
କି ରଙ୍ଗେ ଆହାର ବିହାର ।

"ହେମନ୍ତ ଋତୁ"ର ବର୍ଣ୍ଣନାରେ ଉକ୍ତ କବି ଉତ୍କଳର କୃଷକ କୁଳର ଅନନ୍ଦ ବିଷୟ ଉତ୍ଥାପନ କରିଛନ୍ତି । ଏହି ଋତୁରେ ଏ ଦେଶର କୃଷକ ପୁଅ ଶସ୍ୟ ଅମଳ କରି ଘରକୁ ବୋହିନିଏ । ପ୍ରାଣପ୍ରାନ୍ତୁରିରେ ସେ ଅଭିଭୂତ ହୋଇପଡ଼େ । ତାହାର ବର୍ଷକର ପରିଶ୍ରମର ସାର୍ଥକତା ପାଇଁ ସେ ବିଭୁପଦରେ ପ୍ରଣାମ ଢାଳି ଦିଏ । ଉକ୍ତକବି "ହେମନ୍ତ" କବିତାରେ ଲେଖିଛନ୍ତି—

"ପକ୍ୱଶାଳି ପୂର୍ଣ୍ଣ କେଦାର ଦେଖି କୃଷକ ଗଣେ
ଗୀତ ଗାଇ ଶସ୍ୟ କାଟନ୍ତି ଅତି ପ୍ରଫୁଲ୍ଲ ମନେ
ଖଳା କରି ଗ୍ରାମ ସୀମାରେ ଧାନ ଅମଳ କରି
ଘରକୁ ନିଅନ୍ତି ଆନନ୍ଦେ ବିଭୁ ଦୟା ସୁମରି ।"

ଚନ୍ଦ୍ରମୋହନ 'ହେମନ୍ତ' ଋତୁର ବର୍ଣ୍ଣନା କଲବେଳେ କେବଳ କୃଷିକ୍ଷେତ୍ରର ଶୋଭା ବର୍ଣ୍ଣନା କରି ସନ୍ତୁଷ୍ଟ ରହିନାହାଁନ୍ତି, ସେ ଅନୁଭବ କରିଛନ୍ତି ଯେତେ ଯେପରି ଚତୁର୍ଦ୍ଦିଗରେ ଅମୃତର ବାରି ବର୍ଷିତ ହୋଇଯାଇ ଅଛି । ଏତେ କାଳ ପରେ କୃଷକର ସାଧନା ସାଫଲ୍ୟ ମଣ୍ଡିତ ହୋଇଅଛି । ପାଖରେ ଧନ କମ୍ପା ଧାନ ଥିଲେ କୃଷକର କଳ୍ପନାରେ ଡ଼େଣା ଲାଗିଯାଏ । ଏହି ଭାବଟି ଅତ୍ୟନ୍ତ ରସୋତ୍ତୀର୍ଣ୍ଣ ଭାବରେ ରୂପାୟିତ ହୋଇଛି ଚନ୍ଦ୍ରମୋହନଙ୍କ କବିତାରେ—

"ନେତ୍ରକୁ କୃଷିକ୍ଷେତ୍ର ମୋହନ କାୟ
ସ୍ରବୁଛି ସ୍ୱର୍ଗୁଁ ଅବା ପୀୟୂଷ ଧାର ।
କୃଷକ ଶତ ମନୋରଥ ଗଢଇ,
ଧାନ୍ୟ ବା ଧନ ଥିଲେ କି ନ ମିଳଇ ।

Digitized by srujanika@gmail.com

ଋତୁଶ୍ରେଷ୍ଠ ବସନ୍ତ ଆସି ଧରାରେ ଉପଗତ ହୋଇଅଛୁ । ସମସ୍ତ ପୃଥ୍ୱୀରେ ସୌନ୍ଦର୍ଯ୍ୟର ଲହଡ଼ି ଖେଳୁଅଛୁ । ଏପର ସୌନ୍ଦର୍ଯ୍ୟ ବିଳାସ ମଧ୍ୟରେ କିଏ ଅବା ଆନନ୍ଦିତ ନହେବ ! ମଧୁସୂଦନ ରାଓ "ବସନ୍ତ" କବିତାରେ ଲେଖିଛନ୍ତି—

"ଆସଇ ବସନ୍ତ ଶିଶିର ଅନ୍ତେ
ହସଇ ଧରଣୀ ଋତୁ କେମନ୍ତେ
ସୌନ୍ଦର୍ଯ୍ୟ-ତରଙ୍ଗେ ଭାସଇ ମହୀ
ଭୁବନ ଆନନ୍ଦ ନୁହଇ କହି ।"

କିନ୍ତୁ ଚନ୍ଦ୍ରମୋହନଙ୍କ କଳ୍ପନା ସୁଦୂର ପ୍ରସାରୀ । ତାଙ୍କର ବସନ୍ତ ଋତୁ କେବଳ ନିଜେ ସୁନ୍ଦର ନୁହେଁ, ସେ ସାରାଜଗତକୁ ନୂତନ ଯୌବନ ଦାନ କରି ଚାଲିଛି । ଯେତେବେଳେ ଶିଶିର ଋତୁ ଧରାକୁ ବାର୍ଦ୍ଧକ୍ୟ ଅର୍ପଣ କଲା ସେତେବେଳେ ପୃଥିବୀର ସର୍ବାଞ୍ଚଳରେ ଅବସାଦର ଢେଉ ଖେଳିଗଲା । ଏତିକିବେଳେ ବସନ୍ତ ଋତୁ ଅମୃତର ଭାଣ୍ଡ ଧରି ଧରା ବକ୍ଷରେ ପ୍ରବେଶ କଲା । ପ୍ରକୃତି ସଂସାର ଯେପରି ନୂତନ ଜୀବନର ପ୍ରାଣସ୍ପନ୍ଦନ ଲାଭ କରି ପୁଲକିତ ହେଲା । ସବୁଠାରେ ଦେଖିବାକୁ ମିଳିଲା ବସନ୍ତର ଶୋଭାହାଟ ଅପୂର୍ବ ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ହୋଇଅଛି । ଚନ୍ଦ୍ରମୋହନଙ୍କ ଦୃଷ୍ଟିରେ ସେହି ରୂପବିଭବ ଏହିପରି -

'ପ୍ରଭାତ ପ୍ରଦୋଷ ରଜନୀ ଦିବସ
ସବେ ଏବେ ସୁଖକର
ଲାବଣ୍ୟରେ ଝଲି ପ୍ରକୃତିର ଶିରୀ
ଦିଶେ ଆହା କି ସୁନ୍ଦର ।

'କଥାବଳୀ'ର 'ଶରତ' ବର୍ଣ୍ଣନା ଗୀତଟି ଅଦ୍ଭୁତ ଚମତ୍କାର ! କବି ପ୍ରକୃତିର ବର୍ଣ୍ଣାଢ୍ୟ ରୂପଶୋଭାର ଚିତ୍ରଣ କଲାବେଳେ ରାଧାନାଥ ଓ ମଧୁସୂଦନଙ୍କୁ ଆଦୌ ବିସ୍ମୃତ ହୋଇପାରି ନାହାଁନ୍ତି । ଶରତକାଳର ରଜନୀରେ ଆକାଶରେ ତାରକାଳିର ଶୋଭା ଅତ୍ୟନ୍ତ ମନୋହର ବୋଲି ମଧୁସୂଦନ ଲେଖିଛନ୍ତି । ଯେପରି—

"ଉଜ୍ଜ୍ୱଳ ନକ୍ଷତ୍ରମାଳା ଚନ୍ଦ୍ର ସଙ୍ଗତରେ
ଶୋଭନ୍ତି ପ୍ରଫୁଲ୍ଲ ପୁଷ୍ପ ପରାୟେ ଅମ୍ବରେ ।'

ମାତ୍ର ରାଧାନାଥ ସେହି ଅସଂଖ୍ୟ ତାରକାଳି ମଧ୍ୟରେ ଅଗସ୍ତି ତାରା ପ୍ରତି ପାଠକର ଦୃଷ୍ଟି ଆକର୍ଷଣ କରିଅଛନ୍ତି । ତାଙ୍କ ମତରେ—

Digitized by srujanika@gmail.com

"ଦକ୍ଷିଣାଶା-ବଧୂ-ଅବତଂସ-ମୋତି
ମହୋଜ୍ଜ୍ୱଳ କୁମ୍ଭ-ସମ୍ଭୂତ ଜ୍ୟୋତି ।"

ଚନ୍ଦ୍ରମୋହନ ସେହି ଭାବନାର ପ୍ରତିଧ୍ୱନି ସ୍ୱରୂପ ଲେଖିଛନ୍ତି—

"ଦକ୍ଷିଣ ଦିଗର ଲଲାଟେ
ମଥାମଣି ପରାଏ
ବିରାଜନ୍ତି କାଳେ ଅଗସ୍ତି
ଆହା କି ଶୋଭା ପାଏ !"

ସେହି ଶରତ କାଳରେ ଧରଣୀ ସୁନ୍ଦରୀ କାଶତଣ୍ଡି ଫୁଲରେ ଧବଳିତ ହୋଇଥାଏ । ରାଧାନାଥଙ୍କ ଭାଷାରେ 'କାଶ ହାସମୟୀ ସ୍ୱଚ୍ଛ ସ୍ରୋତସ୍ୱତୀ ।" ମଧୁସୂଦନ ଅଧିକ ପରିଚୟ ପ୍ରଦାନ କରି ବର୍ଣ୍ଣନା କଲେ —

"କାଶତଣ୍ଡୀ ଫୁଲେ ମହୀ ଦିଶଇ ଧବଳ
ସରୋବରେ ଫୁଟିଛନ୍ତି କୁମୁଦ କମଳ ।"

ଚନ୍ଦ୍ରମୋହନ ଏକ ଉତ୍ପ୍ରେକ୍ଷା ଅଳଙ୍କାର କରିଆରେ ସେହି ଦୃଶ୍ୟକୁ ଅଧିକ ରସାଳ ଭାବରେ ଚିତ୍ରଣ କରିପାରିଛନ୍ତି । ସେ ବ୍ୟକ୍ତିତ୍ୱମୟୀ ପ୍ରକୃତି ସୁନ୍ଦରୀର ହର୍ଷ ଓ ବିଷାଦର ଅଭିବ୍ୟକ୍ତି ଦେଇ ଯାଇଛନ୍ତି । ଯେପରି—

'ନଦୀକୂଳ ପଠା ପାଟରେ
କାଶ କୁସୁମ ଶୋଭା
ନିରେଖି ମଣଇ ଧରଣୀ
ହସେ ଆହ୍ଲାଦେ ଅବା ।"

କବି ରାଧାନାଥଙ୍କର ଚନ୍ଦ୍ରାଲୋକିତ ଶରତକାଳୀନ ରାତ୍ରୀ ହେଉଛୁ "ଶଶାଙ୍କ ଧବଳା ନିଶା ଜ୍ୟୋତିଷ୍ମତୀ ।" ଚନ୍ଦ୍ରମୋହନଙ୍କ ଭାଷାରେ—

"ପର୍ବତ କାନନ ନଗର
ଜନପଦ ପ୍ରାନ୍ତରେ
କହିମୁଦୀ ସୁଧା ଧଳିତ
ଜନନୟନ ହରେ ।"

ମଧୁସୂଦନ ରାଓଙ୍କର 'ରଜନୀରେ ନୀଳାକାଶେ ଚନ୍ଦ୍ରମା ଉଜ୍ଜ୍ୱଳ, ବିରାଜଇ ଦଶଦିଶ କରିଣ ଧବଳ' ପଦ ସହିତ ସାମ୍ୟ ଥିଲେହେଁ ଚନ୍ଦ୍ରମୋହନଙ୍କର ବର୍ଣ୍ଣନା ଅଧିକ

Digitized by srujanika@gmail.com

ବ୍ୟାପକ । ମଧୁସୂଦନ କହୁଅଛନ୍ତି ଯେ ଏହି ଶରତ ସମୟରେ ପ୍ରଚୁର ଜହ୍ନି ଫୁଲ ଫୁଟେ ଏବଂ ବାଳକମାନେ ତାହା ଚୟନ କରି କ୍ରୀଡା ରଚନା କରନ୍ତି । କିନ୍ତୁ ଚନ୍ଦ୍ରମୋହନ ଜହ୍ନି ଲତାରେ ଜହ୍ନି ଫୁଲର ଶୋଭାକୁ ଏକ ଚମତ୍କାର ଉପମା ଜରିଆରେ ପ୍ରକାଶ କରିଅଛନ୍ତି । "ଶ୍ୟାମ ଶ୍ରସ୍ତାପଥେ କି ଅବା ସ୍ୱର୍ଣ୍ଣ ତାରକା କୋଟି ।" ଏ ବର୍ଣ୍ଣନା ପାଠ କଲେ ହୃଦୟ ପ୍ରସାରିତ ଓ ପୁଲକିତ ହୋଇଉଠେ । ମଧୁସୂଦନ କେବଳ ଭୌଗୋଳିକ ବିବରଣୀ ପ୍ରଦାନ କରି ସନ୍ତୁଷ୍ଟ ଥିଲାବେଳେ ଚନ୍ଦ୍ରମୋହନ କଳ୍ପନା ବିଳାସରେ ପାଠକକୁ ଭାବ ପାଗଳ ହେବା ପାଇଁ ସାହାଯ୍ୟ କରିଅଛନ୍ତି ।

ସେହିପରି 'କଥାବଳୀ'ର ବର୍ଷାବର୍ଣ୍ଣନା ଅତ୍ୟନ୍ତ ମନଲୋଭା ହୋଇଅଛି । ବର୍ଷାକାଳର ନଦୀ ଦୁଇକୂଳ ଲଂଘନ କରି ପ୍ରବଳ ବନ୍ୟା ସୃଷ୍ଟି କରେ, କେତେ ଗାଁ, ବଣ ବିଲ ଭସାଇ ନିଏ । ମହାଦ୍ରୁମମାନ ଜଳସ୍ରୋତରେ ଟଳିପଡନ୍ତି । ମାତ୍ର ନଦୀକୁ ବ୍ୟକ୍ତିତ୍ୱମୟୀ ମନେ କରି ଚନ୍ଦ୍ରମୋହନ ପ୍ରଶ୍ନ କରିଛନ୍ତି—

"କହିଲେ ତଟିନି !
କି ଘଣ ଦୂବଲେ ପୀଡ଼ିବା ଜାଣି ?"

ବର୍ଷାକାଳରେ ଗିରିମାନଙ୍କର ଶୋଭା ଅତ୍ୟନ୍ତ ଆହ୍ଲାଦଦାୟକ । ଶୈଳମାନଙ୍କରୁ ଶୁଭ୍ର ନିର୍ଝର ଝରି ଆସି ଧରଣୀ ବକ୍ଷରେ ନୃତ୍ୟ ରଚନା କରନ୍ତି । ସେହି ଚିତ୍ର ଦେଖି ମଧୁସୂଦନ ଲେଖିଲେ "ମଣ୍ଡିତ ଶୈଳ ଦେହ ଶୁଭ୍ର ଝର୍ଝରେ ।" ମାତ୍ର ଚନ୍ଦ୍ରମୋହନ ଆହୁରି ପଦେ ଅଗ୍ରସର ହୋଇ କହିଲେ ଯତେ ଯେପରି ତଟିନୀ ସୁନ୍ଦରୀ ନୂତନ ଯୌବନ ଅବସ୍ଥାରେ ପଦାର୍ପଣ କରିଅଛି । କାରଣ ସେହି କାଳର ଛନ ଛନ କଲଗୋଳ ସ୍ୱଭାବର ଅଧିକାରୀ ହୋଇ ଝରଣାମାନେ ପ୍ରବାହିତ ହେବାକୁ ଲାଗିଲେ ।

"ଗିରିଟଙ୍କେ କୋଟି ଝର ଫୁଟିଲା
ତଟିନୀ ଯୌବନେ ପଦ ଅର୍ପିଲା ।"

ମଧୁସୂଦନ ଓ ଚନ୍ଦ୍ରମୋହନ ଉଭୟ କବି 'ଗ୍ରୀଷ୍ମ' କବିତାରେ ନିଦାଘ କାଳର ଦାରୁଣ ଅବସ୍ଥା ପ୍ରତି ଦୃଷ୍ଟି ଆକର୍ଷଣ କରି ଅଛନ୍ତି । ଗ୍ରୀଷ୍ମ କାଳରେ ପ୍ରକୃତି ବିପର୍ଯ୍ୟସ୍ତ ହୋଇପଡେ । ପ୍ରଚଣ୍ଡ ରବି କିରଣରେ ପ୍ରାଣୀ ସଂସାର ହନ୍ତସନ୍ତ ହୋଇ ପଡ଼ନ୍ତି । ଜଳ, ସ୍ଥଳ, ଆକାଶ ଚତୁର୍ଦ୍ଦିଗରେ ଝାହି ଝାହି ରବ ଶୁଭିବାକୁ ମିଳେ । ଭକ୍ତକବି ଏହି ଦୁଃଖାନୁଭୂତିର ଚିତ୍ର ପ୍ରଦାନ କରି ସାନ୍ତ୍ୱନାବାଣୀ ଶୁଣାଇଛନ୍ତି –

"ନିଦାଘ ସମୟ ହେଲେ ହେଁ ଦାରୁଣ
ଅଟେ ଜଗତର ମିତ୍ର,
ଜନମାଇ ମେଘ ସାଧେ ପ୍ରାଣି-ହିତ
ବିଧି ବିଧାନ ବିଚିତ୍ର ।

Digitized by srujanika@gmail.com

ଚନ୍ଦ୍ରମୋହନ ମଧ୍ୟ ମଧୁସୂଦନଙ୍କ ଅନୁସରଣ କରିପରି ଶିଶୁମାନଙ୍କୁ ଶିକ୍ଷା-ଦେବା ଛଳରେ କହିଅଛନ୍ତି—

"ଏ ଜଗତେ ସୁଖ, ଦୁଃଖ ଅଛି ସବୁଠାଇଁ
ଉଭୟେ ଅଛନ୍ତି ରଚି ଜଗତର ସାଇଁ
ଆପାତରେ ଯହିଁ ଦୁଃଖ, ପରିଣାମେ ସୁଖ
ବାଳକେ ! ନୋହିବ କେଭେଁ ଦୁଃଖରେ ବିମୁଖ ।"

ଶୁଣାଯାଏ, ଚନ୍ଦ୍ରମୋହନଙ୍କର ବହୁ ପାଣ୍ଡୁଲିପି ଅଗ୍ନିଗର୍ଭରେ ଲୀନ ହୋଇଗଲା । ତେଣୁ ତାଙ୍କର ସାହିତ୍ୟ ସୃଷ୍ଟିର ସମ୍ୟକ୍ ପରିଚୟ ଲାଭ କରିବାର ସୌଭାଗ୍ୟ ଦେଶବାସୀ ପାଇଲେ ନାହିଁ । ତଥାପି ସେହି ସ୍ୱଳ୍ପ ସୃଷ୍ଟି ସଂସାର ମଧ୍ୟରେ କି ଗଦ୍ୟ, କି ପଦ୍ୟ, କି ଅନୁବାଦ ପ୍ରତ୍ୟେକଟି କ୍ଷେତ୍ରରେ ତାଙ୍କର ଭାବନାର ରସାଳ ଅଭିବ୍ୟକ୍ତି ଅତ୍ୟନ୍ତ ଚମତ୍କାର । ବିଶେଷତଃ ଚନ୍ଦ୍ରମୋହନ ମୁଖ୍ୟତଃ ଜଣେ କବି । ତାଙ୍କର 'କବିତାବଳୀ'ର କବିତାଗୁଡ଼ିକ ପାଠ୍ୟପୁସ୍ତକ ଉଦ୍ଦେଶ୍ୟରେ ରଚିତ ହୋଇ-ଥିଲେ ହେଁ ପ୍ରତ୍ୟେକଟି କବିତା ରସୋତ୍ତୀର୍ଣ୍ଣ ଏବଂ ଭାବବ୍ୟଞ୍ଜକ । ପ୍ରକୃତିପ୍ରାଣ ଚନ୍ଦ୍ରମୋହନ ରାଧାନାଥ ଯୁଗର ଯେ କୌଣସି କବିଙ୍କ ସହିତ ତୁଳିତ ହୋଇପାରନ୍ତି । ତାଙ୍କର ପ୍ରକୃତି ବର୍ଣ୍ଣନା କେବଳ ଭୂଗୋଳର ଟୀକାଟିପ୍ପଣୀ ନୁହେଁ । ସେଠାରେ ପ୍ରକୃତି ସୁନ୍ଦରୀ ବ୍ୟକ୍ତିତ୍ୱମୟୀ ଏବଂ ଚଳନଶୀଳା । ସେ ବେଳେବେଳେ ବାବଦୂକ ଓ ମୁଖର । ପୁନଶ୍ଚ ସେହି ପ୍ରକୃତି କେତେବେଳେ ସୁଶୀଳା, କଲ୍ୟାଣମୟୀ ଏବଂ ନିସର୍ଗ ସୁନ୍ଦରୀ ।

ପରିତାପର ବିଷୟ ଯେ ଆଲୋଚନା ଅଭାବରେ ଚନ୍ଦ୍ରମୋହନ ମହାରଣା ଆଧୁନିକ କାଳର ପାଠକ ସଂସାରରେ ଏକପ୍ରକାର ବିସ୍ମୃତପ୍ରାୟ । ତାଙ୍କର ରଚନା-ବଳୀ ସଂଗ୍ରହ ଓ ସଂକଳିତ ହୋଇ ପ୍ରକାଶିତ ହେଲେ କବିଙ୍କର କଳାକୃତିର ଉପଯୁକ୍ତ ମୂଲ୍ୟାୟନ ହୋଇ ପାରିବ ।

Digitized by srujanika@gmail.com

# କଥାବଳି କଥା

**ବସନ୍ତ କୁମାର ଶତପଥୀ**

'ଚିଲିକା ଦର୍ଶନେ', 'ଦାରବାଟୀ ଦର୍ଶନେ' ବା 'ଚେପ୍‌ମେନ୍‌ଙ୍କ ହୋମାର ଦର୍ଶନେ' ଆଦି କବିତାମାନଙ୍କରେ କବିବର୍ଗ ଯିମିତି ପ୍ରାକୃତିକ ବିଭବ ବା ଐତିହ୍ୟ ବା ଜ୍ଞାନଭଣ୍ଡାରର ସନ୍ଧାନ ପାଇ ପୁଲକିତ ହୋଇଛନ୍ତି କଥାବଳି ଦର୍ଶନେ ମୋର ରୋମାଣ୍ଟିକ୍ ଚେତନା ଉଦ୍‌ବେଳିତ ହୋଇ ମୋତେ ଏକ ୱାଣ୍ଡରଲେଣ୍ଡ ବା ଆନନ୍ଦ ବିସ୍ମୟଭରା ଦୁନିଆଁକୁ ଟାଣି ନେଇଯାଏ । ସେ ଦୁନିଆଁ ମୋର ପିଲାଦିନର ଦୁନିଆଁ, ଯେତେବେଳେ ଆମେ ମୁଷ୍ଟିମେୟ ପିଲା ଗାଁର ଅପର ପ୍ରାଇମେରୀ ସ୍କୁଲରେ କେତେ ଝଣ୍ଟି ବେଞ୍ଚ୍‌ରେ ଗ୍ରେଟ ଗ୍ରେଟ ଗୋଡ ହଲାଇ ହଲାଇ ପାଟିକରି କବିତା ବା ପ୍ରବନ୍ଧ ସମସ୍ୱରରେ ପାଠ କରୁଥିଲୁଁ, ଛାଇ କନିଅର ଗଛ ପର୍ଯ୍ୟନ୍ତ ଆସିବା ପାଇଁ ବା ଜହ୍ନିଫୁଲ ଫୁଟିବା ପର୍ଯ୍ୟନ୍ତ ଅପେକ୍ଷା କରି । ଚନ୍ଦ୍ରମୋହନ ମହାରଣାଙ୍କ କୃତ ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ କଥାବଳି ଦୁଇଖଣ୍ଡ ହଠାତ୍ ପାଇ ମୋତେ ଜଣାଗଲା ଦରିଦ୍ର ଯିମିତି ବହୁଦିନର ହଜିଲା ରତ୍ନ ପାଇଲା, ହୃଦୟ ଆନନ୍ଦରେ ଯୁଗପତ୍ ଅଧୀର ଉଦ୍‌ବେଳ ହେଲା ଏବଂ ବାଲ୍ୟସ୍ମୃତି ସବୁ ଜାଗରୂକ ହୋଇ ଉଠିଲେ ।

ଏ ଦୁଇଖଣ୍ଡ ବହି ସହିତ ପ୍ରାୟ ଷାଠିଏ ବର୍ଷ ତଳେ ମୋର ପରିଚୟ ହୋଇଥିଲା ଏବଂ ଦୁହେଁ ଏତେ ନିଗୂଢ଼ ସ୍ମୃତିଗତ ହୋଇ ଯାଇଥିଲେ ଯେ ମୋତେ ପ୍ରାୟ ଦୁଇଦିନ ଲାଗିଲା ଠିକଣା କରିବା ପାଇଁ ଏମାନଙ୍କ ସହିତ ମୋର ସମ୍ପର୍କ ପ୍ରତ୍ୟକ୍ଷ ନା ପରୋକ୍ଷ ହୋଇଥିଲା । କେତେବେଳେ ଭାବିଲି ମୁଁ ପାଠ୍ୟ ଆକାରରେ ପଢ଼ିଛି ଆଉ କେତେବେଳେ ଜଣାଗଲା ମୁଁ ଅନ୍ୟମାନଙ୍କଠାରୁ ଶୁଣି ଶୁଣି ପଢ଼ିଛି । ଏକା କୋଠରୀରେ ଏକାବେଳକେ କଥାବଳି ଓ ସାହିତ୍ୟ କୁସୁମ ପଢ଼ାଯାଉଥାଏ ; କାରଣ ଗୋଟାଏ ବହି ଯିବା ଓ ଆଉ ଗୋଟିଏ ବହି ଆସିବାର ସନ୍ଧିକାଳ ତାହା ଅର୍ଥାତ୍ ଉପର କ୍ଲାସ ପିଲା କଥାବଳି ପଢ଼ୁଥାନ୍ତି ଆମେ ମଧୁବାବୁଙ୍କ ସାହିତ୍ୟ କୁସୁମ ପଢ଼ୁଥାଉଁ । ଏବେ ମୋର ସ୍ପଷ୍ଟ ମନେ ପଡ଼ିଲା ମୁଁ ସାହିତ୍ୟ କୁସୁମ ଓ ସାହିତ୍ୟ ପ୍ରସଙ୍ଗର ଛାତ୍ର ; କଥାବଳିର ନୁହେଁ । କିନ୍ତୁ ଆଶ୍ଚର୍ଯ୍ୟ କଥା, କଥାବଳିର କଥା ଓ କବିତା ମୋ ଛୋଟ ମୁଣ୍ଡ ଭିତରେ କିମିତି ପଶି ମୋର ସାହିତ୍ୟିକ ଜୀବନକୁ ସାମଗ୍ରିକ ଭାବରେ ପ୍ରଭାବିତ କଲେ ? ଲେଖାଗୁଡ଼ାକର ଆଙ୍ଗିକ ଓ ଆତ୍ମିକର କଣ ସ୍ୱାତନ୍ତ୍ର୍ୟ ଥିଲା ଯାହା ଫଳରେ ବେଦ ପରି ଶ୍ରୁତିମୂଳକ ହୋଇ ପାରିଲେ ? ଆଜିଯାଏଁ ଗଣି ଗଣି ପଂକ୍ତି ଓ ପଦ ମୋର ମନେ

Digitized by srujanika@gmail.com

ରହିଛି କମିତ ? ପୂର୍ବକାଳର ପାଠ ପ୍ରତି ଶ୍ରଦ୍ଧା ଓ ଆଗ୍ରହ, ନା ସ୍କୁଲର ପରିବେଶ ଓ ବାୟୁମଣ୍ଡଳ, ନା ଶିକ୍ଷକମାନଙ୍କର ନିଷ୍ଠା ଓ ପାରଗତା ଓ ପଢ଼ାଇବାର ଯାଦୁକରୀ ଶକ୍ତି, ନା ମୋର ସ୍ୱକୀୟ ଜନ୍ମଗତ ସାହିତ୍ୟ ପ୍ରୀତି, ନା ମୋର ଅସାମାନ୍ୟ ସ୍ମରଣ ଶକ୍ତି ? ତୁଳନା ନ କରିବା ଭଲ କିନ୍ତୁ ସାହିତ୍ୟ କୁସୁମ ଓ ସାହିତ୍ୟ ପ୍ରସଙ୍ଗରୁ ଯେତେ ମନେ ନ ପଡୁଛି ତାଠୁ ବେଶୀ ମନେ ପଡୁଛି ମହାରଣାଙ୍କ କଥାବଳୀରୁ ; ଅଥଚ ଏ ଦୁଇଟି ବହି ମୁଁ ପାଠ୍ୟ ଆକାରରେ କେବେ ଧରିନି, କେବଳ ଉପରକ୍ଲାସ ପିଲାଙ୍କ ମୁହଁରୁ ଶୁଣି ଶୁଣି ମନେ ରଖିଛି । ମଧୁସୂଦନ ଚନ୍ଦ୍ରମୋହନଙ୍କ ପରେ ଶିଶୁ ପାଠ୍ୟ କ୍ଷେତ୍ରକୁ ଆସିଲେ କାଳନ୍ଦିଚରଣ ଓ ରାମକୃଷ୍ଣ, ଯେଉଁ ଦୁଇଜଣଙ୍କୁ ମୁଁ ଜାଣିଲି ପୁତ୍ର କନ୍ୟାଙ୍କ ପାଠ୍ୟ ଜରିଆରେ । ମୋର ବଦ୍ଧମୂଳ ଧାରଣା ଯେ ସ୍ୱାଧୀନତୋତ୍ତର ଯୁଗର ଶିଶୁ ସାହିତ୍ୟ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୃଷ୍ଟି ଭିତରେ ଗୋଟିଏ ବିରାଟ ବ୍ୟବଧାନ ରହିଯାଇଛି ଯାହା ଫଳରେ ବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଆମେ 'ବତ୍ତଲେକ' ପାଇପାରୁନୁ ।

ମୋ ଆଗରେ ଦୁଇଖଣ୍ଡ ବହି ଥୁଆ ହୋଇଛି । ଉଭୟ ବହିର ପ୍ରଚ୍ଛଦ ପଟରେ ସମ୍ରାଟ ପଞ୍ଚମ ଜର୍ଜଙ୍କ ଛବି, (କି ଛବି !) । ଆଠପେଜି ସାଇଜ୍ । ପ୍ରଥମ ଭାଗଟି 'ପ୍ରଥମ ଓ ଦ୍ୱିତୀୟ ମାନ ନିମନ୍ତେ' ଓ ଦ୍ୱିତୀୟ ଭାଗଟି 'ତୃତୀୟ ଓ ଚତୁର୍ଥ ମାନ ନିମନ୍ତେ' । ମଧୁବାବୁଙ୍କ ଦୁଇବର୍ଷର ପାଠ ବର୍ଣ୍ଣବୋଧ ଓ ଶିଶୁବୋଧ ପରେ କ୍ରମାନ୍ୱୟରେ ଏ ଦୁଇଖଣ୍ଡ ବହି ମାଇନର କ୍ଲାସ ପର୍ଯ୍ୟନ୍ତ ପଢ଼ା ଯାଉଥିଲା । ମୋର ଧାରଣା ଥିଲା ବହି ଦୁଇଟି ଚନ୍ଦ୍ରମୋହନ ମହାରଣାଙ୍କ କୃତ । ଆଜି କିନ୍ତୁ ଦେଖୁଛି "ଇ ମାର୍ସଡ଼େନ୍ ଏବଂ ଶ୍ରୀ ଚନ୍ଦ୍ରମୋହନ ମହାରଣାଙ୍କ କୃତ" ଅର୍ଥାତ୍ ଯୁଗ୍ମ ଲେଖକ ରଚିତ ଏବଂ "ମ୍ୟାକ୍‌ମିଲନ୍ ଏଣ୍ଡ କୋ ଲିମିଟେଡ଼ ମୁଦ୍ରିତ" "ବିହାର ଓ ଓଡ଼ିଶା ସ୍କୁଲମାନଙ୍କ ବ୍ୟବହାର ନିମନ୍ତେ ।" ୧୯୨୨ ଓ ୧୯୨୩ ସାଲର ମୁଦ୍ରଣ । ମୁଦ୍ରାକର S. F. Robinson ଏବଂ Rev. R. J. ଓଡ଼ିଶା ମିସନ ପ୍ରେସ । ମୂଲ୍ୟ ସାତଅଣା ଓ ଆଠଅଣା । ନିର୍ଭୁଲ ମୁଦ୍ରଣ, କାହିଁ ଭୁଲ ନାହିଁ, ପ୍ରଥମଚ୍ଛେଦ, ଦ୍ୱିତୀୟଚ୍ଛେଦ ଓ ପୂର୍ଣ୍ଣଚ୍ଛେଦ ଠିକ ଉଠିଛି । କାହିଁ ଅକ୍ଷର ଭଙ୍ଗା ନାହିଁ । ବର୍ତ୍ତମାନ ଅବସ୍ଥାରେ ବହିଟି ଏମିତି ଜରାଜୀର୍ଣ୍ଣ ଯେ ଯଥେଷ୍ଟ ସତର୍କତା ସତ୍ତ୍ୱେ ଅଙ୍ଗପ୍ରତ୍ୟଙ୍ଗ ଟୁକୁରା ଟୁକୁରା ହୋଇ ଛିଣ୍ଡି ପଡୁଛି ।

ବର୍ତ୍ତମାନ ମୋ ଆଗରେ ପ୍ରଶ୍ନ "ଇ ମାର୍ସଡ଼େନ୍‌ଟି କିଏ ? ଏ ସାହାବ କିମିତି ମହାରଣାଙ୍କ ସହିତ ଯୋଡି ହେଲେ ? ତାଙ୍କର କି କି ଭୂମିକା ଥିଲା କଥାବଳୀ ଲେଖିବାରେ, ସେ କଣ ଓଡ଼ିଆ ଜାଣିଥିଲେ ବାମ୍ସ ସାହାବଙ୍କ ପରି ?" ପୁଣି ଆଉ ଏକ ପ୍ରଶ୍ନ ହେଲା ସୂଚୀପତ୍ରରେ ପ୍ରତ୍ୟେକ ବିଷୟକୁ ଉଭୟ ଓଡ଼ିଆ ଓ ଇଂରାଜୀରେ ଦିଆଯାଇଛି ଯଥା :— ଅଳସୁଆ ବାଳକ The Idle Boy ; ବଣିକ

Digitized by srujanika@gmail.com

ଓ ମର୍କଟମାନଙ୍କ କଥା : **The Trader and The Monkeys** ପିଲାଏ ବା ଶିକ୍ଷକଙ୍କୁ ତ ଇଂରାଜୀ ଜଣା ନଥିଲା ଅଥଚ ସୂଚୀପତ୍ରର ଇଂରାଜୀ ତର୍ଜମା କାହା ପାଇଁ ? ( ତ୍ରୁଟିର ନଟବର ସାମନ୍ତରାୟ ଏହାର ଉତ୍ତର ଦେଇ ପାରନ୍ତେ । ଏ ପ୍ରସଙ୍ଗରେ ତାଙ୍କୁ ମନେ ପଡୁ ଛି ତାଙ୍କର ମଧୁବାବୁଙ୍କ ବର୍ଣ୍ଣବୋଧ ଉପରେ ଅନବଦ୍ୟ ଓ ଅନିନ୍ଦ୍ୟ ନିବନ୍ଧ ପାଇଁ । ) ମୁଁ ଭାବୁଛି ମାର୍ସଡେନ ସାହେବ ଉପଲକ୍ଷ କର୍ମଗୁରୁ ଥିଲେ, ସେ ହୁଏତ କେତୁଟା ବିଦେଶୀ ଗଳ୍ପର ସୂଚନା ଚନ୍ଦ୍ରମୋହନଙ୍କୁ ଦେଇଥିବେ ଏବଂ ତାଙ୍କ ଅବଗତି ପାଇଁ ସୂଚୀପତ୍ରରେ ଇଂରାଜୀ ବ୍ୟବହାର ; ଯେହେତୁ ତାଙ୍କୁ ଓଡ଼ିଆ ଆଦୌ ଜଣା ନ ଥିଲା ।

ପ୍ରଥମ ବହିଟିରେ ୧୧୪ ପୃଷ୍ଠା ; ଦ୍ୱିତୀୟରେ ୧୪୭ ପୃଷ୍ଠା । ପ୍ରତ୍ୟେକଟି ଦୁଇ ବର୍ଷ ପାଇଁ ଅଭିପ୍ରେତ । ପ୍ରଥମ ମାନ ପାଇଁ ୬୧ଟି (୫ଟି ପଦ୍ୟ ; ଦ୍ୱିତୀୟମାନ ପାଇଁ ୩୪ଟି (୯ଟି ପଦ୍ୟ) ବିଷୟ ଏବଂ ଉଭୟ ତୃତୀୟ ଓ ଚତୁର୍ଥ ମାନ ପାଇଁ ୫୯ ବିଷୟ ( କେଉଁ ଶ୍ରେଣୀ ପାଇଁ କେତେ ଜାଣି ପାରିଲି ନାହିଁ), ତନ୍ମଧ୍ୟରୁ ୧୪ଟି କବିତା । ପ୍ରଥମ ବହିର ପ୍ରାରମ୍ଭରେ 'ଈଶ୍ୱର' କବିତା ଏବଂ ଶେଷରେ 'ପ୍ରାର୍ଥନା' ; ଦ୍ୱିତୀୟ ବହିର ଶେଷ ଆଡ଼କୁ 'ମହିମା' (Glory to God) । ମଧୁବାବୁଙ୍କ ପ୍ରାୟ ପ୍ରତ୍ୟେକଟି ପାଠ ସିମିତ 'ଧନ୍ୟ ଧନ୍ୟ ବିଶ୍ୱକାରଣ','ବିଭୁଦୟା ସ୍ମରଣ', 'ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ'ରେ ଶେଷହୁଏ ଚନ୍ଦ୍ରମୋହନଙ୍କ ତାହା ହୁଏ ନାହିଁ । ଚନ୍ଦ୍ରମୋହନଙ୍କ ସମସ୍ତ ପାଠ ଧର୍ମନିରପେକ୍ଷ ହେଲେ ମଧ ନୀତିନିରପେକ୍ଷ ନୁହେ ବରଂ ନୀତିସର୍ବସ୍ୱ । ପ୍ରଥମ ଦ୍ୱିତୀୟ ମାନ ପାଇଁ ଉଦ୍ଦିଷ୍ଟ ବହିରେ ୪୫ଟା ଛବି ଏବଂ ତୃତୀୟ ଚତୁର୍ଥ ମାନର ବହିରେ ୩୭ଟା ଛବି ଅର୍ଥାତ୍ ପ୍ରତିଥର ଯେଉଁଠି ବହି ମେଲାଇଲେ ଗୋଟାଏ ଛବି ମିଳିଯିବ । ପ୍ରତ୍ୟେକଟି ଛବି ସ୍ପଷ୍ଟ, ଫଟୋଗ୍ରାଫ୍ ପରି ତାଜା ଓ ଉଜ୍ଜ୍ୱଳ, ବିଷୟବସ୍ତୁ ସୂଚକ, ଭାବଦ୍ୟୋତକ ଏବଂ ଆକର୍ଷଣୀୟ । ଯେଉଁମାନେ ଯେ ବହି ପଢ଼ିଛନ୍ତି ସେମାନେ ଆଖିବୁଜି ମନେ ପକାନ୍ତୁ, ଉଣିଯିବେ ଅଳପୁଅ ରଙ୍ଗ ପିମ୍ପୁଡ଼ି ମହୁମାଛିଙ୍କି ଖେଳିବା ପାଇଁ ଡାକୁଛି, ନିର୍ବୋଧ ମୂଷା ଯନ୍ତାକୁ ପଶୁଛି, କୁକୁର ତା ଗୁଡିକୁ କାମୁଡ଼ୁଛି, ପାଗଳ ହାତୀ ଓଆଡ଼ପାହାଡରେ ଛୁଆକୁଧର ମାଆହାତକୁ ଟେକି ଦେଉଛି, କୋକିଳ କୁଆକୁ ଗୀତ ଗାଇବାକୁ କହୁଛି, ମୂଷାମାନେ ଗୁଳିଛନ୍ତି ସାରଙ୍ଗୀ ବାଦକ ପଛରେ, ଦୁଇ ବଧୀରବନ୍ଧୁ କଥାବାର୍ତ୍ତା ହେଉଛନ୍ତି, କାସାବିଏଙ୍କା ଜାହାଜରେ ନିଆଁ ଭିତରେ ଠିଆ ହୋଇଛି ପିତୃ ଆଜ୍ଞା ଅପେକ୍ଷାରେ, ବ୍ୟାଘ୍ର ଓ କଙ୍କଣଲୋଭୀ ପଥିକଙ୍କ ମୁହାମୁହିଁ ଭେଟ, ହଂସ ଦୁର୍ବୁଦ୍ଧି କୂର୍ମକୁ ଆକାଶ ମାର୍ଗରେ ନେଇ ଯାଉଛନ୍ତି ତଳେ ମାଂସଲୋଭୀ ଗୋପାଳଗଣ, ପିତାମୃତ ଶ୍ରାଦ୍ଧକୁ ବୋହିଯିବାର ଛବି ଆଦି ନାନାବିଧ କଳ୍ପନାଦ୍ୟୋତକ ରମଣୀୟ ଛବି । ଗଳ୍ପ ଯାହା, ଛବି ତାହା । ବସ୍ତୁତଃ ଗଳ୍ପକୁ ଗଳ୍ପ ଗଲେ ଛବି ଯିବ ନାହିଁ ।

Digitized by srujanika@gmail.com

ବିହ୍ନ ନାଆଁକୁ ସାର୍ଥକ କରି ଉଭୟ କଥାବଳିରେ ଅଠେଇଶି ପଦ୍ୟ ବାଦ ଅନ୍ୟ ସବୁ ପାଠ ଅର୍ଥାତ୍ ଛୟସ୍ତରିଟି ଗଳ୍ପ ରହିଛି । ବିଷ୍ଣୁଶର୍ମା ମୂର୍ଖ ବ୍ୟସନୀ ରାଜପୁତ୍ରମାନଙ୍କୁ ଅତୀତରେ ଯେଉଁ ବୁଦ୍ଧିରେ 'କାକକୂର୍ମମୃଗାଖୁ' ଜରିଆରେ ଶିକ୍ଷା ଦେଇଥିଲେ କଥାବଳିରେ ସେଇଆ କରାଯାଇଛି । ପିଲାମାନଙ୍କ ମନକୁ ଛୁଇଁବା ପାଇଁ ପୃଥିବୀ ସାହିତ୍ୟରେ କେଉଁଠି କେଉଁ ଗଳ୍ପ ଅଛି ତାହା ଅନୁସନ୍ଧାନ କରିବା ପାଇଁ ମହାରଣା ନିମିତ୍ତ ବ୍ୟଗ୍ର ଉତ୍ସୁକ ହୋଇଛନ୍ତି । ଆମ ଦେଶର ପୁରାଣ ଇତିହାସ ଛଡ଼ା ଅନ୍ୟ ଦେଶର ସାହିତ୍ୟ ଧର୍ମଗ୍ରନ୍ଥ ଶିଶୁକଥା ଯାହା ଯେଉଁଠି ପାଇଛନ୍ତି ତାକୁ ଏହିରେ ସନ୍ନିବିଷ୍ଟ କରିଛନ୍ତି । ରାମାୟଣ, ମହାଭାରତ, ହିତୋପଦେଶ, ଇଂଲଣ୍ଡ ଆମେରିକା ଇତିହାସ, ଇସପ୍‌ଙ୍କ ଗଳ୍ପାବଳି, ବାଇବଲ, ଏପରିକି ଇଂରାଜୀ କବିତାମାନଙ୍କରୁ ମଧ୍ୟ ଗଳ୍ପ ନେଇ ବ୍ୟବହାର କରାଯାଇଛି । ଚନ୍ଦ୍ରମୋହନଙ୍କ ମୌଳିକତା ଏ ଗଳ୍ପଗୁଡ଼ିକରେ ନାହିଁ । ପ୍ରାୟ ସବୁଗୁଡ଼ିକ କଥା ଅନୁଭୂତ ଆଧାରିତ । ମଝିରେ ମଝିରେ ଧାଡ଼ିଏ ଅଧେ ଅନୁବାଦ ଅଛି କିନ୍ତୁ ତାହା ଅନ୍ୟ ଧାଡ଼ି ସହିତ ଏମିତି ମିଶି ଯାଇଛି ଯେ ବାରିହେବ ନାହିଁ । ଅତି ବେଶୀ ହେଲେ ଦୁଇଖଣ୍ଡ ବହିରେ ତିନି ଚାରୋଟି ଗଳ୍ପ ( ଯଥା — ବ୍ରାହ୍ମଣ ଓ ସାନ୍ତାଳ କଥା ) ଚନ୍ଦ୍ରମୋହନଙ୍କ ନିଜ କୃତ । ସବୁ ପାଠଗୁଡ଼ିକ ଗଳ୍ପଭିତ୍ତିକ, ରଚନା ପ୍ରବନ୍ଧ ଧର୍ମୀ କେହି ନୁହନ୍ତି ।

କିନ୍ତୁ କବିତାଗୁଡ଼ିକ ଯେ ଚନ୍ଦ୍ରମୋହନଙ୍କ ସ୍ୱକୀୟ ଏ ବିଷୟରେ ସନ୍ଦେହର ଅବକାଶ ନାହିଁ । କେବଳ "ଶିଂଶପା ବୃକ୍ଷର ତଳେ" କବିତାଟି ବଲ୍ମୀକି ରାମାୟଣରୁ ନିଆ ଯାଇଛି । 'ପ୍ରତିଧ୍ୱନି' (Echo) କବିତାର ଅବଲମ୍ବନରେ । ଦ୍ୱିତୀୟଭାଗରେ ଛଅଟି ଋତୁ, ବକୁଳ, ବୃଷ୍ଟି, ଚନ୍ଦ୍ର, 'ମହିମା' ଆଦି କବିତାକୁ ମଧୁବାବୁଙ୍କ ସେହି ଧରଣର କବିତା ସହିତ ତୁଳନା କରାଯାଇପାରେ । ଖଣ୍ଡଗିରି କବିତାଟିରେ ଜାତୀୟତାର ସ୍ପର୍ଶ ନାହିଁ, ଅଛି ସୌନ୍ଦର୍ଯ୍ୟ ଚୟନ । ଓଡ଼ିଶାର ସ୍ୱକୀୟ ବିଭବର ସେଇ ଗୋଟିଏ ମାତ୍ର କବିତା । 'ଶିଶୁ ବିୟୋଗ' କବିତାଟି ବାଲେଶ୍ୱରର ଗୋଟିଏ ଶିଶୁର ମୃତ୍ୟୁରେ ଲିଖିତ । କବିତାଗୁଡ଼ିକର ନାମ ପଢ଼ିଗଲେ ଆମେ ଆମର ପରିବେଶ ବୁଝି-ପାରିବା । ଈଶ୍ୱର, କୁଆ କୋଇଲି, ଡାମରା କାଉ, ହଳଦୀ ବସନ୍ତ, ବଟବୃକ୍ଷ, ବେଙ୍ଗ ରଜା, ପ୍ରଭାତ, ଭିତର ବାହାର (ନାରିକେଳ, ପଣସ, ରସାଳ ମହାକାଳ ଫଳ) ମହିମା, ସନ୍ଧ୍ୟା, ଦୁର୍ବାଦଳ, ପୁଷ୍ପ ଆଦି ସହିତ ଛଅ ଋତୁର ବର୍ଣ୍ଣନା ପଢ଼ନ୍ତୁ ସେତେ-ବେଳେ ଅମକୁ ଜଣାଯାଏ କିମିତି ପଶୁପକ୍ଷୀ କୀଟ ପତଙ୍ଗ, ଚନ୍ଦ୍ର, ସୂର୍ଯ୍ୟ ଗ୍ରହ ନକ୍ଷତ୍ର, ନଦନଦୀ, ମେଘ ପାଣିପାଗ ସହିତ ଶିଶୁ ପିତାମାତା ପରିବାରର ସମସ୍ତେ ତାଳ ଦେଇ ବିଶ୍ୱ ବ୍ରହ୍ମାଣ୍ଡ ସହିତ ଚାଲିଛନ୍ତି, ଘୂରୁଛନ୍ତି । ସମସ୍ତେ ଯେମିତି ଏକ ବିରାଟ ଆନନ୍ଦମୟ ଅସ୍ତିତ୍ୱର ଅଙ୍ଗ ଅଂଶୀଦାର । ସେ ଭିତରେ ସାଧୁ ମହାଜନ ଙ୍କର ଅତ୍ୟାଗ୍ରହ

Digitized by srujanika@gmail.com

ଲେଖି ଭଣ୍ଡ ସମସ୍ତେ ଅଛନ୍ତି । କିନ୍ତୁ ସର୍ବତ୍ର ଧର୍ମର ଜୟ ପାପର କ୍ଷୟ । ଦୁର୍ଜନର ଦୁର୍ଗତି ।

ଗଳ୍ପଗୁଡ଼ିକର ବିଚରଣସ୍ଥଳୀ ପୃଥିବୀର ସର୍ବତ୍ର । ଗଳ୍ପ ବର୍ଣ୍ଣିତ ଚରିତ୍ରଗଣ ସବୁ ଦେଶର ସବୁ ସ୍ଥାନର । ସବୁ ଜାତି ଧର୍ମର । ଦେଶ କହିଲେ ଇଉନାଇଟେଡ୍ ଷ୍ଟେଟ୍ସ୍, ଇଂଲଣ୍ଡ, ଆମେରିକା ମହାଦେଶ, ପଶ୍ଚିମ ଦେଶ, ଦକ୍ଷିଣ ଦେଶ, ଆଫ୍ରିକା ମହାଦେଶ, ଗଜନୀ ନଗରୀ, ବ୍ରହ୍ମ ଦେଶ, ବଙ୍ଗ ଦେଶ, କାଶ୍ମୀର, ରାଜପୁତାନା, ବିଜୟ ନଗର, ମହୀପୁର, ଅଯୋଧ୍ୟା, ଦକ୍ଷିଣ କଳିଙ୍ଗ, ମଗଧ ଦେଶ, ବିହାର ପ୍ରଦେଶ, ଭାରତବର୍ଷ, ରାମେଶ୍ୱର, ବୃନ୍ଦାବନ, କନ୍ଦରପୁର, ମାୟାପୁର, ବିଜୟ ନଗର, କଲିକତା, ଶିବସାଗର ଏପରିକି ବାଲେଶ୍ୱର ( କଟକ, ଭୁବନେଶ୍ୱର, ପୁରୀ, ସମ୍ବଲପୁର, ଗଞ୍ଜାମ, ସୁନ୍ଦରଗଡ଼ର ଉଲ୍ଲେଖ ନାହିଁ ) ମୟୂରଭଞ୍ଜର ନାଆଁ ଅଛି । ନଦନଦୀ ପର୍ବତ ଭିତରେ ବିନ୍ଧ୍ୟ, ଚମ୍ପକବନ ଅରଣ୍ୟ, ନୀଳନଦୀ, ଗୋଦାବରୀ ନଦୀ ସ୍ଥାନ ପାଇଛନ୍ତି । ମୋହନ ସେଠାରୁ ଆରମ୍ଭ କରି ମାହମୁଦ, ଅବଦୁଲ୍ଲା, କେଲ୍ଲୀଙ୍ଗ୍, ଓ୍ୱାସିଂଟନ, ବାବେରଯାଏ । ଲକ୍ଷ୍ୟ କରିବାର ଅଛି ଯେ ବୃଦ୍ଧିଟି ବହିରେ ନାରୀଙ୍କ ସ୍ଥାନ ନାହିଁ । କେବଳ 'ବାଲେଶ୍ୱର ନଗରରେ କୌଣସି ରମଣୀ' ଉଲ୍ଲେଖ ଅଛି କିନ୍ତୁ ସେ ସନ୍ତାନହରା ମାତା । ଅଥଚ ବର୍ତ୍ତମାନର ଇଂରାଜୀ ବହିରେ ଆମେ ପଢ଼ିଥିଲୁ "Where are you going, my pretty maid ?" ସହିତରେ ପୁଅ ଝିଅଙ୍କ ବଢ଼ିଆ ରଙ୍ଗିନ୍ ଛବିଟା ଥିଲା । ବା Mary had a little lamb ବା Jack and Jill went up the hill. ଜାତିବାଦୀ ଚନ୍ଦ୍ରମୋହନ ସିନ୍ଧିଲ ସ୍ତ୍ରୀ ପୁରୁଷଙ୍କୁ ଏକତ୍ର ଶିଶୁ ପାଠକ ସମକ୍ଷରେ ରଖିନାହାନ୍ତି ।

'ଦେଶ' 'ପାତ୍ର' ସିମିତ ସର୍ବଦେଶର ସିମିତ ସର୍ବକାଳର । ଗଳ୍ପଗୁଡ଼ିକର କାଳ ପ୍ରାୟଶଃ ଅନିର୍ଦ୍ଦିଷ୍ଟ, ଅସ୍ପଷ୍ଟ । ଗଳ୍ପର ଆରମ୍ଭ ହୁଏ 'ଦିନେ,' 'ଦିନକରେ' 'ଏକଦା' 'ଦୁଇସହସ୍ର ବର୍ଷ ପୂର୍ବେ' 'ବହୁକାଳ ପୂର୍ବେ,' ଅତି ପୂର୍ବକାଳରେ । ଦେଶ ଓ ପାତ୍ରଙ୍କୁ ମଧ୍ୟ ଅନେକ ସମୟରେ ସେମିତି, ଅନିର୍ଦ୍ଦିଷ୍ଟ ରଖାଯାଇଛି । ଗୋଟିଏ ଭେକଲି କୋଳା, ଗୋଟିଏ ବାଳକ, ଜଣେ ଲୋକର ଶୁକପକ୍ଷୀ, ଜଣେ ରାଜାଙ୍କର, ଜଣେ ମହାଜନ ଜଣେ ସନ୍ନ୍ୟାସୀ ଇତ୍ୟାଦି । ସିମିତ କୌଣସି ଅରଣ୍ୟରେ, ଗୋଟିଏ ଦେଉଳ, ଗୋଟିଏ ଗ୍ରାମ, ଗୋଟିଏ ବଟବୃକ୍ଷ, ଗୋଟିଏ କ୍ଷୁଦ୍ର ରାଜ୍ୟରେ, କୌଣସି ଅରଣ୍ୟରେ, ଗୋଟିଏ ନଗରରେ ଆଦି । ମଝିରେ ମଝିରେ ଦେଶକାଳପାତ୍ରଙ୍କୁ ଖୁବ୍ ନିର୍ଦ୍ଦିଷ୍ଟ ଓ ସ୍ପଷ୍ଟ କରାଯାଇଛି । ଏଇ ନିର୍ଦ୍ଦିଷ୍ଟ ଅନିର୍ଦ୍ଦିଷ୍ଟ, ସ୍ପଷ୍ଟ ଅସ୍ପଷ୍ଟ ଭିତରେ ଶିଶୁର କଳ୍ପନାଶକ୍ତି ଗୋଟାଏ ସ୍ୱପ୍ନ ରାଜ୍ୟକୁ ଅତି ସହଜରେ ବୁଲିଯାଏ, ବାସ୍ତବ ଦୁନିଆଁ ଭିତରେ ଥାଇ ମଧ୍ୟ । ଏହାହିଁ ପାରମ୍ପରିକ ଗଳ୍ପକଥନ ପ୍ରଣାଳୀ ।

Digitized by srujanika@gmail.com

ଯେହେତୁ ହିତୋପଦେଶ ବା ନୀତି ଶିକ୍ଷା ଦେବା ପାଇଁ ବହି ହୋଇଛି ଉଦ୍ଦିଷ୍ଟ ତେଣୁ ଏଥିରେ ଆଖି ପକାଇ ଯିବା ଦୁଇ ବହିରେ ପ୍ରକାଶିତ ନୀତିଗୁଡ଼ିକ ଉପରେ । ପ୍ରଥମ ଭାଗରେ ଯେଉଁ ଗଳ୍ପ ଦିଆଯାଇଛି ସେଥିରୁ ଆମେ ଶିଖୁଁ — ଈଶ୍ୱର ସବୁଠି ଥାନ୍ତି ସବୁ ଜାଣନ୍ତି ସବୁ କରିପାରନ୍ତି । ଆଳସ୍ୟ ତ୍ୟାଗ କରି କର୍ମ କର, ଗୁଣୀ ଆଦର ପାଏ, କୁଭାଷା କୁହ ନାହିଁ, ପରିଷ୍କାର ପରିଚ୍ଛନ୍ନ ଓ ସମୟାନୁବର୍ତ୍ତୀ ହୁଅ, ରୂପବନ୍ତ ଓ ଗୁଣବନ୍ତ ହୁଅ, ଭବିଷ୍ୟତ ପାଇଁ ସଞ୍ଚୟ କର । ଗୁରୁଜନଙ୍କ କଥା ମାନ, ଲୋଭ କର ନାହିଁ, ଲୋଭ କର ନାହିଁ, ପ୍ରଶଂସାରେ ଭୁଲ ନାହିଁ, ଦୋଷ ଛାଡ଼ି ଗୁଣ ଶିଖ, ସତ୍ୟ କୁହ, ନିଜେ କଷ୍ଟ ସହି ପରହିତ ସାଧ, ଉପକାର କଲେ ଉପକାର ପାଇବ, ଲୋଭୀର ଏ କୂଳ ନାହିଁ ସେ କୂଳ ନାହିଁ, ଯାହାକୁ ରଖିବେ ଅନନ୍ତ କି କରିପାରେ ବଳବନ୍ତ, ଯେ ବହୁତ କୁହେ ସେ କମ୍ କାର୍ଯ୍ୟ କରେ, ଯେ ଥଟ୍ଟା ନ ସହେ ସେ ଥଟ୍ଟା କରିବା ଉଚିତ ନୁହେଁ, ଗୁଣ ଚିହ୍ନେ ଗୁଣିଆ ସୁନା ଚିହ୍ନେ ବଣିଆଁ, ତୁମକୁ ଖେଳ ଆମକୁ କାଳ, ମିଥ୍ୟାବାଦୀକୁ କେହି ବିଶ୍ୱାସ କରନ୍ତି ନାହିଁ, କୌଶଳରେ କାର୍ଯ୍ୟସିଦ୍ଧି ହୁଏ, ଜ୍ଞାନହିଁ ଶକ୍ତି, ଅପର ନିମନ୍ତେ ବୃକ୍ଷ ରୋପଣ କର, ଶ୍ରମିକ ମୁନିବ ମିଳିମିଶି କାମ କରିବା ଉଚିତ, ସମ୍ପଦରେ ଭାଗୀ ନ କଲେ କେହି ବିପଦରେ ସହାୟ ହେବେ ନାହିଁ, ବୁଢ଼ିଆଣୀ ପରି କ୍ଷୁଦ୍ର ପ୍ରାଣୀ ମଧ୍ୟ ରାଜପୁତ୍ରର ଜୀବନ ରକ୍ଷା କରିପାରେ, ଦୃଢ଼ ମେଳ ସଞ୍ଚୟ ବଳରେ କାର୍ଯ୍ୟସିଦ୍ଧି ହୁଏ, ମନୁଷ୍ୟର ଅଙ୍ଗ ପ୍ରତ୍ୟଙ୍ଗ ବିଶୃଙ୍ଖଳ ବିକଳ, ଭକ୍ଷକ ରକ୍ଷକ ହୋଇ ନପାରେ, ସାଧୁ ସଙ୍ଗରେ ସାଧୁ ଅସାଧୁ ସଙ୍ଗରେ ଅସାଧୁ, ଯତ୍ନ କଲେ ରତ୍ନ ମିଳେ । ସମସ୍ତଙ୍କ ମଙ୍ଗଳ କାମନା କର ।

ପ୍ରଥମ ଭାଗର ଉପଦେଶାବଳୀ ଅପେକ୍ଷା ଦ୍ୱିତୀୟ ଭାଗର ହିତୋପଦେଶ ଅପେକ୍ଷାକୃତ ଉଚ୍ଚ ଧରଣର, ଜଟିଳ । ଯଥା — ଈଶ୍ୱରଙ୍କ କୃପା ବଳରେ ତୁଚ୍ଛ ପଦାର୍ଥ ମଧ୍ୟ ଅମୂଲ୍ୟ ବସ୍ତୁରେ ପରିଣତ ହୁଏ ; ବୁଦ୍ଧି ଥିଲେ ପକ୍ଷୀଟିଏ ମଧ୍ୟ କୃଷ୍ଣ ସର୍ପକୁ ବିନାଶ କରିପାରେ ; ଧୋବାକୁ ମନ୍ତ୍ରୀ କଲେ ଦୁର୍ଦ୍ଦଶା ଭୋଗିବାକୁ ପଡ଼େ ; ସଂହତିର ଅପ୍ରମିତ ଶକ୍ତି ; ସତ୍ୟ ଲଙ୍ଘନ କଲେ ଅନୁତାପ କରିବାକୁ ପଡ଼େ ; ବିନୟ, ଧୈର୍ଯ୍ୟ, ଯତ୍ନ, ସତ୍ୟବାଦିତା ଆତ୍ମଶ୍ଳାଘାହୀନତା ଯୋଗ୍ୟତାର ନିଦର୍ଶନ । ଆଜ୍ଞାନୁବର୍ତ୍ତିତା ମଣିଷକୁ ଅମର କରେ ; ବିବେକୀ ବଞ୍ଚେ ମୂର୍ଖ ମରେ; ଭକ୍ଷ୍ୟ ଭକ୍ଷକ ହେଲେ ମଧ୍ୟ ଇତର ପ୍ରାଣୀଙ୍କ ଭିତରେ ମିତ୍ରତା ସମ୍ଭବ ; ବୁଦ୍ଧି ବଳରେ କ୍ଷୁଦ୍ର ପ୍ରାଣୀ ମଧ୍ୟ ମହାବଳର ପ୍ରାଣ ନାଶ କରିପାରେ ; ଭେଦ ବୁଦ୍ଧି ବଳରେ ମଧ୍ୟ କାର୍ଯ୍ୟସିଦ୍ଧି ହୁଏ ; ଅଜ୍ଞାତ ଲୋକ ସହିତ ମିତ୍ରତା ଅବିବେକୀର କାର୍ଯ୍ୟ, କ୍ଷଣିକ ଜୟ ପରାଜୟର ସମ୍ଭାବନାରେ ଦୁଇପକ୍ଷର ସମର୍ଥନ କଲେ ବାଦୁଡ଼ିର ଦଶା ଭୋଗିବାକୁ ପଡ଼େ, ଧ୍ରୁବ ଛାଡ଼ି ଅଧ୍ରୁବକୁ ମନ ବଳାଇବା ଅନୁଚିତ, ଯେ ସମସ୍ତଙ୍କର ସନ୍ତୋଷ ସାଧନରେ ପ୍ରୟାସୀ ହୁଏ ସେ କାହାରି ସନ୍ତୋଷ

Digitized by srujanika@gmail.com

ବଧାନ କରିପାରେ ନାହିଁ ; ଆତ୍ମପକ୍ଷ ତ୍ୟାଗ ପରପକ୍ଷ ଅବଲମ୍ବନ ମୂର୍ଖର କାରଣ ; ସମସ୍ତେ ସାହସ ଓ ସତ୍‌କାର୍ଯ୍ୟର ପ୍ରଶଂସା କରନ୍ତି ; ଉପଦେଶ ଅପେକ୍ଷା କର୍ମ ମୂଲ୍ୟବାନ; ଗୃହଁବାକ୍ୟକୁ କର୍ଣ୍ଣପାତ କରନାହିଁ ; ଜୀବମାନଙ୍କ ପ୍ରତି ଦୟା କର ।

ଧର୍ମପ୍ରାଣ, ନୀତିମୟ ଆଦର୍ଶ ଜୀବନ ଯାପନ କରିବା ପାଇଁ ଆଉ କେଉଁ ଶାସ୍ତ୍ର ପୁରାଣର ଆବଶ୍ୟକ ? ଅଥଚ ସାଂସାରିକ ଜୀବନ ପାଇଁ ଯେତେ ଯେତେ ନୀତି ନିୟମ ଦରକାର ତାହା ସ୍ୱଳ୍ପ ବର୍ଷର ପାଠ ଭିତରେ ରଖି ଦିଆଯାଇଛି । ଏଇ ହିତକଥା ସବୁ ଶିଶୁ ବାଳକଙ୍କ ଉପରେ ଚାପି ଦିଆଯାଇ ନାହିଁ, ସ୍ୱାଭାବିକ ଭାବରେ ଶିଶୁ ଆନନ୍ଦରେ ସେସବୁ ଗ୍ରହଣ କରନ୍ତି । ଶାମୁକାଟିଏ ଉନ୍ମୁଖ ଉନ୍ମୁକ୍ତ ହୋଇ ଥିଲା ; ବାରିବିନ୍ଦୁ ଆକାଶରୁ ପଡ଼ିବା ମାତ୍ରେ ତାକୁ ଉଦରସ୍ଥ କରି ବିଧି (ଗୁରୁ ?) କୃପାରେ ମୁକ୍ତାରେ ପରିଣତ କରିଦେଲା ।

ଏଥର ପାଠ୍ୟଗୁଡ଼ିକର ଶୈଳୀ କିପରି କ୍ରମଶଃ ଉନ୍ନତତର ହୋଇଛି ତାହା ନିମ୍ନ ପଂକ୍ତିଗୁଡ଼ିକରୁ ଅବଗତ ହେଉନ୍ତୁ ।

(୧) ରଙ୍ଗ ନାମରେ ଗୋଟିଏ ସାନ ପିଲା ଅଛି । ସେ ଅଳସୁଆ ଅଟେ ଏବଂ ଖେଳିବାକୁ ଭଲ ପାଏ । ତାକୁ ପଢ଼ାଶୁଣା ଭଲ ଲାଗେ ନାହିଁ । (ପୃ ୩)

(୨) ଅନୁକରଣ କରିବା ମର୍କଟର ସ୍ୱଭାବ ଅଟେ........ଦ୍ୱିପହର ଉତ୍ତାରେ ଅତିଶୟ ଖିନ୍ନ ହେବାରୁ ବାଟ ପାଖରେ ଗୋଟିଏ ବୃକ୍ଷ ମୂଳରେ ସେ ବିଶ୍ରାମ କଲା........ ଯେତେବେଳେ ତାହାର ନିଦ୍ରା ଭଙ୍ଗ ହେଲା······ (ପୃ ୪୩)

(୩) ଶଙ୍କର ଗୃହସ୍ଥ ଏହୁ ଭୂସମ୍ପତ୍ତି ପାଇ ଗର୍ବୀ ଓ ଅସାବଧାନ ହେଲେ । ସେ ଆପଣାର କୃଷି କାର୍ଯ୍ୟରେ ମଜୁରି ଦେଇ ଲୋକ ଲଗାଇଲେ ମାତ୍ର କାର୍ଯ୍ୟ ଦେଖିବା ପାଇଁ ସ୍ୱୟଂ ଗଲେ ନାହିଁ । (ପୃ ୬୧)

(୪) ମହାଜନ ବାଳକଟିକୁ ଡକାଇ ନେଇ ଆପଣା ଘିରସ୍ତାରେ ଖଣ୍ଡିଏ କିରାନି କାର୍ଯ୍ୟ ଦେଲେ । ବାଳକଟି ଆପଣାର କାର୍ଯ୍ୟ ଦକ୍ଷତା ଓ ଭଲ ଆଚରଣରୁ ସେହି ଘିରସ୍ତାରେ କ୍ରମେ ସର୍ବାପେକ୍ଷା ବଡ଼ କାର୍ଯ୍ୟ ପାଇଲା । (ପୃ ୧୧୩)

## ଦ୍ୱିତୀୟ ଭାଗ

(୧) ଦିନେ ଆକାଶ ମେଘରେ ଆଚ୍ଛନ୍ନ ଥିଲା । ବୃଷ୍ଟି ବିନ୍ଦୁଟିଏ···(ପୃ ୧)

Digitized by srujanika@gmail.com

(୨) ମୂଷାମାନେ ତାହାର ଅନୁସରଣ କଲେ......ସଙ୍ଗୀତ ମୁଗ୍ଧ ମୂଷିକ-ମାନେ ତାହା ପଛେ ପଛେ ଗୋଟି ଗୋଟି ହୋଇ ଜଳକୁ ଡେଇଁ ପଡ଼ି ସ୍ରୋତରେ ଭାସିଗଲେ । ( ପୃ ୧୯ )

(୩) ମୁଖବ୍ୟାଦାନ କରି ଏହି କଥା କହିଲା ମାତ୍ରେ କୂର୍ମଟି କାଷ୍ଠଖଣ୍ଡରୁ ଭୂତଳରେ ପତିତ ଓ ଗୋରକ୍ଷକମାନଙ୍କ କର୍ତ୍ତୃକ ଧୃତ ହେଲା । ( ପୃ ୧୯ )

(୪) ଗୃହରେ ଲୋକେ ଅଗ୍ନି ସନ୍ଦୀପନ କରି ରଙ୍ଗଙ୍କୁ ସେକିବାରେ ଲଗିଲେ । ପିତା ତପ୍ତ ହସ୍ତରେ ତାହାର ସର୍ବାଙ୍ଗ ମର୍ଦ୍ଦନ କଲେ ଓ କିଞ୍ଚିତ୍ ଉଷ୍ମ ଜଳ ପିଆଇ ଦେଲେ । କିୟତ୍‌କ୍ଷଣ ପରେ ରଙ୍ଗର ଚୈତନ୍ୟ ସମ୍ପାଦିତ ଓ ତାହାର କର୍ଣ୍ଣନିକାଦ୍ୱୟର ଗତି ଲକ୍ଷିତ ହେଲା ; କ୍ରମେ ତାହାର ବାକ୍‌ସ୍ଫୂର୍ତ୍ତି ହେଲା । (ପୃ ୧୨୨)

ପଦ୍ୟ ବା କବିତାରେ ମଧ୍ୟ ସେହିପରି ଉଚ୍ଚରୁ ଉଚ୍ଚତର ସୋପାନକୁ ।

( ୧ )

(୧) କୁଆ କଳା ପୁଣି କୋଇଲି ତ କଳା ରୂପରେ ସମାନ ଦୁହେଁ ।

(୨) ପାଣି ବରଷିଲା ଝପର ଝପର ।

(୩) ସ୍ତନ୍ୟ ଦେଇ ପାଳେ ଧାତ୍ରୀ ଶିଶୁକୁ ଯେସନ/ପାଳନ କରଇ ଗାଈ ମାନବେ ତେସନ/ଝୁହି ପାରୁଅଛୁ ତାକୁ/କେ ଅଟଇ କ୍ଷମ ତୋର ଋଣ ଶୁଝିବାକୁ । ( ପୃ ୯୦ )

(୪) ଜଳଦ ଅଙ୍କରେ ଲୁହି ଗଗନ ବିହାରୀ/ତୋର ଯେ ଜନକ ତୁହି ଜନକ ତାହାର ( ୯୯ ପୃ ) । ସପ୍ତବର୍ଣ୍ଣ ସୁବିଶାଳ ଦୃଶ୍ୟରୁ ଇନ୍ଦ୍ରଧନୁ/ମଣିମୟ ହାର ପରି ମଣ୍ଡଇ ତୋ ତନୁ ( ୧୦୧ ପୃ ) ।

( ୨ )

(୧) ମହୀରୁହ କୁଳେ ରୁହି ଅଙ୍କରେ ବକୁଳ/ପର୍ଣ୍ଣେ ଫଳ ବର୍ଣ୍ଣେ ପୁଣି ଅଙ୍କରେ ମଞ୍ଜୁଳ । ( ପୃ ୭ )

(୨) ରବି କିରଣମାଳ/ଶୋଭାରୁ ନିଧାନ/ନଦୀଙ୍କର କୂଳ ମଣ୍ଡଇ/ସୁରବାସ ଧରଣୀ/ଲଲାଟେ କି ମଣି/ରଞ୍ଜିତ ଅଳକା ଶୋଭଇ/ସୁକାନ୍ତ/ସୋଣପ କୁସୁମ ଫୁଟଇ/ଗୁଞ୍ଜରି ମଧୁପ/ତହିଁ ମଧୁ ଲବ/ଓଟାରି ଯତନେ ସଞ୍ଚଇ ।

Digitized by srujanika@gmail.com

ଲକ୍ଷ୍ୟ କରିବାର କଥା, ଯେତେ ଯେତେ ଲୋକପ୍ରିୟ ପାରମ୍ପରିକ ରାଗ ରାଗିଣୀ ସେଇ ସବୁ ପଦ୍ୟରେ ବ୍ୟବହୃତ ଯଥା କଳହଂସ କେଦାର, ରାମକେରୀ, ଶଙ୍କରାଭରଣ, ବଙ୍ଗଳାଶ୍ରୀ, ମଙ୍ଗଳ ଓ କଲ୍ୟାଣ ଆହାରୀ । ପୁଣି ସହଜରେ ଯେଉଁ ସୁର ଗାଇ ହେବ ସେଗୁଡ଼ିକ ପ୍ରଥମେ ଓ ପରେ କଷ୍ଟ ସୁରମାନ ଦିଆଯାଇଛି ।

ଅନୁସରଣ, ଆହରଣ ଓ ଅନୁବାଦ କଲାବେଳେ ଚନ୍ଦ୍ରମୋହନ ଆଦର୍ଶ ଶିକ୍ଷକ ଥାଇ ଛାତ୍ରମାନଙ୍କ ପ୍ରତି ସେସବୁର ଉପାଦେୟତାର ପରୀକ୍ଷା ନିରୀକ୍ଷା ପରେ କଥାବଳୀରେ ସ୍ଥାନ ଦେଇଛନ୍ତି । କେଉଁଠି ହିତୋପଦେଶର ପଂକ୍ତିର ଅବିକଳ ଅନୁବାଦ ଅଛି; ଅନ୍ୟତ୍ର ପୋରସିଆଙ୍କ ଦୟାଗୁଣ ଉପରେ ସୁପ୍ରସିଦ୍ଧ ପଂକ୍ତି “It ( mercy ) is enthroned in the hearts of kings. It is an attribute to God himself.” ଦିଆଯାଇଛି ଏଇ ମୂଳପରେ “କାରଣ ଇହଲୋକ ପରଲୋକରେ ଦୟାଗୁଣ ନରପତିମାନଙ୍କର ଶ୍ରେଷ୍ଠ ଭୂଷଣ ।” ‘ସାବଲୀଗୀନ’ ପାଠରେ ବହିର ଶେଷ ପଂକ୍ତିମାନଙ୍କରେ ଏ କଥାଟି ଅଛି ।

କହିବାକୁ ଇଚ୍ଛା ହୁଏ ଆମର ଶିଶୁ ପାଠ ଶିଶୁ ସାହିତ୍ୟ କ୍ଷେତ୍ରରେ ଅଧୋଗତି ଓ ବିଭ୍ରାନ୍ତି ସୃଷ୍ଟି ହୋଇଛି ସେଇଦିନରୁ ଯେଉଁଦିନ ଆମେ ନିଷ୍ପତ୍ତି ନେଲୁଁ “ଅଜ, ରଖ, ଅଇ, ଉଇ” ଠାରୁ “ମା, ରମା, ରବର, ରମାର ରବର, ମାର ରବର” ଭଳି ବିକୃତ ବର୍ଣ୍ଣବୋଧକୁ ସରକାରୀ ଭାବରେ ବଧାସ୍ତ ଦେଲୁଁ । ( ପଶ୍ଚିମ ବଙ୍ଗରେ ବହୁ ପୁରୁଣା ପ୍ରତିଷ୍ଠିତ ଶିଶୁପାଠ୍ୟକୁ କମ୍ୟୁନିଷ୍ଟ ସରକାର ଉଠାଇବା ପ୍ରଚେଷ୍ଟାକୁ ସର୍ବସାଧାରଣ କମିତି ବିରୋଧ କରିଛନ୍ତି ମନେ ପକାନ୍ତୁ । ) ଆମେ ଧରିନେଲୁଁ ଶିଶୁମାନେ କୋମଳ ମତି, ଦୁର୍ବଳ ମସ୍ତିଷ୍କ, ସେମାନଙ୍କ ସ୍ମୃତି ଶକ୍ତିକୁ ଅଯଥା ଭାରାକ୍ରାନ୍ତ କରିବା ଅନୁଚିତ ଆଦି କଥା । ଅଥଚ ସେଇ ବୟସର ପିଲାପିଲି କନଭେଣ୍ଟ, ସେଣ୍ଟ୍ରାଲ ସ୍କୁଲର ପୁରସ୍କାର ବିତରଣୀ ସଭାରେ **‘To be or not to be’, ‘The quality of mercy is not strained’** ବା **‘Friends, Romans and Countrymen’** ପରିଚ୍ଛେଦ ସ୍ୱଚ୍ଛନ୍ଦରେ ଆବୃତ୍ତି କରୁଛନ୍ତି ।

ଜାତିର ଭବିଷ୍ୟତ ଛାତ୍ରମାନଙ୍କ ଉପରେ । ଛାତ୍ରମାନଙ୍କ ଭବିଷ୍ୟତ ପିଲାଦିନର ପାଠ୍ୟପୁସ୍ତକ ଉପରେ । ଆମର ପାଠ୍ୟପୁସ୍ତକ ଏବେ ଜାତୀୟକୃତ । ପାଠ୍ୟପୁସ୍ତକ ଅଭିଜ୍ଞ, ଧର୍ମପ୍ରାଣ, ଚରିତ୍ରବାନ୍ ଜନୈକ ଶିକ୍ଷକ ବା ଶିକ୍ଷାପ୍ରେମୀଙ୍କ ହାତରେ ନ ଦେଇ ଆମେ ଏକ ବୋର୍ଡ ବା ଅନେକଙ୍କ ହାତରେ ଦେଇଛୁଁ । ସେମାନେ ‘ବ୍ୟକ୍ତି’ ନ ଗଢ଼ି ‘ନାଗରିକ’ ଗଢ଼ୁଛନ୍ତି, ଧନ୍ଦାମୂଳକ ( କି ଶବ୍ଦ ! ) ବା କର୍ମାଭିମୁଖୀ ଶିକ୍ଷାର ପ୍ରଚଳନ ହେଉଛି । ଜାତୀୟତା ଉପରେ ଗୁରୁତ୍ୱ ଦିଆଯାଇଛି । ‘ଧନ୍ୟ ହେ ଈଶ୍ୱର ତୁମ ବୁଦ୍ଧି

Digitized by srujanika@gmail.com

କହୁଣାଳ' ବଦଳରେ ପିଲାଏ ଗାଉଛନ୍ତି 'ଜନଗଣମନ' ନହେଲେ ଜନ୍ମଭୂମିର ବନ୍ଦନା । ଆମେ ଦେଖୁଛୁ ଆଖି ଆଗରେ ଏ ଶିକ୍ଷାର ବିଫଳତା । ସଂହତି ବଦଳରେ ବିଭେଦ, ବିଚ୍ଛିନ୍ନତା, ଜାତୀୟତା ବଦଳରେ ପ୍ରାଦେଶିକତା ଓ ଆଞ୍ଚଳିକତା ସର୍ବତ୍ର ମୁଣ୍ଡ ଟେକୁଛନ୍ତି । ଏପରିକି ଗ୍ରାମ ଗ୍ରାମ ମଧ୍ୟରେ, ପଡ଼ୋଶୀ ପଡ଼ୋଶୀ ମଧ୍ୟରେ ସଂଘର୍ଷ । ଆମର ଦୁନିଆଁ ବର୍ତ୍ତମାନ ଈଶ୍ୱରହୀନ, ଈଶ୍ୱର ପରିତ୍ୟକ୍ତ । ଦୂରଦୃଷ୍ଟି ଅଭାବରେ ଶିଶୁଶ୍ରେଣୀ ପାଇଁ ଯେଉଁ ପାଠ୍ୟପୁସ୍ତକ କେତେ ବର୍ଷ ଧରି ପ୍ରଚଳନ କରିଛୁ ତାହାର କୁଫଳ ସର୍ବତ୍ର ଉପଲବ୍ଧି ହେଉଛି ଏବଂ ସେଣ୍ଟ୍ରାଲ ସ୍କୁଲ, କନଭେଣ୍ଟ ଆଦି ଶିକ୍ଷାନୁଷ୍ଠାନ ସିମିତ ଗୋଟାଏ ଦିଗରୁ ବଢ଼ି ଚାଲିଛି 'ବର୍ଣ୍ଣବୋଧ'ର ପ୍ରେରଣାରେ ଇତସ୍ତତଃ ଗାଁଗଣ୍ଡା-ମାନଙ୍କର ଏକମାତ୍ର ଉପାଦେୟ ପ୍ରଥମ ପାଠ ରୂପେ ବିବେଚିତ ହେଉଛି । ବର୍ତ୍ତମାନର ତଥାକଥିତ ଧନ୍ଦାମୁଖୀ ଶିକ୍ଷା ଅପେକ୍ଷା କରାଣୀ ତିଆରି କରୁଥିବା ସାହେବଙ୍କ ଶିକ୍ଷାନୀତି ବରଂ ଭଲଥିବା କୁହାଯାଇ ପାରେ ବର୍ତ୍ତମାନର ପରିପ୍ରେକ୍ଷୀରେ । ମଧୁସୂଦନ ଓ ଚନ୍ଦ୍ରମୋହନ ବା କାଳନ୍ଦୀଚରଣ ଓ ରାମକୃଷ୍ଣଙ୍କ ଶିଶୁସାହିତ୍ୟ ତଥା ଶିଶୁପାଠ୍ୟ ପ୍ରତି ଅବଦାନ ଚିରସ୍ମରଣୀୟ ଓ କାମ୍ୟ ପରି ବୋଧ ହେଉଛି । କଥାବଳୀର କଥା ଶିଶୁ ଓ ବୃଦ୍ଧ ସର୍ବଜନପାଠ୍ୟ, ଆନନ୍ଦଦାୟକ ।

# ନୀରବ ସାଧକ ଚନ୍ଦ୍ରମୋହନ

ଶ୍ରୀ ଅପୂର୍ବ ରଂଜନ ରାୟ
( ଭଦ୍ରକ )

ସ୍ୱର୍ଗୀୟ ଚନ୍ଦ୍ରମୋହନ ମହାରଣା ହେଉଛନ୍ତି ଜଣେ ନୀରବ ସାଧକ । ତତ୍କାଳୀନ ଓଡ଼ିଶାରେ ସେ ଆଦର୍ଶବାଦୀ ଶିକ୍ଷକ ଭାବରେ ଖ୍ୟାତି ଅର୍ଜନ କରିଥିଲେ । ଶିକ୍ଷକତା କାର୍ଯ୍ୟ ସୁଚାରୁରୂପେ ସଂପନ୍ନ କରିସାରିଲା ପରେ, ସେ ସାହିତ୍ୟ ସୃଷ୍ଟି କରନ୍ତି । ଏହି ସାହିତ୍ୟ ସାଧନା ତାଙ୍କର ଜୀବିକା ନୁହେଁ । ସାହିତ୍ୟ ସୃଷ୍ଟି କରି ଅର୍ଥ ଉପାର୍ଜନ କରିବାର ଅଭିଳାଷ ସାଧକ ଚନ୍ଦ୍ରମୋହନଙ୍କଠାରେ ଦେଖାଯାଉ ନ ଥିଲା । ଏପରିକି ପାଠ୍ୟ ପୁସ୍ତକ ଜରିଆରେ ଗ୍ରନ୍ଥକର୍ତ୍ତାମାନଙ୍କ ଲାଗି ଯେଉଁ ସାହିତ୍ୟ ପରିବେଷଣ କରନ୍ତି, ସେପାଇଁ ମଧ୍ୟ ତାଙ୍କର କୌଣସି ଆଶା ନ ଥାଏ । 'କଥାବଳୀ' ପାଠ୍ୟ ପୁସ୍ତକ ଏକ ବିଦେଶୀ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ହେବା ପରେ, ପ୍ରକାଶକ ଏ ପୁସ୍ତକର ରୟାଲ୍‌ଟି ବାବଦରେ ପ୍ରାପ୍ୟ ତାଙ୍କୁ ଯାଚିବାରୁ ଚନ୍ଦ୍ରମୋହନ ତାହା ଗ୍ରହଣ କରି ନ ଥିଲେ । ବରଂ ପ୍ରକାଶକଙ୍କୁ କହିଲେ—"ଟଙ୍କା ପାଇଁ ତ ମୁଁ ବହି ଲେଖିନାହିଁ ।" ଏହି ମନ୍ତବ୍ୟରୁ ତାଙ୍କ ବ୍ୟକ୍ତିତ୍ୱ ଓ ମନୋବୃତ୍ତିର ପରିଚୟ ମିଳେ ।

କବି ରାଧାନାଥ ସ୍ୱୀୟ ପ୍ରତିଭା ଓ ସାଧନା ବଳରେ ଯେଉଁ ନୂତନ ସାହିତ୍ୟ-ସୌଧ ଓଡ଼ିଆ ସାହିତ୍ୟ ରାଜ୍ୟରେ ପ୍ରଥମେ ପ୍ରତିଷ୍ଠା କଲେ, ସେହି ସାରସ୍ୱତ କୃତି ସାହିତ୍ୟପ୍ରେମୀମାନଙ୍କର ଦୃଷ୍ଟି ଆକର୍ଷଣ କଲା । ଭକ୍ତକବି ମଧୁସୂଦନ ରାଓ ସାହିତ୍ୟ ସାଧନା କ୍ଷେତ୍ରରେ ଯେଉଁ ନୂତନ ଦିଗ୍‌ଦର୍ଶନ ଦେଲେ, ତାହା ମଧ୍ୟ ସାହିତ୍ୟ ପ୍ରେମୀଙ୍କ ଦ୍ୱାରା ଅଭିନନ୍ଦିତ ହେଲା । ଏହି ଶୁଭ ମୁହୂର୍ତ୍ତରେ କେତେଜଣ ଉଚ୍ଚ ଶିକ୍ଷିତ ଲେଖକ ନୀରବ ହୋଇ ରହି ପାରିଲେ ନାହିଁ । ସେମାନଙ୍କ ସୃଜନକ୍ଷମ ପରିକଳ୍ପନା ରୂପ ପାଇବା ପାଇଁ ବ୍ୟାକୁଳିତ ହେଲା । ସେମାନେ ନୂତନ ଧାରାରେ ପ୍ରଭାବିତ ହୋଇ ସାହିତ୍ୟ ରଚନା ଆରମ୍ଭ କଲେ । ନୀରବ ସାଧକ ଚନ୍ଦ୍ରମୋହନ ମହାରଣା ହେଉଛନ୍ତି ସେହି ନବୀନ ଗୋଷ୍ଠୀର ଅନ୍ୟତମ ପ୍ରତିଭାବାନ ସ୍ରଷ୍ଟା । ରାଧାନାଥ ରାୟଙ୍କ ସମସାମୟିକ ପରବର୍ତ୍ତୀ ଲେଖକ ଭାବରେ ସେ ପରିଚିତ । ଇଂରାଜୀ ଓ ସଂସ୍କୃତ ସାହିତ୍ୟରେ ତାଙ୍କର ପ୍ରବେଶ ଥିଲା ।

ଉଭୟ ଗଦ୍ୟ ଓ ପଦ୍ୟରେ ସାଧକ ଚନ୍ଦ୍ରମୋହନ କବିବର ରାଧାନାଥଙ୍କୁ ଅନୁକରଣ କରିଥିଲେ ମଧ୍ୟ, ଆପଣା ପ୍ରତିଭାର ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି ।

Digitized by srujanika@gmail.com

ମନେ ହୁଏ କବିଗୁରୁ ଭାବରେ ରାଧାନାଥଙ୍କୁ ସେ ଗ୍ରହଣ କରି ତାଙ୍କ ଛନ୍ଦରେ କବିତା ରଚନା କରିଛନ୍ତି । ବସ୍ତୁ କ୍ଷେତ୍ରରେ ମଧ୍ୟ ଉଭୟର ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ।

ରାଧାନାଥ 'ଚିଲିକା'ରେ ଲେଖିଛନ୍ତି—

"କରିଥିଲି ଆଶା କରିବି ଯାପନ
ତୋ ପଶ୍ଚିମ ତୀରେ ପଶ୍ଚିମ ଜୀବନ ।"

'ଖଣ୍ଡଗିରି'ରେ କବି ଚନ୍ଦ୍ରମୋହନ ଲେଖିଲେ—

"ମନରେ ପ୍ରବଳ ହେଲା ଏହି ଅଭିଳାଷ
କରିବି କୋଳରେ ତୋର ମୁହିଁ ସଦା ବାସ ।"

ଗଦ୍ୟକାର ଭାବରେ ଚନ୍ଦ୍ରମୋହନ ତତ୍କାଳୀନ ଲେଖକ ଗୋଷ୍ଠୀରେ ଖୁବ୍ ସମ୍ମାନର ଅଧିକାରୀ ଥିଲେ । ସ୍ୱଚ୍ଛତା ଓ ନୂତନତା ହିଁ ତାଙ୍କ ଗଦ୍ୟ ରଚନାର ଅନ୍ୟ ଏକ ବିଶେଷତ୍ୱ । ପାଠକର ପ୍ରାଣକୁ ସ୍ପର୍ଶ କଲା ଭଳି ଭାବନାକୁ ଆଧାର କରି ସାହିତ୍ୟ ସୃଷ୍ଟି ହେଲେ, ପାଠକ ଓ ସ୍ରଷ୍ଟା ଭିତରେ ଦୂରତା ହ୍ରାସ ପାଏ ବୋଲି ତାଙ୍କର ଧାରଣା ଥିଲା । ସେପାଇଁ ତାଙ୍କର ପ୍ରତ୍ୟେକ ରଚନାରେ ସରଳ, ପ୍ରାଞ୍ଜଳ ଅଥଚ ଗମ୍ଭୀର ଭାଷା ସଂଯୋଜନା ଦୃଷ୍ଟିଗୋଚର ହୁଏ । ଜଟିଳ ତତ୍ତ୍ୱକୁ ସୁଖପାଠ୍ୟ କରିବାଲାଗି ସେ ଯତ୍ନବାନ ଥିଲେ । ତେଣୁ ତାଙ୍କର ସକଳ ସୃଷ୍ଟି ପାଠକର ପ୍ରାଣକୁ ଛୁଇଁ ଛୁଇଁ ଯାଏ । ଭାଷା ପ୍ରୟୋଗରେ ସେ ସଂଯମତା ଆଚରଣ କରନ୍ତି । ପ୍ରଗଲ୍ଭତାର ପରିଚୟ ତାଙ୍କ ସୃଷ୍ଟିରୁ ମିଳେନା । ଭାବୋଚ୍ଛ୍ୱାସ ଭିତରେ ଲେଖକ ଭାସିଯାଇ ନାହାନ୍ତି । ଉଚ୍ଛ୍ୱାସ ଗାମ୍ଭୀର୍ଯ୍ୟମୟ ତଥା ଭାବବ୍ୟଞ୍ଜକ ପରିବେଶ ମଧ୍ୟରେ ଆତ୍ମପ୍ରକାଶ କରିଛି । ଏଠାରେ ଗଦ୍ୟକାର ମହାରଥୀଙ୍କ ଗଦ୍ୟ ଶୈଳୀର ଗୋଟିଏ ଉଦାହରଣ ଦିଆଯାଉ "ସ୍ୱଦେଶ, ସ୍ୱଜାତି ଓ ସ୍ୱୀୟ ବଂଶୀୟ ଇତିହାସରେ ଅଭିଜ୍ଞ ହେଲେ ମାନବ ଆପଣାର ଦାୟିତ୍ୱ, ସ୍ୱତ୍ୱ ଓ ଦାବୀ ଉତ୍ତମ ରୂପେ ହୃଦୟଙ୍ଗମ କରିପାରେ । ଏହି ଅଭିଜ୍ଞତା ବ୍ୟକ୍ତି ବିଶେଷକୁ ସମସ୍ତ ସମୟରେ ବିପଥ ଗମନରୁ ନିବର୍ତ୍ତାଇ ଅଛି । ଏହି ଅଭିଜ୍ଞତା ଇଂଲଣ୍ଡର ଶାସନତନ୍ତ୍ରକୁ ସୁଦୃଢ଼ ଭିତ୍ତି ପ୍ରଦାନ କରିଅଛି । ଏହି ଅଭିଜ୍ଞତା ଅନେକ ମହାତ୍ମାଙ୍କୁ ଆତ୍ମୋତ୍ସର୍ଗ ବ୍ରତରେ ଦୀକ୍ଷିତ କରିଅଛି । ସୁକୌଶଳରେ ଲିଖିତ ଇତିହାସକୁ ଭୂଚିତ୍ର ଅଥବା ନାଟ୍ୟାଭିନୟ ସହିତ ତୁଳନା କରାଯାଇ ପାରେ ।"

( ଇତିହାସ )

ସାଧକ ଚନ୍ଦ୍ରମୋହନ ବିବରଣାତ୍ମକ, ବର୍ଣ୍ଣନାତ୍ମକ, ଚିନ୍ତାତ୍ମକ, ତଥ୍ୟମୂଳକ, ତାତ୍ତ୍ୱିକ, ସମ୍ବାଦଧର୍ମୀ ଓ ସମୀକ୍ଷାତ୍ମକ ଗଦ୍ୟ ରଚନାରେ ମନୋନିବେଶ କରିଥିଲେ

Digitized by srujanika@gmail.com

ଚହେଁ, ମନେହୁଏ ଯେପରି ଚିନ୍ତାତ୍ମକ ଗଦ୍ୟ ରଚନାରେ ସେ ଥିଲେ ସିଦ୍ଧହସ୍ତ । ଏହି ଶ୍ରେଣୀୟ ଗଦ୍ୟ ରଚନାରେ ତାଙ୍କର ମୌଳିକତା ଲକ୍ଷ୍ୟ କରାଯାଇଥାଏ । ଚରିତ୍ରନିଷ୍ଠ ପ୍ରବନ୍ଧରେ ଚନ୍ଦ୍ରମୋହନଙ୍କୁ ତଥ୍ୟାନୁସନ୍ଧିତ୍ସୁ ଭାବରେ ଦେଖିବାକୁ ମିଳେ । ପ୍ରଜ୍ଞାର ସୁଦୂର ପ୍ରସାରୀ ଭୂମିକା ମଧ୍ୟ ଏପ୍ରକାର ପ୍ରବନ୍ଧକୁ ଆହୁରି ଉଚ୍ଚକୋଟୀର କରିଥାଏ । ଗଦ୍ୟକାର ମହାରଣା ବ୍ୟକ୍ତିନିଷ୍ଠ ପ୍ରବନ୍ଧ ରଚନା କରିଛନ୍ତି । ତାହା ସ୍ୱଳ୍ପ ହେଲେ ମଧ୍ୟ, ସେଥିରେ ତାଙ୍କର ବାସ୍ତବ ଅଭିଜ୍ଞତା ଓ ଅନୁଭୂତି ଜୀବନ୍ତ ଭାବରେ ରୂପାୟିତ ହୋଇଛି ।

୧୯୦୧-୧୯୪୭, ଅର୍ଥାତ୍ ଗଦ୍ୟ ସାହିତ୍ୟର ଦ୍ୱିତୀୟ ଯୁଗ ( ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟଠାରୁ ) ଓଡ଼ିଆ ସାହିତ୍ୟର ଗଦ୍ୟ ରଚନାର ଅଭିବୃଦ୍ଧିରେ ଯଥେଷ୍ଟ ସାହାଯ୍ୟ କରିଛି । ଏହି ସମୟରେ କେତେଜଣ ସୁଯୋଗ୍ୟ ସମ୍ପାଦକଙ୍କ ବଳିଷ୍ଠ ସମ୍ପାଦନାରେ କେତୋଟି ଉଚ୍ଚକୋଟୀର ପତ୍ରିକା ଯଥା 'ଉତ୍କଳ ସାହିତ୍ୟ', 'ମୁକୁର', 'ସତ୍ୟବାଦୀ', 'ସହକାର', 'ଯୁଗବୀଣା', 'ଦାରୁଣୀ', 'ନବଭାରତ' ଓ 'ଡଗର' ପ୍ରମୁଖ ପ୍ରକାଶ ପାଇ ଗଦ୍ୟ ସାହିତ୍ୟର ବିକାଶ ଦିଗରେ ପଦକ୍ଷେପ ନେଇଛି । ସେତେ-ବେଳେ ବହୁ ପ୍ରାବନ୍ଧିକ ଏହି ସବୁ ପତ୍ରିକା ମାଧ୍ୟମରେ ନିଜ ପ୍ରତିଭା ଓ ନିଷ୍ଠାର ପରିଚୟ ଦେଇଛନ୍ତି । ଏସବୁ ପତ୍ରିକାର ପୁରାତନ ସଂଖ୍ୟାଗୁଡ଼ିକ ଆଲୋଚନାକୁ ଆଣିଲେ, ଏ ଦିଗରେ ବହୁ ତଥ୍ୟ ଓ ତତ୍ତ୍ୱର ସନ୍ଧାନ ମିଳିଥାଏ । ତତ୍କାଳୀନ ପତ୍ରପତ୍ରିକାରୁ ଚନ୍ଦ୍ରମୋହନ ପ୍ରମୁଖ ଆହୁରି ବହୁ ଲେଖକ ସାହିତ୍ୟ ସାଧନା କରୁଥିବାର ପ୍ରମାଣ ମିଳୁଛି । ମାତ୍ର ସମସ୍ତେ ଆଲୋକକୁ ଆସିପାରି ନାହାନ୍ତି । ଏହା ପୂର୍ବରୁ 'ସମ୍ବଲପୁର ହିତୈଷିଣୀ' ଓ 'ଉତ୍କଳପ୍ରଭା' ପ୍ରକାଶ ପାଇ ଗଦ୍ୟକାରମାନଙ୍କ ରଚନା ଲାଗି ଯଥେଷ୍ଟ ସୁଯୋଗ ଦେଇଥିଲା । ଏ ପର୍ଯ୍ୟନ୍ତ ଚନ୍ଦ୍ରମୋହନଙ୍କ ପରି ଅନେକ ସାହିତ୍ୟିକ ତତ୍କାଳୀନ ପତ୍ରିକା ପୃଷ୍ଠାରେ ରହିଛନ୍ତି । ସେମାନେ ଅନାଲୋଚିତ ହେଲେ ସୁଦ୍ଧା, ସ୍ମରଣୀୟ ସାଧନା ଓ ପ୍ରତିଭାର ଅଧିକାରୀ । ଇତିହାସ-ପୃଷ୍ଠା ସେମାନେ ମଣ୍ଡନ କରନ୍ତି । ଅବଦାନକୁ ଇତିହାସ ସ୍ୱୀକାର କରେ ।

ସେତେବେଳେ ଓଡ଼ିଆ ଭାଷାରେ ପାଠ୍ୟ ପୁସ୍ତକ ରଚନା କରିବା ଗୌରବାବହ ଘଟଣା । ପାଠ୍ୟପୁସ୍ତକର ରଚୟିତାଙ୍କ ପ୍ରତି ତତ୍କାଳୀନ ବୁଦ୍ଧିଜୀବୀମାନଙ୍କର ଦୃଷ୍ଟି ଆକର୍ଷିତ ହେଉଥିଲା । ଚନ୍ଦ୍ରମୋହନ ଏକଦା ଜଣେ ସୁପରିଚିତ ପାଠ୍ୟ ପୁସ୍ତକ ପ୍ରଣେତା ଭାବରେ ଖ୍ୟାତି ଲାଭ କରିଥିଲେ । ସେ ଓଡ଼ିଆ ଭାଷାର ମହତ୍ତ୍ୱ ବଜାୟ ରଖିବା ଲାଗି ଜିଦ୍‌ରେ ପାଠ୍ୟ ପୁସ୍ତକ ରଚନା କ୍ଷେତ୍ରରେ ମନୋନିବେଶ କରିଥିଲେ । ବ୍ୟାସକବି ଫକୀରମୋହନ ମଧ୍ୟ ସର୍ବପ୍ରଥମେ ପାଠ୍ୟ ପୁସ୍ତକ ରଚନା କରି ଜଣେ

Digitized by srujanika@gmail.com

ଲେଖକ ଭାବରେ ପରିଚିତ ହୋଇଥିବାର ଦୃଷ୍ଟାନ୍ତ ରହିଛି । ଓଡ଼ିଆ ଭାଷାରେ ପାଠ୍ୟ ପୁସ୍ତକ ଲେଖା ଯାଇ ପାରିବ ନାହିଁ । ଓଡ଼ିଆ ଭାଷା ସ୍ୱତନ୍ତ୍ର ଭାଷାର ଗୌରବ ଲାଭ କରିବା ଲାଗି ସାମର୍ଥ୍ୟ ଅର୍ଜନ କରିନାହିଁ । ଏହି ଚିନ୍ତାଧାରାର ପ୍ରତିବାଦ ସ୍ୱରୂପ ଚନ୍ଦ୍ରମୋହନଙ୍କ ସମେତ ଅନ୍ୟ କେତେଜଣ ଜାତି ଓ ଭାଷା ପ୍ରେମୀ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ସମ୍ମାନ ଦେବା ଆଶାରେ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ଲେଖିବା ଲାଗି ଆଗଭର ହୋଇଥିଲେ ।

ଶିକ୍ଷକତା ଜୀବନରେ ଉପଦେଶ ଓ ନୀତିଗତ ଆଦର୍ଶ ପଥରୁ ଚନ୍ଦ୍ରମୋହନ ବିଚ୍ୟୁତ ହୋଇ ନାହାନ୍ତି । ସଂସ୍କାରବାଦୀ ଭାବରେ ସାହିତ୍ୟ ମାଧ୍ୟମରେ ଲୋକ ଚରିତ୍ରର ସଂସ୍କାର ଲାଗି ସେ ଉଦ୍ୟମ କରିଛନ୍ତି । ସାହିତ୍ୟ ରଚନାରେ ନୀତି ଓ ଆଦର୍ଶକୁ ଉଚ୍ଚ ସ୍ଥାନ ଦେଇ ଆଦର୍ଶ ଉନ୍ମୁଖୀ ସାହିତ୍ୟ ସୃଷ୍ଟି କରିଥିଲେ । ସେ ଜଣେ ଉଚ୍ଚକୋଟୀର ବୈୟାକରଣିକ ଥିବାରୁ ତାଙ୍କ ରଚନାରେ ବ୍ୟାକରଣଗତ ତ୍ରୁଟି ପ୍ରତି ଖୁବ୍ ସଚେତନ ରହିଥିଲେ । ଚନ୍ଦ୍ରମୋହନ ଉଚ୍ଚ ଶିକ୍ଷିତ ଥିବାରୁ ପାଶ୍ଚାତ୍ୟ ସାହିତ୍ୟ ଅଧ୍ୟୟନ ଓ ବିଶ୍ଳେଷଣର ସୁଯୋଗ ପାଇଥିଲେ । ସେଥିଲାଗି ମାତୃଭାଷାରେ ପ୍ରବନ୍ଧ ରଚନା ସମୟରେ ସେ ତୁଳନାତ୍ମକ ଦୃଷ୍ଟିରୁ ସ୍ୱତନ୍ତ୍ର ମତାମତ ଉପସ୍ଥାପନ କରି ପାରିଛନ୍ତି । ହଠାତ୍ କୌଣସି ସୃଷ୍ଟିକୁ ସେ ମୁଦ୍ରଣ କରିବା ଲାଗି ବ୍ୟସ୍ତ ନଥିଲେ । ବାରମ୍ବାର ଗୋଟିଏ ସୃଷ୍ଟିକୁ ପରିମାର୍ଜିତ କରିସାରିଲା ପରେ, ସୃଷ୍ଟିଟି ପୂର୍ଣ୍ଣାଙ୍ଗ ହେଲା ବୋଲି ଭାବନ୍ତି । ଏଥିପାଇଁ ଦୀର୍ଘ ସମୟ ଲାଗିଲେ ସୁଦ୍ଧା, ସେ ଆଦୌ ବ୍ୟସ୍ତ ହୁଅନ୍ତି ନାହିଁ ।

ଚନ୍ଦ୍ରମୋହନ ରାଧାନାଥ ସାହିତ୍ୟର ଜଣେ ଏକନିଷ୍ଠ ପାଠକ ଥିଲେ । ମାତ୍ର ଅନ୍ଧ ଭାବକତାଠାରୁ ଦୂରରେ ଥାଆନ୍ତି । ଯୁକ୍ତିବାଦୀ ଭାବରେ ପ୍ରତ୍ୟେକ କଥାକୁ ବଳିଷ୍ଠ ଯୁକ୍ତି ମାଧ୍ୟମରେ ପ୍ରକାଶ କରନ୍ତି । ଏପରିକି 'ଇନ୍ଦ୍ରଧନୁ' ଓ 'ବିଜୁଳି'ର କଳହ ସମୟରେ ରାଧାନାଥଙ୍କୁ ସେ ବ୍ୟକ୍ତିଗତ ବଳିଷ୍ଠ ଯୁକ୍ତିର ସହ ସମର୍ଥନ କରିଥିଲେ । ବହୁ ବିପକ୍ଷ ସାହିତ୍ୟପ୍ରେମୀମାନେ ଚେଷ୍ଟା କରି ମଧ୍ୟ, ତାଙ୍କୁ ପ୍ରଭାବିତ କରିପାରିଲେ ନାହିଁ । ସମସ୍ତ ବିରୋଧ ମତକୁ ଚନ୍ଦ୍ରମୋହନ ଯୁକ୍ତି ଦର୍ଶାଇ ଖଣ୍ଡନ କରି ପାରିଥିଲେ । କବି ରାଧାନାଥଙ୍କର ସେ ଜଣେ ଦୃଢ଼ ସମର୍ଥକ ଭାବରେ ସେତେବେଳେ ସ୍ୱୀକୃତି ପାଇଥିଲେ ।

ସାଧକ ଚନ୍ଦ୍ରମୋହନ ଉଚ୍ଚକୋଟୀର କବି ହୋଇ ନ ପାରନ୍ତି । ତେବେ ତାଙ୍କର ଯେ କବି ପ୍ରତିଭା ନଥିଲା ତାହା କେବେ କୁହାଯାଇ ପାରିବ ନାହିଁ । ଗ୍ରାମ୍ୟ ପରିବେଶ ଓ ତା'ର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଯେଉଁ କବିତା ରଚନା କରିଛନ୍ତି, ସେଗୁଡ଼ିକ ଜୀବନ୍ତ ହୋଇ ଉଠିଛି । ପାଠକର ପ୍ରାଣକୁ ଏହି କବିତା ସ୍ପର୍ଶ କରେ । ବର୍ଣ୍ଣନାର ଗୋଟିଏ ଉଦାହରଣ

Digitized by srujanika@gmail.com

"ଆକାଶ ବିମଳ ଚନ୍ଦ୍ରମା ବିମଳ
ବିମଳ ତାରକା ପୁଞ୍ଜ,
ସ୍ୱଚ୍ଛ ସରୋବର ନଦୀ ଝର ନୀର
ସୁରଭି ସୁଚନ୍ଦ କୁଞ୍ଜ ।"

ଅନ୍ୟତ୍ର କବି ଚନ୍ଦ୍ରମୋହନ ପ୍ରକୃତି ବର୍ଣ୍ଣନା ପ୍ରସଙ୍ଗରେ ଲେଖିଛନ୍ତି—

"ନିଶାରେ ଅଜସ୍ର ତୁଷାର ବର୍ଷିଲା
ଧଳା ଉଷୁ ବୋଲା ତପସ୍ୱୀ ମହଲା
ପତ୍ରେ ଯାମିନୀ ବର୍ଣ୍ଣିଲା ।" ଇତ୍ୟାଦି

ତାଙ୍କର କାବ୍ୟ ସାଧନା ଥିଲା ଅଦ୍ଭୁତ । ଅଳ୍ପ ବୟସରୁ ତାଙ୍କର ପ୍ରତିଭା ବିକଶିତ ହୋଇଥିଲା । ତରୁଣ ଚନ୍ଦ୍ରମୋହନ କରୁଣ ରସ ପରିବେଷଣରେ ଆପଣା କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ସେତେବେଳକୁ ସାହିତ୍ୟ ସାଧନାର ପରିଣତ ବୟସରେ ଚନ୍ଦ୍ର-ମୋହନ ଉପନୀତ ହୋଇ ନ ଥାଆନ୍ତି । ମାତ୍ର ଗୋଟିଏ ୧୬ ଦିନର ସନ୍ତାନର ବିୟୋଗରେ ସେ ଯାହା ଲେଖିଛନ୍ତି, ବାସ୍ତବିକ ଉଲ୍ଲେଖନୀୟ—

"ଏହା କି ଅବିଧି ନିଧି ଦେଇ ବିଧି
କ୍ଷଣକରେ ନେଲା ହରି,
ପ୍ରଭୁ ବିଶ୍ୱକର୍ତ୍ତା ଦାତା ହୋଇ ହର୍ତ୍ତା
କେଉଁ ପାପ ଏହା ପରି ?"

× × ×

"କଂପେ ଥର ଥର ନବୀନା ଅଧର
ଅଶୋକ ପ୍ରବାଳ ତୁଳ,
ଜ୍ୟୋତ୍ସ୍ନା ନ ତଥା କିଶଳୟ ଯଥା
ହେଲେ ତରୁ ଛିନ୍ନମୂଳ ।"

କବିତା ରଚନାରେ ସେ ବିଶେଷ ମନୋନିବେଶ କରି ନାହାନ୍ତି । ମାତ୍ର ଚୋଟିଏ ଗୋଟିଏ କବିତା ତାଙ୍କ ସାଧକ ଜୀବନର ପ୍ରତିଛବି ବହନ କରିଛି । କବି ଚନ୍ଦ୍ରମୋହନଙ୍କ କାବ୍ୟ ସାଧନାରେ ମୁଗ୍ଧ ହୋଇ ତାଙ୍କର ଗୋଟିଏ କବିତା ପାଠ କଲାପରେ, ଫକୀରମୋହନ ଲେଖିଥିଲେ—

Digitized by srujanika@gmail.com

"ଚନ୍ଦ୍ରମୋହନ ମହାରଣା ହେଉ ହେଉ ହେଉ,
ବାରେ ମାତ୍ର ଛାଡନ୍ତି କବିତାର ଢେଉ ।
ଖଣ୍ଡିଏ କବିତା ଲେଖି ଥକି ପଡ଼ିଲି କି ?
ଏତେ ଅଳସୁଆ ହେଲେ କାମ ଚଳିବ କି ?"

ସାଧକ ଚନ୍ଦ୍ରମୋହନ ଅନାଲୋଚିତ ପ୍ରତିଭା । ସେ ପାଠ୍ୟପୁସ୍ତକ ଭିତରେ ରହିଗଲେ ପରି ବୋଧହୁଏ । ପାଠ୍ୟପୁସ୍ତକ ରଚନା ଉପରେ ସାଧନାକୁ କେନ୍ଦ୍ରୀଭୂତ କରିଥିବାରୁ ସାଧାରଣ ସାହିତ୍ୟ ସୃଷ୍ଟି ଲାଗି ହୁଏତ ଚନ୍ଦ୍ରମୋହନ ଅବସର ପାଇ ନ ଥିଲେ । କିନ୍ତୁ ଗୋଟିଏ ଯୁଗର ସାହିତ୍ୟ ଧାରାକୁ ଉଜ୍ଜୀବିତ କରି ରଖିବା ଲାଗି ତାଙ୍କର ଲେଖନୀ ଯେପରି ଭୂମିକା ଗ୍ରହଣ କରିଥିଲା ତାହା ବିଚାରକୁ ନେବା ସମାଲୋଚକର କର୍ତ୍ତବ୍ୟ । ଓଡ଼ିଆ ସାହିତ୍ୟର ଘଡ଼ିସନ୍ଧି ମୁହୂର୍ତ୍ତରେ, ଭାଷା-ସଂଗ୍ରାମର ଭୂମି ଉପରେ ଚନ୍ଦ୍ରମୋହନ ଜଣେ ଜାତିସ୍ୱବାଦୀ ସାହିତ୍ୟିକ ଭାବରେ ଯେଉଁ ବଳିଷ୍ଠ ଅବଦାନ ଦେଇ ଯାଇଛନ୍ତି ତାହା ଆଲୋଚିତ ହେବା ଆବଶ୍ୟକ ।

Digitized by srujanika@gmail.com

# ରେମୁଣାର ବରପୁତ୍ର ଚନ୍ଦ୍ରମୋହନ

ବାଞ୍ଛାନିଧି ଦାସ

ପରାଧୀନତାର ନିଗଡ଼ ମଧ୍ୟରେ ଦୁଇ ଶହ ବର୍ଷ ଭାରତ ଜନନୀ ନାନାପ୍ରକାର ନିର୍ଯ୍ୟାତନା ଭୋଗିଥିଲେ । ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ଅଞ୍ଚଳ ବ୍ରିଟିଶ ଶାସନାଧୀନ ହେବାରୁ ଓଡ଼ିଶାର ଶାସନ ବିପର୍ଯ୍ୟସ୍ତ ହୋଇଥିଲା । ଏହାର କିୟଦଂଶ ମଧ୍ୟପ୍ରଦେଶ, କିୟଦଂଶ ବିହାର ଓ ପ୍ରଧାନ ତଥା ବୃହଦଂଶ ବଙ୍ଗଳାର ରାଜନୈତିକ ଶାସନର ଅନ୍ତର୍ଭୁକ୍ତ ହୋଇଥିଲା । ଏହି ଦୁର୍ଯୋଗରେ ଓଡ଼ିଶାର ପ୍ରଭୂତ କ୍ଷତି ହୋଇଥିଲା । ସମସ୍ତ କ୍ଷତି ମଧ୍ୟରେ ପ୍ରଧାନ କ୍ଷତି ହୋଇଥିଲା ଆମ ଭାଷାର । ଓଡ଼ିଆ ଭାଷାର ଲୋପ ପାଇଁ କେତେକ ଅଣଓଡ଼ିଆ ସ୍ୱାର୍ଥମତ୍ତ ଚକ୍ରାନ୍ତ ଆରମ୍ଭ କରିଥିଲେ । ମାତ୍ର ଭଗବାନଙ୍କର ଅପାର କରୁଣାରୁ କେତେଜଣ ଜାତି ଓ ଭାଷାପ୍ରେମୀ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରମାଣ ଓ ରକ୍ଷା ଲାଗି ପ୍ରାଣପଣେ ଉଦ୍ୟମ କରି ଯଶସ୍ୱୀ ହୋଇଥିଲେ । ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଓଡ଼ିଶାର ସାହିତ୍ୟ କ୍ଷେତ୍ରରେ ଯେଉଁ ସଙ୍କଟ ଦେଖା ଦେଇଥିଲା । ତାହାର ନିରାକରଣ ପାଇଁ ଯେଉଁ କେତେଜଣ ସାହିତ୍ୟ ରଥୀ ନିଜ ନିଜର ବଳିଷ୍ଠ ଲେଖନୀ ଚାଳନ କରି ଏହାକୁ ପୁନର୍ଜୀବନ ପ୍ରଦାନ କରିଥିଲେ, ସେମାନଙ୍କ ମଧ୍ୟରେ ସୁନାମଧନ୍ୟ ଚନ୍ଦ୍ରମୋହନ ମହାରଣା ଅନ୍ୟତମ ।

ଚନ୍ଦ୍ରମୋହନ ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମରେ ଏକ କୁଳୀନ ସ୍ୱର୍ଣ୍ଣକାର ପରିବାରରେ ୧୮୬୭ ମସିହାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାଙ୍କର ନାମ ଅନାଦି ଓ ମାତାଙ୍କର ନାମ ଅହଲ୍ୟା । ପିତାଙ୍କର ଆର୍ଥିକ ଅବସ୍ଥା ମନ୍ଦ ଥିବାରୁ ଓ ବାଲ୍ୟାବସ୍ଥାରୁ ପିତୃହୀନ ହୋଇ ପଡ଼ିବାରୁ ଚନ୍ଦ୍ରମୋହନ ବହୁ କଷ୍ଟରେ ଭାଇ ଓ ଭଉଣୀମାନଙ୍କୁ ପାଳନ କରିବା ସଙ୍ଗେ ସଙ୍ଗେ ଗ୍ରାଣ୍ଟ ବୃତ୍ତି ଓ ଋଣ ଦ୍ୱାରା ଅଧ୍ୟୟନ କରିଥିଲେ । ତୀକ୍ଷ୍ଣ ମେଧା ଓ ପ୍ରତିଭାର ଅଧିକାରୀ ହୋଇଥିଲେହେଁ ଅଧ୍ୟବସାୟ ତାଙ୍କ ସାଧନାର ବିଶେଷତ୍ୱ ଥିଲା । ରେଭେନ୍ସା କଲେଜରେ ପଢ଼ିବା ବେଳେ ତାଙ୍କର କେତେକ କବିତା ଓ ସାହିତ୍ୟିକ ପ୍ରବନ୍ଧ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲା । ତାହା ପାଠକରି କେତେଜଣ ବିଶିଷ୍ଟ ଓଡ଼ିଆ ଚନ୍ଦ୍ରମୋହନଙ୍କର ସାହିତ୍ୟ ସୃଷ୍ଟିର ଆଭାସ ପାଇଥିଲେ । ତନ୍ମଧ୍ୟରୁ ଓଡ଼ିଆ ଭାଷାର ଅନ୍ୟତମ ରକ୍ଷାକର୍ତ୍ତା ଓ ଆଧୁନିକ ଓଡ଼ିଆ ସାହିତ୍ୟର ଜନ୍ମଦାତା କବିବର ରାଧାନାଥ ପ୍ରଧାନ । ସେ ଚନ୍ଦ୍ରମୋହନଙ୍କୁ ଡାକି ଆଣି 'ବାଲେଶ୍ୱର ଜିଲ୍ଲା ସ୍କୁଲରେ ସହକାରୀ ଶିକ୍ଷକ ପଦରେ

Digitized by srujanika@gmail.com

ନିଯୁକ୍ତ ଦେଲେ । ସେତେବେଳକୁ ରାଧାନାଥ ଓଡ଼ିଶାର ବିଦ୍ୟାଳୟ ସମ୍ବନ୍ଧର ଇନିସ୍-ପେକ୍ଟର ଥାଆନ୍ତି । ପରେ ଚନ୍ଦ୍ରମୋହନ ପୁରୀ ଜିଲ୍ଲା ସ୍କୁଲକୁ ବଦଳି ହୋଇଥିଲେ । ସମୟକ୍ରମେ ପୁରୀ ଓ ବାଲେଶ୍ୱରର ଡେପୁଟି ଇନ୍‌ସପେକ୍ଟର ହୋଇଥିଲେ । ପୁରୀ ଜିଲ୍ଲା ସ୍କୁଲରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ପ୍ରଧାନ ଶିକ୍ଷକ । ଜଣେ ଓଡ଼ିଆର ଏତାଦୃଶ ନିଯୁକ୍ତିରେ ଈର୍ଷାନ୍ୱିତ ହୋଇ ଅନେକ ଅଣଓଡ଼ିଆ ତାଙ୍କୁ ନାନା ସମା-ଲୋଚନା କରିଥିଲେ । ସେତେବେଳେ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ସ୍ଥିତି ରାଜନୈତିକ ପରିବର୍ତ୍ତନ ସହ ଜଡ଼ିତ ଥିଲା । ଓଡ଼ିଆମାନଙ୍କର ସ୍ଥିତି ଓ ଉନ୍ନତି ଅଣଓଡ଼ିଆ ସରକାରୀ କର୍ମଚାରୀମାନଙ୍କର ମର୍ଜି ଉପରେ ନିର୍ଭର କରୁଥିଲା ଏବଂ ବହୁ-କ୍ଷେତ୍ରରେ ଅପେକ୍ଷାକୃତ ଅଧିକ ଯୋଗ୍ୟତା, ଶିକ୍ଷା ଓ ଦକ୍ଷତା ଥିଲେ ସୁଦ୍ଧା ଓଡ଼ିଆମାନେ ଉପେକ୍ଷିତ ହେଉଥିଲେ । ସେହି ପରିବେଶରେ କଠୋର ଶୃଙ୍ଖଳା, ଅଧ୍ୟବସାୟ ଓ ଅନ୍ୟାନ୍ୟ ସାଧାରଣ ନିଷ୍ଠାବଳରେ ଚନ୍ଦ୍ରମୋହନ ସମସ୍ତଙ୍କର ସମ୍ମାନ ପାଇପାରି ଥିଲେ ।

ସେ ପୁରୀ ଜିଲ୍ଲା ସ୍କୁଲରେ ହେଡମାଷ୍ଟର ଥିଲାବେଳେ ନୀଳକଣ୍ଠ ଦାସ, କୃପାସିନ୍ଧୁ ମିଶ୍ର ଓ ଗୋଦାବରୀଶ ମିଶ୍ର ତାଙ୍କର ଛାତ୍ର ଥିଲେ । ସତ୍ୟବାଦୀ ବକୁଳ ବଣ ବିଦ୍ୟାଳୟର ଏହି କୃତୀ, ଆଦର୍ଶ ଦେଶପ୍ରେମୀ ଶିକ୍ଷକମାନେ ନିଜ ନିଜର ଆତ୍ମଜୀବନୀ ପୁସ୍ତକରେ ସ୍ୱୀୟ ପ୍ରଧାନ ଶିକ୍ଷକଙ୍କର ଯଥାର୍ଥ ଗୁଣଗାନ କରିଛନ୍ତି । ଗୋଦାବରୀଶ କହିଛନ୍ତି, "ହେଡ଼ମାଷ୍ଟର ଚନ୍ଦ୍ରମୋହନ ନିଷ୍ଠାପର, ଆଦର୍ଶ, ନୀତିବାନ ଓ ଛାତ୍ର ବତ୍ସଳ ଗୁରୁ ଥିଲେ ।" ନୀଳକଣ୍ଠ କହନ୍ତି, ହେଡ଼ମାଷ୍ଟର ଖୁବ ବିଚାରବନ୍ତ ଓ କଠୋର ଶୃଙ୍ଖଳାବାନ ବ୍ୟକ୍ତି । ' ଜଣେ କୃତୀ ଛାତ୍ର ପ୍ରଧାନ୍ୟପକ ହରିହର ବଡ଼ାଳ 'ଆମ ନୂଆ ହେଡ଼ମାଷ୍ଟର' ଶୀର୍ଷକ ପ୍ରବନ୍ଧରେ ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନଙ୍କର ନିର୍ଭୀକତା, ପାଣ୍ଡିତ୍ୟ, ଛାତ୍ର ବତ୍ସଳତା, ସୌଜନ୍ୟ ପ୍ରଭୃତି ବିଶିଷ୍ଟ ଗୁଣାବଳୀ ବର୍ଣ୍ଣନା କରିଛନ୍ତି । ପଣ୍ଡିତ ନୀଳକଣ୍ଠ, ଚନ୍ଦ୍ରମୋହନଙ୍କର ଚରିତ୍ରବଳର ଏକ ସୁନ୍ଦର ଉଦାହରଣ ଦେଇ କହିଛନ୍ତି ଯେ, ପିଲାମାନଙ୍କର ଚରିତ୍ର ଗଠନ ବିଷୟରେ ହେଡ଼ମାଷ୍ଟର କିପରି ତାଙ୍କର (ନୀଳକଣ୍ଠ) କଥାକୁ ସତ୍ୟ ବୋଲି ଜାଣି good manners prize ପାଇବାକୁ ଯୋଗ୍ୟ ବୋଲି ବିବେଚିତ ପିଲାର ନାମ ପରିବର୍ତ୍ତନ କରିଥିଲେ । ନର୍ମାଲ ସ୍କୁଲରେ ଏହିପରି ଏକ ଘଟଣାରେ ଜଣେ ଛାତ୍ରର ଚାରିତ୍ରିକ ତ୍ରୁଟିର ପ୍ରମାଣ ପାଇ ତାଙ୍କୁ ସ୍କୁଲରୁ ବହିଷ୍କାର କରି ଦେଇଥିଲେ । ଏହି ଘଟଣା ଯୋଗୁଁ କେତେକ ଯୁବକଙ୍କର ଅସାମାଜିକ ବିଦ୍ୱେଷମୂଳକ ଆଚରଣର ପ୍ରତିବିଧାନ ସ୍ୱରୂପ ଅନ୍ୟ କେତେଜଣ ଅଣଓଡ଼ିଆ ପ୍ରଭାବଶାଳୀ ସରକାରୀ କର୍ମଚାରୀ ଚନ୍ଦ୍ରମୋହନ ମହାରଣାଙ୍କୁ କୋର୍ଟରେ ଅଭିଯୁକ୍ତ କରିଥିଲେ । ଉତ୍କଳ ଗୌରବ ମଧୁସୂଦନ ଓ ବିଶିଷ୍ଟ ଆଇନଜୀବୀ ଗୋକୁଳାନନ୍ଦ ଚୌଧୁରୀଙ୍କ

Digitized by srujanika@gmail.com

ସାହାଯ୍ୟରେ ସେ ଦଣ୍ଡରୁ ନିଷ୍କୃତି ପାଇଥିଲେ । ସେ ଗୋଦାବରୀଶଙ୍କର ଇଂରାଜୀ ଉଚ୍ଚାରଣରେ ଏପରି ଶୁଦ୍ଧତା ଓ ସାବଲୀଳତା ଆଣିଦେଇ ପାରିଥିଲେ ଯେ, ପରେ ରେଭେନ୍‌ସା କଲେଜର ଏକ ଇଂରାଜୀ ନାଟକ ଅଭିନୟରେ ଗୋଦାବରୀଶ ଇଂରେଜ ସାହେବମାନଙ୍କୁ ପୁରା ମୁଗ୍ଧ କରି ଦେଇଥିଲେ । ପଣ୍ଡିତ ଗୋଦାବରୀଶ ତାଙ୍କର ଆତ୍ମଜୀବନୀରେ ଲେଖିଛନ୍ତି, "ଉଚ୍ଚାରଣ ହେଉ ବା ଭାଷାଜ୍ଞାନ ହେଉ, ଇଂରାଜୀରେ ଉତ୍ପତ୍ତି ନିମନ୍ତେ ମୁଁ ଚନ୍ଦ୍ରମୋହନ ବାବୁଙ୍କଠାରେ ଋଣୀ ।" ବାସ୍ତବିକ ସେ ସମୟରେ ସମଗ୍ର ଓଡ଼ିଶାରେ ଶିକ୍ଷକମାନଙ୍କ ମଧ୍ୟରେ ଇଂରାଜୀ ଲେଖିବା ଓ କହିବାରେ ଗୋଦାବରୀଶ ଅସାଧାରଣ ଓ ଅଗ୍ରଗଣ୍ୟ ଥିଲେ ।

ଚନ୍ଦ୍ରମୋହନଙ୍କର ଗଣିତ ଜ୍ଞାନ ଅସାଧାରଣ ଥିଲା । ପଣ୍ଡିତ ନୀଳକଣ୍ଠ କହନ୍ତି ଯେ, algebraର କଠିନ ଅଙ୍କ ଓ ସୂତ୍ରଗୁଡ଼ିକ ସୁନ୍ଦର ଭାବେ ଅବଲୀଳା କ୍ରମେ ସେ ଛାତ୍ରମାନଙ୍କୁ ବୁଝାଇ ଦେଉଥିଲେ । ଅଙ୍କ ବୁଝାଇବା ପାଇଁ ତାଙ୍କର ସମୟ ଅସମୟ ନଥିଲା । ଏପରିକି ରାତି ୧୧ଟା ବେଳେ ପୁରା ଅଙ୍କ ବୁଝାଇବା ପାଇଁ କୌଣସି ଛାତ୍ର ଆସିଲେ ସେ ନିଦରୁ ଉଠି ଧୈର୍ଯ୍ୟର ସହିତ ଅଙ୍କ ଆଦି ବୁଝାଇ ଦେଉ ଥିଲେ । ସେ ଓଡ଼ିଆ, ସଂସ୍କୃତ ଓ ଇଂରାଜୀରେ ବିଶେଷ ଧୂରନ୍ଧର ଥିଲେ । ବିଶେଷତଃ ବ୍ୟାକରଣ ଶିକ୍ଷା ପ୍ରତି ତାଙ୍କର ଅନୁରାଗ ଥିଲା । ଗଣିତ ପଢାଉଥିବା ସମୟରେ ମଧ୍ୟ ବ୍ୟାକରଣଗତ ତ୍ରୁଟି ସେ ସହ୍ୟ କରୁ ନଥିଲେ । ସାଧାରଣ କଥାବାର୍ତ୍ତା ବେଳେ ସେ ବ୍ୟାକରଣଗତ ଅଶୁଦ୍ଧି ସଂଶୋଧନ କରାଉଥିଲେ ।

ଚନ୍ଦ୍ରମୋହନଙ୍କର ନିଷ୍ଠା ବଳରେ କଟକ ନର୍ମାଲ ସ୍କୁଲରେ ଯେଉଁ ସାହିତ୍ୟ ଆଲୋଚନା ସଭା ଜନ୍ମ ଲାଭ କରିଥିଲା ପରବର୍ତ୍ତୀ କାଳରେ ତାହା 'ଉତ୍କଳ ସାହିତ୍ୟ ସମାଜ' ନାମରେ ପରିଚିତ ହୋଇ ଓଡ଼ିଆ ଭାଷା ଓ ସାହିତ୍ୟର ସାମ୍ୟକ୍ ଉନ୍ନତି ସାଧନ କରିଅଛି । ୧୮୯୪ ମସିହାରେ କଟକ ନର୍ମାଲ ସ୍କୁଲରେ ଅନୁଷ୍ଠିତ ଏହାର ଗୋଟିଏ ଅଧିବେଶନରେ ଚନ୍ଦ୍ରମୋହନ 'ସାହିତ୍ୟ' ନାମକ ଏକ ପ୍ରବନ୍ଧ ପାଠ କରିଥିଲେ ଏବଂ ଏହି ପ୍ରବନ୍ଧ 'ଶିକ୍ଷା ବନ୍ଧୁ' ସାହିତ୍ୟ ପତ୍ରିକାରେ ପ୍ରଥମ ସଂଖ୍ୟାରେ ପ୍ରକାଶିତ ହୋଇ-ଥିଲା । ୧୯୧୦ ଖ୍ରୀଷ୍ଟାବ୍ଦରେ ତାଙ୍କର ପ୍ରଣୀତ 'ଓଡ଼ିଆ ବ୍ୟାକରଣ' ପ୍ରକାଶିତ ହୋଇଥିଲା । ୧୯୦୭ରୁ ୧୯୧୯ ପର୍ଯ୍ୟନ୍ତ ନର୍ମାଲ ସ୍କୁଲରେ ପ୍ରଧାନ ଶିକ୍ଷକ ଥିବା ସମୟରେ ନାନା ପତ୍ର ପତ୍ରିକାରେ ତାଙ୍କର ସାହିତ୍ୟିକ ସନ୍ଦର୍ଭମାନ ପ୍ରକାଶିତ ହେଉ-ଥିଲା । ସେହି ସମୟରେ ସେ ଏକ ରଚନା ପୁସ୍ତକ ପ୍ରଣୟନ କରିଥିଲେ । ତାଙ୍କ ପ୍ରଣୀତ 'କଥାବଳୀ' ତତ୍କାଳୀନ ପାଠ୍ୟ ପୁସ୍ତକ ରୂପେ ଚଳୁଥିଲା । ତାଙ୍କର କବିତା-ଗୁଡ଼ିକ ମଧ୍ୟରୁ ବକୁଳ, ଖଣ୍ଡଗିରି, ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ, ଓ ବସନ୍ତ ଋତୁର ବର୍ଣ୍ଣନା ଅତି ମନୋମୁଗ୍ଧକର । ଚନ୍ଦ୍ରମୋହନଙ୍କର କଥାବଳୀର ଗଦ୍ୟ

Digitized by srujanika@gmail.com

ରଚନାଗୁଡ଼ିକ ମଧ୍ୟ ସୁଖପାଠ୍ୟ ହେବା ସଙ୍ଗେ ସଙ୍ଗେ ଗଳ୍ପ ମାଧ୍ୟମରେ ଗ୍ରନ୍ଥମାନଙ୍କୁ ନୀତି ଓ ଆଦର୍ଶ ଶିକ୍ଷା ଦିଏ । F. A. ବା ବର୍ତ୍ତମାନର I. A. ଶ୍ରେଣୀରେ ପଢୁଥିବା ବେଳେ ଯେଉଁ କେତୋଟି କବିତା ସେ ରଚନା କରିଥିଲେ ସେଗୁଡ଼ିକୁ ଏକତ୍ର କରି ସେ 'ନବୋଦ୍ୟମ' ପ୍ରକାଶ କରିଥିଲେ । ଏହା ୧୮୮୮ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲା ଓ ଏଥିରେ ୧୬ଟି କବିତା ସ୍ଥାନ ପାଇଥିଲା । ଏଥିମଧ୍ୟରୁ ଅଧିକାଂଶ ଚତୁର୍ଦ୍ଦଶପଦୀ କବିତା । ଇଂରାଜୀ ସନେଟ୍ ଶୈଳୀରେ ଲିଖିତ । ସମସାମୟିକ ସାହିତ୍ୟିକ କବି ଓ ଲେଖକମାନେ ପ୍ରଭାବିତ ହେଉଥିବା ଦୃଷ୍ଟିରୁ ଚନ୍ଦ୍ରମୋହନଙ୍କର ରଚିତ 'ନିର୍ବାସିତା ସୀତାର ସ୍ୱଗତ' କବିତାରୁ ତପସ୍ୱିନୀ କାବ୍ୟର ପ୍ରଣୟନ ପାଇଁ ସ୍ୱଭାବକବି ଗଙ୍ଗାଧର ପ୍ରେରଣା ପାଇଥିବେ ବୋଲି ଅନୁମାନ କରିବା ଅସମୀଚୀନ ହେବ ନାହିଁ ।

କୌଣସି ଏକ ପୁତ୍ର-ବଧୂର ତରୁଣୀ ଜନନୀର ଶୋକ କବିପ୍ରାଣକୁ ସମ୍ବେଦନଶୀଳ କରିଛି ଏବଂ ସେ ସେଥିପାଇଁ ଲେଖିଛନ୍ତି—

"ନାହିଁ ଯାର ତୁଳା ଲବଣୀ ପିତୁଳା
ବାଳା କଷ୍ଟେ ଲଭିଥିଲା,
ଷୋହଳ ଦିନରୁ ପାଇ କୁମାରକୁ
କୋମଳାଙ୍ଗୀ ହରାଇଲା ।

ଏକେତ ଯୌବନ ରତନେ ରତନ
ତହିଁ ଶିଶୁମଣି ଯୋଗ,
ଈର୍ଷାନଳେ ପଡ଼ି ଦେବତାଏ ପୋଡ଼ି
ଘଟାଇଲେ ବଜ୍ରଯୋଗ ।"

( କଥାବଳି-୨ )

ଚନ୍ଦ୍ରମୋହନ ମହାରଣାଙ୍କ ରଚିତ ବିବିଧ ପ୍ରକୃତି ବର୍ଣ୍ଣନା କପରି କବିତ୍ୱପୂର୍ଣ୍ଣ ଓ ରସାଳତା ପୂର୍ଣ୍ଣ ତା'ର କେତେକ ଉଦାହରଣ ନ ଦେଲେ ଆଲୋଚନା ଅପୂର୍ଣ୍ଣ ହେବ ।

ବର୍ଷା କବିତାରେ—

"ଘଞ୍ଚ ଗୁଳ୍ମଲତା କଟିରେ ମଣ୍ଡନ
ଘନ ପୀତକାନ୍ତ ପତ୍ର ସୁମନ

Digitized by srujanika@gmail.com

ପଥିକ ନେତ୍ରେ ଏ ନବ ଅତିଥି
ନ ମାଗୁ ଅକାଲ୍ଢ଼ ଦଏ ପୀରତ
ଅପୂର୍ବ ଭୂଆଣ
ଧରଣୀ ଶିରେ କ ହେମ ବିତାନ ।”

( କଥାବଳୀ – ୨ )

‘ବସନ୍ତ’ ବର୍ଣ୍ଣନା—

“ଧରା ଜରା କରି ଗଲା ଅପସରି
ଶିଶିର ସମସ୍ତ ଧୀରେ
ସିଞ୍ଚି ସଂଜୀବନୀ ଋତୁ ଶିରୋମଣି
ପ୍ରବେଶ କଲେ ମହୀରେ

× × ×

ଗୁଡ଼ ଗୁଡ଼ ଶୀତ ହେଲଣି ଅତୀତ
ଗ୍ରୀଷ୍ମ ମାତ୍ର ଆସି ନାହିଁ
ଶ୍ରାବଣେ ଦୁର୍ଗମ ବରଷା କର୍ଦ୍ଦମ
ବହୁ ଦୂରେ ଅଛୁ କାହିଁ ।”

( ବସନ୍ତ— କଥାବଳୀ-୨ )

ଚନ୍ଦ୍ରମୋହନଙ୍କର ଶିଶିର ବର୍ଣ୍ଣନା—

“ନିଶାରେ, ଅଜସ୍ର ତୁଷାର ବର୍ଷିଲା
ଧଳା ଭସ୍ମ ବୋଲା ତପସ୍ୱୀ ମହଲା
ପରାଏ ଯାମିନୀ ଦଶିଲା ।”

( କଥାବଳୀ-୨ )

ଚନ୍ଦ୍ରମୋହନଙ୍କର ସଂସ୍କୃତ ପ୍ରୀତି ସମ୍ବନ୍ଧରେ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ଆତ୍ମଜୀବନୀରେ ଏକ ସୁନ୍ଦର ବର୍ଣ୍ଣନା କରିଛନ୍ତି । ଡେପୁଟି ଇନସ୍‌ପେକ୍ଟର ଥିବା ସମୟରେ କୌଣସି ଏକ ବିଦ୍ୟାଳୟ ପରିଦର୍ଶନରେ ଯାଇ ସେଠାରେ ରହିଥିବା ବେଳେ କୋଇଲିଟିଏ ବୋବାଉଥିବାର ଶୁଣି ହେଡପଣ୍ଡିତଙ୍କୁ ପଚାରିଲେ, କହନ୍ତୁ ତ ପଣ୍ଡିତ ମହାଶୟ, ଏ କୋଇଲିଟି ମାଇ କି ଅଣ୍ଡିରି ? ପଣ୍ଡିତ ମହାଶୟ ସାଧାରଣ ବିଚାରରେ

Digitized by srujanika@gmail.com

ସ୍ୱରର ମଧୁରତା ନାହିଁର ମନେ କରି ମାଈ କୋଇଲି ବୋଲି ଉତ୍ତର ଦେଲେ । ଅସମ୍ମତି ପ୍ରକାଶ କରି ଚନ୍ଦ୍ରମୋହନ କହିଲେ, ଆପଣ କାଳିଦାସଙ୍କ କାବ୍ୟ ପଢ଼ି ନାହାନ୍ତି କି ? ସେ ଲେଖିଛନ୍ତି ପଦ୍ୟ 'ସ୍ତ୍ରୀପୁଂସୋକିଳ ଯତ୍ ମଧୁରଂ ଚୁକୁଜ' ଅର୍ଥାତ୍ ଅର୍ଥାତ୍ ସ୍ତ୍ରୀ କୋକିଳ କୂଜନ ମଧୁର । ଚନ୍ଦ୍ରମୋହନଙ୍କର ଗଦ୍ୟ ରଚନାବଳୀ ଉଚ୍ଚକୋଟୀର ଥିଲା । ଇଂରାଜୀ କବିତା ଓ ଗଦ୍ୟର ଅନୁବାଦରୁ ତାଙ୍କର ଗଦ୍ୟ ରଚନାର ଆରମ୍ଭ ହୋଇଥିଲା । 'ଭୂଗୋଳ ବିଦ୍ୟା', 'ଶ୍ରୀଧର ସ୍ୱାମୀ', 'ଇତିହାସ', ଓ 'ସ୍ୱପ୍ନ' ପ୍ରଭୃତି ପ୍ରବନ୍ଧ । 'ଉତ୍କଳ ସାହିତ୍ୟ' ପତ୍ରିକାରେ ବିଭିନ୍ନ ସମୟରେ ପ୍ରକାଶିତ ହୋଇଥିଲା । ଏତଦ୍‌ବ୍ୟତୀତ କଥାବଳୀରେ ଛାତ୍ରମାନଙ୍କର ପାଠ୍ୟ ନାନା ଗଳ୍ପ ଓ ପ୍ରବନ୍ଧ ସେ ରଚନା କରିଥିଲେ । ୧୯୧୨ ମସିହାରେ ତାଙ୍କର ଗୃହଦାହ ଯୋଗୁଁ ବହୁ ଶ୍ରମ ପ୍ରସ୍ତୁତ ପ୍ରାୟ ୪୦ଟି ପାଣ୍ଡୁଲିପି ନଷ୍ଟ ହୋଇଯାଇଛୁ । ସେ ସବୁ ପ୍ରକାଶିତ ହୋଇଥିଲେ ଚନ୍ଦ୍ରମୋହନଙ୍କର ସାହିତ୍ୟ ପ୍ରତିଭା ଅଧିକ ସ୍ପଷ୍ଟ ହୋଇଥାନ୍ତା । ୧୯୨୯ ମସିହା ସେପ୍ଟେମ୍ବରରେ ଅନୁଷ୍ଠିତ 'ଉତ୍କଳ ସାହିତ୍ୟ ସମାଜ'ର ଚତୁର୍ବିଂଶ ଅଧିବେଶନରେ ଗୋପାଳ ଚନ୍ଦ୍ର ପ୍ରହରାଜ ତାଙ୍କର ସଭାପତି ଅଭିଭାଷଣରେ କହିଥିଲେ, "ଚନ୍ଦ୍ରମୋହନ ଗଦ୍ୟ ରଚନାଦ୍ୱାରା ଓଡ଼ିଆ ଭାଷାର ଯେଉଁ ଭବିଷ୍ୟତ ସୂଚନା କରିଥିଲେ ତାହା ବଣ ମାଳତୀ ପରି ବଣରେ ଫୁଟି ଝଡ଼ି ପଡ଼ିଲା ।"

ବ୍ୟକ୍ତିଗତ ଜୀବନରେ ଚନ୍ଦ୍ରମୋହନ ମହାରଣା ସଂସ୍କାରବାଦୀ ଥିଲେ । ତାଙ୍କର ଜାତିଭେଦ ନଥିଲା । ମୁସଲମାନ ଓ ଖ୍ରୀଷ୍ଟିୟାନମାନଙ୍କ ସହ ବସି ଏକ ଟେବୁଲରେ ଖାଇବାକୁ ସେ ଖରାପ ମନେ କରୁ ନଥିଲେ । ମାତ୍ର ବ୍ୟକ୍ତିଗତ ସାଧାରଣ ସ୍ୱାସ୍ଥ୍ୟରକ୍ଷା ନିୟମର ବ୍ୟତିକ୍ରମ ସେ ସହିପାରୁ ନଥିଲେ । ସେ ନିୟମିତ ବ୍ୟାୟାମ ଓ ଉଦ୍ୟାନ କର୍ମ କରୁଥିଲେ । ତାଙ୍କର ଦର୍ଶନ ଓ ଶ୍ରବଣ ଶକ୍ତି ତୀବ୍ର ଥିଲା । ସେ ଚଷମା ବ୍ୟବହାର କରୁନଥିଲେ । ପ୍ରାଣାୟାମ ଅଭ୍ୟାସ ଯୋଗୁଁ ସେ ବାୟୁରୋଗ ଗ୍ରସ୍ତ ହୋଇଥିଲେ । କୋଷ୍ଠ କାଠିନ୍ୟ ଓ ଆମାଶୟ ରୋଗରେ ପୀଡ଼ିତ ହୋଇ ୧୯୨୯ ମସିହାରେ ସ୍ୱର୍ଗାରୋହଣ କରିଥିଲେ । ମୃତ୍ୟୁର ମାତ୍ର ଦୁଇଦିନ ପୂର୍ବର ନିମ୍ନ ଏକ ଘଟଣା ତାଙ୍କର ବିରାଟ ସଂସ୍କାରବାଦୀ ବ୍ୟକ୍ତିତ୍ୱର ପରିଚୟ ଦିଏ । ତାଙ୍କର ସେବାରେ ଜଣେ କମ୍ପାଉଣ୍ଡର ତାଙ୍କୁ relux କରିବା ପାଇଁ douche ଦେବାର ବ୍ୟବସ୍ଥା କରିବାରୁ ଚନ୍ଦ୍ରମୋହନ ତାଙ୍କୁ douche ଶବ୍ଦର ବନାନ ପଚାରିଥିଲେ । ମାତ୍ର ସେ ଠିକ ବନାନ କହିନପାରିବାରୁ ସେ ତାଙ୍କଦ୍ୱାରା ଚିକିତ୍ସିତ ହେବାକୁ ମନା କରିଦେଲେ । ଚନ୍ଦ୍ରମୋହନଙ୍କର ତିନିପୁତ୍ର ଓ ପାଞ୍ଚ କନ୍ୟା ଥିଲେ । ତାଙ୍କର ପ୍ରଥମ ପତ୍ନୀଙ୍କର ଅକାଳ ମୃତ୍ୟୁ ହେବାରୁ ସେ ଦ୍ୱିତୀୟ ଥର ପାଇଁ ବିବାହ କରିଥିଲେ । ତାଙ୍କର ଜ୍ୟେଷ୍ଠ ପୁତ୍ର ରାଜନୀ ରଞ୍ଜନ ମହାରଣା ରେମୁଣା ମଧ୍ୟ ଇଂରାଜୀ ସ୍କୁଲରେ ବହୁବର୍ଷ ଧରି ପ୍ରଧାନ ଶିକ୍ଷକ ରୂପେ

Digitized by srujanika@gmail.com

ଥିଲେ । ମଧ୍ୟମ ପୁତ୍ର ଲୋକନାଥ ମହାରଣା ବିଭିନ୍ନ ହାଃଇଃ ସ୍କୁଲରେ ପ୍ରଧାନ ଶିକ୍ଷକ ହୋଇଥିଲେ । କନିଷ୍ଠ ପୁତ୍ର ଶ୍ରୀ ଶରତଚନ୍ଦ୍ର ମହାରଣା ଏକ ବିଶିଷ୍ଟ ସମାଜସେବୀ ଭାବରେ ବିଦିତ । ବର୍ତ୍ତମାନ ସେ ଓ ତାଙ୍କର ପତ୍ନୀ (ଉତ୍କଳର ବିଶିଷ୍ଟ ଗାନ୍ଧିବାଦୀ, ତ୍ୟାଗୀ ପୁରୁଷ ଗୋପବନ୍ଧୁ ଚୌଧୁରୀ ମହାଶୟଙ୍କର କନ୍ୟା) ଶ୍ରୀମତୀ ଅନ୍ନପୂର୍ଣ୍ଣା ଦୁହେଁଯାକ ଅସୀମ ତ୍ୟାଗ ବରଣ କରି ଜନସେବା ଓ ସମାଜ ସଂସ୍କାର କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରି ଅଛନ୍ତି ।

ଉପସଂହାରରେ ଏତିକି କୁହାଯାଇପାରେ ଯେ ସେହି ବିଶିଷ୍ଟ ସାହିତ୍ୟିକ ବରପୁତ୍ର ଚନ୍ଦ୍ରମୋହନ ମହାରଣା ଆଜିପର୍ଯ୍ୟନ୍ତ ଲୋକଲୋଚନର ଅନ୍ତରାଳରେ ରହିଯିବା ଅତ୍ୟନ୍ତ ଦୁଃଖ ଓ କ୍ଷୋଭର ବିଷୟ । କେବଳ ସେ ନୁହନ୍ତି ସ୍ୱର୍ଗତଃ ଶ୍ରୀଧର ସ୍ୱାମୀ ଏବଂ ବଳଦେବ ବିଦ୍ୟାଭୂଷଣ ପ୍ରଭୃତି ବିଦ୍ୱାନ ବ୍ୟକ୍ତିମାନଙ୍କର ପୂର୍ଣ୍ଣାଙ୍ଗ ଜୀବନ ଓ ସାହିତ୍ୟ କୃତି ଲୋକ ଦୃଷ୍ଟିକୁ ଆସିପାରି ନାହିଁ । କବିବର ରାଧାନାଥଙ୍କ ଭାଷାରେ—

"ଦେବୀ ବୀଣାପାଣି ! କେଉଁ ପାପ ଫଳେ
କରୁଣା ତୋହର ଊଣା ଏ ଉତ୍କଳେ ?

× × ×

ତୋର କୃପା ବଳେ କ୍ଷୁଦ୍ର ମହାସ୍ଥାନ୍,
ତୋ କୃପା ବିହୁନେ ବଡ଼ହୁଏ ସାନ ।

× × ×

ତୋ କୃପା ବିହୁନେ ଉତ୍କଳ ମାତାର,
ନାମେ ଖ୍ୟାତ-ଗ୍ରନ୍ଥେ ପଡ଼ିନାହିଁ ଗାର ।"

( ଚିଲିକା – ରାଧାନାଥ ଗ୍ରନ୍ଥାବଳୀ, ପୃ ୧୬୧ )

ସ୍ୱର୍ଗତଃ ଚନ୍ଦ୍ରମୋହନ ମହାରଣାଙ୍କର ଅନେକ କଥା ମଧ୍ୟରୁ ଗୋଟିଏ କଥା ଆଜି ଅହରହ ଆମ ମନରେ ପ୍ରଶ୍ନ ଆଣେ । ଦେଶ ବିଭିନ୍ନ ଦିଗରୁ ଆଗକୁ ଆଗେଇଲା ମାତ୍ର ଲୋକ ଚରିତଗତ ପରିବର୍ତ୍ତନ ଏ ପର୍ଯ୍ୟନ୍ତ ଏ ସମାଜରେ ଘଟି ପାରିଲା ନାହିଁ । ଯେଉଁ କଥା କବି ମହାରଣା ତାଙ୍କ ସୃଷ୍ଟି ସମ୍ଭାରର ସାର୍ଥକ ସୃଷ୍ଟି ମର୍ଯ୍ୟାଦ ଉଭୟ 'କଥାବଳି'ର ପ୍ରତି ପୃଷ୍ଠା ଛନ୍ଦେ ଛନ୍ଦେ କହିଯାଇଛନ୍ତି । ଏଥିପାଇଁ ତାଙ୍କର ପ୍ରଥମ ଦୃଷ୍ଟି ଥିଲା ଏହି ସ୍କୁଲ ସମୂହର ଶ୍ରେଷ୍ଠ ଶ୍ରେଷ୍ଠ ଛାତ୍ର ସମାଜ ଉପରେ ।

Digitized by srujanika@gmail.com

# 'ମହାଯାତ୍ରା'ର ଜନରବ

ଅଧ୍ୟାପକ ଅରବିନ୍ଦ ଗିରି

"କବିବର ରାଧାନାଥ ରାୟଙ୍କ 'ମହାଯାତ୍ରା' କାବ୍ୟର ସମାଲୋଚକ ଚନ୍ଦ୍ର-ମୋହନ ବାବୁ, ସେହି ସମାଲୋଚନା ଫଳରେ ସେ କାବ୍ୟଟି ଅସଂପୂର୍ଣ୍ଣ ରହିଗଲା ବୋଲି ଶୁଣାଯାଏ । ପିଲାମାନଙ୍କ ସାମ୍ନାରେ ଭୟ ଓ ସମ୍ଭ୍ରମର ପ୍ରତିମୂର୍ତ୍ତି ସେହି ଚନ୍ଦ୍ରମୋହନ ଯେ ଛାତ୍ରମାନଙ୍କୁ ଏମିତି ଖୁସିରେ ପଢ଼ାଇ ପାରନ୍ତି ପରେ ସେ କଥା ଆଲୋଚନା ହୁଏ ଆମ ଭିତରେ ।" (୧)

ଦିନେ ଏଭଳି ଏକ ଜନରବ ତତ୍କାଳୀନ ଓଡ଼ିଶାରେ ଘଟିଥିଲା । ଆଜିର ବିଶିଷ୍ଟ ଔପନ୍ୟାସିକ ଓ ସୁସାହିତ୍ୟିକ ଶ୍ରୀଯୁକ୍ତ କାଳିନ୍ଦୀ ଚରଣ ପାଣିଗ୍ରାହୀ ତାଙ୍କର ପୁରୀ ଜିଲ୍ଲାସ୍କୁଲ ଛାତ୍ର ଜୀବନରେ ଏ କଥା ଶୁଣିଥିବେ, ଆଶ୍ଚର୍ଯ୍ୟ କିଛି ନୁହେଁ । କିନ୍ତୁ ଏବେ ବି ତାଙ୍କର ଅନେକ ଛାତ୍ର ଏହି ଗୁଜବ ସଂପୂର୍ଣ୍ଣ ମିଥ୍ୟା ବୋଲି ମତ ଦିଅନ୍ତି ଯାହା କି କବି ଚନ୍ଦ୍ରମୋହନ ନିଜେ 'ମହାଯାତ୍ରା' କାବ୍ୟର ସମାଲୋଚକ ନୁହନ୍ତି ବୋଲି ସ୍ୱୀକାର କରି ଯାଇଛନ୍ତି ।

ସାଧାରଣ ମଣିଷ ଜୀବନରେ ଅପବାଦ ଅଙ୍ଗଭୂଷଣ କହିଲେ ଚଳେ । ମାତ୍ର ସାମାଜିକ ଅପବାଦଠାରୁ କବିତା ସ୍ରଷ୍ଟା ଜୀବନର ଅପବାଦ ଭିନ୍ନ କଥା । କବିତା ସ୍ରଷ୍ଟା ତାର ସୃଷ୍ଟି ସମ୍ଭାରର ଦୋଷ ଦୁର୍ବଳତା ପାଇଁ ସମାଲୋଚକମାନଙ୍କ ଦୃଷ୍ଟିର ଶରବ୍ୟ ହୋଇଥାନ୍ତି । କେତେକଙ୍କୁ ଏହି ଅପବାଦ ତାଙ୍କ ମୃତ୍ୟୁ ପରେ ମଧ୍ୟ ନେବାକୁ ପଡ଼ିଥାଏ । ବିଚାର କରି ବସିଲେ ଦେଶର ଅନେକ ସୁସାହିତ୍ୟିକମାନେ ଦୃଷ୍ଟିକୁ ଆସିବେ । ତା'ବୋଲି ରାଧାନାଥଙ୍କ ସାହିତ୍ୟର ଗୁଣଗାନ କରି ତାଙ୍କର ଆହରଣ ପ୍ରବୃତ୍ତିକୁ ବିଜାତୀୟ ବୋଲି କହି କଳଙ୍କ ଓ ଅପବାଦର ବୋଝ ଲଦି ଦେବାଟା ଠିକ ହେବ କି ?

ରାଧାନାଥ 'ମହାଯାତ୍ରା' କାବ୍ୟରେ ଇଂରେଜ ଶାସନ ବିରୋଧୀ ବର୍ଣ୍ଣନା କରିଥିଲେ ଏବଂ ତତ୍କାଳୀନ ବିଦ୍ୱାନ୍ ସୁସାହିତ୍ୟିକ ଚନ୍ଦ୍ରମୋହନ ମହାରଣା ତାହା ଇଂରେଜମାନଙ୍କ ଦୃଷ୍ଟିକୁ ଆଣିଲେ । ଫଳରେ ରାଧାନାଥ ମହାଯାତ୍ରା କାବ୍ୟକୁ

(୧) 'ଅଙ୍ଗେ ଯାହା ନିଭେଇଛି'—ଶ୍ରୀଯୁକ୍ତ କାଳିନ୍ଦୀ ଚରଣ ପାଣିଗ୍ରାହୀ, ପୃଷ୍ଠା-୨୮

Digitized by srujanika@gmail.com

ଅସଂପୂର୍ଣ୍ଣ ରହି ଅନ୍ୟାନ୍ୟ ସମସ୍ତ ସର୍ଗ ନିଜ ସମ୍ମୁଖରେ ପୁଣି ଶଶିଭୂଷଣ ରାୟଙ୍କୁ ପୋଡ଼ିଦେବାକୁ ଆଦେଶ ଦେବା, କେତେଦୂର ଯୁକ୍ତିଯୁକ୍ତ ତାହା ବିଚାରଯୋଗ୍ୟ ।

ମହାଯାତ୍ରା କାବ୍ୟର ଇଂରେଜ ବିରୋଧୀ ବର୍ଣ୍ଣନା ଇଂରେଜ ଶାସକମାନଙ୍କ ଦୃଷ୍ଟିକୁ ଆସିଥିବା ସତ୍ୟ । ରାଧାନାଥ ଘୋର ମାନସିକ ଅଶାନ୍ତିର ବଶବର୍ତ୍ତୀ ହୋଇ ମହାଯାତ୍ରାର ଅନ୍ୟାନ୍ୟ ସର୍ଗ ନ ଲେଖିବାକୁ ସଂକଳ୍ପବଦ୍ଧ ହେଲେ । ପ୍ରକାଶିତ ସପ୍ତମ ସର୍ଗର ପରବର୍ତ୍ତୀ ୨୩ଟି ସର୍ଗର ସମସ୍ତ ପାଣ୍ଡୁଲିପିକୁ ନିଜ ସମ୍ମୁଖରେ ଶଶିଭୂଷଣଙ୍କୁ ଅଗ୍ନି ସଂଯୋଗ କରିବା ପଛରେ ଯେ ତତ୍କାଳୀନ ଉଚ୍ଚ ଶିକ୍ଷାବିତ୍ ତଥା ସାହିତ୍ୟିକ ଚନ୍ଦ୍ରମୋହନ ମହାରଣା ମୁଖ୍ୟ କାରଣ ଥିଲେ ଏହା ଏକ ଭିତ୍ତିହୀନ ଗୁଜବ ବ୍ୟତୀତ ଅନ୍ୟ କିଛି ନୁହେଁ । ତା' ହୋଇଥିଲେ ଚନ୍ଦ୍ରମୋହନ ଓ ରାଧାନାଥଙ୍କ ବ୍ୟକ୍ତିଗତ ତଥା ପାରିବାରିକ ଜୀବନର ମଧୁର ସମ୍ପର୍କ ଆଜୀବନ କାଳ ରହି ନ ଥାନ୍ତା, ଯାହା ଉଭୟ ପରିବାରରେ ଆଜି ବି ଦେଖିବାକୁ ମିଳେ । ନିମ୍ନ ଆଲୋଚନାରୁ ତାହା ସ୍ପଷ୍ଟ ପ୍ରତୀୟମାନ ହୁଏ ।

ଶିଶୁ ଚନ୍ଦ୍ରମୋହନ ପ୍ରଥମେ କବିବର ରାଧାନାଥ, ବ୍ୟାସକବି ଫକୀରମୋହନ ଓ ରାଜା ବୈକୁଣ୍ଠନାଥ ଦେଙ୍କ ପ୍ରତିଷ୍ଠିତ ରେମୁଣା ମିଡ଼ିଲ୍ ଭର୍ଣ୍ଣାକୁଲାର ସ୍କୁଲରୁ ବୃତ୍ତି ସହ ପାଶ କରି ବାଲେଶ୍ୱର ଜିଲ୍ଲା ସ୍କୁଲରେ ପଢିଲେ । ୧୮୮୫ ମସିହା ଏଣ୍ଟ୍ରାନ୍ସ ପରୀକ୍ଷାରେ କଲିକତା ବିଶ୍ୱବିଦ୍ୟାଳୟରୁ ପଞ୍ଚମ ସ୍ଥାନ ଲାଭକରି ଉଚ୍ଚବୃତ୍ତି ପାଇ ରାଧାନାଥଙ୍କ ପ୍ରୀତିଭାଜନ ହୋଇଥିଲେ । ଚନ୍ଦ୍ରମୋହନଙ୍କ ଛାତ୍ର ଜୀବନ ବିଷୟରେ ପ୍ରାବନ୍ଧିକ ଗୋଲକ ମହାପାତ୍ର ଲେଖିଛନ୍ତି— "ଜଣେ ଦୁସ୍ଥ ଛାତ୍ର ୧୬ ବର୍ଷ ବୟସରେ ପାଶ କରିବା ପୂର୍ବରୁ ବାର ତେର ବର୍ଷରୁ ଜିଲ୍ଲା ସ୍କୁଲର ଚତୁର୍ଥ ଶ୍ରେଣୀରେ ପାଠ ପଢିବାକୁ ଦୈନିକ ଗୋଡରେ ଚାଲିଚାଲି ରେମୁଣାରୁ ବାଲେଶ୍ୱର ୧୦ ମାଇଲ ଯିବା ଆସିବା କରି ନାନା ପ୍ରତିବନ୍ଧକ ଭିତରେ ଆଗେଇଯିବା ଏକ ଅସାଧାରଣ କଥା ଥିଲା । ତଦ୍ୱାରା ସେ ଶିକ୍ଷା ବିଭାଗର ଉଚ୍ଚପଦରେ ଅଧିଷ୍ଠିତ ରାଧାନାଥ ରାୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।" (୨) ପରେ ରେଭେନ୍ସା କଲେଜରୁ ଫାଷ୍ଟ ଗ୍ରେଡରେ ବି. ଏ ପାଶ କରି ଚନ୍ଦ୍ରମୋହନ କଟକ ତାଲଚେର କୋଠିରେ ତାଲଚେର ଯୁବରାଜଙ୍କ (୧୮୮୯-୧୮୯୧ ପର୍ଯ୍ୟନ୍ତ) ଗାର୍ଡ଼ିଆନ୍-ଟିଉଟର ଥିଲେ । ଏଥି ସଙ୍ଗେ ସଙ୍ଗେ ବଙ୍ଗଳା ପ୍ରଦେଶର ଏକ୍ଜକ୍ୟୁଟିଭ (ଡେପୁଟି ମାଜିଷ୍ଟ୍ରେଟ୍) ଚାକିରି ପ୍ରତିଯୋଗିତା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ । "ସେହି ସମୟରେ କବିବର ରାଧାନାଥ ରାୟ, ଉତ୍କଳବି ମଧୁସୂଦନ ରାଓ ଆଦିଙ୍କ ସମ୍ପର୍କରେ ଆସିଥିଲେ । ରାଧାନାଥ ରାୟ ଚନ୍ଦ୍ରମୋହନଙ୍କୁ ଡେପୁଟି କାମକୁ ମନ ବଳାଇ, ଶିକ୍ଷା ବିଭାଗରେ ଚାକିରି କରି ସାହିତ୍ୟ ଚର୍ଚ୍ଚା ପାଇଁ

(୨) 'ଚନ୍ଦ୍ରମୋହନ' (ପ୍ରବନ୍ଧ)— ପ୍ରାବନ୍ଧିକ ଗୋଲକ ମହାପାତ୍ର

Digitized by srujanika@gmail.com

ପ୍ରବର୍ତ୍ତାଇଲେ ଏବଂ ପଚିଶ ଟଙ୍କା ମାସିକ ଦରମାରେ ପ୍ରଥମେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ସେକେଣ୍ଡ ମାଷ୍ଟର କାମରେ ( ଦ୍ୱିତୀୟ ଶିକ୍ଷକ ଭାବରେ ) ନିଯୁକ୍ତ କରିଦେଲେ ।" (୩) ରାଧାନାଥ ନିଜେ ଚନ୍ଦ୍ରମୋହନଙ୍କୁ ଡାକିନେଇ ବାଲେଶ୍ୱର ଜିଲ୍ଲା ସ୍କୁଲର ଦ୍ୱିତୀୟ ଶିକ୍ଷକ ରୂପେ ନିଯୁକ୍ତି ଦେବାର ସୁବିଧା ଏତିକି ଥିଲା ଯେ ରାଧାନାଥ ତତ୍କାଳୀନ ଓଡ଼ିଶା ଶିକ୍ଷା ବିଭାଗର ସର୍ବୋଚ୍ଚ ସ୍ଥାନ ଇନସ୍‌ପେକ୍ଟର ଅଫ୍ ସ୍କୁଲସ୍ ପଦରେ ଥିଲେ । ତେଣୁ ସ୍କୁଲର ମାଷ୍ଟର ନିଯୁକ୍ତିଟା ସେତେବେଳେ ତାଙ୍କ ହାତର କଥା ଥିଲା ।

ଅବଶ୍ୟ ଚନ୍ଦ୍ରମୋହନ ଛାତ୍ର ଜୀବନରୁ କବିତାଦି ରଚନା କରୁଥିଲେ । ରେଭେନ୍‌ସା କଲେଜ ଜୀବନରେ ତାଙ୍କର ଅନେକ କବିତା ତତ୍କାଳୀନ 'ସମ୍ବାଦବାହିକା', 'ଶିକ୍ଷାବନ୍ଧୁ', 'ଉତ୍କଳ ଦୀପିକା' ପ୍ରଭୃତି ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇ ରାଧାନାଥ, ମଧୁସୂଦନ ଓ ଫକୀରମୋହନଙ୍କ ଦୃଷ୍ଟିକୁ ଆସି ପ୍ରଶଂସିତ ହୋଇଥିଲା । ସ୍କୁଲ ଓ କଲେଜ ଜୀବନରୁ ହିଁ ଚନ୍ଦ୍ରମୋହନଙ୍କର କବି ଜୀବନର ବିକାଶ ଘଟିଥିଲା । ଶିକ୍ଷକ ଜୀବନରେ ଜଣେ ଦକ୍ଷତାସମ୍ପନ୍ନ ନିଷ୍ଠାପର ଶୃଙ୍ଖଳାପ୍ରିୟ ଛାତ୍ରବତ୍ସଳ ଶିକ୍ଷକ ଭାବରେ ସମସ୍ତ ଛାତ୍ରମଣ୍ଡଳୀରେ ସୁନାମ ଅର୍ଜ୍ଜନ କରିଥିଲେ । କେବଳ ସେତିକି ନୁହେଁ— "ତାଙ୍କର ଅଧ୍ୟୟନ ପ୍ରବଣତା ତଥା ଅଧ୍ୟାପନାର ନିଷ୍ଠା ସର୍ବୋପରି ତାଙ୍କ କବି ବ୍ୟକ୍ତିତ୍ୱ ରାଧାନାଥଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।" (୪) "ପରୀକ୍ଷଣରେ କବି ରାଧାନାଥଙ୍କୁ ତାଙ୍କ ସାହିତ୍ୟ ସାଧନାର ନିଷ୍ଠା ସେତିକି ପ୍ରଲୁବ୍ଧ କରିଥିଲା ତା'ଠାରୁ ବଳି ଆକର୍ଷଣ ଥିଲା ଦୃଗତ ମହାରଣାଙ୍କ ଅସାଧାରଣ ଶିକ୍ଷକତା ।" (୫)

କଟକ ଟ୍ରେନିଂ ସ୍କୁଲରେ ସହକାରୀ ଓ ପ୍ରଧାନ ଶିକ୍ଷକ ଭାବରେ ଚନ୍ଦ୍ରମୋହନ ଦୀର୍ଘ ୧୯ ବର୍ଷ କଟାଇଥିଲେ । ଏହି ଜୀବନକାଳ ମଧ୍ୟରେ ସେ ମଧ୍ୟ କବିବର ରାଧାନାଥ ଓ ମଧୁସୂଦନଙ୍କ ସାହିତ୍ୟିକ ଜୀବନର ସହକର୍ମୀ ଭାବରେ ଓଡ଼ିଆ ସାହିତ୍ୟର ଉନ୍ନତି କଳ୍ପେ ସର୍ବଦା ଚେଷ୍ଟାରତ ଥିଲେ । ତତ୍କାଳୀନ ଟ୍ରେନିଂ ସ୍କୁଲର 'ଆଲୋଚନା ସଭା' ଅଙ୍ଗର 'ଉତ୍କଳ ସାହିତ୍ୟ ସମାଜ'ର ପ୍ରଥମ ସମ୍ପାଦକ ହେଲେ ଚନ୍ଦ୍ରମୋହନ ମହାରଣା । ବିଶ୍ୱନାଥ କରଙ୍କ ସମ୍ପାଦନାରେ ପ୍ରକାଶିତ 'ଉତ୍କଳ-ସାହିତ୍ୟ' ପତ୍ରିକାରେ ରାଧାନାଥ, ମଧୁସୂଦନ, ଫକୀର ମୋହନ, ବିଶ୍ୱନାଥ କର, ରାମଶଙ୍କରମାନଙ୍କ ପରି କବି ଚନ୍ଦ୍ରମୋହନ ଜଣେ ନିୟମିତ ପ୍ରବନ୍ଧ ଲେଖକ ଭାବରେ ବେଶ୍ ପରିଚିତ ଥିଲେ । 'ଉତ୍କଳ-ସାହିତ୍ୟ'ରେ ପ୍ରକାଶିତ ତାଙ୍କର ବିଭିନ୍ନ ପ୍ରବନ୍ଧ ସବୁ ଏହାର ସ୍ପଷ୍ଟ ନମୁନା ।

---

(୩) ଶ୍ରୀଯୁକ୍ତ ହରିଶ୍ ବଡ଼ାଲଙ୍କଠାରୁ ମିଳିଥିବା ଚିଠିରୁ— ତା ୩୦।୧୨।୧୯୭୯

(୪) ଅସନ୍ତାକାଲି— ଜାନୁୟାରୀ, ୧୯୭୭— ପୃ: ୪୯

(୫) 'ଆସନ୍ତାକାଲି— ଜାନୁୟାରୀ, ୧୯୭୭-- ପୃ: ୫୪

Digitized by srujanika@gmail.com

କଟକ, ପୁରୀ, ବାଲେଶ୍ୱର ପ୍ରଭୃତି ସ୍କୁଲର ଅଧ୍ୟାପନା ଜୀବନରେ କବିଙ୍କର ଅନେକ ସ୍ମୃତି ରହିଛି । ଏବେବି ତାଙ୍କର ଅନେକ ଛାତ୍ରଙ୍କ ମୁଖରୁ ରାଧାନାଥଙ୍କ 'ଚିଲିକା' କାବ୍ୟର ପାଣ୍ଡିତ୍ୟପୂର୍ଣ୍ଣ ଅଧ୍ୟାପନର ପ୍ରଶଂସା ଶୁଣିବାକୁ ମିଳେ । ଏ ବିଷୟରେ ତାଙ୍କର ପୁରାତନ ଛାତ୍ର ପଣ୍ଡିତ ଜଗନ୍ନାଥ ରଥ କାବ୍ୟତୀର୍ଥ ଯଜ୍ଞଭୂଷଣ ଲେଖିଛନ୍ତି — "ଚିଲିକା କାବ୍ୟ ତାଙ୍କର ଅତି ଆଦରଣୀୟ । ତାହା ପଢ଼ାଇବା ବେଳେ ସେ ଏଥିରେ ଅଭିଭୂତ ହୋଇ ଯାଆନ୍ତି ଏବଂ ବାହାର ଜ୍ଞାନ କିଛି ରହେ ନାହିଁ । ଘନେ ଘନେ ତାଙ୍କ ପିରିଅଡ୍ ପରେ ଅନ୍ୟର ପିରିଅଡ୍ ଅତୀତ ହୋଇ ଯାଇଛି । ତାହା ସେ ଜାଣିପାରି ନାହାନ୍ତି ।" (୬) କେବଳ 'ଚିଲିକା' କାହିଁକି ? ରାଧାନାଥଙ୍କ ମହାଯାତ୍ରା, ଦରବାର, ନନ୍ଦିକେଶରୀ, ଉଷା, ପାର୍ବତୀ, ପ୍ରଭୃତି କାବ୍ୟର ଉପାଦେୟ ଅନେକ ଅଂଶ ତାଙ୍କର କଣ୍ଠସ୍ଥ ଥିଲା । ଏପରିକି ରାଧାନାଥଙ୍କର ବିଭିନ୍ନ ପ୍ରାକୃତିକ ଓ ଭୌଗଳିକ ସ୍ଥାନର ବର୍ଣ୍ଣନାଗୁଡ଼ିକୁ ସେ କେଉଁ କେଉଁ ସ୍ଥାନକୁ ମୁଖ୍ୟ ଉପାଦାନ ରୂପେ ଗ୍ରହଣ କରିଛନ୍ତି ତାହା ମଧ୍ୟ ସେ କହି ଦେଉଥିଲେ । ତତ୍ ସଙ୍ଗେସଙ୍ଗେ ସେହିଭଳି ଅନୁରୂପ ସ୍ଥାନ ବା ପରିବେଶର ପାର୍ଶ୍ୱବର୍ତ୍ତୀ ଉଦାହରଣ ମଧ୍ୟ ଦେଇ ପାରୁଥିଲେ । ଏପରି ଅନେକ କଥା କବି ଚନ୍ଦ୍ରମୋହନ ରାଧାନାଥଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରୁ ଜାଣିଥିଲେ । ତେଣୁ କରି ସେ ରାଧାନାଥଙ୍କ ସାହିତ୍ୟର ଜଣେ ମୁଗ୍ଧ ପାଠକ କେବଳ ନଥିଲେ ତାଙ୍କ ପରି ଉଚ୍ଚ କବି ପ୍ରତିଭାର ଥିଲେ ସୁପ୍ରଶଂସକ । ଯଦ୍ଦ୍ୱାରା ତାଙ୍କ କାବ୍ୟକବିତାରେ ବିଶେଷ କରି ରାଧାନାଥଙ୍କ ସାହିତ୍ୟର ପ୍ରତ୍ୟକ୍ଷ ପ୍ରଭାବ ଦେଖିବାକୁ ମିଳେ ।

ପ୍ରତ୍ୟେକ କବି ଜୀବନରେ ତାଙ୍କ ପୂର୍ବବର୍ତ୍ତୀ କବିମାନଙ୍କ ରଚନାବଳିର ପ୍ରତିଫଳନ ଘଟିଲା ପରି କବି ଚନ୍ଦ୍ରମୋହନଙ୍କ ସାହିତ୍ୟରେ ପୂର୍ବବର୍ତ୍ତୀ କବି ରାଧାନାଥ ମଧୁସୂଦନ, ଫକୀରମୋହନ, ଗଙ୍ଗାଧର ପ୍ରଭୃତି ସାହିତ୍ୟାନୁରାଗୀମାନଙ୍କ ସାହିତ୍ୟର ପ୍ରଭାବ ଥିବା ସୁନିଶ୍ଚିତ । ଶବ୍ଦ ଗ୍ରନ୍ଥନ ତଥା ପ୍ରକୃତି ଚିତ୍ରଣ କ୍ଷେତ୍ରରେ ରାଧାନାଥଙ୍କ ପ୍ରଭାବ ଚନ୍ଦ୍ରମୋହନଙ୍କ କବିତାରେ ସ୍ଥାନେ ସ୍ଥାନେ ପ୍ରତିଫଳିତ ହୋଇଥାଏ । ଯେପରି—

ରାଧାନାଥଙ୍କ—

"ଅତି ମନୋହର କାଳ ଶୀତକୁରୁ
ଧରି ଗୁଡ଼ ଗୁଡ଼ ନାହିଁ,
ପଲ୍ଲବ ପାଟଳ ମଧୁ ତରୁ ରାଜି
ଧରି ମାଡ଼ ମାଡ଼ ନାହିଁ ।"

(ବସନ୍ତ)

(୬) 'ସେ ମଧୁର ସ୍ମୃତି'— ଶତାବ୍ଦୀ ସ୍ମରଣିକା, ସେକେଣ୍ଡାରୀ ଟ୍ରେନିଂ ସ୍କୁଲ, କଟକ/୧୯୭୦— ପୃ ୧୧ ।

Digitized by srujanika@gmail.com

ଚନ୍ଦ୍ରମୋହନଙ୍କ ବର୍ଣ୍ଣନା—

"ଘୁଡ଼ ଘୁଡ଼ ଶୀତ ହୋଇଲଣି ଅତୀତ
ଗ୍ରୀଷ୍ମ ମାଡ଼ ଆସି ନାହିଁ,
ଶ୍ରାବଣେ ଦୁର୍ଗମ ବରଷା କର୍ଦ୍ଦମ
ବହୁ ଦୂରେ ଅଛୁ କାହିଁ ।"

( ବସନ୍ତ-କଥାବଳି-୬ )

ଅନ୍ୟ ଏକ ଦୃଷ୍ଟାନ୍ତ ହେଉଛୁ ଉଭୟଙ୍କର 'ସନ୍ଧ୍ୟା' ବର୍ଣ୍ଣନାର ସାଦୃଶ୍ୟ —

ରାଧାନାଥ—

"ମଧୁର ପ୍ରଦୋଷ ସମୟ
ସ୍ୱର୍ଣ୍ଣ କିରଣ ବୋଳା,
କାଦମ୍ବିନୀ ଖେଳେ ଗଗନେ
ଧୀର ସମୀର ଲୋଳା ।"

( ଚନ୍ଦ୍ରଭାଗା )

ଚନ୍ଦ୍ରମୋହନଙ୍କ ବର୍ଣ୍ଣନା—

"ମଧୁର ଗୋଧୂଳି ସମୟ
ଅସ୍ତ ରବି କିରଣେ,
ବାରୁଣୀ ଗଗନ ଝଲଇ
ତପ୍ତ ସ୍ୱର୍ଣ୍ଣ ବରଣେ ।"

( ଶରତ-କଥାବଳି-୨ )

ଅତଏବ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ ରାଧାନାଥଙ୍କ ସାହିତ୍ୟ ଚନ୍ଦ୍ରମୋହନଙ୍କ ସାହିତ୍ୟର ବିଭିନ୍ନ ବିଭାବରେ ପ୍ରତିବିମ୍ବିତ ଏଥିରେ ସନ୍ଦେହ ନାହିଁ ।

ଅନେକ ଘଟଣାରୁ ରାଧାନାଥଙ୍କ ସହିତ ଚନ୍ଦ୍ରମୋହନଙ୍କ ସାହିତ୍ୟିକ ଜୀବନର ସଂପର୍କ ବଢ଼ିଥିଲା । କବି ଆଧୁନିକ ସାହିତ୍ୟର ପରିପନ୍ଥୀ ଥିଲେ । କାରଣ 'ଇନ୍ଦ୍ରଧନୁ' ଓ 'ବିଜୁଳି'ର ବିବାଦ ବେଳେ କବି ଚନ୍ଦ୍ରମୋହନ ରାଧାନାଥଙ୍କ ପକ୍ଷ ସମର୍ଥନ କରି ତାଙ୍କ ସାହିତ୍ୟ ସପକ୍ଷରେ ନିଜ ମତାମତ 'ବିଜୁଳି'ରେ ପ୍ରକାଶ କରୁଥିଲେ । "୧୮୯୩-୯୪ ରେ ସମଗ୍ର ଓଡ଼ିଶାରେ ଇନ୍ଦ୍ରଧନୁ ଓ ବିଜୁଳିର ସାହିତ୍ୟିକ ବିବାଦ ଏକ ଉତ୍ତେଜନାପୂର୍ଣ୍ଣ ବାତାବରଣ ସୃଷ୍ଟି କରିଥିଲା । ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ରାଧାନାଥ

Digitized by srujanika@gmail.com

ରାୟ, ମଧୁସୂଦନ ରାଓ, ଗଙ୍ଗାଧର ମେହେର ଓ ଚନ୍ଦ୍ରମୋହନ ମହାରଣା ପ୍ରଭୃତି 'ବିଜୁଳି' ପତ୍ରିକାର ସୌଷ୍ଠବ ରକ୍ଷା କରି 'ବିଜୁଳି' ଦଳର ଗୌରବ ସଂପାଦନା କରିଥିଲେ ।" (୭) ଅଧ୍ୟାପକ ଆନନ୍ଦ ବାବୁ ଲେଖିଛନ୍ତି—"ରାଧାନାଥୀ ସାହିତ୍ୟର ସେ ଥିଲେ ପୁଣି ଜଣେ ମୁଗ୍ଧ ପାଠକ ଓ ପୃଷ୍ଠପୋଷକ । 'ବିଜୁଳି' 'ଇନ୍ଦ୍ରଧନୁ' ବିବାଦ କାଳରେ ସେ ରାଧାନାଥଙ୍କ ପକ୍ଷ ସମର୍ଥନ କରି 'ବିଜୁଳି'କୁ ନିୟମିତ ଲେଖା ଯୋଗାଉଥିଲେ ।" (୮) ମହାରାଜା ବାସୁଦେବ ସୁଢଳଦେବଙ୍କ ପୃଷ୍ଠପୋଷକତାରେ ସମ୍ବଲପୁର ଅଞ୍ଚଳରୁ ପ୍ରକାଶିତ ତତ୍କାଳୀନ ପତ୍ରିକା 'ସମ୍ବଲପୁର ହିତୈଷିଣୀ' ଦିନେ ଉକ୍ତ ଅଞ୍ଚଳରେ ଓଡ଼ିଆ ଭାଷାର ବଳିଷ୍ଠତା ପ୍ରତିପାଦନ କରିଥିଲା । ଉକ୍ତ ପତ୍ରିକା ମଧ୍ୟ ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତି ସୁଦୃଢ଼ କରି 'ଇନ୍ଦ୍ରଧନୁ' ଓ 'ବିଜୁଳି' ବିବାଦ କାଳରେ ରାଧାନାଥଙ୍କ ପକ୍ଷ ସମର୍ଥନ କରିଥିଲା । "ଏଥିରେ ରାଧାନାଥ ରାୟ, ମଧୁସୂଦନ ରାଓ, ରାମ ନାରାୟଣ ଲାଲ, ବିଶ୍ୱନାଥ କର, ଫକୀରମୋହନ, ଭୋଳାନାଥ ସାମନ୍ତରାୟ, ଗୋବିନ୍ଦ ମହାପାତ୍ର, ଦାମୋଦର କବିରତ୍ନ, ଚିନ୍ତାମଣି ମହାନ୍ତି, ଗଙ୍ଗାଧର ମେହେର, ଚନ୍ଦ୍ରମୋହନ ମହାରଣା × × × ପ୍ରଭୃତି ଲେଖକଙ୍କ ସାମୟିକ ଆଲୋଚନା ପ୍ରକାଶିତ ହେଉଥିଲା ।" (୯)

ଅତଏବ ବିଭିନ୍ନ ଦିଗରୁ ରାଧାନାଥଙ୍କ ସହିତ ଚନ୍ଦ୍ରମୋହନଙ୍କର ସଂପର୍କ ସୁଦୃଢ଼ ହୋଇଥିଲା । ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଶେଷ କରି କଟକ, ସମ୍ବଲପୁର, ବାଲେଶ୍ୱର, ବାରିପଦା ଆଦି ରାଜା ମହାରାଜାମାନଙ୍କ ଦରବାରରେ ସାହିତ୍ୟ ଆସର ସୃଷ୍ଟି ହେଉଥିଲା । ଏଥିରେ ପଣ୍ଡିତ ଗୁଣୀ ସାହିତ୍ୟିକ ମଣ୍ଡଳୀ ଯୋଗ ଦେଉଥିଲେ । ଏଭଳି ଅନେକ ରାଜ ରାଜୁଡ଼ା ସାହିତ୍ୟ ସମ୍ମିଳନୀରେ କବିବର ରାଧାନାଥ, ଫକୀରମୋହନ, ଗଙ୍ଗାଧର, ରାଜା ବୈକୁଣ୍ଠନାଥ ଦେ, ମୟୂରଭଞ୍ଜ ରାଜା ରାମଚନ୍ଦ୍ର ଭଞ୍ଜ ଦେଓ, ବାମଣ୍ଡା ରାଜା ବାସୁଦେବ ସୁଢ଼ଳ ଦେବଙ୍କ ସହିତ କବି ଚନ୍ଦ୍ରମୋହନ ମଧ୍ୟ ଯୋଗ ଦେଉଥିଲେ । ଯାହାଦ୍ୱାରା ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଆଲୋଚନା ଓ ଏହାର ଉନ୍ନତି ବିଧାନର ପନ୍ଥା ନିରୂପିତ ହେବା ସଙ୍ଗେ ସଙ୍ଗେ ପରସ୍ପର ମଧ୍ୟରେ ବନ୍ଧୁତ୍ୱ ସୂତ୍ରୀ ସମ୍ପର୍କ ଅତି ମଧୁର ହୋଇ ଉଠୁଥିଲା । କବିବର ରାଧାନାଥଙ୍କ ଅକାଳ ବିୟୋଗରେ ଚନ୍ଦ୍ରମୋହନ ଅତ୍ୟନ୍ତ ମର୍ମାହତ ହୋଇ ପଡ଼ିଥିଲେ । ରାଧାନାଥଙ୍କ ବିଚ୍ଛେଦ ତାଙ୍କ ବ୍ୟଥିତ ଶୋକସନ୍ତପ୍ତ

(୭) 'ଡଗର'/୩୬ ବର୍ଷ, ୧୧ଶ ସଂଖ୍ୟା, ମେ-୧୯୭୩

(୮) 'ଅସନ୍ତାକାଲି'—ଜାନୁୟାରୀ,/୧୯୭୭—ପୃ ୫୦-୫୧

(୯) 'ରାଧାନାଥ ଜୀବନୀ—ଦୁର୍ଗାଚରଣ ରାୟ - ପୃ ୧୭୩

Digitized by srujanika@gmail.com

ପ୍ରାଣକୁ ବେଦନା ବିକ୍ଷତ କରିଥିଲା, ଫଳରେ "ପରଲୋକଗତ ରାଧାନାଥ ରାୟ" ଶୀର୍ଷକ ପ୍ରବନ୍ଧରେ ଚନ୍ଦ୍ରମୋହନ ଲେଖିଛନ୍ତି—"ଆଧୁନିକ ଉତ୍କଳ କବିମାନଙ୍କ ମଧ୍ୟରେ ରାଧାନାଥ ସମ୍ରାଟ ଥିଲେ । ବର୍ତ୍ତମାନ କବି ଓ କବିକଳ୍ପମାନଙ୍କ ମଧ୍ୟରୁ ଅନେକ ତାଙ୍କର ଶିଷ୍ୟ ବା ଅନୁଶିଷ୍ୟ ଥିଲେ । × × ତାହାଙ୍କ କଥାରେ ଯେଉଁ ଭଙ୍ଗି, ପେଞ୍ଚ ଓ ସୁର ଥିଲା, ତାହା ଅନନ୍ୟ ସାଧାରଣ ଏବଂ କବିବରଙ୍କର ଯୋଗ୍ୟ ।" (୧୦)

ରାଧାନାଥଙ୍କ ମୃତ୍ୟୁ ପରେ ମଧ୍ୟ ତାଙ୍କର ପୁତ୍ର ଶଶିଭୂଷଣ ରାୟଙ୍କ ସହିତ ଚନ୍ଦ୍ରମୋହନଙ୍କର ଖୁବ ଭଲ ସମ୍ପର୍କ ରହିଥିଲା । ଚନ୍ଦ୍ରମୋହନ ମଝିରେ ମଝିରେ ଶଶିଭୂଷଣ ରାୟଙ୍କ କଟକ ବାସ ଭବନକୁ ଯାଇ ତାଙ୍କ ପରିବାର ସହିତ ଦେଖା କରି ଆସୁଥିଲେ । ଶଶିଭୂଷଣ ମଧ୍ୟ ବାଲେଶ୍ୱର ଆସିଲେ ରେମୁଣାରେ ଚନ୍ଦ୍ରମୋହନ ମହାରଣାଙ୍କ ଘରେ ତାଙ୍କୁ ସାକ୍ଷାତ ନକରି ଫେରୁ ନଥିଲେ । ଏ ସମ୍ପର୍କରେ ଆନନ୍ଦ ବାବୁ କହନ୍ତି—"ରାଧାନାଥଙ୍କ ସହିତ ବନ୍ଧୁତା ଥିବାରୁ ଶଶିଭୂଷଣ ରାୟ ମଧ୍ୟ ଚନ୍ଦ୍ରମୋହନ ବାବୁଙ୍କୁ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରୁଥିଲେ । ତାଙ୍କ ଧବଳେଶ୍ୱର ବାସଭବନରେ ଚନ୍ଦ୍ରମୋହନ ବାବୁଙ୍କ ଫଟୋ ସବୁ ସେ ସାଇତି ରଖୁଥିଲେ ।" (୧୧) ଅନ୍ୟତ୍ର ତାଙ୍କର ପ୍ରିୟ ଛାତ୍ର ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବଡ଼ାଳ ତାଙ୍କ ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି – (କ) କେତେକ ଅଜଣା ଲୋକଙ୍କ ରଚନା ଯେ କବିଙ୍କର ରାଧାନାଥ ରାୟଙ୍କର ମହାଯାତ୍ରା ଅମିତ୍ରାକ୍ଷର କାବ୍ୟରେ ବ୍ରିଟିଶ ଶାସନ ବିରୋଧୀ ଅର୍ଥ ଥିବା କଥା ଚନ୍ଦ୍ରମୋହନ ସରକାରଙ୍କୁ ଜଣାଇଥିଲେ । ଏହା ଆଦୌ ସତ ନୁହେଁ । ପ୍ରମାଣ— ଚନ୍ଦ୍ରମୋହନ କଟକରେ ଥିବା ପର୍ଯ୍ୟନ୍ତ ( ୧୯୧୯ ସାଲ ) କବିବରଙ୍କ ଘରକୁ ସପ୍ତାହରେ ଥରେ ଦୁଇଥର ପରିବାରିକ ଯା ଆସ ଥିଲା ; ଏବଂ କବିଙ୍କ ପୁତ୍ର ଶଶିଭୂଷଣ ବଞ୍ଚିଥିବା ପର୍ଯ୍ୟନ୍ତ ପ୍ରତିବର୍ଷ ଦୁର୍ଗାପୂଜା ଉପଲକ୍ଷରେ ବାଲେଶ୍ୱର ରାଜବାଟୀର ନିମନ୍ତ୍ରଣ-ରକ୍ଷାର୍ଥେ ଆସି, ରେମୁଣାର ଚନ୍ଦ୍ରମୋହନଙ୍କ ସଙ୍ଗେ ନିଶ୍ଚୟ ଦେଖା କରିବାକୁ ଯାଉଥିଲେ । ( ମଧ୍ୟ, ରେମୁଣାର ବଙ୍ଗାଳି ସାହିରେ ଶଶିଭୂଷଣଙ୍କର ମାମୁଁଘର ଥିବା, ଅନ୍ୟ ଏକ କାରଣ ) । (୧୨) ଉପରୋକ୍ତ ବିଷୟରେ ଅଧ୍ୟାପକ ଶ୍ରୀଧର ଦାସ ଏକ ପତ୍ରାଳାପରେ ତାଙ୍କ ଛାତ୍ର ଜୀବନ ବିଷୟରେ ନିଜ ବାଲ୍ୟସ୍ମୃତିରୁ ଉଦ୍ଧାର କରି ଜଣାଇଥିଲେ—

(୧୦) 'ଉତ୍କଳ-ସାହିତ୍ୟ'/୧୧ଶ ଭାଗ—୧୨ଶ ସଂଖ୍ୟା

(୧୧) 'ଅସନ୍ତାକାଲି'—ଜାନୁଆରୀ, ୧୯୭୭—ପୃ ୫୦

(୧୨) "ତସ୍ମୈ ଶ୍ରୀ ଗୁରବେ"— ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବଡ଼ାଳ, ( ତା ୨୦-୩-୮୦ )

Digitized by srujanika@gmail.com

"ରାଧାନାଥ ବାବୁଙ୍କ ମହାଯାତ୍ରାର କେତେକ ଅଂଶ ଇଂରେଜ ସରକାରଙ୍କ ବିରୋଧୀ ବୋଲି କେହି ସରକାରଙ୍କୁ ଜଣାଇବାରୁ ସେ (ରାଧାନାଥ ରାୟ) ତାକୁ ନଷ୍ଟ କରି ଦେଇଥିଲେ। ଆମେ ଶୁଣିଥିଲୁ ଯେ ଚନ୍ଦ୍ରମୋହନ ବାବୁ ହିଁ ସରକାରଙ୍କ ଦୃଷ୍ଟିକୁ ଏହା ଆଣିଥିଲେ। କିନ୍ତୁ ସେ ତାହା ମନା କରିଥିଲେ ବୋଲି ଆମକୁ କହିଥିଲେ।" (୧୩)

ଏହିସବୁ ଦୃଷ୍ଟିରୁ ଜଣାଯାଏ ଯେ ରାଧାନାଥଙ୍କ 'ମହାଯାତ୍ରା' କାବ୍ୟର ଇଂରେଜ ବିରୋଧୀ ବର୍ଣ୍ଣନା ସେମାନଙ୍କ ଦୃଷ୍ଟି ସମ୍ମୁଖକୁ ଆଣିଥିବା ବ୍ୟକ୍ତି ଜବି ଚନ୍ଦ୍ର-ମୋହନ ନହୋଇ ଅନ୍ୟ କେହି ହୋଇଥିବେ। ଯଦିଓ ଏହା ସେ ସମୟରେ ଏକ ଗୁଜବ ହୋଇଥିଲା, ମାତ୍ର ଚନ୍ଦ୍ରମୋହନ ଜାଣିଶୁଣି ଏହାର ପ୍ରତିବାଦ କରି ନଥିଲେ କି ଏଭଳି ପ୍ରତିବାଦ କରିବାର ଆବଶ୍ୟକ ମଧ୍ୟ ନଥିଲା। କାରଣ ଉଭୟ ରାଧାନାଥ ଓ ଚନ୍ଦ୍ରମୋହନଙ୍କ ପରସ୍ପର ପ୍ରତି ବିଶ୍ୱାସ, ହୃଦୟର ଶୁଭକାମନା ତଥା ବ୍ୟକ୍ତିଗତ ସମ୍ପର୍କ ପୂର୍ବପରି ଅତୁଟ ଅବ୍ୟାହତ ଥିଲା। ତେଣୁ ରାଧାନାଥଙ୍କ ପରି ଗୁରୁଙ୍କର ଅଭିଶାପ ଫଳରେ ଚନ୍ଦ୍ରମୋହନ ମହାରଣା ଆଉ ଲେଖନୀ ଧରିପାରିଲେ ନାହିଁ ବୋଲି ଯେଉଁ ଜନରବ ଉଠିଥିଲା, ତାହା ଏକ ଭ୍ରାନ୍ତ ଧାରଣା ମାତ୍ର।

ଯେଉଁ ଚନ୍ଦ୍ରମୋହନ ରାଧାନାଥଙ୍କର ଏତେ ପ୍ରିୟପାତ୍ର ଥିଲେ ଏବଂ ଯାହାଙ୍କୁ ଡ଼ାକିଆଣି ସେ ବାଲେଶ୍ୱର ସ୍କୁଲର ତୃତୀୟ ଶିକ୍ଷକ ପଦରେ ନିଯୁକ୍ତି ଦେଇଥିଲେ ସେହି ଚନ୍ଦ୍ରମୋହନ ଯେ ଶେଷରେ ରାଧାନାଥଙ୍କୁ ଇଂରେଜମାନଙ୍କ ବିରୋଧୀ କରାଇ ତାଙ୍କୁ ଅଶେଷ ମାନସିକ ଅଶାନ୍ତି ଦେବା ସଙ୍ଗେ ସଙ୍ଗେ ଏକ ଜାତୀୟ ମହାକାବ୍ୟର ବିକାଶ ପଥରେ ଅନ୍ତରାୟ ସୃଷ୍ଟି କରିବାର ଆଶା ପୋଷଣ କରିଥିଲେ ଏହା ଏକ ଭିତ୍ତିହୀନ କଳ୍ପନା କେବଳ। ପୁଣି ଯେଉଁ ଚନ୍ଦ୍ରମୋହନ ଦିନେ ଜାତୀୟତାବାଦୀ ସତ୍ୟବାଦୀ ଗୋଷ୍ଠୀଙ୍କୁ ନିଜ ହାତରେ ଗଢ଼ିଥିଲେ ଏବଂ ଦେଶ ସ୍ୱାଧୀନତାର କେତେ ଇନ୍ଧନ ଦେଇଥିବେ, ସେ ଯେ ଇଂରେଜ କୁଶାସନର ବର୍ଣ୍ଣନା ସେମାନଙ୍କୁ ଦର୍ଶାଇଥିଲେ, ବିଶେଷ କରି ଜଣେ ଉଦାରଚେତା, ସ୍ୱଦେଶପ୍ରେମୀ ଉତ୍କଳ ଦାସ୍ୟାଦ ଚନ୍ଦ୍ରମୋହନ ପକ୍ଷରେ କେବେ ବିଶ୍ୱାସ-ଜନକ ନୁହେଁ। ବିଶ୍ୱାସଯୋଗ୍ୟ ହୋଇଥାନ୍ତା, ଯଦି ଚନ୍ଦ୍ରମୋହନଙ୍କ ସହିତ ରାଧାନାଥଙ୍କ କି ତାଙ୍କ ପୁତ୍ର ଶଶିଭୂଷଣ ରାୟଙ୍କ ସହିତ କୌଣସି ବ୍ୟକ୍ତିଗତ ମାନ-ମନାନ୍ତର ବା ଅଶାନ୍ତିକର ପରିବେଶ ସୃଷ୍ଟି ହୋଇଥାନ୍ତା। ଏଭଳି କୌଣସି ଘଟଣା ଏପର୍ଯ୍ୟନ୍ତ ଚନ୍ଦ୍ରମୋହନଙ୍କ ଗ୍ରୁପ ମହଲରୁ କି ଉଭୟ ପରିବାରରୁ ଶୁଣାଯାଏ ନାହିଁ।

---

(୧୩) ଅଧ୍ୟାପକ ଶ୍ରୀଧର ଦାସଙ୍କ ଚିଠି— ଦେଉଳସାହି, ( ତା ୨୬।୧।୮୦ )

Digitized by srujanika@gmail.com

ଚନ୍ଦ୍ର ଦେହରେ କଳଙ୍କ ପରି କବି ଚନ୍ଦ୍ରମୋହନଙ୍କ ଆଜୀବନ ଏହି କଳଙ୍କ ଓ ଅପବାଦର ବୋଝ ମୁଣ୍ଡେଇବାକୁ ପଡ଼ିଥିଲା ; ଉକ୍ତ ପ୍ରତିବାଦର ପ୍ରତିଧ୍ୱନି ସେତେବେଳେ କେତେଜଣଙ୍କ କର୍ଣ୍ଣକୁ ସ୍ପର୍ଶ କରିଥିବ କେଜାଣେ ମାତ୍ର କବି ଚନ୍ଦ୍ରମୋହନ ଏହାର ମୌନ ପ୍ରତିବାଦ କରିଯାଇଛନ୍ତି ତାଙ୍କର ସାହିତ୍ୟ ସାଧନା ଓ ରାଧାନାଥଙ୍କ ସହିତ ନିଜର ବ୍ୟକ୍ତିଗତ ଜୀବନର ସୁସମ୍ପର୍କ ମଧ୍ୟରେ ।

Digitized by srujanika@gmail.com

# ମା' ମୁହଁରୁ ଯାହା ଶୁଣିଛି

ଜୟଦେବ କମିଳା

ମୋର 'ମା' ମୁହଁରୁ ଯାହା ଶୁଣିଛି ସେଥିରୁ କିଛି ଲେଖିଲି । ମୁଁ ମାତ୍ର ପାଞ୍ଚ ମାସର ହୋଇଥାଏ ମୋର ଅଜା ଚନ୍ଦ୍ରମୋହନ ମହାରଣା ଇହଧାମ ଛାଡ଼ି ଚାଲିଗଲେ ।

ବାଲେଶ୍ୱର ଜିଲାର ରେମୁଣାସ୍ଥ ପୁରୁଷୋତ୍ତମପୁର ଗ୍ରାମରେ ୧୮୭୭ ମସିହା ଏପ୍ରିଲ ମାସ ଛଅ ତାରିଖରେ ସେ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଶିଶୁ ଅବସ୍ଥାରୁ ମା 'ଦେବୀ'ଙ୍କର ତିରୋଧାନ ହୋଇଥିଲା । ପିତା ଅନାଦି ଦ୍ୱିତୀୟ ସ୍ତ୍ରୀ ବିବାହ କରିଥିଲେ । ବାଲ୍ୟାବସ୍ଥାରେ ମଧ୍ୟ ତାଙ୍କର ପିତୃ ବିୟୋଗ ଘଟିଥିଲା । ବିମାତା ସାବି ତାଙ୍କୁ ବଡ଼ ଯତ୍ନରେ ଲାଳନପାଳନ କରିଥିଲେ । ପିଲାବେଳରୁ ତାଙ୍କର ପଢ଼ିବାକୁ ପ୍ରବଳ ଆକାଂକ୍ଷା ଥିବାରୁ ବିମାତା କଠିନ ପରିଶ୍ରମ କରି ବଡ଼ କଷ୍ଟରେ ତାଙ୍କୁ ପାଠ ପଢ଼ାଇଥିଲେ । ସେ ରେମୁଣାରୁ ବାଲ୍ୟଶିକ୍ଷା ଶେଷ କରି ପାଦରେ ଚାଲିଚାଲି ଯାଇ ବାଲେଶ୍ୱର ଜିଲା ସ୍କୁଲରେ ପଢି ୧୮୯୫ ମସିହାରେ ଏନ୍‌ଟ୍ରାନସ୍ ପାସ କରିଥିଲେ । ସେ ବାଲେଶ୍ୱରରେ ପଢ଼ିଲା ବେଳେ ଶେଷ ବର୍ଷଟି ତାଙ୍କ ଭଉଣୀଙ୍କ ଘରେ ରହି ପଢୁଥିଲେ । ସେତେବେଳେ ଇଲେକ୍‌ଟ୍ରିକ୍ ଆଲୁଅ ନ ଥାଏ । ସହରର ପ୍ରଧାନ ଛକ ଜାଗାମାନଙ୍କରେ ରାତିରେ କାଠ ଖୁଣ୍ଟ ଉପରେ ଲଣ୍ଠନରେ ଆଲୁଅବତି ଜଳୁଥାଏ । ତାଙ୍କର ଅର୍ଥାଭାବ ହେତୁ ଆଲୁଅ ଜଳାଇବା ପାଇଁ ତେଲ କିଣି ନ ପାରି ଅଧିକାଂଶ ସମୟରେ ରାତିରେ ସେ ବତୀଖୁଣ୍ଟ ତଳ ଆଲୁଅରେ ପଢୁଥିଲେ । ସେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ କଟକ ଗଲେ । ସେତେବେଳେ ଉଚ୍ଚଶିକ୍ଷା ପାଇଁ ଓଡ଼ିଶାର କଟକରେ ଥାଏ ଏକମାତ୍ର ରେଭେନ୍‌ସା କଲେଜ । ରେଲ ମଟର ଗାଡ଼ି ସେତେବେଳେ ନଥାଏ । ନଦୀ ଓ ସମୁଦ୍ରରେ ବୋଇତଦ୍ୱାରା ଲୋକେ ଦେଶ ବିଦେଶକୁ ଯାତାୟତ କରି ବାଣିଜ୍ୟ ବ୍ୟବସାୟ କରୁଥିଲେ । ବଳଙ୍ଗ ନଦୀ କୂଳରେ ବାଲେଶ୍ୱର ସହରସ୍ଥ ପରମିଟ ଘାଟରୁ ଅନୁକୂଳ ପାଗରେ ଚାଲୁଥିବା ନୌକା ଦ୍ୱାରା ସମୁଦ୍ର ବାଟେ ଧାମରା ମୁହାଣ ଦେଇ ଚାନ୍ଦବାଲି ଏବଂ ଚାନ୍ଦବାଲିରୁ ଆଳି, ପଟ୍ଟାମୁଣ୍ଡାଇରୁ, ଜଗତସିଂହପୁର ପ୍ରାୟ ପଚିଶ ମାଇଲ ବାଟ ଚାଲି କରି ସେ କଟକ ସହରରେ ପହଞ୍ଚୁଥିଲେ । ଅସୁବିଧା ବଶତଃ ସମୟ ସମୟରେ ରେମୁଣାରୁ ବାଲେଶ୍ୱର ଯାଇ ଜଗନ୍ନାଥ ସଡ଼କରେ କଟକକୁ ପାଦରେ ଯିବାକୁ ତାଙ୍କୁ ପ୍ରାୟ ତିନି ଚାରିଦିନ

Digitized by srujanika@gmail.com

ନଗୁଥିଲା । ରେମୁଣାରୁ କଟକ ଗ୍ସ୍ଲକର ଯିବା କଥା ମା ପାଖରୁ ଶୁଣି ଅମ୍ଭେମାନେ ଆଶ୍ଚର୍ଯ୍ୟ ହୋଇଯାଉଁ । ୧୮୮୯ ମସିହାରେ ସେ ବି ଏ. ପାଶ କରିଥିଲେ କଲିକତା ବିଶ୍ୱବିଦ୍ୟାଳୟରୁ , ଅଜାଙ୍କର ସଂସ୍କୃତରେ ମଧ୍ୟ ପାଣ୍ଡିତ୍ୟ ଥିଲା । ସେ କୁମାର ସମ୍ଭବ ଓ ରଘୁବଂଶରୁ ଶ୍ଳୋକମାନ ବୋଲିବାକୁ ଆନନ୍ଦ ପାଉଥିଲେ । ତାହାଙ୍କ ସଂଗୃହୀତ ବହିମାନଙ୍କ ମଧ୍ୟରେ ମୂଲ୍ୟବାନ ଏବଂ ଦୁଷ୍ପ୍ରାପ୍ୟ ଏକ ସେଟ୍ ବିଶ୍ୱକୋଶ ( ବଙ୍ଗଳା ଭାଷାର ) କୁମାର ସଂଭବ ଓ ରଘୁବଂଶ ଆଦି ବହିମାନ ଅଦ୍ୟାବଧି ତାହାଙ୍କ ଘର ଆଲମାରିରେ ଅଛି ।

ସେ ବି.ଏ ପାଶ ପରେ କିଛିଦିନ ପାଇଁ ତାଳଚେର ଯୁବରାଜଙ୍କର ଘରୋଇ ଶିକ୍ଷକ ଥିଲେ ।

ଅଜା କବିବର ରାଧାନାଥ ରାୟଙ୍କୁ ବଡ ଭକ୍ତି ଓ ସମ୍ମାନ କରୁଥିଲେ । ଏହି ସମୟରେ ରାଧାନାଥ ରାୟ ଡିଭିଜନ ଇନ୍‌ସ୍ପେକ୍ଟର ଥାନ୍ତି । ସେ ଚିଠି ଲେଖି ତାହାଙ୍କୁ ପରାମର୍ଶ ଦେଲେ ଯେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଖାଲି ଥିବା ସହକାରୀ ଶିକ୍ଷକ ପଦରେ ଯୋଗ ଦେବା ପାଇଁ । ଅଜା ଉକ୍ତ ପଦରେ ଯୋଗ ଦେବାକୁ ବିଚାର କରି ଦରଖାସ୍ତ କଲେ ଏବଂ ନିଯୁକ୍ତି ପାଇଁ ଅନୁମତି ଆସିଗଲା । ସେତୁ ଅଜା ସେହି ଖବର ତାଳଚେର ମହାରାଜାଙ୍କୁ ଜଣାଇ କହିଲେ "ଆଉ ଆପଣଙ୍କ ପୁଅଙ୍କୁ ପଢାଇବା ସୁବିଧା ହେବ ନାହିଁ ।" କିନ୍ତୁ ତାଙ୍କର ପଠନ ଶୈଳୀରେ ରାଜା ବଡ ସନ୍ତୁଷ୍ଟ ହୋଇଥିବାରୁ ସେଥିପାଇଁ ତାହାଙ୍କୁ ତାଙ୍କ ପୁଅଙ୍କର ଘରୋଇ ଶିକ୍ଷକ ପଦରୁ ଛାଡିଦେବାକୁ ଅସମ୍ମତି ପ୍ରକାଶ କରି ସରକାରୀ ବେତନ ହାର ଅପେକ୍ଷା ଅଧିକ ବେତନ ଦେବାକୁ ରାଜା ସ୍ୱୀକୃତି ଜଣାଇଥିଲେ । ମାତ୍ର "ମୋ ଜୀବନରେ ଏଇଟି ସରକାରୀ କାର୍ଯ୍ୟ କରିବାକୁ ପ୍ରଥମ ସୁଯୋଗ ମିଳୁଛି, ମୋର ଏହା ଛାଡିବା ଅନୁଚିତ ।" କହି ଅଜା ସେଠାରୁଁ ଚାଲି ଆସିଥିଲେ । ଶିକ୍ଷା ବିଭାଗରେ ପ୍ରଥମ କରି ସେ ସରକାରୀ କାର୍ଯ୍ୟରେ ଯୋଗ ଦେଲେ ୧୮୯୧ ମସିହାରେ ସହକାରୀ ଶିକ୍ଷକ ପଦରେ । କିଛିଦିନ ପରେ କଟକ ନର୍ମାଲ ଟ୍ରେନିଂ ସ୍କୁଲକୁ ବଦଳି ହେଲେ । ତା'ପରେ ତାହାଙ୍କର ପଦୋନ୍ନତି ଘଟିଲା ଡେପୁଟି ଇନସ୍‌-ପେକ୍ଟର ଭାବେ । କିଛିଦିନ ଉକ୍ତ ପଦବୀରେ ରହି ୧୯୦୪ ମସିହାରେ ପୁରୀ ଜିଲ୍ଲା ସ୍କୁଲକୁ ପ୍ରଧାନ ଶିକ୍ଷକ ହୋଇ ଗଲେ । ତା'ପରେ ସେ ୧୯୦୭ରୁ ୧୯୧୧ ମସିହା ପର୍ଯ୍ୟନ୍ତ କଟକ ଗୁରୁଟ୍ରେନିଂ ସ୍କୁଲରେ ରହି ଦ୍ୱିତୀୟ ଥର ପାଇଁ ପୁରୀ ଜିଲ୍ଲା ସ୍କୁଲକୁ ବଦଳି ହେଲେ । ପୁରୀର ଜଳବାୟୁ ଅଜାଙ୍କ ଦେହରେ ଚଳୁ ନଥିଲା । ସେ ତାହା ଇନସ୍‌ପେକ୍ଟରଙ୍କୁ ଜଣାଇଲେ ଯେ ତାଙ୍କୁ ଅନ୍ୟତ୍ର ବଦଳି କରିଦେବାକୁ । ସେତେବେଳେ ମିଷ୍ଟର ଡ୍ୟୁକ୍ ସାହେବ ଥିଲେ ଇନସ୍‌ପେକ୍ଟର । ସେ ଅଜାଙ୍କୁ ଅତି ଭଲ ପାଉଥିଲେ । ସାହେବ ମହୋଦୟ ତାଙ୍କର ଏହି ଆପତ୍ତିକୁ ଶୀଘ୍ର ବିଚାର କରି ବାଲେଶ୍ୱର ଜିଲ୍ଲା ସ୍କୁଲକୁ

Digitized by srujanika@gmail.com

ବଦଳି କରିଥିଲେ । ଅଜା ବାଲେଶ୍ୱର ଜିଲ୍ଲା ସ୍କୁଲରେ ୧୯୧୧ ରୁ ୧୯୨୪ ମସିହା ପର୍ଯ୍ୟନ୍ତ ରହି ସରକାରୀ କାର୍ଯ୍ୟରୁ ଅବସର ନେଲେ । ଅଜା ପ୍ରାୟ ଅଠର ବର୍ଷ ହାଇସ୍କୁଲ ଓ ଟ୍ରେନିଂ ସ୍କୁଲମାନଙ୍କରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ । ତାଙ୍କ ଶିକ୍ଷା ବିଭାଗରେ କାର୍ଯ୍ୟ କରିବାକୁ ସନ୍ତୋଷ ମିଳୁଥିବାରୁ ସେଇଥିରେ ହିଁ ତାଙ୍କର ଜୀବନ ଅତିବାହିତ ହୋଇଗଲା ।

ଛାତ୍ରାବସ୍ଥାରୁ ଅଜାଙ୍କର ଲେଖାଲେଖି କରିବାର ଅଭ୍ୟାସ ଥିଲା । ଚନ୍ଦ୍ରମୋହନ ମହାରଣାଙ୍କର ରଚିତ କବିତାଗୁଡ଼ିକ ରୁଚିକର ଓ ମାଧୁର୍ଯ୍ୟ ପୂର୍ଣ୍ଣ ହୋଇଥାଏ ବୋଲି ଉଚ୍ଚଶିକ୍ଷିତ ମହଲରେ ସେତେବେଳେ ଧାରଣା ଥିଲା । ସେଇଥି-ପାଇଁ ପୁରସ୍କାର ବିତରଣୀ ସଭା, ଦରବାର ଆଦି ଆନନ୍ଦ ଉତ୍ସବଗୁଡ଼ିକୁ ସ୍ୱାଗତ ସଙ୍ଗୀତ ଲେଖି ପଠାଇବାକୁ କର୍ତ୍ତୃପକ୍ଷମାନେ ତାହାଙ୍କୁ ଅନୁରୋଧ କରୁଥିଲେ । ୧୯୧୧ କିମ୍ବା ୧୯୧୨ ମସିହାରେ ମୋର ମା ସେତେବେଳେ ରେଭେନ୍‌ସା ବାଳିକା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ସମ୍ଭବତଃ ସପ୍ତମ ଶ୍ରେଣୀରେ ପଢୁଥିଲା । ସେତେବେଳେ ସେ ବିଦ୍ୟାଳୟରେ ଲଣ୍ଡନର ଅଧିବାସୀ ମିସେସ୍ ବ୍ୟାଙ୍କ ପ୍ରଧାନ ଶିକ୍ଷୟିତ୍ରୀ ଥିଲେ । ତାଙ୍କର ତଥା ତାଙ୍କ ସହକର୍ମୀମାନଙ୍କର ଅଜାଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଥିଲା । ଉକ୍ତ ଅନୁଷ୍ଠାନର ପୁରସ୍କାର ବିତରଣୀ ଉତ୍ସବ ପାଇଁ ସହକାରୀ ପ୍ରଧାନ ଶିକ୍ଷୟିତ୍ରୀ ମିସ୍ ନିର୍ମଳା ନାୟକ ( ବାଲେଶ୍ୱର ନିବାସୀ ଯେ କି ଓଡ଼ିଶାର ମହିଳାମାନଙ୍କ ମଧ୍ୟରେ ପ୍ରଥମେ ବିଲାତରୁ ଉଚ୍ଚଶିକ୍ଷା ଲାଭ କରିଥିଲେ ) ସ୍ୱାଗତ ସଙ୍ଗୀତଟିଏ ଲେଖିଦେବା ପାଇଁ ମା'ଙ୍କ ଦ୍ୱାରା ଅଜାଙ୍କୁ ନିବେଦନ ଜଣାଇଥିଲେ । ତାହାଙ୍କ ନିବେଦନ ରକ୍ଷା କରି ଅଜା ନିମ୍ନଲିଖିତ ସଙ୍ଗୀତଟି ଲେଖି ମା ହାତରେ ପଠାଇଥିଲେ ।

"ଆଜି ଶୁଭ ଦିନେ ଆନନ୍ଦ ଭବନେ
ଆହା କି ମଧୁର ମେଳନ
ଅନ୍ତରେ ଅନ୍ତରେ ବାଜଇ ମଧୁର ନିକ୍ୱଣ ।
ବାଣୀ ବୀଣାପାଣି ଶ୍ୱେତ ସରୋଜେ
ସ୍ୱରୂପ ସମ୍ଭାରେ ଦେଖେ କିବା ବିଜେ ।
ହରଷେ, ଆବେ ସେ
ଲସେ କିବା ସଭା ଭବନେ ।
ଉଦାର ହୃଦୟ ପ୍ରଶାନ୍ତ ମୂରତି
ଦେଖ ଉଚ୍ଚାସନେ ବିଜେ ସଭାପତି
ଶ୍ରୀକରୁଁ, ଅମ୍ଭରୁ
ହେବ ପୁରସ୍କାର ବଣ୍ଟନ ।

Digitized by srujanika@gmail.com

ଆସ ଭାଇ ଆସ ଫିଟାଇ ଅନ୍ତର
ଗାଇବା ବାଣୀଙ୍କ ମହିମା ନିକର
ଭକ୍ତିରେ, ପ୍ରୀତିରେ
ବରଦା ଅଭୟ ଚରଣ ॥"

ବିଶେଷ କରି କଟକ ଗୁରୁ ଟ୍ରେନିଂ ସ୍କୁଲରେ ଥିବା ସମୟ ମଧ୍ୟରେ ତାଙ୍କର ସ୍ୱରଚିତ ମାତ୍ର ଅଳ୍ପ କେତୋଟି ପାଠ୍ୟପୁସ୍ତକ 'କଥାବଳୀ' (୧ମ ମାନ, ୨ୟ ମାନ ଓ (୩ୟ ମାନ, ୪ର୍ଥ ମାନ ) ଦୁଇଖଣ୍ଡ, 'ଓଡ଼ିଆ ବ୍ୟାକରଣ' ( ପ୍ରଥମ ସୋପାନ ଓ ଦ୍ୱିତୀୟ ସୋପାନ ) ଦୁଇଖଣ୍ଡ ଏବଂ 'ରଚନା ଶିକ୍ଷା' ପ୍ରକାଶ ପାଇଥିଲା । ତା' ଛଡ଼ା କେତେଖଣ୍ଡ ବହି ପାଇଁ ପାଣ୍ଡୁଲିପିମାନ ଲେଖା ସରିଥିଲା । ସେଗୁଡ଼ିକ ଛପା ହୋଇ ନପାରି ରେମୁଣାସ୍ଥ ତାହାଙ୍କ ବାସଗୃହର ଅଲମାରିରେ ଥାଏ ।

ସେତେବେଳେ ରେମୁଣାରେ ଅଜାଙ୍କ ବ୍ୟତୀତ ଉଚ୍ଚଶିକ୍ଷିତ ବ୍ୟକ୍ତି ଆଉ କେହି ନ ଥିଲେ । ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଅସାଧୁ ବ୍ୟକ୍ତିମାନେ ତାହାଙ୍କ ପ୍ରତି ଆକ୍ରୋଶ ରଖି ନାନା ମାଲିମୋକଦ୍ଦମା କରାଇବା ସଙ୍ଗେ ସଙ୍ଗେ ତାହାଙ୍କର ବାସଗୃହକୁ ତିନିଥର ନିଆଁ ଲଗାଇ ଦେଇଥିଲେ । ଗୋପୀନାଥ ସଡ଼କ ପାର୍ଶ୍ୱରେ ଅଜାଙ୍କର ଏକ ବୈଠକଖାନା ଥିଲା । ଛୁଟିମାନଙ୍କରେ ସେ ଆସିଲେ ସେଇଠି ବସା ଉଠା କରୁଥିଲେ ଏବଂ ସେତେବେଳେ ସେଇଠି ଗୁଞ୍ଜଶାଳୀ ହେଉଥାଏ । ସେ ଘରଟିକୁ ମଧ୍ୟ ସେମାନେ ପୋଡ଼ି ଦେଇଥିଲେ । ୧୯୧୨ ମସିହା ପୌଷ ମାସ ସନ୍ଧ୍ୟା ବେଳେ ତାଙ୍କର ସେଉଁ ଗୃହଦାହ ହୋଇଥିଲା, ସେଇଥିରେ ବହୁତ ଆସବାବପତ୍ର ସହ ଆଲମାରୀଟିରେ ଥିବା ଦୀର୍ଘଦିନ ଧରି ରଚନା କରିଥିବା ସମସ୍ତ ପାଣ୍ଡୁଲିପି ପୋଡ଼ି ଭସ୍ମୀଭୂତ ହୋଇଯାଇଥିଲା । ତା' ପଛକୁ ୧୯୧୮ ମସିହା ବୈଶାଖ ମାସ କୃଷ୍ଣପକ୍ଷ ଷଷ୍ଠୀ ତିଥିରେ କଲେରା ରୋଗରେ ମୋର ଆଈଙ୍କର ମୃତ୍ୟୁ ଘଟିଥିଲା । ସେତେବେଳେ ବିପଦ ଆସେ ଗୋଟିକ ପରେ ଗୋଟିଏ ତାର ସାଙ୍ଗସାଥୀ ନେଇ ଅସେ, ଯାହାକ ଅନୁଭବୀହିଁ ଅନୁଭବ କରିପାରନ୍ତି । ମା'ଠାରୁ ଯେପରି ଶୁଣିଛି ତାହା ବାସ୍ତବିକ ସେ କେତେ ହୃଦୟଗ୍ରାହୀ ମର୍ମନ୍ତୁଦ ତାହା ପ୍ରକାଶ କରିବା ଦୁରୂହ । ବିଶେଷ କରି ତାହାଙ୍କ ଜୀବନର ମୂଲ୍ୟବାନ ସମ୍ପତ୍ତି ପାଣ୍ଡୁଲିପି-ଗୁଡ଼ିକ ଯେ ପୋଡ଼ି ନଷ୍ଟ ହୋଇଗଲା, ସେଇଟା ହିଁ ତାଙ୍କ ମନରେ ଅନୁତାପ ସୃଷ୍ଟି କରୁଥିଲା । ତାଙ୍କ ଜୀବନର ଚତୁର୍ଥାଂଶଟି ପୂରା ଅଶାନ୍ତି ଭିତରେ କଟିଗଲା । ଯାହା ଫଳରେ କି ତାଙ୍କ ମନର ବଳ ଦୁର୍ବଳ ହୋଇପଡ଼ିଲା । ତାଙ୍କର ସାହିତ୍ୟ ରଚନା ଶିଥିଳ ହୋଇଗଲା । ସେହି ସମୟରେ 'ଉତ୍କଳ ସାହିତ୍ୟ', 'ସହକାର', 'ଇନ୍ଦ୍ରଧନୁ' ଆଦି କେତୋଟି ପତ୍ରପତ୍ରିକା ପ୍ରକାଶ ପାଉଥାଏ । ସମୟ ସମୟରେ ସେ ବିଭିନ୍ନ ପ୍ରକାର ରଚନା

Digitized by srujanika@gmail.com

ପ୍ରକାଶନ ପାଇଁ ପଠାଉଥିଲେ । ଏତେ ବିପଦ ସତ୍ତ୍ୱେ ଜ୍ଞାତ କୁଟୁମ୍ବ ତଥା ଜନ୍ମସ୍ଥାନ ପ୍ରତି ମମତା ଥିବାରୁ, ଗ୍ରାମ୍ୟ ପରିସ୍ଥିତି ଓ ପ୍ରକୃତିର ଶୋଭା ତାହାଙ୍କୁ ରୁଚିକର ହେଉଥିବାରୁ ସେ ରେମୁଣା ଛାଡ଼ି ଅନ୍ୟତ୍ର ଯାଇ ନ ଥିଲେ ।

ଅଜା ବଡ଼ କର୍ତ୍ତବ୍ୟନିଷ୍ଠ ଥିଲେ । ସେତେବେଳେ ଇଂରେଜ ଶାସନ ଚାଲିଥିଲା । ଗୋରା କର୍ମଚାରୀମାନେ ଉଚ୍ଚ ପଦବୀରେ ରହୁଥିଲେ । ବାଲେଶ୍ୱର ଜିଲା ସ୍କୁଲରେ ପ୍ରଧାନ ଶିକ୍ଷକ ଥିବା ସମୟରେ ନ ଜଣାଇ ଦିନେ ଶିକ୍ଷା ବିଭାଗର ପରିଦର୍ଶକ ମହୋଦୟ ହଠାତ୍ ସ୍କୁଲକୁ ଆସି ଅଫିସ ରୁମ୍‌ର ଆଗ ବାରଣ୍ଡାରେ ପହଞ୍ଚିଲେ । ଅଜା ସେତେବେଳେ ଅଫିସ କାର୍ଯ୍ୟରେ ବ୍ୟସ୍ତ ରହିଥାନ୍ତି । ଦୃଷ୍ଟିଭଙ୍ଗୀରେ ତାହାଙ୍କୁ ଦେଖି-ଥିଲେ । ମାତ୍ର ତତ୍‌କ୍ଷଣାତ୍ ତାଙ୍କୁ ଅଫିସ ଭିତରେ ବସିବାକୁ ସ୍ୱାଗତ ନ ଜଣାଇ ନିଜ କାର୍ଯ୍ୟରେ ଲିପ୍ତ ରହିଥିଲେ । ଅଳ୍ପ କିଛିକ୍ଷଣ ପରେ ପରିଦର୍ଶକଙ୍କ ଆଡ଼କୁ ଦୃଷ୍ଟି ପକାଇ ଅଫିସ ଭିତରେ ଆସନରେ ବସିବାକୁ ସ୍ୱାଗତ ଜଣାଇଲେ । ଆଗରୁ ନ ଜଣାଇ ହଠାତ୍ ପରିଦର୍ଶନରେ ଆସି ପହଞ୍ଚିଥିବାରୁ ସାହେବ ନିଜକୁ ଅପ୍ରସ୍ତୁତ ବୋଧ କରି ସଙ୍ଗେ ସଙ୍ଗେ ପ୍ରସ୍ତୁତ ହୋଇଥିବା ସ୍କୁଲର ଯାବତୀୟ ରେକର୍ଡ ତଦନ୍ତ କରି ସନ୍ତୁଷ୍ଟ ଚିତ୍ତରେ ଫେରିଥିଲେ ଏବଂ ଅଜାଙ୍କ ପ୍ରତି ଇନସ୍‌ପେକ୍ଟର ମହୋଦୟଙ୍କର ଉତ୍ତମ ଧାରଣା ଜନ୍ମିଥିଲା ।

ପୁରୀରୁ ୧୯୦୭ ମସିହାରେ ଅଜା କଟକ ଗୁରୁଟ୍ରେନିଂ ସ୍କୁଲକୁ ବଦଳି ହୋଇ ଆସିଲେ, ଆଗରୁ ମୁଁ କହିଛି । ପ୍ରତି ଅନୁଷ୍ଠାନମାନଙ୍କରେ ଯେ ଥିଲା ବେଳେ ବରାବର ଛାତ୍ରାବାସର ପରିସର ଭିତରେ ରହୁଥିଲେ । ଛାତ୍ରାବାସ ଓ ବିଦ୍ୟାଳୟର ଛାତ୍ରମାନଙ୍କର ଚରିତ୍ର ଗଠନ ଏବଂ ଅସୁବିଧା ପ୍ରତି ତାଙ୍କର ନଜର ରହୁଥିଲା । ସେତେବେଳେ ଓଡ଼ିଶାରେ ଏଇ ଗୋଟିଏ ମାତ୍ର କଟକ ଗୁରୁଟ୍ରେନିଂ ସ୍କୁଲ ଥାଏ ଏବଂ ରେଭେନ୍‌ସା କଲେଜ ବ୍ୟତୀତ ଉଚ୍ଚ ଶିକ୍ଷାନୁଷ୍ଠାନ ଆଉ ନ ଥାଏ । ଏହି ଦୁଇ ଅନୁଷ୍ଠାନରେ ପଢିବାକୁ ବି ଦୂରଦୂରାନ୍ତରରୁ ଛାତ୍ରମାନେ ଆସୁଥିଲେ । ସେମାନଙ୍କ ମଧ୍ୟରେ ଅନେକ ଗରିବ ଛାତ୍ର ଥା'ନ୍ତି । ଅଜା ସୁଚରିତ୍ରବାନ ଗରିବ ଓ ମେଧାବୀ ଛାତ୍ରମାନଙ୍କୁ ସାହାଯ୍ୟ କରୁଥିଲେ । ତାଙ୍କ ବସା'ରେ ଜଣେ ଦୁଇଜଣ ଛାତ୍ର ବରାବର ରହି ପଢ଼ୁଥାନ୍ତି । ବିଶେଷ କରି ସେ କଟକ ଗୁରୁଟ୍ରେନିଂ ସ୍କୁଲରେ ଥିଲା ବେଳେ ତାଙ୍କ ପାଖରେ ଦୁଇ ତିନି ଜଣ ଛାତ୍ର ବରାବର ରହୁଥିଲେ । ଏହା ବ୍ୟତୀତ ରେଭେନ୍‌ସା କଲେଜ ଆଦିରେ ଉଚ୍ଚଶିକ୍ଷା ଲାଭ କରୁଥିବା ସମୟରେ କେତେକ ଅଭାବୀ ଛାତ୍ର ତାହାଙ୍କ ବସାରେ ରହୁଥିଲେ । ଅଜା କଟକ ଗୁରୁଟ୍ରେନିଂ ସ୍କୁଲକୁ ଚାଲି ଆସିବାରୁ ମୋର ପୂଜନୀୟ ବଡ଼ ମାମୁଁ ରଜନୀ ବାବୁ, ମା ଉମା ଦେବୀ, ମଝିଆଁ ମାମୁଁ ଲୋକନାଥ ବାବୁଙ୍କର ପଢ଼ାପଢ଼ିର ସୁବିଧା ଦୃଷ୍ଟିରୁ ସେମାନଙ୍କୁ ପାଖରେ ଆଣି ରଖିଲେ । ବଡ଼ମାମୁଁ ସେତେବେଳେ ମ୍ୟାଟ୍ରିକ ପଢୁ-

Digitized by srujanika@gmail.com

ଥିଲେ । ପଣ୍ଡିତ ଗୋଦାବରୀଶ ମିଶ୍ର ଉଚ୍ଚଶିକ୍ଷା ଲାଭ ସମୟରେ ସମ୍ଭବତଃ ଦୁଇ/ତିନି ବର୍ଷ ଅଜାଙ୍କ ବସାରେ ରହୁଥିଲେ । ସେ ବଡ଼ମାମୁଁଙ୍କୁ ଘରେ ପଢ଼ାଉଥିଲେ । ପୁରୀ ଅଞ୍ଚଳର ପଣ୍ଡିତ ବାସୁଦେବ ମିଶ୍ର ଓ ଯଜ୍ଞଭୂଷଣ ପଣ୍ଡିତ ଜଗନ୍ନାଥ ରଥ ( କାବ୍ୟତୀର୍ଥ ବିଦ୍ୟାଭୂଷଣ ) ଉଭୟେ ଅଜାଙ୍କର ଟ୍ରେନିଂ ସ୍କୁଲର ଛାତ୍ର ଥିଲେ । ସେ ଦୁହେଁ ଅଜାଙ୍କ ବସାରେ ରହୁଥିଲେ । ମା ଏବଂ ମଝିଆ ମାମୁଁଙ୍କୁ ଘରେ ପଢ଼ାଉଥିଲେ । ପଣ୍ଡିତ ନୀଳକଣ୍ଠ ଦାସ କଟକରେ ରହୁଥିବା ବେଳେ ଅଧିକାଂଶ ସମୟରେ ଅଜାଙ୍କ ପାଖକୁ ଆସୁଥିଲେ । ସେ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ଉଭୟେ ପୁରୀ ଜିଲ୍ଲା ସ୍କୁଲରେ ଅଜାଙ୍କର ଛାତ୍ର ଥିଲେ । ବାଲେଶ୍ୱର ଟାଉନସ୍ଥ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଉଚ୍ଚଶିକ୍ଷା ଲାଭ କରୁଥିବା ସମୟରେ କହ୍ନୁଚରଣ ପାଣି ଅଜାଙ୍କ ବସାରେ ରହୁଥିଲେ । ମୋର ପ୍ରାୟ ଦଶ ବାର ବର୍ଷ ହେବ । ଦିନକର ଘଟଣା ମନେ ପଡ଼େ, ଦିନେ ମାନନୀୟ ଲକ୍ଷ୍ମୀନାରାୟଣ ସାହୁ ମହାଶୟ ରେମୁଣା ସ୍କୁଲକୁ ଆସିଥାନ୍ତି । ମଝିଆ ମାମୁଁ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଥାନ୍ତି । ତାହାଙ୍କ ସହ ସାକ୍ଷାତ ହେଲା । ସେ ଖୁସିରେ ଅଜାଙ୍କ ଘରକୁ ବୁଲି ଆସିଥିଲେ । ସେ ମା'କୁ ଖୋଜିଲେ । ମା ସେଠାରେ ପହଞ୍ଚି ସେମାନଙ୍କ ସହ କଥାବାର୍ତ୍ତା କଲେ । ମୁଁ ସେଇଠି ବୁଲୁଥିଲି । ମା ମୋତେ ତାଙ୍କୁ ଚହ୍ନାଇ ଦେଇ ପ୍ରଣାମ କରିବାକୁ କହିଲେ । ଆଉ ମଧ୍ୟ କଟକ ଗୁରୁଟ୍ରେନିଂ ସ୍କୁଲରେ ଥିବା ବେଳେ ଉଚ୍ଚଶିକ୍ଷା ଲାଭ ସମୟରେ ବାଲେଶ୍ୱର ଓ ରେମୁଣା ଅଞ୍ଚଳରୁ ଓକିଲ ଶ୍ରୀଯୁକ୍ତ ରାଧାମୋହନ ରଣା, ଅବସରପ୍ରାପ୍ତ ସବ୍‌ରେଜିଷ୍ଟ୍ରାର ହୃଦୟ ମିଶ୍ର, ଅବସରପ୍ରାପ୍ତ ଡ଼ାକ୍ତର ଗୋବିନ୍ଦମୋହନ କମିଲା, ଶିକ୍ଷକ ଲକ୍ଷ୍ମୀଧର ପତି, ଶିକ୍ଷକ କସ୍ତୁରୀଚରଣ ରଣା, ବାଲକୃଷ୍ଣ ପଣ୍ଡା ଆଦି ଅଜାଙ୍କ ବସାରେ ରହି ପଢୁଥିଲେ । ଏମାନେ ଆଜି ଇହଧାମରେ ନାହାନ୍ତି । ତା' ଛଡ଼ା ମୋ ଜାଣିବାରେ ଅଦ୍ୟାବଧି ବାଲେଶ୍ୱର ଟାଉନରେ ଘରକରି ରହୁଥିବା ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ଭୈରବଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ଆଇ. ଆର୍. ଏସ୍. ହରିଚନ୍ଦ୍ର ବଡ଼ାଳ, ଅବସରପ୍ରାପ୍ତ ଜଏଣ୍ଟ ଡ଼ିରେକ୍ଟର ଅଫ୍ ପବ୍ଲିକ୍ ହେଲଥ୍ ଡା: ବୃନ୍ଦାବନ ଚନ୍ଦ୍ର ବିଶ୍ୱାଳ, ଅବସରପ୍ରାପ୍ତ ଚିଫ୍ ଜିଓଲଜିଷ୍ଟ୍ ନିର୍ମଳଚନ୍ଦ୍ର ନନ୍ଦୀ, ଅବସର ପ୍ରାପ୍ତ ଡ଼ାକ୍ତର ମାର୍କଣ୍ଡ ପ୍ରସାଦ ପାତ୍ର, ଅବସର ପ୍ରାପ୍ତ ଅବକାରୀ ଇନସ୍‌ପେକ୍ଟର ନିର୍ମଳ ଚନ୍ଦ୍ର ବର୍ଦ୍ଧନ, ଅବସର ପ୍ରାପ୍ତ ଡେ଼ପୁଟି କୋପରେଟିଭ ସମବାୟ ରେଜିଷ୍ଟ୍ରାର ବିପିନ ବିହାରୀ ଦତ୍ତ, ସାମ୍ବାଦିକ ଜୟନ୍ତ କୁମାର ଘୋଷ ଆଦି କେତେଜଣ ସ୍ୱନାମଧନ୍ୟ ବ୍ୟକ୍ତି ବାଲେଶ୍ୱର ଜିଲ୍ଲା ସ୍କୁଲର ତାହାଙ୍କର ଛାତ୍ର ଅଟନ୍ତି । ଅଜାଙ୍କର ଛାତ୍ରମାନଙ୍କ ମଧ୍ୟରେ ଓଡ଼ିଶାର ସ୍ୱନାମଧନ୍ୟ କୃତୀ ସନ୍ତାନ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କର ନାମ ଉଲ୍ଲେଖଯୋଗ୍ୟ ଅଟେ । ଅଜାଙ୍କର ଛାତ୍ରବତ୍ସଳତା ଓ ସ୍ନେହଭାବ ଯୋଗୁଁ ଛାତ୍ରମାନେ ତାହାଙ୍କୁ ଭୁଲିପାରି ନ ଥିଲେ । ମୋର ପୂଜନୀୟ ସାନମାମୁଁ ଶରତବାବୁ ଓଡ଼ିଶାର ମୌଳିକ ଶିକ୍ଷାର ସଂଗଠକ ଥା'ନ୍ତି । ତାହାଙ୍କ ଗସ୍ତ

Digitized by srujanika@gmail.com

ସମୟରେ ଅଜାଙ୍କର ଛାତ୍ରମାନଙ୍କ ସଙ୍ଗେ ସାକ୍ଷାତ ହେଲେ ତାହାଙ୍କ ପରିବାର ଖବର ପଚାରି ବୁଝନ୍ତି ।

ମା' କହେ ଯେ ତାଙ୍କର ଘରୋଇ ଶିକ୍ଷକ ବାସୁଦେବ ବାବୁ ଓ ଜଗନ୍ନାଥ ବାବୁ ତାଙ୍କୁ ପଢ଼ାଉଥିଲା ବେଳେ ଅଜା ସମସ୍ତ ସମୟରେ ମା' ଓ ମଉସିଆ ମାମୁଁଙ୍କୁ ପଢ଼ାଉଥିଲେ । ସେ ନାନା ଉଦାହରଣ ଦେଇ ତନ୍ନତନ୍ନ କରି ବୁଝାଇ ଦେଉଥିଲେ ଯାହାକି ସେମାନଙ୍କର ଭଲଭାବରେ ମନେ ରହି ଯାଉଥିଲା । ତାହାଙ୍କର ପ୍ରଖର ବ୍ୟାକରଣ ଜ୍ଞାନ ଥିଲା । ପିଲାମାନଙ୍କର ଶୁଦ୍ଧ ଉଚ୍ଚାରଣ ପ୍ରତି ସେ ତୀକ୍ଷ୍ଣ ଦୃଷ୍ଟି ଦେଉଥିଲେ । ନିଜେ ମଧ୍ୟ ଘରୋଇ କଥାଭାଷାରେ ସଚେତ ରହୁଥିଲେ । ଆମେ ସାଧାରଣତଃ କହୁଥାଉଁ 'ଚୁଡ଼ାଭଜା' । ମାତ୍ର ସେ କହୁଥିଲେ 'ଭଜା ଚୁଡ଼ା' । ତା'ଛଡା ତାଙ୍କର ଶୁଦ୍ଧ ଭାଷା କହିବାରେ ଏପରି ଅଭ୍ୟାସ ହୋଇ ଯାଇଥିଲା ଯେ 'ଆ', 'ଇ' କାର ଆଦି ଘରୋଇ କଥାବାର୍ତ୍ତା କହିବାରେ ବି ଦୀର୍ଘସ୍ୱର ଉଚ୍ଚାରିତ ହୋଇ ଯାଉଥିଲା । ପିଲାମାନଙ୍କର ଉତ୍ତମ ଆଚରଣ ଓ ଚରିତ୍ର ଗଠନ ପ୍ରତି ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା । ଖେଳିବା, ଶୋଇବା, ପିନ୍ଧିବା, ଖାଇବା ଆଦି ସାମଗ୍ରୀ ଆଣିଦେବା ପାଇଁ ପିଲାଏ ତାଙ୍କ ପାଖରେ ମନ ଖୋଲିକରି ପ୍ରକାଶ କରୁଥିଲେ । ପିଲାମାନଙ୍କର ମନ ଲାଖି ସାମ୍ଭାବ୍ୟ ଦ୍ରବ୍ୟ ଯୋଗାଇ ଦେଉଥିଲେ ଏବଂ ମନଖୋଲା ସତକଥା ପ୍ରକାଶ କରିବାରେ ପିଲାମାନଙ୍କ ଉପରେ ସେ ଅଧିକ ସନ୍ତୁଷ୍ଟ ହେଉଥିଲେ ।

ଅଜା ପ୍ରକୃତିର ଶୋଭା ନିରୀକ୍ଷଣ କରିବାରେ ବଡ଼ ଆନନ୍ଦ ଲାଭ କରୁଥିଲେ । ମହାନଦୀ, କାଠଯୋଡ଼ି, ଧବଳେଶ୍ୱର, ଖଣ୍ଡଗିରି, ଭୁବନେଶ୍ୱର, ସାକ୍ଷୀଗୋପାଳ, ପୁରୀ, କୋଣାର୍କ, ଚିଲିକା ଆଦି ଦର୍ଶନୀୟ ସ୍ଥାନମାନଙ୍କୁ ଅବସର ଦିନଗୁଡ଼ିକରେ ସେ ପିଲାମାନଙ୍କୁ ସଙ୍ଗରେ ନେଇ ବୁଲିବାକୁ ଯାଉଥିଲେ । ଦର୍ଶନୀୟ ସ୍ଥାନମାନଙ୍କର ଭୌଗଳିକ, ଐତିହାସିକ ତଥ୍ୟ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କରି ପିଲାମାନଙ୍କୁ ବୁଝାଇ ଦେଉଥିଲେ । ତାହାଛଡ଼ା ବିଭିନ୍ନ ଋତୁର ଆକାଶରେ ଗ୍ରହନକ୍ଷତ୍ରମାନଙ୍କର ( ଛାୟାପଥ, ଅଗସ୍ତି, ସପ୍ତର୍ଷି, ଧ୍ରୁବ, ମଙ୍ଗଳ ପ୍ରଭୃତିଙ୍କ ) ଗତିବିଧି ସମ୍ବନ୍ଧରେ ନିଜେ ନିରୀକ୍ଷଣ କରିବା ସଙ୍ଗେ ସଙ୍ଗେ ପିଲାଙ୍କୁ ତାକୁ ଦେଖାଇ ସ୍ୱରଚିତ କଥାବଳୀ ବହିର 'ଶରତ' ଋତୁ ବର୍ଣ୍ଣନା କରି କହୁଥିଲେ—

"ଦକ୍ଷିଣ ଦିଗର ଲଲାଟେ
ମଥାମଣି ପରିଏ
ବରିଷବରି କାଳେ ଅଗସ୍ତି
ଆହା କି ଶୋଭା ପାଏ !

× × ×

Digitized by srujanika@gmail.com

ଜହ୍ନି ଫୁଲ ଜହ୍ନି ଲଟକା —
ଶେଯେ ଆସିଲା ଫୁଟି ;
ଶ୍ୟାମ ଗୁଳ୍ମପଥେ କି ଅବା
ସ୍ୱର୍ଣ୍ଣ ତାରକା କୋଟି ।”

( କଥାବଳି-୨ୟ ଖଣ୍ଡ, ପୃଷ୍ଠା ୩୧/୩୩ )

ଏତଦ୍‌ବ୍ୟତୀତ ଅଧିକାଂଶ ସମୟରେ ବାସଭବନ ନିକଟରେ ବା ଗାଁଗଣ୍ଡାରେ ଥିବା ବୃକ୍ଷଲତା, ଫଳପୁଷ୍ପ, ପଶୁପକ୍ଷୀ ଯାହାଙ୍କଠାରେ ଯୁଗୁଣ ଅଛି ତାହାକୁ ପିଲାଙ୍କ ଦୃଷ୍ଟିଗୋଚରକୁ ଆଣି ଚରିତ୍ର ଗଠନ ଓ ସତ୍ ଆଚରଣ ସାଧନ କରିବା ପାଇଁ ବୁଝାଇ ନୀତିଶିକ୍ଷା ଦେଉଥିଲେ । ତାଙ୍କ ରଚିତ ‘କଥାବଳି’ରେ ଏହି କଥା ମଧ୍ୟ ଉଲ୍ଲେଖ କରିଛନ୍ତି—

“ନିଜେ ସହି ଝଡ଼ବର୍ଷା ଶୀତରେ କଷଣ
ଜୀବମାନଙ୍କର ହିତ କରଇ ସାଧନ
ଏହି ରୂପେ ଯେଉଁ ଜନ ନିଜେ କଷ୍ଟ ସହି
ପର ହିତ ସାଧେ ତାକୁ ମହାଜନ କହି ।”

( ବଟବୃକ୍ଷ— କଥାବଳି ୧ )

‘ମହୁମାଛି’ ପଦ୍ୟ—

“ଶ୍ରମ ଅଟେ ବଡ଼ ଗୁଣ, ଆଳସ୍ୟର ଅରି
ପ୍ରାଣୀର ମନକୁ ଏହା ମହତ ପ୍ରହରୀ ;
ମେଳେ ମହାକାର୍ଯ୍ୟ ସିଦ୍ଧି ; ଯେ କରେ ସଞ୍ଚୟ
ନଥାଏ ତା ମନେ ଅନାହାର ମୃତ୍ୟୁ ଭୟ,
ଗୁଣମାନଙ୍କରେ ଏହି ତିନି ମଣି ପରି
ଶିଖ ମହୁମାଛିଠାରୁ ତାକୁ ଗୁରୁ କରି ।”

( ମଧୁମାଛି – କଥାବଳି ୧ )

ଋତୁ ଅନୁଯାୟୀ ନାନାପ୍ରକାର ଫଳ ଖାଇବାରେ ତାଙ୍କର ଆନନ୍ଦ ଥିଲା । ଏପରିକି କଂସାଏ ମଣ୍ଡ ବାହାର ପାରିବା ପରି ଗୋଟିଏ ପଣସ ଥରକେ ସେ ଖୁସିରେ ଖାଇପାରୁଥିଲେ । ଆଉ କଣ୍ଟକୀ ସେପରେ ଚୂଡ଼ା ( କଞ୍ଚା ) ଖାଇପାରୁଥିଲେ । ଫଳ ଖାଇବା ସଙ୍ଗେ ମଧ୍ୟ ଫଳ ଗଛ ଲଗାଇବାରେ ତାଙ୍କର ବଡ଼ ସଉକ ଥିଲା । ଏପରିକି

Digitized by srujanika@gmail.com

ବାହାରେ ଥିଲାବେଳେ ଯେଉଁ ସବୁ ଫଳ ଖାଉଥିଲେ ତାହାର ମଞ୍ଜିରୁ ଗଛ ଉତ୍ପନ୍ନ ନିଜ ଜମିରେ ଓ ବାସଗୃହ ନିକଟରେ ଲଗାଇ ବଗିଚା ସୃଷ୍ଟି କରି ଯାଇଛନ୍ତି । ବିଶେଷ କରି ନାନା ଜାତିର ଆମ୍ବ ଓ ନଡ଼ିଆ ଗଛ ଆଦି ତାଙ୍କ ବଗିଚାରେ ତାହାର ଦୃଷ୍ଟାନ୍ତ । ସେହି ଗଛର ଫଳ ଆମ୍ଭେମାନେ ଏବେ ମଧ୍ୟ ଖାଉଛୁଁ । ଏତଦ୍‌ଭିନ୍ନ କୃଷି ଓ ଗୋପାଳନ ପ୍ରତି ତାଙ୍କର ଆଗ୍ରହ ଥିଲା ।

ସେ ନିରାମିଷ ଆହାରୀ ଓ ଏକନିଷ୍ଠ ଧର୍ମପ୍ରାଣ ବ୍ୟକ୍ତି ଥିଲେ । ଅଜା ଶିବ ମନ୍ଦିର ପ୍ରତିଷ୍ଠା କରିଥିଲେ ଏବଂ ଗୋପାଳ ମୂର୍ତ୍ତି ଆଣି ପୁରୋହିତଙ୍କ ଗୃହରେ ରଖି ପୂଜା ଅର୍ଚ୍ଚନାର ବ୍ୟବସ୍ଥା କରିଥିଲେ । ଅଦ୍ୟାବଧି ତାହାଙ୍କ ମୂଳ-ଦେବତା ସେହି ପୁରୋହିତଙ୍କ ଗୃହରେ ପୂଜା ପାଉଛନ୍ତି । ସେ ପ୍ରତ୍ୟହ ସକାଳେ ସନ୍ଧ୍ୟାରେ ଅଧଘଣ୍ଟାଏ ବସି ପ୍ରାର୍ଥନା କରୁଥିଲେ । ପ୍ରାର୍ଥନା ପରେ ପ୍ରଣାମ କରିବା ସମୟରେ ଅଜା ବୋଲୁଥିବା ନିମ୍ନୋକ୍ତ ଦୁଇପଦ ଶ୍ଳୋକ 'ମା' ମୁହଁରୁ ମୁଁ ଅନେକଥର ଶୁଣିଛି—

"ନମାମି ନିତ୍ୟଂ ତବ ପାଦ ଯୁଗ୍ମଂ
ଧ୍ୟାୟାମି ନିତ୍ୟଂ ତବ ପୂର୍ଣ୍ଣ ରୂପମ୍ ।
କରୋମି ନିତ୍ୟଂ କମଳେ ହି ପୂଜାଂ
ନାଥ ! ତ୍ୱଦ୍ଵୀୟ ଚରଣଂ ସ୍ମରାମି ।।"

ସେ ଯୋଗ ଓ ପ୍ରାଣାୟାମ ଶିଖୁଥିଲେ । କୌଣସି ବ୍ୟତିକ୍ରମ ହେବାରୁ ସେ ଆଜୀବନ ଶୂଳ ରୋଗ ଭୋଗିଥିଲେ । ପୂଜ୍ୟପାଦ ଦୟାଲ ଗୃହୀ ବ୍ରହ୍ମଚାରୀ ବନାରସ ନିବାସୀଙ୍କ ସହ ତାଙ୍କର ସମ୍ପର୍କ ଥିଲା । ସେ ବର୍ଷକୁ ଥରେ ଦୁଇଥର ଅଜାଙ୍କ ପାଖକୁ ଆସୁଥିଲେ । ସେ ଘରେ ରହୁଥିଲା ବେଳେ ଗୈରିକ ବସ୍ତ୍ର ପରିଧାନ କରୁଥିଲେ । ଅଧିକାଂଶ ସମୟ ମୌନ ରହି ବାକ୍ ସଂଯମ କରୁଥିଲେ । ଆବଶ୍ୟକତା ପଡ଼ିଲେ ହାତ ଆଙ୍ଗୁଳିର ସଙ୍କେତଦ୍ୱାରା ମନର ଭାବ ପ୍ରକାଶ କରୁଥିଲେ । ରାସ୍ତାରେ ସେ ଯାଉଥିଲା ବେଳେ ଲୋକେ ତାଙ୍କୁ ଦେଖି ବାଟ ଛାଡ଼ିଦେବା ପୂର୍ବରୁ ସେ ନିଜେ ସତର୍କ ହୋଇ ରାସ୍ତାର ଧାରେ ଧାରେ ଚାଲୁଥିଲେ । ଏହି ସ୍ୱଭାବ ତାଙ୍କର ଚିରଦିନ ରହି ଆସିଥିଲା । ସେ ଭୀଷଣ ରାଗୀ ଥିଲେ । ଘରେ, ବାହାରେ ତାହାଙ୍କର କଥାରେ କେହି ଅବମାନନା କରୁଥିଲେ ବା କାର୍ଯ୍ୟରେ ବିଶୃଙ୍ଖଳା ସୃଷ୍ଟି କଲେ ସେ ଏତେ ଚିଡ଼ିଯାଇ ପାଟି କରୁଥିଲେ ଯେ ସତେ ଯେମିତି ମେଘ ଗର୍ଜନ ଦେଉଛି । ସେ ଏପରି ପାଟି କଲା ଫଳରେ ଲୋକେ ବଡ଼ ଭୀତତ୍ରସ୍ତ ହେଉଥିଲେ । ଏପରିକି ସେ କିଛି ସମୟ ପ୍ରିୟ ଲୋକଙ୍କୁ ମଧ୍ୟ କଥାବାର୍ତ୍ତା କରୁନଥିଲେ । ମାତ୍ରକ ସେ ରାଗିଗଲେ ଆକ୍ରୋଶରେ କାହାରି ପ୍ରତି କ୍ଷତି ଘଟାଉ ନଥିଲେ ।

Digitized by srujanika@gmail.com

ଅଜାଙ୍କର ଗୋଟିଏ ବଡ଼ ଗୁଣ ଥିଲା । ଯାହାକି ଆମକୁ ଆଶ୍ଚର୍ଯ୍ୟ କରିଦେଉଥିଲା । ତାହା ହେଉଛି ଶତ୍ରୁଙ୍କୁ ସୁଦ୍ଧା ସେ ବିପଦରେ ସାହାଯ୍ୟ କରୁଥିଲେ । ଅଜାଙ୍କ ସହ ତାହାଙ୍କ ପଡ଼ୋଶୀ ଠକ ସାହୁଙ୍କର ଦୀର୍ଘଦିନ ଧରି ବାଲେଶ୍ୱର କୋର୍ଟରେ ମୋକଦ୍ଦମା ଚାଲି ତାହା କଟକ ଜଜ୍ କୋର୍ଟକୁ ଉଠିଗଲା । ଅଜା ସେତେବେଳେ ଥିଲେ କଟକ ଗୁରୁ ଟ୍ରେନିଂ ସ୍କୁଲରେ । ଠକ ସାହୁଙ୍କର କଟକରେ କାହାରି ସହିତ ପରିଚୟ ନଥାଏ । ମାତ୍ର ତାହାଙ୍କର ମୋକଦ୍ଦମା ସମ୍ବନ୍ଧୀୟ କାଗଜ ପତ୍ର ଓ ଟଙ୍କା ପଇସା ନିରାପଦରେ ରହିବ ଭାବି ସେ ଅଜାଙ୍କ ପ୍ରତି ବିଶ୍ୱାସ ରଖି ତାହାଙ୍କ ବସାରେ ମୋକଦ୍ଦମା ତାରିଖର ଆଗଦିନ ସନ୍ଧ୍ୟା ରାତ୍ରିରେ ସେଇଠି ଆଶ୍ରୟ ନେଉଥିଲେ । ଗତ ସାହୁଲେ ଅଜାଙ୍କ ବିରୁଦ୍ଧରେ କୋର୍ଟରେ ଛିଡ଼ା ହୋଇ ମୋକଦ୍ଦମାରେ ଲଢୁଥିଲେ । ଏହାପରି ଥରେ ନୁହେ ମୋକଦ୍ଦମା ଶେଷ ପର୍ଯ୍ୟନ୍ତ ଚାରି ପାଞ୍ଚଥର ସେ ତାଙ୍କ ବସାରେ ଆଶ୍ରୟ ନେଇଛନ୍ତି । "ଅଜା କହୁଥିଲେ ମୋକଦ୍ଦମା ଓ ବିଚାରରେ ଯାହା ହବାର ହେବ । ମାତ୍ର ତାଙ୍କର ଯଦି ମୋ ପ୍ରତି ବିଶ୍ୱାସ ରହିଛି ଯେ ସେ ନିରାପଦରେ ରହିପାରିବେ, ତେବେ ମୋର ଉଚିତ ତାଙ୍କୁ ଆଶ୍ରୟ ଦେବା ।" ଏପରିକି କଟକରୁ ବାଲେଶ୍ୱରକୁ ଫେରିବା ବାଟ ଖରଚ ଅଭାବ ପଡୁଥିଲା ବେଳେ ସେ ଅଜାଙ୍କଠାରୁ ଧାର ସୂତ୍ରରେ ମଧ୍ୟ ଆଣୁଥିଲେ । ମୋକଦ୍ଦମାରେ ଅବଶ୍ୟ ଅଜାଙ୍କର ଜୟ ମିଳିଥିଲା ।

ଅଜାଙ୍କର ଏକକାଳୀନ ଚାକିରୀ ପ୍ରାପ୍ତ ବାରବର୍ଷ କଟକ ଗୁରୁଟ୍ରେନିଂ ସ୍କୁଲରେ କଟିଗଲା । ତାହା ବ୍ୟତୀତ ଆଗରୁ କିଛୁଦିନ କଟକରେ ବି ରହିଥିଲେ । ତେଣୁ ସେତେବେଳେ ସାହିତ୍ୟିକ ଏବଂ ଖ୍ୟାତନାମା ବ୍ୟକ୍ତି କବିବର ରାଧାନାଥ ରାୟ, ତାହାଙ୍କର ପୁଅ କବି ଶଶିଭୂଷଣ ରାୟ, ବ୍ୟାସକବି ଫକୀରମୋହନ ସେନାପତି, ଭକ୍ତକବି ମଧୁସୂଦନ ରାଓ, ମଧୁସୂଦନ ଦାସ, ଉତ୍କଳ ସାହିତ୍ୟ ପ୍ରେସ ସମ୍ପାଦକ ବିଶ୍ୱନାଥ କର, ମୁକୁର ସମ୍ପାଦକ ବ୍ରଜସୁନ୍ଦର ଦାସ, ପଲ୍ଲୀକବି ନନ୍ଦକିଶୋର ବଳ, ବିହାରର ପୂର୍ବତନ ରାଜ୍ୟପାଳ ମାନ୍ୟବର ନିତ୍ୟାନନ୍ଦ କାନୁନଗୋଙ୍କ ପିତା ବାଲମୁକୁନ୍ଦ କାନୁନଗୋ ପୁଣି ମନ୍ଦରର ତତ୍କାଳୀନ ମେନେଜର ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀଙ୍କ ପିତା ଗୋକୁଳାନନ୍ଦ ଚୌଧୁରୀ ଆଦିଙ୍କ ସହ ଅଜାଙ୍କର ଯୋଗାଯୋଗ ଥିଲା । ଏମାନଙ୍କ ମଧ୍ୟରୁ ଶଶୀବାବୁ, ଅଧିକାଂଶ ସମୟରେ ଅଜାଙ୍କ ପାଖକୁ ଆସୁଥିଲେ । ମା କହେ "ସେମାନେ ଅଧିକାଂଶ ସମୟରେ ସାହିତ୍ୟ ଚର୍ଚ୍ଚାରେ ରତ ରହୁଥିଲେ । (୧୯୧୨) କଟକ ବାରବାଟୀ କିଲା ପଡ଼ିଆରେ ଅନୁଷ୍ଠିତ ହୋଇଥିବା ଦରବାର ଉତ୍ସବକୁ ଅଜା ନିମନ୍ତ୍ରିତ ହୋଇ ଯାଇଥିଲେ । ସେ, ମା ଓ ମାଇଁମାନଙ୍କୁ ଉକ୍ତ ଉତ୍ସବଟିକୁ ଦେଖିବାକୁ ସଙ୍ଗରେ ନେଇ ଯାଇଥିଲେ ।

ଥରକର କଥା, ତାରିଖ ମା'ର ମନେ ନ ଥାଏ । କଟକ ଟାଉନ ହଲରେ ମିଟିଂ ହୋଇଥାଏ । ମାନ୍ୟଗନ୍ୟ ଲୋକମାନଙ୍କ ଡାହାଣରେ ଫକୀରମୋହନ ସେନାପତି

Digitized by srujanika@gmail.com

ଓ ଅଜା ନିମନ୍ତ୍ରିତ ହୋଇ ଯାଇଥାନ୍ତି । ମା' ଅଜାଙ୍କ ସହ ଖୁସିରେ ସେଠାକୁ ଯାଇଥାନ୍ତି ଏବଂ ତାଙ୍କ ପାଖରେ ବସିଥାନ୍ତି । ସମ୍ଭବତଃ ଏହା ଉତ୍କଳ ସାହିତ୍ୟ ସଭା ହେଉଥାଏ । ଫକୀରମୋହନ ବାବୁଙ୍କର ତାଙ୍କ ଭାଷଣର ମଝି ମଝିରେ ହାସ୍ୟରସ ସୃଷ୍ଟି କରିବାର ଅଭ୍ୟାସ ଥାଏ । ସେ ଅଜାଙ୍କ ଆଡ଼କୁ ହାତ ଦେଖାଇ କହିଲେ "ଚନ୍ଦ୍ରମୋହନ ବାବୁ ଓ ମୁଁ ବାଲେଶ୍ୱରଆ ଅଛୁ । ଆମ ମଧ୍ୟରେ ବେଶ ସୁସମ୍ପର୍କ ଅଛି । ମାତ୍ର ସେ ବହି ଲେଖି ଲେଖି କବି ହେଲେ । ମୁଁ କବି କୋଣ ପାଲଟିଗଲି ।" ଫକୀରମୋହନଙ୍କ ମୁହଁରୁ ଏପରି ଅଶ୍ଳୀଳ କଥା ପଦକ ଶୁଣି ବସିଥିବା ସଭାସଦ୍‌ବୃନ୍ଦ ଠୋ ଠୋ କରି ହସି ଉଠିଲେ । ଏହା ବ୍ୟତୀତ ଅଜାଙ୍କର ମୟୂରଭଞ୍ଜ, ତାଳଚେର, ବଣାଇ, ବାମଣ୍ଡା ଆଦି କେତେକ ରାଜା, ମହାରାଜାମାନଙ୍କ ସହ ସମ୍ପର୍କ ଥିଲା । ବାଲେଶ୍ୱରର ମହାରାଜା ରାୟବାହାଦୁର ବୈକୁଣ୍ଠ ନାଥ ଦେ ଓ ତାଙ୍କ ପୁତ୍ରର ମନ୍ମଥ ନାଥ ଦେ ଅଜାଙ୍କୁ ବଡ଼ ସମ୍ମାନ ଦେଖାଉଥିଲେ । ବୈକୁଣ୍ଠ ନାଥ ଦେ ଅଜାଙ୍କୁ ଗୋଟିଏ ସୁନ୍ଦର ସବାରୀ ଖୁସିରେ ଉପହାର ଦେଇଥିଲେ । ସେ ଅଧିକାଂଶ ସମୟ ଅଜାଙ୍କ ପାଖକୁ ଆସୁଥିଲେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଥିଲା ବେଳେ, ଏବଂ ଦୁର୍ଗାପୂଜା ଉତ୍ସବରେ ଅଜାଙ୍କୁ ବରାବର ନିମନ୍ତ୍ରଣ କରୁଥିଲେ । ବାଲେଶ୍ୱର ଜିଲ୍ଲା ସ୍କୁଲରେ ତାହାଙ୍କର ପୁଅ ଅଜାଙ୍କର ଛାତ୍ର ଥିଲେ ।

ମା' ମୁହଁରୁ ଏହିପରି ନାନା କଥା ଶୁଣିଥିବା ଅଜାଙ୍କ ଜୀବନର କାହାଣୀ ମଧ୍ୟରୁ ଦୁଃଖର ଘଟଣାଟି ମୋ ମନରେ ଲିପିବଦ୍ଧ ହୋଇ ରହି ଯାଇଛି । ଅଜା କାର୍ଯ୍ୟରୁ ଅବସର ନେବାର ଠିକ ଦୁଇବର୍ଷ ପରେ ତାଙ୍କର ସେତେବେଳକୁ ପ୍ରାୟ ବାଷଠି ବର୍ଷ ହୋଇଥାଏ । ୧୯୨୯ ମସିହା ବସନ୍ତ ଋତୁରେ ଗ୍ରହଣୀ ଅତିସାର ରୋଗରେ ସେ ଆକ୍ରାନ୍ତ ହେଲେ । ବର୍ତ୍ତମାନ ପରି ବ୍ୟାପକ ଓ ଉନ୍ନତ ପ୍ରଣାଳୀର ଚିକିତ୍ସାର ବ୍ୟବସ୍ଥା ସେତେବେଳେ ନ ଥିଲା । ରୋଗ ଦିନକୁ ଦିନ ବଢ଼ୁଥାଏ । ଘରୋଇ ସାଧାରଣ ଚିକିତ୍ସା କରିବା ପରେ ସେତେବେଳର ବାଲେଶ୍ୱରର ପ୍ରଧାନ ଚିକିତ୍ସାଳୟର ସୁବିଖ୍ୟାତ ଚିକିତ୍ସକ ଡାକ୍ତର ବିଜୟ ସେନଗୁପ୍ତଙ୍କ ଚିକିତ୍ସାରେ ତାଙ୍କୁ ରଖାଗଲା । ସେତେବେଳକୁ ମୋର ବଡ଼ ମାମୁଁ ରେମୁଣା ଏମ. ଇ. ସ୍କୁଲର ପ୍ରଧାନ ଶିକ୍ଷକ ଥାନ୍ତି । ତେଣୁ ସେ ଘରେ ରହୁଥିଲେ । ମଝିଆ ମାମୁଁ ଓକିଲାତି ପରୀକ୍ଷା ଦେଇଥାନ୍ତି ଓ ସାନ ମାମୁଁଙ୍କର ଡ଼ାକ୍ତରୀ ପଢ଼ିବାକୁ ବିଚାର ଥାଏ । ଅଜାଙ୍କର ରୋଗ ଉପଶମ ନ ହୋଇ କ୍ରମେ ବଢ଼ି ବଢ଼ି ଚାଲୁଥିଲା । ତେଣୁ ମୋର ତିନି ମାମୁଁମାନେ ନିଜ ନିଜର କାର୍ଯ୍ୟକ୍ରମ ବନ୍ଦ ରଖି ସେମାନଙ୍କର ପିତୃଦେବଙ୍କ ଉପଯୁକ୍ତ ସେବା ଓ ଚିକିତ୍ସାରେ ନିୟୋଜିତ ହେଲେ । ଅଜାଙ୍କର ପାଞ୍ଚଟି କନ୍ୟା—ମୋର ମା ଶ୍ରୀମତୀ ଉମା, ମାଉସୀ ଶ୍ରୀମତୀ ସାବିତ୍ରୀ, ଶ୍ରୀମତୀ ଜୟନ୍ତୀ, ପଦ୍ମାବତୀ । ଶେଷ ଦୁଇ ମାଉସୀ ସାନ ଥିବାରୁ

Digitized by srujanika@gmail.com

ମା ଓ ବଡ଼ ଦୁଇ ମାଉସୀ ପାନ ଆଦି ଅଜାଙ୍କ ପାଖରେ ରହି ସେବା ଶୁଶ୍ରୂଷାରେ ଭାଗ ନେଉଥିଲେ । ଡାକ୍ତର ବିଜୟ ବାବୁଙ୍କ ମାମୁଁମାନେ ପ୍ରତ୍ୟହ ରୋଗର ବିବରଣୀ ଜଣାଇ ଚିକିତ୍ସା ଓ ଔଷଧର ବ୍ୟବସ୍ଥା କରାଉଥିଲେ । ବିଜୟ ବାବୁ ମଧ୍ୟ ବରାବର ଅଜାଙ୍କୁ ଦେଖିବାକୁ ଆସୁଥିଲେ । ମାତ୍ର ତାଙ୍କର ରୋଗ କ୍ରମେ ପ୍ରବଳ ହେଲାରୁ ସେ ଚଲାବୁଲା କରି ନପାରି ଶଯ୍ୟାଶାୟୀ ହୋଇଗଲେ । ସେ ସବୁବେଳେ ଶୋଇ ରହିବା ଫଳରେ ତାହାଙ୍କ ମନରେ ଅଶାନ୍ତି ସୃଷ୍ଟି ହେଉଥିଲା । ବେଳେ ବେଳେ ଦିନ ଓ ରାତ୍ରିର ସମସ୍ତ ପରିଶ ବୁଝୁଥିଲେ । ସେ ଦିନର ତାରିଖ ମା'ର ମନେ ନଥିଲା । ତାଙ୍କ ପାଖରେ ମା ଓ ମଝିଆଁ ମାମୁ ଥିଲେ । ସୂର୍ଯ୍ୟାସ୍ତ ହେବାକୁ ଯାଉଛି, ତାହା ପଚାରି ବୁଝି ଅଜା କହି ଉଠିଲେ "ଲୋକନାଥ, ମୋର ଗୋଡ଼ ତଳ ଝରକାର କବାଟ ଦୁଇଟି ଖୋଲି ଦେ । ମୁଁ ଟିକିଏ ବସନ୍ତ ଋତୁର ସାୟଂକାଳୀନ ଶୋଭା ଦେଖିବି ।" ଅଜା ଯେଉଁ କୋଠରୀର ଖଟ ଉପରେ ଶୋଉଥାନ୍ତି ତାଙ୍କର ମୁଣ୍ଡ ଉପରର ଦକ୍ଷିଣ ଦିଗକୁ ଏକ ଝରକା ଓ ସାମନାରେ ଉତ୍ତର ଦିଗକୁ ଗୋଡ଼ ତଳ କାନ୍ଥରେ ଆଉ ଏକ ଝରକା ଥାଏ । ଉକ୍ତ ଘରର ଉତ୍ତର ଦିଗକୁ ତାଙ୍କର ଫଳାବାଡ଼ିରେ ଏବଂ ଗୋହିରି ଉପରକୁ ଅନ୍ୟ ଲୋକଙ୍କର ଖୋଲା ବାଡ଼ିରେ ବାଉଁଳ, ଆମ୍ବ, ଅଶ୍ୱତ୍ଥ, ବାଉଁଶ ଆଦି ନାନା ପ୍ରକାର ବୃକ୍ଷଲତା ହୋଇଛି । ମଣିଷ ସୁସ୍ଥ ଅବସ୍ଥାରେ ଚଲାବୁଲା କରିପାରୁଥିବା ସମୟରେ ଘରଆଡ଼ର ଈଶ୍ୱରଙ୍କ ସୃଷ୍ଟିର ନାନା ପ୍ରାକୃତିକ ଦୃଶ୍ୟ ତାହାର ଦୃଷ୍ଟିଗୋଚରକୁ ଆସି ମନରେ ଆନନ୍ଦ ଦେଇଥାଏ । କିନ୍ତୁ ଅଜା ରୋଗର ଯନ୍ତ୍ରଣା ଭୋଗି ଏଣେ ଶଯ୍ୟାଶାୟୀ ହୋଇ ରହିଥିବା ଯୋଗୁଁ ତାହାଙ୍କୁ ଘୋର ଅଶାନ୍ତି ଲାଗୁଥାଏ । ମୁଁ ତ ଆଗରୁ କହିଛି ଯେ ସେ ନାନା ପ୍ରକାର ପ୍ରକୃତିର ଶୋଭା ଉପଭୋଗ କରି ସନ୍ତୋଷ ପାଉଥିଲେ । ତେଣୁ ତାଙ୍କର ବସନ୍ତ ଋତୁର ପ୍ରାକୃତିକ ଶୋଭା ନିରୀକ୍ଷଣ କରିବାକୁ ମନ ବଡ଼ ବ୍ୟାକୁଳ ହେଲା ।

ମାମୁଁ ତହୁଁ କହିଲେ "ବାବା ! ଝରକା ଖୋଲିଦେଲେ ଘର ଭିତରକୁ ଥଣ୍ଡା ପବନ ଆସିବ ।" ଅଜା କହିଲେ "ଅରେ ! ଆଉ କଣ ମୁଁ ଦେଖି ପାରିବି ?" ତହୁଁ ମଝିଆଁ ମାମୁ ଝରକା ଦୁଇଟିର କବାଟ ପୁରା ଖୋଲିଦେଲେ । ସୂର୍ଯ୍ୟଙ୍କର ଅସ୍ତମିତ କିରଣ ବୃକ୍ଷଲତା ଉପରେ ଠାଏ ଠାଏ ପ୍ରତିଫଳିତ ହୋଇଥାଏ । ଅଜା ଚିତ୍ତ ଅବସ୍ଥାରେ ଶୋଇଥାନ୍ତି । ଗୋଡ଼ ତଳ ଝରକା ବାଟେ ତାଙ୍କର ଦୃଷ୍ଟି ପଡ଼ିଲା ଅସ୍ତମିତ ଜ୍ୟୋତିର ପ୍ରତିଫଳିତ ବୃକ୍ଷଲତା ଉପରକୁ । ସେହି ସମୟରେ ଶୋଭାକୁ ବର୍ଣ୍ଣନା କରି ସେ କହିଲେ "ଆହା, କି ମନୋମୁଗ୍ଧକର ଦୃଶ୍ୟ ! ଶୁଣାଯାଉଛି ପକ୍ଷୀର କାକଳି । ଶାନ୍ତି ଲାଗୁଛି ଦେହକୁ ଏ ଶୀତଳ ପବନ ।" ତାଙ୍କର ସ୍ୱାସ୍ଥ୍ୟ ଦିନକୁଦିନ କ୍ଷୀଣ ହେଉଥାଏ । ଅଜା କହି ଉଠିଲେ—

Digitized by srujanika@gmail.com

"ଯଥା ଶୀର୍ଣ୍ଣ ଦୀପ ଦଶେ କେତେ ମ୍ଲାନ
ପ୍ରାନ୍ତେ ଦୀପ ଯଥା ଲଭଇ ନିର୍ବାଣ ॥"

ସନ୍ଧ୍ୟା ହେଲା । କ୍ରମେ ଅନ୍ଧାର ଘୋଟିଗଲା । ଝରକା ବନ୍ଦ କରି ଦିଆଗଲା ।

ବିଶ୍ୱ ବିଜ୍ଞାନୀ ରଚିତ ପ୍ରକୃତିର ଶୋଭା ଜୀବନ ସାରା ନିରୀକ୍ଷଣ କରି କରି ତାହାଙ୍କ ସ୍ୱରଚିତ କଥାବଳୀ ଦୁଇଖଣ୍ଡ ଆଦି ବ୍ୟାକରଣ ପୁସ୍ତକମାନଙ୍କରେ ତାହାର ଭାବ ବର୍ଣ୍ଣନା କରିସାରି ମୃତ୍ୟୁଶଯ୍ୟାରେ ବୋଧହୁଏ ଆଉ ଥରେ ଅତୃପ୍ତ ବାସନା ମେଣ୍ଟାଇବା ପାଇଁ ବସନ୍ତ ଋତୁର ସାୟଂକାଳୀନ ଶୋଭା ନିରୀକ୍ଷଣ କରି ସାରିବାର ଅଳ୍ପ ଦିନ ପରେ ୧୯୨୯ ମସିହା ଅପ୍ରେଲ · ତାରିଖ ଚୈତ୍ର ମାସ ଅମାବାସ୍ୟା ତିଥିରେ ସୂର୍ଯ୍ୟ ମା କୋଳକୁ ଯାଉଥିବା ସମୟରେ ସେ ଚିରଦିନ ପାଇଁ ଆମ୍ଭମାନଙ୍କୁ ଛାଡ଼ି ଏ ସଂସାରରୁ ବିଦାୟ ନେଲେ ।

"ଧନ୍ୟ ! ଆପଣ ସୁଯୋଗ୍ୟ ବିଜ୍ଞାନୀ ରୂପେ ଏକ ଯୁଗରେ ଗଢ଼ିଥିଲେ ଉତ୍କଳ ଭୂମିରେ କେତେ କେତେ କର୍ମବୀର, ଜ୍ଞାନବୀର ମହାରଥୀଙ୍କୁ । ଉତ୍କଳର ଜ୍ଞାନ ଦୀପ ଜାଳିଛନ୍ତି ଆଜି ଆପଣଙ୍କ ପଟ୍ଟଶିଷ୍ୟବୃନ୍ଦ । ହେ ମାତାମହ ! ଅଜ୍ଞାନାବସ୍ଥାରୁ ଏ ହତଭାଗା ଆପଣଙ୍କୁ ହରାଇ ଆପଣଙ୍କ ଶ୍ରୀମୁଖରୁ ସ୍ନେହଭରା ହିତ ବାଣୀ ପଦପଦ ଶୁଣିବାରୁ ବଞ୍ଚିତ ହୋଇଛୁ । ଭାଗ୍ୟହୀନର ଅଳି ଏତିକି ଯେ ତବ କୃପାବିନ୍ଦୁ ନିରନ୍ତର ମିଳୁଥାଉ, ଆପଣଙ୍କ ମହାନ୍ ଆତ୍ମାର ସଦ୍‌ଗତି ହେଉ, ଈଶ୍ୱରଙ୍କଠାରେ ପ୍ରାର୍ଥନା ।

Digitized by srujanika@gmail.com

# ପ୍ରଧାନ ଶିକ୍ଷକ ସେ ଯୁଗର

ଶ୍ରୀ ଜଗନ୍ନାଥ ଷଡ଼ଙ୍ଗୀ

ସେ ଯୁଗର ବିଶିଷ୍ଟ ସାହିତ୍ୟିକ, ଅତ୍ୟନ୍ତ ଛାତ୍ରବତ୍ସଳ, ଆଦର୍ଶ ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନ ମହାରଣାଙ୍କୁ ଦେଖିବାର ସୌଭାଗ୍ୟ କେବେ ମୋର ଘଟିନାହିଁ । ମାତ୍ର ତାଙ୍କର ମହତ୍ତ୍ୱ, ଶିକ୍ଷାଦାନ ପଦ୍ଧତି, ଛାତ୍ରମାନଙ୍କ ପ୍ରତି ଅକୃତ୍ରିମ ସ୍ନେହ, ମମତା ସମ୍ପର୍କରେ ପଢ଼ିଛି ଯେତିକି, ଲୋକ ମୁଖରୁ ଶୁଣିଛି ତାଠାରୁ ଢେର ଅଧିକ ।

ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୟରେ ପାଠ୍ୟପୁସ୍ତକ ଥିଲା ଭକ୍ତକବି ମଧୁସୂଦନ ରାଓଙ୍କ "ସାହିତ୍ୟ କୁସୁମ" ଏବଂ ଦ୍ରୁତପଠନ ପାଠ୍ୟ ଥିଲା ଶ୍ରୀ ଚନ୍ଦ୍ରମୋହନ ମହାରଣାଙ୍କ "ଲକ୍ଷିତ କଥାବଳୀ" । ଆମର ସେ ସାହିତ୍ୟ ଶିକ୍ଷକ ଥିଲେ ସେ ଟ୍ରେନିଂ ସ୍କୁଲରେ ଚନ୍ଦ୍ରମୋହନ ବାବୁଙ୍କ ଛାତ୍ର । ଗୁରୁଙ୍କ ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ବୁଝାଇବାକୁ ଯାଇ ସେ ଥରେ କହୁଥିଲେ, ଆମ ହେଡ଼ମାଷ୍ଟର ଚନ୍ଦ୍ରମୋହନ ବାବୁ ଶ୍ରେଣୀରେ ଗାଈ ବିଷୟରେ ପ୍ରବନ୍ଧ ଲେଖିବାକୁ ନିର୍ଦ୍ଦେଶ ଦେଲେ । ଛାତ୍ରମାନଙ୍କ ଲିଖିତ ପ୍ରବନ୍ଧ ଦେଖି ସାରିଲା ପରେ କହିଲେ, "ଗାଈ ପାଟିର ଦାନ୍ତ କଥା ତ କେହି ଲେଖି ନାହିଁ । ସେ ସମ୍ପର୍କରେ କିଛି ଜାଣି ନାହିଁ ବୋଧହୁଏ ।"

ଚପରାଶିକୁ ପଠାଇ ହତାରେ ଚରୁଥିବା ଗୋଟିଏ ବାଛୁରୀକୁ ଧରି ଆଣିଲେ ଏବଂ ଶ୍ରେଣୀ କୋଠରୀରେ ତାର ପାଟି ମେଲା କରାଇ ଦେଖାଇଦେଲେ ଯେ, ପାଟିର ଗୋଟିଏ ପାଖରେ ଦାନ୍ତ ଓ ଅନ୍ୟ ପାଖଟିରେ ଚାଖୁଆ ମାଢ଼ି ରହିଛି ।

ଅନ୍ୟ ଛାତ୍ରଙ୍କ ଠାରୁ ଆଉ ଗୋଟିଏ ଶୁଣିବା କଥା ।

ସତ୍ୟବାଦୀ ବିହାରର ପ୍ରଧାନ ଶିକ୍ଷକ ବିଶିଷ୍ଟ ଐତିହାସିକ ପଣ୍ଡିତ କୃପାସିନ୍ଧୁ ମିଶ୍ର ପୁରୀ ଜିଲା ସ୍କୁଲର ଛାତ୍ର । ସେତେବେଳେ ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନ ବାବୁ, କୌଣସି କାରଣରୁ ଦଣ୍ଡ ସ୍ୱରୂପ ତାଙ୍କୁ ସାତଦିନ ପର୍ଯ୍ୟନ୍ତ ବେଞ୍ଚ ଉପରେ ଠିଆ ହେବା ପାଇଁ ଆଦେଶ ଦେଇଥିଲେ । ଦୁଇଦିନ ପରେ ଦେଖାଗଲା, ଛାତ୍ରଙ୍କ ପାଦ ଦୁଇଟି ଅସମ୍ଭବ ରକମର ଫୁଲିଗଲାଣି— ସେ ବାତଜ୍ୱରରେ ଆକ୍ରାନ୍ତ । ପ୍ରଧାନ ଶିକ୍ଷକଙ୍କର ସେଥିପ୍ରତି ଦୃଷ୍ଟି ଯାଇ ନାହିଁ କି ଛାତ୍ର ଭୟରେ ସେ ସମ୍ପର୍କରେ କୌଣସି ଆପତ୍ତି କରି ନାହାନ୍ତି । ତୃତୀୟ ଦିନ ପଣ୍ଡିତ ଗୋପବନ୍ଧୁ ଦାସ ପ୍ରଧାନ ଶିକ୍ଷକଙ୍କ ଦୃଷ୍ଟିକୁ ଏହା

Digitized by srujanika@gmail.com

ଆଣିବାରୁ ଛାତ୍ରଙ୍କୁ ଦଣ୍ଡରୁ ତ ସଙ୍ଗେ ସଙ୍ଗେ ଅବ୍ୟାହତି ମିଳିଲା । ପ୍ରଧାନ ଶିକ୍ଷକଙ୍କ ମନରେ ଅତ୍ୟନ୍ତ ଆଘାତ ମଧ୍ୟ ଲାଗିଲା । ତା ପରଠାରୁ ସେ ଯେତେ ବ୍ରୁଦ୍ଧ ହେଲେ ମଧ୍ୟ କୌଣସି ପିଲାକୁ ଆଉ ଠିଆ କରାଇ ରଖିବା ଦଣ୍ଡ ଦେଇ ନାହାନ୍ତି । ପରେ ଯେତେବେଳେ କୃପାସିନ୍ଧୁ ବାବୁଙ୍କ ସହିତ ତାଙ୍କର ଦେଖା ମିଳେ, ସେ ସଙ୍ଗେ ସଙ୍ଗେ ନଇଁପଡ଼ି ଛାତ୍ରଙ୍କ ପାଦ ଦୁଇଟି ଆଉଁସି ଦିଅନ୍ତି ଓ ବଡ଼ ଅନୁତପ୍ତ ସ୍ୱରରେ ଦୁଃଖ ପ୍ରକାଶ କରିଆନ୍ତି, "ମୋର ଲାଗି ସିନା ତୁମର ଏ ଦଶା ହେଲା ।"

୧୯୨୯ରେ ଏହି ଛାତ୍ରବତ୍ସଳ ପ୍ରଧାନ ଶିକ୍ଷକଙ୍କର ତିରୋଧାନ ଘଟିଲା । ସେ ସମୟରେ ସୁସାହିତ୍ୟିକ ପୂଜ୍ୟ ଶ୍ରୀଯୁକ୍ତ ହରିଶଚନ୍ଦ୍ର ବଡ଼ାଳ ତାଙ୍କ ପ୍ରଧାନ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ସ୍ମୃତି ତର୍ପଣ କରି 'ଉତ୍କଳ ସାହିତ୍ୟ'ରେ ଯେଉଁ ପ୍ରବନ୍ଧଟି ଲେଖିଥିଲେ, ତାହା ଯେପରି ମର୍ମସ୍ପର୍ଶୀ ହୋଇଥିଲା, ସେହିପରି ତାଙ୍କ ମହାନୁଭବତା ତଥା ଛାତ୍ର-ବତ୍ସଳତାର ଉତ୍କୃଷ୍ଟ ପରିଚୟ ଦେଇଥିଲା ।

— ବିଶ୍ୱ ବିଦ୍ୟାଳୟ ପରୀକ୍ଷା ଆଉ ଅଳ୍ପଦିନ ବାକି ଅଛି । ଟିଉସନ କରି ନିଜର ଖର୍ଚ୍ଚ ତୁଲାଉଥିବା ବାଲେଶ୍ୱର ଜିଲା ସ୍କୁଲର ସୁଯୋଗ୍ୟ ପରୀକ୍ଷାର୍ଥୀ ଶ୍ରୀ ବଡ଼ାଳ ନିଜ ପରୀକ୍ଷା କଥା ଚିନ୍ତା ନକରି ଟିଉସନରେ ପଢାଉଥିବା ଛାତ୍ରକୁ ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଇବା ପାଇଁ ବ୍ୟସ୍ତ ରହିଆନ୍ତି । ପିଲାଟିକୁ ପଢ଼ାଇସାରି ଦିନେ ରାତି ଦଶଟାରେ ନିଜ ବସାକୁ ଫେରୁଥିଲେ । ଘୋର ଅନ୍ଧାର ରାତି । ମନରୁ ଭୂତପ୍ରେତ ଭୟ ଦୂର କରିବା ପାଇଁ କୁମାର ସମ୍ଭବରୁ ଶ୍ଳୋକ ଉଚ୍ଚକଣ୍ଠରେ ଆବୃତ୍ତି କରି ଆସୁଥାଆନ୍ତି । ବାଟରେ ପ୍ରଧାନ ଶିକ୍ଷକଙ୍କ ବାସଗୃହ । ପ୍ରଧାନ ଶିକ୍ଷକ ଚପରାଶିକୁ ପଠାଇ ସଙ୍ଗେ ସଙ୍ଗେ ତାଙ୍କୁ ଗୃହକୁ ଡ଼ାକିନେଲେ । ଛାତ୍ର ଅତିଶୟ ଭୀତତ୍ରସ୍ତ ହୋଇ ପଡ଼ିବାରୁ ଶୀତ ରାତ୍ରିରେ ମଧ୍ୟ ତାଙ୍କ ଦେହରୁ ଝାଳ ବୋହିଲା । ଯମ ସଦୃଶ ଧାରଣା କରିଥିବା ହେଡ଼-ମାଷ୍ଟରଙ୍କ ସମ୍ମୁଖରେ ଠିଆ ହୋଇ ସେ ଯେଉଁ ମମତାପୂର୍ଣ୍ଣ ବ୍ୟବହାର ପାଇଲେ ତାହା ସୁନ୍ଦର ଭାବରେ ଏହି ପ୍ରବନ୍ଧରେ ବର୍ଣ୍ଣନା କରିଅଛନ୍ତି । ପନ୍ଦ୍ରଶ ବର୍ଷ ତଳେ ପଢ଼ିଥିଲି । ଯେତେଦୂର ମନେ ପଡୁଛି, ସେହି ଦିନଠାରୁ ଛାତ୍ରଙ୍କର ସବୁ ଅସୁବିଧା ଦୂର ହୋଇଥିଲା ଓ ଚନ୍ଦ୍ରମୋହନ ବାବୁଙ୍କ ସାହାଯ୍ୟ ସହଯୋଗରେ ସେ ଆଉ ଟିଉସନ ଅର୍ଥ ଉପରେ ନିର୍ଭର ନକରି ବିଶ୍ୱବିଦ୍ୟାଳୟ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲେ ।

ଏହି ହେଉଛନ୍ତି ସେ ଯୁଗର ଛାତ୍ରମାନଙ୍କର ପରମ ପୂଜନୀୟ ହେଡ଼ମାଷ୍ଟର ଚନ୍ଦ୍ରମୋହନ ମହାରଣା । ଆଜିକାଲିର ଶିକ୍ଷକ ଓ ଛାତ୍ରସମାଜ ପକ୍ଷରେ ଏହା-ହିଁ ଗଳକେ ଅବିଶ୍ୱାସର ବିଷୟ ।

Digitized by srujanika@gmail.com

# ଚନ୍ଦ୍ରମୋହନ ଓ ତାଙ୍କ ରଚିତ ବ୍ୟାକରଣ

ସୁଧାଂଶୁ ଶେଖର ରାୟ

ରବୀନ୍ଦ୍ରନାଥ ପାଠ୍ୟ ପୁସ୍ତକ ଲେଖିଛନ୍ତି । ପାଠ୍ୟ ପୁସ୍ତକ ଲେଖିଛନ୍ତି ରାଧାନାଥ, ମଧୁସୂଦନ, ଫକୀର ମୋହନ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର । ଏମାନେ ସମସ୍ତେ ଥିଲେ ଅସାଧାରଣ ପ୍ରତିଭାର ଅଧିକାରୀ । ଏମାନଙ୍କର ଲେଖଣୀ ସାହିତ୍ୟର ଅଜସ୍ର ଫୁଲ ଫୁଟାଇଛି । ଏମାନେ ପୁଣି ଥିଲେ ହୃଦୟବାନ ଶିକ୍ଷକ କିମ୍ବା ଶିକ୍ଷାଦାନ ସହିତ ଓତପ୍ରୋତ ଭାବରେ ସଂପୃକ୍ତ । ଛାତ୍ରଛାତ୍ରୀଙ୍କର କଅଁଳ ଜୀବନର ସଜ ସୁରଭି ଏମାନଙ୍କୁ ଆମୋଦିତ କରିଛି । ସେଇ ଜୀବନକୁ ଗଢ଼ିବା ସକାଶେ, ସେଥିରେ ଚେତନାର ଦୀପଶିଖା ଜାଳି ଦେବା ସକାଶେ, ତାକୁ ସୁସ୍ଥ, ସୁନ୍ଦର ଓ ସମୃଦ୍ଧ କରିବା ସକାଶେ ଏମାନେ ଜୀବନ ସମର୍ପଣ କରିଛନ୍ତି । ତେଣୁ ଏମାନଙ୍କ ରଚିତ ପାଠ୍ୟ-ପୁସ୍ତକରେ ରହିଛି ନୂତନ ଦିଗନ୍ତର ଆଭା, ମାନବ ଜୀବନର ନୂତନ ଅଧ୍ୟାୟର ଆସ୍ୱାଦ । ବିତ୍ତ ମୁତାବକ ନୁହେଁ ପ୍ରାଣର ପ୍ରେରଣା ନେଇ ଏମାନେ ପାଠ୍ୟ ପୁସ୍ତକ ରଚନା କରିଛନ୍ତି ।

ଚନ୍ଦ୍ରମୋହନ ମହାରଣା ଥିଲେ ଜଣେ ଅସାଧାରଣ ଶିକ୍ଷକ । ସେ ତାଙ୍କ ଛାତ୍ରଙ୍କୁ କେବଳ ଜୀବିକାର ସନ୍ଧାନ ଦେଉ ନଥିଲେ, ସେ ସେମାନଙ୍କୁ ମଧ୍ୟ ଦେଉଥିଲେ ବିଚିତ୍ର, ବିପୁଳ ଜୀବନର ନାନା ମହତ୍ତ୍ୱ ଓ ରହସ୍ୟର ସନ୍ଧାନ । ଶିକ୍ଷାଦାନରେ ତାଙ୍କର ଥିଲା ଅତୁଳନୀୟ, ଅନୁପମ, ବିରଳ ନିଷ୍ଠା । ତାଙ୍କ ଆଚରଣ, ଚାଲି, ଚଳଣି, ରଙ୍ଗ, ଢଙ୍ଗରେ ଆଦର୍ଶର ଆଭା ଉକୁଟି ଉଠୁଥିଲା । ତାଙ୍କ ଦେହ ଦଣ୍ଡିକରେ ଚାରିତ୍ରିକ ମହିମା ରୂପ ଲାଭ କରିଥିଲା । ସତ କୁହ 'କ୍ଷମାଶୀଳ ହୁଅ', 'ବିନମ୍ରୀ ହୁଅ,' 'ନ୍ୟାୟନିଷ୍ଠ ହୁଅ', 'କର୍ତ୍ତବ୍ୟ ପରାୟଣ ହୁଅ', 'ଜ୍ଞାନ ପିପାସୁ ହୁଅ'— ଏଇପରି ଯେଉଁ କଥାଗୁଡ଼ିକ ଆମେ କିତାବରେ ପଢ଼ୁ ଏବଂ ପ୍ରବନ୍ଧମାନଙ୍କରେ ଲେଖୁ ସେଗୁଡ଼ିକ ତାଙ୍କ ଜୀବନରେ ହିଁ ସ୍ଥାନ ପାଇଥିଲା । ଏପରି ଶିକ୍ଷକ ସାରା ଓଡ଼ିଶାରେ ଅତି ଅଳ୍ପ କେତେ-ଜଣ ଜନ୍ମିଛନ୍ତି । ସେମାନଙ୍କୁ ଗଣିବା ଲାଗି ହାତ ଆଙ୍ଗୁଠି ହିଁ ଯଥେଷ୍ଟ ।

ସେ ପୁଣି ଥିଲେ ବିପୁଳ ପ୍ରତିଭାର ଅଧିକାରୀ ଏବଂ ସ୍ୱତଃ ପ୍ରବୃତ୍ତ ହୋଇ ସେ ଗ୍ରହଣ କଲେ ଶିଶୁ ପାଠ୍ୟ ପୁସ୍ତକ ରଚନା କରିବାର ଦାୟିତ୍ୱ । ଅତି କଠିନ ସେ ଦାୟିତ୍ୱ— ଅତ୍ୟନ୍ତ ଗୁରୁତର ।

Digitized by srujanika@gmail.com

ଅନେକେ ହିଁ ସେ ଦାୟିତ୍ୱ ନେଇଛନ୍ତି । କିନ୍ତୁ ସାଫଲ୍ୟ ସହିତ, ନିଷ୍ଠା ଓ ଯୋଗ୍ୟତା ସହିତ ତୁଲାଉଛନ୍ତି କେତେଜଣ ? ପାଠ୍ୟ ପୁସ୍ତକ ରଚୟିତା ରୂପେ ପାଗ ବନ୍ଧା ହେଉଛି ଏମାନଙ୍କ ମୁଣ୍ଡରେ ଶିକ୍ଷା ବିଭାଗ ତରଫରୁ କିମ୍ବା ପ୍ରକାଶକମାନଙ୍କ ଦ୍ୱାରା । ଅନେକ କ୍ଷେତ୍ରରେ ହିଁ ଏଥିଁ ଗଡ୍ଡୁ ଗଡ୍ଡୁ ମାଙ୍କଡ ଗଢ଼ା ହେଉଛି ।

ଶିଶୁମାନଙ୍କର ଭାଷା ଓ ସାହିତ୍ୟ ଶିକ୍ଷା ସକାଶେ ଯେଉଁ ପୁସ୍ତକ ସବୁ ରଚନା କରିଗଲେ ମଧୁସୂଦନ ସେଗୁଡ଼ିକ ଏ ଯାଏ ବି ଅଦ୍ୱିତୀୟ ହୋଇ ରହିଛି । ସାହିତ୍ୟ ଜରିଆରେ ପ୍ରକୃତିକୁ ଚିହ୍ନିବାର, ଜାତି ପ୍ରତି ଆକୃଷ୍ଟ ହେବାର, ଠାକୁରଙ୍କ ମୁଣ୍ଡି ଆଣ୍ଠିଏ ମାରିବାର ସୃଷ୍ଟି କଲା ଏପରି ସୁନ୍ଦର ଭାବରେ ଅନ୍ୟ କୌଣସି ପୁସ୍ତକ ଶିଖାଇ ପାରିଲା ନାହିଁ ।

ଚନ୍ଦ୍ରମୋହନଙ୍କର 'କଥାବଳୀ' ସେଇ ପ୍ରକାରର ସାହିତ୍ୟ ପୁସ୍ତକ ।

ଶିଶୁ ମନରେ ଭାଷାର ଚମକ ସହିତ ସୌନ୍ଦର୍ଯ୍ୟ ପ୍ରେମ, ଜାତି ପ୍ରେମ ଓ ବିଶ୍ୱ ପ୍ରେମକୁ ଗୁନ୍ଥି ଦେବାର କାରିଗରୀ ଜାଣିଥିଲେ ଏଇମାନେ । ଶିକ୍ଷାପ୍ରୀତି, ଛାତ୍ର ବାତ୍ସଲ୍ୟ ଓ ପ୍ରତିଭା ଏମାନଙ୍କୁ ଦେଇଥିଲା ପାଠ୍ୟ ପୁସ୍ତକ ରଚନାର ଅସାଧାରଣ ଯୋଗ୍ୟତା ।

ଚନ୍ଦ୍ରମୋହନ ମଧ୍ୟ ରଚନା କରିଥିଲେ ଯୋଡ଼ାଏ ବ୍ୟାକରଣ ପୁସ୍ତକ । କ୍ଷୁଦ୍ର-କାୟ ସେଇ ପୁସ୍ତକ ଯୋଡ଼ିକ । ବିଦ୍ୟାଳୟର ପ୍ରଥମ ସ୍ତର ସକାଶେ ରଚିତ ଏଇ ପୁସ୍ତକ ଯୋଡ଼ିକ । ନାମ ମଧ୍ୟ ଦିଆଯାଇଛି— 'ବ୍ୟାକରଣ'— ପ୍ରଥମ ସୋପାନ ଓ ବ୍ୟାକରଣ ୨ୟ ସୋପାନ ।

ଭାଷା ଗଠନର କଳା କୌଶଳ ଜଣା ପଡ଼େ ବ୍ୟାକରଣ ଗ୍ରନ୍ଥରୁ । ଭାଷାର ଆକାରକୁ ବିଶେଷ ଭାବରେ ଏହା ଅଧ୍ୟୟନ କରେ । ତେଣୁ ଏହାର ନାମ ବ୍ୟାକରଣ ।

ପାଣିନି ବ୍ୟାକରଣ ସୃଷ୍ଟି କରିବାକୁ ଯାଇ ଯେଉଁ ଅଦ୍ୱିତୀୟ ଗ୍ରନ୍ଥ ରଚନା କଲେ ତାର ନାମ ହେଲା— "ଶବ୍ଦାନୁଶାସନ" । ଚାରି ହଜାର ଶ୍ଳୋକର ସମଷ୍ଟି ଏଇ ମହାନ ଗ୍ରନ୍ଥ । ବୈଦିକ ଭାଷାର ଠାଣି ଓ ଚଳଣିଠାରୁ ପୃଥକ ହେବାକୁ ଲାଗିଲା ମହାକାବ୍ୟ ଓ କାବ୍ୟଯୁଗର ସଂସ୍କୃତ ଭାଷା । ବିସ୍ତାର ରୂପରେ, ବିଭକ୍ତିରେ ଏବଂ ଅନ୍ୟ କେତେକ କଥାରେ ଆସିଲା ପାର୍ଥକ୍ୟ ଆସିଲା ବିଭେଦ । ଭାଷାର ଏଇ ନୂତନ ଗତି-ପ୍ରକୃତିକୁ ଚିହ୍ନେଇ ଦେବାଲାଗି— ଏବଂ ତାକୁ ଏକ ସୁଷ୍ଠୁ ପ୍ରଣାଳୀର ଦୃଢ଼ତର ଭିତ୍ତିରେ ପ୍ରତିଷ୍ଠିତ କରିଦେବା ଲାଗି ଜନ୍ମଲାଭ କଲା ପାଣିନିଙ୍କ ଏଇ [illegible]

Digitized by srujanika@gmail.com

ସୃଷ୍ଟି । ମହାକାବ୍ୟ ଓ କାବ୍ୟ ଯୁଗରେ ଯେଉଁ ସଭ୍ୟତାର ଜୁଆର ମାଡ଼ୁଥିଲା ସମାଜ ଜୀବନରେ ତାହାର ସାକ୍ଷୀ ହୋଇ ରହିଗଲା ଏଇ ଗ୍ରନ୍ଥ ଖଣ୍ଡିକ ।

Renaissance ର ଜୁଆର ମାଡ଼ୁଥିଲା ସାରା ଇଉରୋପରେ । ଜୀବନ-ବଞ୍ଚନର ନୂଆ ନୂଆ ସମ୍ପଦ ମଣିଷର ଚିନ୍ତା ଓ ଚେତନା ଭିତରକୁ ମାଡ଼ି ଆସୁଥିଲା । ସେ ସବୁର ଶିକ୍ଷା ସକାଶେ ବିଦ୍ୟାଳୟମାନ ପ୍ରତିଷ୍ଠିତ ହେଲା, ଏବଂ ଇଂଲଣ୍ଡର ସ୍ଥାପିତ ଏଇ ବିଦ୍ୟାଳୟମାନଙ୍କର ନାମ ହେଲା grammar school । କାରଣ ସେଇ ବିଦ୍ୟାଳୟମାନଙ୍କରେ Latin grammar ହିଁ ପ୍ରଧାନତଃ ଅଧୀତ ହେଉଥିଲା ।

କିଏ କେମିତି ନିର୍ଭୁଲ ହୋଇବ ବ୍ୟାକରଣ ସାହିତ୍ୟର ସରସତାର ସ୍ନେହ ଠିକ କରି ଦିଏ । ଶବ୍ଦର ଗଠନରେ କି ଚମକ ଅଛି— ଭାଷାର ଚଳଣିରେ କି ମଧୁ ଅଛି ତାକୁ ଚଖାଏ ସେ ।

ଗ୍ରେଟ ଗ୍ରେଟ ପିଲାଙ୍କୁ ସେଇ ମଧୁ ଚଖାଇବାକୁ ଚନ୍ଦ୍ରମୋହନ ରଚନା କଲେ — "ବ୍ୟାକରଣ ପ୍ରଥମ ସୋପାନ" ଓ "ବ୍ୟାକରଣ ଦ୍ୱିତୀୟ ସୋପାନ" ।

ଅଧିକ ବ୍ୟାଖ୍ୟା ଓ ବିଶ୍ଳେଷଣ ନ କରି ଅଳ୍ପ କେତୋଟି କଥାରେ ପିଲାଏ ବୁଝି ପାରିଲା ଭଳି ଠାଣିରେ ପ୍ରତ୍ୟେକଟି ବିଷୟ ଥୁଆ ହୋଇଛି ବଡ଼ ଯୋଡ଼ିକରେ । ପ୍ରଥମ ସୋପାନର ଆରମ୍ଭ ହୋଇଛି ବର୍ଣ୍ଣମାଳାର ଆଲୋଚନାରେ ଏବଂ ସମାସ ଆଲୋଚନା ପରେ ଏହାର ସମାପ୍ତି ଘଟିଛି । ମୋଟରେ ଏକୋଇଶଟି ପାଠରେ ପୁଷ୍ଟ ହୋଇଛି ଏଇ କ୍ଷୁଦ୍ର ପୁସ୍ତକର ଶୀର୍ଣ୍ଣ ଦେହ ଖଣ୍ଡିକ । ୨ୟ ସୋପାନରେ ପରବର୍ତ୍ତୀ ବିଷୟଗୁଡ଼ିକ ଉପସ୍ଥାପିତ ହୋଇଛି । ଅଧିକ ଗୁରୁତ୍ୱପୂର୍ଣ୍ଣ ଓ କଠିନ ବିଷୟଗୁଡ଼ିକ ଏଥିରେ ସ୍ଥାନ ପାଇ ନାହିଁ । ବାଳକ-ବାଳିକାମାନଙ୍କ ସକାଶେ ଏଇ କଠିନ ବିଷୟଗୁଡ଼ିକ ପଠିତବ୍ୟ ମଧ୍ୟ ନୁହେଁ ।

ଚନ୍ଦ୍ରମୋହନଙ୍କ ବ୍ୟାକରଣ ପୁସ୍ତକର ପ୍ରତ୍ୟେକ ପାଠରେ ପ୍ରଥମେ କେତୋଟି ଲେଖାଏ ଉଦାହରଣ ଦିଆଯାଇଛି ଏବଂ ସେଇ ଉଦାହରଣଗୁଡ଼ିକରୁ ସ୍ୱାଭାବିକ ଭାବରେ ଓହରି ଆସିଛି ସିଦ୍ଧାନ୍ତ ବା ସୂତ୍ର । ଏଇ Inductive Method ପୁରାପୁରି ମନସ୍ତତ୍ତ୍ୱ ସମ୍ମତ । ତେଣୁ ଏହାଦ୍ୱାରା ଜ୍ଞାନଲାଭର ପନ୍ଥା ସୁଗମ ହୋଇପାରିଛି ।

ଅନୁଶୀଳନ ବା ପରୀକ୍ଷା ସୋପାନଗୁଡ଼ିକରେ ଯେଉଁ ସବୁ ବାକ୍ୟ ଦିଆ-ହୋଇଛି ସେଥିରେ କେବଳ ବ୍ୟାକରଣଗତ ଅଧୀତ ବିଦ୍ୟା ମାପିବାର ଚେଷ୍ଟା କରାଯାଇ ନାହିଁ, ଛାତ୍ର ଛାତ୍ରୀଙ୍କ ମନକୁ ସାହିତ୍ୟଗତ ସୌନ୍ଦର୍ଯ୍ୟ ପ୍ରତି ମଧ୍ୟ ଆକୃଷ୍ଟ କରାଯାଇଛି ସେଥିରେ । ବିଶେଷ୍ୟ ପଦ ଚିହ୍ନେଇ ଦେବା ଲାଗି ଯେଉଁ ସବୁ ବାକ୍ୟ ଦିଆଯାଇଛି, ସେଥିରେ ଅଛି—

Digitized by srujanika@gmail.com

(୧) ସାଲନ୍ଦୀର ଜଳ ଅତି ନିର୍ମଳ ।

(୨) କହିବା ସହଜ ମାତ୍ର, ସହିବା କଠିନ ଅଟେ ।

(୩) ଦୂର ପର୍ବତ ସୁନ୍ଦର ।

(୪) କଳା ମୁଣ୍ଡ ଜଳେ ଛଟକେ ଦେଖାଇ,
ବୁଲଇ ମଗର ଏଣେ ତେଣେ ଧାଇଁ ।

ବିଭିନ୍ନ ବିଷୟରେ ପ୍ରଶ୍ନ ପଚାରିବା ଲାଗି ଯେଉଁ ବାକ୍ୟଗୁଡ଼ିକ ଦିଆଯାଇଛି, ସେଥିରେ ଅଛି—

(୧) ଗୁଣ୍ଡୁଚି ମୂଷାଟିଏ ଯାଉଅଛି । ଏହାର ଦେହ ଅତି କୋମଳ । ଏହାକୁ ଚିପି ଦେଲେ କୁଟୁରୁ କୁଟୁରୁ କରି ଖାଏ ।

(୨) ସର୍ବେ ଚଳିବେ କାଳ ବଳେ, ଯଶ ରହିବ ମହୀତଳେ ।

(୩) ଦେବ ! ବୀଣାପାଣି ! କେଉଁ ପାପ ଫଳେ,
କରୁଣା ତୋହର ଊଣା ଏ ଉତ୍କଳେ ?

ପୁସ୍ତକର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଭାଷା ଅତି ସରଳ ଏବଂ ସବୁ ପ୍ରକାର ଆଧିକ୍ୟ ବର୍ଜିତ । ଅଥଚ ଗୋଟାଏ ପ୍ରକାର ସ୍ୱଚ୍ଛ ସାବଲୀଳତା ସର୍ବତ୍ର ବିଦ୍ୟମାନ । ସମସ୍ତ ବିଷୟ ଶିଶୁମାନଙ୍କର ବୋଧଗମ୍ୟ ହେଲା ଭଳି ରଚିତ । ତେଣୁ ପାଠ୍ୟପୁସ୍ତକ ରୂପେ ଏହା ଉପାଦେୟ ହୋଇଛି ।

ଏହି ବ୍ୟାକରଣ ପୁସ୍ତକ ପ୍ରଥମେ ପ୍ରକାଶିତ ହୋଇଥିଲା ୧୯୧୦ ରେ । ୧୯୭୨ ସୁଦ୍ଧା ଏହାର ଆଠୋଟି ସଂସ୍କରଣ ମୁଦ୍ରିତ ହୋଇଥିଲା । ତା' ପରେ ଏହା ଆଉ ପ୍ରକାଶିତ ହୋଇଥିଲା କି ନାହିଁ କହିହେବ ନାହିଁ । ଏଇ ଆଠୋଟି ସଂସ୍କରଣରେ ପୁସ୍ତକଟିର ଯେତେ ସଂଖ୍ୟା ପୁସ୍ତକ ମୁଦ୍ରିତ ହୋଇଥିଲା ସେ ସମୟର ବିଦ୍ୟାଳୟମାନଙ୍କର ସଂଖ୍ୟା ଦୃଷ୍ଟିରୁ ଏହାର ଉପାଦେୟତା ଓ ଆବଶ୍ୟକତା ଯେ ନିରୁପମରୂପେ ଉପଲବ୍ଧ କରାଯାଇ ପାରିଥିଲା; ଏଇ ସଂଖ୍ୟା ହିଁ ତାର ପ୍ରକୃଷ୍ଟ ପ୍ରମାଣ ।

ଚନ୍ଦ୍ରମୋହନଙ୍କ ରଚିତ ବ୍ୟାକରଣ ସମାଲୋଚନା କଲାବେଳେ ହଠାତ୍ ମନେ ହୁଏ ଯେପରି କି ତାଙ୍କର ମୂର୍ତ୍ତି ସ୍ମରଣ କରାହେଉଛି । କାରଣ ସେ ଥିଲେ ଶୁଦ୍ଧ ଜ୍ଞାନ ଓ ଶୁଦ୍ଧ ଭାଷାର ଜୀବନ୍ତ ବିଗ୍ରହ । ତାଙ୍କର ଭାଷାଗତ ଶୁଦ୍ଧତା ଏକପ୍ରକାର

Digitized by srujanika@gmail.com

କିମ୍ବଦନ୍ତୀ ପାଲଟି ଯାଇଥିଲା । ପୁଣି ନୀତିନିଷ୍ଠ ତାଙ୍କର ଜୀବନ ବ୍ୟାକରଣର ସୂତ୍ର ପରି ସର୍ବଦା ନିୟମ ରକ୍ଷା କରି ଚାଲୁଥିଲା ।

ତାଙ୍କର ଜ୍ଞାନ ସମ୍ପର୍କରେ ଗୋଟିଏ କଥା ମୋର ମନେ ପଡୁଛି । ମୋର ପରମ ଭକ୍ତିଭାଜନ ଶିକ୍ଷକ ଶ୍ରୀଯୁକ୍ତ ଲଳିତ ମୋହନ ଘୋଷ ଥରେ ଗଳ୍ପ କରୁ କରୁ ମୋତେ କହିଥିଲେ— "ଓଡ଼ିଶା ମାତ୍ର ଦୁଇଜଣ ଖାଣ୍ଟି ହେଡ଼ମାଷ୍ଟରଙ୍କୁ ଜନ୍ମ ଦେଇଛି । ଜଣେ ହେଉଛନ୍ତି ସ୍ୱର୍ଗତ ଉପେନ୍ଦ୍ର ନାଥ ଦତ୍ତ ଗୁପ୍ତ । ଅନ୍ୟଜଣକ ସ୍ୱର୍ଗୀୟ ଚନ୍ଦ୍ରମୋହନ ମହାରଣା ।" ପରେ ହେଡ଼ମାଷ୍ଟରଙ୍କ ସଂଜ୍ଞା ନିର୍ଣ୍ଣୟ କରିବାକୁ ଯାଇ ପୂଜନୀୟ ଶ୍ରୀଯୁକ୍ତ ଘୋଷ କହିଥିଲେ, "ସେହି ହେଉଛନ୍ତି ପ୍ରକୃତ ହେଡମାଷ୍ଟର ଯେ ବିଦ୍ୟାଳୟର ନିମ୍ନତମଠାରୁ ଉଚ୍ଚତମ ପର୍ଯ୍ୟନ୍ତ ଯେ କୌଣସି ଶ୍ରେଣୀରେ ଯେ କୌଣସି ବିଷୟ ଭଲ ଭାବରେ ପଢାଇ ପାରନ୍ତି ।"

ଚନ୍ଦ୍ରମୋହନ ଜୀବିକା ବ୍ୟପଦେଶରେ ପ୍ରଧାନତଃ ସହରରେ ରହୁଥିଲେ ଏବଂ ପ୍ରଧାନତଃ ସେ ଥିଲେ ତରୁଣ ବା ଯୁବକମାନଙ୍କର ଶିକ୍ଷକ । ତାଙ୍କ ପ୍ରାଣ କିନ୍ତୁ ପ୍ରସାରିତ ହୋଇ ରହିଥିଲା ପଲ୍ଲୀର ଶ୍ୟାମ ସ୍ନିଗ୍ଧ କୋଳରେ । ପୁଣି କ୍ରୀଡା ଚପଳ, କଳକାକୋମଳ ଶିଶୁମାନଙ୍କର ସାନ୍ନିଧ ଲାଭ ଲାଗି ତାଙ୍କ ହୃଦୟରେ ଥିଲା ଏକ ନିବିଡ, ନିଭୃତ ବାସନା । ସେଇମାନଙ୍କୁ ଗଢି ତୋଳିବାର ମଧୁର ବାସନା ତାଙ୍କୁ ହୁଏତ ଯେତେବେଳେ ସେତେବେଳେ ବ୍ୟାକୁଳ କରୁଥିଲା । ସେଇଥି ସକାଶେ ତାଙ୍କ 'କଥାବଳୀ'ର ନାନା କବିତାରେ ଏବଂ ଅନ୍ୟ ଅନେକ କବିତାରେ ପରିବେଷିତ ହୋଇଛି ପଲ୍ଲୀର ନାନା ସାବଲୀଳ ଚିତ୍ର । ସେଇଥି ସକାଶେ ସେ ରଚନା କରିଛନ୍ତି ଶିଶୁମାନଙ୍କର ପାଠ୍ୟପୁସ୍ତକ 'କଥାବଳୀ', 'ବ୍ୟାକରଣ ପ୍ରଥମ ସୋପାନ' ଇତ୍ୟାଦି ।

Digitized by srujanika@gmail.com

# 'ବସନ୍ତ'ର ଅନନ୍ୟ ସ୍ୱାଦ 'ନବୋଦ୍ୟମ'

ଶ୍ରୀ ବିଳାସ

'ନବୋଦ୍ୟମ' କବି ଚନ୍ଦ୍ରମୋହନ ମହାରଣାଙ୍କର ଏକ ଅନବଦ୍ୟ ସୃଷ୍ଟି ସମ୍ଭାର । ୧୯୪୮ ସାଲ, ଏଫ୍. ଏ. କ୍ଲାସରେ ପଢ଼ିଲାବେଳେ ଯେଉଁ କେତୋଟି କବିତା ତତ୍କାଳୀନ 'ସହକାର' ପତ୍ରିକାରେ ପ୍ରକାଶ ପାଇ ପାଠକ ଦୃଷ୍ଟିକୁ ଆସି ଉଚ୍ଚ ପ୍ରଶଂସିତ ହୋଇଥିଲା, ତାହାର ଏକକ ସଙ୍କଳନ କବିଙ୍କର ଅଭିନନ୍ଦନୀୟ ଉଦ୍ୟମର ସ୍ମାରକୀ 'ନବୋଦ୍ୟମ' ପୁସ୍ତକ । ସଙ୍କଳନସ୍ଥ 'ବସନ୍ତ' କବିତା ତା ୧୪-୩-୪୭ ସାଲରେ ରଚିତ ହୋଇଥିଲା ।

ଏହି ଋତୁରାଜ ବସନ୍ତର ବର୍ଣ୍ଣନା ବିଶ୍ୱ ସାହିତ୍ୟରେ ସର୍ବାଧିକ କହିଲେ ଯଥେଷ୍ଟ ହେବ । ସାଧାରଣତଃ ସବୁ ଦେଶର ସବୁ ସାହିତ୍ୟରେ ବସନ୍ତ ପ୍ରକୃତିର ମାଧୁରିମା-ପୂର୍ଣ୍ଣ ବର୍ଣ୍ଣନା ପ୍ରତ୍ୟେକ ପାଠକର ହୃଦୟ ମନକୁ ଉଲ୍ଲସିତ ଓ ଉତ୍ଫୁଲ୍ଲିତ କରିଥାଏ । ଆମ ଦେଶର ପ୍ରାଚୀନ ସଂସ୍କୃତ ସାହିତ୍ୟ, ଲୋକ ସାହିତ୍ୟରେ ବସନ୍ତ ବର୍ଣ୍ଣନା ଏକ ପ୍ରଭାବଶାଳୀ ଆସନ ମେଣ୍ଟିଥାଏ । ପରବର୍ତ୍ତୀ ଛାନ୍ଦ, ଗୀତ ଓ ପଞ୍ଚସଖା ଯୁଗୀୟ କବି-ମାନେ କେତେବେଳେ ନାୟକ ନାୟିକାଙ୍କ ବିରହ ମିଳନ ଜନିତ ବସନ୍ତ ଋତୁର ଉପଭୋଗ୍ୟ ବର୍ଣ୍ଣନା କରିଛନ୍ତି ପୁଣି କେତେବେଳେ ରୂପସୀ ବସନ୍ତର ମନ ମୁଗ୍ଧ ରୂପାନ୍ୱେଷଣରେ ଅତ୍ୟନ୍ତ ବିଭୋର ହୋଇ ଉଠିଛନ୍ତି । କବି ଭେଦରେ ଏହି ବର୍ଣ୍ଣନା ରୁଚିରୁ ରୁଚିରତର, ଆନନ୍ଦରୁ ଆନନ୍ଦତର ଓ ସୁନ୍ଦରରୁ ସୁନ୍ଦରତର ହୋଇ ଉଠିଛି । ଆଧୁନିକ ସାହିତ୍ୟରେ ଅତୁଳନୀୟ ବସନ୍ତ ବର୍ଣ୍ଣନାର ଅଭାବ ନାହିଁ କହିଲେ ଚଳେ । ରାଧାନାଥ, ମଧୁସୂଦନ, ଗଙ୍ଗାଧର, ନନ୍ଦକିଶୋର ପ୍ରଭୃତିଙ୍କ କାବ୍ୟ କବିତାରେ ବସନ୍ତର ପ୍ରାଣସ୍ପର୍ଶୀ ବର୍ଣ୍ଣନା ସମସ୍ତ ସମୟରେ ମନୁଷ୍ୟକୁ ଭାବନା ରାଜ୍ୟକୁ ଟାଣିନିଏ ଏବଂ ପ୍ରତ୍ୟେକେ ଯେପରି କ୍ଷଣିକ ପାଇଁ ଅନନ୍ୟମନସ୍କତାରେ ଆତ୍ମବିଲୀନ ହୋଇ ସୌନ୍ଦର୍ଯ୍ୟାମୃତ ପାନରେ ଜାଗତିକ ଚେତନା ହରାଇ ବସାଏ ।

ଏହି ପରିପ୍ରେକ୍ଷିରେ କବି ଚନ୍ଦ୍ରମୋହନଙ୍କ ବସନ୍ତ ବର୍ଣ୍ଣନା ବିଚାର ଯୋଗ୍ୟ । ଅବଶ୍ୟ ଏଥିପାଇଁ ତାଙ୍କର ପୂର୍ବବର୍ତ୍ତୀ ପ୍ରାଚୀନ, ମଧ୍ୟ ଯୁଗୀୟ ତଥା ଆଧୁନିକ ଅଗ୍ରଜ କବିମାନଙ୍କ ପ୍ରଭାବ ଅନେକ । ତଥାପି ଗତାନୁଗତିକ ବର୍ଣ୍ଣନା ଅପେକ୍ଷା କବି ଚନ୍ଦ୍ରମୋହନଙ୍କ ବର୍ଣ୍ଣନାରେ ଆଧୁନିକତାର ସ୍ପର୍ଶ ସହିତ ନିଜସ୍ୱ ସ୍ୱାତନ୍ତ୍ର୍ୟ ଯଥେଷ୍ଟ ରହିଛି, ଅସ୍ୱୀକାର କରି ହେବ ନାହିଁ ।

Digitized by srujanika@gmail.com

ଷଡ଼ଋତୁର ପର୍ଯ୍ୟାୟକ୍ରମେ ପ୍ରଭାବଶାଳୀ ଋତୁରାଜ ବସନ୍ତର ଧରା ପୃଷ୍ଠକୁ ଆଗମନ ହୁଏ । ଏହି ଶୁଭାଗମନ ବାର୍ତ୍ତା ସମଗ୍ର ପୃଥିବୀ ବକ୍ଷରେ ଏକ ଚହଳ ସୃଷ୍ଟି କରେ । ପ୍ରକୃତି ଓ ପ୍ରାଣୀ ଜଗତରେ ସର୍ବତ୍ର ନବଜୀବନ ସ୍ପନ୍ଦିତ ହୁଏ । କବି ବର୍ଣ୍ଣନାରେ ଯେପରି—

"ତରୁ , ଲତା, ଗୁଳ୍ମ, ପଶୁ, ପକ୍ଷୀ, ଜନ--
ଯେଉଁଆଡ଼େ ଦୃଷ୍ଟି ପକାଅ, ଜୀବନ
ବହନ କରଇ ସର୍ବତ୍ର ଯେସନ ;
ଯଥାର୍ଥ ବସନ୍ତ ପ୍ରିୟ ଲୋକରେ ।"

ଧରଣୀ ରାଣୀ ସବୁଜ ଶ୍ୟାମଳ ଷୋଡ଼ଶୀ ରୂପସୀ ସାଜି ମୃଦୁ ହାସ୍ୟ ବିତରଣ କରନ୍ତି । ସମସ୍ତଙ୍କ ଦୃଷ୍ଟିରେ ସେ ହୁଅନ୍ତି ଚଳଚଞ୍ଚଳା, ଛନ୍ଦଚପଳା । ସୌନ୍ଦର୍ଯ୍ୟରାଣୀ ବସନ୍ତ ପ୍ରକୃତିର ଅନିନ୍ଦନୀୟ ମନଲୋଭା ରୂପସଜ୍ଜାରେ ମୁଗ୍ଧ ହୋଇ ସମସ୍ତେ ସମକଣ୍ଠରେ ତାର ଗୁଣଗାନ କରନ୍ତି । ତେଣୁ ବସନ୍ତ ଋତୁର ପ୍ରତିଟି ଦୃଶ୍ୟ କବି ବର୍ଣ୍ଣନାରେ ଯେପରି ସର୍ବାଧିକ ହୋଇଛି ସେହିପରି ବସନ୍ତ ଋତୁର ପ୍ରତ୍ୟେକଟି ଅବସର କବି କଳ୍ପନାରେ ବିଳସିତ ରୂପ ନେଇଛି । ମୃଦୁମନ୍ଦ ବହନ୍ତି ମାଦକଭରା ବସନ୍ତ ସମୀର ସ୍ପର୍ଶରେ ସମସ୍ତେ ଚେତନାପୂର୍ଣ୍ଣ ଉଦ୍ୟମୀଜୀବନ ଲାଭ କରିଛନ୍ତି । କବି ବର୍ଣ୍ଣନାର ନିଜସ୍ୱ ରୂପ ହେଉଛି—

"ପ୍ରକୃତିର ଶୋଭା କିବା ମନୋହର !
ଦେଖ ଚଉଦିଗେ ସର୍ବ ତରୁବର

× × ×

ଦକ୍ଷିଣ ମାରୁତ ! ଆସହେ ବହନ
ଦିଅ ସର୍ବ ଅଙ୍ଗେ ନୂତନ ଜୀବନ ।"

ସାଧାରଣ ବୃକ୍ଷମାନଙ୍କ ପରି ଲତାଗୁଡ଼ିକ ନାନାବର୍ଣ୍ଣ ପତ୍ରାଦିରେ ଆଚ୍ଛାଦିତ ହୋଇ ସମସ୍ତଙ୍କ ଦୃଷ୍ଟି ଆକୃଷ୍ଟ କରାଏ । ବାଡ଼ ବଗିଚା, ସରୋବର, ଉଦ୍ୟାନ ସର୍ବତ୍ର ସବୁଜାଭାସ ପୁଷ୍ପର ବିକାଶ ଘଟେ । ବଣ, ପାହାଡ଼ର ଅନାହୂତ ଗୁଳ୍ମରାଜିରେ ପେନ୍ଥି ପେନ୍ଥି ଅପ୍ରମାଣ ଅଚହ୍ନା ଫୁଲ ଫୁଟେ । ସମଗ୍ର ବସୁନ୍ଧରା ଫୁଲରେ ଭରପୁର ହୋଇଯାଏ । ଯେଉଁଠି ଦୃଷ୍ଟି ପଡ଼େ ସେଠାରେ ଫୁଲର ପସରା ମେଲିଥାଏ । ବାସ୍ତବିକ୍ ଏଭଳି ଦୃଶ୍ୟରେ କବି ଏତେ ଆତ୍ମହରା ହୋଇଛନ୍ତି ଯାହାଫଳରେ ନିଜ

Digitized by srujanika@gmail.com

ହୃଦୟ ତନ୍ତ୍ରୀରେ ଝଂକୃତ ଭାବନାରାଜିକୁ ସ୍ୱୀୟ କବିତାରେ ପ୍ରତିଫଳିତ କରିବାରେ ଖୁବ୍ ସଫଳକାମୀ ହୋଇପାରିଛନ୍ତି ।

"ମଧୁର ବସନ୍ତ କୁସୁମ-ସମସ୍ତ ;
ବସନ୍ତ ଆଗମେ ଧରିଫୁଲମସ୍ତ ;
ଯହିଁ ଚକ୍ଷୁ ପଡ଼େ, ସୁମନ ନିଚୟ ;
ଫୁଲ ଦେଖି ଦେଖି କ୍ଳାନ୍ତ ନୟନ ।"

ଏହି ବର୍ଣ୍ଣନା ଯେତିକି ସରଳ ସେତିକି ସାବଲୀଳ ଓ ଲାଳିତ୍ୟପୂର୍ଣ୍ଣ । ଫଳରେ ଏହା ଖୁବ୍ ପ୍ରାଣସ୍ପର୍ଶୀ ହୋଇପାରିଛି । ନବୀନ ଶ୍ୟାମଳ ଦୁର୍ବାରେ ଧରିପୃଷ୍ଠ ମଣ୍ଡିତ ହୁଏ । ପୁଷ୍କରିଣୀ ଭରି କମଳିନୀର ବିକାଶ ଘଟେ । ପ୍ରସ୍ଫୁଟିତ କମଳ ପାଖୁଡ଼ାରେ ମଧୁକର ଦଳ ସଙ୍ଗୀତର ପ୍ରାଣମୂର୍ଚ୍ଛା ରସଲୀଳା ରଚନା କରେ । ଏହି ଅପରୂପ ସୁଷମା ଜନମାନସରେ ବେଶ୍ ଉପଭୋଗ୍ୟ ହୋଇଉଠେ । ଚମ୍ପା, ନାଗେଶ୍ୱର, ମଲ୍ଲି, ଯୂଇ, ନିଆଳି, ଅଶୋକ, ବକୁଳ ପ୍ରଭୃତି ବାସଭରି ପୁଷ୍ପରାଜି ସୁବାସ ବିତରଣରେ ଜଗତକୁ ମୋହିତ କରେ । ମହୁମାଛି ସବୁ ମଧୁ ସଂଗ୍ରହରେ ଦିବସ ରଜନୀ ବ୍ୟସ୍ତ ରହେ । ସହକାର ଶାଖା ଅନ୍ତରାଳରୁ କୋଇଲି ଅମୃତଭରି କୁହୁତାନ ଛାଡ଼ିଦିଏ ।

ବସନ୍ତ ଋତୁର ବର୍ଣ୍ଣନା ପ୍ରସଙ୍ଗରେ କବି ମହାରଣା ବସନ୍ତ ପବନ ବା ମଳୟ ପବନଠାରେ ବ୍ୟକ୍ତିତ୍ୱ ଆରୋପ କରିଛନ୍ତି । ସତେ ଯେପରି ମଳୟ ପବନ ବସନ୍ତ ଋତୁର ଚିର୍ ସାଥୀ ହୋଇ ମନୁଷ୍ୟର ସୁଖ, ଆନନ୍ଦ ଓ ବିଳାସକୁ ଅଧିକ ଦ୍ୱିଗୁଣିତ କରିଦେଇଛି । ଏ ପ୍ରକାର ପ୍ରକୃତି ଦେହରେ ଜୀବନ ଶକ୍ତି ଆରୋପ କରିବା ସ୍ୱଭାବ କବି ଗଙ୍ଗାଧରଙ୍କ ଲେଖନୀରେ କେବଳ ସମ୍ଭବ ହୋଇଥାଏ । ଅତଏବ୍ କବି ଗଙ୍ଗାଧରଙ୍କ ପ୍ରଭାବ କବି ଚନ୍ଦ୍ରମୋହନଙ୍କ ସାହିତ୍ୟରେ ପ୍ରତିଫଳିତ ହେବା ସ୍ୱାଭାବିକ । ଗଙ୍ଗାଧରଙ୍କ ପରି କବି ଚନ୍ଦ୍ରମୋହନଙ୍କ ବର୍ଣ୍ଣନା ହେଉଛି—

"ଦସ୍ଥାକ୍ତ ମାରୁତ ! ଆସ ହେ ବହନ,
ଦିଅ ସର୍ବ ଅଙ୍ଗେ ନବୀନ ଜୀବନ,
ଧନ୍ୟ ହେ ମାରୁତ ହେ ପିତା ଧନ୍ୟ !"

ମୁନି ଆଶ୍ରମସ୍ଥ ଉଷାକାଳ ପତିପରାୟଣା ସତୀ ଶିରୋମଣି ସୀତାଙ୍କ ପଦ ଯୁଗଳ ବନ୍ଦନାର ଦୀର୍ଘ ପ୍ରତୀକ୍ଷା ପରେ ବସନ୍ତ ଋତୁର ହରିତ, ପୀତ, ଲୋହିତ ବସନ ପରିହିତା ଲତିକାପୁଞ୍ଜ ଅତିଥି ମଳୟ ସମୀରକୁ ଅଭିନନ୍ଦନ ଦେବା ପାଇଁ ଆଗେଇ ଆସିଛି ।

Digitized by srujanika@gmail.com

ଫଳରେ ନାୟକ ବସନ୍ତ ସମୀର ନାୟିକା ଲତିକା ପୁଞ୍ଜର ଗଣ୍ଡ ଦେଶରେ ଦେଉଛି ପ୍ରେମଭରା ମୃଦୁ ଚୁମ୍ବନ । ଏଭଳି ବର୍ଣ୍ଣନା କବି ଲେଖନୀରେ ଖୁବ୍ ନାଟକୀୟ ଓ ହୃଦୟ ସ୍ପର୍ଶୀ ହୋଇ ଉଠିଛି—

"ବଲ୍ଲରୀ ସୁନ୍ଦରୀ ଯେତେ ମଞ୍ଚ ତଳେ,
ଅଭିନନ୍ଦିବାକୁ ମଳୟ ଅନିଳେ

× × ×

ସ୍ୱଭାବେ ପ୍ରଗଲ୍‌ଭ ମଳୟ ପବନ
ଅପରୂପ ଶୋଭା କରି ନିରୀକ୍ଷଣ
ପ୍ରେମ ମଦରେ ଦିଏ ବଦନେ ଚୁମ୍ବନ ;
ତହିଁରେ ଲତିକା ଲଜ୍ଜାରେ ଥରେ ।"

କବି ମହାରଣା ଅନେକ ସ୍ଥଳରେ ନାନା ଉପମା ଆଦିର ପ୍ରୟୋଗ କରି ସତ ଯୁଗୀୟ ଆଦର୍ଶ କାବ୍ୟ ପରମ୍ପରାକୁ ଅନୁସରଣ କରିଛନ୍ତି । ଏହି ବର୍ଣ୍ଣନା କବି ଲେଖନୀକୁ ଅମର କରିଛି ।

"କେତକୀର ଗନ୍ଧ ଗନ୍ଧ ମଧ୍ୟେ ବର ;
ସେ ଗନ୍ଧ ଆଘ୍ରାଣେ ଧାବଇ ସତ୍ୱର
ମଧୁ ଲଭ-ଆଶେ ମଧୁକର-ବର
କିନ୍ତୁ କଣ୍ଟକରେ ପଶିନପାରେ ।
ଯଥା ସ୍ୱାଧୀ-ନାରୀ-ନବ-ଯଉବନ
ଦେଖି କାମ-ଅନ୍ଧ-ହରାଏ ଚେତନ,
କିନ୍ତୁ ପାପମୟ-ବାସନା-ପୂରଣ
ସର୍ବଥା ବିଫଳ ହୁଏ ତା ଠାରେ ।"

ଅନ୍ୟ ଏକ ଉଦାହରଣ ହେଉଛି —

ବକୁଳ କୁସୁମ ବକୁଳ-ମୂଳରେ
ତାରା ରାଜି ଯେସନ୍ତେ ଗଗନ ପଥରେ
କେତେ ପଡ଼ିଥାଏ ଗଣନା କେ କରେ ;
ବହୁ ଦୂର ଯାଏ ଆମୋଦ କରେ ।

ବସନ୍ତ ସକାଳ, ସନ୍ଧ୍ୟା ଓ ରଜନୀ କାଳର ଶ୍ରୀ ଶୋଭା କବିଙ୍କୁ ଯେଉଁ ପରିମାଣରେ ମୁଗ୍ଧ କରିଛି ତା'ଠାରୁ ଅଧିକ କବି ଲେଖନୀକୁ ବ୍ୟସ୍ତ କରି ତୋଳିଛି —

Digitized by srujanika@gmail.com

ଉଷା-ବିକଶିତ-ଅଶେଷ-ସୁମନ-
ଶୋଭିତ ଶାଖାରେ କଲେ ପରଶନ

× × ×

ନିଶାଗମେ ଜ୍ୟୋତ୍ସ୍ନା ଧୋଟିଯାଏ ମସ୍ତ ;
ସରବ ଅଙ୍ଗରେ ସେ ଜ୍ୟୋତ୍ସ୍ନା ପଡ଼ଇ ;

× × ×

ବସନ୍ତ-ପ୍ରଦୋଷ ସମପ୍ରୀତିକର ;
ଶ୍ରମରୁ ବିରତ ବିଶ୍ରାମଇ ନର ;
ଶ୍ରମ-ଝାଳେ ଆର୍ଦ୍ର ବସନ ଅଙ୍ଗର
ମଳୟ ପବନ ହରଇ ଶ୍ରମ ।

ପର କ୍ଷଣରେ କବି ମହାରଣା ବସନ୍ତ ସନ୍ଧ୍ୟାର ଏକ ବାସ୍ତବ ସମାଜ ଚିତ୍ର ଦେଇଛନ୍ତି ।

ସର୍ବ ଶେଷରେ ଏତିକ କୁହାଯାଇପାରେ ଯେ ଜୀବନ ବସନ୍ତରେ ବସନ୍ତ ଋତୁର ଏକ ପରୋକ୍ଷ ପ୍ରଭାବ ସବୁବେଳେ ରହିଛି ଓ ରହିବ । ଏଥିରୁ କେହି ଦୂରେଇ ରହିବା ଅସମ୍ଭବ । ଅନ୍ୟ ଅର୍ଥରେ ସୃଷ୍ଟିକର୍ତ୍ତାଙ୍କର ଏହା ସମଗ୍ର ଜୀବ, ଉଦ୍ଭିଦ ଓ ମାନବ ଜାତିକୁ ଶ୍ରେଷ୍ଠ ଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେଣୁ ମଧୁସୂଦନ ରାଓଙ୍କ ପରି କବି ମହାରଣା ସେହି ସୁଧାମୟ ମଧୁମୟ ବସନ୍ତ ସ୍ରଷ୍ଟାଙ୍କ ଉଦ୍ଦେଶ୍ୟରେ ଗାଇଛନ୍ତି—

ସକଳ ପ୍ରଫୁଲ୍ଲ, ସର୍ବସୁଖକର ;
ନିଖିଳ ଭୁବନ ଆନନ୍ଦମୟ ॥

× × ×

ସେ ଆନନ୍ଦ ଗୀତ ବର୍ଣ୍ଣି ନପାରଇ ;
ଅନ୍ୟଠାରେ ବ୍ୟକ୍ତ କରିତ ନୁହଇ ;

× × ×

ତୋହ ରାଜ ପଣେ ସ୍ୱରଗ ଏ ମର୍ତ୍ତ୍ୟ—
ସ୍ୱରଗ ପରଶେ ସଦା ଶାନ୍ତିମର୍ତ୍ତ୍ୟ ।

Digitized by srujanika@gmail.com

# କବି ଗୀତି

Digitized by srujanika@gmail.com

# ଉତ୍କଳ-ଭ୍ରମଣ

"ଆହେ ଚନ୍ଦ୍ର, ମହାରଣେ ହେଉ ହେଉ ଧେଉ
ଆଉ ଥରେ ଢାଳିଦିଅ କବିତାର ଢେଉ ।

ଛପାଇବେ ରାମଚନ୍ଦ୍ର ଚନ୍ଦ୍ରିକାରେ ଆଉ,
ମାରିନେବ ଟଙ୍କା ମୂଠେ ଠୁଙ୍କି ଦେଇ ବାହୁ ।"

— ବ୍ୟାସକବି ଫକୀର ମୋହନ ସେନାପତି

Digitized by srujanika@gmail.com

# ହେ ଚନ୍ଦ୍ରମୋହନ

କବି ରାଧାମୋହନ ଗଡ଼ନାୟକ

ତୁମ ନାଆଁ ଭାରି ସ୍ନିଗ୍ଧ,
ଭାରି ମନୋହର,
ହେ ଚନ୍ଦ୍ରମୋହନ,
ମାତ୍ର, ତୁମେ ଚନ୍ଦ୍ର ନୁହ
ମୋହନ ବି ନୁହ ।

ତୁମେ ଥିଲ ପ୍ରଚଣ୍ଡ ତପନ,
ସିନ୍ଧୁ ହ୍ରଦ ସରିତର ଜଳ
ଉଷ୍ଣତାରେ ଯେଉଁପରି
ତପ୍ତ କରି
ବାଷ୍ପ କରି
ଊର୍ଦ୍ଧ୍ୱ ନେଇ
ସୃଷ୍ଟି କରେ ବାଦଲର ଏକ ଚନ୍ଦ୍ରାତପ,
ଆଉ ଏକ ସୃଷ୍ଟି ।

ତୁମେ ଠିକ ସେହିପରି
କବିଙ୍କର କାବ୍ୟ ସୃଜନକୁ
ଜୀର୍ଣ୍ଣ କରି
ଭିନ୍ନ କରି
ବିଶ୍ଳେଷଣ କରି
ବାଢି ଦେଉଥିଲ ତାର ଆତ୍ମାର
ଆଉ ଏକ ସୃଷ୍ଟି ।

Digitized by srujanika@gmail.com

ବହୁତ କବିତା ତୁମେ
ଲେଖିଥିଲ
ହେ ଚନ୍ଦ୍ରମୋହନ !
ସେଥିପାଇଁ
ପୁରସ୍କାର ପାଇଥିଲ ପରା ?
ମାତ୍ର ହୋଇ ପାରିଲନି କବି
ହୋଇ ପାରିଲନି
ତୁମେ ସ୍ରଷ୍ଟା ।
ତୁମେ ହେଲ ଦିବ୍ୟ ଏକ ଦ୍ରଷ୍ଟା ।

ସୃଷ୍ଟିରେ ତୁମ ଖୋଜୁଚି ସୃଷ୍ଟି,
ଦୃଷ୍ଟିରେ ତୁମର ସୃଷ୍ଟି,
ହେ ଚନ୍ଦ୍ରମୋହନ
ରାଧାମୋହନ ମୁଁ ଆଜି
କରୁଅଛି ତୁମର ବନ୍ଦନ ।

Digitized by srujanika@gmail.com

# ହେ ପ୍ରକୃତି କବି ମହାରଣା

ଉପେନ୍ଦ୍ର ପ୍ରସାଦ ପଣ୍ଡା

( ୧ )

ଉତ୍କଳ ସାହିତ୍ୟ ମହାପୀଠ ସ୍ଥଳେ
ଯେତେ କବି ଶକ୍ତ ଅଛୁ ଜଣା
ପ୍ରକୃତ କବି ଅଟ ତାହା ମଧ୍ୟେ ;
"ହେ ସାହିତ୍ୟ ରଥୀ ମହାରଣା !"

(   )

ପ୍ରକୃତ ରାଇଜେ ନିତ ନିତ ଯାହା
ଦେଖଇ ମାନବ ଚକ୍ଷୁ ଆଗେ
ଗୋଟି ଗୋଟି ସବୁ କରିଛ ବର୍ଣ୍ଣନା
କବିତାକୁ ରଚି ନାନା ଭାବେ ।

( ୩ )

ଦୂର୍ବାଦଳଠାରୁ ବୃକ୍ଷଲତା ଯାଏ
ପୁଷ୍ପ, ଫଳ, ପତ୍ର କଣଳୟ
ମହୁମାଛିଙ୍କର ମଧୁର ଗୁଞ୍ଜନ
କୋକିଳର ସ୍ୱର ମଧୁମୟ ।

( ୪ )

ସୂର୍ଯ୍ୟ ଚନ୍ଦ୍ର ତାରା ନଦ ନଦୀ ସର
ସ୍ନିଗ୍ଧ ମଳୟର ମୃଦୁ ସ୍ପର୍ଶ
ଆକାଶର ମେଘ ବର୍ଷ ପରବତ
ବଜ୍ର ଗର୍ଜନର ଲୋମହର୍ଷ ।

( ୫ )

ବ୍ୟାଘ୍ର ଭଲ୍ଲୁକ ବନ୍ୟ ପଶୁ ଆଦି
ବାଘ୍ରଂ ବିଲୁଆ ହସ୍ତୀ ଶ୍ୱାନ

Digitized by srujanika@gmail.com

ଗୁଣ୍ଡୁଚ ମୂଷାର ଚେଇଁ ଚେଇଁ ବୁଲ
ସିଂହ ମୂଷିକର ଉପାଖ୍ୟାନ ।

( ୬ )

ତୁମ୍ଭର ତିଆରି ପୁସ୍ତକ ପୃଷ୍ଠାରେ
ଲେଖିଗଲ ଯେଉଁ 'କଥାବଳି'
ସାରସ୍ୱତ ଧାମେ ସେ ପାଠ୍ୟ ପୁସ୍ତକ
ନାମ ତାର ଦେଲ 'କଥାବଳି' ।

( ୭ )

ବାଲ୍ୟ କିଶୋର ଚରିତ୍ର ଗଢ଼ଇ
ତୁମ୍ଭର ତିଆରି ଏ ପୁସ୍ତକ
ଆଜଯାଏ ଯେତେ ହୋଇଅଛି ଲେଖା
ତା ମଧ୍ୟେ ତୋଳିଛି ସେ ମସ୍ତକ ।

( ୮ )

ଲେଖନୀ ତୁମ୍ଭର ନୁହଇ ଦୁର୍ବଳ
ଶିକ୍ଷା କ୍ଷେତ୍ରେ ଦେଲ ନବପ୍ରାଣ ।
ରଚନା ଶୃଙ୍ଖଳା କେତେ ମନୋହର
ସାହିତ୍ୟର ଶିଳ୍ପ ତୁମ୍ଭେ ଜାଣ ।

( ୯ )

ନିର୍ଦ୍ଦେଶକ ଭାବେ ଶିକ୍ଷା କ୍ଷେତ୍ରେ ଶ୍ରେଷ୍ଠ
ଶିକ୍ଷାଲୋକ କଲେ ବିକିରଣ
ବିଗତ ଯୁଗରୁ ଆଜଯାଏ ଧରି
ଉତ୍କଳ ଉଠୁଛି ତା କାରଣ ।

( ୧୦ )

ଉତ୍କଳ ମାତାଙ୍କ ସୁଯୋଗ୍ୟ ସନ୍ତାନ
ବସୁନ୍ଧରର କବି ମହାରଣା ।
ଏ ଜାତି ସର୍ବଦା ଲଭ କରୁଅଛି
ତୁମ୍ଭ ସାହିତ୍ୟର ସୁପ୍ରେରଣା ।

Digitized by srujanika@gmail.com

( ୧୧ )

ଯାହା ଅବଦାନ ଦେଇ ଯାଇ ଅଛ
ଭୁଲି ଯିବ ନାହିଁ ଏ ଉତ୍କଳ
ଓଡ଼ିଆ ଭାଷାର ବ୍ୟାକରଣ ବୀର
ଜଣାଇଛ ତୁମ୍ଭ ଜ୍ଞାନ ବଳ ।

( ୧୨ )

ଜାତିର ଦର୍ପଣ ସାହିତ୍ୟ ଅଟଇ
ଆମ୍ଭ କରେ ଅର୍ପି ଗଲ ଯାହା
ଯୁଗ ଯୁଗ ଧରି ବିତିଗଲେ ସୁଦ୍ଧା
ସୁନ୍ଦର ଉଜ୍ଜ୍ୱଳ ଥିବ ତାହା ।

( ୧୩ )

ଛଅ ଋତୁ ଯାହା କରିଛ ବର୍ଣ୍ଣନା
ନାହିଁ ସାହିତ୍ୟର ପଟାନ୍ତର
ଉତ୍କଳ-ଜନନୀ କଣ୍ଠେ ଲମ୍ବି ଅଛି
ସେ କବିତା ହାର ମନୋହର ।

( ୧୪ )

ଓଡ଼ିଆ-ସାହିତ୍ୟ ଗର୍ବ କରୁଅଛି
ତୁମ୍ଭର ଲେଖନୀ ମୁନ ବଳେ
ସୁପାଠ୍ୟ ଅଟଇ ତୁମ୍ଭ ଲେଖାଶୈଳୀ
କବି ଜୀବନର କଳା ଛଳେ ।

( ୧୫ )

ଜନ୍ମଭୂମି ତବ ରେମୁଣାର ମାଟି
କ୍ଷୀରଚୋରା 'ଗୋପୀନାଥ' ଧାମ
ଶୁଭକ୍ଷଣେ ଜନ୍ମି ଦେଇଛ ବଢ଼ାଇ
ଦେବଭୂମି ରେମୁଣାର ନାମ ।

( ୧୬ )

ସାହିତ୍ୟରେ ତୁମ୍ଭ କଳା ବିକାଶୁଛି
'କଥାବଳୀ' ପୋଥି ମଧ୍ୟେ ଯେଉଁ

ପ୍ରକୃତର କବି ତୁମ୍ଭେ ହିଁ କେବଳ
କବିତାର ବୁହାଇଛ ଢେଉ ।

( ୧୭ )

ଉତ୍କଳ-ଭ୍ରମଣେ ବ୍ୟାସ କବିଙ୍କର
ଅଛୁ ଉଦ୍‌ବୋଧନ ଚମତ୍କାର
"ହେଉ ମହାରଣେ ହେଉ ହେଉ ହେଉ
ଢେଉ ଖେଳୁ ତୁମ୍ଭ କବିତାର ।"

( ୧୮ )

ସୁକବି ଆସନେ ତୁମ୍ଭେ ବସି ଅଛ
ଆହେ କବି ଶ୍ରେଷ୍ଠ ଉଚମନା
ଘେନା ହେଉ ଆମ୍ଭ ଭକ୍ତର ସମ୍ଭାର
"ହେ ପ୍ରକୃତ କବି ମହାରଣା ।"

Digitized by srujanika@gmail.com

# ପରିଶିଷ୍ଟ

Digitized by srujanika@gmail.com

# ବିୟୋଗ ବାର୍ତ୍ତା

ଶ୍ରୀ ବିଶ୍ୱନାଥ କର

ଉତ୍କଳ ସାହିତ୍ୟ କ୍ଷେତ୍ରରୁ ଗୋଟିଏ ଗୋଟିଏ ହୋଇ ପ୍ରବୀଣ ସାହିତ୍ୟିକ-ମାନେ ପ୍ରାୟ ସମସ୍ତେ ଚାଲିଗଲେ । ଏହି ପକ୍ଷବଗ୍ରାସ୍ତତାର ଦିନରେ ସେମାନଙ୍କ ସ୍ଥାନ ପୂରଣ କରିବା ଭଳି ସାଧକ ଆଉ ବାହାରିବା ପରି ଦିଶୁ ନାହିଁ । ଆଜିକାଲି ଯେପରି 'ସାହିତ୍ୟିକ' 'ସାହିତ୍ୟ ସେବା' ଇତ୍ୟାଦି କଥାଗୁଡ଼ିକ ଶସ୍ତା ହୋଇଅଛି, ୩୦/୪୦ ବର୍ଷ ପୂର୍ବେ ସେପରି ନ ଥିଲା । କଠୋର ପରିଶ୍ରମ, ପ୍ରଗାଢ଼ ଅଧ୍ୟୟନ, ଗମ୍ଭୀର ଚିନ୍ତା ଓ ଆଲୋଚନା ସେତେବେଳେ ସାହିତ୍ୟିକ ଜୀବନର ପ୍ରଧାନ ଲକ୍ଷଣ ଥିଲା । ଆଜି ଏଗୁଡ଼ିକ ବିରଳ ହୋଇଅଛି । ତେଣୁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଆବର୍ଜନାର ପରିମାଣ ହିଁ ଅଧିକ । ସାରାସାର ବିଚାର କରିବା ଭଳି ଲୋକେ ଆଉ କେହି ପ୍ରାୟ ରହିଲେ ନାହିଁ । ସେହି କାରଣରୁ ପୁରାତନ ଦଳର ଜଣେ ଜଣେ ସାଧକଙ୍କ ତିରୋଧାନରେ ପ୍ରାଣ ବଡ଼ ବେଶି ବ୍ୟାକୁଳ ହୋଇଉଠେ । ଆଜି ଉତ୍କଳର ସୁପରିଚିତ ପ୍ରବୀଣ ସାହିତ୍ୟିକ ଚନ୍ଦ୍ରମୋହନ ମହାରଣାଙ୍କ ବିୟୋଗ ବାର୍ତ୍ତା ଶୁଣି ଆମ୍ଭେମାନେ ପ୍ରାଣ ମଧ୍ୟରେ ଗୋଟିଏ ଗଭୀର ଶୂନ୍ୟତା ଅନୁଭବ କରୁଅଛୁଁ । ଚନ୍ଦ୍ରମୋହନଙ୍କ ପରି ସୁପଣ୍ଡିତ, ସୁକବି, ସୁନିପୁଣ ସମାଲୋଚକ, ସୁଗମ୍ଭୀର ଚିନ୍ତାଶୀଳ ବ୍ୟକ୍ତି ସମଗ୍ର ଉତ୍କଳ ଖଣ୍ଡରେ ବିରଳ । ତାଙ୍କ ପରି ସୁଶିକ୍ଷକ ଓ ସୁଦକ୍ଷ ପରିଦର୍ଶକ କର୍ମଚାରୀ ମଧ୍ୟ ଅଳ୍ପ ଦେଖାଯାଇଅଛନ୍ତି । ବଡ଼ କ୍ଷୋଭର କଥା ଯେ, ଦେଶର ଜଳବାୟୁ ପ୍ରଭାବରୁ ଏବଂ ଦୁରନ୍ତ ରୋଗର ଅତ୍ୟାଚାରରୁ ସେ ଉତ୍କଳ ସାହିତ୍ୟକୁ ଆଶାନୁରୂପ ସମ୍ପଦ ଦେଇଯାଇ ପାରି ନାହାନ୍ତି । ତଥାପି ତାଙ୍କ ଜୀବନର ପ୍ରଭାବ ବହୁ ବ୍ୟକ୍ତିଙ୍କ ଜୀବନର ଗତି ଫେରାଇ ଦେଇଅଛି— ଅନେକ ସ୍ଥଳରେ କିଞ୍ଚିତ୍ ପରିମାଣରେ ହେଲେ ସାହିତ୍ୟିକ ଦୃଷ୍ଟି ଖୋଲି ଦେଇଅଛି । ସେ ଆପଣାକୁ ବଡ଼ ସଙ୍କୁଚିତ କରି ରଖୁଥିଲେ ବୋଲି ଏ ବିଷୟରେ ମଧ୍ୟ ଉତ୍କଳଭୂମି ତାଙ୍କଠାରୁ ଯଥେଷ୍ଟ ପାଇପାରି ନାହିଁ ।

ବାଲେଶ୍ୱରରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚନ୍ଦ୍ରମୋହନ ଯେତେବେଳେ ରେଭେନ୍ସା କଲେଜରେ ଭର୍ତ୍ତି ହେଲେ, ସେହି ସମୟରୁ ତାଙ୍କ ସହିତ ଆମ୍ଭମାନଙ୍କର ପରିଚୟ ଓ ବନ୍ଧୁତା । ସେ ସମୟରେ କେତେ ନିଭୃତ ସନ୍ଧ୍ୟା ତାଙ୍କ ସହିତ ନାନା ବିଷୟକ ଆଲୋଚନା ଓ ଭାବର ଆଦାନ ପ୍ରଦାନରେ ଅତିବାହିତ

Digitized by srujanika@gmail.com

ହୋଇଅଛୁ ଏବଂ ତଦ୍ଦ୍ୱାରା ପରସ୍ପର କପରି ନିକଟରୁ ନିକଟତର ହୋଇଅଛୁଁ, ସେ ସବୁ ଆଜି ସ୍ମୃତି ପଥରେ ଉଦିତ ହେଉଅଛୁ । ପରବର୍ତ୍ତୀ ଜୀବନରେ ସେ ବନ୍ଧୁତା ଅଧିକରୁ ଅଧିକ ଘନିଷ୍ଠ ହୋଇଅଛୁ – କଦାପି କ୍ଷୁର୍ଣ୍ଣ ହୋଇନାହିଁ । ସେତେବେଳେ ଉତ୍କଳ ବରେଣ୍ୟ କବିବର ରାଧାନାଥ ଓ ଭକ୍ତକବି ମଧୁସୂଦନ ଚନ୍ଦ୍ରମୋହନଙ୍କ ଜୀବନର ଭବିଷ୍ୟତ ସମ୍ଭାବନା ଦର୍ଶନରେ ତାଙ୍କ ପ୍ରତି ଯଥେଷ୍ଟ ଆଦର ଓ ଆନୁକୂଲ୍ୟ ପ୍ରଦର୍ଶନ କରିଥିଲେ । ସେଭଳି ଚିତ୍ତର ଗ୍ରାହକ ବା ଆଉ କାହିଁ ମିଳିବେ ! ବୟସରେ ତରୁଣ ହେଲେ ମଧ୍ୟ – ସାହିତ୍ୟ କ୍ଷେତ୍ରରେ ଶିଷ୍ୟସ୍ଥାନୀୟ ହେଲେ ମଧ୍ୟ ଚନ୍ଦ୍ରମୋହନଙ୍କ ମତ ପ୍ରତି ଏମାନଙ୍କର କି ଗଭୀର ଆସ୍ଥା ଦେଖା ଯାଇଅଛୁ ! ସେ ଦୃଷ୍ଟାନ୍ତ ଆଜି ସାହିତ୍ୟ କ୍ଷେତ୍ରରେ କାହିଁ ?

ପ୍ରାୟ ସମସ୍ତେ ଜାଣନ୍ତି, କଟକ ଟ୍ରେନିଂ ସ୍କୁଲରେ ପ୍ରତିଷ୍ଠିତ 'ଆଲୋଚନା ସଭା' ଆଧୁନିକ 'ଉତ୍କଳ ସାହିତ୍ୟ ସମାଜ'ର ଆଦି । ଅନେକ ଦିନ ପର୍ଯ୍ୟନ୍ତ ଚନ୍ଦ୍ରମୋହନ ଏହି ଆଲୋଚନା ସଭା ସହିତ ସଂଶ୍ଲିଷ୍ଟ ଥିଲେ । ସେ ଧୀରବିତ୍ତ ସ୍ୱଳ୍ପଭାଷୀ ; ସ୍ୱଳ୍ପଭାଷୀ ବୋଲି ଅଳ୍ପ କଥାରେ ସମଗ୍ର ପ୍ରାଣଟି ଢାଳି ଦେଇ ପାରୁଥିଲେ ଏବଂ ସେଥିପାଇଁ ତାଙ୍କ କଥାଗୁଡ଼ିକ ଗଭୀର ଅର୍ଥପୂର୍ଣ୍ଣ ଥିଲା । ତାଙ୍କ ରଚନାଗୁଡ଼ିକର ପ୍ରକୃତ ପର୍ଯ୍ୟାଲୋଚନା କଲେ ଏହି ଲକ୍ଷଣ ସହଜରେ ଧରା ପଡ଼ିବ । ଆଲୋଚନା ସଭାର ଆଲୋଚନାରେ ସେ ଅନେକ ସମୟରେ ଦୁଇଗୁଟିଏ କଥାରେ ପ୍ରଚୁର ପ୍ରାଣ ଓ ଆଲୋକ ସଞ୍ଚାର କରି ଦେଇ ପାରୁଥିଲେ । ସାଧାରଣ ସଭା-ସମିତିରେ ଯୋଗ ଦେବା ତାଙ୍କ ପକ୍ଷରେ ବିରଳ ଥିଲା । ମାତ୍ର ସାହିତ୍ୟ-ସମାଜ ପ୍ରତି ଅନୁରାଗ ଚିରଦିନ ଅକ୍ଷୁର୍ଣ୍ଣ ଥିଲା । ସେଥିପାଇଁ ରୁଗ୍ଣ ଭଗ୍ନ ଶରୀରରେ ଦୁଇବର୍ଷ ପୂର୍ବେ କଟକ ଆସି ସମାଜର ବାର୍ଷିକ ଅଧିବେଶନରେ ସଭାପତି କାର୍ଯ୍ୟ ନିର୍ବାହ କରି ଯାଇଥିଲେ ।

ଇନ୍ଦ୍ରଧନୁ-ବିଜୁଳି ଆନ୍ଦୋଳନ କଥା ଆଜି ଅନେକେ ଭୁଲିଯାଇ ଅଛନ୍ତି— ପୁଣି ଅନେକଙ୍କୁ ସେ ବିଷୟ ଆଦୌ ଜଣା ନାହିଁ କହିଲେ ଚଳେ । କିନ୍ତୁ ଉତ୍କଳର ସାହିତ୍ୟ କ୍ଷେତ୍ରରେ ଏହା ଗୋଟିଏ ସ୍ମରଣୀୟ ଘଟଣା । ଚନ୍ଦ୍ରମୋହନ ଏ ଆନ୍ଦୋଳନ ସହିତ ସାକ୍ଷାତ ଭାବରେ ସଂଶ୍ଲିଷ୍ଟ ନଥିଲେ ମଧ୍ୟ ପଶ୍ଚାତରେ ଥାଇ ପୂର୍ବୋକ୍ତ ବିଜୁଳି ଦଳକୁ ଯଥେଷ୍ଟ ପ୍ରେରଣା ଦାନ କରିଥିଲେ ଏବଂ ତାଙ୍କର ପ୍ରବର୍ତ୍ତନାରେ ଅନେକେ ନିଜ ନିଜ ଲେଖାକୁ କଥଞ୍ଚିତ୍ ପରିମାଣରେ ହେଲେ ସଂଯତ କରିବାକୁ ବାଧ୍ୟ ହୋଇଥିଲେ ।

ଯେଉଁ ୭ ଜଣଙ୍କ ଯୋଗେ 'ଉତ୍କଳ ସାହିତ୍ୟ' ପତ୍ରିକାର ସୂତ୍ରପାତ ହୋଇ-ଥିଲା, ତନ୍ମଧ୍ୟରେ ଚନ୍ଦ୍ରମୋହନ ଥିଲେ ଅନ୍ୟତମ । ଅଳ୍ପ କାଳ ମଧ୍ୟରେ କର୍ମସୂତ୍ରରେ ବା ଅନ୍ୟ କୌଣସି କାରଣରୁ ସମସ୍ତେ କ୍ରମେ କ୍ରମେ ଅନ୍ତର ହୋଇଗଲେ । ଶେଷକୁ

Digitized by srujanika@gmail.com

ସବୁ ଜଞ୍ଜାଳ ସହିବାର—ସବୁ ବୋଝ ବୋହିବାର ଭାର ଏହି ଦୁର୍ବଳ ମସ୍ତକରେ ଆସି ପଡ଼ିଲା । କିନ୍ତୁ ଚନ୍ଦ୍ରମୋହନ ଚିରଦିନ ପତ୍ରିକା ପ୍ରତି ସ୍ନେହ ଦୃଷ୍ଟି ସ୍ଥିର ରଖିଥିଲେ ।

ଚନ୍ଦ୍ରମୋହନ ସ୍ୱଭାବତଃ ଗମ୍ଭୀର ପ୍ରକୃତର । କିନ୍ତୁ ତାଙ୍କ ହୃଦୟ ଯେପରି ପୂର୍ଣ୍ଣ ରସର ଆଧାର ଥିଲା, ତାଙ୍କର ଅନ୍ତରଙ୍ଗ ବନ୍ଧୁମାନେ ତାହା ଉତ୍ତମ ରୂପେ ଅନୁଭବ କରି ପାରୁଥିଲେ । ସାମୟିକ ଆଳାପ, ଆଲୋଚନାରେ ସେହି ରସଧାରା ସେ ଅକାତରରେ ଢାଳି ଦେଉଥିଲେ ।

ସର୍ବୋପରି ତାଙ୍କର ପ୍ରବଳ ବ୍ୟକ୍ତିତ୍ୱଟି ଆଜି ଆମ୍ଭମାନଙ୍କ ଚକ୍ଷୁରେ ଅଧିକ ପ୍ରତିଭାତ ହୋଇ ଉଠୁଅଛି । ଅଧ୍ୟୟନଠାରୁ ଆରମ୍ଭ କରି ଅଧ୍ୟାପନା, ପରିଦର୍ଶନ, ରଚନା ପଦ୍ଧତି, ଭାଷା ପ୍ରୟୋଗ ସବୁଥିରେ ସେ ନିଜର ବ୍ୟକ୍ତିତ୍ୱଟି ଅକ୍ଷୁର୍ଣ୍ଣ ରଖି ଜୀବନ-ପଥରେ ଚାଲିଥିଲେ ।

ସେଥିପାଇଁ ତାଙ୍କୁ କେତେବେଳେ କାହାରିଠାରେ ମୁଣ୍ଡ ନଇଁବାକୁ ହୋଇ-ନାହିଁ । ଆଜିକାଲି ଶିକ୍ଷିତ ମହଲରେ ଏହି ବସ୍ତୁଟିର କି ଶୋଚନୀୟ ଅଭାବ ଘଟିଅଛି ।

ଜାତୀୟ ମମତା ଚନ୍ଦ୍ରମୋହନଙ୍କ ରକ୍ତମାଂସରେ ମିଶି ରହିଥିଲା, ମାତ୍ର ଯୁଗୋଚିତ ଆସ୍ଫାଳନ ବା ପ୍ରଦର୍ଶନ-ସ୍ପୃହା ସେ ସୀମା ସ୍ପର୍ଶ କରି ନଥିଲା । ତହିଁ ଉପରେ ପୁଣି ସେ ଥିଲେ ଜଣେ ନିର୍ବାହ ଶିକ୍ଷକ ଓ ଦୀନ ସାହିତ୍ୟିକ । ସୁତରାଂ ଜାତିର ଶ୍ରଦ୍ଧାଞ୍ଜଳିଟି ପାଇବା ତାଙ୍କ ପକ୍ଷରେ ଦୁର୍ଲଭ ଥିଲା ! ଆମ୍ଭେମାନେ ବ୍ୟକ୍ତିଗତ ଭାବରେ — ବନ୍ଧୁ ଭାବରେ ତାଙ୍କର ପରଲୋକଗତ ଆତ୍ମା ଉଦ୍ଦେଶ୍ୟରେ ଅନ୍ତରର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁଁ ।

ସମ୍ପାଦକ
ଉତ୍କଳ ସାହିତ୍ୟ/୩୩ ଭାଗ/୯ମ ସଂଖ୍ୟା

Digitized by srujanika@gmail.com

# ଚନ୍ଦ୍ରମୋହନ ମହାରଣାଙ୍କ ଜୀବନର କେତୋଟି ସ୍ମରଣୀୟ ଘଟଣା

ସଂଗ୍ରାହକ- ଅକ୍ଷୟ କୁମାର ବେଜ୍

୧୮୭୨ ମସିହା ଏପ୍ରିଲ୍ ୬ — କବିଙ୍କର ଜନ୍ମ ।

୧୮୮୫— ବାଲେଶ୍ୱର ଜିଲ୍ଲା ସ୍କୁଲରୁ ଏଣ୍ଟ୍ରାନସ୍ ପାଶ୍ ।

୧୮୮୭— ରେଭେନ୍ସା କଲେଜରୁ ଏଫ୍. ଏ. ପାଶ୍ ।

୧୮୮୭— ‘ନବୋଦ୍ୟମ’ ପୁସ୍ତକ ରଚନା ।

୧୮୮୮— ‘ନବୋଦ୍ୟମ’ ପୁସ୍ତକ ପ୍ରକାଶ ।

୧୮୮୯— ରେଭେନ୍ସା କଲେଜରୁ ବି. ଏ. ପାଶ୍ ।

୧୮୯୦ ରୁ ୧୮୯୧— କଟକ ତାଲଚେର ଯୁବରାଜଙ୍କ ପ୍ରାଇଭେଟ୍ ଗାର୍ଡ଼ିଆନ୍ ଟିଉଟର ।

୧୮୯୧— ବାଲେଶ୍ୱର ଜିଲ୍ଲା ସ୍କୁଲର ସହକାରୀ ତୃତୀୟ ଶିକ୍ଷକ ପଦରେ ଯୋଗଦାନ ।

୧୮୯୫-୧୮୯୯, ୧୯୦୬-୧୯୦୭— ପର୍ଯ୍ୟନ୍ତ କଟକ ନର୍ମାଲ୍ ଟ୍ରେନିଂ ସ୍କୁଲର ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ।

୧୮୯୪— କଟକ ନର୍ମାଲ ଟ୍ରେନିଂ ସ୍କୁଲ "ଆଲୋଚନା ସଭା"ର ପ୍ରଥମ ସଂପାଦକ ।

୧୯୦୦— କିଛିଦିନ ପାଇଁ ରେଭେନ୍ସା କଲେଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ହୋଇଥିଲେ ।

୧୯୦୧ ରୁ ୧୯୦୨— ଡେପୁଟି ଇନ୍ସପେକ୍ଟର ଅଫ୍ ସ୍କୁଲସ୍, ପୁରୀ ।

୧୯୦୩— ଡେପୁଟି ଇନ୍ସପେକ୍ଟର ଅଫ୍ ସ୍କୁଲସ୍, ବାଲେଶ୍ୱର ।

୧୯୦୪ ରୁ ୧୯୦୬— ପୁରୀ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଭାବରେ ନିଯୁକ୍ତ ।

୧୯୦୭ ରୁ ୧୯୧୧— କଟକ ଟ୍ରେନିଂ ସ୍କୁଲର ପ୍ରଧାନ ଶିକ୍ଷକ ଭାବରେ ଦାୟିତ୍ୱ ଗ୍ରହଣ ।

୧୯୧୦— କବିଙ୍କ ରଚିତ ‘କଥାବଳି’ (୧ମ/୨ୟ ଖଣ୍ଡ), ‘ରଚନା ଶିକ୍ଷା’, ‘ଓଡ଼ିଆ ବ୍ୟାକରଣ’ (୧ମ/୨ୟ ଖଣ୍ଡ) ପ୍ରକାଶ ।

Digitized by srujanika@gmail.com

୧୯୧୨— ଘରପୋଡ଼ି ଏବଂ କବିଙ୍କ ସ୍ୱହସ୍ତ ଲିଖିତ ୪୦ଟି ପାଣ୍ଡୁଲିପିରେ ଅଗ୍ନି ସଂଯୋଗ।

୧୯୧୫— କବିପତ୍ନୀ ରାଧାମଣିଙ୍କ ବିୟୋଗ।

୧୯୧୯— ଅଲ୍ପବେତନ ପାଇଁ (ଦ୍ୱିତୀୟ ଥର) ପୁରୀ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ରୂପେ ଯୋଗଦାନ।

୧୯୧୯ ରୁ ୧୯୨୪— ବାଲେଶ୍ୱର ଜିଲ୍ଲାସ୍କୁଲର ପ୍ରଧାନ ଶିକ୍ଷକ ଏବଂ କର୍ମମୟ ଜୀବନରୁ ଅବସର ଗ୍ରହଣ।

୧୯୨୭— ଅକ୍ଟୋବର ୫ ତାରିଖ 'ଉତ୍କଳ ସାହିତ୍ୟ ସମାଜ'ର ଏକବିଂଶତି ବାର୍ଷିକ ଅଧିବେଶନରେ ପ୍ରଦତ୍ତ ସଭାପତି ଭାଷଣ।

୧୯୨୯ ମସିହା ଏପ୍ରିଲ ୯ — କବିଙ୍କର ମୃତ୍ୟୁ।

Digitized by srujanika@gmail.com

# ଫକୀର ମୋହନ

ଶ୍ରୀ ଚନ୍ଦ୍ରମୋହନ ମହାରଣା, ବି:ଏ:

ଉତ୍କଳ ସାହିତ୍ୟସେବୀ ତଥା ଓଡ଼ିଶାର ଜନସାଧାରଣ ଜାଣିଛନ୍ତି ଯେ, ଫକୀର ମୋହନ ଆଉ ଇହଜଗତରେ ନାହାନ୍ତି, ମର୍ତ୍ତ୍ୟଲୀଳା ସାଙ୍ଗ କରି ଲୋକାନ୍ତର-ଗାମୀ ହୋଇଅଛନ୍ତି ।

ଫକୀରମୋହନଙ୍କ ସହିତ ଓଡ଼ିଆ ସାହିତ୍ୟ ପାଠକଙ୍କର ଯେ ଗୋଟିଏ ସମ୍ବନ୍ଧ ଥିଲା, ଏହା ସମସ୍ତେ ଜାଣନ୍ତି । ଅକିଞ୍ଚନ ଲେଖକର ତାଙ୍କ ସହିତ ଏକାଧିକ ସମ୍ପର୍କ ଥିଲା । ଫକୀରମୋହନଙ୍କ ଜନ୍ମ ଉତ୍କଳର ଯେଉଁ ଖଣ୍ଡରେ, ଲେଖକର ଜନ୍ମ ମଧ୍ୟ ସେହି ଖଣ୍ଡରେ, ଏହା ଗୋଟିଏ ସମ୍ପର୍କ ଓ ଦୈବ ସମ୍ପର୍କ । ଫକୀରମୋହନ ସର୍ବଦା, ଅନ୍ତତଃ ଜୀବନର ଶେଷଭାଗରେ, ଯେଉଁ ଚର୍ଚ୍ଚା କରୁଥିଲେ, ଏହି ଅକିଞ୍ଚନ କିଞ୍ଚିତ୍ ପରିମାଣରେ ସେହି ଚର୍ଚ୍ଚା କରିଅଛି । ଆମ୍ଭେମାନେ ବାଲ୍ୟକାଳରେ ତତ୍ପ୍ରଣୀତ ଭାରତ ବର୍ଷର ଇତିହାସ ବିଦ୍ୟାଳୟରେ ପଢ଼ିଥିଲୁଁ । ଏ ତିନୋଟି ସମ୍ପର୍କ ଅନନ୍ୟ ସାଧାରଣ ନୁହେ ।

ମାତ୍ର ଆଉ ଗୋଟିଏ ସମ୍ବନ୍ଧ ଅଛି, ଯାହାକୁ ମୁଁ ଅନନ୍ୟ ସାଧାରଣ କହିଲେ ତାହା ଅତଥ୍ୟ ହେବ ନାହିଁ । ମୁଁ ବାଲ୍ୟକାଳରେ ଯେଉଁ ବିଦ୍ୟାଳୟରେ ପଢ଼ିଥିଲି, ତାହା ଆଜିକାଲି ବିଦ୍ୟମାନ । ତାହାର ବୟଃକ୍ରମ ପ୍ରାୟ ପଚିଶ ବର୍ଷ ହେଲା । ଦିନେ ରାଧାନାଥ, ବୈକୁଣ୍ଠନାଥ ଓ ଫକୀରମୋହନ ଯାଇ ରେମୁଣା ମଧ୍ୟୋତ୍କଳ ବିଦ୍ୟାଳୟଟି ସ୍ଥାପନ କରି ଆସିଲେ । ବିଦ୍ୟାଳୟଟି ଅଦ୍ୟାପି ବିଦ୍ୟମାନ । ଏଥିରେ ଶିକ୍ଷାଲାଭ କରି କେତେଗୁଡ଼ିଏ ଲୋକ ଓଡ଼ିଶାରେ, କେତେଗୁଡ଼ିଏ ବ୍ରହ୍ମଦେଶରେ, କେହି ବା ମଧ୍ୟପ୍ରଦେଶରେ ଭିନ୍ନ ଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଅଛନ୍ତି । ସେହି ବିଦ୍ୟାଳୟର ତିନି ପ୍ରତିଷ୍ଠାପକଙ୍କ ମଧ୍ୟରେ ଫକୀରମୋହନ ଜଣେ । ରାଧାନାଥ ପ୍ରଥମେ ସ୍ୱର୍ଗ ପ୍ରୟାଣ କଲେ । ତଦନନ୍ତର ବୈକୁଣ୍ଠନାଥ ଇହଲୋକ ପରିତ୍ୟାଗ କଲେ । ଅବଶିଷ୍ଟ ଥିଲେ ଫକୀରମୋହନ । ସେ ମଧ୍ୟ ଯାଇ ରାଧାନାଥଙ୍କ ପାର୍ଶ୍ୱରେ ଆସନ ଗ୍ରହଣ କଲେଣି ।

ଯେଉଁ ସମୟରେ ଏହି ତିନୋଟି ଯୁବା ଯାଇ ରେମୁଣା ବିଦ୍ୟାଳୟ ସ୍ଥାପନ କଲେ , ସେ ସମୟ ଓ ଏ ସମୟରେ ନାନା ବିଷୟରେ ପ୍ରଭେଦ ଲକ୍ଷିତ

Digitized by srujanika@gmail.com

ହୁଏ । ସେତେବେଳେ ଏହି ତିନି ଜଣଙ୍କର ଜୀବନରେ ଆଦ୍ୟ ଯୌବନର ଉତ୍ସାହର ପୂର୍ଣ୍ଣିମା ଜୁଆର । ସେହି ଉତ୍ସାହ ନାନା ଉଦ୍ୟମର ଜନକ । ସେହି ଉତ୍ସାହ ପ୍ରଥମୋକ୍ତ ଓ ଶେଷୋକ୍ତ ବ୍ୟକ୍ତିଦ୍ୱୟଙ୍କ ତ୍ରିଦିବ ପଥର ପଥିକ କରି ପରିଶେଷରେ ଅମରତ୍ୱ ପ୍ରଦାନ କଲା ।

ସେ ଦିନ ଆଉ ଓଡ଼ିଶାରେ ନାହିଁ । ଥିଲେ ଓଡ଼ିଶା ଭିନ୍ନ ଆକାର ଧାରଣ କରିଥାନ୍ତା । ସେତେବେଳେ କୌଣସି ଓଡ଼ିଆ ବ୍ୟବସ୍ଥାପକ ସଭାରେ ବଡ଼ଲାଟ ବା ଛୋଟଲାଟଙ୍କର ସଦସ୍ୟ ହୋଇ ନ ଥିଲେ ; ସେତେବେଳେ କୌଣସି ଓଡ଼ିଆ କଟକ ବା ପାଟନା କଲେଜରେ ଅଧ୍ୟାପକ ହୋଇ ନ ଥିଲେ, କୌଣସି ଓଡ଼ିଆ ଜାପାନ ବା ଇଉରୋପ ଯାଇ ନ ଥିଲେ । ମାତ୍ର ସେତେବେଳେ ମୁଷ୍ଟିମେୟ ଓଡ଼ିଆ ଯୁବକଙ୍କ ମନରେ ଉତ୍ସାହର ଯେଉଁ ପୂର୍ଣ୍ଣିମାର ଜୁଆର ଲକ୍ଷିତ ହେଉଥିଲା, ତାହା ଆଉ ଆଜି ଦେଖାଯାଉ ନାହିଁ । ଉତ୍ସାହ ଆଧୁନିକ ଓଡ଼ିଆ ଯୁବକର ମନରେ ଥିଲେ, ଓଡ଼ିଶାର ବର୍ତ୍ତମାନ ଅବସ୍ଥା ଆଉ ଏକ ପ୍ରକାର ହୋଇଥାନ୍ତା । ଆଉ ଗୋଟିଏ ଶୋଚନୀୟ ପ୍ରଭେଦ ସେ ଓଡ଼ିଶା ଏ ଓଡ଼ିଶା ମଧ୍ୟରେ ଲକ୍ଷିତ ହୁଏ । ଯାବତୀୟ ଉନ୍ନତିର ବିଘାତକ ଭେଦବୁଦ୍ଧି କୀଟ ବର୍ତ୍ତମାନ ଓଡ଼ିଶାକୁ କୋରି ପକାଇ ଅଛି । ସେତେ-ବେଳେ ଏ କୀଟ ଓଡ଼ିଶାରେ ପ୍ରବେଶ କରି ନ ଥିଲା । ସେତେବେଳେ ମୁଷ୍ଟିମେୟ ଓଡ଼ିଆ ଯୁବକ ଏକ ମନରେ ପୂର୍ଣ୍ଣ ଉତ୍ସାହରେ କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରିଥିଲେ । ଫକୀରମୋହନଙ୍କର ଜୀବନର ଶେଷାଂଶରେ ମଧ୍ୟ ଉତ୍ସାହର ଅଭାବ ଦୃଷ୍ଟିଗୋଚର ହୋଇନାହିଁ ।

ଫକୀରମୋହନ କୌଣସି କଲେଜରେ ପଢ଼ି ନ ଥିଲେ, କାରଣ ସେତେ-ବେଳେ ଏ ଦେଶରେ କଲେଜ ନ ଥିଲା । କୌଣସି ସ୍କୁଲରେ ପଢ଼ିଥିଲେ କି ନାହିଁ, ତାଙ୍କର ଆତ୍ମଜୀବନୀ ଦେଖିଲେ ଜଣାଯିବ । ଶୁଣିଅଛୁ, ସେ ବାଲେଶ୍ୱର ମିଶନ ସ୍କୁଲର ପ୍ରଧାନ ଶିକ୍ଷକ ବା ହେଡ୍‌ପଣ୍ଡିତ ଥିଲେ । ସେତେବେଳେ ସେ ସ୍କୁଲଟି ମଧ୍ୟୋତ୍କଳ ବିଦ୍ୟାଳୟ । ସେତେବେଳେ ମଧ୍ୟ ଇଂରାଜୀ ବିଦ୍ୟାଳୟ ସବ୍‌ଡ଼ିଭିଜନର ସଦର ସ୍ଥାନ ଭିନ୍ନ ଅନ୍ୟତ୍ର ନ ଥିଲା ।

ଏହା ଉତ୍ତାରୁ ଫକୀରମୋହନଙ୍କ ଜୀବନରେ ଆଉ ଗୋଟିଏ ପରିଚ୍ଛେଦର ଆରମ୍ଭ ହେଲା । ସ୍ଥାନୀୟ ରାଜାମାନଙ୍କ ରାଜ୍ୟରେ ତାଙ୍କର ଦେୱାନି ପଦ ଗ୍ରହଣର ଆରମ୍ଭ ହେଲା । ଢେଙ୍କାନାଳ, କେଉଁଝର, ଦଶପଲ୍ଲା, ଡ଼ୋମପଡ଼ା ପ୍ରଭୃତି ରାଜ୍ୟରେ ଦେୱାନି କାର୍ଯ୍ୟରେ ତାଙ୍କର ବହୁ ସମୟ ଅତିବାହିତ ହୋଇ ଯାଇଅଛି । ୧୮୮[illegible] ମସିହାରେ ମୁଁ ବାଲେଶ୍ୱର ଜିଲ୍ଲା ସ୍କୁଲରେ ପଢ଼ୁଥିଲି । ସେତେବେଳେ ତାଙ୍କର

Digitized by srujanika@gmail.com

ଗୋଟିଏ ରାଜ୍ୟର ଦେବାକି ଶେଷ ହୋଇଥାଏ, ଅନ୍ୟ କୌଣସି ରାଜ୍ୟରେ ଦେବାକି ମିଳି ନ ଥାଏ । ଦିନେ ପ୍ରାତଃକାଳରେ ବାଲେଶ୍ୱର ସହରରେ ଭ୍ରମଣ କରିବାକୁ ବାହାରିଥିଲେ । ସହର ମଧ୍ୟରେ ଭ୍ରମଣ କରୁଁ କରୁଁ ପୁନର୍ବାର କରଣ ସାହିରେ ପହଞ୍ଚିଲେ । ଅନେକ ଦିନ ପରେ ସୁହୃଦବର୍ଗଙ୍କ ସହିତ ସାକ୍ଷାତ ହେଲା । ଯଥାବିଧି ସ୍ୱାଗତ ସମ୍ଭାଷଣ ପରେ ଜଣେ ସୁହୃତ୍ ତାଙ୍କୁ ପ୍ରଶ୍ନ କଲେ, "ଆଜିକାଲି କଅଣ କରୁଅଛନ୍ତି ?" (ଅଭିପ୍ରାୟ— କି ରୋଜଗାର କରୁଅଛନ୍ତି ?) ଫକୀରମୋହନ କହିଲେ— "ଆଜିକାଲି କୌଣସିଠାରେ କାର୍ଯ୍ୟମିଳି ନାହିଁ । ମାତ୍ର ସେଥିପାଇଁ ମୁଁ ଉଦ୍‌ବିଗ୍ନ ନାହିଁ । ଏ ବି ଗୁଜର୍ ଯାଗା ।" ତାଙ୍କ ଜୀବନରେ "ଏ ବି ଗୁଜର୍ ଯାଗା" ଅନେକ ଥର ଲକ୍ଷିତ ହୋଇଅଛି ଏବଂ ଯେ ତାଙ୍କର ଜୀବନର ସମ୍ୟକ୍ ଆଲୋଚନା କରିବେ, ସେ ସେଥିରୁ ଏହି ଅମୂଲ୍ୟ ଶିକ୍ଷା ଲାଭ କରିବେ । ହତାଶ ବା ଗମ୍‌ଖୋର ହେବା ତାଙ୍କର ସ୍ୱଭାବ ବିରୋଧୀ ଭାବ । ସମ୍ପଦ ବିପଦରେ ଅଧୀର ନ ହେବା ତାଙ୍କର ସ୍ୱଭାବର ବିଶେଷତ୍ୱ ।

କଟକ ନଗରରେ ତାଙ୍କର ଗୋଟିଏ ପକ୍‌କା ଘର ଅଛି । ସେହି ଘରର ଅଦ୍ୟ ଅବସ୍ଥାରେ ଫକୀରମୋହନ କଟକରେ ଅବସ୍ଥାନ କରୁଥିଲେ । ସଦର ଦ୍ୱାର ନିକଟରେ କାନ୍ଥରେ ଗୋଟିଏ ସୁପର୍ଣ୍ଣ ଲତା ସେ ମଡ଼ାଇଥିଲେ । ମୁଁ ତେତେବେଳେ ପୁରୀରେ । ରାଜକାର୍ଯ୍ୟୋପଲକ୍ଷରେ କଟକକୁ ଆସିଲି । ତାଙ୍କ ସହିତ ସାକ୍ଷାତ କରିବାକୁ ଗଲି । ତାଙ୍କର ପୁତ୍ର ମୋହିନୀ ମୋହନ ଓ କନ୍ୟା ସରୋଜିନୀର ବୟସ ତେତେବେଳେ ଅଳ୍ପ । ଫକୀରମୋହନଙ୍କ ସହିତ କଥୋପକଥନ ହେଉଅଛି, ଏହି ସମୟରେ ସେ ଲତାଟିକୁ ଦେଖି ମୁଁ କହିଲି, "ଆପଣ ଏ ଲତାଟି କାହିଁକି କାନ୍ଥରେ ମଡ଼ାଇଲେ ? ପାନ ଗଛଟିଏ ମଡ଼ାଇଥିଲେ ଭଲ ହୋଇଥାନ୍ତା ।" ଫକୀରମୋହନ ହସି ହସି କହିଲେ, "ଠିକ କହୁଅଛ ।" ପାଠକମାନଙ୍କ ମଧ୍ୟରୁ ଅନେକେ ଜାଣିଥିବେ, ଫକୀରମୋହନ ବହୁତ ପାନ ଖାଉଥିଲେ ।

ଭାରତ ବର୍ଷର ଇତିହାସ ଓ ଉତ୍କଳ ଭ୍ରମଣ ପଦ୍ୟଗ୍ରନ୍ଥ ଏ ଦୁଇଟି ମଧ୍ୟରେ ଓଡ଼ିଆ ପାଠକ ସାଧାରଣ ଫକୀରମୋହନଙ୍କର ସାକ୍ଷାତ୍ ପ୍ରାପ୍ତ ପାଇ ନାହାନ୍ତି । ଏହି ପଦ୍ୟଗ୍ରନ୍ଥଠାରୁ ସାହିତ୍ୟ ରାଜ୍ୟରେ ତାଙ୍କର ଯେଉଁ ଗ୍ରନ୍ଥ ଆରବ୍ଧ ହେଲା, ଅନ୍ତିମ କାଳ ପର୍ଯ୍ୟନ୍ତ ତାହାର ବିରାମ ହୋଇନାହିଁ । ଖଣ୍ଡ କବିତା, କାବ୍ୟ ଉପନ୍ୟାସ, ପୁରାଣ ଏ ସବୁରେ ତାଙ୍କର ଲେଖନୀ ଅହରହ ଗ୍ରନ୍ଥ କରି ବୁଲୁଥିଲା । ତାଙ୍କର ଉପନ୍ୟାସ ଲେଖା ଆରମ୍ଭ ଉତ୍ତାରେ ମୁଁ ଦିନେ ତାଙ୍କୁ କହିଲି, "ଓଡ଼ିଆ ଭାଷାରୁ କେତେଗୁଡ଼ିଏ ଶବ୍ଦ ଲୁପ୍ତ ହୋଇ ଯାଉଅଛି । ଆପଣଙ୍କର ଉପନ୍ୟାସ ମଧ୍ୟରେ ସେଗୁଡ଼ିକୁ ସ୍ଥାନ ଦେଇ ବଞ୍ଚାଇ ରଖନ୍ତୁ । ଭାବୀ ବାଲେଶ୍ୱର ବାସୀ ମଧ୍ୟ ଗୋଧି, କାସ୍ୱର ପ୍ରଭୃତି ଶବ୍ଦର ଅସ୍ତିତ୍ୱରେ ଅନଭିଜ୍ଞ ହେବେ ।" ମୋର ଉକ୍ତିର ଯାଥାର୍ଥ୍ୟ ସେ ସ୍ୱୀକାର କଲେ । ମାତ୍ର ଶବ୍ଦଗୁଡ଼ିକ

Digitized by srujanika@gmail.com

ତାଙ୍କର କୌଣସି ଲେଖାରେ ସ୍ଥାନ ପାଇଅଛି ବୋଲି ଜଣା ନାହିଁ । ତାଙ୍କର ଗୀତଗୋବିନ୍ଦ ପ୍ରବନ୍ଧ ଯେଉଁ ବାଲେଶ୍ୱରବାସୀ ବା ଉତ୍କଳବାସୀ ପଢ଼ି ନାହିଁ, ସେ ଗୀତଗୋବିନ୍ଦର ଅର୍ଥ ବୁଝି ପାରିବ ନାହିଁ, ଏବଂ ଜଗନ୍ନାଥ ସଡ଼କର ସଙ୍ଗାବସ୍ଥା ଓ ପୂର୍ବ-କାଳର ଯାତ୍ରୀମାନଙ୍କର କଷ୍ଟ ହୃଦୟଙ୍ଗମ କରିପାରିବ ନାହିଁ ।

ଫକୀରମୋହନଙ୍କର ହୃଦୟ ରସଗୋଲା ପରି ଥିଲା । ତନ୍ମଧ୍ୟରେ ସ୍ନେହ ଓ ଦୟା ଏହି ଦୁଇ ସୁରସ ପ୍ରଚୁର ପରିମାଣରେ ଥିଲା । କ୍ରୋଧ ତାଙ୍କ ମନରେ ସ୍ଥାନ ପାଉଥିଲା କି ନାହିଁ, ମୋତେ ଜଣା ନାହିଁ । ଏହା ତାଙ୍କ ମନକୁ ଅଭିଭୂତ କରିବାକୁ ଅକ୍ଷମ ଥିଲା । ଆଶ୍ରିତ ବାତ୍ସଲ୍ୟ ତାଙ୍କ ଜୀବନର ଗୋଟିଏ ପ୍ରଧାନ ଲକ୍ଷଣ ଥିଲା ।

ତାଙ୍କର ଜୀବନର ଗୋଟିଏ ଗୋଟିଏ ବିଶେଷ ଘଟନାରୁ ଗୋଟିଏ ଗୋଟିଏ ଅମୂଲ୍ୟ ଶିକ୍ଷା ମିଳେ । ସେଗୁଡ଼ିକ ସମସ୍ତ ଲିପିବଦ୍ଧ କରିବାର ସମୟ ଓ ସ୍ଥାନ ବର୍ତ୍ତମାନ ନାହିଁ । ସୁବିଧା ହେଲେ ସମୟାନ୍ତରରେ ଏ ବିଷୟରେ ପୁନର୍ବାଲୋଚନା କରାଯାଇ-ପାରିବ ।

ଉତ୍କଳ ସାହିତ୍ୟ/୨୨ ଭାଗ/୪ର୍ଥ ସଂଖ୍ୟା

# କବି ଚନ୍ଦ୍ରମୋହନ ମହାରଣାଙ୍କ ପତ୍ରାବଳୀ

## 'ନିଭୃତ-ନିଳୟ' ଉଦ୍ଦେଶ୍ୟରେ ତାଙ୍କର ଲିଖିତ ପତ୍ର—

ମୁଁ ଓଡ଼ିଶାର କୂପମଣ୍ଡୂକ ବିଶେଷ । ଏ ଦେଶର କୌଣସି ପଦାର୍ଥ ସହିତ ଅନ୍ୟ ପ୍ରଦେଶର ସମଶ୍ରେଣୀ ପଦାର୍ଥ ତୁଳନା କରିବାର ଅଧିକାର ମୋର ନାହିଁ । ଏହି ପ୍ରଦେଶ ମଧ୍ୟରେ ଧବଳେଶ୍ୱରର ଶୋଭା ଅତୁଳନୀୟ । ଏହି ନିସର୍ଗ ଶୋଭା ମଧ୍ୟରେ 'ନିଭୃତ-ନିଳୟ' ସୁନ୍ଦର ପ୍ରଶସ୍ତ ଲଲାଟରେ ଚନ୍ଦନ ବିନ୍ଦୁ ପରି । କବି ବ୍ୟତୀତ ଅପର ବ୍ୟକ୍ତି ପକ୍ଷରେ ଏହି ମାଧୁରିମା ସମ୍ୟକ ଅନୁଭବ ବା ବର୍ଣ୍ଣନ ସମ୍ଭବପର ନୁହେଁ । ମାତ୍ର ହୃଦୟ ମଧ୍ୟରେ କବିତାର ବୀଜ ନିହିତ ଥିଲେ, ତାହା ଏଠାରେ ଅଙ୍କୁରିତ ହେବ ଓ ବିଶିଷ୍ଟ ଭାବବିହୀନ ଲୋକର ମନରେ ପ୍ରସାଦ ଓ ଶାନ୍ତି ଜନ୍ମିବ । ତ୍ରିତାପ ତପ୍ତ ବ୍ୟକ୍ତିର ଏଠାରେ ଆରାମ ଅବଶ୍ୟମ୍ଭାବୀ ।

ଭୂତ ଓ ବର୍ତ୍ତମାନ ଧବଳେଶ୍ୱର ମଧ୍ୟରେ ମହତ୍ତ୍ୱ ପ୍ରଭେଦ ଜନ୍ମିଅଛି । ପୂର୍ବେ ଅହୋରାତ୍ର ଅତିବାହିତ କରି ଏଠାରେ ପ୍ରକୃତିର ପଟପରିବର୍ତ୍ତନ ନିରୀକ୍ଷଣ କରିବାର ସମ୍ଭାବନା ନ ଥିଲା । 'ନିଭୃତ-ନିଳୟ' ଏହି ଅଭାବ ପୂରଣ କରି ଆଗନ୍ତୁକ ମାନଙ୍କୁ ଋଣୀ କରିଅଛି । ଯୁଗେ ଯୁଗେ ଏହି ନିଳୟ ବିରାଜୁଥାଉ ଏବଂ ଶ୍ରଦ୍ଧାସ୍ପଦ ଏହାର ଅଧିବାସୀଙ୍କର ଏହି ସୁରୁଚି ଉତ୍ତରୋତ୍ତର ବର୍ଦ୍ଧିତ ହେଉ ।

ଶ୍ରୀ ଚନ୍ଦ୍ରମୋହନ ମହାରଣା

ତା ୨୭ । ୬ । ୧୯୦୩

Digitized by srujanika@gmail.com

# ସ୍ୱାମୀ ଦୟାଲଚାନ୍ଦ ମୁଖାର୍ଜିଙ୍କଠାରୁ ପାଇଥିବା ପତ୍ର

Kamrup Matha
Banaras
3. 11. 1902

My Dear Chandra Mohan Babu ;

How are you and your wife and children ? I have written you 3 letters but all failed to bring back a reply. Mahaprasad parcel received at Darjeeling. How Sudarsan Babu's case ended ? Hope this will find all of you in cheer. Wish all of you well.

Yours good wisher
Dayal Chand

To
Babu
Chandra mohan Maharana.
Dy. Inspector of Schools,
Puri.

Digitized by srujanika@gmail.com

# ସଂକ୍ଷେପୋକ୍ତି

ଶ୍ରୀଯୁକ୍ତ କାଳନ୍ଦୀ ଚରଣ ପାଣିଗ୍ରାହୀ

ସାଧକ, ଶିକ୍ଷକ, ଧର୍ମାଲୋଚକ ଓ ସାହିତ୍ୟ ସ୍ରଷ୍ଟା ଚନ୍ଦ୍ରମୋହନ ମହାରଣାଙ୍କ ସମ୍ପର୍କରେ ବିସ୍ତୃତ ଆଲୋଚନା ଆଜିଯାଏ ହୋଇ ନଥିବା ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ବିରାଟ ତ୍ରୁଟି । ଏହି ତ୍ରୁଟିର ସମ୍ମୁଖୀନ ହୋଇଛନ୍ତି 'ଚନ୍ଦ୍ରମୋହନ ପରିକ୍ରମା'ର ସଂକଳକ ଅଧ୍ୟାପକ ଅରବିନ୍ଦ ଗିରି । ସେ ଯଦିଓ ଚନ୍ଦ୍ରମୋହନଙ୍କ ଛାତ୍ର ହେବାର ସୌଭାଗ୍ୟରୁ ବଞ୍ଚିତ ତଥାପି ମୋ ଦୃଷ୍ଟିରେ ସେ ତାଙ୍କର ଉପଯୁକ୍ତ ଛାତ୍ର ହେବାର ଗୌରବ ଅର୍ଜନ କରିଛନ୍ତି ।

ସୁଦୂର ଅତୀତରେ ଗୁରୁଶିଷ୍ୟର ସମ୍ପର୍କ ଯେପରି ମହାସ୍ଥାନ୍ ଥିଲା, ତାହାର ପ୍ରମାଣ ଅଦ୍ୟାବଧି ବେଦ ଉପନିଷଦରେ ପ୍ରତିଫଳିତ । ଚନ୍ଦ୍ରମୋହନ ଥିଲେ ସେହି ମହାନ୍ ଗୁରୁଶିଷ୍ୟ ପରମ୍ପରାର ବାହକ । ବର୍ତ୍ତମାନ ଯୁଗରେ ଓଡ଼ିଆ ଭାଷା ପ୍ରତି ତାଙ୍କର ସର୍ବପ୍ରଥମ ଦୃଷ୍ଟି ଆକୃଷ୍ଟ ହୁଏ । ବିଶୁଦ୍ଧ ଓଡ଼ିଆ ଗଦ୍ୟ ପଦ୍ୟରେ ଯେଉଁ ସ୍ଥାନ ଅଧିକାର କରିଅଛି, ସେଥିଲାଗି ଚନ୍ଦ୍ରମୋହନଙ୍କର ଦାନ ଉଲ୍ଲେଖଯୋଗ୍ୟ ।

ସୁତରାଂ ସାମ୍ପ୍ରତିକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଚନ୍ଦ୍ରମୋହନଙ୍କ ଭଳି ଗୁଣୀ ପ୍ରତିଭା ପ୍ରତି କୃତଜ୍ଞ ସମ୍ମାନ ପ୍ରଦର୍ଶନ କରି ଏକ ଅବହେଳିତ ଜାତୀୟ କର୍ତ୍ତବ୍ୟ ପୂରଣ କରିଛନ୍ତି ପୁସ୍ତକର ସଂକଳକ । ଏହାଛଡ଼ା ଆଧୁନିକ ଓଡ଼ିଆ ସାହିତ୍ୟର ବିଶିଷ୍ଟ ନିର୍ମାତା-ମାନଙ୍କ ଚନ୍ଦ୍ରମୋହନ-ପ୍ରତିଭା ସମ୍ପର୍କରେ ଆଲୋଚନା ସମୃଦ୍ଧ ପରିକ୍ରମାର ଖୁବ ଉପାଦେୟ ଅଙ୍ଗ ହୋଇଛି । 'ଶୁଆ ମୂଲ ଶୁଆ' କହିବା ନ୍ୟାୟରେ ଏହି ପରିକ୍ରମାର ସାଫଲ୍ୟ ସମ୍ପର୍କରେ ଅଧିକ ବିଶ୍ଳେଷଣ ନିଷ୍ପ୍ରୟୋଜନ । ଏହି ଅଭିନନ୍ଦନୀୟ ଉଦ୍ୟମ ଅବ୍ୟାହତ ରହୁ, ଏହାହିଁ ଏକାନ୍ତ କାମନା ।

Digitized by srujanika@gmail.com



Digitized by srujanika@gmail.com

may be awarded a medal worth Rs 25/-

and Haris Chandra Baral who has taken his admission to the Ravenshaw College at Cuttack and is too poor to purchase all his books may be awarded books worth Rs 25/-

I have the honour to be,
Sir,
Your most obedient servant
[illegible]
Headmaster

Digitized by srujanika@gmail.com

# ପରିଷଦ ସମ୍ପର୍କରେ ପଦେ କଥା—

ଚନ୍ଦ୍ରମୋହନଙ୍କ ଜନ୍ମଭୂମି ରେମୁଣାରେ କୌଣସି ସାହିତ୍ୟ ପରିଷଦ ଗଠନ ହେବା ପୂର୍ବରୁ କେତେକ ସ୍ଥାନୀୟ ଉତ୍ସାହୀ ଯୁବକ ଅନିୟମିତ ଭାବରେ ଚନ୍ଦ୍ରମୋହନଙ୍କ ଜୟନ୍ତୀ ପାଳନ କରୁଥିଲେ ଏବଂ ପରିଷଦ ଗଠନ କରିବା ପାଇଁ ଏକାଧିକବାର ଚେଷ୍ଟା କରିଥିଲେ । କିନ୍ତୁ ନିଷ୍ଠା ଓ ସଂହତି ଅଭାବରୁ କୌଣସିଟି କାର୍ଯ୍ୟକାରୀ ହୋଇପାରି ନଥିଲା । ପରେ ରେମୁଣା ହାଇସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ତଥା ସ୍ଥାନୀୟ ଯୁବକ ମାନଙ୍କ ସହଯୋଗରେ ଏହା ଏକାଠି ପାଳନ କରାଗଲା । ୧୯୬୯ ମସିହା ଏପ୍ରିଲ ୭ ତାରିଖରେ ଉକ୍ତ ଜୟନ୍ତୀ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରସାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଶିକ୍ଷକ ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କୁ ନେଇ ରେମୁଣା ହାଇ ସ୍କୁଲରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ଚନ୍ଦ୍ରମୋହନ ସାହିତ୍ୟ ଉପରେ ଗବେଷଣାରତ ଅଧ୍ୟାପକ ଅରବିନ୍ଦ ଗିରି । ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଶ୍ରୀ ବଙ୍କବିହାରୀ ଦାସ । ଚନ୍ଦ୍ରମୋହନଙ୍କ ସାହିତ୍ୟ ଓ ଜୀବନୀ ଉପରେ ଏକ ପ୍ରବନ୍ଧ ପ୍ରତିଯୋଗିତା ମଧ୍ୟ ହୋଇଥିଲା । ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ସ୍ଥାନୀୟ ସ୍କୁଲର ଶିକ୍ଷକ ଓ ବିଶିଷ୍ଟ ବ୍ୟକ୍ତିମାନେ ଉତ୍ସବରେ ଉପସ୍ଥିତ ଥିଲେ । ଚନ୍ଦ୍ରମୋହନଙ୍କ ଜୀବନୀ ଓ ସାହିତ୍ୟ ଉପରେ ଆଧାରିତ ଗବେଷକ ଗିରିଙ୍କର ସଂକ୍ଷିପ୍ତ ପ୍ରବନ୍ଧ ଦୈନିକ 'ସମାଜ', 'ପ୍ରଜାତନ୍ତ୍ର' ପତ୍ରିକାର ସାହିତ୍ୟ ବିଭାଗରେ ମହାରଣାଙ୍କ ଫଟୋ ସହ ପ୍ରକାଶ ପାଇଥିଲା ।

ତା ୧୭-୮-୧୯୮ ମସିହା ପ୍ରଥମ ଅଧିବେଶନରେ 'ଚନ୍ଦ୍ରମୋହନ ସାହିତ୍ୟ ସମିତି' ବିଧିବଦ୍ଧ ଭାବରେ ଗଠନ କରାଯିବାର ନିଷ୍ପତ୍ତି ନିଆଗଲା । ଏହି ଅସ୍ଥାୟୀ କାର୍ଯ୍ୟକାରୀ ସମିତିର ନିମ୍ନଲିଖିତ ବ୍ୟକ୍ତିମାନେ ବିଭିନ୍ନ ଦାୟିତ୍ୱ ଗ୍ରହଣ କରିଥିଲେ । ଉକ୍ତ ସମିତି ଆନୁକୂଲ୍ୟରେ "ଚନ୍ଦ୍ରମୋହନ ପରିକ୍ରମା" ପ୍ରକାଶ ହେବାର ସବୁପ୍ରକାର ଚେଷ୍ଟା ଓ ପଦକ୍ଷେପ ଗ୍ରହଣ କରାଯାଇଥିଲା ।

ସଭାପତି— ଶ୍ରୀଯୁକ୍ତ ରସାନନ୍ଦ ପଣ୍ଡା

ଉପସଭାପତି— ଶ୍ରୀ ଶରତଚନ୍ଦ୍ର ରଣା

ସମ୍ପାଦକ/କୋଷାଧ୍ୟକ୍ଷ— ଶ୍ରୀ ବଙ୍କବିହାରୀ ଦାସ

ସହ ସମ୍ପାଦକ— ଶ୍ରୀ ରାମଚନ୍ଦ୍ର ପାକଳ

Digitized by srujanika@gmail.com

ଚନ୍ଦ୍ରମୋହନ ସମିତିଦ୍ୱାରା ତା ୧୬-୬-୧୯୮୦ ରେ କବି ଚନ୍ଦ୍ରମୋହନଙ୍କ ଶ୍ମଶାନ ତୀର୍ଥ ଭୂମିରେ ପଞ୍ଚବଟୀ ( ଅଶୋକ, ଅଶ୍ୱତ୍ଥ, ଅଁଳା, ବଟ, ବିଲ୍ୱ ) ବୃକ୍ଷ ରୋପଣ କରାଯାଇ ତାର ରକ୍ଷଣାବେକ୍ଷଣ ଦାୟିତ୍ୱ କବିପୌତ୍ର ଶ୍ରୀ ଭୂଦେବ ମହାରଣାଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । ପରେ ତା ୨୪-୯-୮୦ ରେ ଦ୍ୱିତୀୟ ଅଧିବେଶନ ବସିଲା ଏବଂ 'ଚନ୍ଦ୍ରମୋହନ ସାହିତ୍ୟ ସମିତି'ର ନାମ 'ଚନ୍ଦ୍ରମୋହନ ସାହିତ୍ୟ ପରିଷଦ' ରଖାଯାଇ ପରିଷଦ ରେଜେଷ୍ଟ୍ରିଭୁକ୍ତ କରିବାର ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହେଲା । ଏହି ଅସ୍ଥାୟୀ ସଭ୍ୟମାନେ ତା ୩-୧-୮୧ ଅର୍ଥାତ୍ ୬ଷ୍ଠ ଅଧିବେଶନ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଗତ ତା ୪-୧-୮୧ ନବ ବର୍ଷରେ ୭ମ ଅଧିବେଶନ ସ୍ଥାନୀୟ ରେମୁଣା ହାଇସ୍କୁଲରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସର୍ବମୋଟ ୬୦ ଜଣ ବ୍ୟକ୍ତି ଉପସ୍ଥିତ ଥିଲେ । ସଭ୍ୟମାନଙ୍କ ସର୍ବସମ୍ମତ କ୍ରମେ ପରିଷଦର ନିମ୍ନ-ଲିଖିତ ନୂତନ କର୍ମକର୍ତ୍ତାମାନେ ନିର୍ବାଚିତ ହୋଇଥିଲେ ।

ସଭାପତି— ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ନଡାଲ
ଉପସଭାପତି— ଶ୍ରୀ ରସାନନ୍ଦ ପଣ୍ଡା
ସମ୍ପାଦକ— ଶ୍ରୀ ବଟବିହାରୀ ଦାସ
ଯୁଗ୍ମସମ୍ପାଦକ— ଶ୍ରୀ ବାଞ୍ଛାନିଧି ଦାସ
,, — ଶ୍ରୀ ରାମଚନ୍ଦ୍ର ପାକଳ
କୋଷାଧ୍ୟକ୍ଷ— ଶ୍ରୀ ଅକ୍ଷୟ କୁମାର ବେଜ

'ଚନ୍ଦ୍ରମୋହନ ସାହିତ୍ୟ ପରିଷଦ' ଚିରାୟୁ ହୋଇ ତାର କାର୍ଯ୍ୟ ସମ୍ପାଦନ କରିବା ସଙ୍ଗେ ସଙ୍ଗେ କବିଭୂମି ଓ ଦେବଭୂମିର ତୀର୍ଥ ଗୌରବ ବର୍ଦ୍ଧନ କରୁ ଏହାହିଁ ଗୋପୀନାଥଙ୍କଠାରେ ମୋର ଅନ୍ତିମ କାମନା ।

ରସରାଜ ବଟବିହାରୀ ଦାସ
ସମ୍ପାଦକ
ଚନ୍ଦ୍ରମୋହନ ସାହିତ୍ୟ ପରିଷଦ
ରେମୁଣା, ବାଲେଶ୍ୱର

Digitized by srujanika@gmail.com

# ଶୁଦ୍ଧିପତ୍ର

| ଅଶୁଦ୍ଧ ପାଠ | ଶୁଦ୍ଧ ପାଠ | ପୃଷ୍ଠା | ଧାଡ଼ି |
|---|---|---|---|
| ମଧୁରସଂ | ମଧୁରମଂ | ୧ | ୧୦ |
| ସମ୍ଭମ | ସମ୍ଭ୍ରମ | ୫ | ୧୬ |
| କୋଧ | କ୍ରୋଧୀ | ୧୧ | ୫ |
| ଠକ ସାଦ୍ଧୁ | ଠକ ସାଧୁ | ୨୫ | ୧୭ |
| ଅଙ୍ଗ ଶାସ୍ତ୍ର | ଅଙ୍କ ଶାସ୍ତ୍ର | ୨୯ | ୪ |
| ଶୁଣ ସୁମନ | ଶଣ ସୁମନ | ୫୦ | ୪ |
| ରମଣୀସ୍ୱ | ରମଣୀର | ୫୧ | ୯ |
| ଅନାନ୍ୟ | ଅନନ୍ୟ | ୫୨ | ୨୯ |
| ଉଦାସ | ଉଦାର | ୫୩ | ୨୫ |
| କେତେକ | କେତେତ | ୫୪ | ୧ |
| କେନ୍ଦ୍ରତନ | କେନ୍ଦ୍ରତ 'ନ | ୫୪ | ୨ |
| ଭମ | ଭ୍ରମ | ୫୪ | ୨ |
| ସ୍ୱାନବସ୍ଥ୍ୟ | ସ୍ୱାନାବସ୍ଥ୍ୟ | ୬୫ | ୫ |
| ଭକ୍ତ | ଉକ୍ତ | ୭୦ | ୩ |
| ଅନ୍ତରଙ୍କ | ଅନ୍ତରଙ୍ଗ | ୭୦ | ୪ |
| ଜନମ୍ ଯେ | ଜନ-ମନୋ- | ୭୧ | ୯ |
| ମଣିମୁକ୍ତଚୟ | ମଣିମୁକ୍ତାଚୟ | ୭୩ | ୮ |
| ୧୬ଟି | ୧୪ଟି | ୧୦୪ | ୧୩ |
| ଦସ୍ୟୁଷ | ଦସ୍ୟୁସ | ୧୦୪ | ୨୪ |
| କର୍ତ୍ତିନା | ଦର୍ତ୍ତିନା | ୧୦୬ | ୧୯ |
| ମଧ | ମଦ | ୧୦୭ | ୨୭ |
| ବଦ୍ରଲେ | ବସିଲେ | ୧୦୮ | ୧୦ |
| ସରଣୀ | ସରସୀ | ୧୧୦ | ୧୫ |
| ଜୋସ୍ଟୋନ | ଦେସ୍ଟୋନ | ୧୧୫ | ୮ |
| କୃତ୍ୟ କୃତ୍ୟ | କୃତକୃତ୍ୟ | ୧୧୭ | ୨୮ |
| କବତା ( ଦୁଇଥର ) | କବଦା | ୧୪୬ | ୧୩ |
| ଆବେଦେ | ଆବେଦଶେ | ୧୫୭ | ୨୫ |

Digitized by srujanika@gmail.com